# 'ନାଳନ୍ଦାର ଗୁରୁ'

# ନୀଳକଣ୍ଠ



ପଣ୍ଡିତ ନୀଳକଣ୍ଠ
ସ୍ମୃତି ସମିତି

Digitized by PPRACHIN, SOA

# ନାଲଂଦାର ଗୁରୁ ନୀଳକଂଠ

କାହ୍ନୁ ଚରଣ ପାଢ଼ୀ

ପଣ୍ଡିତ ନୀଳକଂଠ ସ୍ମୃତି ସମିତି
ଭୁବନେଶ୍ୱର – ୧

Digitized by PPRACHIN, SOA

# ନାଳଂଦାର ଗୁରୁ ନୀଳକଂଠ

(ନୀଳକଂଠ ସ୍ମାରକୀ, ସପ୍ତମ ଖଂଡ)


ରଚୟିତା : **କାହ୍ନୁ ଚରଣ ପାଢ଼ୀ,** ଏମ୍.ଏ.
ଶରଗଡ଼, ବ୍ରହ୍ମପୁର, ଗଞ୍ଜାମ



ପ୍ରକାଶକ **ପଣ୍ଡିତ ନୀଳକଂଠ ସ୍ମୃତି ସମିତି**
୩୦୩, ଖାରବେଳ ନଗର
ଭୁବନେଶ୍ୱର–୭୫୧୦୦୧

ମୁଦ୍ରାକର **କ୍ୱାଲିଟି ପ୍ରେସ (ପ୍ରା) ଲିଃ.**
ଭୁବନେଶ୍ୱର–୭୫୧୦୦୧

ପ୍ରଥମ ସଂସ୍କରଣ: ୧୯୯୧

ମୂଲ୍ୟ : ସାଧା ସିଲେଇ ଟ ୩୦.୦୦
ବୋର୍ଡ ବନ୍ଧାଇ ଟ ୩୫.୦୦


## NALANDARA GURU NILAKANTHA

(Nilakantha Smaraki, 7th Edition)


Writer : **Kanhu Charan Padhy**, M.A.
Saragada, Berhampur, Ganjam



Publisher : **Pandit Nilakantha Smruti Samiti**
303, Kharavel Nagar
Bhubaneswar-751 001

Printer : **Kwality Press (P) Limited**
Bhubaneswar-751 001

1st Edition : **1991**

Price : **Rs. 30/-** (Paper Pack)
**Rs. 35/-** (Board Bound)



Digitized by PPRACHIN, SOA

# ସୂଚୀପତ୍ର

ପୃଷ୍ଠା

ପ୍ରସ୍ତାବନା

ମୁଖବନ୍ଧ

୧. **ଗୌରବୀ କୂଳରେ ପ୍ରତିଜ୍ଞା**—ମଧୁବାବୁ ନୁହନ୍ତି, ବିପ୍ଳବାତ୍ମକ ଜାତୀୟତାବାଦ ଏ ପ୍ରତିଜ୍ଞାର ପ୍ରସୂତୀ କେନ୍ଦ୍ର— ସତ୍ୟବାଦୀ ବନବିଦ୍ୟାଳୟ ସାଧାରଣ ବିଦ୍ୟାଳୟଟିଏ ମାତ୍ର ନୁହେଁ— ସ୍ପଷ୍ଟିକରଣ । ୧

୨. **ଆଦର୍ଶ ଶିକ୍ଷକ କିଏ ?** —ନୀଳକଂଠଙ୍କ କର୍ତ୍ତବ୍ୟ ନିଷ୍ଠା ଓ ଅଧ୍ୟବସାୟ— A hand book of model drawing ଉଦ୍ଭିଦ ରହସ୍ୟ— ଶୃଙ୍ଖଳା, ସଂଯମ ଓ ଧୈର୍ଯ୍ୟ— ଶୃଙ୍ଖଳା —ସଂଯମ —ଧୈର୍ଯ୍ୟ ।
ନେତୃତ୍ୱ, ତ୍ୟାଗ, ସାରଲ୍ୟ ଓ ଅକୁତୋଭୟତା —ନେତୃତ୍ୱ —ତ୍ୟାଗ —ସାରଲ୍ୟ ଓ ସ୍ନେହ ପ୍ରବଣତା —ହାସ୍ୟ ରସିକ ନୀଳକଂଠ । ୭

**ପଣ୍ଡିତ ନୀଳକଂଠଙ୍କ ସତ୍ୟନିଷ୍ଠା ଓ ଆତ୍ମବିଶ୍ୱାସ ।**
ଜାତି ପ୍ରୀତି, ପ୍ରାଚୀନ ସୁସ୍ଥ ପରମ୍ପରା ପ୍ରତି ମାନ୍ୟତା, କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ମନୋଭବ, ପ୍ରଗତିଶୀଳ ଚିନ୍ତାଧାରା —ନୀଳକଂଠଙ୍କ ଜାତିପ୍ରେମ—ପ୍ରଗତିଶୀଳ ଚିନ୍ତାଧାରା ଜ୍ଞାନ ପିପାସା ଓ ଜିଜ୍ଞାସା— ଅଲୌକ ସାମାନ୍ୟ ପାଣ୍ଡିତ୍ୟର ଅଧିକାରୀ ପଣ୍ଡିତ ନୀଳକଂଠ —କ୍ଲାସ ଲାଇବ୍ରେରୀ ପ୍ରଥା ପ୍ରଚଳନ— ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାର ପ୍ରଥମ ଓ ପ୍ରଧାନ କୃତିତ୍ୱ ନୀଳକଂଠଙ୍କର ।

Digitized by PPRACHIN, SOA

୩- କଠୋରତା ଓ କୋମଳତାର ଅପୂର୍ବ ସମନ୍ୱୟ :
ଶିକ୍ଷକ ନୀଳକଣ୍ଠ ।
ଶିକ୍ଷକ ନୀଳକଣ୍ଠଙ୍କ ଗଣତାନ୍ତ୍ରିକ ମନୋଭାବ ।
ଛାତ୍ର ମାନଙ୍କ ପ୍ରେରଣାର ଉତ୍ସ : ନୀଳକଣ୍ଠ
ଶିକ୍ଷକ ନୀଳକଣ୍ଠଙ୍କ ସାମ୍ୟଭବ ।
୪- ନୀଳକଣ୍ଠଙ୍କ ଶିକ୍ଷାଦାନ ପ୍ରଣାଳୀର ବୈଶିଷ୍ଟ୍ୟ ୧୦୭
ଶିକ୍ଷାଦାନରେ ବୈଜ୍ଞାନିକ ପଦ୍ଧତି –ଅନ୍ୟତମ ପ୍ରମାଣ . କ୍ଲାସ
ଲାଇବ୍ରେରୀ ପରିଚାଳନା ।
ନୈତିକ ଶିକ୍ଷାଦାନ ।
୫- ନୀଳକଣ୍ଠଙ୍କ ଦୃଷ୍ଟିରେ ଶିକ୍ଷା,
ସାହିତ୍ୟ ଓ ସମାଜ । ୧୧୬
୬- ଶେଷକଥା–ଓଡ଼ିଆ ଜାତୀର ହେଡ୍‌ମାଷ୍ଟର
ପଣ୍ଡିତ ନୀଳକଣ୍ଠ ଦାସ । ୧୨୦
ପାଦଟୀକା– ସହାୟକ ଗ୍ରନ୍ଥସୂଚୀ ।

★ ★ ★

Digitized by PPRACHIN, SOA

# ପ୍ରସ୍ତାବନା

ନୀଳକଂଠ ନାଳନ୍ଦା ବିଶ୍ୱବିଦ୍ୟାଳୟର ଗୁରୁ ନ ଥିଲେ । ସେ ଥିଲେ ୭ ବର୍ଷ ଧରି ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ଅଳ୍ପଦିନ ମଧ୍ୟରେ ତାଙ୍କର କର୍ତ୍ତବ୍ୟ ନିଷ୍ଠା, ଶିକ୍ଷାଦାନ ପ୍ରଣାଳୀ, ବିଦ୍ୟାଳୟରେ ଶୃଙ୍ଖଳା ରକ୍ଷା, ଉପରନ୍ତୁ ଦେଶରେ ସୁନାଗରିକ ଗଢ଼ିବା ପ୍ରଭୃତି ବିଭିନ୍ନ ଉପାୟରେ ବିଦ୍ୟାଳୟର ପ୍ରଭୂତ ଉନ୍ନତି ଦେଖି ବିଦ୍ୟାଳୟ ପରିଦର୍ଶନରେ ଯାଇଥିବା ଉତ୍କଳ ଗୌରବ ମଧୁସୂଦନ ଅଭିଭୂତ ହୋଇ ପଡ଼ିଥିଲେ । ସେ ଗୋପବଂଧୁଂକୁ, "ଗୋପବଂଧୁ ତୁ ଗୋଟାଏ ନାଳନ୍ଦା ଗଢିଦେଲୁ" ବୋଲି କହନ୍ତେ, ଗୋପବଂଧୁ ସଙ୍ଗେ ସଙ୍ଗେ କହିଲେ, "ମୁଁ ନୁହେଁ, ନୀଳକଂଠ ।" ସେ ହିସାବରେ ବକୁଳ ବନର ଏଇ ଆଦର୍ଶ ଶିକ୍ଷକଙ୍କୁ 'ନାଳନ୍ଦାର ଗୁରୁ ନୀଳକଂଠ' ବୋଲି ଅଭିହିତ କରାଯାଇଛି ।

ଏ ସମ୍ବନ୍ଧରେ ସେ ସମୟର ବନ ବିଦ୍ୟାଳୟର ଛାତ୍ର ଅଧ୍ୟାପକ ଶ୍ରୀ ଚନ୍ଦ୍ରମଣି ଦାସ କହନ୍ତି, "ମଧୁବାବୁଙ୍କର ଏପରି ମନ୍ତବ୍ୟର କାରଣ ଥିଲା, ପ୍ରାଚୀନ ଯୁଗର ନାଳନ୍ଦା ବିଶ୍ୱବିଦ୍ୟାଳୟ ପରି ସତ୍ୟବାଦୀ ବନ ବିଦ୍ୟାଳୟରେ ନୀଳକଂଠ କେବଳ ଏକ ନୂତନ ଧରଣର ଶିକ୍ଷା ପଦ୍ଧତି ପ୍ରଚଳନ କରି ନ ଥିଲେ, ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଯେପରି ବ୍ରହ୍ମଚର୍ଯ୍ୟ ଶିକ୍ଷା ଦିଆଯାଉଥିଲା, ସତ୍ୟ, ଶିବ, ସୁନ୍ଦରର ଆଦର୍ଶ ଉପସ୍ଥାପନ କରାଯାଉଥିଲା, ଯେପରି ଜ୍ଞାନାନୁଶୀଳନର ପରାକାଷ୍ଠା ପ୍ରକଟିତ କରାଯାଇଥିଲା, ଜ୍ଞାନ-ପିପାସୁ ନୀଳକଂଠ ସତ୍ୟବାଦୀ ବନ ବିଦ୍ୟାଳୟରେ ସେଇପରି ଆଦର୍ଶ ପ୍ରତିଷ୍ଠା କରିଥିଲେ ।"

"ନାଳନ୍ଦାର ଗୁରୁ ନୀଳକଂଠ" ପୁସ୍ତକଟି ଶେରଗଡ଼, ଗଞ୍ଜାମର ଯୁବଛାତ୍ର ଶ୍ରୀମାନ୍ କାହ୍ନୁଚରଣ ପାଢ଼ୀଙ୍କ ରଚିତ । ନୀଳକଂଠ ସ୍ମୃତି ସମିତିର ବନ୍ଧୁମାନେ ଜାଣିଥିବେ ଯେ ସମିତି ନୀଳକଂଠଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ବହୁ ଅନୁଷ୍ଠାନରେ ସ୍ଥାୟୀ ପାଣ୍ଠି (Endowment) ମାନ ସୃଷ୍ଟି କରି ନାନା ଭାବରେ ନୀଳକଂଠଂକ ପ୍ରତିଭା, ଜୀବନର ଆଦର୍ଶ ଓ କୃତିର ପ୍ରସାର ଦିଗରେ ଉଦ୍ୟମ କରିଆସୁଅଛୁ । ଉତ୍କଳ ବିଶ୍ୱବିଦ୍ୟାଳୟରେ ସେଗୁଡ଼ିକର ବିସ୍ତୃତ ଚର୍ଚ୍ଚା ଓ ଗବେଷଣା ନିମନ୍ତେ ଯଥୋଚିତ ଅର୍ଥ ବ୍ୟବସ୍ଥା କରାଯାଇଛି । ତାହା ବ୍ୟତୀତ ଓଡ଼ିଶାର ତିନି ଗୋଟିଯାକ ସାଧାରଣ ବିଶ୍ୱବିଦ୍ୟାଳୟ ଉତ୍କଳ, ବ୍ରହ୍ମପୁର ଓ ସମ୍ବଲପୁର ସହିତ ଭାରତୀୟ ବିଦ୍ୟାଭବନ, ସତ୍ୟବାଦୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ, ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟ ପ୍ରଭୃତିରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ପାଇଁ ସ୍ମୃତି ସମିତି ତରଫରୁ ଅର୍ଥ ବ୍ୟବସ୍ଥା କରାଯାଇଛୁ । ତିନିଗୋଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରତିଯୋଗିତା

Digitized by PPRACHIN, SOA

ଗୁଡ଼ିକ ଅଧିକ ନିଷ୍ଠାର ସହ ଅନୁଷ୍ଠିତ ହେଉଥିବାର ଲକ୍ଷ୍ୟ କରାଯାଉଛି । ମନେହୁଏ-,ଗଞ୍ଜାମ ଓ କୋରାପୁଟ ଦୁଇଟି ଜିଲ୍ଲା ପଣ୍ଡିତଜୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ପାରଳାଖେମୁଣ୍ଡି ନିକଟ ମୁଟଲିଂଗମ୍ ସମ୍ମିଳନୀରେ ପାଣ୍ଡିତ୍ୟପୂର୍ଣ୍ଣ ବିତର୍କ ଫଳରେ ଓଡ଼ିଶାରେ ମିଶି ପାରିଥିବାରୁ ତାର ଫଳଶ୍ରୁତି ସ୍ୱରୂପ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏପରି ନିଷ୍ଠା ପ୍ରତିପାଦିତ ହେଉଛି ।

୧୯୮୯ ମସିହାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ 'ଆଦର୍ଶ ଶିକ୍ଷକ ନୀଳକଂଠ' ବିଷୟ ଉପରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ କରିଥିଲେ । ଏହି ପୁସ୍ତକଟି ତହିଁରେ ପ୍ରଥମ ପୁରସ୍କାର ଲାଭ କରିଥିବା ଶ୍ରୀମାନ୍ ପାଢ଼ୀଙ୍କ ପ୍ରବନ୍ଧ ଉପରେ ପର୍ଯ୍ୟବସିତ । ପ୍ରବନ୍ଧଟି ଅନ୍ୟ ୧୪ଟି ପ୍ରବନ୍ଧ ସହିତ ସ୍ମୃତି ସମିତିର ପ୍ରାପ୍ୟ ହିସାବରେ ଆମର ହସ୍ତଗତ ହୋଇଥିଲା । ସେଗୁଡ଼ିକର ଅନୁଶୀଳନରୁ ଦେଖାଗଲା ଯେ ଶ୍ରୀମାନ୍ ପାଢ଼ୀ ତାଙ୍କର ୭୦ ପୃଷ୍ଠା ନିବନ୍ଧ ମଧ୍ୟରେ ବହୁ ପାଦଟୀକା ଦେଇଛନ୍ତି । ତାଙ୍କର ନୀଳକଂଠଙ୍କ ସମ୍ବନ୍ଧୀୟ ବିଶେଷ ଅଧ୍ୟୟନ ଓ ଅନୁଶୀଳନର ଏହା ଯଥେଷ୍ଟ ସୂଚନା ଦେଉଛି ।

ତେଣୁ ସ୍ମୃତି ସମିତି ନୀଳକଂଠଙ୍କ କୃତିର ଗବେଷଣାରେ ବ୍ରତୀ ଯୁବ ବନ୍ଧୁମାନଙ୍କୁ ସମୁଚିତ ପ୍ରେରଣା ଯୋଗାଇବା ନିମନ୍ତେ ପ୍ରବନ୍ଧଟି ପ୍ରକାଶ କରିବା ପାଇଁ ସିଦ୍ଧାନ୍ତ କଲେ ଓ ଶ୍ରୀମାନ୍ ପାଢ଼ୀଙ୍କୁ ଏହାକୁ ପୁସ୍ତକ ଯୋଗ୍ୟ କରିବା ନିମନ୍ତେ ଅନୁରୋଧ କଲେ । ଭଗ୍ନସ୍ୱାସ୍ଥ୍ୟ ସତ୍ତ୍ୱେ, ସେ ଅକ୍ଳାନ୍ତ ପରିଶ୍ରମ କରି ଏ ପୁସ୍ତକଟି ପ୍ରଣୟନ କରିଥିବାରୁ ସ୍ମୃତି ସମିତି ତରଫରୁ ତାଙ୍କୁ ଅଭିନନ୍ଦନ ଓ କୃତଜ୍ଞତା ଜ୍ଞାପନ କରାଯାଉଛି ଏବଂ ଆମେମାନେ ପଣ୍ଡିତଜୀଙ୍କ ଅମର ଆତ୍ମା ନିକଟରେ ତାଙ୍କର ଉତ୍ତରୋତ୍ତର ଶ୍ରୀବୃଦ୍ଧି କାମନା କରୁଛୁ । ଆନନ୍ଦର କଥା ଯେ ତାଙ୍କର ପିତା ମଧ୍ୟ ଜଣେ ନୀଳକଂଠ ପ୍ରେମୀ ବ୍ୟକ୍ତି ଏବଂ ଉଭୟ ପିତାପୁତ୍ର ନୀଳକଂଠଙ୍କ ଜୀବନ ଦର୍ଶନ ଓ ସାହିତ୍ୟ ଉପରେ ବହୁଗ୍ରନ୍ଥ ଅଧ୍ୟୟନ କରିଛନ୍ତି । ପୁସ୍ତକଟି ସୁଧୀ ପାଠକ ସମାଜରେ ଆଦୃତ ହେବ ବୋଲି ଆଶା କରୁଛୁ ।

**ବିଦ୍ୟାଧର ମିଶ୍ର**
କାର୍ଯ୍ୟକାରୀ ସଭାପତି
ତା ୧ । ୧୦ । ୯୧

Digitized by PPRACHIN, SOA

# ମୁଖବନ୍ଧ

ସାମ୍ପ୍ରତିକ ପରିପ୍ରେକ୍ଷୀରେ ମାତ୍ର ବର୍ଷକରୁ କମ୍ ସମୟ ବ୍ୟବଧାନରେ ସମସ୍ତ ଶାରୀରିକ, ମାନସିକ ପ୍ରତିବନ୍ଧକ ସତ୍ତ୍ୱେ "ଆଦର୍ଶ ଶିକ୍ଷକ ପଣ୍ଡିତ ନୀଳକଂଠ ଦାସ" ପରିମାର୍ଜିତ କଳେବର ନେଇ "ନାଳନ୍ଦାର ଗୁରୁ ନୀଳକଂଠ" ରୂପେ ଆତ୍ମପ୍ରକାଶ କରିବା ମୋ ପାଇଁ ସ୍ୱାଭାବିକ ଭାବେ ଗର୍ବ, ଗୌରବ ଓ ଆନନ୍ଦର ବିଷୟ । ଆଲୋଚ୍ୟ ବିଷୟବସ୍ତୁ ଓ ଆଲୋଚନାର ଭାଷା, ଭାବ, ଭଙ୍ଗୀ ଦୃଷ୍ଟିରୁ ଏହାର ସ୍ଥାନ ଓଡ଼ିଆ ସାହିତ୍ୟରେ କେଉଁଠି, ତାହା ସ୍ଥିର କରିବାର ଦାୟିତ୍ୱ ସୁଧୀ ପାଠକ ଓ ସହୃଦୟ ସମାଲୋଚକମାନଙ୍କର । ମାତ୍ର, ହାର୍ଦ୍ଦିକ ଓ ଭାବକୈନ୍ଦ୍ରିକ ଦୃଷ୍ଟି-କୋଣରୁ ଏହା ମୋପାଇଁ ଛାପା ଅକ୍ଷରରେ ମୁଦ୍ରିତ ସାମାନ୍ୟ ପୁସ୍ତକଟିଏ ମାତ୍ର ନୁହେଁ; ବରଂ ପଣ୍ଡିତ ନୀଳକଂଠଂକ ଉପାସକ ଦୁଇଟି ପରିବାରର ଅନ୍ତରଙ୍ଗ ମହାମିଳନର ସଙ୍ଗମ ସ୍ଥଳ, ବେଦିକା ଏବଂ ସ୍ମାରକ । ଉପାସ୍ୟଙ୍କ ଆକର୍ଷଣରେ ଉପାସକଗଣଙ୍କ ସମାଗମ ଓ ଭାବର ଆଦାନ ପ୍ରଦାନ ଘଟିଛି ଏଇ ପୁସ୍ତକର ପ୍ରକାଶନ ବ୍ୟାଜରେ । ପଣ୍ଡିତ ନୀଳକଂଠ ଆମର ଉପାସ୍ୟ, ଏ ଜାତିର ଉପାସ୍ୟ ।

ମାତ୍ର ଉପାସକ ଭକ୍ତ ନୁହେଁ । ଏଣୁ ଅନ୍ଧ ନୁହେଁ କି ଭାବପ୍ରବଣ ମଧ୍ୟ ନୁହେଁ । ଏଇ ପୁସ୍ତକର ରଚନା କାଳରେ ଏହି ଭାବଧାରା ସର୍ବତ୍ର ପ୍ରତିଫଳିତ ହୋଇଛି ବୋଲି ମୋର ଦୃଢ଼ ବିଶ୍ୱାସ । ପୁଣି ପଣ୍ଡିତଜୀ ଭକ୍ତିକ ମିଥ୍ୟା ବିରୁଦ୍ଧରେ ଆଜୀବନ ସଂଗ୍ରାମ ଚଳାଇଥିଲେ । ତଥାପି, ମଧୁବାବୁଙ୍କ ବ୍ୟତୀତ ଅନ୍ୟକେହି ନେତା, ଗୋପବଂଧୁଙ୍କ ବ୍ୟତୀତ ଅନ୍ୟ କେହି ବିଶ୍ୱ ମାନବ ଏବଂ ନୀଳକଂଠଂକ ପରେ ଦ୍ୱିତୀୟ ପଣ୍ଡିତ ଏ ମାଟିରେ ଜନ୍ମ ନେଇଛନ୍ତି ବୋଲି ସ୍ୱୀକାର କରିବାକୁ ମୁଁ ରାଜି ନୁହେଁ । ଏ ସୌହାର୍ଦ୍ଦ୍ୟ ନ ଥିଲେ ଏମାନଙ୍କ ପ୍ରତିଭାର ଯଥାର୍ଥ ମୂଲ୍ୟାୟନ ଅସମ୍ଭବ । ଆହୁରି ମଧ୍ୟ ଏ ସୌହାର୍ଦ୍ଦ୍ୟ ସାହିତ୍ୟିକ ନ୍ୟାୟର ପ୍ରତିବନ୍ଧକ ନୁହେଁ କି ଅନ୍ୟାୟ ନୁହେଁ । ଗୁଣୀ କେବଳ ଗୁଣ ଚହ୍ନେ । ନୀଳକଂଠ ପ୍ରତିଭା ପରି ଏକ ଜ୍ଞାନ-ଦନ୍ତାବଳକୁ ଚହ୍ନିବାକୁ ହେଲେ, ସମାଲୋଚକଙ୍କୁ ଜ୍ଞାନ-ବିଜ୍ଞାନର ଏବଂ ଅନୁଭୂତି ଓ ଅଧ୍ୟବସାୟର ଏକ ଚଳନ୍ତ ଗନ୍ତାଘର ହେବାକୁ ପଡ଼ିବ । କିନ୍ତୁ, ତାଙ୍କ



Digitized by PPRACHIN, SOA

ଭଳି ପଣ୍ଡିତଙ୍କ ଆବର୍ଭାବର ସୌଭାଗ୍ୟ ଉତ୍କଳ ଜନନୀ ଦ୍ୱିତୀୟଥିବାର ଅର୍ଜନ କରି ନ ଥିବା ବେଳେ ଓ ଓଡ଼ିଆ ସାହିତ୍ୟ, ବିଶେଷତଃ ସମାଲୋଚନା ସାହିତ୍ୟ ଏବେ ବି ''ବାନ୍ଧୁଣୀ ସାହି'' ହୋଇ ରହିଥିବା ବେଳେ ଏ ଆଶା ବିଡ଼ମ୍ବନା ମାତ୍ର । ଅବଶ୍ୟ, ଜ୍ଞାନ-ଗରିଷ୍ଠ, ଗୁଣୀ, ପ୍ରତିଭାବାନ୍ ବ୍ୟକ୍ତି ଯେ ମୋଟେ ନାହାନ୍ତି, ଏପରି ନୁହେଁ । ଯେତେ ବିରଳ, ଯେତେ ସଂଖ୍ୟାନ୍ୟୂନ ହେଲେ ବି ସେମାନେ ହିଁ ଗଭୀର ତମିସ୍ରାରେ ଆଲୋକର ଉତ୍ସ ।

ଏହା, କେବଳ ତିନିବାର ନୁହେଁ, ଶତ ବାର, ସହସ୍ର ବାର ଏବଂ ତତୋଧିକ ଥର ସତ୍ୟ ଯେ, ଆମ ଦେଶର ଇତିହାସରେ ନୀଳକଂଠଙ୍କ ଭଳି ପ୍ରତିଭାର ଦୃଷ୍ଟାନ୍ତ ନିଶ୍ଚିତ ଭାବେ ବିରଳ, ଯେଉଁଥିରେ ମୂର୍ତ୍ତି ହୋଇ ଉଠିଛି, ଏକାଧାରରେ କର୍ମବୀର ଆଉ ଚନ୍ତାବୀରର ଦୁଇଟି ପୌରୁଷମୟ ଜୀବନର ସମନ୍ୱିତ ସଂଗ୍ରାମୀର ଆତ୍ମା । ପରମ୍ପରା ଓ ପୂର୍ବୋଦୃଷ୍ଟିର ପରିପ୍ରେକ୍ଷୀରେ ଆଧୁନିକ ଯୁଗରେ ନୂତନ ଚଳଣିମାନଙ୍କୁ ପରୀକ୍ଷା କରିବା ଓ ଦେଶରେ ବିଦ୍ୟାର ପରମ୍ପରା ସୃଷ୍ଟି କରାଇବାରେ ବିଂଶ ଶତାବ୍ଦୀର ଓଡ଼ିଶାରେ ତାଙ୍କର ଯେଉଁ ବିପୁଳ ମହାନୁଭବତା ପ୍ରକାଶ ପାଇଛି, ତାହାର ଆଉ ଦ୍ୱିତୀୟ ଦୃଷ୍ଟାନ୍ତ ନାହିଁ । ଆମର ଚିନ୍ତାଧାରାକୁ ମାର୍ଜିତ, ପରିଶୁଦ୍ଧ ଓ ସମାଜ ବିକାଶର ଅନୁକୂଳ କରିବାରେ ତାଙ୍କର ଅବଦାନ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ତାଙ୍କର ପ୍ରତିଭା ବହୁମୁଖୀ ।

ତେବେ, ଏ ପ୍ରତିଭାର ଯଥାର୍ଥ ପରିଚୟ କ'ଣ ? ବାଲ୍ୟକାଳରୁ ହିଁ ତାଙ୍କର ଅସାଧାରଣ ପ୍ରତିଭା ଓ ବିଭିନ୍ନ ଦିଗରେ ଆଗ୍ରହ ତଥା ଅନୁରାଗ ଫୁଟି ଉଠିଥିଲା । "Morning shows the day" ବା "ତୁଳସୀ ଦୁଇ ପତ୍ରରୁ ବାସେ" ନ୍ୟାୟରେ ମାଇନର୍ ତଳ କ୍ଲାସ୍‌ର ବାଳକ ନୀଳକଂଠଙ୍କଠାରେ ତାଙ୍କର ବାଲ୍ୟ-ଗୁରୁ ହରିହର ଦାସ କ'ଣ ଲକ୍ଷ୍ୟ କରିଥିଲେ କେଜାଣି, ମାତ୍ର ଯେତେବେଳେ ବିଦ୍ୟାଳୟର ବଡ଼ ଛାତ୍ରମାନେ ଏଇ ସବା ସାନ ନୀଳକଂଠ ପ୍ରତି ଈର୍ଷାନ୍ୱିତ ହୋଇ ପାଠ ପଚାରିଲେ ତାକୁ ବତେଇ ଦେବା ତ ଦୂରର କଥା, ବହି ବା ଖାତା ଖଣ୍ଡିଏ ମଧ୍ୟ ଉଧାର ଦେବାପାଇଁ ମନା କରୁଥିଲେ ଓ ନୀଳକଂଠ ଅନନ୍ୟୋପାୟ ହୋଇ ମାଷ୍ଟରଙ୍କ ପାଖେ ଗୁହାରି କରୁଥିଲେ, ଏଇ ଶିକ୍ଷକ ହରିହର ଦାସ ସେତେବେଳେ ସେଇ ବଡ଼ ପିଲାମାନଙ୍କୁ କହିଥିଲେ, "ଆରେ, ଆଜି ତୁମେ ତାକୁ ଏକୁଟିଆ



Digitized by PPRACHIN, SOA

କରୁଚ, ପଣା ପାଣି ପ୍ରାନ୍ତରେ ବୁଝିବ— ତୁମେ ସବୁ ତା' ଗାମୁଛା ବୋହୁଲେ, ତମ ଧନ ସରିବ ନାହିଁ ।" ଅବଶ୍ୟ ପରି ଜୀବନରେ ମଧ୍ୟ ନୀଳକଂଠ ଏଇପରି ବହୁକ୍ଷେତ୍ରରେ ଈର୍ଷା ଓ ବିରୋଧର ସମ୍ମୁଖୀନ ହୋଇଛନ୍ତି ଓ ସେ ସମସ୍ତ ଗରଳ ପାନ କରି ବାସ୍ତବରେ ହୋଇଛନ୍ତି "ନୀଳକଂଠ" ।

ବାଲ୍ୟ କାଳରୁ ସେ ଯେ କେବଳ ବିଦ୍ୟାର୍ଜନରେ ବିଶିଷ୍ଟ ମେଧା ପ୍ରଦର୍ଶନ କରିଥିଲେ, ତାହା ନୁହେଁ; ତା' ସଙ୍ଗେ ସଙ୍ଗେ ସମାଜର ସମୂହ ସେବାମୂଳକ ସଂଗଠନ ଶକ୍ତି ତଥା ସାମାଜିକ କର୍ତ୍ତବ୍ୟବୋଧ ସୂଚକ ସଂକଳ୍ପ ମଧ୍ୟ ସେହି ସମୟରୁହିଁ ତାଙ୍କଠାରେ ପ୍ରକାଶ ପାଇଥିଲା । ପାଣ୍ଡିତ୍ୟ ଭଳି ଏକ ମାନସିକ ବିଭବ ସହିତ ସମାଜ ସେବା ଭଳି କର୍ମ ପରିପୂର୍ଣ୍ଣତାର ସାଂଗୋପାଙ୍ଗ ଅବସ୍ଥାନର ହେତୁ କ'ଣ ? ଏଥିରେ ହିଁ ନୀଳକଂଠ ପ୍ରତିଭାର ଯଥାର୍ଥ ପରିଚୟ ନିହିତ । ପ୍ରଜ୍ଞା ସମନ୍ୱିତ ଦେଶ ପ୍ରେମର ଶକ୍ତି ଅତୁଳନୀୟ । ପଣ୍ଡିତଜୀଙ୍କ କ୍ଷେତ୍ରରେ ତାହାହିଁ ଘଟିଥିଲା । ଫଳତଃ ଏ ପ୍ରତିଭାର ଦିଗ ବହୁମୁଖୀ ହେଲେ ମଧ୍ୟ ଲକ୍ଷ୍ୟ ଏକ— ଦେଶ ପ୍ରେମରେ ଅଭିଭୂତ ହୋଇ ତାହାର ପୂଜା କେବଳ ନୁହେଁ, ଏ ମାଟିର ପ୍ରତିଟି ଆତ୍ମାର ବନ୍ଦନା, ଆରାଧନା, ତା' ପ୍ରତି ଗଭୀର ପ୍ରେମ, ନିବିଡ଼ ଆତ୍ମ ନିବେଦନ । ତେଣୁ, ତାଙ୍କର ପ୍ରତିଟି କର୍ମ ଏ ଦେଶର, ମାନବ ସମାଜର ଉନ୍ନତି କଳ୍ପେ ଥିଲା ଅଭିପ୍ରେତ । ମାତ୍ର, ପଣ୍ଡିତଜୀଙ୍କ ପ୍ରତିଭା ଅଗାଧ, ଅପରିମେୟ ହେତୁ, ଏହା କେବଳ ଶିକ୍ଷାର୍ଥୀ ବା ଅନୁସରଣକାରୀ ଅଥବା ପାଳନକାରୀର ଜୀବନ ମଧ୍ୟରେ ସୀମାବଦ୍ଧ ନ ହୋଇ ଶିକ୍ଷକର ଜୀବନ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିଥିଲା । ଶିକ୍ଷାପ୍ରତି ତାଙ୍କର ଅନୁରକ୍ତି ଥିଲା ସର୍ବ ପ୍ରଥମ ଓ ସର୍ବାଧିକ ଗଭୀର । ଶିକ୍ଷାବିତ୍ ଭାବେ ହିଁ ସେ ତାଙ୍କର ସମଗ୍ର ଜୀବନ ନିର୍ବାହ କରି ଯାଇଛନ୍ତି । ସେ ମଣିଷ ଗଢ଼ିଥିଲେ । କିନ୍ତୁ ଆଜିର ଯଶକୀର୍ତ୍ତିଲିପ୍ସୁ ପ୍ରବୀଣମାନେ ବହୁ ଅମନୁଷ୍ୟ ହିଁ ଗଢ଼ିଛନ୍ତି, ଗଢ଼ି ଚାଲିଛନ୍ତି ।

କୁଳବୃଦ୍ଧ ମଧୁସୂଦନ ୧୯୧୨ ମସିହାରେ ସତ୍ୟବାଦୀ ବନ ବିଦ୍ୟାଳୟ ପରିଦର୍ଶନ କରି ଅଭିଭୂତ ହୋଇ ଯେତେବେଳେ ଗୋପବନ୍ଧୁଙ୍କୁ କହିପକାଇଲେ, "ଗୋପବନ୍ଧୁ, ତୁ ଓଡ଼ିଶାରେ ନାଳନ୍ଦାଟାଏ ଗଢ଼ିଦେଲୁ", ଗୋପବନ୍ଧୁ ତତ୍-



Digitized by PPRACHIN, SOA

ଷଣାତ୍ କହୁଥିଲେ, "ମୁଁ ନୁହେଁ, ନୀଳକଂଠ ।" ତାହାର ଅଳ୍ପଦିନ ପରେ ବ୍ୟାସ କବି ଫକୀର ମୋହନ ଲେଖିଲେ,

" ସଦାଶିବ ନୀଳକଂଠ ସତତ ସନ୍ୟାସୀ,
ଜଗତ ମଙ୍ଗଳେ ଗୋପବନ୍ଧୁ ବ୍ରଜବାସୀ;
× × × × ×
ସତ୍ୟବାଦୀ ଗ୍ରାମେ ଦେଖି ବାଣୀର ମନ୍ଦିର
ଭାବି ଭାବି ମନ ମଧ୍ୟେ କରିଲିଣି ସ୍ଥିର
ଇତିହାସ ଶୁଣାଥିଲି, ନାଳନ୍ଦା ବିହାରେ
ସତ୍ୟବାଦୀ ଗ୍ରାମେ ଆସିବି ତ ଦେଖିବାରେ "

ଏ ସମସ୍ତ ଯଥା ସ୍ଥାନରେ ପ୍ରାଂଜଳ ଭାବରେ ବୁଝାଇ ଦିଆ ଯାଇଛି । ତେବେ, ଏଇ ନାଳନ୍ଦାର ଗୁରୁ ନୀଳକଂଠ ସତ୍ୟବାଦୀ ବନ ବିଦ୍ୟାଳୟରେ ଦୀର୍ଘ ସାତବର୍ଷ-କାଳ ପ୍ରଧାନଶିକ୍ଷକ ଥାଇ ଦେଶରେ ସୁନାଗରିକ ଗଢ଼ିବାଲାଗି "ମଣିଷ ଗଢ଼ା କାରଖାନା"ରେ ଯେପରି ଲୋକସେବା ଓ ଦେଶ ଗଠନ କାର୍ଯ୍ୟରେ ଲାଗିଥିଲେ, ତାଙ୍କର ସେଇ ଅଭିପ୍‌ସାକୁ ଉତ୍ତମ ରୂପେ ଚରିତାର୍ଥ କରିବାରେ ମଧ୍ୟ ସେପରି ସେ ସାରା ଜୀବନ ଅତିବାହିତ କରିଥିଲେ ।

ନୀଳକଂଠଙ୍କ ଛାତ୍ର ଜୀବନର ଘଟଣାଟିଏ । "ଭାର୍ଗବୀ କୂଳରେ ପ୍ରତିଜ୍ଞା," ତାଙ୍କର ସାରା ଜୀବନ ପାଇଁ ଏକ "ବ୍ରତ" ରୂପେ ଠିଆ ହୋଇଥିଲା ଓ ଜୀବନର ଶେଷ ପର୍ଯ୍ୟାୟରେ ମଧ୍ୟ ନାନା ପ୍ରତିବନ୍ଧକ ସତ୍ତ୍ୱେ ସେ ସେହି ସଂକଳ୍ପରୁ ଟଳେ ହେଲେ ବିଚ୍ୟୁତ ହୋଇ ନ ଥିଲେ । ଏଠି ଏତିକ କହିଲେ ଯଥେଷ୍ଟ ହେବ ଯେ, ଯେତେବେଳେ ୧୯୫୮ରେ ଡଃ ମହତାବ ତାଙ୍କୁ "ଓଡ଼ିଶା ସାହିତ୍ୟ ଏକାଡେମୀ"ର ସଭାପତି ହେବାଲାଗି ଅନୁରୋଧ କରିଥିଲେ, ପଣ୍ଡିତ ନୀଳକଂଠ ନିଜର ସ୍ୱୀକୃତି ଦେବା ପରେ ଡଃ ମହତାବ ତାଙ୍କୁ ସଭାପତିଙ୍କର ବେତନ ଓ ଆନୁସଙ୍ଗିକ କେତେ ହେବ ବୋଲି ପଚାରିଲେ । ନୀଳକଂଠ ସଙ୍ଗେ ସଙ୍ଗେ କହିଲେ, "ଜୀବନରେ ଯାହା ହୋଇ ନାହିଁ, ମତେ ଏବେ ସରକାରୀ ଅର୍ଥ ନେଇ ସେଥିରେ ପକାଇବାକୁ ଚାହୁଁଛ ? ଅଫିସ ଯିବା ଆସିବା ଲାଗି କେବଳ ଏକା-ଡେମୀ ଗାଡ଼ିଟି ମୁଁ ବ୍ୟବହାର କରିବି ।"



Digitized by PPRACHIN, SOA

ଦୈନନ୍ଦିନ ଜୀବନର ଏହିପରି ଛୋଟ ଛୋଟ ଘଟଣା ଦ୍ୱାରା ଲୋକ ଚରିତ୍ର ପ୍ରକୃତ ଭାବେ ଜଣାଯାଏ, ମଞ୍ଚ ଉପରେ ବଡ଼ ବଡ଼ ବକ୍ତୃତା ବା ଅନୁଗାମୀମାନଙ୍କୁ ଦିଆ ଯାଉଥିବା ଫମ୍ପା ପରାମର୍ଶ ଦ୍ୱାରା ନୁହେଁ । ବଡ଼ ବଡ଼ କଥା କହୁଥିବା ବହୁଧର୍ମଧ୍ୱଜୀ ବ୍ୟକ୍ତିଗତ ଜୀବନରେ କିପରି ନୀଚସ୍ତରର କାର୍ଯ୍ୟ କରନ୍ତି, ତା'ର ଦୃଷ୍ଟାନ୍ତ ବିରଳ ନୁହେଁ । ଏହା ପ୍ରାୟ ପ୍ରତ୍ୟେକଙ୍କର ଅନୁଭୂତିର ବିଷୟ ! ଏଣୁ ବାହ୍ୟ ରୁକ୍ଷତା ତଳେ ପ୍ରକୃତ ନୀଳକଂଠଙ୍କୁ ଜାଣିବା ପାଇଁ ତାଙ୍କ ବ୍ୟକ୍ତିଗତ ଜୀବନର ଛୋଟ ଛୋଟ ଘଟଣାବଳୀ ସଂଗୃହିତ ହେବା ଆବଶ୍ୟକ । ଜୀବିତାବସ୍ଥାରେ ତାଙ୍କର ଶତ୍ରୁ ବହୁତ ଥିଲେ । ତାଙ୍କ ସମ୍ପର୍କରେ ବହୁ ମିଥ୍ୟା ପ୍ରଚାର କରାଯାଇଛି । ନୀଳକଂଠଙ୍କ ମୃତ୍ୟୁ ପରେ ବିଳମ୍ବରେ ହେଲେ ସୁଦ୍ଧା ପ୍ରକୃତ ସତ୍ୟ ଲୋକଲୋଚନକୁ ଆଣି ଏ ଜାତି କୃତଘ୍ନତା ରୂପକ ମହା ପାପରୁ ମୁକ୍ତ ହେବା ସର୍ବାଗ୍ରେ ବାଞ୍ଛନୀୟ ।

ଏହି ପରିପ୍ରେକ୍ଷୀରେ ଶିକ୍ଷକ ହିସାବରେ ତାଙ୍କ ବ୍ୟକ୍ତିତ୍ୱର ବ୍ୟବଚ୍ଛେଦ ବକ୍ଷ୍ୟମାଣ ପୁସ୍ତକର ଲକ୍ଷ୍ୟ । ଉତ୍ତମ ଶିକ୍ଷକ ହେବାପାଇଁ ସେମିତି କିଛି ନିର୍ଦ୍ଦିଷ୍ଟ ଆଇନ୍ କାନୁନ୍ ନାହିଁ କି ଲକ୍ଷଣର ଲକ୍ଷ୍ମଣ ରେଖା ନିର୍ଦ୍ଧାରିତ ହୋଇ ନାହିଁ । ଯଥା ସମ୍ଭବ ଅଧିକ ସୁଗୁଣର ସମାବେଶ ସାଙ୍ଗକୁ ଅବଗୁଣର ଅନୁପସ୍ଥିତି ହିଁ ଉତ୍ତମ ଶିକ୍ଷକର ଲକ୍ଷଣ । ଭିନ୍ନ ଭାବରେ କହିଲେ, ପରିପୂର୍ଣ୍ଣ ମାନବ ସ୍ତରକୁ ଗତି କରିବା ହିଁ ସୁ-ଶିକ୍ଷକଙ୍କ ପାଇଁ ନିର୍ଦ୍ଧାରିତ ପଥ । ଏ ପ୍ରକାର ବ୍ୟକ୍ତି ଯୁଗଧର୍ମ ସହିତ ସତ୍ୟଧର୍ମର ଅତୁଳନୀୟ ଓ ଯଥାର୍ଥ ସମାବେଶ ଘଟାଇ ପାରନ୍ତି । ନୀଳକଂଠଙ୍କ-ଠାରେ ତାହାହିଁ ଲକ୍ଷଣୀୟ ।

ଏ ପୁସ୍ତକ ରଚନା କାଳରେ ମୁଖ୍ୟତଃ ଦୁଇଟି ବିଷୟ ପ୍ରତି ଦୃଷ୍ଟି ଦିଆ-ଯାଇଛି—(୧) ଯଥା ସମ୍ଭବ ଅଧିକ ଘଟଣାବଳୀର ଏକତ୍ର ଉପସ୍ଥାପନ କରି ପାଠକକୁ ବହୁ ଗ୍ରନ୍ଥ ପଠନର ଆୟାସରୁ ମୁକ୍ତ କରାଯିବା ଓ ଏ ସମସ୍ତ ଘଟଣାରୁ ବ୍ୟକ୍ତିତ୍ୱର ଯଥାର୍ଥ ଦିଗମାନ ଉନ୍ମୋଚନ କରାଯିବା ଏବଂ (୨) ଘଟଣାବଳୀର ସଂଗ୍ରହକୁ ପ୍ରାମାଣିକ କରି ବିରୁଦ୍ଧବାଦୀଙ୍କ ମୁହଁ ବନ୍ଦ କରି ଦିଆଯିବା । ଏଣୁ ଏ ପୁସ୍ତକରେ ପାଦଟୀକାର ବାହୁଲ୍ୟ ସହଜରେ ଲକ୍ଷ୍ୟ କରି ହେବ । ତେବେ, ପାଦ-ଟୀକାକୁ ବାଦଦେଇ ପୁସ୍ତକଟି ପାଠକଲେ ମଧ୍ୟ ଏକ ସ୍ୱୟଂସମ୍ପୂର୍ଣ୍ଣ ପୁସ୍ତକପାଠର ଆନନ୍ଦ ଲାଭ କରାଯାଇ ପାରିବ ବୋଲି ମୋର ଆଶା ।



Digitized by PPRACHIN, SOA

ଏ ପୁସ୍ତକ ରଚନା କାଳରେ କେହି କେହି ଶୁଭାକାଂକ୍ଷୀ ବନ୍ଧୁ ଗୋପବନ୍ଧୁଙ୍କ ଶିକ୍ଷାନୀତି ଓ ଶିକ୍ଷାଦର୍ଶର ସିଦ୍ଧାନ୍ତ, ସତ୍ୟବାଦୀରେ ଏହାର କାର୍ଯ୍ୟକାରିତା, ଅରବିନ୍ଦ ଓ ଗାନ୍ଧୀଜୀଙ୍କ ଆଶ୍ରମ ସହ ଏହାର ସାମଞ୍ଜସ୍ୟ, ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷଣ ପ୍ରକ୍ରିୟା ଆଦି ଉପରେ ଆଲୋକପାତ କରିବାକୁ ପରାମର୍ଶ ଦେଇଥିଲେ । ଆଉ କୌଣସି କୌଣସି ବନ୍ଧୁ ଆଣ୍ଡ୍ରୁଜ୍‌ଙ୍କ ଆଖିନେଇ ସତ୍ୟବାଦୀକୁ ଦେଖିବାକୁ ଅନୁରୋଧ କରିଥିଲେ । ତେବେ ପୁସ୍ତକରେ ଲକ୍ଷ୍ୟ ସାଧନ ପାଇଁ ଏ ଗୁଡ଼ିକ ଯେତିକି ପରିମାଣରେ ସହାୟକ ହୋଇଛି, ସେତିକି ମାତ୍ରାରେ ସ୍ଥାନ ଲାଭ କରିଛନ୍ତି । ସତ୍ୟବାଦୀର ପୁରାତନ ଛାତ୍ରମାନଙ୍କ ସହ ସାକ୍ଷାତ୍କାର, ନୀଳକଣ୍ଠଙ୍କ ସାହିତ୍ୟ ସମାଲୋଚନା, ସମ୍ପାଦକୀୟ ଲେଖାମାନଙ୍କରୁ ତାଙ୍କ ଶିକ୍ଷାଦର୍ଶର ସ୍ୱରୂପ ନିର୍ଣ୍ଣୟ କରି ଯୋଗ କରିଥିଲେ ପୁସ୍ତକର ଗୁଣାତ୍ମକ ଉତ୍କର୍ଷ ସାଧିତ ହୋଇ ଥାଆନ୍ତା । ମାତ୍ର ଯେତିକି ସମ୍ଭବ ହୋଇଛି, ସେତିକି ମାତ୍ର କରିଛି ।

ଏ ସମସ୍ତ କାମ କଲା ବେଳେ ପଣ୍ଡିତଜୀଙ୍କ ଜାମାତା ପୂଜ୍ୟ ମଧୁସୂଦନ ଦାଶ ଶାରୀରିକ, ଆର୍ଥିକ, ମାନସିକ, ବାଚିକ ଏବଂ ତଥ୍ୟଭିତ୍ତିକ ଆଦି ବହୁ ପ୍ରକାର ସାହାଯ୍ୟ ଦେଇ ଚିରକାଳ ଲାଗି ମୋର ପ୍ରେରଣାର ଉତ୍ସ ହୋଇ ପାରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡଃ ବିଦ୍ୟାଧର ମିଶ୍ର ଓ ଅଧ୍ୟାପକ ଡଃ ବନମାଳୀ ବାରିକଙ୍କର ଅବଦାନ ମଧ୍ୟ ଭୁଲିବାର ନୁହେଁ । ସର୍ବ ଶେଷରେ ଏ ଗ୍ରନ୍ଥର ରଚନା ଲାଗି ଉପଯୁକ୍ତ ପରିବେଶ ସୃଷ୍ଟି କରି ଦେଇଥିବାରୁ ମୋର ନନା, ଦିଦା, ବୋଉ, ସାନ ଭାଇ ଓ ଭଉଣୀ ସୂର୍ଯ୍ୟ (ସେ ମଧ୍ୟ ଏ ପୁସ୍ତକର ପ୍ରଚ୍ଛଦ ପଟ୍ଟ ଆଙ୍କି ଦେଇଛି), ଉମା, କୈଳାସ, ନମିତାର ଅବଦାନ ସ୍ମରଣ କରୁଛି । ମୋର ଏହି ପଥିକୃତ ଉଦ୍ୟମ ପାଠକମାନଙ୍କୁ ଆନନ୍ଦ-ଦାୟକ ହେଲେ ନିଜକୁ କୃତାର୍ଥ ମନେ କରିବି । ଇତି ।

**କାବୁଲ ପାଢ଼ୀ** ( କାହ୍ନୁ )
ଭୁବନେଶ୍ୱର
ତା ୧୦ । ୬ । ୧୯୯୧



Digitized by PPRACHIN, SOA

## ଅଧ୍ୟାପକ ବନମାଳୀ ମିଶ୍ରଙ୍କ

# ଅଭିମତ

ଶ୍ରୀମାନ୍ କାହ୍ନୁଚରଣ ପାଢ଼ୀଙ୍କ ଲିଖିତ 'ଆଦର୍ଶ ଶିକ୍ଷକ ନୀଳକଂଠ' ପ୍ରବନ୍ଧଟି ୧୯୮୯ ମସିହାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରବନ୍ଧ ପ୍ରତି-ଯୋଗିତାରେ ଶ୍ରେଷ୍ଠ ବିବେଚିତ ହେବା ପରେ ତାହା ତାଙ୍କଦ୍ୱାରା ଏବେ ପରିମାର୍ଜିତ ହୋଇ "ନାଳଂଦାର ଗୁରୁ ନୀଳକଂଠ" ନାମରେ ପୁସ୍ତକ ରୂପେ ସ୍ମୃତି ସମିତି ଦ୍ୱାରା ପ୍ରକାଶିତ ହେଉଛି ।

ଲେଖକ ପୁସ୍ତକଟି କାହିଁକି "ନାଳଂଦାର ଗୁରୁ ନୀଳକଂଠ" ବୋଲି ନାମକରଣ କଲେ, ତହିଁର ଯଥାର୍ଥତା ପ୍ରତିପାଦନ କରିବାପାଇଁ "ନିଆଁ ଖୁଣ୍ଟାରେ" ପ୍ରକାଶିତ ଏକ ଉଦ୍ଧୃତାଂଶ ଏଠାରେ ଅବିକଳ ପ୍ରକାଶ କରିବା ସମୀଚୀନ ହେବ । ନିଆଁଖୁଣ୍ଟା ଲେଖିଚନ୍ତି– "ବ୍ୟାସ, ବାଲମିକ, ବଶିଷ୍ଠ ଆଦି ମୁନିଋଷିମାନେ ଜନବସତିର ବହୁ ଦୂରରେ ରହି ମହାଭାରତୀୟ ସାହିତ୍ୟ, ଦର୍ଶନ ପ୍ରଭୃତି ଗଠନରେ ଯେପରି ବ୍ରତୀ ହୋଇଥିଲେ, ସେହିପରି "ସତ୍ୟବାଦୀ ନାଳଂଦା ବିହାର" ବା ଆଧୁନିକ ଉତ୍କଳର ନୈମିଷାରଣ୍ୟରେ ଯେଉଁ ତପସ୍ୱୀବୃନ୍ଦ ଦେଶ ମାତୃକାର ସେବାରେ ଜୀବନ ଉତ୍ସର୍ଗ କରି ମାତୃଭଷାରେ କାବ୍ୟ, କବିତା, ଦର୍ଶନ ପ୍ରଭୃତି ରଚନା କରିବାରେ ଲାଗି ପଡ଼ିଥିଲେ, ତାହା ଏବେ ମଧ୍ୟ ଦେଶବାସୀଙ୍କ ପକ୍ଷରେ ଇତିହାସ ହୋଇ ନାହିଁ ।" ଲେଖକ ତେଣୁ ଏଭଳି ଏକ ଅନୁଷ୍ଠାନର ପ୍ରକୃତ ରୂପକାର ନୀଳକଂଠଂକୁ ଯଥାର୍ଥରେ "ନାଳଂଦାର ଗୁରୁ ନୀଳକଂଠ" ରୂପେ ଅଭିହିତ କରିଚନ୍ତି ।

ଶ୍ରୀମାନ୍ ପାଢ଼ୀ କର୍ତ୍ତବ୍ୟ ନିଷ୍ଠା, ଅଧ୍ୟବସାୟ, ଶୃଙ୍ଖଳା ଜ୍ଞାନ, ସଂଯମ, ଧୈର୍ଯ୍ୟ, ନେତୃତ୍ୱ, ତ୍ୟାଗ, ସାରଲ୍ୟ, ଅକୁତୋଭୟତା, ଜ୍ଞାନପିପାସା, ଜିଜ୍ଞାସା, ସତ୍ୟନିଷ୍ଠା, ଆତ୍ମବିଶ୍ୱାସ, କୃତଜ୍ଞତା, ପ୍ରାଚୀନ ସୁସ୍ଥ ପରମ୍ପରା ପ୍ରତି

Digitized by PPRACHIN, SOA

ମାନ୍ୟତା, ସମାଜ ସଂସ୍କାରରେ ଦୃଢ଼ତା ଆଦି ଗୁଣରେ ନୀଳକଂଠ ଭୂଷିତ ଥିଲେ ବୋଲି ବହୁ ପ୍ରମାଣ ଦେଇଚନ୍ତି ଓ ତାହା ଗୋଟି ଗୋଟି କରି ଉଦାହରଣ ଦେଇ ଦର୍ଶାଇଚନ୍ତି । ଏହାହିଁ ମୋ ବିଗ୍ଭରରେ ଅନ୍ୟାନ୍ୟ ପ୍ରାବନ୍ଧିକଙ୍କଠାରୁ ଲେଖକଙ୍କର ବିଶେଷତ୍ୱ ।

ପଣ୍ଡିତ ନୀଳକଂଠଂକୁ ଘେନି ବହୁ ପ୍ରବନ୍ଧ, ପୁସ୍ତକ, ଅଭିଭାଷଣ ପ୍ରକାଶିତ ହୋଇଚି । ଜଣେ କୁଶଳୀ, ଅନୁସନ୍ଧିତ୍ସୁ ତଥା ଗବେଷକ ଭାବେ ବିଷୟର ଆଲୋଚନା ବେଳେ ଲେଖକ ସେ ସବୁର ସାରାଂଶ ଯଥାଯଥ ଭାବେ ଉପସ୍ଥାପିତ କରିପାରିଚନ୍ତି । ତାଙ୍କର ସୁଦୀର୍ଘ ପାଦଟୀକାରୁ ଯେ କେହି ପାଠକ ଏହା ଲକ୍ଷ୍ୟ କରି ପାରିବେ ।

ଶ୍ରୀମାନ୍ ପାଢ଼ୀ ପଣ୍ଡିତଜୀଙ୍କର ଜଣେ ଯଥାର୍ଥ ଉପାସକ । ତେଣୁ ପୁସ୍ତକର ମୁଖବନ୍ଧରେ ଦୃଢ଼ତାର ସହ ସେ ଘୋଷଣା କରିଚନ୍ତି, "ଏହା କେବଳ ତ୍ରିବାର ନୁହେ, ଶତବାର, ସହସ୍ରବାର ଓ ତେତୋଧିକବାର ସତ୍ୟ ଯେ ଆମ ଦେଶର ଇତିହାସରେ ନୀଳକଂଠଂକ ଭଳି ପ୍ରତିଭାର ଦୃଷ୍ଟାନ୍ତ ନିଶ୍ଚିତ ଭାବେ ବିରଳ, ଯେଉଁଥିରେ ମୂର୍ତ୍ତି ହୋଇ ଉଠିଚି, ଏକାଧାରରେ ଚିନ୍ତାବୀର ଓ କର୍ମବୀରର ଦୁଇଟି ପୌରୁଷମୟ ଜୀବନର ସମନ୍ୱିତ ସଂଗ୍ରାମୀର ଆତ୍ମା ।" ମନେହୁଏ, ଭୂଦାନ ନେତା ଆଚାର୍ଯ୍ୟ ବିନୋବା ଭାବେ ନୀଳକଂଠଂକ ବିଷୟରେ ଯାହା ମତ ଦେଇଥିଲେ ଯେ, ମୁଁ ସାରା ଭାରତ ବୁଲି ଆସିଚି, ମାତ୍ର ଏ ପର୍ଯ୍ୟନ୍ତ ପଣ୍ଡିତ ନୀଳକଂଠଂକ ପରି ଜଣେ ପଣ୍ଡିତ ମୋର ଦୃଷ୍ଟି-ଗୋଚର ହୋଇନାହିଁ, ଏହା ତାହାର ଯଥାର୍ଥତା ପ୍ରତିପାଦନ କରେ ।

ଶ୍ରୀମାନ୍ ପାଢ଼ୀ ଏହି ପୁସ୍ତକଟିରେ ଯଥାଯଥ ଭାବେ ପଣ୍ଡିତ ନୀଳକଂଠଂକୁ ଉପସ୍ଥାପିତ କରି ପାରିଚନ୍ତି । ମୋର ମନେହୁଏ, ଭବିଷ୍ୟତ ବଂଶଧରମାନେ ଏହି ପୁସ୍ତକଟିରୁ ନୀଳକଂଠଂକ ପ୍ରତିଭାର ସ୍ପଷ୍ଟ ରୂପରେଖ ପାଇପାରିବେ ।

ଭୁବନେଶ୍ୱର
ତା ୨୨-୨-୯୨

**ବନମାଳୀ ମିଶ୍ର**
ପୂର୍ବତନ 'ନବଭାରତ'ର ସହକାରୀ ସଂପାଦକ

Digitized by PPRACHIN, SOA

# ନାଳଂଦାର ଗୁରୁ ନୀଳକଂଠ

## ୧. ଭାର୍ଗବୀ କୂଳରେ ପ୍ରତିଜ୍ଞା :

"ଆମେ ପାଠ ପଢ଼ି ସରକାରୀ ଚାକିରୀ କରିବା ନାଇ । ଦେଶ ପାଇଁ କିଛି କରିବା । ଜନ୍ମବେଳେ ଦେଶକୁ ଯାହା ଦେଖିଥାଇଁ, ତା'ଠାରୁ ଉନ୍ନତ ଦେଖି ମରିବା ।" (୨)– ପୁରୀ ଜିଲ୍ଲାର ଭାର୍ଗବୀ ନଦୀ କୂଳରେ ବଲ୍ଲପୁର ମୌଜାର ଶ୍ମଶାନ ପାଖରେ ଠିଆ ହୋଇ ଏ ଥିଲା ପରବର୍ତ୍ତୀ ସମୟରେ ସତ୍ୟବାଦୀର ପଞ୍ଚସଖା ବା ପଞ୍ଚ-ପ୍ରାଣ ଭାବେ ଖ୍ୟାତି ଲାଭ କରିଥିବା ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ସଙ୍ଗେ ତତ୍କାଳୀନ ଚାରିଜଣ ନବୀନ ଯୁବକଙ୍କର ପ୍ରତିଜ୍ଞା । ତତ୍କାଳୀନ ଜାତୀୟ ଦୃଶ୍ୟପଟ ଠାରୁ ଏ ପ୍ରତିଜ୍ଞାକୁ ବିଚ୍ଛିନ୍ନ କରି ବିଚାର କରି ହେବ ନାହିଁ ।

ଇଂରେଜ ଶାସନରେ ପ୍ରାଚୀନ ଭାରତ ବସ୍ତୁତଃ ରୁଦ୍ଧଶ୍ୱାସ ହୋଇ ପଡ଼ିଥିଲା । ବ୍ରିଟିଶ୍ ଶାସନ ପ୍ରତିଷ୍ଠାର ପ୍ରାୟ ଶହେ ବର୍ଷ ପରେ ତା'ର ଆତ୍ମବୋଧ ଜାଗ୍ରତ ହେଲା । ପାଶ୍ଚାତ୍ୟ ପ୍ରତ୍ନତତ୍ତ୍ୱବିତ୍, ଐତିହାସିକ, ଭାଷାତତ୍ତ୍ୱବିତ୍ ମାନଙ୍କ ଉଦ୍ୟମରେ ଏ ପ୍ରାଚୀନ ଜାତିର ପୁରାତନ ଐତିହ୍ୟ ଲୋକ ଲୋଚନକୁ ଆସିଲା । ଏବେ ଭାରତର ସୁଷୁପ୍ତି ଭାଜିଲା, ସେ ଆଖିମେଲି ଚାହିଁଲା ଚାରିଆଡ଼କୁ, ଜାଣିଲା ତା'ର ମଧ୍ୟ ବିଶ୍ୱରେ ଏକ ବିଶିଷ୍ଟ ସ୍ଥାନ ରହିଛି । ଏତିକିବେଳେ ବଜ୍ର ନିର୍ଘୋଷ ନାଦରେ ସ୍ୱାମୀ ବିବେକାନନ୍ଦ ଘୋଷଣା କଲେ ଭାରତରେ ରଜୋଗୁଣର ଉଦ୍ଦୀପନା ଆବଶ୍ୟକ । ପାଶ୍ଚାତ୍ୟ ଦେଶମାନଙ୍କରେ ବିଶେଷତଃ ଚିନ୍ତାଶୀଳ ମହଲରେ ସେ ଏକ ଝଡ଼ ସୃଷ୍ଟି କଲେ । ଖ୍ରୀଷ୍ଟିଆନ ମିଶନାରୀ-ମାନେ ସ୍ତମ୍ଭୀଭୂତ ହେଲେ । ଭାରତୀୟ ସମାଜରେ କ୍ରିୟାଶୀଳତା ବହୁଗୁଣରେ ବଢ଼ିଗଲା । ତତ୍ ପୂର୍ବରୁ ରାଜା ରାମମୋହନ ପ୍ରାଚୀନ ଉପନିଷଦମାନଙ୍କର ବ୍ୟାଖ୍ୟା କରି ହିନ୍ଦୁସମାଜରେ ପ୍ରବେଶ କରି ଯାଇଥିବା କୁସଂସ୍କାର ଗୁଡ଼ିକ ଦୂର କରିବାକୁ ଯେଉଁ ପ୍ରୟାସ କରିଥିଲେ, ତା'ର ପ୍ରଭାବ ମଧ୍ୟ ଭାରତୀୟ ସମାଜ ଉପରେ ପଡ଼ିଥିଲା । ସ୍ୱାମୀ ଦୟାନନ୍ଦଙ୍କ ଆର୍ଯ୍ୟ ସମାଜ ଏ ସମୟରେ ଭାରତୀୟ ସମାଜକୁ ବି ବିଶେଷ ପ୍ରଭାବିତ କରିଥିଲା । ସାମାଜିକ ସ୍ତରରେ

Digitized by PPRACHIN, SOA

ପ୍ରାଚୀନ ଯେପରି ଆଧୁନିକ ହେବାକୁ ଲଗିଲ, ରାଜନୀତି କ୍ଷେତ୍ରରେ ମଧ୍ୟ ତାହା ଦେଖାଦେଲ । ଆଧୁନିକ ଶିକ୍ଷିତ ବ୍ୟକ୍ତିମାନେ ରାଜନୀତିକ ଆନ୍ଦୋଳନର ସୂତ୍ରପାତ କଲେ । ସାହିତ୍ୟ ଓ ଅର୍ଥନୀତି ମଧ୍ୟ ଏ ପ୍ରଭାବ ବଳୟରୁ ଦୂରରେ ବହୁ ସମୟ ରହି ପାରିଲ ନାହିଁ ।

ମାତ୍ର, ଆଧୁନିକ ଭାରତରେ କାଳକ୍ରମେ ଜାତ ହେଉଥିବା ବିଭିନ୍ନ ପ୍ରବାହ ଓଡ଼ିଶାରେ ବହୁ ବିଳମ୍ବରେ ପ୍ରବେଶ କଲ । ଏଥିପାଇଁ ଓଡ଼ିଶାର 'ତିନି ଭାଗୁଆଳୀ କାକୁଡି ବାଡ଼ି' ଅବସ୍ଥା ଦାୟୀ । ପ୍ରଥମତଃ ଆଜିର ଓଡ଼ିଶା ସେ ସମୟରେ ତିନୋଟି ପ୍ରଦେଶର ପ୍ରାନ୍ତଭାଗରେ ରହି କେନ୍ଦ୍ରର ଦୃଷ୍ଟିର ବହୁ ଦୂରରେ ଥିଲ । ଦ୍ୱିତୀୟତଃ, ଓଡ଼ିଶାରେ ଆଧୁନିକ ଶିକ୍ଷାର ପ୍ରସାର ଘଟିଲ ଖୁବ୍ ପରେ-୧୮୬୬ ଖ୍ରୀଷ୍ଟାବ୍ଦର ନ'ଅଙ୍କ ଦୁର୍ଭିକ୍ଷରେ ଦଶଲକ୍ଷ ମହାପ୍ରାଣର ଅବସାନ ଉତ୍ତାରୁ । ଏ ମର୍ମନ୍ତୁଦ ଘଟଣା ସାରା ପୃଥିବୀରେ ଏପରି ଚହଳ ପକାଇଥିଲ ଯେ ବ୍ରିଟିଶ୍ ଶାସନ ଏହାର କାରଣ ଅନୁସନ୍ଧାନ କରିବାକୁ ବାଧ୍ୟ ହୋଇଥିଲେ । ଗୋଟିଏ କାରଣ ସ୍ପଷ୍ଟ ଜଣା ପଡ଼ିଲ ଯେ ଆଧୁନିକ ଶିକ୍ଷା ନ ଥିବାରୁ ଲୋକେ ସେମାନଙ୍କ ଦୁର୍ଦ୍ଦଶା ସରକାରଙ୍କୁ ଜଣାଇ ପାରିଲେ ନାହିଁ ।"(୨) ତୃତୀୟତଃ, ଓଡିଶାରେ ମଧ୍ୟବିତ୍ତ ଶ୍ରେଣୀର ଲୋପ ମଧ୍ୟ ଏଥି ନିମନ୍ତେ ଦାୟୀ । ମଧ୍ୟବିତ୍ତ ଶ୍ରେଣୀ ହିଁ ସବୁ ସମୟରେ ସବୁ ଦେଶରେ ନେତୃତ୍ୱ ନେଇଥାନ୍ତି । ଏଣୁ କେବଳ ଶିକ୍ଷା ଓ ଅର୍ଥନୀତି ଦୃଷ୍ଟିରୁ ଓଡ଼ିଶା ପଛେଇ ଗଲ ନାହିଁ, ସମାଜ ସଂସ୍କାରର ପ୍ରବାହ ମଧ୍ୟ କ୍ଷୀଣ ଧାରାରେ ପ୍ରବାହିତ ହେଉଥିଲ । ଫକୀରମୋହନ, ମଧୁସୂଦନଙ୍କ ଭଳି ଅଳ୍ପ କେତେଜଣ ସମାଜ ସଂସ୍କାର ଦିଗରେ ଆଗ୍ରହୀ ଥିଲେ ମଧ୍ୟ ସାଧାରଣ ସ୍ତରରେ ଏହା କାର୍ଯ୍ୟକାରୀ ହୋଇ ପାରି ନ ଥିଲ । ଓଡ଼ିଶାରେ ବ୍ରାହ୍ମଧର୍ମ ଯେ ସାମାନ୍ୟ ସ୍ଥାନ ପାଇଥିଲ, ତାହା ମଧ୍ୟ ଦେବେନ୍ଦ୍ର ନାଥ ଓଡ଼ିଶାରେ ଥିବା ତାଙ୍କର ବିସ୍ତୃତ ଜମିଦାରୀକୁ ଆସୁଥିବା ଯୋଗୁଁ । ସାହିତ୍ୟରେ ଯେଉଁ ସାମାନ୍ୟ ସଂସ୍କାରବାଦୀ ଚେତନା ପ୍ରକାଶ ପାଇଥିଲ ତାକୁ କୁ-ସଂସ୍କାର ବିରୋଧରେ ଅଭିଯାନ ବୋଲି କୁହାଯାଇ ପାରିବ ନାହିଁ । ଗଙ୍ଗାଧରଙ୍କ ସାହିତ୍ୟରେ ଜାତୀୟ ଗର୍ବର ଯାହା କିଛି ସୂଚନା ମିଳେ । ଅନ୍ୟଥା ରାଧାନାଥଙ୍କ ପ୍ରକୃତି ଚିତ୍ରଣକୁ ଛାଡ଼ି ଦେଲେ ସେ ସମୟର କେହି ଲେଖକ ଜାତୀୟତା ପ୍ରବାହକୁ ଅନୁଭବ କରୁଥିବା ପରି ଜଣାଯାଏ ନାହିଁ । ଜାତୀୟତା ସ୍ୱଦେଶର ବନ୍ଦନା ମାତ୍ର ନୁହେଁ, ଯାହା ରାଧାନାଥଙ୍କ ରଚନାରେ ମିଳେ,



Digitized by PPRACHIN, SOA

ସ୍ୱଦେଶକୁ ବିଦେଶୀ ଶାସନରୁ ଉଦ୍ଧାରର ଭାବ ହିଁ ଜାତୀୟତା । ସେ ଭାବରେ ଓଡ଼ିଆ ଜାତିର ଅବସ୍ଥା ଥିଲା ଏହିପରି ସଙ୍କଟ-ଜନକ ।

ମାତ୍ର ନିଜକୁ ଯେତେ ପ୍ରାଚୀର ବେଷ୍ଟିତ କଲେ ମଧ୍ୟ ନାନା ସୂତ୍ରରେ ଭାରତୀୟ ଭାବଧାରା ଓଡ଼ିଶାରେ ପ୍ରବେଶ କଲା । ଖ୍ରୀ ୧୮୬୬ ପରେ ଶିକ୍ଷା ପ୍ରସାର ଦିଗରେ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରାହେଲା, ସେଥିରେ ବହୁ ଜାତୀୟତାବାଦୀ ବଙ୍ଗାଳୀ ଶିକ୍ଷକ ଓଡ଼ିଶାର ସ୍କୁଲ ମାନଙ୍କୁ ଆସିଲେ । ବିଂଶ ଶତାବ୍ଦୀର ପ୍ରଥମ ପାଦରେ ବଙ୍ଗ ବାସୀ ବୈପ୍ଳବିକ ଭାବଧାରାକୁ ନିଜ ରକ୍ତ ମାଂସରେ ମିଶାଇ ଦେଇଥିଲେ । ସେମାନେ ଶିକ୍ଷା ମାଧ୍ୟମରେ ସ୍ୱାଧୀନତାର ଭାବଧାରା ସୃଷ୍ଟି କରୁଥିଲେ । ପଣ୍ଡିତ ନୀଳକଂଠ ନିଜ ଆତ୍ମ ଜୀବନୀ'ରେ ଏଭଳି ଦୁଇଜଣ ଶିକ୍ଷକଙ୍କ ନାମୋଲ୍ଲେଖ କରିଛନ୍ତି । ଏଇ ପୃଷ୍ଠ ଭୂମିରେ ହିଁ ଉପରୋକ୍ତ ନବୀନ-ଯୁବକଙ୍କ ପ୍ରତିଜ୍ଞାର ବିଗ୍ଭର କରାଯିବା ଉଚିତ୍ । ନଚେତ୍ ଏ ଶପଥର ବାସ୍ତବ ମୂଲ୍ୟାଙ୍କନ ସମ୍ଭବ ହେବ ନାହିଁ ।

## ମଧୁବାବୁ ନୁହନ୍ତି ବିପ୍ଳବାତ୍ମକ ଜାତୀୟତାବାଦ ଏ ପ୍ରତିଜ୍ଞାର ପ୍ରସୂତି କେନ୍ଦ୍ର :

ସତ୍ୟବାଦୀର ବକୁଳ ଛୁରିଅନା ଉପବନର ବିଖ୍ୟାତ ମୁକ୍ତ ଶିକ୍ଷାୟତନ ଥିଲା ଏ ପ୍ରତିଜ୍ଞାର ପ୍ରଥମ ଉଲ୍ଲେଖ – ଯୋଗ୍ୟ କାଳଜୟୀ ଫଳଶ୍ରୁତି । ମଧୁସୂଦନ ଦାସଙ୍କ ପ୍ରଭାବରେ ପ୍ରଭାବିତ ହୋଇ ଗୋପବନ୍ଧୁ, ନୀଳକଣ୍ଠ ସତ୍ୟବାଦୀ ବିଦ୍ୟାଳୟ ପ୍ରତିଷ୍ଠା କରିଥିବାର ଭ୍ରମ ଧାରଣା କାହାରି କାହାରି ରହିଛି । ମାତ୍ର ପୂର୍ବୋଲ୍ଲିଖିତ ପ୍ରତିଜ୍ଞା କୁଳବୃଦ୍ଧଙ୍କ ଖ୍ୟାତିର ପୂର୍ବବର୍ତ୍ତୀକାଳୀନ । ମଧୁବାବୁ ଥିଲେ ଗୋଖ୍‌ଲେଙ୍କ ଭଳି ଜଣେ ମଡ୍‌ରେଟ୍–ଇଂରେଜ ଶାସନରେ ବିଶ୍ୱାସୀ ଓ ସେହି ଶାସନର ଛତ୍ରଛାୟା ତଳେ ଦେଶର ସର୍ବାଙ୍ଗୀନ ଉନ୍ନତି ସାଧନର ପକ୍ଷପାତୀ । ଉତ୍କଳ ସମ୍ମିଳନୀରେ ଗୋପବନ୍ଧୁ ଯୋଗ ଦେଇଥିଲେ, ଏହାର ଏକ ଅଧିବେଶନରେ ସଭାପତିତ୍ୱ ମଧ୍ୟ କରିଥିଲେ; ଯାହାହେଉ, କିନ୍ତୁ ସତ୍ୟବାଦୀ ବନ ବିଦ୍ୟାଳୟ ସ୍ଥାପିତ ହୋଇଥିଲା, ସରକାରୀ ଚାକିରୀ କରିବେ ନାହିଁ ବୋଲି ସିଦ୍ଧାନ୍ତ କରି ଦେଶ ସେବାର ବ୍ରତ ଗ୍ରହଣ କରିଥିବା ଯୁବକ ମାନଙ୍କୁ ନେଇ ।



Digitized by PPRACHIN, SOA

ଏପରି ସିଦ୍ଧାନ୍ତ ସେ ସମୟର ପରିସ୍ଥିତିରେ ସମ୍ପୂର୍ଣ୍ଣ ବୈପ୍ଲବିକ । ସାମାନ୍ୟ ବିଶ୍ଳେଷଣ କଲେ ଜଣାଯିବ, ଏ ପଛରେ ମଧ୍ୟ ଥିଲା ଛାତ୍ରମାନଙ୍କ ଉପରେ ସେ ସମୟର ଶିକ୍ଷକମାନଙ୍କର ନୈତିକ ପ୍ରଭାବ ଓ ସେ ହିସାବରେ ଏଇ ଯୁବକମାନେ ଛାତ୍ରମାନଙ୍କ ଦ୍ୱାରା ଦେଶରେ ବୈପ୍ଲବାତ୍ମକ ପରିବର୍ତ୍ତନ ଆଣି-ପାରିବାର ଆଶା । ତେଣୁ ବୈପ୍ଲବାତ୍ମକ ଜାତୀୟତାବାଦ ହିଁ ସତ୍ୟବାଦୀ ବନ ବିଦ୍ୟାଳୟର ଯଥାର୍ଥ ପ୍ରସୂତୀ କେନ୍ଦ୍ର ।

## ସତ୍ୟବାଦୀ ବନବିଦ୍ୟାଳୟ ସାଧାରଣ ବିଦ୍ୟାଳୟଟିଏ ମାତ୍ର ନୁହେଁ :

ଏହି ବନବିଦ୍ୟାଳୟ ଅନ୍ୟାନ୍ୟ ବିଦ୍ୟାଳୟଠାରୁ ତଫାତ୍ ଥିଲା ଗୁଣାତ୍ମକ ଭାବରେ । ଆର୍ଯ୍ୟସମାଜ, ରବୀନ୍ଦ୍ରନାଥ ଓ ଅରବିନ୍ଦଙ୍କ ବୈଦିକ ଆଶ୍ରମ ଓ ଗୁରୁ-କୁଳ ପରିକଳ୍ପନା, ଗାନ୍ଧୀଙ୍କ ଆଶ୍ରମ ଜୀବନ ଓ ମୌଳିକ ଶିକ୍ଷାନୀତିଠାରୁ ଏହା ଥିଲା ଅଧିକ ବାସ୍ତବମୁଖୀ ଓ ଗଣତାନ୍ତ୍ରିକ । ଆମେ ଏବେ ବି ତାହାର ତାତ୍ପର୍ଯ୍ୟ ଉପଲବ୍ଧି କରିପାରିନାହୁଁ । ତାହାର ଆତ୍ମାକୁ ଦେଖିପାରିନାହୁଁ । ଏହି ଅନୁଷ୍ଠାନ ଆମର ପ୍ରାଚୀନ ପରମ୍ପରାର ପୃଷ୍ଠଭୂମିରେ ଆଧୁନିକ ଯୁଗର ଚାହିଦା ମେଣ୍ଟାଇବା ସଙ୍ଗେ ସଙ୍ଗେ ଏ ଦେଶବାସୀଙ୍କ ଆର୍ଥିକ ଓ ସାଂସ୍କୃତିକ ବିକାଶ ନିମନ୍ତେ ଉଦ୍ଦିଷ୍ଟ ଥିଲା । ବିଦ୍ୟାଳୟଟି ଭାରତୀୟ ସଂସ୍କୃତିର ପ୍ରବାହ ସହିତ ସମ୍ପର୍କ ରଖିଚାଲିଲା । ଏହାର ଉତ୍ସ ଥିଲା ଉପନିଷଦ୍ ଯୁଗର ଭାରତୀୟ ପରମ୍ପରା । ସେ ସମୟରେ 'ସତ୍ୟବାଦୀ' ପତ୍ରିକାରେ ଉପନିଷଦ୍‌ର ଉପାଖ୍ୟାନ-ମାନ ପ୍ରକାଶିତ ହେଉଥିଲା । ନୀଳକଂଠ ପାଶ୍ଚାତ୍ୟ ସଭ୍ୟତା ଦ୍ୱାରା ପ୍ରଭାବିତ ସମାଜ ଆଗରେ ଆର୍ଯ୍ୟଜୀବନର ଆଦର୍ଶ ଉପସ୍ଥାପନ କଲେ । ସେ ଥିଲେ ଉଚ୍ଚକୋଟୀର ଦାର୍ଶନିକ । ମାତ୍ର ଦାର୍ଶନିକ ମନୋବୃତ୍ତି ତାଙ୍କୁ ଭାବପ୍ରବଣ କରିନାହିଁ, କି ପୁନରୁତ୍‌ଥାନବାଦୀଙ୍କ ଭଳି ସେ ଅନ୍ଧ ଉତ୍ସାହରେ ମାତି ବାସ୍ତବତାଠାରୁ ଦୂରେଇ ଯାଇନାହାନ୍ତି । ସତ୍ୟବାଦୀ ବନବିଦ୍ୟାଳୟ ଥିଲା ମାନବଧର୍ମୀ, ନିର୍ଭୀକ, ଚରିତ୍ରବାନ, ଦେଶପ୍ରେମୀ, ସମାଜସେବୀ, ସ୍ୱାଧୀନ-ଚେତା, ଜ୍ଞାନାନ୍ୱେଷଣକାରୀ, ବଳିଷ୍ଠ, ଶିକ୍ଷିତ ଯୁବକ ଗୋଷ୍ଠୀ ଗଢ଼ିବାର ଅନୁଷ୍ଠାନ—"ମଣିଷଗଢ଼ା କାରଖାନା"(୩) ଭବିଷ୍ୟତ ଉତ୍କଳର ନେତୃତ୍ୱ ପାଇଁ ସତେ ଯେପରି ଏହି ବିଦ୍ୟାଳୟ ଥିଲା ଏକ ତାଲିମକେନ୍ଦ୍ର । ଏହିପରି ଏକ ବିଦ୍ୟାଳୟର ପ୍ରାଣପିଣ୍ଡ ଥିଲେ ଗୋପବନ୍ଧୁ । କିନ୍ତୁ ନୀଳକଂଠଙ୍କ କର୍ମନିଷ୍ଠା



Digitized by PPRACHIN, SOA

ଯାଙ୍କୁ ଆଗ୍ରର୍ଯ୍ୟ ହରିହର, ଗୋଦାବରୀଶ, କୃପାସିନ୍ଧୁ, ରାମଚନ୍ଦ୍ର ରଥ ଓ ବଡମ୍ବାର ରାଜଦ୍ରୋହୀ ନାରାୟଣ ସୁମନ୍ତ ପଟ୍ଟନାୟକ ଏବଂ ଆହୁରି ଅନେକଙ୍କ ସେବା ଓ ତ୍ୟାଗଥିଲା ଏହାର ପ୍ରଧାନପୁଞ୍ଜି । ପୁଣି, ପଣ୍ଡିତ ନୀଳକଣ୍ଠ ଥିଲେ ଏହିଭଳି ଏକ ଶିକ୍ଷାମନ୍ଦିରର ଅଧ୍ୟକ୍ଷ ଓ ପ୍ରକୃତ ରୂପକାର । (୪) ଅବଶ୍ୟ ଅନ୍ୟମାନଙ୍କ ଅବଦାନ ନଗଣ୍ୟ ନୁହେଁ । ମାତ୍ର ନେତୃତ୍ୱ ଓ ସଫଳତାର ଅସଲ ଗ୍ରବିକାଠି ଥିଲେ ନୀଳକଂଠ । ଏ ସଂକ୍ରାନ୍ତରେ ଗୋପବନ୍ଧୁଙ୍କୁ ମିଷ୍ଟର ଦାସ୍ (କୁଳବୃଦ୍ଧ ମଧୁସୂଦନ) ଯେତେବେଳେ ବିହ୍ୱଳିତ ହୋଇ କହିଥିଲେ, "ଗୋପବନ୍ଧୁ ନାଳନ୍ଦାଟାଏ ଗଢିଦେଲୁ ଓ ଉତ୍ତରରେ ଗୋପବନ୍ଧୁ "ମୁଁ ନୁହେଁ, ନୀଳକଂଠ" (୫) ବୋଲି କହିଥିଲେ, ସେ ଉତ୍ତର ଅଯଥାର୍ଥ ନ ଥିଲା କି ମଧୁବାବୁ ସତ୍ୟବାଦୀକୁ ନାଳନ୍ଦା ବିହାର ତୁଲ୍ୟ ଉଚ୍ଚାସନଦେବା ଅତିରଞ୍ଜିତ ବା ଅଯୌକ୍ତିକ ନ ଥିଲା ।

ପ୍ରାଚୀନ ଭାରତର ନାଳନ୍ଦାବିହାର ଓ ଏହାର ଆଗ୍ରର୍ଯ୍ୟମାନଙ୍କ ଦର୍ଶନ, ଜୀବନ ଯାପନାଦି ଯେଭଳି ସମଗ୍ର ବିଶ୍ୱ, ବିଶେଷକରି ଏସିଆ ମହାଦେଶର ଧର୍ମ, ଦର୍ଶନ, ସମାଜ, ରାଜନୀତି ଆଦିକୁ ପ୍ରଭାବିତ କରୁଥିଲା, ସତ୍ୟବାଦୀ ବନ ବିଦ୍ୟାଳୟ ଓ ଏହାର ଶିକ୍ଷକ ତଥା ରୂପକାରମାନଙ୍କ ସାହିତ୍ୟ ଚର୍ଚ୍ଚା ଜୀବନ ଧାରଣ କ୍ରିୟାକଳାପ ସମଗ୍ର ଭାରତର ନହେଲେ ମଧ୍ୟ ସମକାଳୀନ ଓଡ଼ିଶାର ସମାଜ, ସାହିତ୍ୟ, ରାଜନୀତି ଇତ୍ୟାଦିକୁ ବହୁମାତ୍ରାରେ ନିୟନ୍ତ୍ରଣ କରୁଥିଲା । "ବକୁଳ ଛୁରିଅନା କୁଞ୍ଜର କମନୀୟ ପ୍ରାକୃତିକ ବେଷ୍ଟନୀ ମଧ୍ୟରେ କିଛି କାଳ ପାଇଁ ଯେଉଁ ତପସ୍ୟା ଆରମ୍ଭ ହୋଇଥିଲା, ଭାଷା ଓ ସାହିତ୍ୟ ଗଠନ ଲାଗି ଯେଉଁ ବିରାଟ ଯୋଜନା ପ୍ରସ୍ତୁତ କରାଯାଇଥିଲା, ତାହା ଆଜି ସଂକୀର୍ଣ୍ଣ ସମ୍ବାଦ–ସାହିତ୍ୟ ମଧ୍ୟରେ ମୁଖ୍ୟତଃ ଆବଦ୍ଧ ହୋଇପଡ଼ିଥିଲେ ହେଁ ସମଗ୍ର ଦେଶକୁ ପ୍ରଭାବିତ କରିପାରୁଛି ।' (୬) "ବ୍ୟାସ, ବାଲ୍ମୀକି, ବଶିଷ୍ଠ ଆଦି ମୁନିଋଷିମାନେ ଜନବସତିର ବହୁଦୂରରେ ରହି, ମହାଭାରତୀୟ ସାହିତ୍ୟ, ଦର୍ଶନ ପ୍ରଭୃତି ଗଠନରେ ଯେପରି ବ୍ରତୀ ହୋଇ ପଡ଼ିଥିଲେ, ସେହିପରି 'ସତ୍ୟବାଦୀ ନାଳନ୍ଦା ବିହାର' ବା ଆଧୁନିକ ଉତ୍କଳର ନୈମିଷାରଣ୍ୟରେ ଯେଉଁ ତପସ୍ୱୀ ବୃନ୍ଦ ଦେଶ ମାତୃକାର ସେବାରେ ଜୀବନ ଉତ୍ସର୍ଗ କରି ମାତୃଭାଷାରେ କାବ୍ୟ, କବିତା, ଦର୍ଶନ ପ୍ରଭୃତି ରଚନା କରିବାରେ ଲାଗି ପଡ଼ିଥିଲେ, ତାହା ଏବେ ମଧ୍ୟ ଦେଶବାସୀଙ୍କ ପକ୍ଷରେ



Digitized by PPRACHIN, SOA

ଇତିହାସ ହୋଇନାହିଁ ।"(୭) ଏଭଳି ଏକ ଅନୁଷ୍ଠାନର ପ୍ରକୃତ ରୂପକାର ନୀଳକଂଠ "ନାଳନ୍ଦାର ଗୁରୁ" ରୂପେହିଁ ଅଭିହିତ ହେବାର କଥା । ଏହି ନାଳନ୍ଦାର ଗୁରୁ ଯେ କିଭଳି ଜଣେ ଆଦର୍ଶ ଶିକ୍ଷକ ଥିଲେ, ତାହା ଦେଖାଇ-ଦେବା ଏ ପୁସ୍ତକର ଲକ୍ଷ୍ୟ । ଆଦର୍ଶ ଶିକ୍ଷକ ରୂପେ ନୀଳକଂଠଙ୍କୁ ସୁପ୍ରମାଣ ଦର୍ଶାଇବା ପୂର୍ବରୁ ଏକ ସ୍ପଷ୍ଟିକରଣ ଦେବାର ଆବଶ୍ୟକତା ଅନୁଭବ କରୁଚି ।

ଓଡ଼ିଶାର ଜୀବନୀ ଲେଖକମାନଙ୍କର ଏକ ଗୁରୁତର ତ୍ରୁଟି ହେଉଛି, ସେମାନେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ବ୍ୟକ୍ତିତ୍ୱ ପ୍ରତି ଦୃଷ୍ଟି ନଦେଇ ସେମାନଙ୍କ କେତୋଟି ବାହ୍ୟ କାର୍ଯ୍ୟକୁ ଗୁରୁତ୍ୱ ଦେଇଆସୁଛନ୍ତି । ମଧୁବାରିଷ୍ଟର ଥିଲେ ତତ୍କାଳୀନ ଭରତର ଅନ୍ୟତମ ଶ୍ରେଷ୍ଠ ଚିନ୍ତାନାୟକ । ଖ୍ରୀ ୧୮୯୬ରୁ ଖ୍ରୀ୧୯୦୦ ପର୍ଯ୍ୟନ୍ତ ବ୍ୟବସ୍ଥା ସଭରେ ଶିକ୍ଷା ଓ କୃଷି ସମ୍ବନ୍ଧରେ ସେ ଯାହା କହିଥିଲେ, ଖ୍ରୀ ୧୯୩୩ରେ ଗାନ୍ଧୀଜି ତାହାହିଁ ପ୍ରଚ୍ଚର କଲେ । (୮) ଅଥଚ କୁଳବୃଦ୍ଧ ମଧୁବାବୁଙ୍କୁ ଉତ୍କଳଟ୍ୟାନେରୀରେ ଏବଯାଏ ସୀମାବଦ୍ଧ କରି ଦିଆଯାଇଥିଲା । ପଣ୍ଡିତ ଗୋପବନ୍ଧୁ ଓଡ଼ିଶାରେ ଏକ ନୂତନ ଯୁଗର ପ୍ରବର୍ତ୍ତକ । ମାତ୍ର, ତାଙ୍କୁ ରିଲିଫ୍ ଗ୍ଉଲ ବାର୍ଣ୍ଣିବାରେ ବାନ୍ଧି ଦିଆଯାଇଥିଲା । ଡଃ ମହତାବଙ୍କୀ ନୀଳକଂଠ ସ୍ମାରକୀ ବକ୍ତୃତାମାଳାରେ ଏ ଦିଗରେ ସ୍ପଷ୍ଟମତ ବ୍ୟକ୍ତ କରିଚନ୍ତି । ନୀଳକଂଠଙ୍କ ଦଶା ମଧ୍ୟ ତଦ୍ରୂପ । କେତେକେ ତାଙ୍କୁ ଖଣ୍ଡିତ ଭବେ ଦେଖାଇଦିଅନ୍ତି—ଏ ରାଜନୀତିଜ୍ଞ, ଏ ସାହିତ୍ୟିକ, ଏ ଶିକ୍ଷକ ବା ଏ ସଂସ୍କାରକ ନଳକଂଠ । ମାତ୍ର, ମନେ ରଖିବାକୁ ହେବ ବ୍ୟକ୍ତିତ୍ୱ ଏକ ସୁରଭିତ ପ୍ରସୂନ ଓ ସେଇଟି ସର୍ବଦା ସଦ୍ୟ । ତାହାର ପାଖୁଡ଼ା ଗୁଡ଼ିକ ସୌରଭରେ ଭରା । ଗୋଟିଏ ପାଖୁଡ଼ା ଛିନ୍ନ କରିଦେଲେ ସେ ପୁରା ସୌରଭ ଅବଶ୍ୟ ମିଳିବନାହିଁ, ବଂର ପ୍ରସୂନଟି ବିକଳାଙ୍ଗ ଦିଶିବ । ବ୍ୟକ୍ତିତ୍ୱ ଏକ ସମନ୍ୱିତ ବିକାଶ, ଅଖଣ୍ଡ ସତ୍ତା । ଏହାର ମୂଲ୍ୟାୟନ ଯେଉଁ ଭବେ କରଯାଉନା କାହିଁକି, ସେଥିପାଇଁ ଖଣ୍ଡିତ ଉଦ୍ୟମ ଓ ବ୍ୟକ୍ତିତ୍ୱର ବିଭଜନ ସର୍ବଥା ଅସ୍ୱାଭବିକ ଅପ୍ରାସଙ୍ଗିକ ଓ ସୁସ୍ଥ ବିଗ୍ରରଧାରାର ବହୁ ଦୂରରେ ପୁଣି, ବ୍ୟକ୍ତି ବିଶେଷର ଦୋଷ ବା ଗୁଣ ପରିସ୍ଥିତି ବିଶେଷରେ ପ୍ରକାଶିତ ହୁଏ ବା ସୁପ୍ତ ରହିଥାଏ । ବେଳେବେଳେ ନିର୍ଦ୍ଦୟ ଡ଼କାୟତଠାରେ ମଧ୍ୟ ମାନବ ସୁଲଭ ମହାନ ଗୁଣାବଳୀର ସ୍ଫୁରଣ ଘଟେ । ଗାନ୍ଧୀଙ୍କୀ ବି ବାଲ୍ୟ ବୟସରେ ମିଥ୍ୟା କହିଥିଲେ ବୋଲି ନିଜେ କହିଚନ୍ତି । ଏହା ବୋଲି ଡକାୟତ



Digitized by PPRACHIN, SOA

ମହାତ୍ମା ହୋଇପାରିବ ନାହିଁ, କି ଗାନ୍ଧୀଜୀ ମିଥ୍ୟାବାଦୀ ଆଖ୍ୟା ଅର୍ଜନ କରି ନାହାନ୍ତି । ବ୍ୟକ୍ତି ଜୀବନର ଉଦୟ, ମଧ୍ୟାହ୍ନ ଓ ଅସ୍ତକାଳୀନ ସମସ୍ତ ସମୟରେ ଯେଉଁ ଦୋଷ ବା ଗୁଣ ଗୁଡ଼ିକର ପ୍ରବହମାନତା ସମାନଭବେ ଉପଲବ୍ଧ ହୁଏ, ତାକୁ ନେଇହିଁ ବ୍ୟକ୍ତିତ୍ୱର ମୂଲ୍ୟାୟନ କରାଯିବା ଉଚିତ । ଏହି ଭିତ୍ତିଭୂମି ଉପରେ ଜଣେ ଆଦର୍ଶ ଶିକ୍ଷକ ଭବେ ନୀଳକଂଠଂକର କଳନା ସଂସିତ ପୁସ୍ତକର ଲକ୍ଷ୍ୟ ହେତୁ ପଣ୍ଡିତଜୀଙ୍କ ଶିକ୍ଷକ ଜୀବନରେ ପୂର୍ବବର୍ତ୍ତୀ ବା ପରବର୍ତ୍ତୀ କେତେକ ଘଟଣାର ଉଲ୍ଲେଖ ମଧ୍ୟ ଅପ୍ରାସଙ୍ଗିକ ହେବନାହିଁ ।

## ୨. ଆଦର୍ଶ ଶିକ୍ଷକ କିଏ ?

ଆଦର୍ଶ ଶିକ୍ଷକ ଭବେ ନୀଳକଂଠଂକ ମୂଲ୍ୟାଙ୍କନ କଲାବେଳେ ସ୍ୱତଃ ପ୍ରଶ୍ନଉଠେ, ଆଦର୍ଶ ଶିକ୍ଷକ ବୋଇଲେ କ'ଣ ବୁଝାଏ ? କି କି ଗୁଣ ଥିଲେ ଜଣକୁ ଆଦର୍ଶ ଶିକ୍ଷକ ବୋଲଯାଇପାରିବ । ଅବଶ୍ୟ ଏ ଦିଗରେ ବିତର୍କର ଅନ୍ତ ନାହିଁ କି ଦୃଷ୍ଟି ଭଙ୍ଗୀରେ ହୁଏତ ଐକ୍ୟ ନାହିଁ । ସାମ୍ୟ ଅପେକ୍ଷା ବୈଷମ୍ୟ ବରଂ ଅଧିକ । ତେଣୁ, ଏଠାରେ ଏ ନେଇ ବିଭିନ୍ନ ପଣ୍ଡିତ ଓ ତଦ୍‌ବିଦଙ୍କ ମତବାଦର ଆଲୋଚନା ଅପେକ୍ଷା ସେ ସବୁର ସାରମତ ସାର ନିର୍ବାଚନ ଓ ସୂକ୍ଷମ ସନ୍ତୁଳନ ଭିତ୍ତିରେ ନିଜସ୍ୱ ଧାରାରେ ଅବତାରଣା ସମୁଚିତ ମନେହୁଏ । ଏଠି ମନେରଖିବାକୁ ହେବ ଯେ ବିଦ୍ୟାଳୟର ଶିକ୍ଷକ ଜଣେ ବେତନଭୋଗୀ କର୍ମଚାରୀ ମାତ୍ର ନୁହନ୍ତି । (ପଣ୍ଡିତ ନୀଳକଂଠ ପୁଣି ଏଥିରୁ ବହୁ ଉର୍ଦ୍ଧ୍ୱରେ ।) ବିଦ୍ୟାଳୟରେ ଜାତିର ଭବିଷ୍ୟତ ଗଢ଼ାଯାଏ । ଏହା ବାସ୍ତବରେ ଏକ ମଣିଷ ତିଆରି କାରଖାନା । ଏ ଦୃଷ୍ଟିରୁ ଶିକ୍ଷକ ହେଉଚନ୍ତି, ଜାତିର ଭବିଷ୍ୟତ ଗଠନକର୍ତ୍ତା, ନିୟନ୍ତା । ଏଣୁ ଉତ୍ତମ ଜାତିଗଠନ ନିମିତ୍ତ ଆବଶ୍ୟକୀୟ ଉପାଦାନ, ଯଥା—କର୍ତ୍ତବ୍ୟନିଷ୍ଠା, ଅଧ୍ୟବସାୟ, ଶୃଙ୍ଖଳା, ଜ୍ଞାନ, ସଂଯମ, ଧୈର୍ଯ୍ୟ, ନେତୃତ୍ୱ, ତ୍ୟାଗ, ସାରଲ୍ୟ, ଅକୁତୋଭୟତା, ଜ୍ଞାନପିପାସା, ଜିଜ୍ଞାସା, ସତ୍ୟନିଷ୍ଠା, ଆତ୍ମବିଶ୍ୱାସ, କୃତଜ୍ଞତା ପ୍ରାଚୀନ ସୁସ୍ଥପରମ୍ପରା ପ୍ରତିମାନ୍ୟତା, କୁସଂସ୍କାର ବିରୁଦ୍ଧରେ ବିଦ୍ରୋହ ମନୋଭବ ବା ସଂସ୍କାର ଚେତନା । ଜାତିପ୍ରୀତି ପ୍ରଗତିଶୀଳ ଚିନ୍ତାଧାରା ଇତ୍ୟାଦି ଜଣେ ଆଦର୍ଶ ଶିକ୍ଷକଙ୍କଠାରେ ରହିବା ଏକାନ୍ତ ଆବଶ୍ୟକ । କାରଣ, 'ଯଥା ରାଜା ତଥା ପ୍ରଜା' ନ୍ୟାୟରେ ଶିକ୍ଷକଙ୍କ ଆଦର୍ଶ ଚରିତ୍ର ଓ ଗୁଣାବଳୀର ପ୍ରତିଫଳନ ହୁଏ ଛାତ୍ରମାନଙ୍କଠାରେ ଏବଂ ପ୍ରକାରନ୍ତରେ ଜାତି



Digitized by PPRACHIN, SOA

ବା ଦେଶର ଚରିତ୍ରରେ । ପଣ୍ଡିତ ନୀଳକଂଠଂକଠାରେ ଏହିଭଳି ବହୁ-ସୁଗୁଣର ସମାବେଶ ଦେଖିବାକୁ ମିଳେ । ନିମ୍ନରେ ଏହା ସପ୍ରମାଣ ଦର୍ଶାଇଦିଆଯିବ ।

## ନୀଳକଂଠଂକ କର୍ତ୍ତବ୍ୟନିଷ୍ଠା ଓ ଅଧ୍ୟବସାୟ :

କର୍ତ୍ତବ୍ୟନିଷ୍ଠା ଓ ଅଧ୍ୟବସାୟ ପରସ୍ପର ପରିପୂରକ । କର୍ତ୍ତବ୍ୟରେ ନିଷ୍ଠା ନ ଥିଲେ ଅଧ୍ୟବସାୟ ଆସିବ କାହୁଁ ? ଅଧ୍ୟବସାୟର ଗଭୀରତାରୁ କର୍ତ୍ତବ୍ୟ ପ୍ରତି ନିଷ୍ଠା ଜଣାଯାଏ । କର୍ତ୍ତବ୍ୟନିଷ୍ଠ ଅଧ୍ୟବସାୟୀ ହେବାକୁ ବାଧ୍ୟ । ଯେ କୌଣସି କ୍ଷେତ୍ରରେ ଆଦର୍ଶ ହେବାକୁ ହେଲେ ଏ ଦୁଇଟିର ଆବଶ୍ୟକତା ଅନସ୍ବୀକାର୍ଯ୍ୟ, ଅପରିହାର୍ଯ୍ୟ । ଆଦର୍ଶ ଶିକ୍ଷକ ମଧ୍ୟ ଏ ନିୟମର ବ୍ୟତିକ୍ରମ ହୋଇ ପାରନ୍ତି ନାହିଁ । କହିବା ବାହୁଲ୍ୟ, ଏ ଦୁଇଟି ମହାନ୍ ଲକ୍ଷଣ ପଣ୍ଡିତ ନୀଳକଂଠଙ୍କର ଜନ୍ମଗତ କଳା । ସେ କ୍ଷମତା ଯେପରି ଜାହିର କରୁଥିଲେ, ଦାୟିତ୍ୱ ମଧ୍ୟ ସେହିପରି ମୁଣ୍ଡାଉଥିଲେ । ୯ ।

ଯେତେବେଳେ ନୀଳକଣ୍ଠ ସତ୍ୟବାଦୀ ବନ ବିଦ୍ୟାଳୟର ଅଧ୍ୟକ୍ଷ ପଦ ଗ୍ରହଣ କଲେ, ସେତେବେଳେ ଦେଖିଲେ ଯେ, ଶିକ୍ଷକ ମାନଙ୍କର ଅଧ୍ୟାପନା ପରିଦର୍ଶନ କରିବାକୁ ହେଲେ ତାଙ୍କୁ ସଂସ୍କୃତ ବ୍ୟାକରଣ ତଥା ସାହିତ୍ୟରେ ପାରଦର୍ଶିତା ଲଭ କରିବାକୁ ହେବ । ନଚେତ୍ ପଣ୍ଡିତ ମହାଶୟ ଠିକ୍ ଭବରେ ପାଠ ପଢ଼ାଉଛନ୍ତି କି ନାହିଁ, ସେ ଜାଣି ପାରିବେ ନାହିଁ । ଏହି କଥା ଯେଉଁ ମୁହୂର୍ତ୍ତରେ ସେ ଉପଲବ୍‌ଧି କଲେ, ସେହି ମୁହୂର୍ତ୍ତରୁ ଗଭୀର ନିଷ୍ଠାର ସହ ସଂସ୍କୃତ ଶିକ୍ଷାରେ ମନ ଦେଲେ । ଶୁଣାଯାଏ, ପରିଣତ ବୟସରେ ମଧ୍ୟ ନୀଳଂକଣ୍ଠ 'ସିଦ୍ଧାନ୍ତ କୌମୁଦୀ' ଭଳି ଏକ ବ୍ୟାକରଣ ଗ୍ରନ୍ଥକୁ ଆୟତ୍ତ କରିଥିଲେ । ୧୦ । ତାଙ୍କର ସଂସ୍କୃତ ଜ୍ଞାନ କାହାକୁ ଅଜଣା ନୁହେଁ । ଏ ସମ୍ପର୍କରେ ବହୁ କଥା ଶୁଣାଯାଏ । ମାତ୍ର ସେ ସମସ୍ତ ଆଲୋଚନାର ସ୍ଥଳ ଏ ନୁହେଁ । ତେବେ ଶ୍ରୀ ଲକ୍ଷ୍ମଣ ମିଶ୍ରଙ୍କର ପ୍ରବନ୍ଧ ଏହାର ଯଥେଷ୍ଟ ସୂଚନା ଦିଏ । ୧୧ । ପଣ୍ଡିତଜୀଙ୍କ ପୁତ୍ର ଡଃ ବିକ୍ରମ ଦାସ ମଧ୍ୟ "ମୋ ନନାଙ୍କ ଦେଶ" ପୁସ୍ତକରେ ଲେଖିଛନ୍ତି– "ଆର୍ତ୍ତବାବୁ (ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି) ତା ୨୮ । ୧୧ । ୪୩ ରିଖ ଦିନ 'ନବଭରତ' ପ୍ରେସକୁ ନନାଙ୍କ ସଙ୍ଗେ କ'ଣ ଆଲୋଚନା ଲଗି ଆସିଥିଲେ । × × × ଆର୍ତ୍ତବାବୁ ଓ ନନାଙ୍କର ସାହିତ୍ୟ ଚର୍ଚ୍ଚା ଗ୍ଲିଲ୍ଲ । × × × ସଂସ୍କୃତ ସାହିତ୍ୟ ଓ ଓଡ଼ିଆ



Digitized by PPRACHIN, SOA

ସାହିତ୍ୟରୁ ତୁଳନାତ୍ମକ ଆଲୋଚନା ହେଲବେଳେ ପୁରାତନ ସଂସ୍କୃତ କବି ଶ୍ରୀହର୍ଷ ପ୍ରଭୃତିଙ୍କ ଲେଖାରୁ ସେ ଦୃଷ୍ଟାନ୍ତ ଦେଇ ଯାହା କହୁଥାନ୍ତି, ନନାଙ୍କୁ ସେ ସବୁ ଜଣାଥାଏ । ସେ ବହିରୁ ଦୃଷ୍ଟାନ୍ତ ସବୁ ବୋଲିବା ବେଳେ ନନା ସେହି ବହିରୁ ଶ୍ଳୋକ ସବୁ ବୋଲି ଉଦାହରଣ ଦେଇ ତାଙ୍କର ମନ୍ତବ୍ୟ ଅନାୟାସରେ ଉପସ୍ଥାପିତ କରି ପାରୁଥାନ୍ତି ।

ଆଲୋଚନା ପରେ ଆର୍ତ୍ତବାବୁ ଆଶ୍ଚର୍ଯ୍ୟ ବ୍ୟଞ୍ଜକ ସ୍ୱରରେ କହିଲେ "ହଇଓ ନୀଳକଂଠ ଦାସେ, ତୁମେ ତ ସଂସ୍କୃତ ଟୋଲକୁ ଖଡ଼ି ନେଇନ, ମୁଁ ତ ଦୁଇଯୁଗ ଧରି ଏସବୁ ବହି ପଢ଼ିବାରେ ଲଗିଚି, ଏ ସବୁ ପଢ଼ିବାକୁ ତୁମକୁ କେତେ ସମୟ ଲାଗି ନ ଥିବ ? କିନ୍ତୁ ତୁମର ସମୟ କାହିଁ ? ଏ ସବୁ କେତେବେଳେ ପଢ଼ିଲ ?"

ନନା ଉତ୍ତର ଦେଲେ, '୧୯୧୧ ମସିହାରେ ମାସଟିଏ ମାତ୍ର ସେ ସବୁ ପଢ଼ିଥିଲି । ତାପରେ ସେସବୁ ପୁସ୍ତକ ଗୁଡ଼ିକ ସହିତ ଦେଖା ହେବାର ସମୟ ମୁଁ ପାଇନାଇ ।' ଏଭଳି ସ୍ୱଳ୍ପ ସମୟ ଭିତରେ ଏ ବିସ୍ତର ଜ୍ଞାନ ଲଭ ପାଇଁ ନୀଳକଂଠଙ୍କୁ କି କଠୋର ସାଧନା କରିବାକୁ ପଡ଼ିଥିବ, ତାହା ସହଜେ ଅନୁମେୟ । କର୍ତ୍ତବ୍ୟରେ ନିଷ୍ଠା ଓ ଗଭୀର ଅଧ୍ୟବସାୟ ନ ଥିଲେ କଣ ଏହା ସମ୍ଭବ ?

ସେ ସତ୍ୟବାଦୀ ବନବିଦ୍ୟାଳୟର ଅଧ୍ୟକ୍ଷ ଥିବା ସମୟରେ ଆଉ ଏକ ଘଟଣାରୁ ଏ ଦୁଇଟି ଗୁଣ ତାଙ୍କଠାରେ ଥିବାର ସୂଚିତ ହୁଏ । ଉକ୍ତ ବିଦ୍ୟାଳୟ ପାଟନା ବିଶ୍ୱବିଦ୍ୟାଳୟର ମଞ୍ଜୁରୀ ପାଇବ କି ନାହିଁ, ଠିକ୍ କରିବା ଲଗି ରେଭେନ୍‌ସା କଲେଜର ତତ୍କାଳୀନ ଅଧ୍ୟକ୍ଷ ଲମ୍ବର୍ଟ ସାହେବ ସତ୍ୟବାଦୀ ବିଦ୍ୟାଳୟ ପରିଦର୍ଶନ କଲବେଳେ ସେଠାରେ ଲାଇବ୍ରେରୀ ମଧ୍ୟ ଦେଖିଥିଲେ । ପଣ୍ଡିତ ନୀଳକଂଠ ତାଙ୍କ ସହିତ ରହି ଲାଇବ୍ରେରୀର ପ୍ରତ୍ୟେକ ବହିର ନାଁ କହିବା ସଙ୍ଗେ ସଙ୍ଗେ ଉକ୍ତ ବହିର ସାରମର୍ମ ମଧ୍ୟ କହିଦେଉଥିଲେ । ଏଥିରେ ଲମ୍ବର୍ଟ ସାହେବ ଯୁଗପତ୍ ବିସ୍ମିତ ଓ ମୁଗ୍‌ଧ ହୋଇଥିଲେ । ସେ କହିଥିଲେ, "ତୁମେମାନେ ତ୍ୟାଗୀ ଲୋକ, ତୁମର ସାଧନା ଅସୀମ । ଏହା କ'ଣ ତୁମର ଉତ୍ତରାଧିକାରୀମାନେ ଦେଖାଇ ପାରିବେ ?" (୧୩) ଆଉ କେତେଜଣ ପ୍ରଧାନଶିକ୍ଷକ ନିଜ ବିଦ୍ୟାଳୟ ପାଇଁ, ଆପଣାର ପ୍ରିୟ ଛାତ୍ରମାନଙ୍କର ଶିକ୍ଷାର ବିକାଶ ଲଗି ଏପରି କଷ୍ଟ



Digitized by PPRACHIN, SOA

ସ୍ୱୀକାର କରିଛନ୍ତି ? କୃଚ୍ଛ୍ର ସାଧନା ପଥର ଯାତ୍ରୀ ହୋଇଛନ୍ତି ? କେଉଁଠାଣି ଅବା ଇଂଲଣ୍ଡର ରୁଗବି ସ୍କୁଲର ସ୍ୱାର୍ଥତ୍ୟାଗୀ ହେଡ୍‌ମାଷ୍ଟର ଥମାସ୍ ଆର୍ନଲ୍‌ଡ୍ ଏ ଧରଣର ଜଣେ ଶିକ୍ଷକ ହୋଇପାରନ୍ତି !

ନୀଳକଂଠ ଏକାଧାରରେ ଥିଲେ ବନବିଦ୍ୟାଳୟର ଅଧ୍ୟକ୍ଷ ଓ ଛାତ୍ରାବାସର ତତ୍ତ୍ୱାବଧାରକ । ଏଣୁ, କେବଳ ବିଦ୍ୟାଳୟର ବିକାଶ ନୁହେଁ, ପ୍ରତ୍ୟେକ ଛାତ୍ରର ଆତ୍ମିକ ଉନ୍ନତି ସହ ମଧ୍ୟ ସେ ସମ୍ପୃକ୍ତ ଥିଲେ । ତାଙ୍କର ପ୍ରତିଟି ମୁହୂର୍ତ୍ତ ଏଥିପାଇଁ ବ୍ୟୟିତ ହେଉଥିଲା । ନୀଳକଂଠଙ୍କ ନିଜ ଭାଷାରେ, "ମୁଁ ଚବିଶ ଘଂଟା ସ୍କୁଲର ପିଲାଂକ କାମ ଦେଖୁଥିଲି ଓ କରୁଥିଲି । ଏପରିକି କୌଣସି କୌଣସି ପିଲାକୁ ଘେନି ବିଲରେ Arm Chair ପକାଇ ଲଂଠନ ରଖି ଗ୍ରହ ମାନଚିତ୍ର ଧରି ତାରା, ଗ୍ରହ-ମାନଙ୍କର ଗତି, ଗ୍ରହର ଅତିଗ୍ରହ ପର୍ଯ୍ୟନ୍ତ ବୁଝାଇ ଦେଖାଉଥିଲି । × × × ସ୍କୁଲର ଛୁରିଅନା ଗଛରୁ କେହି ଗୋଟିଏ ପତ୍ର ଛିଣ୍ଡାଇଲେ ଜବତ କରୁଥିଲି । ପିଲାମାନେ ଶୋଇବା ପରେ ରାତିରେ ଲୁଚିଛପି ସେମାନଙ୍କ ଗଳ୍ପଶୁଣି ତହିଁ ଆରଦିନ ସନ୍ଧ୍ୟାବେଳେ ବ୍ଲକ୍ ମିଟିଂଗ୍‌ରେ ପିଲାମାନଙ୍କ ଆଗେ ତାହା ରହସ୍ୟରେ ପ୍ରକାଶ କରି ସେମାନଙ୍କୁ ଲଜ୍ଜିତ କରୁଥିଲି" । ଏହିପରି ବୋଡିଂରେ ରହି ଦିନର ଚବିଶ ଘଂଟା କେବଳ ପିଲାଙ୍କ କାର୍ଯ୍ୟରେ ସେ ମନ ଦେଉଥିଲେ । (୧୪) କି ତ୍ୟାଗ ! କି କର୍ତ୍ତବ୍ୟ ନିଷ୍ଠା !! ଏଥିପାଇଁ କେତେ ପରିଶ୍ରମ !!! ଏ ପରିଶ୍ରମ ଯୋଗୁଁ ପଣ୍ଡିତଙ୍କୁ ବେଳେ ବେଳେ ଦୂର ଗ୍ରାମରୁ ନିମନ୍ତ୍ରଣ ଖାଇ ଆସିବା ବାଟରେ ବିଲମାଳ ଟେକାରେ ଶୋଇ ପଡ଼ିବାକୁ ହେଉଥିଲା । (୧୫) ଏହି ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତାର ପ୍ରମାଣ ବହନ କରନ୍ତି ନୀଳକଂଠଙ୍କ ରଚିତ, "A hand book of model drawing" ଓ "ଉଦ୍ଭିଦ ରହସ୍ୟ" ।

**A hand book of model drawing—**

ସେ ସମୟରେ ମାଇନର୍ କ୍ଲାସରେ ମଡେଲ ଡ୍ରଇଁ ପରୀକ୍ଷା ହେବାର ଗୋଟିଏ ବିଭାଗୀୟ ବ୍ୟବସ୍ଥା ଥିଲା । ଏହା ଶିଖିବା ପାଇଁ ତାଙ୍କୁ କଟକ ନର୍ମାଲ୍ ସ୍କୁଲକୁ ପଠାଇବାକୁ ଦିନେ ସ୍କୁଲର ହେଡ୍ ପଣ୍ଡିତ ନୀଳକଂଠଂକୁ ଅନୁରୋଧ କଲେ । ଏହାଶୁଣି ନୀଳକଂଠ ନିଜେ ତାହା ଶିଖାଇ ଦେବେ ବୋଲି କହି ତା'ପରେ ଚକ୍ଷୁବିଜ୍ଞାନ (Optics) ସମ୍ବନ୍ଧୀୟ ବହି ମଗାଇ ସେହି ବହିରୁ ଦେଖି ଦେଖି ପନ୍ଦରଟି ପାଠ ପ୍ରସ୍ତୁତ କଲେ । ଫଳରେ ଛାତ୍ରମାନେ ଭଲ



Digitized by PPRACHIN, SOA

ଡ୍ରଇଂ କରି ପାରୁଥିଲେ । ପରେ ଇନ୍‌ସ୍‌ପେକ୍ଟର ମ୍ୟାକୋର୍ମି ସାହେବଙ୍କ ପରାମର୍ଶ କ୍ରମେ ସେ ପୁସ୍ତକଟି "A hand book of model drawing" ନାମରେ ପ୍ରକାଶିତ ହୋଇଥିଲା । (୧୬)

## ଉଭିଦ ରହସ୍ୟ :-

ଭାରତ ବିଖ୍ୟାତ ଯୋଗେଶ ଚନ୍ଦ୍ର ବିଦ୍ୟାନିଧି ଥିଲେ ନୀଳକଣ୍ଠଙ୍କ ଶିକ୍ଷକ । ସେ ନୀଳକଣ୍ଠଙ୍କୁ ଅତି ସ୍ନେହ ଚକ୍ଷୁରେ ଦେଖୁଥିଲେ ଓ ଅତ୍ୟନ୍ତ ଆଦର କରୁଥିଲେ । ତାଙ୍କଠାରୁ ନୀଳକଂଠ ଉଦ୍ଭିଦ ବିଦ୍ୟା ସମ୍ପର୍କରେ ତତ୍ତ୍ୱ ସବୁ ପରୋକ୍ଷ ବା ପ୍ରତ୍ୟକ୍ଷଭାବରେ ରେଭେନ୍‌ସା କଲେଜରେ ଶିକ୍ଷା କରି-ଥିଲେ । ୧୭ । ବାମଣ୍ଡାର ମହାରାଜା ସୁଢ଼ଳ ଦେବଙ୍କ ପୁତ୍ର ମହାରାଜା ଶ୍ରୀ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଓଡ଼ିଶାରେ ଜଣେ ପ୍ରଖ୍ୟାତ ବିଜ୍ଞାନବିତ୍ ଥିଲେ । ସେ ବୃଷ୍ଟି ଓ ଜଳପ୍ରବାହ ସମ୍ପର୍କରେ ମଧ୍ୟ କେତେଖଣ୍ଡି ବହି ରଚନା କରିଥିଲେ । ସେହି ବାମଣ୍ଡା ରାଜବଂଶ ସହିତ ସତ୍ୟବାଦୀ ବିଦ୍ୟାଳୟର ପ୍ରତ୍ୟକ୍ଷ ସମ୍ପର୍କ ଥିଲା । ସେମାନଙ୍କ ବୈଜ୍ଞାନିକ ପ୍ରଚେଷ୍ଟା ନୀଳକଂଠଙ୍କ ମନରେ ଅଦ୍ଭୁତ ପ୍ରତିକ୍ରିୟା ସୃଷ୍ଟି କରିଥିଲା । ସେତେ-ବେଳର ଉଦ୍ଭିଦ ବିଶାରଦ ବଡ଼ମ୍ବା ରାଜ୍ୟରୁ ବିତାଡ଼ିତ ସୁମନ୍ତ ପଟ୍ଟନାୟକଙ୍କ ଅକ୍ଳାନ୍ତ ଉଦ୍ୟମ ଫଳରେ ଛାତ୍ରମାନେ ବହୁ ପରିଶ୍ରମ କରି ନାନା ପ୍ରକାର ଶାକସବ୍‌ଜି ଗଛ ଲଗାଇ ସେଥିରେ ଅପୂର୍ବ ପାରଦର୍ଶିତା ଲାଭ କରିଥିଲେ । ବିଜ୍ଞାନର ଶିକ୍ଷା ପଦ୍ଧତି ଦୁଇ ଶ୍ରେଣୀରେ ବିଭକ୍ତ–ତାତ୍ତ୍ୱିକ (Theoritical) ଓ ବୈଷୟିକ (Practical) । ସୁମନ୍ତ ପଟ୍ଟନାୟକଙ୍କ ଉପରେ ବୈଷୟିକ ଦିଗଟିର ଦାୟିତ୍ୱ ପଡ଼ିବା ସହିତ ନୀଳକଂଠଙ୍କ ଉପରେ ପଡ଼ିଲା ଏହାର ତାତ୍ତ୍ୱିକ ବିଗ୍ରହ । ଫଳରେ ତାଙ୍କ କର୍ତ୍ତବ୍ୟନିଷ୍ଠା ଓ ଅଧ୍ୟବସାୟର ଅନ୍ୟ ଏକ ଦିଗନ୍ତ ଉନ୍ମୋଚିତ ହେଲା । ଏହି ପରିବେଶ ଓ ପରିମଣ୍ଡଳ ମଧ୍ୟରେ ସେ "ସତ୍ୟବାଦୀ" ପତ୍ରିକାରେ ପ୍ରତିମାସରେ ଲେଖିବାକୁ ବସିଲେ "ଉଦ୍ଭିଦ ରହସ୍ୟ" ।

ଏହିପରି ଆଦର୍ଶ ଶିକ୍ଷକ ନୀଳକଂଠ ପ୍ରତ୍ୟେକ କ୍ଷେତ୍ରରେ ଥିଲେ କର୍ତ୍ତବ୍ୟନିଷ୍ଠ ଓ ଅଧ୍ୟବସାୟୀ । ଯେ କୌଣସି କାରଣରୁ ମଧ୍ୟ କର୍ତ୍ତବ୍ୟରେ ଅବହେଳା ଏବଂ ଅନଧ୍ୟବସାୟ ସେ ସହ୍ୟ କରି ପାରୁ ନ ଥିଲେ । ୧୮ । ପରବର୍ତ୍ତୀ ଜୀବନରେ ମଧ୍ୟ କର୍ତ୍ତବ୍ୟ ପ୍ରତି ତାଙ୍କର ଅତୁଳନୀୟ ନିଷ୍ଠା



Digitized by PPRACHIN, SOA

ଅବ୍ୟାହତ ରହିଥିଲା । ଡଃ ଶ୍ରୀ ରାମଚନ୍ଦ୍ର ଦାଶଙ୍କ ଭାଷାରେ, "× ଥରେ ନୀଳକଂଠ ଅଳ୍ପଦିନ ପାଇଁ କଟକ ଆସି ପ୍ରମାଣ ପାଇଲେ ଯେ, କେତେ ଜଣ କଂଗ୍ରେସୀ ଲୋକ ଓଡ଼ିଶାରେ ଧ୍ୱଂସ ଲୀଳାର ପୃଷ୍ଠପୋଷକତା କରୁଛନ୍ତି । ରାତି ତିନିଟା ବେଳେ ନିଦରୁ ଉଠି ମୋତେ ଡାକ ପକାଇଲେ ଏବଂ କହିଲେ 'ମୋର ଗୋଟାଏ ଭାବନା ଆସିଛି କାଗଜ ଧରି ଲେଖିବସ' । ସେତେବେଳେ ପୁରୀର ଓକିଲ ଜଗବନ୍ଧୁ ସିଂହ ଓଡ଼ିଶା କଂଗ୍ରେସର ଡିରେକ୍ଟର ଥାଆନ୍ତି । ଅଗ୍ରଲେଖାର ଶିରୋନାମା ହେଲା 'ଜଗବନ୍ଧୁ ସିଂହେ ଉତ୍ତର ଦିଅନ୍ତୁ ।' ରାତ୍ରିର ଏପରି ଅଭାବନୀୟ ମୁହୂର୍ତ୍ତରେ ତାଙ୍କର ସାଂବାଦିକତା ପ୍ରତି ଯେଉଁ ନିଷ୍ଠା ପ୍ରକାଶ ପାଉଥିଲା, ତାହା କ୍ୱଚିତ୍ ଦୃଷ୍ଟିଗୋଚର ହୁଏ । ଏକଥା ମାତୃଭୂମିର ବର୍ତ୍ତମାନ ସମ୍ପାଦକ ଶ୍ରୀ ଗୌରଚନ୍ଦ୍ର ରାଉତ ଓ ତାଙ୍କ ବ୍ୟକ୍ତିଗତ ସହକାରୀ ପୁରୀର ସ୍ୱର୍ଗତ ହରିଚରଣ ମହାନ୍ତିଙ୍କ ପୁତ୍ର ଜାନକୀବଲ୍ଲଭ ମହାନ୍ତି ପ୍ରମାଣ କରି ପାରିବେ ।" ୧୯ ।

ଏହି ଆଦର୍ଶ ହିଁ ପିଲାଦିନୁ ତାଙ୍କୁ ନିର୍ଲିପ୍ତ କର୍ମଯୋଗୀ କରି ଗଢ଼ିଥିଲା । ନୀଳକଂଠଙ୍କୁ ଲକ୍ଷ୍ୟ କରି ବ୍ୟାସକବି ଫକୀର ମୋହନ ଲେଖିଥିଲେ, "ସଦାଶିବ ନୀଳକଂଠ ସତତ ସନ୍ନ୍ୟାସୀ ।" ୨୦ । ପିତା ଆନନ୍ଦ ଦାସ ଓ ଗୁରୁ ଗୋପବନ୍ଧୁଙ୍କ ବାଧ୍ୟବାଧତାରେ ସେ ବିବାହ କରିଥିଲେ (୨୧) ମଧ୍ୟ ଏହା ତାଙ୍କର କର୍ମ ନିଷ୍ଠାରେ କୌଣସି ଶିଥିଳତା ଆଣି ଦେଇ ନ ଥିଲା । ବରଂ କର୍ତ୍ତବ୍ୟବୋଧ ସମ୍ମୁଖରେ ପତ୍ନୀ, ପୁତ୍ର ପରିବାର ତାଙ୍କୁ ଯଥେଷ୍ଟ ଗୌଣ ମନେ ହେଉଥିଲା । ୧୯୨୧-୨୩ ମସିହାର ସ୍ୱାଧୀନତା ସଂଗ୍ରାମ ଭିତରେ ତାଙ୍କର ଦୁଇଟି କନ୍ୟା ଉପଯୁକ୍ତ ଚିକିତ୍ସା ଅଭାବରୁ ବାଲ୍ୟାବସ୍ଥାରେ ମୃତ୍ୟୁ ମୁଖରେ ପଡ଼ିଥିଲେ । ସେ ସମ୍ବଲପୁର କଂଗ୍ରେସ ସଭାରେ ଉଦ୍‌ବୋଧନ ଦେଉଥିବା ବେଳେ ପ୍ରଥମ କନ୍ୟା 'ଭାରତୀ'ର ମୃତ୍ୟୁ ଖବର ଶୁଣିବାକୁ ପାଇ ମଧ୍ୟ ଅବିଚଳିତ ରହି ତାଙ୍କର ଭାଷଣ ଚାଲୁ ରଖିଥିଲେ । ୨୨ । ଏହାର ପ୍ରାୟ ବର୍ଷେ ପରେ ବନ୍ଦୀ ଅବସ୍ଥାରେ ନୀଳକଂଠଙ୍କୁ ପୁରୀ ଜେଲ୍‌ରୁ ରେଳଗାଡ଼ିରେ ହଜାରିବାଗ ଜେଲ୍‌କୁ ନିଆଯାଉଥିବା ବେଳେ ସତ୍ୟବାଦୀ ଷ୍ଟେସନ୍‌ରେ ଆଚାର୍ଯ୍ୟ ହରିହରଙ୍କଠାରୁ ତାଙ୍କ ଦ୍ୱିତୀୟା କନ୍ୟା 'ବାସନ୍ତୀ'ର ମୃତ୍ୟୁ ଖବର ପାଇଥିଲେ । ଏହାର ପ୍ରତିକ୍ରିୟା କିନ୍ତୁ ଥିଲା ଖୁବ୍ ସରଳ । ସବୁ ଚିକିତ୍ସା କରାଯାଇ ଥିଲା ତ ? ପଚାରିବା ପରେ 'ହଉ ଆଉ କ'ଣ କରନ୍ତ' । ୨୩ । କହି ସେ ହରିହରଙ୍କୁ ବିଦାୟ ଦେଇଥିଲେ ।



Digitized by PPRACHIN, SOA

ତାଙ୍କର ଅବିଚଳିତ ଭାବ ଦେଖି ତାଙ୍କ ସାଙ୍ଗରେ ଯାଉଥିବା ପୋଲିସ୍ ଅଫିସର ଶ୍ରୀ ହାତୀ ଏପରି ତନ୍ମୟ ହୋଇ ଯାଇଥିଲେ ଯେ, ସେ ନୀଳକଂଠଙ୍କୁ ଜଣେ ବନ୍ଦୀ ବୋଲି ଭାବି ପାରି ନ ଥିଲେ । ଜଟଣୀ ଷ୍ଟେସନ ଠାରେ ହାତୀବାବୁ ଓ କନେଷ୍ଟବଲ ତାଙ୍କୁ ପଚାରିଥିଲେ— "ତୁମେ ଦେବତା ନା ମଣିଷ । ଝିଅ ମରିବା କଥା ବି ଭୁଲି ଯାଉଚ !" ୨୪ । ପଣ୍ଡିତଜୀ କଲିକତାରେ ଓହ୍ଲାଇ ହଜାରୀବାଗ ଗାଡ଼ି ଧରିବା ପର୍ଯ୍ୟନ୍ତ ସକାଳୁ ସନ୍ଧ୍ୟା-ଯାଏ ମୁକ୍ତ ବିହଙ୍ଗମ ପରି ସହର ସାରା ବୁଲି ଦଳ ଦଳ ଲୋକଙ୍କୁ ଭେଟି ପାରିଥିଲେ । ସେ କର୍ତ୍ତବ୍ୟ ସମ୍ମୁଖରେ ସମସ୍ତ ଭାବ ପ୍ରବଣତାକୁ ପଛରେ ପକାଇ ସଂସାର ଝଞ୍ଜାଳ ଭାବନାରୁ ନିଜକୁ ଊର୍ଦ୍ଧ୍ୱରେ ରଖି କାର୍ଯ୍ୟ କରି ଯାଉଥିଲେ ।

ସେ ନିଜେ ଯେପରି କର୍ମରତ ଥିଲେ, କର୍ମୀ ଓ ନିଜ ବଂଶର ଲୋକଙ୍କ-ଠାରୁ ମଧ୍ୟ ସେଭଳି ନିଃସ୍ୱାର୍ଥ କର୍ମ-ପ୍ରବଣତା ଆଶା କରୁଥିଲେ; ନିଜ ପିଲାପିଲିଙ୍କ ଠାରେ ଆସକ୍ତି ନ ରଖି ଯେ ଯେଝା କଥା ବୁଝିବେ ବୋଲି ସ୍ଥିର କରି ନିଜର କର୍ମ କରି ଯାଉଥିଲେ । ତେଣୁ ତାଙ୍କ ସନ୍ତାନ ମାନଙ୍କ ଜୀବନ ଗଡ୍ଡାଳିକା ପ୍ରବାହରେ ଗଡ଼ି ଚାଲିଥିଲା । ସେଥିପ୍ରତି ପୈତୃକ ପରିଚାଳନା ବା କଟକଣା କିଛି ନ ଥିଲା । ସେମାନେ କେତେବେଳେ ସ୍କୁଲରେ ପଢୁଥିଲେ ତ, କେତେବେଳେ ଜାତୀୟ ଆନ୍ଦୋଳନ ବା ଛାତ୍ର ଆନ୍ଦୋଳନରେ ଯୋଗ ଦେଇ ସ୍କୁଲ କଲେଜ ଛାଡ଼ି କାରାବରଣ କରୁଥିଲେ । ସେଥିରେ ପଣ୍ଡିତଜୀ ଆଦୌ ବିଚଳିତ ହେଉ ନ ଥିଲେ; ବେଳେ ବେଳେ କେବଳ ସେମାନଙ୍କ କର୍ମ ଚେତନାକୁ ଚେତାଇ ଦେଇ ଜୀବନ ପ୍ରବାହକୁ ସ୍ୱାଭାବିକ ଗତିରେ ପ୍ରବାହିତ ହେବାକୁ ଛାଡ଼ି ଦେଉଥିଲେ । ୨୫ ।

ତାଙ୍କ ପୁତ୍ର ଡଃ ବିକ୍ରମ ଦାସ ଲେଖିଛନ୍ତି, "ମୁଁ କଟକ କଲିଜିଏଟ ସ୍କୁଲ ଛାତ୍ରାବାସରେ ରହି ୯ମ, ୧୦ମ ଶ୍ରେଣୀରେ ପାଠ ପଢୁଥିବା ବେଳେ ତାଙ୍କର କେତେକ ରାଜନୈତିକ କାର୍ଯ୍ୟ କରିଦେବା ପାଇଁ ଦିଲ୍ଲୀରୁ ନିର୍ଦ୍ଦେଶ ଦେଇ ସେ ମୋତେ ଖଣ୍ଡିଏ ପତ୍ର ଲେଖିଥିଲେ । ନିକଟରେ ମୋର ପରୀକ୍ଷା ଥିବା କଥା ଦର୍ଶାଇ ମୁଁ ତାଙ୍କ ନିର୍ଦ୍ଦେଶକୁ ଆଡ଼େଇ ଦେଇ ଥିବାରୁ ସେ ମୋତେ ତା ୨୭-୧୧-୧୯୩୮ରେ ଦିଲ୍ଲୀରୁ ଲେଖିଥିଲେ—



Digitized by PPRACHIN, SOA

"ବାପା ବିକ୍ରମ,

ପରୀକ୍ଷା କେବେ ହେବ ଲେଖିବୁ, ପରୀକ୍ଷାରେ କିପରି କଲୁ ବୋଲି ତୋର ଧାରଣା ? କିନ୍ତୁ ହେଲା ନ ହେଲାରେ ବିଶେଷ ଚିନ୍ତିତ ହେବୁ ନାହିଁ । ମନୁଷ୍ୟ କର୍ମ କରିବ, ମାତ୍ର କର୍ମର ଫଳ ମନୁଷ୍ୟ ହାତରେ ନାହିଁ । ଏଇ ଭବରେ ସବୁ କାର୍ଯ୍ୟରେ ଲାଗିବା ହିଁ ମନୁଷ୍ୟତା; ତା' ନ ହେଲେ ଚିତ୍ତ ଚଞ୍ଚଳ ହୋଇ ମନୁଷ୍ୟତା ଭ୍ରଷ୍ଟ ହୁଏ । ପୂର୍ବେ ଯୋଗୀମାନେ ଏଇ ସାଧନା କରୁଥିଲେ । ପ୍ରତ୍ୟେକ ମନୁଷ୍ୟ କର୍ମ ଜଂଜାଳ ଭିତରେ ସର୍ବଦା କର୍ମ ତତ୍ପର ହୋଇ ଏଇପରି ଯୋଗୀ ହେବା ଉଚିତ । (୨୬)

ଶୁଭକାଂକ୍ଷୀ
ନୀଳକଂଠ ଦାସ"

ସ୍କୁଲରେ ପଢୁଥିବା ପିଲା ପୁଅଟି ପାଖକୁ ଏପରି ନିଚ୍ଛୁତା ଚିଠିଟିଏ ଲେଖିବା ଜଣେ ନିର୍ଲିପ୍ତ ଯୋଗୀ ପକ୍ଷରେ ହିଁ ସମ୍ଭବ । ଏଥିରେ କଅଁଳେଇ କରି କୁଶଳ ସମାଚାର ପଚାରି ବୁଝିବା କି ଆଶୀର୍ବାଦ ଦେଇ ପଦେ ଲେଖିବାର ଅବଧାରଣା ମଧ୍ୟ ନାହିଁ ।

ବିକ୍ରମ ବାବୁ ପୁଣି ଲେଖିଛନ୍ତି, "ମେଡିକାଲ କଲେଜରୁ ପାଶ୍ କରି ମୋର ଆସନ୍ନ ପ୍ରସବା ସହଧର୍ମିଣୀଂକୁ ବୋଉ ପାଖରେ ଛାଡ଼ି ଉଚ୍ଚଶିକ୍ଷା ପାଇଁ ମୁଁ ଆମେରିକା ଯାଇଥିଲି । ସେଠାରୁ ନନାଙ୍କ ସହିତ ପତ୍ରାଳାପ ଭିତରେ ମୋ ସ୍ତ୍ରୀ ଓ ପିଲାଙ୍କ ଖବର ଜାଣିବାକୁ ପଦେ ଅଧେ ଲେଖି ଦେଇଥିଲି । ତାର ଉତ୍ତରରେ ସେ ମୋ ନିକଟକୁ ଯେଉଁ ପତ୍ର ଲେଖିଥିଲେ ତାର କେତେକ ଅଂଶ ଉଦ୍ଧାର କରୁଛି–

ଜଗନ୍ନାଥେ ଭଲ କରଂତୁ ନବଭାରତ ଅଫିସ
କଟକ-୨, ତା ୩-୧-୧୯୫୩

ବାପା ବିକ୍ରମ,

........ପିଲା କଥା କି ବୋହୂ କଥା, ରୋଗ କଥା କି ଟୀକା କଥା ମୁଁ କିଛି ଜାଣେ ନାହିଁ । ଡିସେମ୍ବର ୧୦ କି ୧୧ ସରିକି ମୁଁ ଏଇଠି ପିଲାଙ୍କୁ ଦେଖିଥିଲି ।... ...



Digitized by PPRACHIN, SOA

ପିଲଟାକୁ ଦେଖିଲେ ଟିକିଏ କିମିତି ଲଗୁଚି । ଏଇଟା ଢୀବି ଭବ । 'ଅଶୋକ' ଜନ୍ମ ହେଲପରେ, ତାକୁ ଦେଖି ମୋର ଏଇପରି ଗୋଟାଏ ମମତାର ଅଯଥା ଆକର୍ଷଣ ମୁଁ ଅନୁଭବ କରିଥିଲି ଓ ବିସ୍ମିତ ପୁଣି କ୍ଷୁବ୍‌ଧିତ ହୋଇ ଦାସେ ଆପଣଙ୍କୁ (ଗୋପବଂଧୁକୁ) କହିଥିଲି । ମୋର ଏପରି ଭବ କାହିଁକି ହେଉଚି, ଏଇଟା ତ ଆସକ୍ତି । ମୋର ତ ଏଥିରେ କର୍ତ୍ତବ୍ୟ ଜ୍ଞାନ ଶିଥିଳ ହୋଇଯିବନାହିଁ ? ସେ ଟିକିଏ ହସିଦେଇ କହିଥିଲେ, "ସେଇଟା ସ୍ୱାଭବିକ, ଏତେ ଭୟ କରିବାର କିଛି କାରଣ ନାହିଁ ।"

ଠିକ୍ ଲେଖିଚୁ, ଯେଉଁ କଥା ସେ ବୁଝିବେ । ତୋଭଳି ଯୁବକର ହୁଏତ ଖୁସି ହେବା ପାଇଁ ସମସ୍ତେ ଭଲ ଅଛନ୍ତି ବୋଲି ଜାଣିବା ଦରକାର । କିନ୍ତୁ ଅତଂନ୍ଦ୍ରିତ ଭବରେ ଆଦର୍ଶ ଲଭ ପାଇଁ ଗୃହିଁ ବସିଥିବା ଆମଭଳି ବୃଦ୍ଧ ପକ୍ଷରେ ସେଇଟା ବାସନା ନୁହେଁ କି ?

ଆଉ ଏ ଦର୍ଶନ, ଏ ତୋ ପାଇଁ ନୁହେଁ, ଏ ମୋର ଅତର୍କିତ ଆତ୍ମପ୍ରକାଶ । × ×

ଶୁଭକାଂକ୍ଷୀ

ନୀଳକଂଠ ଦାସ" (୨୭)

ଉପରୋକ୍ତ ଚିଠିରେ ଲେଖକ ଜଣେ ସାଧାରଣ ପିତା ବା ଗୃହସ୍ଥ ହୋଇ ନ ପାରନ୍ତି । ନିଜ ପିଲଙ୍କୁ ସ୍ନେହ କରିବା ବା ତାଙ୍କର ଭଲମନ୍ଦ ବୁଝିବାକୁ ଯିଏ ମମତାର ଅଯଥା ଆକର୍ଷଣ ବୋଲି ଉପେକ୍ଷା କରୁଥିଲେ, ଏଥିରେ ନିଜର କର୍ତ୍ତବ୍ୟଜ୍ଞାନ କାଳେ ଶିଥିଳ ହୋଇଯିବ ବୋଲି ଯାହାଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଥିଲା, ସେ ଜଣେ ନିର୍ଲିପ୍ତ କର୍ମଯୋଗୀ ଭିନ୍ନ ଅନ୍ୟ କିଛି ନୁହନ୍ତି । ନୀଳକଂଠ ସବୁବେଳେ କହୁଥିଲେ, "........ତୁମେ ପୃଥିବୀକୁ ଯେଭଳି ଭବରେ ଦେଖୁଛ, ତମର ଭବିଷ୍ୟତ ବଂଶଧରଙ୍କ ପାଇଁ ତାକୁ ଅଧିକତର ସୁନ୍ଦର କରି ଛାଡ଼ିଯାଅ । ଭବିଷ୍ୟତ ବଂଶଧରଙ୍କର ବିକାଶ ତମ ଆତ୍ମାର ଅମରତ୍ୱ । ବ୍ୟକ୍ତିର, ଗୋଷ୍ଠୀର, ଜାତିର ପ୍ରଗତିରେ, କ୍ରମବିକାଶରେ ଆତ୍ମା ଅମର ହୁଏ । ଏହାହିଁ କର୍ମଯୋଗର ଅଭିଯାନ ।"(୨୮) ତାଙ୍କର ପ୍ରତିଟି ପଦକ୍ଷେପରେ ଏବଂ ସମସ୍ତ ଗୁଣ ମଧ୍ୟରେ ଏଇ ମହାନ୍ ଲକ୍ଷଣଟି ଫୁଟିଉଠେ । ଏଇ କର୍ତ୍ତବ୍ୟ-ନିଷ୍ଠା ହିଁ ତାଙ୍କୁ ଚିର ଅଧ୍ୟବସାୟୀ କରି ଗଢ଼ି ତୋଳିଥିଲା । ତାଙ୍କର ଶୃଙ୍ଖଳାଜ୍ଞାନ, ଧୈର୍ଯ୍ୟ, ଅକୁତୋଭୟତା, ଜ୍ଞାନ ପିପାସାଦି ଏହାର ବାହ୍ୟ ପରିପ୍ରକାଶ ମାତ୍ର ।



Digitized by PPRACHIN, SOA

## ଶୃଙ୍ଖଳା, ସଂଯମ ଓ ଧୈର୍ଯ୍ୟ—

ଶୃଙ୍ଖଳାଜ୍ଞାନ ବ୍ୟତିରେକେ କର୍ତ୍ତବ୍ୟନିଷ୍ଠା ଓ ଅଧ୍ୟବସାୟ ମୂଲ୍ୟହୀନ । ଏ ଦୁଇ ମହାନ୍ ଗୁଣ ଶୃଙ୍ଖଳାଜ୍ଞାନ ବିନା ବିପର୍ଯ୍ୟସ୍ତ ହୋଇଥାଏ । ମଣି-କାଞ୍ଚନର ସଂଯୋଗତୁଲ୍ୟ ଆଦର୍ଶ ଶିକ୍ଷକ ନୀଳକଂଠଂକଠାରେ ଏକାଧାରରେ ଏହି 'ତ୍ରିରତ୍ନ'ର ସମାବେଶ ଘଟିଥିଲା । ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ପାଳନରେ ସେ ଥିଲେ ଅତ୍ୟନ୍ତ କଠୋର । ଅନେକ ସମୟରେ ଏପରିକି ସାର୍ଟ, କୋଟ୍ ନ ପିନ୍ଧି ଘଣ୍ଟା ବାଜିବା ମାତ୍ରେ ସେ ଶ୍ରେଣୀଗୃହରେ ହାଜର ହେଉଥିବା ନେଇ ବହୁ କଥା ଶୁଣାଯାଏ । (୨୯) ନିଜ ପାଇଁ, ଶିକ୍ଷକ-ମାନଙ୍କ ପାଇଁ ଏବଂ ଛାତ୍ରମାନଙ୍କ ପାଇଁ—ସମସ୍ତଙ୍କଠାରେ ସେ ଏହାର ପ୍ରୟୋଗ କରିଛନ୍ତି । ନିଜେ ଶୃଙ୍ଖଳିତ ହେବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ସେପରି କରାଇବାର ଚେଷ୍ଟା ସେ କିପରି କରୁଥିଲେ ତାର ଦୁଇଟି ଉଦାହରଣ ଅନୁଭବୀମାନଙ୍କର ଅନୁଭୂତିରୁ ଦିଆଯାଉଛି ।

ଥରେ ପଣ୍ଡିତ ଗୋପବନ୍ଧୁଙ୍କ ଡକରା ପାଇ ପଣ୍ଡିତ ନୀଳକଂଠ ସଙ୍ଗରେ ଆଚାର୍ଯ୍ୟ ହରିହର ଓ ଗୋଦାବରୀଶ ପ୍ରଭୃତିଙ୍କୁ ନେଇ ସୁଆଣ୍ଡୋ ଯାଇଥିଲେ । ରାତିରେ ସେଠାରେ ରହିଲେ । ସକାଳେ ନିତ୍ୟକର୍ମ ଓ ଗାଧୁଆ ପାଧୁଆ ସାରି ପ୍ରସାଦ ଖାଇ ସ୍କୁଲକୁ ବାହାରିଲେ । ନୀଳକଂଠ କହିଲେ, "ଠିକ୍ ସମୟରେ ଯେପରି ସ୍କୁଲରେ ପହଂଚି ହେବ, ତା କରିବାକୁ ପଡ଼ିବ ।" ଆଚାର୍ଯ୍ୟ ହରିହର ଅଙ୍କ କଷି ଶୁଣାଇଦେଲେ ଯେ ନଈ ବନ୍ଧେ ବନ୍ଧେ ଗଲେ ସ୍କୁଲ ସମୟର ଅନ୍ତତଃ ପନ୍ଦର ମିନିଟ୍ ଡେରି ହେବ । ବିଲବାଟେ ସିଧା ଗଲେ ପନ୍ଦର ମିନିଟ୍ ଆଗରୁ ପହଂଚି ହେବ । ଏ କଥାଟି ପଂଡ଼ିତ ନୀଳକଂଠଙ୍କ ମନକୁ ପାଇଲା । ସେତେବେଳେ ବିଲ ସବୁ ହଳ ହୋଇ ମାଟି ଟେଳାରେ ଭର୍ତ୍ତି । ଗୋଦାବରୀଶ ଚଟି ଛିଡ଼ି ଗୋଡ଼ ଖଣ୍ଡିଆ ଖାବରା, ରକ୍ତ ବି ଟିକେ ଟିକେ ବାହାରୁ ଥାଏ ତଥାପି ତାଳ ଧରି ସେ ଆଗଉଥାନ୍ତି । ତାଙ୍କ ଦଶାରେ ହରିହର ଟିକିଏ ବିଥେଇ ହେଉଥାନ୍ତି । ନୀଳକଂଠ କହୁଥାନ୍ତି, "ଅବାଟରେ ବାଟ ଫିଟାଇବାକୁ ହେଲେ ଏପରି ସାଧନା ଥିବା ଦରକାର । ଆମକୁ ସ୍କୁଲର ଶୃଙ୍ଖଳା ରକ୍ଷା କରିବାକୁ ପଡ଼ିବ ।" ୩୦ । କି ଶୃଙ୍ଖଳା ଜ୍ଞାନ ! ଶୃଙ୍ଖଳା ପାଇଁ କି ସାଧନା ! !

ଟିକିଏ ମାତ୍ର ବିଶୃଙ୍ଖଳାକୁ ପଣ୍ଡିତଜୀ ସହ୍ୟ କରି ପାରୁ ନ ଥିଲେ । ଶିକ୍ଷକର କର୍ତ୍ତବ୍ୟ—ଅତନ୍ଦ୍ରିତ ଭାବେ ଛାତ୍ରଙ୍କ ଆତ୍ମବିକାଶରେ ଆପଣାକୁ



Digitized by PPRACHIN, SOA

ତିଳ ତିଳ କରି ଉତ୍ସର୍ଗ କରିବା । ଏଥିରୁ ସାମାନ୍ୟ ବିଚ୍ୟୁତି ନୀଳକଂଠଙ୍କ ପାଇଁ ଏକ ଅକ୍ଷମଣୀୟ ଅପରାଧ । ଏ ସମ୍ବନ୍ଧରେ ତାଙ୍କ ଆତ୍ମଜୀବନୀରୁ ଗୋଟିଏ ଘଟଣା ଉଦ୍ଧାର କରଯାଇପାରେ– "......ଶ୍ରୀରାମଚନ୍ଦ୍ରପୁର ନିବାସୀ ସ୍ୱର୍ଗତ ପଣ୍ଡିତ ଶ୍ରୀ ମଧୁସୂଦନ ମିଶ୍ର । ସେ ମୋର ମଧ୍ୟ ବାଲ୍ୟ ଗୁରୁ । 'ବଡ଼ ଆପଣେ' ବୋଲି ଆମେ ସମସ୍ତେ ତାଙ୍କୁ ଡାକୁଥିଲୁ । ତାଙ୍କର ଶିକ୍ଷା ବଳରେ ମୁଁ ଭର୍ଣ୍ଣାକ୍ୟୁଲର ବୃତ୍ତି ପାଇ ପୁରୀ ଜିଲ୍ଲା ସ୍କୁଲକୁ ପଢ଼ିବାକୁ ଯାଇଥିଲି । ......ପଣ୍ଡିତ ମଧୁସୂଦନଙ୍କ ପରି ଆମ କର୍ମରେ ଐକାନ୍ତିକ ଆନ୍ତରିକତା ଓ ଆମ ପ୍ରତି ସ୍ନେହଦୃଷ୍ଟିରେ ଏକପ୍ରାଣତା ମୁଁ ଆଉ ଦେଖୁଚି ବୋଲି ମନେ ହେଉ ନାଇ । ସ୍ୱୟଂ ଗୋପବଂଧୁ ମଧ୍ୟ ସେଥିପାଇଁ ତାଙ୍କୁ ଗଭୀର ଆଦର ଓ ଭକ୍ତି କରୁଥିଲେ । ...ମୁଁ ତାଙ୍କର ଶିଷ୍ୟ; ତଥାପି ସତ୍ୟବାଦୀ ବିଦ୍ୟାଳୟରେ ସେଥିପାଇଁ ତାଙ୍କର କେବେ କୌଣସି ନିଷ୍ଠା ବା ଶୃଙ୍ଖଳାରେ ଟିକିଏ ହେଲେ ଶିଥିଳତା ମୁଁ ଦେଖିନାଇ । ଦିନକ କଥା ଆଜି ମନେ ପଡ଼ିଗଲେ, ପ୍ରାଣର ପୁରୁଣା ଆଘାତ ନୂଆ ହୋଇ ଉଠୁଚି । ବଡ଼ ଆପଣେ ବୃଦ୍ଧ ହୋଇ ଆସିଥିଲେ, ଭୋଜନ ପରେ ଗ୍ରାମରୁ ଆସନ୍ତି ଅଧ ମାଇଲିରୁ ବେଶି । ଶ୍ରେଣୀରେ ପଢ଼ାଉଥିଲାବେଳେ ଥରେ ଦୁଇଥର ଘୁମାଇବାର ଦେଖିଲି । କିଛି ନକହି ବସିବା ପାଇଁ ହାତଥିବା ଚଉକିଟି କାଢ଼ି ଆଣି ଗୋଟିଏ ଟୁଲ୍ ଦେବା ପାଇଁ ତହିଁ ଆରଦିନ ଠାରୁ ବ୍ୟବସ୍ଥା କରିଦେଲି ।" ଯେତେହେଲେ ମୁଁ ତ ମନୁଷ୍ୟ, ମୋ ପ୍ରାଣକୁ ବଡ଼ ବାଧିଲା । (୩୧) ଶୃଙ୍ଖଳା ପାଇଁ ମନୁଷ୍ୟ ଆଉ କେତେ ଦୂର ଗତି କରିପାରେ ? ଏ ଘଟଣାରେ ନୀଳକଣ୍ଠଙ୍କ ଠାରେ ଆଦର୍ଶ ପ୍ରଶାସକର ଦ୍ୟୁତି ମଧ୍ୟ ଫୁଟି ଉଠୁ ନାହିଁ କି ?

ନିଜକୁ ଓ ସହକର୍ମୀମାନଙ୍କୁ ଶୃଙ୍ଖଳିତ କରିବା ମୂଳରେ ନୀଳକଂଠଙ୍କର ରହିଥିଲା ଏକ ମହତ୍ ଲକ୍ଷ୍ୟ–ଛାତ୍ରମାନଙ୍କୁ ସେହିପରି ଭାବେ ଗଢ଼ିତୋଳିବା । କାରଣ, ଆଦର୍ଶହୀନ ବ୍ୟକ୍ତି ସମାଜକୁ କି ଆଦର୍ଶ ଦେଖାଇ ପାରେ ? ସୁପଥରେ ପରିଚାଳିତ କରିବା ତ ଦୂରର ବିଷୟ । ଛାତ୍ରମାନଙ୍କୁ ସେ କିପରି ଶୃଙ୍ଖଳିତ କରୁଥିଲେ, ତାହା ସତ୍ୟବାଦୀରେ ଛାତ୍ରମାନଙ୍କ ସହିତ ନୀଳକଂଠଙ୍କ ସମ୍ପର୍କ ଆଲୋଚନା କରିବା ବେଳେ ୨ୟ ପରିଚ୍ଛେଦରେ ବର୍ଣ୍ଣନା କରଯିବ ।



Digitized by PPRACHIN, SOA

## ସଂଯମ :

ଏଠାରେ ଏହା ଲକ୍ଷ୍ୟ କରିବାର କଥା ଯେ ସଂଯମ ବିନା ଶୃଙ୍ଖଳାର କୌଣସି ମୂଲ୍ୟ ନାହିଁ । ଅସଂଯମୀ କଦାପି ଶୃଙ୍ଖଳିତ ହୋଇ ନ ପାରେ । ଯୁଗ ଯୁଗ ଧରି ଏଇ ସଂଯମ ପୁଣି ଭାରତୀୟ ଗୁରୁକୁଳର ଆଦର୍ଶ । ମହାନ୍ ଶିକ୍ଷକ ନୀଳକଂଠଙ୍କର ସଂଯମ କାହାରିକୁ ଅବିଦିତ ନୁହେଁ । ତାଙ୍କର ଶୁଦ୍ଧପୂତ ଚରିତ୍ର ଥିଲା ଆଦର୍ଶ ସ୍ଥାନୀୟ । "ଜ୍ଞାନ ସମ୍ପଦ ସହିତ ଚରିତ୍ରବଳର ସମାବେଶ ତାଙ୍କଠାରେ ସ୍ପଷ୍ଟ ରୂପେ ଦେଖା ଯାଉଥିଲା । ଏ ସମ୍ପର୍କରେ ପଣ୍ଡିତ ଗୋଦାବରୀଶ କହନ୍ତି, "ସେ ଚରିତ୍ରବାନ୍ ଥିଲେ । ...ଶ୍ରେୟ ପ୍ରେୟ ମଧ୍ୟରୁ ତାଙ୍କର ଆଦର୍ଶ ଥିଲା ଶ୍ରେୟ... । ୩୩ ।"

ରାଜନୀତିରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ କଳଙ୍କିତ କରାଇବାର ପ୍ରଚେଷ୍ଟା କିଛି ନୂଆ ନୁହେଁ । ତହିଁରେ, ଯୌନ କଳଙ୍କ ବୋଳିବା ଅତି ସହଜ ସାଧ୍ୟ । ମାତ୍ର ନୀଳକଂଠ କେବେ ଏହି ଅପନିନ୍ଦାର ଶରବ୍ୟ ହୋଇ ପାରି ନାହାନ୍ତି, ଯଦ୍ୟପି ସେ ଦିଗରେ ରାଜନୀତିକ ପ୍ରତିଦ୍ୱନ୍ଦ୍ୱୀମାନେ ବହୁ ଉଦ୍ୟମ କରିଥିଲେ ଏବଂ ଜଣେ ବିଶିଷ୍ଟ ରାଜନୀତିଜ୍ଞ ଓ ତୁଙ୍ଗ ନେତାର ଖ୍ୟାତି ତାଙ୍କର ରହିଥିଲା । ଅସଂଯମୀ ଉପରେ ତାଙ୍କର ଯେତେ ରାଗ, ରୋଷ ସବୁ କୁଢ଼େଇ ହୋଇ ପଡ଼େ । ସଂଯମ ଓ ଚରିତ୍ର ଲାଗି ହିଁ ଗୋପବନ୍ଧୁଙ୍କୁ ଓ ଅରବିନ୍ଦ ପ୍ରକାଶ ଘୋଷଙ୍କୁ ସେ ତାଙ୍କ ଆତ୍ମଜୀବନୀରେ ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି । ୩୪ । ଏଥିପାଇଁ ଜୟଦେବଙ୍କୁ ସେ ଉତ୍କଳ ଭୂମିରୁ ନିର୍ବାସିତ କରି ପାରନ୍ତି । କୋଟି କୋଟି ଓଡ଼ିଆଙ୍କ ଶ୍ରଦ୍ଧାର ସାମଗ୍ରୀ, ରାଣ୍ଡିରଧନ "ଭାଗବତ", "ଦାର୍ଢ୍ୟତା ଭକ୍ତି"କୁ ସେ ଆଡ଼େଇ ଦେଇ ପାରନ୍ତି । ଚର୍ଯ୍ୟାଗୀତିକା ସମୂହକୁ ବଙ୍ଗୀୟ ସାହିତ୍ୟ ବୋଲି ଅଭିହିତ କରି ପାରନ୍ତି । ନେଡ଼ା-ନେଡ଼ି, ବାବାଜୀ-ମାତାଜୀଙ୍କ ଇଜ୍ଜତକୁ ରାଜଦାଣ୍ଡରେ ଦି ରଣ୍ଡା ଦି କଡ଼ା କରି ଦେଇ ପାରନ୍ତି । ରସକଲ୍ଲୋଳକାରଙ୍କୁ ମଧ୍ୟ ଆକ୍ଷେପ କରିବାକୁ ପଛାନ୍ତି ନାହିଁ । ୩୫ ।

ଛୋଟ ବୟସରୁ ସେ ଯେ ଯୌନସଂଯମ ଓ ଶୃଙ୍ଖଳା ଉପରେ ବିଶେଷ ଗୁରୁତ୍ୱ ଦେଉଥିଲେ, ତାହା ଗୋଟିଏ ଘଟଣାର ଉଲ୍ଲେଖରୁ ସ୍ପଷ୍ଟ ହେବ । ନୀଳକଂଠ ତାଙ୍କ "ଆତ୍ମଜୀବନୀ"ରେ ଲେଖିଛନ୍ତି, "ଆଉଦିନେ



Digitized by PPRACHIN, SOA

ବୋଡ଼ିଂର ଜଣେ ଯୁବକ ଅନ୍ୟାନ୍ୟ ଦୁଇ ଏକ ଜଣ ବଂଗାଳୀ ପିଲାଙ୍କ ସଙ୍ଗେ ରାତିରେ ବାହାରକୁ ଯାଇ ସମୁଦ୍ର ପଂଡାରେ ବୁଲୁଥିବା କଥା ମୁଁ ଲକ୍ଷ୍ୟକରି ଜାଣିଲି, ସମୁଦ୍ର କୂଳକୁ ବାୟୁପରିବର୍ତ୍ତନ ପାଇଁ ଆସିଥିବା କୌଣସି ଭଦ୍ରଲୋକଙ୍କର ଯୁବତୀ ଅବିବାହିତା ଝିଅଙ୍କ ସଙ୍ଗେ ସେମାନେ ସମୁଦ୍ରକୂଳେ ଅଲଗା ଜାଗାରେ ରାତିରେ ବହୁତ ସମୟ କଟାଉଚଂତି । ମୁଁ ନିଜେ ବୋଡ଼ିଂର ପିଲାଟିକୁ ଚେଷ୍ଟା କରି ମଧ୍ୟ ସେଥିରୁ ନିବୃତ୍ତ କରାଇ-ପାରିଲି ନାଇ । ଚଂଦ୍ରମୋହନବାବୁଙ୍କୁ ଯାଇ କହିଲି । ସେ ବଡ଼ ବିସ୍ମିତ ହେଲେ । କହିଲେ, 'ମୁଁ ଦେଖି ପାରିବି ?' ସେଦିନ ଜହ୍ନରାତି । ଖଂଡ଼େ ସାଧାରଣ ଲୁଗା ପିନ୍ଧି ଚଂଦ୍ରମୋହନ ବାବୁ ମୋ ସଙ୍ଗେ ଗଲେ । ଦୂରରୁ ସବୁ ଦେଖିଲେ । ଫେରି ଆସିଲେ । ତହିଁ ଆରଦିନ କିଛି ନ କହି ସେ ବଙ୍ଗାଳୀ ପିଲାଟିକୁ ସ୍କୁଲରୁ ବାହାର କରିଦେଲେ । ସେ ପିଲାଟିର ଅଭିଭାବକ ଜଣେ ପ୍ରତିଷ୍ଠିତ ଲୋକ ।" (୩୬) ମନେ ରଖିବା କଥା, ଏତିକିବେଳକୁ ନୀଳକଂଠ ଜଣେ ସ୍କୁଲଛାତ୍ର । ଏଥିରୁ ତାଙ୍କର ସଂଯମନିଷ୍ଠା, ଶୃଙ୍ଖଳାଜ୍ଞାନ, କର୍ତ୍ତବ୍ୟବୋଧ ଓ ଅକୁତୋଭୟତା ପ୍ରମାଣିତ ହୁଏ । ପୁଣି ଏଇ ଚରିତ୍ରବତ୍ତା-ଖ୍ୟାତିର ଆଢ଼ୁଆଳରେ ହିଁ ସେ ନିଜର ଦେଶପ୍ରେମମୂଳକ କାର୍ଯ୍ୟକଳାପ ଛାତ୍ରାବସ୍ଥାରୁ ଚଳାଇ ରଖି ପାରିଥିବା, ପଣ୍ଡିତ ଗୋଦାବରୀଶ କହନ୍ତି । (୩୭) ଦ୍ୱିତୀୟ ବିଶ୍ୱଯୁଦ୍ଧୋତ୍ତର କାଳୀନ ସାଧାରଣ ନିର୍ବାଚନ-ବେଳେ ସେ ଆତ୍ମସଂଯମର ଯେଉଁ ଆଦର୍ଶ ରଖିଯାଇଛନ୍ତି, ତାହା ରାଜନୀତି କ୍ଷେତ୍ରରେ ଚିରଭାସ୍ୱର ରହିବ । ଶିକ୍ଷକ ଜୀବନରେ ସେ ଯେ କି ପ୍ରକାର ସଂଯମୀ ଥିଲେ ତା'ର ଏକ ଉଦାହରଣ ଦିଆଯାଉଛି ।

ବସନ୍ତ କାଳ ହୋଇଥାଏ । ଦାସେ ଆପଣେ ଓ ପଣ୍ଡିତ ନୀଳକଂଠ ସ୍କୁଲ ବାରଣ୍ଡାରେ ବସି କଥାଭାଷା ହେଉଥାନ୍ତି । ନୀଳକଂଠଂକୁ ଗ୍ରହିଁ ଗୋପବନ୍ଧୁ କହିଲେ, "ଦେଖିଲ, ଏ ବଉଳଗଛ କିପରି ପଲ୍ଲବିଛି । ପତ୍ର-ଗୁଡ଼ିକ କେଡ଼େ କଅଁଳ ଦେଖାଯାଉଚି" । ନୀଳକଂଠ କହିଲେ, "ହଁ, ଆପଣ କ'ଣ କହୁଚନ୍ତି ଯେ ?" ଦାସେ ଆପଣେ କହିଲେ, "ଏହା ଶାଗ ହୁଅନ୍ତା ନାହିଁ ? ତୁମେ କେବେ ଖାଇଚ ?" ନୀଳକଂଠ ତାଙ୍କ ହରିଭଇନାଙ୍କୁ ଡକାଇ ପଠାଇଲେ । ସେ ଆସିବାରୁ ନୀଳକଂଠ କହିଲେ, "ମେସ୍‌ରେ ଆଜି ଏ କଅଁଳ ବଉଳପତ୍ର ଶାଗ ହେବ । ସେଥିରେ ଲୁଣ ପଡ଼ିବନି କି ଫୁଟଣ ଫୁଟା ହେବନି ।" ପିଲାଙ୍କୁ ଲଗାଇ ସେ ପତ୍ର ତୋଳା ହେଲା ଏବଂ



Digitized by PPRACHIN, SOA

ନୀଳକଂଠଂକ ବଗଦ ମୁତାବକ ରନ୍ଧାଗଲା । ବଉଳପତ୍ର ତ ଅତିକଷା, ତହିଁରେ ପୁଣି ଲୁଣ କି ଫୁଟଣ କିଛି ପଡ଼ିନି । କେହି କେହି କହିଲେ, "ମୁନିଋଷିମାନେ ତ ଏପରି ଖାଉଥିଲେ ।" ଖିଆଲ ମାଧ୍ୟମରେ ବନବିଦ୍ୟାଳୟ ସାଧକ ମାନଙ୍କର ଜିଭ ଲଳସାକୁ ସଂଯତ କରିବାର ଏ ଗୋଟିଏ ନମୁନା ଥିଲା । ସେମାନଙ୍କର ଏହି ଅଭ୍ୟାସ ଉତ୍ତର ବୟସରେ ମଧ୍ୟ ଅତୁଟ ରହିଥିବାର ପୁରୀର ଶ୍ରୀ ଚିନ୍ତାମଣି ମହାପାତ୍ର ନିଜ ଅନୁଭୂତିରୁ କହନ୍ତି ।(୩୮) ଲକ୍ଷ୍ୟ କରିବାର କଥା, ବହୁ ପରେ ଗାନ୍ଧୀଙ୍କ ଏକାଦଶବ୍ରତ ମଧ୍ୟରେ ସ୍ଥାନ ପାଇ ଯେଉଁ 'ଅସ୍ୱାଦ' ପ୍ରଚଳିତ ହେଲା ସତ୍ୟବାଦୀରେ ତାହାର ସଫଳ ପ୍ରୟୋଗ ଓ ପରୀକ୍ଷା ହୋଇ ସାରିଥିବା ଏ ଉଦାହରଣଟିରୁ ସ୍ପଷ୍ଟ ।

## ଧୈର୍ଯ୍ୟ :

ଏହିପରି ସଂଯମୀ ଓ ଶୃଙ୍ଖଳିତ ନୀଳକଂଠ ଯେ ଧୈର୍ଯ୍ୟବାନ ହେବେ, ଏଥିରେ ସନ୍ଦେହ କ'ଣ ? କାରଣ, ଯେ ଶୃଙ୍ଖଳିତ ସେ ଧୈର୍ଯ୍ୟବାନ । ଧୈର୍ଯ୍ୟବିନା ଶୃଙ୍ଖଳାରକ୍ଷା ସମ୍ଭବ ନୁହେଁ । ପୁଣି ବିଶୃଙ୍ଖଳିତ କେବେ ସଂଯମୀ ହୋଇନପାରେ । ବାରମ୍ବାର ବାତାଜୀର୍ଣ୍ଣ ଝାଡ଼ା ସତ୍ତ୍ୱେ ସେ ଯେପରି ଏମ୍.ଏ. ପରୀକ୍ଷା ଦେଲେ, ସେଥିରୁ ଯୁବାବସ୍ଥାରୁ ହିଁ ତାଙ୍କର ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ସ୍ପଷ୍ଟ । (୩୯) ଶିକ୍ଷକ ଜୀବନରେ ମଧ୍ୟ ଏହା ପ୍ରତିଫଳିତ । ଛାତ୍ରମାନଙ୍କୁ ଉତ୍ତମରୂପେ ଶିକ୍ଷାଦାନ ପାଇଁ ସେ ବିଶାଳକାୟ ପୁସ୍ତକ ସବୁ ସାରା ରାତି ଉଜାଗର ରହି ଗଭୀର ଧୈର୍ଯ୍ୟ ସହ ପାଠ କରୁଥିଲେ । ଏ ସମସ୍ତ ପୁସ୍ତକର ବର୍ଣ୍ଣନା ସେ ସମୟରେ ନୀଳକଂଠଂକ ଜଣେ ଛାତ୍ର ଅଧ୍ୟାପକ ଶ୍ରୀ ଚିନ୍ତାମଣି ଦାଶ ଲେଖିଥିବା ପୁସ୍ତକରେ ରହିଛି । (୪୦)

ଏ ଧୈର୍ଯ୍ୟର ଅନ୍ୟ ଏକ ବିଶିଷ୍ଟ ଉଦାହରଣ ମିଳେ ରକ୍ଷଣଶୀଳ-ଗୋଷ୍ଠୀ ନିଜର ଅସହିଷ୍ଣୁ ମନର ପରିପ୍ରକାଶ ପାଇଁ ସତ୍ୟବାଦୀର ସ୍କୁଲ ଗୃହରେ ଅଗ୍ନିସଂଯୋଗ କରିଦେବା ଘଟଣାରେ । ସ୍କୁଲଟି ପୋଡ଼ିଗଲା । ତା' ଆରଦିନ ପିଲେ ପଢ଼ିବେ କିପରି ? ଶିକ୍ଷକ ଓ ଛାତ୍ରମାନଙ୍କ ଅଭୂତ ଉତ୍ସାହରେ ରାତିକ ମଧ୍ୟରେ ଛାମୁଣ୍ଡିଆ ହୋଇଗଲା । ଛାତ୍ରମାନେ ଭାବିଥିଲେ, ବୋଧହୁଏ ସ୍କୁଲଟି କିଛି ଦିନ ପାଇଁ ବନ୍ଦ ହୋଇଯିବ । କିନ୍ତୁ ତା' ପରଦିନ ସକାଳେ ବିଦ୍ୟାଳୟ କାର୍ଯ୍ୟ ପୂର୍ବପରି ଚାଲିଲା ନୀଳକଂଠଂକ



Digitized by PPRACHIN, SOA

ବଳିଷ୍ଠ ବ୍ୟକ୍ତିତ୍ୱ ଓ ପ୍ରେରଣା ବଳରେ । (୪୧) ଏହି ବିଦ୍ୟାଳୟର ନୂତନ ଗୃହନିର୍ମାଣ ପାଇଁ ଗୃହାଭେଦା କରିବା, ଗୃହନିର୍ମାଣର ଉପକରଣ ସଂଗ୍ରହରେ ପଣ୍ଡିତ ଗୋପବନ୍ଧୁ ଓ ନୀଳକଂଠଂକର ବହୁ ସମୟ କଟୁଥିଲା । ସ୍କୁଲ ପାଇଁ କୋଠାଘର ଓ ଛାତ୍ରାବାସ ନିମିତ୍ତ ଚାଳଘର ଖୁବ୍ ଅଳ୍ପ ସମୟ ମଧ୍ୟରେ ନିର୍ମିତ ହୋଇଗଲା । ବାଉଁଶ ପ୍ରଭୃତି ଉପକରଣ ସବୁ ରେଳଷ୍ଟେସନରୁ ବୋହିବା ପାଇଁ ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଧାଡ଼ିବାନ୍ଧି ଶୃଙ୍ଖଳାରେ କାର୍ଯ୍ୟକରିବା ଦେଖି ସ୍ଥାନୀୟ ଜନସାଧାରଣଙ୍କ ସୁଦୃଷ୍ଟି ଏଇ ଆଶ୍ରମ ସ୍କୁଲରେ ପଡ଼ିବା ସ୍ୱାଭବିକ ।

ଏ ସମ୍ପର୍କରେ ପଣ୍ଡିତଜୀ ଲେଖିଛନ୍ତି—"ଶୃଙ୍ଖଳା, ଧୈର୍ଯ୍ୟ ଓ ସଂଯମ ସ୍କୁଲର ମୂଳଭିତ୍ତି । ଘରପୋଡ଼ି ପରଦିନ ପରୀକ୍ଷା ହେବାର ଥିଲା...... । ଆମ ଉପରକୁ କିନ୍ତୁ ବିପଦ ପରେ ବିପଦ ମାଡ଼ି ଆସିଲା । ସେଦିନ ଗୋଟାକ-ବେଳେ ପ୍ରବଳ ପବନ ଆରମ୍ଭ ହେଲା । ପୁରୁଣାଘରର ସୁରକ୍ଷିତ କାନ୍ଥଗୁଡ଼ିକ ଏକାବେଳକେ ଅଜାଡ଼ି ହୋଇ ପଡ଼ିଲା । ଟିଣ ଗୁଡ଼ିକ ଛିନ୍ନଛତ୍ର ହୋଇ ପଡ଼ିଲା । ମୁଁ ଓ ଅନ୍ୟମାନେ ଦୁଃଖ ନ କରି ସିଂହ ବିକ୍ରମରେ ପିଲମାନଙ୍କୁ ଧରି ବାହାରି ପଡ଼ିଲୁ । ବର୍ଷା ଓ ପବନରେ ମଧ୍ୟ ଟିଣଗୁଡ଼ିକୁ ଯତ୍ନର ସହିତ ଏକତ୍ର କଲୁ । ସମସ୍ତ ଛାତ୍ର ଓ ଶିକ୍ଷକମାନେ ବୋଡ଼ିଂ ଓ ସ୍କୁଲଘର ତିଆରୀର ସମସ୍ତ କାର୍ଯ୍ୟ ହାତେ ହାତେ କରୁଥାନ୍ତି...... । ମୁଁ ଏବଂ ଗୋପବନ୍ଧୁ ବାବୁ ବର୍ଷ ଶେଷ ଆଡ଼କୁ ଅର୍ଥ ସଂଗ୍ରହ ଓ ଗୃହନିର୍ମାଣ ଉପକରଣ ସଂଗ୍ରହ କରିବା ନିମନ୍ତେ ବାହାରକୁ ଗଲୁ ।" (୪୨) ଏଥିରେ ଉଭୟେ ସଫଳ ହୋଇଥିଲେ ମଧ୍ୟ । ଏହାକୁ ହିଁ କହନ୍ତି ଧୈର୍ଯ୍ୟ ଓ ନିଷ୍ଠା । ଚାଳଘର ପୋଡ଼ିଗଲା । କୋଠାଘର ଗଢ଼ା ହେବ । ଶୋଚନା କ'ଣ ? ଧୈର୍ଯ୍ୟ ଓ ନିଷ୍ଠା ଶେଷରେ ଜୟଯୁକ୍ତ ହେଲା । ପ୍ରତିହିଂସା ଓ ଅସହିଷ୍ଣୁତା ମଥା ନୋଇଁଲା । ସତ୍ୟବାଦୀ ବିଦ୍ୟାଳୟ ପୂର୍ବାପେକ୍ଷା ଅଧିକ ସଫଳତାର ସହିତ ଆଗେଇ ଚାଲିଲା ।

ନୀଳକଂଠ ଯେ କେବଳ ନିଜେ ଅତ୍ୟନ୍ତ ଧୈର୍ଯ୍ୟବାନ ଥିଲେ, ଏପରି ନୁହେଁ । ଅନ୍ୟକୁ ଧୈର୍ଯ୍ୟଦେଇ ବିପଦବେଳେ ହୃଦୟରେ ବଳ ଭରିଦେବାର ଗୁଣଟି ମଧ୍ୟ ଥିଲା ତାଙ୍କର ଜନ୍ମଗତ କଳା । (୪୩) ଚରମ ଆପଦ-କାଳରେ ମଧ୍ୟ ତାଙ୍କ ମୁହଁରୁ ହସ ଚେନାକ ଉଭେଇ ଯାଉନଥିଲା ।



Digitized by PPRACHIN, SOA

ଏ ସମ୍ବନ୍ଧରେ ତାଙ୍କ ରାଜନୀତିକ ଜୀବନର ଏକ ଘଟଣା ଉଲ୍ଲେଖ କରିବା ଅସମୀଚୀନ ହେବ ନାହିଁ । ସେ ଥାନ୍ତି ଯୁବ ସାମ୍ମୁଖ୍ୟର ନେତା । ଏଣେ ନେତାଜୀଙ୍କ ସହ ତାଙ୍କର ଥାଏ ଗୋପନୀୟ ସମ୍ପର୍କ । ଆଡ଼ୁଆଳରେ ଚାଲିଥାଏ ବ୍ରିଟିଶ୍‌କୁ ହଟାଇବାକୁ ବିସ୍ତର ଓ ବିରାଟ ଯୋଜନା । ସବୁ କିନ୍ତୁ ଧରାପଡ଼ିଗଲା । ଯେଉଁଥି ପାଇଁ ତାଙ୍କ ପୁଅ ଅଶୋକବାବୁଙ୍କୁ କୋର୍ଟମାର୍ଶାଲ କରି ଗୁଳିକରି ଦେବାକୁ କେନ୍ଦ୍ର ସରକାରଙ୍କ ଆଦେଶ ମିଳିଥିଲା । ନୀଳକଂଠ ଏତିକିବେଳେ କଟକରେ ନଥିଲେ । ସେ "ନବଭରତ" ପ୍ରେସ୍‌ରେ ପହଞ୍ଚିବା ମାତ୍ରେ ତାଙ୍କୁ ଏ ଖବର ଜଣାଇ ଦିଆଗଲା । ସେ କିନ୍ତୁ ଦବି ଯିବାର ପାତ୍ର ନଥିଲେ । ଏହା ଯେ ଦେଶପ୍ରେମ ମୂଳକ କାର୍ଯ୍ୟକଳାପର ସ୍ୱାଭାବିକ ପରିଣତି, ଏତିକି ମାତ୍ର କହି ଯୁବକମାନଙ୍କୁ ବିଷାଦ ଦୂର କରି ଆତ୍ମବିଶ୍ୱାସ ନ ହରାଇ-ବାକୁ ଉପଦେଶ ଦେଲେ । ମଜାର ବିଷୟ ହେଉଛି, ମନଖୁସି କରି ମାଛ ଖାଇବାକୁ (ଏହା ତାଙ୍କର ପ୍ରିୟ ଖାଦ୍ୟ) (୪୪) ସଙ୍ଗେ ସଙ୍ଗେ ପକେଟ୍‌ରୁ କାଢ଼ି ୨୦ ଟଙ୍କା ସେହି ଯୁବକମାନଙ୍କୁ ଦେଲେ । (୪୫) ଚିରକାଳ ସେ ଥିଲେ ଏହିପରି ବିପଦ ବେଳେ ଧୈର୍ଯ୍ୟବାନ ଓ ଅବିଚଳିତ ।

## ନେତୃତ୍ୱ, ତ୍ୟାଗ, ସାରଲ୍ୟ ଓ ଅକୁତୋଭୟତା :

ଶୃଙ୍ଖଳା, ସଂଯମ ଓ ଧୈର୍ଯ୍ୟରୁ ହିଁ ନେତୃତ୍ୱ, ତ୍ୟାଗ, ସାରଲ୍ୟ ଓ ଅକୁତୋଭୟତାର ଜନ୍ମ ଓ ବିକାଶ । ପଂଡ଼ିତ ନୀଳକଂଠଙ୍କ କ୍ଷେତ୍ରରେ ଏହା ସ୍ୱାଭାବିକ ରୀତିରେ ଘଟିଥିଲା । ନେତୃତ୍ୱ ତାଙ୍କ ଜୀବନ ପ୍ରଣାଳୀର ମୂଳଭିତ୍ତି । ତୀକ୍ଷ୍ଣ ବୁଦ୍ଧି, ମୌଳିକ ଚିନ୍ତା, ଓଜସ୍ୱିନୀ ଭାଷା ସାଙ୍ଗକୁ ତାଙ୍କର ଥିଲା ବାସ୍ତବ ପରିସ୍ଥିତିର ଅଭ୍ରାନ୍ତ ବିଶ୍ଳେଷଣ ଓ ପରିବର୍ତ୍ତନର ଯୁକ୍ତିଯୁକ୍ତ ଧାରା ନିର୍ଣ୍ଣୟ କରିବାର ଅଦ୍ଭୁତ ଶକ୍ତି । (୪୬) ସାରଲ୍ୟ ଓ ତ୍ୟାଗ ଯେ କୌଣସି ମହାପୁରୁଷଙ୍କ ଜନ୍ମଗତ ଲକ୍ଷଣ । ସେମାନେ ମଧ୍ୟ ଅକୁତୋ-ଭୟ । ଆଦର୍ଶ ଶିକ୍ଷକ ନୀଳକଂଠଙ୍କ ଜୀବନ ବା ଏଥିରୁ ବାଦ୍‌ପଡ଼ନ୍ତା କିପରି ?

## ନେତୃତ୍ୱ :

'ଏହି ଗୁଣଟି ଖୁବ୍ କମ୍ ବୟସରୁ' ତୁଳସୀ ଦୁଇପତ୍ରରୁ ବାସିବା ନ୍ୟାୟରେ ନୀଳକଂଠଙ୍କଠାରେ ଲକ୍ଷ୍ୟ କରି ହେଉଥିଲା । ତାଙ୍କର ଛାତ୍ରା-ବସ୍ଥାରେ କଟକ ଓ ପୁରୀରେ ଏପରି କୌଣସି ଛାତ୍ର ସଂଗଠନ ନ ଥିଲା,



Digitized by PPRACHIN, SOA

ଯେଉଁଥିରେ ସେ ସଭାପତି ବା ସମ୍ପାଦକ ନ ଥିଲେ । (୪୭) "ୟଙ୍ଗ୍ ଉତ୍କଳ ଆସୋସିଏସନ୍"ର ମଧ୍ୟ ସେ ଥିଲେ ଅଗ୍ରଣୀ କର୍ମୀ । (୪୮) ନୂଆ ସ୍କୁଲର ଅଧିନାୟକତ୍ୱ ନେବା ପାଇଁ ହିଁ ଅଧିକ ଶିକ୍ଷା ସକାଶେ ନୀଳକଂଠ କଲିକତା ଗଲେ । ବିଦ୍ୟାଳୟ ମାଧ୍ୟମରେ ଯୁବଶକ୍ତିର ବିନିଯୋଗ ଦ୍ୱାରା ସବୁସ୍ତରରେ ଐତିହ୍ୟ ସମ୍ବଳିତ, ବିଜ୍ଞାନସମ୍ମତ ଚେତନା ଜାଗ୍ରତ କରିବା ଥିଲା ତାଙ୍କ ଜୀବନର ମୁଖ୍ୟ ସଂକଳ୍ପ । ଆତ୍ମବିଶ୍ୱାସପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ଯେପରି ବାରି ହେଉଥିଲା, ସମସାମୟିକ ପ୍ରତିରୋଧକ ଘଟଣାବଳୀକୁ ଆୟତ୍ତ କରିବା ସେହିପରି ତାଙ୍କ ପକ୍ଷେ ସହଜ ଦେଖାଯାଉଥିଲା । (୪୯) ଜ୍ଞାନଦୀପ୍ତ କର୍ମ, ଯୁକ୍ତିଯୁକ୍ତ ଧର୍ମ, ଭେଦଭାବହୀନ ସମାଜ—ତାଙ୍କର ଜୀବନ ଦର୍ଶନ । ସେଥିପାଇଁ ଯେ କୌଣସି କଷ୍ଟ ତ୍ୟାଗ ତାଙ୍କର ବରଣୀୟ ଥିଲା । ସଞ୍ଚାଳକ ହେବା ପାଇଁ ସେ ଯୋଗ୍ୟ ଥିଲେ । ସଞ୍ଚାଳିତ ହେବାର ବିଡ଼ମ୍ବନା ତାଙ୍କର ଅସହ୍ୟ ହୁଏ । 'ନେତା' ହେବା ଥିଲା ତାଙ୍କର ସ୍ୱଭାବ—'ନୀତ' ହେବା ନୁହେଁ । ପ୍ରଥମ ଦିନ ସେ ବିଦ୍ୟାଳୟକୁ ଆସିବା ସଙ୍ଗେ ସଙ୍ଗେ ପ୍ରାଧାନ୍ୟ ତାଙ୍କର ସହଚର ହୋଇଗଲା ଆପେ ଆପେ । ଅଲକ୍ଷ୍ୟରେ ତାହା ଘଟିବାର ସମସ୍ତେ ଲକ୍ଷ୍ୟ କଲେ । ଶିକ୍ଷକ ଗୋଷ୍ଠୀରେ ତାଙ୍କର ପୂର୍ବ-ଶିକ୍ଷକ ବୟସ୍କ ବ୍ୟକ୍ତିମାନେ ଥାଆନ୍ତି । ହେଲେହେଁ ସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ୍ ହେବାରେ କାହାର ସହଯୋଗ, ସମର୍ଥନରେ କୁଣ୍ଠା ଆସିଲା ନାହିଁ । ପବନ ବୋହିଲେ ଯେଉଁ ବଡ଼ ଗଛ ହେଉ, ତା ଡାଳପତ୍ର ପବନର ଗତିମୁଖରେ ଢ଼ଳେ । ସୁପରିଣ୍ଟେଣ୍ଡେଣ୍ଟ୍‌ଙ୍କ ଉତ୍ସାହରେ ସମସ୍ତେ ଭାସିଲେ—ଶିକ୍ଷକ, ଛାତ୍ର, ଅଫିସ୍‌ର କିରାଣୀ, ମେସ୍‌ର ପୂଝାରୀ ପର୍ଯ୍ୟନ୍ତ । ସକାଳୁ ମଧ୍ୟରାତ୍ର ପର୍ଯ୍ୟନ୍ତ ସବୁକଥାର ସବୁଚିନ୍ତା ତାଙ୍କର । ଏହି ନେତୃତ୍ୱ ଓ କର୍ତ୍ତୃତ୍ୱ—ଯାହା ତାଙ୍କର ମୁଖ୍ୟ ଅଂଶ ଥିଲା, ସତ୍ୟବାଦୀ ସ୍କୁଲକୁ ନୀତିବୋଧ ଓ ରୀତିଜ୍ଞାନର ଏକ ଅପରିସୀମ ପରୀକ୍ଷାଗାରରେ ପରିଣତ କରିଦେଲା । ସେଠାରୁ ବାହାରିଲା ବିସ୍ତାରିତ ଜନସେବାରେ ବିଭିନ୍ନ ଦିଗ, ଧର୍ମ ନାମରେ ପ୍ରଚଳିତ କୁସଂସ୍କାରର ପ୍ରତିରୋଧ ନିଶ ଆନ୍ଦୋଳନ, ବ୍ୟୟବହୁଳ ସାମାଜିକ ଚଳଣୀର ପ୍ରତିବାଦ, ନିଶା-ନିବାରଣର ପ୍ରଚେଷ୍ଟା । ପିଲାଙ୍କ ଭିତରେ ଆରମ୍ଭ ହେଲା ପାଠରେ ନିଷ୍ଠା, କାର୍ଯ୍ୟରେ ଶୃଙ୍ଖଳା, ବୋଡିଂ ପରିଚାଳନାରେ ପ୍ରତ୍ୟକ୍ଷ ଦାୟିତ୍ୱ, ଖାଦ୍ୟ-ପାକ ଓ ପରିବେଷଣରେ ଅଂଶ ଗ୍ରହଣ, ଖେଳ, ବ୍ୟାୟାମରେ ପ୍ରତିଯୋଗିତା, ଆଲୋଚନା ସଭା, ବକ୍ତୃତା, ଶ୍ଳୋକାନ୍ତ, ମ୍ୟାଚ୍ ଇତ୍ୟାଦି । ବୋଡ଼ିଂରେ



Digitized by PPRACHIN, SOA

ଆଗ୍ଣ୍ଡାଳ ବ୍ରାହ୍ମଣ ଏକ ପଙ୍‌କ୍ତିରେ ଭୋଜନ କରିବାକୁ ଲାଗିଲେ । ବିଦ୍ୟାଳୟର ଜୀବନ ଯେପରି ନବୀନ ସ୍ପର୍ଶରେ ଉଚ୍ଛୁଳି ଉଠିଲା, ସମାଜରେ ମଧ୍ୟ ସେହିପରି ପ୍ରତିକ୍ରିୟା ସୃଷ୍ଟି ହେଲା । ମାତ୍ର ବର୍ଷକ ଭିତରେ ଈର୍ଷାଳୁ, ଅସହିଷ୍ଣୁ ଲୋକେ ଅତିଷ୍ଠ ହୋଇ ପଡ଼ିଲେ । ନୀଳକଂଠ ସ୍କୁଲର ହେଡ଼୍ ହେବାର ୬ ମାସ ମଧ୍ୟରେ ୧୯୧୨ ମାର୍ଚ୍ଚ ମାସ ଦୁଇ ତାରିଖ ଦିନ ସ୍କୁଲ ଘରେ ନିଆଁ ଲଗାଇ ଦେଲେ । ସମସ୍ତ ଭସ୍ମୀଭୂତ ହୋଇଗଲା । ଭାବିଥିଲେ, 'ମୂଳୁ ମାଇଲେ ଯିବ ସରି, ଦେବଙ୍କ ସଙ୍ଗେ କିଂପା କଳି' । ଫଳ କିନ୍ତୁ ହେଲା ବିପରୀତ । ନଡ଼ିଆ ବରଡ଼ା ଗୁଞ୍ଜ ଛାମୁଣ୍ଡିଆ ତଳୁ, ଛୁରିଅନା ଗଛ-ମୂଳୁ ନୀଳକଂଠଙ୍କର ବିଶାଳ ଯୋଜନା ମୁଣ୍ଡ ଟେକିଲା । ସମବାୟ ସମିତି, ସାହିତ୍ୟ ସମାଜ, ଉତ୍କଳ ସମ୍ମିଳନୀ ଇତ୍ୟାଦି କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ ହେଲା । ଲୋକେ ନମିଲେ, ୟୁନିଭର୍‌ସିଟି ଢଳିଲା, ସରକାର ମାନିଲେ—ବନ ବିଦ୍ୟାଳୟ ଅଧିକ କର୍ମମୁଖର ହେଲା ।

ତାଙ୍କ ନେତୃତ୍ୱର ପରିପ୍ରକାଶ କେବଳ ସତ୍ୟବାଦୀ ଅଞ୍ଚଳ ନୁହେଁ, ଉତ୍କଳର ସବୁ ସ୍ଥାନରେ ଏବଂ ଉତ୍କଳ ବାହାରେ ମଧ୍ୟ ଗୁଞ୍ଜଲ୍ୟ ସୃଷ୍ଟି କରିଥିଲା । ତାହାହିଁ ତାଙ୍କ ଜୀବନର ସର୍ବୋତ୍କୃଷ୍ଟ ସମୟ ଓ ଅବଦାନ କହିଲେ ହେବ । ସେ ସୁଯୋଗ ରହିଲା ମାତ୍ର ସାତୋଟି ବର୍ଷ । ନେତୃତ୍ୱ ଯିବା ପରେ ସେ ପ୍ରାୟ ଅକ୍ଷମ ହୋଇ ପଡ଼ିଲେ । କର୍ମତତ୍ପରତା ଆଉ ଉଧେଇଲା ନାହିଁ । ବନବିଦ୍ୟାଳୟ ପରିକଳ୍ପନାର ମୂଳଭିତ୍ତି ଦୋହଲିଗଲା । ପଣ୍ଡିତ ଗୋପବନ୍ଧୁ ମଧ୍ୟ ନିଜକୁ ଅସହାୟ ମଣିଲେ । ତିନିବର୍ଷ ଭିତରେ ପ୍ରଦୀପ୍ତ ଦୀପଶିଖା ସ୍ତିମିତ ନଇଁ ଆସିଲା । (୫୦) ନୀଳକଂଠ ଗ୍ଲଲିଗଲେ କଲିକତା ଓଡ଼ିଆ ଓ ତୁଳନାତ୍ମକ ସାହିତ୍ୟର ଅଧ୍ୟାପକ ହୋଇ । ଦୁଇ ବର୍ଷର ଗଜିନାମା (୫୧) । ଏ ମଧ୍ୟରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ଦେଶରେ ଆରମ୍ଭ ହୋଇଗଲା । ନୀଳକଂଠ ଦେଶର ଡାକଗକୁ ଏଡ଼ି ପାରିଲେ ନାଇ ୩୩ ମାସରେ ଅଧ୍ୟାପକ ପଦଛାଡ଼ି ସେ ସେଠାରୁ ଗଲେ ସମ୍ବଲପୁର ଅସହଯୋଗର ବର୍ତ୍ତିକାଧରି । ବନବିଦ୍ୟାଳୟ ଆଦର୍ଶରେ ସେ ତ ସ୍କୁଲଟିଏ ବସାଇ ଚମକ ସୃଷ୍ଟିକଲେ ନିଜର ନିଷ୍ଠାପର କର୍ତ୍ତୃତ୍ୱ ବଳରେ । ମାତ୍ର ବର୍ଷେ ନ ପୂରୁଣୁ (୫୨) ପୁଣି ଫେରିଲେ ସତ୍ୟବାଦୀ ବିଦ୍ୟପୀଠକୁ ଅଧ୍ୟାପନା ପାଇଁ । ତାହା ମଧ୍ୟ ଅଧାପନ୍ତରିଆ—କର୍ତ୍ତୃତ୍ୱ ବିହୀନରେ ନୀଳକଂଠ କର୍ମବିମୁଖ । ମନ୍ଦିରରେ ସବାକ୍ ଦେବବିଗ୍ରହ ନହେଲେ, ପୂଜାରେ ତାଙ୍କର



Digitized by PPRACHIN, SOA

ଅନାଗ୍ରହ । ଶିକ୍ଷାୟତନରୁ ସବୁଦିନ ପାଇଁ ବିଦାୟ ନେବାକୁ ପଡ଼ିଲା । ଏହାପରେ ସେ ରାଜନୀତିର ଜଟିଳ ପଥରେ ପାଦ ବଢ଼ାଇଲେ । ସେଥିରେ ଯେ ପାରଦର୍ଶିତା ଝଲକ ନ ଆସିଛି ନୁହେଁ, କିନ୍ତୁ ସତ୍ୟବାଦୀ କାଳର ବିମୁଗ୍ଧତା ନାହିଁ । ତାହାର କାରଣ, ସେ କ୍ଷେତ୍ରରେ ମଧ୍ୟ ସେ ନେତୃତ୍ୱ ପାଇଲେ ନାହିଁ । ସେ ଥିଲେ ସେନାପତି । ସେ ଆସନ ନ ମିଳିଲେ ତାଙ୍କର କର୍ମସ୍ପୃହା, କୌଶଳ ପରିପାଟୀ ମ୍ରିୟମାଣ ହୋଇପଡ଼େ । ସୂର୍ଯ୍ୟର ପ୍ରଖର ତାପ, ଉଜ୍ଜ୍ୱଳ ଆଲୋକକୁ ଛତା ଆଢ଼ୁଆଳ ସ୍ୱାଭବିକ । (୫୩) କେନ୍ଦ୍ରୀୟ ବିଧାନ–ସଭାରେ ଯେଉଁ ଦଳରେ ସେ ଯୋଗଦେଲେ, ସେଥିରେ ତାଙ୍କୁ ସିନିୟର ସେକ୍ରେଟାରୀ ପଦ ମିଳିଲା କେବଳ । ମୁଖ୍ୟ ଅଧିକାର ଥରେ ନେଲେ ମୋତିଲାଲ, ପରେ ବୁଲାଭାଇ ଦେଶାଇ । ଦ୍ୱିତୀୟସ୍ତର ଧ୍ୱନିରେ ସ୍ୱର ଉଠେ, ଝଙ୍କାର ତୋଳି ହୁଏ ନାହିଁ । (୫୪)

ଓଡ଼ିଶା ରାଜନୀତିରେ ଯେଉଁ ଦୁଇଥର ସେ ଅଳ୍ପ ସମୟ ପାଇଁ ନେତୃତ୍ୱ ପାଇଥିଲେ, ଆଶାତୀତ ସଫଳତାର ମୋହର ଜାହିର ହୋଇଥିଲା । ୧୯୨୪ ଠାରୁ ୧୯୬୦ ପର୍ଯ୍ୟନ୍ତ ଏହି ପର୍ଯ୍ୟାୟରେ ସେ କେବଳ ଗୌଣ ଭୂମିକା ଗ୍ରହଣ କରିଛନ୍ତି । ଫଳତଃ, ତାଙ୍କର ଶ୍ରେଷ୍ଠ ଅବଦାନରୁ ଦେଶ ଓ ଭବିଷ୍ୟତ ବଞ୍ଚିତ ହେଲା । ବ୍ୟକ୍ତିତ୍ୱର ବିକାଶ ଅତି ସଙ୍କୁଚିତ ହୋଇଗଲା । ଜୀବନର ପ୍ରାକ୍–କାଳରେ ଯେଉଁ ମୁଖ୍ୟ ଅବଦାନ ସତ୍ୟବାଦୀ କେନ୍ଦ୍ରରୁ ଆରମ୍ଭ କରିଥିଲେ, ତାହା ମାତ୍ର ସପ୍ତବର୍ଷ ବ୍ୟାପୀ । (୫୫) ସେ ସୁଯୋଗ ସେ ଆଉ ପାଇ ନାହାନ୍ତି । କର୍ମ ପ୍ରବଣ ପ୍ରତିଭା ଅଧୀର ହୋଇ ଅନ୍ୟପଥର ଆଶ୍ରୟ ନେଲା– ସାହିତ୍ୟ ସୃଷ୍ଟି । ତାହା ପ୍ରକୃତ ପକ୍ଷରେ ସମୟ କ୍ଷେପଣ ପାଇଁ, ଆଶ୍ୱାସନା ପାଇଁ, କନିଷ୍ଠମାନଙ୍କ ପ୍ରବୋଧନା ପାଇଁ । ସେଥିରେ କିନ୍ତୁ ତାଙ୍କ ଜୀବନଦର୍ଶନର ପୂର୍ଣ୍ଣ ପ୍ରକାଶ ହୋଇପାରି ନାହିଁ । କାରଣ, ତାହା ତାଙ୍କର ପ୍ରଧାନ ଭୂମିକା ନଥିଲା । ତା' ହୋଇଥିଲେ ସତ୍ୟବାଦୀ ସ୍କୁଲପରେ ସେ ଲାଗିପାରି ଥାନ୍ତେ ସାହିତ୍ୟ ରଚନାରେ । ସେଥିପାଇଁ ଉପାଦାନର ଅଭାବ ନ ଥିଲା ।

ସତ୍ୟବାଦୀର ନେତୃତ୍ୱ ପରେ ଆଉ ସେ ସୁଯୋଗ ମିଳି ନ ଥିଲା । କାଳ ସହିଲା ନାହିଁ ନୀଳକଂଠଙ୍କର ଶିକ୍ଷା କ୍ଷେତ୍ରରେ ଅଗ୍ରଗାମିତ୍ୱକୁ । ପୁରାତନ ଗୁରୁକୁଳ ଅବଲମ୍ବନରେ ଆଧୁନିକ ବିଦ୍ୟାଭ୍ୟାସ ସମାଜର ଆର୍ଥିକ



Digitized by PPRACHIN, SOA

ଅବସ୍ଥା ଉପଯୋଗୀ ହୋଇ ପାରିବାର ଯେଉଁ ସଫଳ ପରୀକ୍ଷା ସତ୍ୟବାଦୀରେ ଘଟିଥିଲା, (୫୬) ତାହାର ପ୍ରସାର ଅନ୍ୟାନ୍ୟ ଶିକ୍ଷାୟତନକୁ ବ୍ୟାପିଥାଆନ୍ତା ନୀଳକଂଠ ଆଉ କିଛି କାଳ ନିୟାମକ ହୋଇ ରହିଥିଲେ । ସାର୍ ଆଶୁତୋଷ ମୁଖାର୍ଜୀ ସ୍କୁଲ ଦେଖି ଲେଖିଯାଇଥିଲେ, ବଙ୍ଗଦେଶରେ ସତ୍ୟବାଦୀ ସ୍କୁଲପରି ଅନୁଷ୍ଠାନ ଗଢ଼ିଉଠନ୍ତା କି ! (୫୭) ଗାନ୍ଧୀ, ମଧୁସୂଦନ, ଫକୀର ମୋହନ, ସୁରେଶ ଚନ୍ଦ୍ର ଦାସଗୁପ୍ତଙ୍କ ପରି ବିଶିଷ୍ଟ ବ୍ୟକ୍ତିଙ୍କ ମନରେ ଗଭୀର ରେଖାପାତ କରିଥିଲା ସତ୍ୟବାଦୀ ବନ-ବିଦ୍ୟାଳୟ । (୫୮) ଛୋଟଲାଟ ମଧ୍ୟ ଏହାର ଉପଯୋଗିତା ସ୍ୱୀକାର କରି ଯାଇଥିଲେ । ଏ ସବୁ କୃତିତ୍ୱ ନୀଳକଂଠଙ୍କର । (୫୯) ତାଙ୍କର ବିନା ପରାମର୍ଶରେ ସେଠାରେ କିଛି ହୋଇପାରୁ ନ ଥିଲା । ନୀଳକଂଠଙ୍କର ବିନା ସୂଚନାରେ କୌଣସି ପରିକଳ୍ପନା ରୂପରେଖ ନେଇପାରୁ ନ ଥିଲା କିମ୍ବା ବାହାର ଆଲୋକ ସଂସ୍ପର୍ଶରେ ଆସିପାରୁ ନଥିଲା । ଏହାହିଁ ଥିଲା ସେତେବେଳର ସତ୍ୟବାଦୀ ବନବିଦ୍ୟାଳୟର ରୀତି । ଏ ସମ୍ପର୍କରେ ପଣ୍ଡିତ୍ ଗୋଦାବରୀଶଙ୍କୁ ସ୍ମରଣ କରା ଯାଇପାରେ, "ମୁଁ କଲିକତାରେ ପୁରୁଷୋତ୍ତମ ଦେବ ନାଟକ ଲେଖିଥିଲି । ମୋର ଧାରଣା ଜନ୍ମିଥିଲା ଯେ, ସାହିତ୍ୟ ଲେଖା ମୁଁ ଉତ୍କଳ-ସାହିତ୍ୟ ସମ୍ପାଦକ ବିଶ୍ୱନାଥ କରଙ୍କ ଠାରୁ ଶିଖିଥିଲି । ସେଥିପାଇଁ ମୋର ପ୍ରଥମ ସାହିତ୍ୟ ଲେଖା ନାଟକ ଖଣ୍ଡି 'କର' ମହାଶୟଙ୍କୁ ଉତ୍ସର୍ଗ କରିବାକୁ ବସିଲି । ମୁଁ ଭାବି ନ ଥିଲି ଯେ, ନୀଳକଂଠବାବୁଙ୍କ ଆଡ଼ୁ ସେଥିରେ ଆପତ୍ତି ହେବ । ମୋର ଯେ ପୂର୍ଣ୍ଣ ସ୍ୱାଧୀନତା ନାହିଁ, ମୁଁ ସେଦିନ ଅନୁଭବ କଲି ।" (୬୦)

ଜୀବନର ଶେଷ ପର୍ଯ୍ୟନ୍ତ ଏହି ନେତୃତ୍ୱପଣଟି ପଣ୍ଡିତଜୀଙ୍କଠାରେ ଅତୁଟ ରହିଥିଲା । ସେ ଏକ ବଳିଷ୍ଠ ବ୍ୟକ୍ତିତ୍ୱ ଓ ନେତୃତ୍ୱ । ଜାତିକୁ ଉଠାଇବାକୁ ହେଲେ ତାଙ୍କଭଳି ବଳିଷ୍ଠ ବ୍ୟକ୍ତିତ୍ୱ ଓ ନେତୃତ୍ୱ ଏବେ ନିତାନ୍ତ ଆବଶ୍ୟକ । (୬୧) କାରଣ, ବର୍ତ୍ତମାନର ତଥାକଥିତ ନେତୃତ୍ୱ ଭାରତୀୟ ବା ଆନ୍ତର୍ଜାତିକ ନୀତି ନାମରେ ଯେପରି ଅନ୍ଧଭାବରେ ସବୁ କଥାକୁ ସମ୍ମତି ଦେବାକୁ ବ୍ୟସ୍ତ, ସେ ଥିଲେ ତାର ତୀବ୍ର ବିରୋଧୀ । ସବୁକଥାକୁ ନିର୍ବିଘ୍ନରେ ଗ୍ରହଣ କରିନେବା ଦଳୀୟ ଶୃଙ୍ଖଳା ହୋଇପାରେ । କିନ୍ତୁ ଗଡ୍ଡାଳିକା ପ୍ରବାହରେ ଭସି ନ ଯାଇ ଅନ୍ୟାୟ, ଅଯୌକ୍ତିକ ନିଷ୍ପତ୍ତିର ବିରୋଧ କରିବା,



Digitized by PPRACHIN, SOA

ତା' ବିରୁଦ୍ଧରେ ସଚେତନତା ଜାଗ୍ରତ କରାଇବା ଏକ ନୈତିକ ଦାୟିତ୍ୱ । ନୀଳକଂଠଙ୍କ ନିଜ ଭାଷାରେ, "ଲୋକେ ଯୁଆଡ଼େ ଭସି ଯାଆନ୍ତି, ସେଇ-ଆଡ଼େ ମତ ଦେଇ ମତାଇବା ଯଥାର୍ଥ ନେତୃତ୍ୱ ନୁହେଁ । ଲୋକେ ସାଧାରଣତଃ ଯାହା ସୁଖ ପାଆନ୍ତି, ଏପରିକି ପରଂପରରେ ଯାହା କରି ଆସୁଥାନ୍ତି, ନିଜେ ଦୁଃଖକଷ୍ଟ ସହି ସେଥିରୁ ତାଙ୍କ ମୁହଁ ଫେରାଇ ଗୋଟିଏ ନୀତି ଓ ଆଦର୍ଶ ଆଡ଼କୁ ନେବାର ଚେଷ୍ଟା କରିବା ହିଁ ନେତୃତ୍ୱର ମୂଳଦୁଆ । ଲୋକଙ୍କୁ ସୁଖ ଲାଗିବା କଥାରେ ଭସିଯାଇ ଯେ ଲୋକଙ୍କ ନେତା ହେବାକୁ ଲୋଡ଼େ, ସେ ଦୁର୍ବଳ ମାନବ; ସେ ନେତା ହେବାରେ ଲୋକଙ୍କୁ କେବଳ ସତ୍ୟାନାଶ ହେବା ଆଡ଼କୁ ଝିଙ୍କେ" । (୬୨) ଏହି ଆଦର୍ଶର ଅନୁସାରୀ ଏବଂ ସାରା-ଜୀବନ ଏହି ଆଦର୍ଶ ପ୍ରତି ଦୃଢ଼ ନିଷ୍ଠ ରହିଥିବା (୬୩) ମହାନ୍ ନେତୃତ୍ୱ "ପଣ୍ଡିତ ନୀଳକଂଠ ଦାସ ଜଣେ ମୌଳିକ ଚିନ୍ତକ, (୬୪) ମନସ୍ୱୀ ଓ ଅକୁତୋଭୟ ସଂଗ୍ରାମୀ ପୁରୁଷ ଥିଲେ । ସେ କୌଣସି ପରିସ୍ଥିତିରେ ମଧ୍ୟ ମୌଳିକତା ସହିତ ତାତ୍କାଳିକତାର ସାଲିସ୍ କରି ନ ଥିଲେ ।" (୬୫)

## ତ୍ୟାଗ :

ତେବେ ନୀଳକଂଠଙ୍କ ଏହି ନେତୃତ୍ୱ ମୂଳରେ ରହିଥିଲା ତାଙ୍କର ତ୍ୟାଗ ଏବଂ ସାରଲ୍ୟ । ଏହାହିଁ ଭାରତୀୟ ଗୁରୁକୁଳର ଚିରଚରିତ ପରମ୍ପରା । ତ୍ୟାଗ ଏବଂ ସାରଲ୍ୟର ପ୍ରତିମୂର୍ତ୍ତି ଏହି ଗୁରୁମାନେ ଯୁଗ ଯୁଗ ଧରି ଭାରତବର୍ଷକୁ ଆଲୋକବର୍ତ୍ତିକା ଦେଖାଇ ଯାଇଛନ୍ତି । ୧୩୨୧ ସାଲରେ ସୁରେଶ ଚନ୍ଦ୍ର ଦାସଗୁପ୍ତ ନାମକ ଜଣେ ସାହିତ୍ୟିକ ଲେଖିଛନ୍ତି "ବିଜୟ" ପତ୍ରିକାର ତୃତୀୟ ଖଣ୍ଡ ସପ୍ତମ ସଂଖ୍ୟାରେ ନୀଳକଂଠଙ୍କ ସମ୍ବନ୍ଧରେ ନିଜର ପ୍ରତ୍ୟକ୍ଷ ଅନୁଭୂତି—"ଶିକ୍ଷକ ମହାଶୟ ଯୁବକ, ବେଶଭୂଷାରେ କୌଣସି ପରିପାଟୀ ନାହିଁ । ପରିଧାନ ସାଧାଧୋତି—କେଶ ଅସଂସ୍କୃତ । ଦେହରେ ସାମାନ୍ୟ ମାତ୍ର ଗୋଟିଏ ଟ୍ୱିଲର୍ ସାର୍ଟ । ନାମ ନୀଳକଂଠ ଦାସ । ଦାସ ମହାଶୟ ପୁରୀ ଜିଲ୍ଲାର ସର୍ବପ୍ରଥମ ଏମ୍.ଏ. । ସ୍ୱେଚ୍ଛାରେ ନିଜକୁ ଓଡ଼ିଶାର ଶିକ୍ଷାବିସ୍ତାର କଳ୍ପେ ଉତ୍ସର୍ଗ କରିବାର ପ୍ରବଳ ଆକାଙ୍କ୍ଷାର ବଶବର୍ତ୍ତୀ ହୋଇ ସହଯୋଗୀ ଆଉ କେତେଜଣ ତ୍ୟାଗଶୀଳ ଶିକ୍ଷିତ ଯୁବକଙ୍କର ସାହଚର୍ଯ୍ୟରେ ଭାରତର ସନାତନ ତ୍ୟାଗଧର୍ମର ମହାନ୍ ସତ୍ୟ



Digitized by PPRACHIN, SOA

ପ୍ରଚାର କରିବା ନିମନ୍ତେ ଦାସ ମହାଶୟ ସତ୍ୟବାଦୀରେ ଏହି ନିଭୃତ ପଲ୍ଲୀରେ ଏହି ବିଦ୍ୟାଳୟ ସ୍ଥାପନ ଏବଂ ପରିଚାଳନା କରୁଅଛନ୍ତି ।... ... ... । ତାଙ୍କର ଗୃହରେ ପ୍ରବେଶ କରି ଦେଖିଲି ଛୋଟ ଗୋଟିଏ ମୃଣ୍ମୟ ପ୍ରକୋଷ୍ଠ । ଉପରେ ଚାଳ ଛପର । ଖଣ୍ଡିଏ ଚୌକି ଉପରେ ଶିକ୍ଷକ ମହାଶୟ ଉପବିଷ୍ଟ । ତାଙ୍କର ଚାରିଦିଗରେ ଏବଂ ସମ୍ମୁଖସ୍ଥ ଟେବୁଲ ଉପରେ ସ୍ତୁପୀକୃତ ପୁସ୍ତକରାଶି । ତାହା ମଧ୍ୟରେ ବଙ୍ଗାଳୀ ମାସିକପତ୍ର କେତେଖଣ୍ଡି ଦେଖିଲି ଏବଂ ଦେଖିଲି ଘର ଭିତର କାନ୍ଥରେ ଟଙ୍ଗା ହୋଇଛି ବର୍ତ୍ତମାନ ଭାରତର ସର୍ବପ୍ରଧାନ କର୍ମଯୋଗୀ ସ୍ୱାମୀ ବିବେକାନନ୍ଦଙ୍କର ଚିତ୍ର । ... ... । ଦେଖିଲି ଶିକ୍ଷକବର୍ଗ ମାତୃଭାଷାର ଉନ୍ନତି ପ୍ରୟାସୀ ଏବଂ ଭାଷା ଜନନୀର ଏକନିଷ୍ଠ ସାଧକ । ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଦେଖିଲି । ସେ କବିତା ବି ଲେଖନ୍ତି ଏବଂ କବିତା ପରି ମଧ୍ୟ ବାସ କରନ୍ତି । ସୁଗନ୍ଧିଯୁକ୍ତ ପୁଷ୍ପ ଯେପରି ଆପଣାର ସୌରଭ ବିତରଣ କରି ସକଳର ଆନନ୍ଦ ବର୍ଦ୍ଧନ କରେ, ଶିକ୍ଷକ (ନୀଳକଂଠ) ମଧ୍ୟ ସର୍ବପ୍ରକାର ଆମୋଦ ପ୍ରମୋଦ ପରିତ୍ୟାଗ କରି ଉତ୍କଳଜନନୀର ଅଜ୍ଞାନାନ୍ଧକାର ଦୂର କରିବା ନିମନ୍ତେ ସେହିପରି ଜୀବନ ଉତ୍ସର୍ଗ କରି ଅଛନ୍ତି । ପୁଣି ଉତ୍କଳଜନନୀର ଶ୍ୟାମଳ ସୌନ୍ଦର୍ଯ୍ୟ ଭାଷାରେ ପ୍ରକାଶ କରି ଜଗତ୍ ସମକ୍ଷରେ ତାହାର ଗୌରବମୟ ଆସ୍ଥାନ ସ୍ଥାପନ କରିବା ନିମନ୍ତେ ସେ ସଯତ୍ନ ପ୍ରୟାସୀ । ଭଗବାନ ତାଙ୍କର ସର୍ବବିଧ ବାସନାକୁ ଜୟଯୁକ୍ତ କରନ୍ତୁ ।" (୬୬) ମନେ-ରଖିବାର କଥା, ନୀଳକଂଠଙ୍କ ପାଇଁ ଡେପୁଟୀ ଚାକିରୀ ବେଶି ଦୂର ବାଟ ନ ଥିଲା । ତଥାପି ମାସିକ ମାତ୍ର ଚାଳିଶି ଟଙ୍କା (୬୭) ଦରମାରେ ସେ ଏ ତ୍ୟାଗ, ଏ କୃଚ୍ଛ୍ରସାଧନା ସ୍ୱେଚ୍ଛାରେ ବରଣ କରିଥିଲେ । ଅସହଯୋଗ ଆନ୍ଦୋଳନ ଆରମ୍ଭ ପରେ ଏହା ଦଶଟଙ୍କାକୁ କମି ଆସିଥିଲା । (୬୮) ଗୋଦାବରୀଶଙ୍କ ଉକ୍ତିରେ— "ହରି ଭାଇନାଙ୍କର ଗୋଟିଏ ବଡ଼ ମଶାରୀ ଥିଲା । ସେଥିରେ ପାଞ୍ଚଛଅଜଣ ଏକାଠି ଶୋଉଥିଲୁ ।" (୬୯)

ତେବେ, କେବଳ ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକତା କାଳରେ ନୁହେଁ, ସାରାଜୀବନ ନୀଳକଂଠ ଥିଲେ ଏହି ପନ୍ଥାର ପଥିକ । ଖୁବ୍ କମ୍ ବୟସରୁ, ମାତ୍ର ଏଣ୍ଟ୍ରାନ୍ସ (ଏବର ମାଟ୍ରିକ୍) ଶ୍ରେଣୀର ଛାତ୍ର ଥିବାବେଳୁ ତାଙ୍କର ନିର୍ଲୋଭ ପଣ ଫୁଟି ଉଠିଥିଲା । ସେକାଳେ ବିବାହ ପାଇଁ



Digitized by PPRACHIN, SOA

ଗ୍ରିହଜାର ଟଙ୍କା ଯୌତୁକ ଓ ଅନ୍ୟାନ୍ୟ ବହୁ ସୁବିଧାର ପ୍ରତିଶ୍ରୁତି ପ୍ରତ୍ୟାଖ୍ୟାନ ଘଟଣାରେ । (୭୦) ଅର୍ଥ ବା ପଦବୀ ପ୍ରତି କେବେ ମଧ୍ୟ ପଣ୍ଡିତଜୀଙ୍କର ଲାଳସା ନଥିଲା । ନଚେତ୍, ସେ କଦାପି ଇଂରେଜ-ସରକାରଙ୍କର Knighthood ଭଳି ପଦବୀର ପ୍ରଲୋଭନ ଏଡ଼ାଇ ପାରି ନ ଥାନ୍ତେ । (୭୧) ସାହିତ୍ୟ ଏକାଡ଼େମୀର ସଭପତି ପଦ ଗ୍ରହଣ କଲାବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡଃ ମହତାବଙ୍କୁ ସେ ଦେଇଥିବା ଜବାବ, (୭୨) ଚିଠିଦେବା ପ୍ରସଙ୍ଗରେ ନିଜ ଜାମାତାଙ୍କୁ ଦେଇଥିବା ପରାମର୍ଶ, (୭୩) ବିଧାନସଭାକୁ ସ୍ୱାତନ୍ତ୍ୟ ଦେବାପାଇଁ ଲଢ଼ୁଥିବା କାଳରେ ତାଙ୍କର ଆଚରଣ (୭୪) ଏ ପ୍ରସଙ୍ଗରେ ଅବଶ୍ୟ ସ୍ମର୍ତ୍ତବ୍ୟ । ଶତ୍ରୁକୁ ମଧ୍ୟ ଅନୁରୋଧ ମାତ୍ରେ ସମସ୍ତ ସମ୍ବଳ ଅର୍ପଣ କରିଦେବା ଘଟଣାର ଯେଉଁ ବର୍ଣ୍ଣନା ଆଡ଼ଭୋକେଟ୍ ଯଦୁମଣି ଦାଶ ଦେଇଛନ୍ତି, (୭୫) ସେଥିରୁ ନୀଳକଂଠଂକ ନିର୍ଲୋଭପଣ ଏବଂ ଉଦାରତା ହିଁ ସ୍ପଷ୍ଟ ହୁଏ । ସାମାଜିକ ଜୀବନରେ ମଧ୍ୟ ସେ ଥିଲେ ଏଭଳି ତ୍ୟାଗବନ୍ତ ପୁରୁଷ । (୭୬) "ଅଧ୍ୟାପକର ଶାନ୍ତିମୟ ଜୀବନ ଛାଡ଼ି ଅନିଶ୍ଚିତ ରାଜନୀତିର ଝଡ଼ଝଞ୍ଜାରେ ଯୋଗଦେବା ପଣ୍ଡିତ ନୀଳକଂଠଂକ ପକ୍ଷରେ କେତେ ତ୍ୟାଗର ସ୍ୱୀକୃତି, ତାହା ସହଜରେ ଅନୁମାନ କରଯାଇପାରେ । ଆଜିକାଲି କଲିକତାର କେଉଁ ସ୍ନାତକୋତ୍ତର ଶ୍ରେଣୀର ଅଧ୍ୟାପକ ଏକ ମଫସଲ ସ୍କୁଲରେ ଶିକ୍ଷକ ହେବାକୁ ମନ ବଳାଇବ ? ପରେ ପୁଣି ରାଜନୀତି କରି ସେତେବେଳର ବିଦେଶୀ ଦମନଲୀଳାର ଶରବ୍ୟ ହେବା ପାଇଁ ଆଗେଇ ଆସିବ ?" (୭୭) ଜୀବନର ଅପରାହ୍ନରେ ମଧ୍ୟ "ଆତ୍ମଜୀବନୀ" ପାଇଁ ପାଇଥିବା କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲବ୍ଧ ଧନରାଶି ସେ ଦାନ କରି ଦେଇଥିଲେ "ଉତ୍କଳ ସାହିତ୍ୟ ସମାଜ"କୁ ଏବଂ ତାଙ୍କ ବିଶ୍ୱସ୍ତ ଭୃତ୍ୟ ଗଣେଶକୁ । (୭୮) ଚିରକାଳ—ଜନ୍ମରୁ ମୃତ୍ୟୁଯାଏଁ—ସେ ଥିଲେ ଏଭଳି ତ୍ୟାଗଶୀଳ ଓ ନିର୍ଲୋଭ ।

## ସାରଲ୍ୟ ଓ ସ୍ନେହ ପ୍ରବଣତା :

ଏଇ ନିର୍ଲୋଭ ମନୋବୃତ୍ତି ଓ ତ୍ୟାଗଶୀଳତା ହିଁ ତାଙ୍କୁ କରିଥିଲା ଶିଶୁ ତୁଲ୍ୟ ସରଳ ଓ ସ୍ନେହପ୍ରବଣ । ସ୍ନେହପ୍ରବଣ ହେବାକୁ ହେଲେ, ଅନ୍ୟକୁ ପ୍ରାଣଭରି ଭଲ ପାଇବାକୁ ହେଲେ, ନିଜପକ୍ଷରୁ କିଛି ତ୍ୟାଗ ସ୍ୱୀକାର



Digitized by PPRACHIN, SOA

କରିବାକୁ ହେବ ହିଁ ହେବ । ସରଳ ମନଟିଏ ନଥିଲେ ଅନ୍ୟକୁ ନିଜର କରିବାର ଛଳନା ବେଶ୍ କରଯାଇ ପାରେ, ମାତ୍ର ସେ ଅଭିନୟରେ ସ୍ପନ୍ଦନ ନଥାଏ, ପ୍ରାଣ ନଥାଏ । ଶଠତା, କପଟତା, ମିଥ୍ୟା ପ୍ରବଞ୍ଚନା ଇତ୍ୟାଦିକୁ ସେ ଘୃଣା କରୁଥିଲେ । ହୁଏତ ନୀଳକଂଠ ଥିଲେ ଏ ସବୁରେ ଅପାରଗ । ସେଇଥିଲାଗି ତ ସେ ରାଜନୀତିରେ ପାର୍ଥିବ ଦୃଷ୍ଟିରୁ ସର୍ବୋଚ୍ଚ ଶିଖରରେ ପହଞ୍ଚିପାରି ନଥିଲେ । ତଥାପି ପଣ୍ଡିତଜୀଙ୍କ ସରଳତା ଜୀବନର ଶେଷାବସ୍ଥା ଯାଏଁ ଅତୁଟ ରହିଥିଲା । ଏହା ଫୁଟିଉଠୁଥିଲା ତାଙ୍କର ବେଶଭୂଷା, ଅନ୍ୟପ୍ରତି ସ୍ନେହପୂର୍ଣ୍ଣ ବ୍ୟବହାର, (୭୯) ଅକପଟ ଭାବ ପ୍ରକାଶ ଏବଂ ବିମଳ ହାସ୍ୟ-ରସ ସୃଷ୍ଟି ଭିତରେ ।

ଛାତ୍ରମାନଙ୍କ ପ୍ରତି ନୀଳକଂଠଙ୍କ ସ୍ନେହ ପୂର୍ଣ୍ଣ ବ୍ୟବହାର ବିଷୟ ୨ୟ ପରିଚ୍ଛେଦରେ ବର୍ଣ୍ଣନା କରଯିବ । ଏଠାରେ କେତେକ ଅନୁଭବୀଙ୍କ ଅନୁଭୂତିରୁ ପଣ୍ଡିତ ନୀଳକଂଠଙ୍କ ପାଖରେ ଏହି ଗୁଣଟି ଯେ କିଭଳି ସବୁ ସମୟରେ ରହିଥିଲା ତାହା କେବଳ ଦର୍ଶାଇ ଦିଆଯିବ ।

ଶ୍ରୀଯୁକ୍ତ ବାଙ୍କ ବିହାରୀ ଦାସ ଲେଖିଛନ୍ତି, "ପ୍ରଥମ ଥର ତାଙ୍କ ସହିତ ପରିଚୟ ହୁଏ ୧୯୪୬ ମସିହାରେ,............ । ଯେଉଁ କେତେ ସମୟ ତାଙ୍କ ସହିତ ଆଳାପ ହେଲା, ତାହା ମୋର ଯୁବକ ମନରେ ଗଭୀର ପ୍ରଭାବ ପକାଇଲା । ତାଙ୍କର ପାଣ୍ଡିତ୍ୟ, ଆନ୍ତରିକତା ଏବଂ ଆତ୍ମବିଶ୍ୱାସ ଅନେକାଂଶରେ ମୋତେ ଆକୃଷ୍ଟ କଲା । ତାଙ୍କଠାରେ ସବୁଠାରୁ ବଡ଼ କଥା ଦେଖିଲି ଯେ ବୟସର ବିରାଟ ବ୍ୟବଧାନ ସତ୍ତ୍ୱେ ତାଙ୍କର ସ୍ନେହ ପୂର୍ଣ୍ଣ ବ୍ୟବହାର । ପଣ୍ଡିତଜୀଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ଅନେକଙ୍କର ଧାରଣା ଥିଲା ଯେ ସେ ଜଣେ ଅହଙ୍କାରୀ ପୁରୁଷ । ମୋର ମଧ୍ୟ କିଛି ପରିମାଣରେ ସେହିପରି ଧାରଣା ଥିଲା । କିନ୍ତୁ ପ୍ରଥମ ଭେଟରେ ସେହି ଚିତ୍ର ଲିଭି ଆସିଲା ଓ ତାଙ୍କର ଛୋଟ ବୟସର ଲୋକଙ୍କ ପ୍ରତି ଆନ୍ତରିକ ସ୍ନେହ ସ୍ପଷ୍ଟ ଓ ନିଛକ ବୋଲି ପ୍ରତିଭାତ ହେଲା ।" (୮୦) ସାହିତ୍ୟ, ରାଜନୀତି, ସାମ୍ବାଦିକତା ଆଦି ବହୁକ୍ଷେତ୍ରରେ ଦୀର୍ଘଦୀନ ନୀଳକଂଠଙ୍କ ସଂସ୍ପର୍ଶ ଲାଭର ସୌଭାଗ୍ୟ ପାଇଥିବା ସରଳା ଦେବୀ ଲେଖିଛନ୍ତି, "ସେ ମତେ କନ୍ୟାବତ୍ ସ୍ନେହ କରୁଥିଲେ ଏବଂ ତାଙ୍କର ମନର ସବୁକଥା ଅକପଟରେ ମତେ କହୁଥିଲେ" (୮୧) । ଏହାର ଅକାଟ୍ୟ ପ୍ରମାଣ, ଡଃ କୁଞ୍ଜ ବିହାରୀ ଦାସଙ୍କ ଭାଷାରେ,



Digitized by PPRACHIN, SOA

"ସ୍ନେହର ଡୋରିରେ ସେ ଜୀବନସାରା ପାଖକୁ ଟାଣିଛନ୍ତି, ଫଳରେ କୁଟୁମ୍ବର ଜଣେ ପରି ମୁଁ ତାଙ୍କର ବିଶ୍ୱସ୍ତ ହୋଇଛି ।" (୮୨) କି ଆତ୍ମୀୟତା, କି ସ୍ନେହ ଦୃଷ୍ଟିରେ ଏହି ତରୁଣ ସାହିତ୍ୟିକଙ୍କୁ ପଣ୍ଡିତଜୀ ଦେଖୁଥିଲେ, ତାହା ତାଙ୍କର ଏକ ପତ୍ରରୁ ଜଣା ପଡ଼େ–

"ଆୟୁଷ୍ମାନ୍ କୁଞ୍ଜବିହାରୀ,

ତୁମେ ମୋ ପାଇଁ ଭରି ଲଗିଛ । ଶୁଝାଇ ପାରିବି ନାହିଁ ।.............. ମୋ ପ୍ରବନ୍ଧକୁ ବୈଜ୍ଞାନିକ ପ୍ରଣାଳୀବଦ୍ଧ କରିବା ପାଇଁ ବଦଳା ବଦଳି କଲେ ମୋର ଆପତ୍ତି କାହିଁକି ହେବ ?... ... ... ତା ୧୯ । ୨ । ୫୫ ।" ଆଉ ଗୋଟିଏ ଚିଠିରେ–

ତମ ପଲ୍ଲୀଗୀତ ଓ ମୁଖବନ୍ଧ ଛପା ସରିଲେ ଦେଖିବି ବୋଲି ଅପେକ୍ଷା କରିଛି । ତା ୧ । ୧୨ । ୫୭ । ଏଇଭଳି ଚିଠି ଗୁଡ଼ିକରେ କେତେ ଆତ୍ମୀୟତା, (୮୩) କେତେ ଦରଦ ଯେ ଫୁଟି ଉଠିଛି ତାହା ସହଜରେ ଅନୁମାନ କରଯାଇ ପାରେ । ଏ ଆତ୍ମୀୟତା, ଏ ଦରଦ ନ ଥିଲେ କି ଶିକ୍ଷକ ଛାତ୍ର ସମାଜର ନିକଟବର୍ତ୍ତୀ ହୋଇପାରନ୍ତି ? ନିକଟ ସମ୍ପର୍କ ସ୍ଥାପନ ହିଁ ଛାତ୍ରଠାରେ ଶିକ୍ଷକଙ୍କ ଆଦର୍ଶ ଗୁଣାବଳୀର ବୀଜ ରୋପଣ ଏବଂ ପ୍ରତିବିମ୍ବନ ପାଇଁ ଏକମାତ୍ର ମାଧ୍ୟମ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

କେବଳ ଛାତ୍ର, ସାହିତ୍ୟିକ ବା ଅନ୍ତରଙ୍ଗ ସହକର୍ମୀମାନଙ୍କ ପ୍ରତି ନୁହେଁ, ସଂସାରର ପ୍ରତିଟି ମଣିଷ ପାଇଁ ନୀଳକଂଠଙ୍କ ହୃଦକନ୍ଦରର ନିଭୃତ ସ୍ଥଳରେ ସ୍ନେହ ପ୍ରବଣ ମନଟିଏ ରହିଥିଲା । ଶ୍ରୀଯୁକ୍ତ କ୍ଷୀରୋଦ ଚନ୍ଦ୍ର ବର୍ମନ୍ କହନ୍ତି, "ସେଇ ଡିସେମ୍ବର ଶୀତ ରାତିଟି ମୋ ଜୀବନର ପୁଣ୍ୟାହ ।...... ପ୍ରାୟ ଆଠଟା ରାତିରେ ମୁଁ ପହଞ୍ଚିଲି ।...... ପଣ୍ଡିତ ମହାଶୟ ପଚାରିଲେ– 'ଖାଇଚ ?' ହୋଟେଲରେ ଖାଇ ଆସିଥିବାର ଜଣାଇଲି । ତେବେ ହେଁ ତାଙ୍କର ମନ ମାନିଲା ନାହିଁ । ମୋତେ ଅତିଥି କହି କିଛି ମିଠା ଖୁଆଇଲେ ।... ସେ ଖଟ ଉପରେ ଶୋଇଲେ । ମୁଁ ଚଟାଣରେ ବିଛଣା ପକାଇଲି । କ୍ଳାନ୍ତ ଲାଗୁଥିଲା, ତେଣୁ ବିଛଣା ଧରିବା ମାତ୍ରେ ଘୁଙ୍ଗୁଡ଼ି ମାରିଲି । ମୋର ପତଳା ଆଲୁଆନ ଭିତରେ ଶୀତଗୁଡ଼ାକ ପଶିଯିବାର ଉଦ୍ୟମ କରୁଥାଆନ୍ତି । ମୁଁ ଚୁଙ୍ଗୁଡ଼ିମାଛ ଭଳି ମୋଡ଼ି ହୋଇ ଶୋଇ ପଡ଼ିଲି । ଅଧରାତିରେ ମୋର



Digitized by PPRACHIN, SOA

ନିଦ ଭାଙ୍ଗିଗଲା । ଉଠି ଦେଖିଲି, ମୋ ଉପରେ ଖଣ୍ଡିଏ କମ୍ବଳ ଘୋଡ଼ା ହୋଇଛି । ମୋର ଶୀତ କାତରତାକୁ କିଏ ଅନୁଭବ କଲା– କିଏ କମ୍ବଳ ଘୋଡ଼ାଇଲା ? ଦେଖିଲି, ପଣ୍ଡିତେ ବହି ମେଲାଇ ପଢ଼ୁଛନ୍ତି ।... ... ... ... ... ଏବେ ଗତିରେ କମ୍ବଳ ପ୍ରଭୃତି ନଥିଲେ ମୋର ମନେହୁଏ– କିଏ ଆସି ଘୋଡ଼ାଇ ଦିଅନ୍ତା କି ?" (୮୪) ଚାକର ବାକରଙ୍କ ପ୍ରତି ମଧ୍ୟ ପଣ୍ଡିତଜୀ ଖୁବ୍ ସ୍ନେହଶୀଳ ଥିଲେ । (୮୫) ଭୋଜନ କାଳରେ ତାଙ୍କର ଏହି ସ୍ନେହ-ପ୍ରବଣ ମନଟି ବହୁ ସମୟରେ ପ୍ରକାଶ ଲାଭ କରୁଥିଲା । (୮୬)

ସ୍ନେହ ସର୍ବସ୍ୱ ନୀଳକଂଠ ସରଳ ହେବାରେ, ଖୋଲା ଅନ୍ତରର ମଣିଷଟିଏ ହେବାରେ ବିଚିତ୍ରତା ବା କ'ଣ ? ଏ ସମ୍ପର୍କରେ ବହୁ କଥା ଶୁଣାଯାଏ । ତେବେ, ଏଠାରେ ମାତ୍ର ଦୁଇଟି ଉଦାହରଣ ଦିଆଯିବ ।

ଅଧ୍ୟାପକ ଗୌରୀକୁମାର ବ୍ରହ୍ମାଙ୍କ ଅନୁଭୂତି– "୧୯୪୨ ଠାରୁ ତାଙ୍କର ପରଲୋକ ପର୍ଯ୍ୟନ୍ତ ତାଙ୍କ ପାଦ ତଳେ ବସି ନାନା କଥା ଶିକ୍ଷା କରିବାର ସୌଭାଗ୍ୟ ମୋର ଘଟିଥିଲା... । ଅନେକ ଦିନ କହନ୍ତି, ବନମାଳୀ (ତାଙ୍କ ପ୍ରେସର ପରିଚାଳକ) ଗୌରୀକୁମାର ଆସିଲେଣି, ଜଳଖିଆ ଆଣ ।" ଆଜି ଏକଥା ମନେ ପଡ଼ିଲେ, ଅଶ୍ରୁ ସମ୍ବରଣ କରିହୁଏ ନାହିଁ । ମତେ ବେଳେ ବେଳେ କହନ୍ତି, 'ତୁମେ କୋଣାର୍କରୁ ଗାଅ, ମୁଁ ଶୁଣିବି ।' ଲକ୍ଷ୍ୟ କରିଚି, ପ୍ରବୃଦ୍ଧ ବୟସରେ ମଧ୍ୟ ମୋର ଆବୃତ୍ତି ଶୁଣି ସେ ଭାବବିହ୍ୱଳ ହୋଇ ଉଠନ୍ତି । ବେଳେ ବେଳେ ଆନନ୍ଦାଶ୍ରୁ ନିର୍ଗତ ହୋଇଯିବାର ମଧ୍ୟ ଦେଖିଚି । ସେ ରସିକତା, ସେ ସ୍ୱଦେଶ ପ୍ରୀତି ଓ ସେ ସ୍ନେହଶୀଳତା ଜୀବନରେ ଭୁଲିବାର ନୁହେଁ । (୮୭) ବୃଦ୍ଧାବସ୍ଥାରେ ନୀଳକଂଠଙ୍କ ପାଖେ ରହିଥିବା ଜଣେ ସେବକ ଶ୍ରୀ ଗଣେଶ୍ୱର ମିଶ୍ରଙ୍କ ବୟାନ ଏ ଅନୁଭୂତିର ପୃଷ୍ଠ-ପୋଷକତା କରେ–"ଶେଷକୁ ତାଙ୍କ ଦେହ ବେଶି ଖରାପ ହେଲା । ଆଉ ପଢ଼ା ପଢ଼ି କରିପାରିଲେ ନାହିଁ । ...ତାଙ୍କ ଲେଖା ବହିରୁ କିଛି ଅଂଶ ଯଦି କେହି ପଢ଼ି ଶୁଣାନ୍ତି, ତାକୁ ଶୁଣି ଭାରି ହସନ୍ତି । ହସି ହସି କାନ୍ଦି ପକାନ୍ତି । ପଚାରନ୍ତି, 'ଆରେ, ଏ ସବୁ ମୁଁ ଲେଖିଥିଲି ?' (୮୮) କି ଶିଶୁ ସୁଲଭ ସରଳତା ! ଏଇପରି ଶିକ୍ଷକ ମାନେ ତ ଚିରକାଳ ଛାତ୍ର ସମାଜର ଆଦର୍ଶ । ହୃଦୟ ନିର୍ମଳ ନ ଥିଲେ ଜାତି ଗଠନ ପାଇଁ ଉପଯୁକ୍ତ ନେତୃତ୍ୱ ପ୍ରଦାନ କରାଯାଇ ନ ପାରେ । ସେ ପ୍ରକାର ନେତୃତ୍ୱ ଆପଣାର, ନିଜର ବନ୍ଧୁବାନ୍ଧବ



Digitized by PPRACHIN, SOA

ଗୋଷ୍ଠୀ ବା ଦଳର ସ୍ୱାର୍ଥ ସାଧନରେ ନିଜକୁ ବିନିଯୋଗ କରିବା ଅତି ସ୍ୱାଭାବିକ । ପଣ୍ଡିତଜୀଙ୍କ ଏହି ଶିଶୁ ସୁଲଭ ସରଳତା, ହୃଦୟ ନିର୍ମଳତାର ଅନ୍ୟତମ ପରିପ୍ରକାଶ ବିମଳ ହାସ୍ୟରସ ସୃଷ୍ଟି ।

## ହାସ୍ୟ ରସିକ ନୀଲକଂଠ :

ଆଦର୍ଶ ଶିକ୍ଷକ ମାତ୍ରେ ଯେ ହାସ୍ୟରସିକ ହେବାକୁ ବାଧ୍ୟ, ଏପରି ନୁହେଁ । ବିଶ୍ୱ ଇତିହାସରେ ଏପରି ଅନେକ ମହାନ୍ ଗୁରୁଙ୍କ ସନ୍ଧାନ ମିଳେ, ଯେଉଁମାନେ ସ୍ୱଭାବ ସୁଲଭ ରୂପେ ଅତ୍ୟନ୍ତ ଗମ୍ଭୀର । ପଣ୍ଡିତ ନୀଲକଂଠ ମଧ୍ୟ ଥିଲେ ଖୁବ୍ ଗମ୍ଭୀର ପ୍ରକୃତିର ଲୋକ । ମାତ୍ର, ମଣିକାଞ୍ଚନ ସଂଯୋଗ ତୁଲ୍ୟ ତାଙ୍କ ମୁଖର ଗାମ୍ଭୀର୍ଯ୍ୟ ସହିତ ଅନ୍ତରରେ ପ୍ରବାହିତ ସରଳ ମନର ରହସ୍ୟ ପ୍ରିୟତା ରୂପକ ଫଲ୍‌ଗୁ ଧାରଟି ବେଶ୍ ଲକ୍ଷଣୀୟ । ତାଙ୍କର ରହସ୍ୟ ପ୍ରିୟତା ଅନେକତ୍ର ଇଂରେଜୀ Satire କି Wit ଶ୍ରେଣୀର ନୁହେଁ, ବରଂ Humour ଶ୍ରେଣୀୟ । Satireରେ ପ୍ରତିପକ୍ଷକୁ ତୀବ୍ର ଆଘାତ ଦେବାର ମନୋବୃତ୍ତିଟି ବହୁ ପରିମାଣରେ କାର୍ଯ୍ୟ କରୁଥାଏ । Wit ପାଇଁ ବିଶେଷ ବୁଦ୍ଧିମତା ଆବଶ୍ୟକ—ଏଥିରେ ସ୍ରଷ୍ଟାଙ୍କ ସରସତା ଓ ରସିକତା ବଡ଼ ଗଭୀର ହେଲେ ମଧ୍ୟ ସ୍ପଷ୍ଟ ନୁହେଁ । କିନ୍ତୁ Humour ସ୍ରଷ୍ଟା ରହସ୍ୟର ପ୍ରେରଣା ଏଡ଼ାଇ ପାରନ୍ତି ନାହିଁ । ଏହାର ସୃଷ୍ଟି ଏବଂ ଉପଲବ୍‌ଧି ନିମିତ୍ତ ଯାହା ଆବଶ୍ୟକ, ତାହା ହେଉଛି ସରଳ ମନ, ନିର୍ମଳ ହୃଦୟ କିନ୍ତୁ ବୁଦ୍ଧିର ଚାତୁର୍ଯ୍ୟ ନୁହେଁ, କି ପାଣ୍ଡିତ୍ୟ ଅଥବା ଅଧ୍ୟୟନର ଗଭୀରତା ନୁହେଁ । ନୀଲକଂଠଙ୍କ ରଚନାବଳୀରେ (ଯଥା—ନିଶ, ମୋ ନିଶ) Satire ଏବଂ Wit ଅନୁପସ୍ଥିତ ନ ଥିଲେ ମଧ୍ୟ ଏ ଗୁଡ଼ିକର ପ୍ରେରଣା ବହୁଳାଂଶରେ Humour, (୮୯) ଭିତ୍ତିକ ସମାଜ ସଂସ୍କାର ମନୋବୃତ୍ତି । ଏଣୁ ନୀଲକଂଠଙ୍କ ହାସ୍ୟରସ ତାଙ୍କର ନିର୍ମଳ ହୃଦୟ, ସରଳ ମନର ହିଁ ବାହ୍ୟ ପରିପ୍ରକାଶ । ଏଥିପାଇଁ ଏଠାରେ ତାଙ୍କ ରହସ୍ୟ ପ୍ରିୟତାର ନମୁନା ସ୍ୱରୂପ ଅଳ୍ପ କେତୋଟି ଘଟଣାର ଉଲ୍ଲେଖ କରଯାଉଛି ।

ତାଙ୍କର ରହସ୍ୟପ୍ରିୟତା ସମ୍ବନ୍ଧରେ ନିଜେ ନୀଲକଂଠ କହନ୍ତି, "... ...ମୁଁ କଲେଜର ପ୍ରଥମ ବର୍ଷୀୟ ଶ୍ରେଣୀରେ ପଢ଼ିଲା ବେଳେ ସେ କାଳର ପ୍ରସିଦ୍ଧ ପଣ୍ଡିତ ଓ ଭାଷାବିତ୍ ପାରଳାର ଶ୍ରୀ ଗୋପୀନାଥ ନନ୍ଦ



Digitized by PPRACHIN, SOA

'ମେଘଦୂତ'ର ଅନୁବାଦ ଓଡ଼ିଆ ପଦ୍ୟରେ ଛପାଇଥିଲେ । ତାଙ୍କର 'ବିଲ୍‌ହଣୀୟ' କାବ୍ୟ ପରି କାବ୍ୟ ଓ ଅନ୍ୟାନ୍ୟ ପଦ୍ୟ ଲେଖାପରି ତାହା ସଂସ୍କୃତ ଛନ୍ଦରେ ପ୍ରଚାର କରିବା ପାଇଁ ସେ ଖୁବ୍ ଯତ୍ନ କରିଥିଲେ । ସେଇ 'ମେଘଦୂତ' କାବ୍ୟ ଖଣ୍ଡି କିଣି ଆଣି ଆମେ ଦିନଯାକ ପଢ଼ିଥିଲୁ ।... ... ... ...ଦିନଯାକ ରହସ୍ୟ କରି ହସିଲୁ । ହଠାତ୍ ଚାରିଟା ବେଳକୁ ମୁଁ ପାଇଖାନାକୁ ଯାଇ ଫେରି ଆସି ଯେଉଁ ସମାଲୋଚନାଗର୍ଭକ ଶ୍ଳୋକଗୁଡ଼ିକୁ ଲେଖିଥିଲି, ତାହା ଏବେ ମନେ ଅଛି । ଯଥା—

ନନ୍ଦଙ୍କ ଭାଷୀକୃତ ମେଘଦୂତ;
ଦେଖି ମନେ ଯେ ଭଲ ଭାବ ହେଲା,
ଲୋକଙ୍କୁ ତାହା ଉପହାର ପାଇଁ,
ଯେଉଁ ସମାଲୋଚନ ଏଇ ତାହା, (୯୦) ।
... ... ଇତ୍ୟାଦି

ଦେଖିବାର କଥା, ଏଇ ନନ୍ଦଙ୍କର ଉତ୍ସାହଦାତା ପୁଣି ଥିଲେ ନୀଳକଂଠ । (୯୧) କେବଳ ରହସ୍ୟର ପ୍ରେରଣା ଓ ରସିକତା ଏଡ଼ି ନପାରି ପଣ୍ଡିତଜୀ ତାଙ୍କୁ ଏପରି ସମାଲୋଚନା କରିଥିଲେ । (୯୨) ଓଡ଼ିଆ, ସଂସ୍କୃତ ଓ ବଙ୍ଗଳାର ଏ ଅଦ୍ଭୁତ ଖେଚୁଡ଼ି କେଉଁ ପାଠକ ଓଷ୍ଠରେ ବା ହସ ନ ଫୁଟାଇବ ? ମାତ୍ର ଏଥିରେ ବିଦ୍ୱେଷ ନାହିଁ, ଅଛି କେବଳ ସ୍ୱାଭାବିକ କୌତୁକ ।

ଶ୍ରୀଯୁକ୍ତ ଉଦୟନାଥ ଷଡ଼ଙ୍ଗୀଙ୍କ ଭାଷାରେ, " ...ଦିନକର ଘଟଣା— ଜଣେ ବିଦ୍ୱାନ ପଣ୍ଡିତ ବର୍ଣ୍ଣନା କରୁଥିଲେ । ବେଦର କେତେକ ସୂତ୍ର ଲେଖିବାକୁ କହି ମୁହେଁ ମୁହେଁ ଶ୍ଳୋକଗୁଡ଼ିକ ଡାକିଗଲେ । ଅନୁଲେଖକ ପଣ୍ଡିତ କହିଲେ, 'ବେଦର ଶ୍ଳୋକ । ଭୁଲ୍ ହେବାର ଆଶଙ୍କା ଥାଇପାରେ । ବହି ଦେଖି ଲେଖିଦେଲେ ହେବ ନାହିଁ ?' ପଣ୍ଡିତ ନୀଳକଂଠ ତାଙ୍କ ସ୍ୱଭାବସିଦ୍ଧ ଗର୍ଜନ ସ୍ୱରରେ କହିଲେ, 'ନା' । ତା'ପରେ ନିଜ ଦାଢ଼ିକୁ ହାତରେ ମଳିଦେଇ ରହସ୍ୟରେ କହିଥିଲେ, 'ଏ ଦାଢ଼ି ତଳେ ସବୁ ରହିଅଛି । ଭୁଲ୍ କେବେ ହେବନାହିଁ' ।" (୯୩) ଏହା କେବଳ ନୀଳକଂଠଙ୍କ ପାଣ୍ଡିତ୍ୟ ଓ ଆତ୍ମ ପ୍ରତ୍ୟୟ ପ୍ରକଟ କରୁନାହିଁ । ତା ସଙ୍ଗେ ସଙ୍ଗେ ତାଙ୍କର



Digitized by PPRACHIN, SOA

ଶିଶୁ ସୁଲଭ ସରଳତା ଏଥିରେ ସ୍ପଷ୍ଟ ଫୁଟି ଉଠୁଛି । ନଚେତ୍ ସ୍ୱଭାବସିଦ୍ଧ ଗର୍ଜନ ପରେ ପରେ ଏ ରହସ୍ୟପ୍ରିୟତା, ଏ ଦାଢ଼ି ଅଣ୍ଡଳା ପ୍ରକାଶ ପାଇ ନ ଥାନ୍ତା ।

ପୁରୀର ଶ୍ରୀଯୁକ୍ତ ଚିନ୍ତାମଣି ମହାପାତ୍ର ଏଭଳି ଆଉ ଏ ଘଟଣାର ଉଲ୍ଲେଖ କରିଛନ୍ତି, ଯେଉଁଥିରୁ ପଣ୍ଡିତ ନୀଳକଂଠଙ୍କ ସରଳ ମନଟି ଫୁଟି-ଉଠେ– "ଖାଇବାପାଇଁ ଗ୍ରରିଖଣ୍ଡି ପତ୍ର ପକାଗଲା । ପତ୍ରରେ ଡାଲି ଲଗିଲା ବେଳେ ଡାଲି ଟିକିଏ ପାଣିଆ ହୋଇଥିବାରୁ ପତ୍ରରେ ବୋହିଗଲା । ସେ ଡାଲିକୁ ଦେଖି ନୀଳକଂଠ କହିଲେ– 'ହଇ ହୋ, ଗୋଦାବରୀଶ, ଏ ଡାଲିଟା କିପରି ଦିଶୁଚି କହିଲ– ସେମିତି ଦିଶୁନାହିଁ ?' ଗୋଦାବରୀଶ କହିଲେ– 'କିପରି, କହୁନ ?' ନୀଳକଂଠ– 'ସେ ଦିନ କଥା ମନେ ନାହିଁ ?' ଗୋଦାବରୀଶ– 'ନା ମୋର ତ କିଛି ମନେ ପଡ଼ୁନି' । ନୀଳକଂଠ–'ତମେ, ମୁଁ, ହରିଭଇନା ସେ ଗାଁରେ ହଇଜା ଲଗିଚି ଶୁଣି ଚିକିତ୍ସା କରିବା ପାଇଁ ଯାଇଥିଲେଇଁ, ହରିଭଇନା ସେ ପିଲାର ଗୋଡ଼ ଦି'ଟା ଟେକି ଧଇଲେ ଓ ତୁମେ ତା ଝାଡ଼ା କିପରି ହେଉଚି ଦେଖିବାକୁ ଲଇଁ ପଡିଥିଲ, ଠିକ୍ ସେତିକି ବେଳେ ସେ ପିଲା ତମ ମୁହଁକୁ ପିଚକାରୀ ମାରିଲା ପରି ଝାଡ଼ା ଛାଡ଼ି ଦେଲା, ଏ ଡାଲି ସେମିତି ଦେଖା ଯାଉନି ?' ଏ କଥାରେ ଠୋ ଠୋ ହସ ବୃଷ୍ଟି ହେଲା । ପରେ ଗରମ ଘିଅ ଆଣି ଭତ ଉପରେ ପୂଜାରୀ ପକାଇ ଦେଲା । ପଣ୍ଡିତେ ପାଟିକରି ଉଠିଲେ– 'ଆରେ, ଆରେ କଣ କଲୁ ? ସର୍ବନାଶ !' ଆମେ ସମସ୍ତେ ତଟସ୍ଥ । ପ୍ରଶ୍ନ କଲୁ– କ'ଣ ହେଲା ? ପଣ୍ଡିତେ– 'ଘିଅତକ ପାଣିରେ ଗଲା । ଘିଅତକ ଭତ ଉପରେ ଦେଇଦେଲ ଯେ ସେ ତ ସବୁ ଗଳି ପଡ଼ି ପତ୍ରରେ ଲଗିଯିବ । ଆମେ ଖାଇବା କ'ଣ ? ଡାଲିରେ ହେଲେ ଦେଇଥାନ୍ତା । ଡାଲି ସଙ୍ଗେ ପେଟକୁ ଟୋପେ ଯାଇଥାନ୍ତା ।' ରହସ୍ୟ ସଙ୍ଗେ ନୀତିଶିକ୍ଷା ବି ଶୁଣିଲୁ । (୯୪)

ଏମିତି ବହୁ କଥା ନୀଳକଂଠଙ୍କ ସମ୍ବନ୍ଧରେ ଶୁଣାଯାଏ । ସେ ସବୁ ସ୍ୱତନ୍ତ୍ର ଆଲୋଚନାର ବିଷୟ । ଏଠାରେ ଏ ସମ୍ପର୍କରେ ଶ୍ରୀ ଗିରିଜା ଭୂଷଣ ପଟ୍ଟନାୟକ ଉଲ୍ଲେଖ କରିଥିବା ଅନୁଭୂତିର ଅବତାରଣା କରି ଏ ପ୍ରସଙ୍ଗର ଆଲୋଚନା ଶେଷ କରଯିବ । ଶ୍ରୀଯୁକ୍ତ ପଟ୍ଟନାୟକ ଲେଖିଛନ୍ତି, "ପଣ୍ଡିତ



Digitized by PPRACHIN, SOA

ନୀଳକଂଠ ବେଶ୍ ହାସ୍ୟପ୍ରିୟ ବ୍ୟକ୍ତି ଥିଲେ । ଥରେ ତାଙ୍କର ନାତି ନାତୁଣୀମାନଙ୍କ ସାଙ୍ଗରେ ସେ ବସିଥିଲେ । ... ... । ମୁଁ ଯାଇ ପହଞ୍ଚିଲି । ମୋର ପରିଚୟ କରାଇ ଦିଆଗଲା । ସେ ହସିଲେ ଏବଂ କହିଲେ 'ମୁଁ ତାକୁ ଜାଣେ, କିଛି ନୂତନ ପରିଚୟ ଦିଅ ?" ତାଙ୍କର ନାତୁଣୀ କଥା ପ୍ରସଙ୍ଗରେ ମୋର ସ୍ଥିରୀକୃତ ହୋଇଥିବା ସ୍ତ୍ରୀଙ୍କର ନାମ କହିଲେ । ନାତୁଣୀ ଏବଂ ମୋର ଭବି ସ୍ତ୍ରୀ 'କମଳ' ଏକା ବିଷୟର ଛାତ୍ରୀ । ପଣ୍ଡିତ ନୀଳକଂଠ ଆରମ୍ଭ କଲେ, କହିଲେ, 'ଏଇ ନାମଟି ବିଶେଷ ଉଲ୍ଲେଖଯୋଗ୍ୟ । ଥରେ କ'ଣ ହେଲା ନାଁ, ଜଣେ ଶିକ୍ଷକ କ୍ଲାସରେ ପାଠ ପଢ଼ାଉଥିଲେ । ଝରକାବାଟ ଦେଇ ଦେଖାଯାଉଥିଲା ଗୋଟିଏ ପଦ୍ମପୋଖରୀ, ଅସଂଖ୍ୟ ପଦ୍ମଫୁଲ ଫୁଟିଛି । ଆଉ ସେଇ ପୋଖରୀ କୂଳରେ ଘୋଡ଼ାଟିଏ ଚରୁଛି, ହଠାତ୍ ସ୍କୁଲର ପରିଦର୍ଶକ ଆସି ପହଞ୍ଚିଲେ । ପିଲାମାନଙ୍କୁ ପ୍ରଶ୍ନ କରିବାକୁ ଯାଇ ତାଙ୍କର ଆଖି ପଡ଼ିଲା ପୋଖରୀ ଉପରେ । ସେ ପିଲାଙ୍କୁ ପଚାରିଲେ, 'କମଳ' କାହାକୁ କହନ୍ତି ? ପିଲାମାନେ କହି ପାରିଲେ ନାହିଁ । ଶିକ୍ଷକ ବିଚରା ବଡ଼ ଅପ୍ରତିଭ, ପରିଦର୍ଶକଙ୍କ ପଛରେ ଛିଡ଼ା ହୋଇ ସେ ଆଙ୍ଗୁଠି ଏବଂ ହାତରେ ପୋଖରୀ ଆଡ଼କୁ ଦେଖାଇ ଯେଉଁ ନିର୍ଦ୍ଦେଶ ଦେଲେ, ସେଥିରୁ ପିଲାଏ ବୁଝିଗଲେ ଯେ 'କମଳ' ଅର୍ଥ ହେଉଛି ଅଶ୍ୱର ଯୌନାଙ୍ଗ । ଏକା ସାଙ୍ଗରେ ପିଲାମାନେ ପାଟିକରି ଉତ୍ତର ଦେଲେ, 'ଅ'ରେ ବାଡ଼ି ଦେଲେ 'ଆ' ବୋଲି ଗୁହାଳୀରେ ଯେପରି ପାଟି ଶୁଭେ !' ସେଦିନ ପରିଦର୍ଶକ ଓ ଶିକ୍ଷକଙ୍କର ଅବସ୍ଥା କ'ଣ ହୋଇଥିଲା ମୁଁ ଜାଣିନାହିଁ । କିନ୍ତୁ ଆମର ଅବସ୍ଥା ଗୁରୁତର । କେହି ମୁଣ୍ଡଟେକି ଉପରକୁ ଅନାଉ ନାହାନ୍ତି, ଏଣେ ହସିବାକୁ ଡର ମାଡ଼ୁଛି । ଆଗରେ ପଣ୍ଡିତ ନୀଳକଂଠ । କିନ୍ତୁ ସେ ନିର୍ବିକାର, ନିର୍ଲିପ୍ତ ଭାବରେ କହି ଚାଲିଛନ୍ତି । ହାସ୍ୟରସ ସ୍ଥାନ, କାଳ, ପାତ୍ର ନ ଭାବି କରଯାଇ-ପାରିବ । କିନ୍ତୁ ହାସ୍ୟରସ ବା 'ହ୍ୟୁମର' ଆଜି-କାଲି କାହିଁ ? କହୁଛି କିଏ, ବୁଝୁଛି କିଏ ? ......... । ବର୍ତ୍ତମାନ ତ 'ହ୍ୟୁମର' ବୁଝି ନ ପାରିବା ଲୋକ ବେଶୀ ଏବଂ ସେମାନେ ଏହାକୁ ଅପମାନଜନକ ବୋଲି ମନେ କରୁ-ଛନ୍ତି ।" (୯୫) ମାତ୍ର, ଏହା ଏକ ବିଶେଷ ମୁହୂର୍ତ୍ତରେ ସରଳ ହୃଦୟର ଆକସ୍ମିକ ସ୍ଫୁରଣ । ପଣ୍ଡିତ ନୀଳକଂଠଙ୍କର ଏମିତି ଏକ ସରଳ ହୃଦୟ, ଶିଶୁର ମନ ଥିଲା । ତେଣୁ ସେ ନିର୍ବିକାରରେ ହସି ପାରୁଥିଲେ, ହସାଇ ପାରୁଥିଲେ ।



Digitized by PPRACHIN, SOA

## ଅକୁତୋଭୟତା :

ମାତ୍ର, ଅକୁତୋଭୟତା ବିହୁନେ ତ୍ୟାଗ, ସାରଲ୍ୟ, ସ୍ନେହ ପ୍ରବଣତା ଓ ନେତୃତ୍ୱ ବିଫଳତାରେ ପର୍ଯ୍ୟବସିତ ହୁଏ । ଭୟାର୍ତ୍ତର ତ୍ୟାଗ ଦୁର୍ବଳତାର ରୂପ ଧାରଣ କରେ । ନିର୍ଭୀକତା ବିନା ସାରଲ୍ୟଯୁକ୍ତ ମାନବର ଅବଦାନରୁ ବହୁ ସମୟରେ ସମାଜ ବଞ୍ଚିତ ହୁଏ । ସ୍ନେହ ପ୍ରବଣତା ସହିତ ଭୟାର୍ତ୍ତତାର ମିଳନ ଘଟିଲେ ବ୍ୟକ୍ତିର ଆତ୍ମିକ ମୃତ୍ୟୁ ଅନିବାର୍ଯ୍ୟ ହୋଇପଡ଼େ–ବ୍ୟକ୍ତିତ୍ୱର ପରିସମାପ୍ତି ଘଟେ । ଶଙ୍କାଯୁକ୍ତ ନେତୃତ୍ୱ ଜାତିକୁ ଧ୍ୱଂସଦିଗକୁ ଟାଣିନିଏ । ଜାତିର ଭବିଷ୍ୟତ ଛାତ୍ରସମାଜକୁ ଏହି ଆଦର୍ଶରେ ଗଢ଼ିବାକୁ ହେଲେ ଶିକ୍ଷକମାନଙ୍କଠାରେ ଅନ୍ୟାନ୍ୟ ମହତ୍‌ଗୁଣ ସହ ଅକୁତୋଭୟତାର ସନ୍ନିବେଶ ଏକାନ୍ତ ଆବଶ୍ୟକ ।

ଆଦର୍ଶ ଶିକ୍ଷକ ନୀଳକଂଠଙ୍କଠାରେ 'ଓଳିଆରୁ ଗଜା' ନ୍ୟାୟରେ ଖୁବ୍ କମ୍ ବୟସରୁ ହିଁ ଉକ୍ତ ମହତ୍‌ଗୁଣଟିର ପରିପ୍ରକାଶ ଘଟିଥିଲା । ତାର କେତୋଟି ଦୃଷ୍ଟାନ୍ତ ହେଲା–ସେ ହେଡ଼ମାଷ୍ଟରଙ୍କୁ ନିର୍ଭୟରେ ପ୍ରତ୍ୟୁତ୍ତର ଦେବା, (୯୬) ସ୍କୁଲ ହେଡ଼ମାଷ୍ଟର ଚନ୍ଦ୍ରମୋହନ ମହାରଣାଙ୍କ ଏକାନ୍ତ ଆଲୋଚନା କକ୍ଷକୁ ଅନ୍ୟଶିକ୍ଷକ-ମାନେ ଯିବାକୁ ଭୟ କରୁଥିବାବେଳେ, ଛାତ୍ର ନୀଳକଂଠ ସମସ୍ତଙ୍କ ବାରଣକୁ ଉପେକ୍ଷା କରି ଦୃଢ଼ ଭାବରେ ନିଜର ମତବ୍ୟକ୍ତ କରିବା, (୯୭) ନିଜର ଦୀକ୍ଷାଗୁରୁ, ଆଜୀବନ ସହକର୍ମୀ ଗୋପବନ୍ଧୁ ଦାସଙ୍କୁ 'ଧର୍ମପଦ' ଓ 'ଗୋ ମାହାତ୍ମ୍ୟ' ନ ଛାପିବା ପାଇଁ ପରାମର୍ଶ ଦେବା (୯୮) ପଣ୍ଡିତ ସଦାଶିବ ମିଶ୍ରଙ୍କ ଭଳି ବ୍ୟକ୍ତିଙ୍କୁ ଛାତ୍ରଥାଇ ସୁଦ୍ଧା ଖେକ୍‌ଠୋକ୍ ନ୍ୟାୟୋଚିତ ପ୍ରଶ୍ନ କରିବା (୯୯) ପୁଣି ତତ୍କାଳୀନ ଭାରତର ଅପ୍ରତିଦ୍ୱନ୍ଦୀ ନେତା ପଣ୍ଡିତ ନେହେରୁ, (୧୦୦) ଓ ଯୁଗପୁରୁଷ ମହାତ୍ମା ଗାନ୍ଧୀଙ୍କ ସମ୍ମୁଖରେ ନିର୍ଭୀକ ଭାବେ ନିଜର ମତପ୍ରକାଶ କରିବା, (୧୦୧) ଖୋଲାଖୋଲି ଗାନ୍ଧୀ ନୀତିର ସମାଲୋଚନା କରିବା,(୧୦୨) କଂଗ୍ରେସ ସଭାପତି ମୋତିଲାଲଙ୍କ ଅବିଗ୍ଭରର ପ୍ରତିବାଦରେ କଂଗ୍ରେସ ସମ୍ମିଳନୀସ୍ଥଳ ଛାଡ଼ି କଲିକତାର ରାଜରାସ୍ତାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଲାଗି ଓଡ଼ିଆ ଜାତିର ଯଥାର୍ଥ ଦାବୀ ଉପସ୍ଥାପନ କରିବା (୧୦୩) (ଏଥିପାଇଁ ପୁଣି ଗାନ୍ଧିଜୀଙ୍କୁ ମଧ୍ୟସ୍ଥ ହୋଇ ସବୁ ଅଡ଼୍ଆ ତୁଟାଇବାକୁ ପଡ଼ିଥିଲା ।) ବିଧାନସଭା କକ୍ଷରେ ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲଙ୍କୁ



Digitized by PPRACHIN, SOA

ରାଜନୀତିକ—ବିଶ୍ୱାସଘାତକତାର ପ୍ରତିଷ୍ଠାତାରୂପେ ପ୍ରତିପାଦନ କରିବା, (୧୦୪) ଶିକ୍ଷକ ନୀଳକଂଠ ପ୍ରବଳ ପ୍ରତାପୀ ଓଡ଼ିଶା ବିଭାଗର କମିଶନର ଗ୍ରୁନିଂ ସାହେବଙ୍କ ଦୁର୍ଭିକ୍ଷ ରିପୋର୍ଟ ଉପରେ ନିଷ୍ଠୁର ସମାଲୋଚନା ପ୍ରକାଶ କରିବା, (୧୦୫) କଂଗ୍ରେସର ତୁଙ୍ଗନେତା ନୀଳକଂଠ ମାନବେନ୍ଦ୍ର-ନାଥ ରାୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା (୧୦୬) କେନ୍ଦ୍ରିୟ ବିଧାନସଭାରେ କଡ଼ା ଭାଷଣ ଦେବା, (୧୦୭) ସରକାରୀ କର୍ମଚାରୀ (୧୦୮) ଓ ପୋଲିସ୍‌ଙ୍କ ନିକଟରେ ଅକୁତୋଭୟ ହେବା,(୧୦୯) ଯୁଦ୍ଧସାହାଯ୍ୟର ସଭାପତି ଥାଇ'God Save the King' ବ୍ୟାନର ଉଠାଇ ଦେବାକୁ ନିର୍ଦ୍ଦେଶ ଦେବା, (୧୧୦) ନିମାପଡ଼ାରେ କ୍ଷୁବ୍‌ଧ ଜନତାଙ୍କୁ ନିର୍ଲିପ୍ତ ଭାବେ ସାମନା କରିବା, (୧୧୧) ରକ୍ଷଣଶୀଳ ବ୍ରାହ୍ମଣଙ୍କୁ କଠୋର ଉତ୍ତର ଦେବା (୧୧୨) କମ୍ ଆଶ୍ଚର୍ଯ୍ୟଜନକ ନୁହେଁ । ଆଉବା ଏ ସମ୍ପର୍କରେ କ'ଣ କୁହାଯିବ ? 'ନିଶ' ଆନ୍ଦୋଳନ ଯାଏ ଓଡ଼ିଆଙ୍କ ସଂସ୍କାର ଚେତନା କେତେଖଣ୍ଡ କବିତା ବା ନାଟକ ରଚନାରେ ସୀମିତ ଥିଲା ସିନା ! ଏହି ଅକୁତୋଭୟ ଶିକ୍ଷକ ଭାରତବର୍ଷକୁ 'କମ୍ୟୁନିଜମ୍'କୁ ଆବାହନ କରିଥିଲେ, (୧୧୩) ପରିଣାମ ଯା' ହେଉନା କାହିଁକି । ସତ୍ୟବାଦୀର ଅଧ୍ୟକ୍ଷ ନୀଳକଂଠଙ୍କ ପକ୍ଷରେ ହିଁ ବ୍ରାହ୍ମଣ ଅବ୍ରାହ୍ମଣ ଛାତ୍ରଙ୍କ ପାଇଁ ଭିନ୍ନ ପଂଗତର ବ୍ୟବସ୍ଥା ନିମିତ୍ତ ରକ୍ଷଣଶୀଳମାନଙ୍କ ଅନୁରୋଧକୁ ନିଷ୍ଠୁର ଭାବେ ପ୍ରତ୍ୟାଖ୍ୟାନ କରିବା ସମ୍ଭବ ହୋଇଥିଲା । (୧୧୪) ଏଥିନିମିତ୍ତ ସମଗ୍ର ବିଦ୍ୟାଳୟ ଭସ୍ମୀଭୂତ ହୋଇଗଲେ ମଧ୍ୟ ତାଙ୍କ ମନର ଦୃଢ଼ତା ବୃଦ୍ଧି ପାଇଥିଲା । (୧୧୫) ଚାଳଘର ସ୍ଥାନରେ କୋଠାଘର ଗର୍ଜି ଉଠିଲା ।

ବାସ୍ତବରେ, "ସେ କାହାକୁ ଭୟ କରୁ ନ ଥିଲେ କି ତାଙ୍କର ସ୍ୱାର୍ଥ ନାଶ ଭୟରେ ବା, କୋଉ ଉଚ୍ଚ ପଦପଦବୀ ମିଳିବ ବୋଲି କାହାକୁ ଖୁସାମତ କରୁ ନ ଥିଲେ । ତାଙ୍କପରି ଏତେ ଉଚ୍ଚକୋଟୀର, ଉତ୍‌କୃଷ୍ଟ ନିର୍ଭୀକ ବ୍ୟକ୍ତିତ୍ୱ କେଉଁ ଓଡ଼ିଆଙ୍କ ଭିତରେ ଦେଖାଯାଏ ନାହିଁ ।" (୧୧୦) ତେଣୁ ସେ ଏକାକୀ । ଭାସ୍କର ପରି ତାଙ୍କର ଉଦୟାସ୍ତ । ଏହି ନିର୍ଭୀକ ମହାପୁରୁଷଙ୍କ ଟାଣୁଆ ଯୁକ୍ତି ଓ ସିଦ୍ଧାନ୍ତକୁ ସମସ୍ତେ ଡରୁଥିଲେ । ଏଥିପାଇଁ କଂଗ୍ରେସର ଗୁଡ଼ିଏ ହିଂସ୍ରୁକ ଈର୍ଷାପରଲୋକ ତାଙ୍କୁ ସହି ପାରୁ ନ ଥିଲେ— ଚକ୍ରାନ୍ତ ପୂର୍ବକ ନେତୃତ୍ୱରୁ ହଟାଇ ଦେଇଥିଲେ । (୧୧୭) ହେଲେହେଁ ଅଖଣ୍ଡ ନିର୍ଭୀକତା ପଣ୍ଡିତ ନୀଳକଂଠଙ୍କୁ ଏକଛତ୍ରବାଦୀ କରି ପାରି ନ ଥିଲା ।



Digitized by PPRACHIN, SOA

୧୯୫୫ରେ ସେ ଯେପରି ନିର୍ବାଚନ ମଣ୍ଡଳୀର ମତ ନେଇ କଂଗ୍ରେସକୁ ଫେରି ଆସିଲେ ସେଥିରୁ ଏହା ସ୍ପଷ୍ଟ ହୁଏ । (୧୧୮) ଏଥିପାଇଁ ଦାୟୀ ତାଙ୍କର ସତ୍ୟନିଷ୍ଠା ଓ ଆତ୍ମବିଶ୍ୱାସ ।

## ପଣ୍ଡିତ ନୀଳକଂଠଙ୍କ ସତ୍ୟନିଷ୍ଠା ଓ ଆତ୍ମବିଶ୍ୱାସ :

ସତ୍ୟ ପ୍ରତି ନିଷ୍ଠା, ଆତ୍ମବିଶ୍ୱାସ ନ ଥିଲେ କେହି କେବେ କର୍ତ୍ତବ୍ୟନିଷ୍ଠ, ସଂଯତ ଓ ଶୃଙ୍ଖଳିତ ହୋଇ ପାରନ୍ତି ନାହିଁ । ଚରମ କର୍ତ୍ତବ୍ୟନିଷ୍ଠ ଓ ପରମ-ସଂଯମୀ ଆଦର୍ଶ ଶିକ୍ଷକ ନୀଳକଂଠ ଯେ ସତ୍ୟନିଷ୍ଠ ଓ ଆତ୍ମବିଶ୍ୱାସ ସମ୍ପନ୍ନ ହେବେ, ଏଥିରେ ବିଚିତ୍ର କିଛି ନାହିଁ ।

ଆତ୍ମପ୍ରତ୍ୟୟ ଥିଲା ନୀଳକଂଠଙ୍କ ଜୀବନର ଚିର ସମ୍ବଳ । (୧୧୯) ସବୁ ଶକ୍ତି ମଧ୍ୟରେ ଆତ୍ମଶକ୍ତିକୁ ସେ ସବୁଠାରୁ ପ୍ରାଧାନ୍ୟ ଦେଉଥିଲେ । ସମସ୍ତ ସ୍ୱାଧୀନତା ମୂଳରେ ଏହି ଆତ୍ମଶକ୍ତି ହିଁ ବିଦ୍ୟମାନ । (୧୨୦) ଆଧୁନିକ ଜଗତର ସମସ୍ତ ଦୁଃଖ ଦୁର୍ଦ୍ଦଶାର ହେତୁ ନିର୍ଣ୍ଣୟ କରିବାକୁ ଯାଇ ପଣ୍ଡିତଜୀ ଏହି ଆତ୍ମଶକ୍ତିର ଅଭାବକୁ ମୂଳଭାବେ ଧରିଛନ୍ତି । (୧୨୧) ସେ ଯାହା ନିଜ ଅନୁଭୂତିରୁ ଅନୁଭବ କରୁଥିଲେ, ଯାହା ଠିକ୍ ବୁଝୁଥିଲେ, ଯାହା ଉଚିତ ବୋଲି ଉପଲବ୍ଧି କରୁଥିଲେ, ତାହା ଦୃଢ଼ ଭାବରେ ପ୍ରକାଶ କରୁଥିଲେ, ତାହାହିଁ କାର୍ଯ୍ୟରେ କରୁଥିଲେ । ସେଥିରୁ କେହି ତାଙ୍କୁ ନିବର୍ତ୍ତାଇ ପାରୁ ନ ଥିଲେ । (୧୨୨) ଭକ୍ତି ଓ ଯୁକ୍ତି ନେଇ ଏପରିକି ଗୋପବନ୍ଧୁଙ୍କୁ ମଧ୍ୟ ସେ ସ୍ୱୀକାର କରୁ ନ ଥିଲେ । କୃଷ୍ଣ ଚରିତ୍ର ସମ୍ବନ୍ଧରେ ଗୋପବନ୍ଧୁଙ୍କୁ ସେ ଯାହା କହିଥିଲେ, (୧୨୩) ଗୋପବନ୍ଧୁଙ୍କ ଭକ୍ତିଜନିତ ମୋହ ତାଙ୍କ ମନରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି କରିଥିଲା, ତାହା ରୂପ ପାଇଲା ନୀଳକଂଠଙ୍କ "ବିଧାତାଙ୍କ ସୃଷ୍ଟି" ପ୍ରବନ୍ଧରେ (୧୨୪) ଓ "ଆତ୍ମଜୀବନୀ"ରେ । (୧୨୫) "ଆତ୍ମ ବିଶ୍ୱାସ ଓ ଆତ୍ମନିର୍ଭରତା ଉପରେ ସେ ଏପରି ସଚେତନ ଥିଲେ ଯେ ତାଙ୍କର ସମତୁଲ୍ୟ କେହି ହୋଇପାରେ ବୋଲି ସେ ଅନୁମାନ କରି ପାରନ୍ତି ନାହିଁ । ସେଥିଲାଗି ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ନିଷ୍ପତ୍ତି ଥିଲା ନିତାନ୍ତ ନିଜସ୍ୱ ବ୍ୟକ୍ତିଗତ । ସମାଜ ଓ ରାଜନୀତି କ୍ଷେତ୍ରରେ ହୁଏତ ଏଭଳି ନିଷ୍ପତ୍ତି ଓ ପଦକ୍ଷେପ କେତେକ ସ୍ଥଳରେ ଲୋକପ୍ରିୟତା ଅର୍ଜନ କରି ପାରି ନାହିଁ, ମାତ୍ର ସେ ସବୁଥିରେ ତାଙ୍କର ଅଲୌକିକ ବ୍ୟକ୍ତିତ୍ୱର ଛାପ ଯେ ସ୍ପଷ୍ଟ ହୋଇ ଉଠେ, ଏଥିରେ ସନ୍ଦେହ ନାହିଁ । (୧୨୬)



Digitized by PPRACHIN, SOA

ପଣ୍ଡିତ ନୀଳକଂଠ ପ୍ରତିକଥାରେ 'କ'ଣ' ଓ 'କାହିଁକି' ର ଖିଅ ଖୋଜୁଥିଲେ, ତାର ପ୍ରମାଣ ଓ ଯୁକ୍ତି ଖୋଜି ଖୋଜି, ନାନା ବିଷୟକୁ ଏକାଠି ଦେଖି ପରସ୍ପର ଭିତରେ ଥିବା ସମ୍ବନ୍ଧରୁ ଅର୍ଥ ଖୋଜୁଥିଲେ । ଗତାନୁଗତିକ ସିଦ୍ଧାନ୍ତ ଆଡ଼କୁ ନ ଯାଇ ନିଜ ବାଟରେ କିଛି ନୂଆ ସିଦ୍ଧାନ୍ତରେ ପହଂଚିବାକୁ ଚେଷ୍ଟା କରୁଥିଲେ । ତାଙ୍କ ମତ ଭୁଲ୍ ବୋଲି କେହି ପ୍ରତିପାଦନ କରି ପାରିଲେ ବା ଆପଣାର ସଠିକତା ଦେଖାଇ ପାରିଲେ ସେ ତତ୍କ୍ଷଣାତ୍ ଅମ୍ଳାନ ବଦନରେ ତାହା ଗ୍ରହଣ କରି ଯାଉଥିଲେ । କୁହାଯାଏ, ବୈଷ୍ଣବ ଧର୍ମାଦି ସମ୍ପର୍କରେ ନୀଳକଂଠଙ୍କର କେତେକ ବଦ୍ଧମୂଳ ଧାରଣା ରହିଥିଲା । ଏଣୁ ସେ ଦିଗରେ ସେ ସାଲିସ୍ କରିପାରୁ ନ ଥିଲେ କି ଅନ୍ୟର ମତାମତ ପ୍ରତି ଧୈର୍ଯ୍ୟଶୀଳ ନ ଥିଲେ । ମାତ୍ର ଏହା ଭୁଲ୍ । (୧୨୮) ପ୍ରକୃତ କଥା ହେଲା, ତାଙ୍କର ପ୍ରଚଣ୍ଡ ପ୍ରତିଭା ଆଗରେ କେହି ହେଲେ ତିଷ୍ଠି ପାରୁ ନଥିଲେ, ନିଜର ମତାମତ ସପକ୍ଷରେ ଦୃଢ଼ ଯୁକ୍ତି ଉପସ୍ଥାପନ କରି ପାରୁ ନ ଥିଲେ କି ନୀଳକଂଠଙ୍କ ଯୁକ୍ତି ସମୂହର ଖଣ୍ଡନ କରି ପାରୁ ନ ଥିଲେ । (୧୨୯) ମାତ୍ର, ଯେଉଁ କ୍ଷେତ୍ରରେ ତାଙ୍କର ତ୍ରୁଟି ଦେଖାଇ ଦିଆଯାଇ ପାରିଛି ଅଥବା ନିଜ ଯୁକ୍ତି ସପକ୍ଷରେ ଦୃଢ଼ ପ୍ରମାଣ ଉପସ୍ଥାପନ କରାଯାଇ ପାରିଛି, ନୀଳକଂଠ ସେତେବେଳେ ସତ୍ୟକୁ ସାଦରେ ଗ୍ରହଣ କରି ନେଇଛନ୍ତି ।

ଏ ସମ୍ପର୍କରେ ବିଶିଷ୍ଟ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି କହନ୍ତି, "ସେ (ନୀଳକଂଠ) ଯଦି କହିଲେ, କବିବର ରାଧାନାଥ ଗୁଡ଼ାଏ 'ବିଜାତୀୟତା, ଆଣି ଓଡ଼ିଆ ସାହିତ୍ୟରେ ଭର୍ତ୍ତି କଲେ, ତା'ହେଲେ ପ୍ରତିବାଦ କରିବାର ଉପାୟ ନାହିଁ । କାରଣ ତାଙ୍କର ଯୁକ୍ତିକୁ ଲଙ୍ଘନ କରିବା କଠିନ ।... ... ... ପଣ୍ଡିତଜୀ ଯଦି କହିଲେ, ଚୈତନ୍ୟଙ୍କ ଯୋଗୁ ଓଡ଼ିଆମାନେ ମାଇଚିଆ ହୋଇଗଲେ, ତା'ହେଲେ ସେ କଥା ମଧ୍ୟ ମାନିନେବା ପାଇଁ ପଡ଼ିବ ।... ... ସେତେବେଳେ ଜଗନ୍ନାଥ, ବୌଦ୍ଧ-ତ୍ରିରତ୍ନର ପ୍ରତୀକ ବୋଲି ଗୋଟାଏ ସିଦ୍ଧାନ୍ତ ପ୍ରକାଶ ପାଇଥିଲା । ଏହା ଓଡ଼ିଶାର ବିଦ୍ୱାନ ସମାଜରେ କିଛିଟା ରେଖାପାତ କରିଥିଲା । କିନ୍ତୁ ପଣ୍ଡିତଜୀଙ୍କର ଭିନ୍ନ ମତ । ସେ ଗୋଟିଏ ନୂତନତତ୍ତ୍ୱ ବାହାର କଲେ । ଜଗନ୍ନାଥ ହେଉଛନ୍ତି, ଜୈନ ଋଷଭନାଥ । ପଣ୍ଡିତଜୀଙ୍କ ଦରବାରରେ ସମସ୍ତେ ଏହି ତତ୍ତ୍ୱଟିକୁ, ସ୍ୱୀକାର କରିଗଲେ— ପଣ୍ଡିତଜୀ କହୁଛନ୍ତି । ପଣ୍ଡିତଜୀ ନିଜ ଦରବାରରେ କେବଳ ଏ ସିଦ୍ଧାନ୍ତଟିକୁ



Digitized by PPRACHIN, SOA

ସୀମିତ ରଖିଲେ ନାହିଁ । ଅଳ୍ପଦିନ ପରେ ରେଭେନ୍‌ସା କଲେଜ ପରିସର ମଧ୍ୟରେ ଇଣ୍ଡିଆନ୍ ହିଷ୍ଟ୍ରି କଂଗ୍ରେସର ଅଧିବେଶନ ବସିଥିଲା । ପଣ୍ଡିତଜୀ ତାଙ୍କର ନିବନ୍ଧଟିକୁ ଗତାଗତି ଇଂରାଜୀରେ ଛପାଇ ଗୋଟିଏ ଘୋଡ଼ାଗାଡ଼ି ଭଡ଼ା କରି, ନବଭାରତ ପ୍ରେସ୍‌ରୁ ଯାଇଁ ପହଞ୍ଚିଲେ ଇତିହାସ କଂଗ୍ରେସ ଅଧିବେଶନରେ । ସେଠାରେ ପ୍ରବନ୍ଧଟି ଯଥାରୀତି ପଠିତ ହୋଇଥିଲା ।... ...

ପଣ୍ଡିତଜୀ କିନ୍ତୁ ମତାନ୍ଧ ନ ଥିଲେ । ଯୁକ୍ତି ଓ ତଥ୍ୟ ସହିତ ତାଙ୍କ ଆଗରେ କୌଣସି ନୂତନ ତତ୍ତ୍ୱ ଉପସ୍ଥାପିତ କଲେ ସେ ସଙ୍ଗେ ସଙ୍ଗେ ତାହାକୁ ଗ୍ରହଣ କରି ଯାଉଥିଲେ ଓ ନିଜର ଭ୍ରମ ସ୍ୱୀକାର କରୁଥିଲେ । ଓଡ଼ିଶାରେ ବହୁ ବିଦ୍ୱାନ୍‌ଙ୍କ ସମ୍ପର୍କରେ ମୁଁ ଆସିଛି । ମାତ୍ର କାହାରିଠାରେ ଏପରି ଉଦାରତା ଲକ୍ଷ୍ୟକରି ନାହିଁ । ସମସ୍ତେ ନିଜ ନିଜ ଶଗଡ଼ଗୁଳାରେ ଚାଲିଛନ୍ତି । କିନ୍ତୁ ବୟସ ବା ସ୍ତର ଯା' ହୋଇଥାଉ ପଛେ, ନୂଆ ଭାବନାଟିଏ ବା ନୂଆ ଚିନ୍ତାଟିଏ ଯା' ପାଖରୁ ଆସିଲା, ତାହାକୁ ସେ ଶିଶୁପରି ସ୍ୱୀକାର କରି ନେଉଥିଲେ । ମନେପଡ଼େ, ସ୍ୱର୍ଗୀୟ ପଣ୍ଡିତ ବାନାମ୍ବର ଆଚାର୍ଯ୍ୟଙ୍କ କଥା । ପଣ୍ଡିତଜୀଙ୍କ ଦରବାରରେ ସେ ଥିଲେ ପ୍ରାତ୍ୟହିକ ପାରିଷଦ । ସେତେବେଳେ, 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ'ର ଦ୍ୱିତୀୟ ଭାଗ ଲେଖା ଚାଲିଥାଏ । ବାନାମ୍ବର ବାବୁ ପଣ୍ଡିତଜୀଙ୍କ ଲେଖାରେ କେଉଁଠି କେଉଁଠି ଭ୍ରମ ଦେଖାଇ ଦେଲା ବେଳେ, ସେ ସାମାନ୍ୟ ବିତର୍କ ପରେ ତାହା ଗ୍ରହଣ କରି ପାଣ୍ଡୁଲିପି ସଂଶୋଧନ କରୁଥାନ୍ତି । ଏହି ବୌଦ୍ଧିକ ଉଦାରତା ପଣ୍ଡିତ ନୀଳକଣ୍ଠଙ୍କର ଥିଲା ଏକ ବଡ଼ ଗୁଣ । ତା' ନ ହେଲେ 'କୋଣାର୍କେ' ପରି ଏକ ପ୍ରସିଦ୍ଧ କାବ୍ୟର ମୁଖବନ୍ଧ ଲେଖିବା ପାଇଁ ସେ କବି ମାୟାଧର ମାନସିଂହଙ୍କ ପରି ଜଣେ କନିଷ୍ଠ ବ୍ୟକ୍ତିଙ୍କୁ କଦାପି ଅନୁରୋଧ କରି ନଥାନ୍ତେ । ଆଜି ଓଡ଼ିଶାରେ, ବୌଦ୍ଧିକ ଜୀବନରେ ଏପରି ଉଦାରତା ବିରଳ । ସମସ୍ତେ ନିଜ ନିଜ ଆଖିରେ କ୍ଷୁଦ୍ର ଅହମିକା ଓ ମତାନ୍ଧତାର ଅନ୍ଧପୁଟୁଳି ବାନ୍ଧି ତାଣ୍ଡବ ନାଚୁଛନ୍ତି । ଓଡ଼ିଶାର ବୌଦ୍ଧିକ ଜୀବନ ଏଇ କାରଣରୁ ଯେ ବାଧାଗ୍ରସ୍ତ, ସେଥିରେ ସନ୍ଦେହ ନାହିଁ ।" (୧୩୦)

'ଓଡ଼ିଶା ସାହିତ୍ୟର କ୍ରମ ପରିଣାମ' ନେଇ ଶ୍ରୀଯୁକ୍ତ ମହାନ୍ତିଙ୍କ ଉପରୋକ୍ତ ଉକ୍ତିକୁ ସମର୍ଥନ ଓ ପୃଷ୍ଠପୋଷକତା ଯୋଗାଏ, ପଣ୍ଡିତ ନୀଳକଣ୍ଠଙ୍କ ଅନ୍ୟତମ ଘନିଷ୍ଠ ସହକର୍ମୀ ଓଡ଼ିଶା ଆସେମ୍ବ୍ଲିର ପୂର୍ବତନ



Digitized by PPRACHIN, SOA

ସମ୍ପାଦକ ଶ୍ରୀ ବନମାଳୀ ମିଶ୍ରଙ୍କ ସ୍ମୃତିଚାରଣ– "ଏହିସବୁ ପୁସ୍ତକ ପଣ୍ଡିତଜୀ ଡାକନ୍ତି, ମୁଁ ଲେଖୁଥାଏ । କେତେକ ସ୍ତରରେ ପଣ୍ଡିତଜୀଙ୍କ ମତବାଦ ଟିକିଏ ଉଗ୍ର ହୋଇପଡ଼େ । ମୁଁ ପଣ୍ଡିତଜୀଙ୍କୁ ସେଠାରେ ଟିକିଏ ସୂଚନା ଦେଇଥାଏ । ପଣ୍ଡିତଜୀ ଟିକିଏ ଚିନ୍ତାକରି ତାହା ବଦଳାଇ ଦିଅନ୍ତି । ତାହାପରେ ଯାହା ଲେଖାହୁଏ, ତାହା ପଣ୍ଡିତଜୀଙ୍କ ଉପସ୍ଥିତିରେ ସ୍ୱର୍ଗୀୟ ଅଧ୍ୟାପକ ବାନାମ୍ବର ଆଚାର୍ଯ୍ୟ, କବି ରାଧାମୋହନ ଗଡ଼ନାୟକ, ଶ୍ରୀ ସୁରେନ୍ଦ୍ର ମହାନ୍ତି ଏମ୍. ପି., ଓ ଆଡ୍‌ଭୋକେଟ୍ ଶ୍ରୀ ମଧୁସୁଦନ ମହାନ୍ତିଙ୍କ (୧୩୧) ପରି କେତେକ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପାଖରେ ପଢ଼ାଯାଏ । ସେମାନଙ୍କ ଭିତରୁ କେହି କୌଣସି ସ୍ଥାନରେ ପରିବର୍ତ୍ତନ କରିବାକୁ ଚାହିଁଲେ, ପଣ୍ଡିତଜୀ ସଙ୍ଗେ ସଙ୍ଗେ ବଦଳାଇ ଦିଅନ୍ତି । ପଣ୍ଡିତଜୀ ବରାବର କହନ୍ତି, 'ମୁଁ ନିଜ ପାଇଁ ଲେଖୁନାହିଁ, ଅନ୍ୟପାଇଁ ଲେଖୁଛି । ଯଦି ଯେ କେହି ବନ୍ଧୁଙ୍କର କୌଣସି ଲେଖା ମନୋନୀତ ନ ହେଲା, ତାହା ବଦଳାଇବାରେ ମୋର କୁଣ୍ଠାନାହିଁ ।" (୧୩୨)

ପଣ୍ଡିତଜୀ ସବୁବେଳେ କହୁଥିଲେ, "..ମୋର ଏବେ ମଧ୍ୟ ନିଜ ଲେଖାରେ ଆତ୍ମବିଶ୍ୱାସର ଭାବ ପୁରାପୁରି ଯାଇ ନାହିଁ । ଏବେ ବି କିଛି ଲେଖିଲେ ଯାହାକୁ ହେଲେ ଶୁଣାଇ ଭଲ ଅନୁମୋଦନ ନ'ପାଇଲେ ମୁଁ ପ୍ରାୟ ସାହାସ କରି ପ୍ରକାଶ କରେନାହିଁ । ଦରକାର ପଡ଼ିଲେ କେହି ନ ମିଳିଲେ କଲେଜର ଛାତ୍ରଙ୍କୁ, ଏପରିକି ମୋ ନିଜ ପୁଅକୁ ମଧ୍ୟ ଶୁଣାଇ ଠିକ୍ କରିନିଏ । କେହି କୌଣସି ଅଂଶ ଆଚ୍ଛା ଲାଗୁନାଇ ବୋଲି କହିଲେ ତତ୍‌କ୍ଷଣାତ୍ ବଦଳାଇ ଦିଏ ଓ ପୁଣି ଶୁଣାଏ । କାରଣ ମୋର ଗୋଟିଏ ଧାରଣା ପଡ଼ି ଯାଇଚି, ମୁଁ ମୋ ପାଇଁ ଲେଖୁନାଇ । ଅନ୍ୟ ଜଣେ ପଢ଼ି ବୁଝିବା ଓ ଗ୍ରହଣ କରିବା ପାଇଁ ଲେଖୁଚି । ସେଇ ମାପକାଠିଟି ସବୁବେଳେ ମୁଁ ମନେ ରଖୁଥାଏ । ସେଥିପାଇଁ ଯେତେବେଳେ ପରେ ପିଲାଙ୍କ ପାଇଁ ଘରେଇ ଭାଷାରେ ଲେଖିବା ମୁଁ ପ୍ରଥମେ ଆରମ୍ଭ କଲି, ସେତେବେଳେ ପିଲାଙ୍କୁ ଶୁଣାଇ ଲେଖା ଠିକ୍ କରିଥିଲି ।... ... । ... ୧୯୧୯ରେ ଯେତେବେଳେ ରାଧାନାଥ ବାବୁଙ୍କ କାବ୍ୟ ସମାଲୋଚନାରେ ସତ୍ୟବାଦୀ ସ୍କୁଲର ସହକର୍ମୀ ବାସୁଦେବ ମହାପାତ୍ର ଓ ରଘୁନାଥ ମିଶ୍ର ମୋତେ ନିଜେ ଲେଖି ଲେଖାଇ ଦେବାପାଇଁ ଆକ୍ଷେପ କରି କହିଲେ, ସେତେବେଳେ ମୁଁ 'କୋଣାର୍କେ' କାବ୍ୟ ଲେଖି ବସିଲି । ... ... । ତଥାପି ଗତିରେ କେତେକ ଲେଖିସାରି



Digitized by PPRACHIN, SOA

ସକାଳୁ ସେମାନଙ୍କୁ ଶୁଣାଇଦିଏ । ସେମାନେ ଟିକିଏ ଦ୍ୱିଧା ପ୍ରକାଶ କଲେ ସଙ୍ଗେ ସଙ୍ଗେ ସେ ଅଂଶଟି ଫିଙ୍ଗିଦେଇ ଆଉ ଥରେ ଲେଖେ । ଏବେ ମଧ୍ୟ ସେୟାଇ ମୋର ରୀତି ।" (୧୩୩)

ନୀଳକଂଠଙ୍କ ସତ୍ୟନିଷ୍ଠା ସମ୍ପର୍କରେ ନିଜ ଅନୁଭୂତିରୁ ଡ଼ଃ ବେଣୀମାଧବ ପାଢ଼ୀ ଲେଖିଛନ୍ତି– "ନିଜର ପରିଚୟ ଦେଇ ମୁଁ କହିଲି, 'ମୁଁ ଜଗନ୍ନାଥଙ୍କ ବିଷୟରେ ଗବେଷଣା କରିବାକୁ ଇଚ୍ଛୁକ ଏବଂ ଆପଣ ମତେ ଟିକିଏ ଗାଇଡ୍ କଲେ, ମୋ ଗବେଷଣା ସାଫଲ୍ୟ ମଣ୍ଡିତ ହୋଇ ପାରିବ ।' ତା'ପରେ ପଣ୍ଡିତଜୀ ପଚାରିଲେ, 'ତୁମେ ଜଗନ୍ନାଥଙ୍କୁ କ'ଣ ବୋଲି କହିବାକୁ ଯାଉଛ ? ହିନ୍ଦୁ ଦେବତା ? ମୁଁ କହିଲି–"ନାହିଁ ଆଜ୍ଞା ! ସେ ହିନ୍ଦୁ, ବୌଦ୍ଧ, ଜୈନ କୌଣସିଟା ନୁହନ୍ତି । ସେ ଶବରଙ୍କ ଦେବତା–ଦାରୁ ଦେବତା ।" 'ପ୍ରମାଣ ପାଇଛ ?' 'ହଁ'– 'ସେ ବିଷୟରେ କିଛି ଲେଖିଛ ? ଆଣିଛ ଯଦି ପଢ଼ ।' ମୁଁ ବସିଲି ଖାତା ଫିଟାଇବା ଆଗରୁ କହିଲି– 'ଆଜ୍ଞା, ଆପଣ ତ ଜଗନ୍ନାଥଙ୍କୁ ଜୈନ ଧର୍ମର ପ୍ରତୀକ ବୋଲି କହନ୍ତି, ମୁଁ କିନ୍ତୁ ଶବର ଧର୍ମର... ...' କଥା ନ ସରୁଣୁ ସାଙ୍ଗେ ସାଙ୍ଗେ ଶୋଇବା ଜାଗାରୁ ଉଠି ବସି ପଚାରିଲେ– 'ମୁଁ କହୁଛି ଜୈନ ଧର୍ମର ବୋଲି ? କିଏ କହିଲା ? ଆହେ, ମୁଁ ସନ୍ଦେହ କରିଛି । କେତୁଟା ପ୍ରମାଣ ବି ପାଇଛି । ଯଦି ସେ ସବୁ ଅପ୍ରମାଣିତ ହୁଏ, ଭଲ କଥା । ମୁଁ କହିଛି ବୋଲି କ'ଣ ବେଦର ଗାର ହୋଇଗଲା ।'–

ଏଥିରୁହିଁ ପଣ୍ଡିତଜୀଙ୍କ ଉଦାରତା ସ୍ପଷ୍ଟ । ଶେଷରେ ସେଇଆ ହେଲା, ମୋ Thesisରେ ଶବର ଦେବତା ବୋଲି ପ୍ରତିପାଦନ କଲାବେଳେ ପଣ୍ଡିତ ମହାଶୟହିଁ ମୋତେ ସେଥିପାଇଁ ପ୍ରମାଣ ଯୋଗାଇଲେ ଓ ଦିଗ୍‌ଦର୍ଶନ ଦେଲେ । ସେ ଥିଲେ ମୋର ଗାଇଡ୍ । ଆଜିକାଲି ଗବେଷଣା କ୍ଷେତ୍ରରେ କେତେଜଣ ଏପରି ଉଦାର ଭବାପନ୍ନ ବ୍ୟକ୍ତି ଗାଇଡ୍ ଭବେ ମିଳିବେ ?" (୧୩୪)

ପରେ ପଣ୍ଡିତ ନୀଳକଂଠ ଜଗନ୍ନାଥଙ୍କୁ ଶବର ଦେବତା ରୂପେ ମଧ୍ୟ ପ୍ରତିଷ୍ଠା ଦେଇଛନ୍ତି । (୧୩୫) 'ନବଭରତ'ରେ ଥରେ ସେ ଲେଖିଥିଲେ, "ପୃଥିବୀ ଲୋଡ଼େ ସେହି ଶବର ଦେବ ଜଗନ୍ନାଥଙ୍କ ପ୍ରାଣ ପ୍ରତିଷ୍ଠା । ଓଡ଼ିଆ ପରମ୍ପରାର ମାନବ ସମାଜକୁ ଏହି ଦାନଟି ଦେବାର ଅଛି ।" (୧୩୬)



Digitized by PPRACHIN, SOA

ନୀଳକଂଠଙ୍କ ଉତ୍ତର ଜୀବନ ରାଜନୀତିରେ ଘନିଷ୍ଠଭାବେ ସଂଶ୍ଳିଷ୍ଟ ଥିବା ଜଣେ କନିଷ୍ଠ ସହକର୍ମୀ ଭାରତର ପୂର୍ବତନ ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ବିବୁଧେନ୍ଦ୍ର ମିଶ୍ର କହନ୍ତି– "ନୀଳକଂଠ ବାବୁ 'ରାଗୀ' ଥିଲେ ବୋଲି ଧାରଣା କରିବା ଠିକ୍ ନୁହେଁ । (୧୩୭) ନିଜ ବିଶ୍ୱାସକୁ ଦୃଢ଼ ଭାବରେ ସେ ପ୍ରକାଶ କରୁଥିଲେ ମାତ୍ର । ଗୋପବନ୍ଧୁ ବାବୁ, ନୀଳକଂଠ ବାବୁ, ଗୋଦାବରୀଶ ବାବୁ କଥାରେ ରସିକ ଥିଲେ । ଅନ୍ୟର କାର୍ଯ୍ୟରେ କେବେ ସେ ହସ୍ତକ୍ଷେପ କରୁ ନ ଥିଲେ । ସେ ଥିଲେ 'ନବଭାରତ'ର ସମ୍ପାଦକ, କିନ୍ତୁ ଦିଲ୍ଲୀରୁ ସେ ପଠାଉଥିବା ସମ୍ପାଦକୀୟ ମୁଁ ବହୁତ ଥର ପ୍ରକାଶ କରିନାହିଁ । ପରେ ମୋର ଯୁକ୍ତିକୁ ସେ ଗ୍ରହଣ କରି ନେଇଛନ୍ତି । ଅବସର ସମୟରେ ଆମମାନଙ୍କୁ ବସାଇ ସାହିତ୍ୟ-ଚର୍ଚ୍ଚା କରିବାରେ ସେ ଆନନ୍ଦ ଅନୁଭବ କରୁଥିଲେ । ... ... ଦିନେ କବିତା ପାଠ ଚାଲିଥିଲା । 'କବି' 'ମରମୀ' ଶବ୍ଦ ବ୍ୟବହାର କରିଥିଲେ । ଓଡ଼ିଆ ବ୍ୟାକରଣ ଅନୁଯାୟୀ 'ମରମୀ' ଶବ୍ଦ ହୋଇପାରେ ନାହିଁ ବୋଲି ତାଙ୍କର ଆପତ୍ତି । ମୁଁ କହିଲି– ହେବ ଆଜ୍ଞା, କାହିଁକି ରାଗୁଛନ୍ତି ? ହେବ, କେମିତି ହେବ ? ? ବୋଲି ପଚାରିଲେ । ମୁଁ କହିଲି– ଯେମିତି ସରମରୁ ସରମୀ, ଗରମରୁ ଗରମୀ । 'ତୁ ସାହିତ୍ୟ ଚର୍ଚ୍ଚା କରୁଚୁ ବୋଲି ମୁଁ ଦେଖୁଚି' କହି ସେ ଠୋ ଠୋ କରି ହସି ପକାଇଲେ । ତୁମେ ଏଣିକି କବିତା ଲେଖ ବୋଲି ସେ ମୋତେ ଉପଦେଶ ଦେଲେ ।" (୧୩୮)

ନୀଳକଂଠଂକ ସତ୍ୟନିଷ୍ଠା ଘେନି ଡକ୍ଟର ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ଲେଖିଛନ୍ତି–"ଆଉ ଥରକର ଘଟଣା । ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜ ହଲରେ ପଣ୍ଡିତ ନୀଳକଂଠଙ୍କ ଭାଷଣ । ବକ୍ତୃତା ପ୍ରସଙ୍ଗରେ ପଣ୍ଡିତଜୀ ପାଣିନିଙ୍କ ଗୋଟିଏ ସୂତ୍ରର ବିଶ୍ଳେଷଣ କଲେ । ସଭାକକ୍ଷ ପଣ୍ଡିତ ମଣ୍ଡଳୀରେ ପରିପୂର୍ଣ୍ଣ । ସଭା ଶେଷ ହେଲା । ପରେ ଦୁଇଚାରିଜଣ ଶ୍ରୋତା ତାଙ୍କୁ ଅତିଥି-ଭବନରେ ଯାଇ ସାକ୍ଷାତ କଲେ । ଏମାନଙ୍କ ମଧ୍ୟରେ ଥିଲେ ଓଡ଼ିଶାର ବିଶିଷ୍ଟ ପଣ୍ଡିତ ସ୍ୱର୍ଗତ ସଦାଶିବ ଦାସଶର୍ମା (ଡଃ ଆଚାର୍ଯ୍ୟ ଏପରି ଲେଖିଛନ୍ତି, କିନ୍ତୁ ଏହା ସଦାଶିବ ମିଶ୍ରଶର୍ମା ହେବ ବୋଲି ସ୍ମୃତି ସମିତିର ସମ୍ପାଦକ ତଥା ପଣ୍ଡିତ ନୀଳକଂଠଙ୍କ ଜାମାତା ଶ୍ରୀଯୁକ୍ତ ମଧୁସୂଦନ ଦାସ ମହାଶୟ ଏ ଲେଖକକୁ ଆଲୋଚନା ପ୍ରସଙ୍ଗରେ କହିଛନ୍ତି ।) ସେ କହିଲେ–



Digitized by PPRACHIN, SOA

'ବକ୍ତୃତା ଖୁବ୍ ଉଚ୍ଚକୋଟୀର ହେଲା । କିନ୍ତୁ ଗୋଟିଏ ଦୁଇଟି ଭୁଲ କଥା ଆପଣ କହିଲେ । ସଭାରେ ଏ ଭୁଲ ପ୍ରତି ଦୃଷ୍ଟି ଆକର୍ଷଣ କରିବା ଠିକ୍ ହୋଇ ନ ଥାନ୍ତା ବୋଲି ଏଠାକୁ ସାକ୍ଷାତ କରିବା ପାଇଁ ଆସିଲି ।' ପଣ୍ଡିତ ନୀଳକଣ୍ଠ ନିଜର ଗୋଟିଏ ଦୁଇଟି ଭୁଲ କଥା ଶୁଣିଲେ ଏବଂ କହିଲେ–'ସଦାଶିବ ଦାସ ଯଦ ଭୁଲ ବୋଲି କହୁଛନ୍ତି, ତା'ହେଲେ ମୁଁ ଆଉ କେଉଁଠି ଏ ଭୁଲ କଥା କହିବି ନାହିଁ ।'

ପଣ୍ଡିତ ନୀଳକଣ୍ଠଙ୍କ ବିଶାଳ ପାଣ୍ଡିତ୍ୟ ଅନ୍ୟର ଭୁଲ ସଂଶୋଧନ କରିବାରେ ଯେପରି ନିଷ୍ଠା ପ୍ରଦର୍ଶନ କରୁଥିଲା, ସେହିପରି ନିଜ ଭ୍ରମକୁ ସ୍ୱୀକାର କରିବାରେ ମଧ୍ୟ କୁଣ୍ଠାହୀନ ଆଗ୍ରହ ପ୍ରକାଶ କରୁଥିଲା ।" (୧୩୯) ଯେ କୌଣସି ସମୟରେ ଯଥାର୍ଥ ପାଣ୍ଡିତ୍ୟର, ଆଦର୍ଶ ଶିକ୍ଷକତାର, ସତ୍ୟନିଷ୍ଠାର ଏହାହିଁ ପ୍ରକୃତ ସ୍ୱରୂପ । କେବଳ ଉପରବର୍ଣ୍ଣିତ ଗୋଟିଏ ଘଟଣା ନୁହେଁ, ବହୁ ଘଟଣାରେ ଏହା ପ୍ରମାଣିତ ହୋଇଛି । ପଣ୍ଡିତଜୀଙ୍କ ଜାମାତା ମାନନୀୟ ମଧୁବାବୁ ଏପରି ବହୁ ଘଟଣା ଶ୍ରୀଯୁକ୍ତ ଅନନ୍ତ-ତ୍ରିପାଠୀ ଶର୍ମା ଓ ଶ୍ରୀଯୁକ୍ତ ଗଙ୍ଗାଧର ମହାପାତ୍ରଙ୍କଠାରୁ ଅବହିତ ଥିବା ଏ ଲେଖକକୁ ଘରେଇ ଆଲୋଚନା ପ୍ରସଙ୍ଗରେ ତା ୨୮-୧୨-୧୯୯୦ ରିଖ ଦିନ ଜଣାଇଛନ୍ତି ।

ବିଧାୟକ ଜୀବନରେ ମଧ୍ୟ ପଣ୍ଡିତଜୀଙ୍କର ସତ୍ୟ ନିଷ୍ଠା ଅତୁଟ ରହିଥିଲା । ଏ ସମ୍ପର୍କରେ ଶ୍ରୀଯୁକ୍ତ ବାଙ୍କ ବିହାରୀ ଦାସ କହନ୍ତି, "ଦଳୀୟ ରାଜନୀତିର ଚକ୍ରରେ ତାଙ୍କୁ ଯିଏ କଟୁ ସମାଲୋଚନା କରନ୍ତୁ ନା କାହିଁକି, ପଣ୍ଡିତଜୀଙ୍କ ଠାରୁ ସଂସଦୀୟ ପରମ୍ପରାର ଶିକ୍ଷା ନେବାକୁ କେହି ପଛାଉ ନ ଥିଲେ । ପ୍ରଥମ ବିଧାନ ସଭା ବୈଠକର ପ୍ରଥମ ଦିନରୁ ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା, ଗୃହ ପ୍ରତି ସମ୍ମାନ ଓ ମର୍ଯ୍ୟାଦା । ସମ୍ବିଧାନ ଓ ବିଧାନ ସଭା ନିୟମକୁ ଠିକଣା ଭାବରେ କାର୍ଯ୍ୟକାରୀ କରିବା ପାଇଁ ସେ ଥିଲେ ଜାଗ୍ରତ ପ୍ରହରୀ । ସେ ତ ନିଜେ କେତେବେଳେ ହେଲେ ଗୃହର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବାକୁ ଯାଉ ନ ଥିଲେ, ଏପରିକି ଭାଷଣରେ ସେ ଯଦି କୌଣସି ତ୍ରୁଟି କରି ପକାଉ ଥିଲେ ଏବଂ କେହି ତାହା ସୂଚାଇ ଦେଉଥିଲା, ତେବେ ସେ ସଙ୍ଗେ ସଙ୍ଗେ ନିଜର ଭୁଲ ସ୍ୱୀକାର କରି ନେଉଥିଲେ ଏବଂ



Digitized by PPRACHIN, SOA

କ୍ଷମାଭିକ୍ଷା ମଧ୍ୟ କରୁଥିଲେ । ଅନ୍ୟମାନଙ୍କ ଭଳି କେବେ ହେଲେ ସଫେଇ ଦେଇ ତ୍ରୁଟିକୁ ସମର୍ଥନ କରୁ ନ ଥିଲେ । ଏହା ତାଙ୍କର ମହନୀୟତା ଏବଂ ବିଶାଳ ହୃଦୟର ଏକ ବଡ଼ ଗୁଣ ଥିଲା ।" (୧୪୦) 'ନୀତି ଓ ପ୍ରକୃତି' ପ୍ରବନ୍ଧରେ ମଧ୍ୟ ଏହାର ପ୍ରତିଫଳନ ଘଟିଛି ।

ବିଶିଷ୍ଟ ଐତିହାସିକ ଡଃ ସତ୍ୟନାରାୟଣ ରାଜଗୁରୁ ପଣ୍ଡିତ ନୀଳକଂଠ ଯେ କିପରି ସତ୍ୟର ଉପାସକ ଥିଲେ, ତାହା ବୁଝାଇ କହନ୍ତି– "...ପାରଳା ମହାରାଜାଙ୍କ ପ୍ରସ୍ତାବ କ୍ରମେ କଟକରେ ଏକ ସର୍ବଦଳୀୟ ସମ୍ମିଳନୀରେ ଆୟୋଜନ ଚାଲିଥାଏ । ଓଡ଼ିଶା ପ୍ରଦେଶରେ ଅନ୍ତତଃ ଜୟପୁର ଓ ପାରଳାଖେମୁଣ୍ଡିକୁ ଯଦି ଯୋଗ କରା ନଯାଏ, ତାହା ହେଲେ ଓଡ଼ିଆମାନେ ସମୂହ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ବୋଲି ଏକ ପ୍ରସ୍ତାବ କରିବାକୁ ସ୍ଥିର ହୋଇଥିଲା । କଟକରେ ସର୍ବଦଳୀୟ ସଭାର ବିରାଟ ଆୟୋଜନ ହେଲା । ଏଥିରେ ରାୟବାହାଦୂର ଦାମୋଦର ରଥ ଓ ମୁଁ, ପାରଳା ମହାରାଜାଙ୍କ ପ୍ରସ୍ତାବ କ୍ରମେ ନିଯୁକ୍ତ ହେଲୁ । ମିଷ୍ଟର ଦାସଙ୍କ ପରାମର୍ଶ ଅନୁସାରେ କାର୍ଯ୍ୟ ଚୁଲାଇବାକୁ ପଡ଼ିଲା । ସେ ମୋତେ କହିଲେ, "କଂଗ୍ରେସ ଦଳ ପକ୍ଷରୁ ପଣ୍ଡିତ ନୀଳକଂଠ ଦାସ ଯଦି ସଭାରେ ଯୋଗ ନ ଦେବେ, ତା' ହେଲେ ସର୍ବଦଳୀୟ ସମ୍ମିଳନୀର କୌଣସି ମୂଲ୍ୟ ରହିବ ନାହିଁ । ଏଣୁ, ତୁମେ ତାଙ୍କୁ ନିମନ୍ତ୍ରଣ କର ।" ପଣ୍ଡିତ ନୀଳକଂଠଙ୍କ ବସାକୁ ଯାଇ ପ୍ରସ୍ତାବିତ ସଭାରେ ଯୋଗ ଦେବାକୁ ମୁଁ ଅନୁରୋଧ କଲି । ସେତେବେଳେ ଓଡ଼ିଶାର ଅନ୍ୟ କେତେକ ନେତାଙ୍କ ମତ ଥିଲା ଯେ, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠିତ ହୋଇଗଲା ପରେ ପରିତ୍ୟକ୍ତ ଅଞ୍ଚଳ ଗୁଡ଼ିକ ପାଇଁ ଆନ୍ଦୋଳନ କରିବା ଯୁକ୍ତିଯୁକ୍ତ । ଏ ପ୍ରସଙ୍ଗରେ ଶଶିଭୂଷଣ ରଥ 'ଆଶା' ପତ୍ରିକାରେ ଲେଖିଥିଲେ, 'କାନ୍ଦୁଥିବା, ଯାହା ମିଳୁଥିବା ବାନ୍ଧୁଥିବା ।' ପଣ୍ଡିତ ନୀଳକଂଠ ମଧ୍ୟ ସେହି ନୀତିର ଅନୁଗାମୀ ଥିଲେ । ତେଣୁ ଆମ ନିମନ୍ତ୍ରଣ ଏଡ଼ାଇବାକୁ ଯାଇ ସେ କହିଲେ–'କେତୋଟି ଆଦିବାସୀ ଶବର ଅଞ୍ଚଳର ମିଶ୍ରଣ ପାଇଁ ଏବେ ମିଳୁଥିବା ସ୍ୱତନ୍ତ୍ର ପ୍ରଦେଶ ଛାଡ଼ିଦେବାକୁ ମୁଁ ରାଜି ନୁହେଁ ।' ଏ କଥାରେ ମୁଁ ହତାଶ ହୋଇ କହିଲି– 'ଓଡ଼ିଶା ପ୍ରଦେଶ କେବଳ ସଭ୍ୟ ଶିକ୍ଷିତ ଜାତିଙ୍କ ପାଇଁ କ'ଣ ଗଢ଼ାଯିବ ? ସେଥିରେ ଆଦିବାସୀ ଶବରମାନଙ୍କର କିଛି ଅଂଶ ନାହିଁ ? ସେମାନେ ପରା ଆମ ଜାତୀୟ ଦେବତା ଶ୍ରୀଜଗନ୍ନାଥଙ୍କୁ ଆଣି ଦେଇଥିଲେ ।' ମୋ କଥାକୁ ସେ ଭ୍ରୂକ୍ଷେପ



Digitized by PPRACHIN, SOA

ନ କରି କହିଲେ : 'ଓଃ,ଭଷା ସୂତ୍ରରେ ପ୍ରଦେଶ ଗଠିତ ହେଉଛି । ଶବର-ମାନଙ୍କର ଭଷା 'ଆଷ୍ଟ୍ରିକ୍' ପରିବାର ଭୁକ୍ତ । ତେଣୁ ସେମାନଙ୍କ ଭଷା ସଙ୍ଗେ ଦ୍ରାବିଡ଼ୀୟ ଭଷାର ସମ୍ବନ୍ଧ ରହିଛି' । ମୁଁ କହିଲି– 'ଶବରମାନଙ୍କ ଭଷା ମୁଣ୍ଡାରୀ-ଶ୍ରେଣୀୟ । ଓଡ଼ିଆ ସଙ୍ଗେ ସେ ଭଷାର ଯଥେଷ୍ଟ ସମ୍ବନ୍ଧ ବିଦ୍ୟମାନ ।' ସେ ଏଥିର ପ୍ରମାଣ ଗ୍ରହିଁବାରୁ ମୁଁ ରେଭେନ୍‌ସା କଲେଜ ଲାଇବ୍ରେରୀରୁ ଥାର୍ଷ୍ଟନ୍ (Thurston) ଙ୍କ ଲିଖିତ 'Castes and Tribes of the Madras Presidency' ପୁସ୍ତକଟି ନେଇ ତାଙ୍କୁ ଦେଖାଇଲି । ଏଥିରୁ ମୁଁ ବୁଝିଲି ଯେ, ସତ୍ୟର ସେ ଉପାସକ । ଏହାପରେ ସର୍ବଦଳୀୟ ସଭରେ ସେ ଯୋଗ ଦେଇଥିଲେ ।" (୧୪୨)

ତାଙ୍କର ସତ୍ୟନିଷ୍ଠା ଓ ଆତ୍ମବିଶ୍ୱାସ ସମ୍ପର୍କରେ ବହୁବିଶିଷ୍ଟ ବ୍ୟକ୍ତିଙ୍କ ଅନୁଭବରୁ ଏହିପରି ନାନାକଥା ଶୁଣାଯାଏ । ଯାହା କିଛି ସତ୍ୟ ବୋଲି ସେ ବୋଧ କରନ୍ତି, ଯେତେ କଟୁ ହେଲେ ମଧ୍ୟ ଯେ କୌଣସି ବ୍ୟକ୍ତିର ମୁହେଁ ମୁହେଁ ସେ କହି ପକାନ୍ତି । (୧୪୩) ପଣ୍ଡିତ ନରସିଂହ ମହାପାତ୍ରଙ୍କ 'ମନୀଷୀ ନୀଳକଂଠ' ପୁସ୍ତକରେ ଏ ପ୍ରକାର ଏକ ଘଟଣାର ବର୍ଣ୍ଣନା ରହିଛି । "କେନ୍ଦ୍ର ବ୍ୟବସ୍ଥା ସଭରେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ ଗଠନର ଦାବୀ କଲାବେଳୁ ପ୍ରସ୍ତାବିତ ପ୍ରଦେଶରେ ଗୋଟିଏ ବିଶ୍ୱବିଦ୍ୟାଳୟ ରହିବା ଆବଶ୍ୟକ ବୋଲି ନୀଳକଂଠ ମତ ଦେଇ ଆସୁଥିଲେ । ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେବା ପରେ ସରକାରଙ୍କୁ ଓଡ଼ିଶାରେ ବିଶ୍ୱବିଦ୍ୟାଳୟଟିଏ ପ୍ରତିଷ୍ଠା କରିବା ନିମନ୍ତେ ନୀଳକଂଠ ପରାମର୍ଶ ଦେଲେ ଓ କଂଗ୍ରେସ ବେକଂଗ୍ରେସ ସବୁ ଦଳର ବିଶିଷ୍ଟ ବ୍ୟକ୍ତିମାନେ ଏଥିଲାଗି ବ୍ରହ୍ମପୁରଠାରେ ଯେଉଁ କମିଟି ଗଠନ କଲେ, ନୀଳକଂଠ ତହିଁର ଚେୟାରମ୍ୟାନ ହେଲେ । ଏଇ ସଭରେ ବିଲାତ ଫେରନ୍ତା ବିଶିଷ୍ଟ ଶିକ୍ଷାବିତ୍ ଜଣେ କହିଲେ– 'ବିଲାତର ଅକ୍‌ସଫୋର୍ଡ, କେମ୍ବ୍ରିଜ ଆଦର୍ଶରେ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ଗଢ଼ାଯାଉ ।' ଏହାଶୁଣି ସେହି ସଭରେ ନୀଳକଂଠ କହିଲେ– "ଶୁଣିଥିଲୁ, ଜାହାଜରେ ଲଦା ହୋଇ ବିଲାତରୁ ନୂଆଲୁଗା ଆସେ, ଏବେ ଦେଖାଯାଉଚି, କେବଳ ଲୁଗା ନୁହେ, ବୁଦ୍ଧି ମଧ୍ୟ ଆସୁଚି ।"(୧୪୪)

ସତ୍ୟବାଦୀରେ ଶିକ୍ଷକତା କାଳରେ ମଧ୍ୟ ଏହା ପ୍ରମାଣିତ ହୋଇଛି– ସେ ଲେଖିଛନ୍ତି "ସତ୍ୟବାଦୀରେ ଗାଂଧିଙ୍କ ସହିତ ମୋର ସୂତାକଟା ବିଷୟରେ କଥା ହେଲା । ସତ୍ୟବାଦୀର ପାଠ ବନ୍ଦ କରାଯାଇ



Digitized by PPRACHIN, SOA

କେତେକ ଛାତ୍ରଙ୍କ ପାଇଁ ସୂତାକଟା ପାଠ୍ୟରୂପେ ପ୍ରଚଳନ ହୋଇଥାଏ । ବହୁତ ଆଲୋଚନା ପରେ ସୂତାକଟା ଦ୍ୱାରା ଓଡ଼ିଶାରେ ତଥା ଦେଶରେ ଆର୍ଥିକ ସମାସ୍ୟାର ସମାଧାନ ହେବ ବୋଲି ଗାଂଧିଜୀ ମତଦେଲେ; କିନ୍ତୁ ମୁଁ ଏ ମତକୁ ଆଦୌ ଗ୍ରହଣ କରି ପାରିଲି ନାଇ । ମତେ ଗାଂଧିଜୀ ବୁଝାଇ ସନ୍ତୁଷ୍ଟ କରିପାରିଲେ ନାଇ । ମୁଁ ସେଠାରେ ଶେଷକୁ କହିଥିଲି, ତା' ହେଲେ–

> By faith and faith alone we embrace
> Believing when we cannot prove

ମୁଁ Tennyson ଙ୍କ 'In memorium' ରୁ ଏହି ଧାଡ଼ିଟି ବୋଲିବା ପରେ ଗାଂଧିଜୀ କହିଥିଲେ– 'Exactly, that is the attitude.' କିନ୍ତୁ ମୋର ସେତେବେଳକୁ ଆଉ ଯୁକ୍ତି ଛାଡ଼ି beliefରେ ଭୁଲିବା ପାଇଁ ଅବସ୍ଥା ଚହଲି ଆସିଥିଲା । ମୁଁ ସେଠାରୁ ନମସ୍କାର କରି ଉଠି ଆସିଥିଲି । (୧୪୫) ବାସ୍ତବରେ, ସତ୍ୟନିଷ୍ଠା ଓ ଆତ୍ମବିଶ୍ୱାସରୁ ହିଁ ତାଙ୍କର ଯୁକ୍ତିବାଦର ଉଦୟ । (୧୪୬) ସତ୍ୟନିଷ୍ଠା, ଆତ୍ମବିଶ୍ୱାସ ଓ ଯୁକ୍ତିବାଦ ପରସ୍ପରର ପରିପୂରକ । ଏ ତିନିଟି ଭିତରେ ଯୋଗସୂତ୍ର ବଡ଼ ସୂକ୍ଷ୍ମ । ଆତ୍ମବିଶ୍ୱାସୀ ନ ହେଲେ ମନୁଷ୍ୟ ସତ୍ୟକୁ ଭୟକରେ । ବିନା ସତ୍ୟନିଷ୍ଠାରେ ବାହାସ୍ଫୋଟ ମଗ ବୃଥାଯାଏ । ଦିନେ ନା ଦିନେ ଏପରି ବ୍ୟକ୍ତିର ଛଦ୍ମ ଆବରଣଟି ଖସିପଡ଼ିବାକୁ ବାଧ୍ୟ । ସତ୍ୟନିଷ୍ଠ ନ ହେଲେ ଦୃଢ଼ତା ରହେ ନାହିଁ । ଏଇ ସତ୍ୟନିଷ୍ଠାରୁ ପୁଣି ଅନ୍ତହୀନ ଜିଜ୍ଞାସାର ଜନ୍ମ । ଜିଜ୍ଞାସା ଯୁକ୍ତିର ଜନ୍ମଦାତ୍ରୀ । ସେ ସମୟରେ ଗାନ୍ଧୀଜୀଙ୍କ ସମ୍ମୁଖରେ ନିଜର ବିଶ୍ୱାସ ବ୍ୟକ୍ତ କରିବା କମ୍ ସତ୍ୟନିଷ୍ଠା ଓ ଆତ୍ମବିଶ୍ୱାସର ପରିଚୟ ବହନ କରେ ନାହିଁ ।

ଏ ସମ୍ପର୍କରେ ନୀଳକଂଠଙ୍କ 'ଆତ୍ମଜୀବନୀ'ରୁ ଆଉ ଏକ ଉଦାହରଣ ଦେବା ଅସମୀଚୀନ ହେବ ନାହିଁ । ସେ ଲେଖିଛନ୍ତି–"ଏମ୍.ଏ. ପଢ଼ିବାକୁ ଯିବା ପାଇଁ ମୋର ଅର୍ଥବଳ ନ ଥିଲା । ଦିନେ ଅଧ୍ୟାପକ ଶ୍ରୀ ଗୋପାଳ ଚନ୍ଦ୍ର ଗାଂଗୁଲି ଯିବାବେଳକୁ ମୋତେ କଟକରେ ପଗ୍ଭରିଥିଲେ; ତୁମେ କାହିଁକି କଲିକତା ଏମ୍. ଏ. ପଢ଼ିବାକୁ ଯାଉଛ ? ତୁମେ ତ ସତ୍ୟବାଦୀ ବିଦ୍ୟାଳୟରେ ରହିବାକୁ ସ୍ଥିର କରିଛ ? ଏମ୍.ଏ. ପଢ଼ିବା ଆଉ ଦରକାର



Digitized by PPRACHIN, SOA

କ'ଣ ? ମୁଁ ଉତ୍ତର ଦେଇଥିଲି—'ସତ୍ୟବାଦୀ ମଫସଲ ସ୍ଥାନ ! ମୁଁ ସ୍କୁଲର ଚାଳକ ହୋଇ ରହି ସମସ୍ତଙ୍କର ସବୁପ୍ରକାର ସନ୍ଦେହ ଦୂର କରିବା ପାଇଁ ପ୍ରସ୍ତୁତ ନ ଥିଲେ ଏପରି ଦୁରୂହ କାର୍ଯ୍ୟରେ ଭରନେବା ଠିକ୍ ହେବ କି ?" ସେଠାରୁ ଶ୍ରୀ ଗାଂଗୁଲି ପଚାରିଥିଲେ—'ତୁମର ତ ଅର୍ଥାଭବ । ଟଙ୍କା କାହୁଁ ପାଇବ ?' ମୁଁ କହିଲି—'ସେଥିପାଇଁ ଚିନ୍ତା ନାଇ । ତାହା କୌଣସି ମତେ ପୂରଣ ହୋଇଯିବ' ।" (୧୪୭) ଏ କିଛି କମ୍ କଥା ନୁହେଁ । ସାଧାରଣ ସ୍ତରରୁ ଉର୍ଦ୍ଧ୍ବକୁ ନ ଉଠିଲେ, ଜାତି ପାଇଁ ଉତ୍ସର୍ଗୀକୃତ ମନୋଭବ ନ ଥିଲେ ଆତ୍ମବିଶ୍ୱାସ ଆସିବ କାହୁଁ ?

ପୁଣି ବ୍ରାହ୍ମଣ ଓ ଅବ୍ରାହ୍ମଣ ଛାତ୍ରମାନଙ୍କ ପାଇଁ ଭିନ୍ନ ପଙ୍ଗତର ବ୍ୟବସ୍ଥା ନିମିତ୍ତ ରକ୍ଷଣଶୀଳ ଜନତାର ଅନୁରୋଧକୁ ନିଷ୍ଠୁରଭବେ ପ୍ରତ୍ୟାଖ୍ୟାନ କରିବା, (୧୪୮) ଖଣ୍ଡପଡ଼ା ରାଜାଙ୍କ ବେଠି ଶଗଡ଼ ଫେରାଇଦେବା,(୧୪୯) ପରଜୀବନରେ ପୁରୀ ଅଭ୍ୟର୍ଥନା କମିଟି ପାଇଁ ସଭ୍ୟ ସଂଗ୍ରହ କରିବା,(୧୫୦) ବିଧାନସଭର ସ୍ୱାତନ୍ତ୍ର୍ୟ ପାଇଁ ଲଢ଼େଇ କରିବା (୧୫୧) ବେଳେ ବାରମ୍ବାର ତାଙ୍କର ଏ ଆତ୍ମବିଶ୍ୱାସ ଓ ସତ୍ୟନିଷ୍ଠା ପ୍ରତିଫଳିତ ହୋଇଛି । ଖୁବ୍ କମ୍ ବୟସରୁ ନୀଳକଂଠଙ୍କଠାରେ କିଭଳି ପ୍ରବଳ ଆତ୍ମବିଶ୍ୱାସ ପରିଲକ୍ଷିତ ହେଉଥିଲା, ତାହା ଏକ ଘଟଣାର ଉଲ୍ଲେଖରୁ ସ୍ପଷ୍ଟ ହେବ । ପ୍ରାୟ ପନ୍ଦର ବର୍ଷ ବୟସବେଳେ ପୁରୀ ଜିଲ୍ଲାସ୍କୁଲରେ ପଢ଼ିବା ପାଇଁ ତାଙ୍କର ଆକୁଳ ଆଗ୍ରହ ତାଙ୍କୁ ପୁରୀ ସହରକୁ ଟାଣିନେଲା । ମାତ୍ର ଏକମାତ୍ର ଅଲିଅଳ ପୁଅକୁ ଘରଛାଡ଼ି ଦୂରକୁ ପଠାଇବାକୁ ବା କେଉଁ ପିତାମାତାଙ୍କର ଆପତ୍ତି ନ ରହିବ ? ନୀଳକଂଠଙ୍କ ନିଜ ଭଷାରେ "ମୁଁ ଦିନେ ଲୁଚିକରି ଚାଲି ଚାଲି ପୁରୀରେ ଯାଇ ପହଞ୍ଚିଲି । ... ... ... । ଜଗନ୍ନାଥ ମିଶ୍ରଙ୍କଠାରୁ ପଇସାଟିଏ ଉଧାର କରି ଖଣ୍ଡିଏ ପୋଷ୍ଟକାର୍ଡ଼ କିଣି ନନାଙ୍କୁ ଚିଠି ଲେଖିଦେଲି । ମୁଁ ବୃତ୍ତିପାଏଁ ନ ପାଏଁ, ଏଠି ରହି ପଢ଼ିବି—ମୋତେ ଚାଉଳ ଓ ଟଙ୍କା ପଠାଅ ।"(୧୫୨)

ପରିଣତ ବୟସରେ ମଧ୍ୟ ପଣ୍ଡିତ ନୀଳକଂଠ ଆତ୍ମବିଶ୍ୱାସ ହରାଇ ନ ଥିଲେ । ଅଠଷଠି ବର୍ଷର ବୃଦ୍ଧ ନୀଳକଂଠ 'ନବଭରତ' ପ୍ରେସ୍‌ରେ ଥାଇ ଆମେରିକାରେ ଥିବା ପୁତ୍ର ବିକ୍ରମ ବାବୁଙ୍କୁ ଲେଖିଥିବା ଗୋଟିଏ ଚିଠିରୁ ଏହା ଜଣାଯାଏ—



Digitized by PPRACHIN, SOA

"ରାଜନୀତିରେ ପଶିବାରୁ ରାଶି ରାଶି କାମ ପଡ଼ି ରହିଛି । ସବୁ ପରିସ୍ଥିତି କ୍ରମେ ବଦଳିବା ଆଡ଼କୁ ଯାଉଛି । ... ...ନିରାଶ ହେବା ଲୋକ ମୁଁ ନୁହେଁ । ଆମ୍ଭାକୁ ଯୋଗସ୍ଥ କରି ରଖି ଯେ କୌଣସି ଯୁବକଠାରୁ କମ୍ ଉତ୍ସାହରେ ଲାଗିନାହିଁ । ୬-୮-୫୨" ଆଉ ଏକ ଚିଠିରେ–"ମୁଁ ସବୁ କାର୍ଯ୍ୟ କରୁଛି । କିନ୍ତୁ ସବୁବେଳେ ମନେ ହେଉଛି ସାଙ୍ଗକୁ କେହିନାହିଁ । ଆଗପଛକୁ କେହି ନାହିଁ । ଏକାରେ ଏତେ ଲୋକ ବିଶ୍ୱାସ ପ୍ରତିଷ୍ଠା ମୋଠି ଥିଲା । ଏହା ଏବେ ବି ମୋତେ ବିସ୍ମିତ କରୁଛି । କିନ୍ତୁ ଏ ସବୁର ବ୍ୟବହାର ପାଇଁ ପ୍ରଶସ୍ତ କ୍ଷେତ୍ର ଓ ପରିସର ଥିଲେ ମଧ୍ୟ ପରିସ୍ଥିତି ନାହିଁ । ଏହାହିଁ ମୋର ଦୁଃଖ । (୧୫୩) ( ଏ ଚିଠିଟି ସାଥି ଗୋଦାବରୀଶଂକ ମୃତ୍ୟୁରେ ମ୍ରିୟମାଣ ହେବା ବେଳ ଲେଖା )

ନୀଳକଂଠଙ୍କ ଏହି ଆତ୍ମବିଶ୍ୱାସର ଅନ୍ୟତମ ପରିପ୍ରକାଶ ତାଙ୍କର କୃତଜ୍ଞ-ମନୋବୃତ୍ତି । ଆତ୍ମବିଶ୍ୱାସହୀନ ବ୍ୟକ୍ତି କୃତଜ୍ଞ ହୋଇନପାରେ । (ଯେବି କେତେବେଳେ ସେପରି ହୁଏ ତେବେ ତାହା ଲୋକଦେଖାଣିଆ ଭାବେ ବା ସ୍ୱାର୍ଥସାଧନ ସକାଶେ ।) ଭୟ, କାଳେ ଆପଣାର ଦୁର୍ବଳତା, ଛୋଟ-ଲୋକୀ ପ୍ରକଟିତ ହୋଇ ପଡ଼ିବ । ଅହଂକାରର ମୁଖା ଖୋଲିଯିବ, ବାହାପିଆପଣ ଫୁଟି ଉଠିବ, ମିଥ୍ୟାର ଆବରଣତଳୁ ସତ୍ୟର ଝଲି ଦିଶିଯିବ । ମାତ୍ର, ନୀଳକଂଠ ଉତ୍ତରକାଳରେ ତାଙ୍କର 'ଆତ୍ମଜୀବନୀ'ରେ ଯାହାଙ୍କ ସଂସ୍ପର୍ଶ, ସ୍ନେହ, ମମତା, ଭକ୍ତି ତାଙ୍କୁ ଆନନ୍ଦ ଦେଇଛି, ତାଙ୍କ ହୃଦୟରେ ଅଲିଭାଗାର ଟାଣିଛି, ଅଥବା ପଥ ପ୍ରଦର୍ଶନ କରିଛି, ଉତ୍‌ଥାନରେ ସହାୟକ ହୋଇଛି ସେମାନଙ୍କୁ କୃତଜ୍ଞତାର ସହ ସ୍ମରଣ କରିଛନ୍ତି । (୧୫୪) ଆବଶ୍ୟକସ୍ଥଳେ ପ୍ରଶଂସା ମଧ୍ୟ କରିଛନ୍ତି । କେଉଁଠି ମଧ୍ୟ ଅଯଥା ପ୍ରଶଂସା କି ନିନ୍ଦା ନାହିଁ । (୧୫୫) ଜଣେ ଆଦର୍ଶ ଶିକ୍ଷକ ପାଖରେ ଏ ଗୁଣ ରହିବା ନିହାତି ଆବଶ୍ୟକ । ନଚେତ୍ 'ଜଳେ ଚନ୍ଦ୍ରବିମ୍ବ' ନ୍ୟାୟରେ ଶିଷ୍ୟମାନେ ଅକୃତଜ୍ଞ ହୋଇ ଗଢ଼ି ଉଠିବା ସ୍ୱାଭାବିକ, ଯାହା ଏକ କୃତଘ୍ନ ଜାତିର ନିର୍ମାଣରେ ହିଁ ସହାୟକ ହୁଏ । ଅକୃତଜ୍ଞ ଶିଷ୍ୟ ଦ୍ୱାରା ଯେ କି ମହାପ୍ରଳୟ ଘଟେ ଏବଂ କୃତଜ୍ଞ ଶିଷ୍ୟଦ୍ୱାରା ଯେ ସଂସାରର କି ମହୋପକାର ସାଧନ ହୋଇପାରେ, ତାହା ବେଦର ମହର୍ଷି ଦଧ୍ୟଙ୍ ଆଥର୍ବଣାଙ୍କର ଅଶ୍ୱିନୀକୁମାର ଓ ଦେବରାଜ ଇନ୍ଦ୍ରଙ୍କୁ ମଧୁବିଦ୍ୟା–ଉପଦେଶ ପ୍ରଦାନରୁ ସ୍ପଷ୍ଟ । (୧୫୬) ସେ ନିଜେ ଯେ କେବଳ ଆତ୍ମବିଶ୍ୱାସୀ ଥିଲେ ତାହା ନୁହେଁ, ଅନ୍ୟମାନଙ୍କୁ ମଧ୍ୟ ସେପରି ହେବାକୁ ପ୍ରେରଣା ଦେଉଥିଲେ । (୧୫୭)



Digitized by PPRACHIN, SOA

ପ୍ରାସଙ୍ଗିକ ହେତୁ ଜଣେ ବିଶିଷ୍ଟ ସାହିତ୍ୟିକ ନୀଳକଂଠଙ୍କ ସତ୍ୟନିଷ୍ଠା ଓ ଆତ୍ମବିଶ୍ୱାସ ସମ୍ପର୍କରେ ତାଙ୍କ ତିରୋଧାନ ପରେ ଯାହା ଉଲ୍ଲେଖ କରିଥିଲେ– ତହିଁରେ କିୟଦଂଶ ମାତ୍ର ଉଦ୍ଧାର କରଯାଉଛି– "ଆପଣ ମନୀଷୀ ଓ ପଣ୍ଡିତ ବୋଲି ଯାହା କହିବେ ଅନ୍ୟମାନେ ନିର୍ବିଘ୍ନରେ ତାହା ଗ୍ରହଣ କରିଯାନ୍ତୁ ବୋଲି ଆପଣ କେଉଁଠି କହି ନାହାନ୍ତି, କିମ୍ବା କେହି ଗ୍ରହଣ ନ କଲେ ଆଦୌ ଅସହିଷ୍ଣୁ ହୋଇ ନାହାନ୍ତି । ବରଂ ଯଥାଯଥ ବିରୋଧ କଲେ ଆପଣ ଆନନ୍ଦିତ ତଥା ବିଗ୍ରରଶୀଳ ହୋଇଥାନ୍ତି । କାରଣ, ଆପଣ ମୁକ୍ତଚିନ୍ତା ଓ ସ୍ୱଷ୍ଟ ଚିନ୍ତାର ପୋଷାକ । ତେଣୁ, 'ପ୍ରଥମ ଓଡ଼ିଆ ନାଟକ' ନାମକ ପ୍ରବନ୍ଧରେ ଆପଣଙ୍କର ଗୌଡ଼ୀୟ ବୈଷ୍ଣବଧର୍ମ ସମ୍ପର୍କୀୟ ମତକୁ ଏବଂ 'ପାଶ୍ଚାତ୍ୟ ସାହିତ୍ୟରୁ ରାଧାନାଥଙ୍କ ଆହରଣ ଏବଂ ବୈଶିଷ୍ଟ୍ୟ' ନାମକ ପ୍ରବନ୍ଧରେ ଆପଣଙ୍କର ଭଞ୍ଜ ସାହିତ୍ୟର ସ୍ୱକୀୟା ପ୍ରେମ-ନିଷ୍ଠାରେ ଓଡ଼ିଆଙ୍କ ସ୍ୱସ୍ଥତି, ବୈଶିଷ୍ଟ୍ୟ ସମ୍ପର୍କୟ ମତକୁ ସମାଲୋଚନା ଓ ଖଣ୍ଡନ ଚେଷ୍ଟା କରିଥିବା ଲେଖକକୁ ଆପଣ ସମ୍ବର୍ଦ୍ଧନା ଓ କଲ୍ୟାଣ କରିଛନ୍ତି । ନିଜର ଚିନ୍ତାକୁ ଅକପଟ ଭବରେ ପ୍ରକାଶ କରିବାକୁ ପ୍ରେରଣା ଦେଇଛନ୍ତି । ଇଏ ଜ୍ଞାନୀ ପକ୍ଷେ କମ୍ ଉଦାରତାର ବିଷୟ ନୁହେଁ । ଏପରିକି କନିଷ୍ଠଙ୍କ ପ୍ରତି ଉଦାରତା ସଙ୍ଗେ ସଙ୍ଗେ ତାଙ୍କଠାରେ ନୂଆ କଥା କିଛି ମିଳିଗଲେ ତାକୁ ଗ୍ରହଣ କରି ନେବାର ବୟସ ନିର୍ବିଶେଷେ ବୈଦିକ ଶିଷ୍ୟର ଲକ୍ଷଣ ଏବଂ ମହତ୍ତ୍ୱ ମଧ୍ୟ ଆପଣଙ୍କର ଥିଲା । ଏ ଭଳି ଘଟଣାର ଦୃଷ୍ଟାନ୍ତ ମଧ୍ୟ ବହୁତ ଅଛି ।

ତଥାପି ଆପଣଙ୍କୁ ଅନେକେ ଆତ୍ମକେନ୍ଦ୍ରିକ ଓ ଅହଙ୍କାରୀ କହନ୍ତି । ତା ସତ ହେଲେ ସେ ଅହଙ୍କାରକୁ ଆନନ୍ଦରେ ଓ ମୁକ୍ତ ଚିନ୍ତାରେ ସ୍ୱୀକାର କରଯାଇ ପାରେ । କାରଣ, ସୂର୍ଯ୍ୟ ତା'ର ଅସହ୍ୟ ତେଜ ବା ଅହଙ୍କାରରେ ଏପରିକି ଛାୟାବୃତ ଅଞ୍ଚଳକୁ ଆଲୋକିତ ଓ ସ୍ନିଗ୍ଧ କରିବାର ଉଦାରତା ବହନ କରିଛି । ତା'ର ତେଜ ତ ଛାୟାକୁ ତଡିଦେବାର ସ୍ପୃହା କରେନାହିଁ, ବରଂ ତାକୁ ସ୍ୱୀକାର କରେ । ତେଣୁ ଅନ୍ୟ ସହିଷ୍ଣୁ ଉଜ୍ଜ୍ୱଳ ଅହଙ୍କାର ପକ୍ଷାନ୍ତରେ ପ୍ରମୂର୍ତ୍ତ ଆତ୍ମବିଶ୍ୱାସ । ସେଥିପାଇଁ ଉକ୍ତ ଦୋଷାରୋପ ଆପଣଙ୍କୁ 'ଜଳାବମୃଷ୍ଟ ମଣି ପ୍ରଦୀପଃ' ଓ 'ଖଳାଭିଯୁକ୍ତାଽପି କବୀନ୍ଦ୍ର ବାଣୀ' ପରି ସାର୍ଥକ ସୁନ୍ଦର କରୁଛି ।

× × × × × × ×



Digitized by PPRACHIN, SOA

ଆପଣ ଆତ୍ମବିଶ୍ୱାସୀ ଥିଲେ । ଆପଣଙ୍କର ମୁକ୍ତ ଚିନ୍ତା, ଆତ୍ମବିଶ୍ୱାସ, ରତଭମିତା ଆମକୁ ପ୍ରେରଣା ଦେଉ, ଆପଣଙ୍କର ସାଧିତ ମନ୍ତରେ– ଅହମିନ୍ଦ୍ରୋ ନ ପରାଜିଗ୍ୟେ– ମୁଁ ଆତ୍ମା, ମୁଁ ପରାଜିତ ହୋଇପାରେନା । ଲାଗୁଛି, କୌଣସି ଧାମରୁ ଏହାହିଁ ଯେମିତି ଆପଣ ବିଘୋଷଣା କରୁଛନ୍ତି ।

ହେ ମହାନ୍ ନୀଳକଂଠ ! ଆମର ବିନମ୍ର ପ୍ରଣାମ ଘେନନ୍ତୁ । (୧୬୮)

## ଜାତିପ୍ରୀତି, ପ୍ରାଚୀନ ସୁସ୍ଥ ପରମ୍ପରା ପ୍ରତି ମାନ୍ୟତା, କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ମନୋଭାବ, ପ୍ରଗତିଶୀଳ ଚିନ୍ତାଧାରା :

ଏହି ସତ୍ୟନିଷ୍ଠା ଆତ୍ମବିଶ୍ୱାସ ହିଁ ନୀଳକଂଠଙ୍କୁ କୁସଂସ୍କାର ବିରୁଦ୍ଧରେ ବିଦ୍ରୋହୀ କରି ଗଢ଼ି ତୋଳି ଥିଲା । ସତ୍ୟ ନିଷ୍ଠା ଓ ଆତ୍ମବିଶ୍ୱାସରୁ ଯେଉଁ ଜିଜ୍ଞାସା ଓ ଯୁକ୍ତିବାଦର ଜନ୍ମ, ତାହା ବ୍ୟକ୍ତିକୁ କ୍ରିୟାଶୀଳ କରଏ । ଅନ୍ୟଥା ବ୍ୟକ୍ତି ଯାତ୍ରାର ଭୀମ ପରି ହାସ୍ୟାସ୍ପଦ ହେବା ସାର ହୁଏ । ଏଣେ ମଞ୍ଚ ଉପରେ ଦ୍ରୌପଦୀର ବିବସନ ଦୃଶ୍ୟ ଅଭିନୀତ ହେଉଥାଉ ଭୀମର ଖାତିର ନ ଥାଏ । ତିନିଥର ହ୍ୱିସିଲ୍ ବାଜିବା ଯାଏ ତା'ର ବିଡ଼ିଟଣା ସରି ନ ଥାଏ । କବି ଏବଂ ସଂସ୍କାରକ ଟାନାଧାରୀ ଏଭଳି ବହୁ ବ୍ୟକ୍ତି ଦେଖିବାକୁ ମିଳନ୍ତି । ଏହି ଦୃଷ୍ଟିରୁ ପଣ୍ଡିତ ନୀଳକଂଠ ଥିଲେ ଏକ ବ୍ୟତିକ୍ରମ । ଆପଣାର ଅଭିଜ୍ଞତା, ଜ୍ଞାନ ଓ ବିଗ୍ରହ ବୁଦ୍ଧିର ମାନଦଣ୍ଡରେ ସେ ସମକାଳୀନ ସମାଜର ବିଭିନ୍ନ ବିଷୟକୁ ପରୀକ୍ଷା କରିଛନ୍ତି । ନିର୍ଭୀକ ଭାବେ ସେ ସମ୍ପର୍କରେ ନିଜସ୍ୱ ନିଷ୍ପତ୍ତିରେ ଉପନୀତ ହୋଇଛନ୍ତି । ସତ୍ୟନିଷ୍ଠା ସଂଜାତ ଜିଜ୍ଞାସା ଓ ଯୁକ୍ତିବାଦ ସହିତ ଆତ୍ମବିଶ୍ୱାସର ମଧୁରମିଳନ ତାଙ୍କୁ କେବଳ କୁସଂସ୍କାର ବିରୋଧୀ ବା ପ୍ରଗତିଶୀଳ ଚିନ୍ତାଧାରା ବିଶିଷ୍ଟ ମହାମାନବରେ ପରିଣତ କରିନାହିଁ, ଆବଶ୍ୟକ ସ୍ଥଳେ ସୁସ୍ଥ ପରମ୍ପରା ପ୍ରତି ମାନ୍ୟତା ପ୍ରଦର୍ଶନରେ ମଧ୍ୟ ସହାୟତା ଯୋଗାଇଛି । ସବୁ ପୁରୁଣା ଭଲ ନୁହେଁ କି ସବୁ ନୂଆ ଖରାପ ନୁହେଁ–ଏ ମନୋବୃତ୍ତି ଜାତିର ଭବିଷ୍ୟତ ନିୟନ୍ତା ଶିକ୍ଷକଙ୍କଠାରେ ରହିବା ଉଚିତ । ନଚେତ୍ ଜାତିପାଇଁ ଉପଯୁକ୍ତ ଦାୟାଦ ଉତାରିବାରେ ସେ ସମର୍ଥ ହୋଇ ପାରିବେ ନାହିଁ । ଏଣୁ ଜାତି ପ୍ରେମ ହିଁ ଏ ଧରଣର ଚିନ୍ତାଧାରାର ଆଧାର ।



Digitized by PPRACHIN, SOA

## ନୀଳକଂଠଙ୍କ ଜାତି ପ୍ରେମ :

ସତ୍ୟବାଦୀ ଗୋଷ୍ଠୀର ଜାତିପ୍ରେମ କାହାକୁ ଅଜଣା ନୁହେଁ । ଭାର୍ଗବୀ ନଦୀକୂଳର ପ୍ରତିଜ୍ଞାହିଁ ଏହାର ପ୍ରଥମ ପ୍ରମାଣ ବହନ କରେ । ଏତିକିବେଳକୁ ନୀଳକଂଠ ନବମ ଶ୍ରେଣୀର ଛାତ୍ର ମାତ୍ର । ଖ୍ରୀ ୧୯୦୪ ରେ ଉତ୍କଳ ଗୌରବ ମଧୁସୂଦନଙ୍କ ସ୍ୱଦେଶୀ ବ୍ୟବହାର ପ୍ରତିଜ୍ଞା ପତ୍ରରେ ସ୍ୱାକ୍ଷର କରିଥିଲେ ନୀଳକଂଠ । (୧୫୯) ବଙ୍ଗଭଙ୍ଗ ବୈପ୍ଲବିକ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ସେ । (୧୬୦) ନୀଳକଂଠଙ୍କର ଜନସେବା (୧୬୧) ସାହିତ୍ୟ ସେବା, ସମାଜ ସଂସ୍କାର, ଦେଶ ମିଶ୍ରଣ କାର୍ଯ୍ୟ, (୧୬୨) ଶିକ୍ଷକତା, ସାମ୍ବାଦିକତା, ରାଜନୀତି, ଧର୍ମଧାରଣା ସବୁରି ମୂଳରେ ଥିଲା ଅଖଣ୍ଡ ଦେଶ ପ୍ରୀତି ଓ ଦେଶକୁ ଉନ୍ନତ କରିବାର ମହାନ୍ ଆଦର୍ଶ । ତାଙ୍କର ସମସ୍ତ ସିଦ୍ଧାନ୍ତ ଓ ବିଗ୍ରହ କେବଳ ଓଡ଼ିଆ ଜାତିର ମଙ୍ଗଳକୁ ଚିନ୍ତାଇବାର ପ୍ରଚେଷ୍ଟାକୁ ନେଇ । ଏଇଥିପାଇଁ ହିଁ ସାରଳାଦାସ ତାଙ୍କର ହିରୋ । ଭଞ୍ଜ ତାଙ୍କ ଆଖିରେ ମହା ବିଦ୍ରୋହୀ–ବୀର ଓଡ଼ିଆ ଜାତିର ଉପଯୁକ୍ତ ଦାୟାଦ । କାରଣ, ସଂଯମ ହିଁ ଏ ଜାତିର ପ୍ରାଣ ନୀଳକଂଠଙ୍କ ଅନ୍ତର୍ଦୃଷ୍ଟିରେ । ଏଥି ସକାଶେ ରାଧାନାଥ ତାଙ୍କର ଶରବ୍ୟ । (୧୬୩) ଏଥି ନିମିତ୍ତ ସୃଷ୍ଟି ହୋଇଛି 'କୋଣାର୍କେ', 'ଖାରବେଳ' 'ଦାସ ନାଏକ', 'ପ୍ରଣୟିନୀ,' 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ,' 'ଆର୍ଯ୍ୟ ଜୀବନ', 'ସଂସ୍କୃତ ଓ ସଂସ୍କୃତି' ଆଉ ଆଉ କୃତି ସବୁ । (୧୬୪) ତାଙ୍କର ସବୁ କ୍ରୋଧ କୁଢ଼େଇ ହୋଇପଡ଼େ କେବଳ ଦେଶ ପ୍ରୀତି ଲାଗି । ତାଙ୍କ ଜୀବନର ପ୍ରତିଟି ଘଟଣା ଦେଶ ଗଠନର ଇତିହାସ ସହ ଓତଃପ୍ରୋତ ଭାବରେ ଜଡ଼ିତ ।

ମାତ୍ର ଏଥିଲାଗି ସେ କେବେ ଅନ୍ୟଜାତିର ନିନ୍ଦା କରିନାହାନ୍ତି । ନିଜ ଜାତିର ପ୍ରତିଷ୍ଠା ପାଇଁ ଅନ୍ୟର ନିନ୍ଦାଗାନ ବିହିତ ପନ୍ଥା ନୁହେଁ । ଏ ପ୍ରକାର ସଂକୀର୍ଣ୍ଣ ଜାତୀୟତାବାଦ ସାଙ୍ଗକୁ ଶ୍ରେଷ୍ଠ ମନ୍ୟତା ଜାତିର ପତନର କାରଣ ହୁଏ । ପଣ୍ଡିତଜୀଙ୍କଠାରେ ଆପଣା ଜାତିକୁ ଶ୍ରେଷ୍ଠ ଭାବିବାର ଗୌରବବୋଧ ଥିଲା, ଥିଲା ମଧ୍ୟ ସେପରି ଭାବେ ଏ ଜାତିକୁ ଗଢ଼ିତୋଳିବାର ଦୁର୍ବାର ଆକାଙ୍କ୍ଷା । ଅନ୍ୟଠାରେ ଯାହା ଭଲ, ତାକୁ ସେ ଆହରଣ କରିବାକୁ ପରାଙ୍ମୁଖ ନୁହନ୍ତି । କେବଳ ଏହି ଗୁଣ ଯୋଗୁଁ ସେ ଆର୍ଯ୍ୟଜାତିକୁ ଶୀର୍ଷ-ଗୌରବ ଦେବାରେ ଅକୁଣ୍ଠିତ । କେତେକ ବୈଷ୍ଣବଧର୍ମ ପ୍ରତି ପଣ୍ଡିତଙ୍କ



Digitized by PPRACHIN, SOA

ମନୋଭବର ଆଲୋଚନା ପ୍ରସଙ୍ଗରେ ବଙ୍ଗବାସୀଙ୍କ ପ୍ରତି ତାଙ୍କ ମନୋବୃତ୍ତିର ସମାଲୋଚନା କରିଥାନ୍ତି । ମାତ୍ର ପ୍ରକୃତ ଘଟଣା ତାହା ନୁହେଁ । ଯାହା ସତ୍ୟ ତାକୁ ଫିଟାଇ କହିବାରେ ବିଦ୍ୱେଷ ରହିଲା କେଉଁଠି ? ନୀଳକଂଠ ଚୋରି କରିବାକୁ, ଚୋରି କରିବାର ଆଦର୍ଶକୁ ନିନ୍ଦା କରିଛନ୍ତି କଠୋର ଭାଷାରେ, ମାତ୍ର ଚୋରକୁ ନୁହେଁ, ଯଦ୍ୟପି ତାକୁ ଆଲିଙ୍ଗନ କରିବାର ମନୋବୃତ୍ତି ତାଙ୍କର ନ ଥିଲା । ଅତନ୍ଦ୍ର ଭାବେ ଆଦର୍ଶଲାଭ ପାଇଁ ଚାହିଁ ବସିଥିବ । ନୀଳକଂଠଙ୍କଠାରେ 'ମାଂ ଦ୍ରୂୟାତ୍ ସତ୍ୟମପ୍ରିୟମ' ଭଳି ବାଣିଜ୍ୟିକ ବୁଦ୍ଧିର ଅଭାବ ନିଶ୍ଚିତ ରୂପେ ରହିଥିଲା । ସାରଲ୍ୟର ଜୀବନ୍ତ ପ୍ରତିମୂର୍ତ୍ତି, ନୀଳକଂଠ ଧର୍ମ ନାମରେ ଛଳନା, ପ୍ରତାରଣା ଓ ମିଥ୍ୟାଚାରକୁ ପ୍ରଶ୍ରୟ ଦେଇ ନାହାନ୍ତି । ତେଣୁ ସେ ବୈଷ୍ଣବମାନଙ୍କ ମତବାଦକୁ ପ୍ରବଳ ଭାବରେ ଖଣ୍ଡନ କରିଛନ୍ତି; ଭକ୍ତି ଏବଂ ଭକ୍ତଙ୍କ ନାମରେ ସମଗ୍ର ଭାରତରେ, ବିଶେଷ କରି ଉତ୍ତରପୂର୍ବ ଭାରତରେ ଯେଉଁ ସମାଜବିରୋଧୀ ଲୀଳା ଅଙ୍ଗେ ଲିଭାଇଥିଲେ, ବ୍ୟକ୍ତିବିଶେଷଙ୍କୁ ଭିତ୍ତିକରି ଭଣ୍ଡ ଭକ୍ତମାନଙ୍କୁ ଆକ୍ରମଣ କରିଛନ୍ତି କେବଳ । କିନ୍ତୁ ତାଙ୍କର ବଙ୍ଗବିଦ୍ୱେଷ ମନୋଭାବ ଯେ ନ ଥିଲା, ଏହା ତାଙ୍କର "ଅପ୍ରକାଶିତ ରଚନାବଳୀ" ଏବଂ ଅନୁଭବୀମାନଙ୍କର ଅନୁଭବରୁ ସ୍ପଷ୍ଟ ହେବ ।

ପଣ୍ଡିତ ନୀଳକଂଠ "ଅପ୍ରକାଶିତ ରଚନାବଳୀ"ରେ ଓଡ଼ିଆଙ୍କ ଗୌଣତ୍ୱ ମନୋବୃତ୍ତିର ସ୍ପର୍ଦ୍ଧାକୁ ସ୍ପଷ୍ଟ ସ୍ୱୀକାର କରି ଉଲ୍ଲେଖ କରିଛନ୍ତି, "ସାହିତ୍ୟରେ ମଧ୍ୟ ଆମର ସବୁବେଳେ ଗୌଣତ୍ୱ ମନୋବୃତ୍ତି ଥିଲା, ସ୍ପର୍ଦ୍ଧା । ... ... ... । ଏଇ ସବୁ ସ୍ପର୍ଦ୍ଧା ଓ ପ୍ରତିସ୍ପର୍ଦ୍ଧାର ମୂଳ ହେଉଚି ଆମର କୂପ ମଣ୍ଡୁକତା । ... ... ... । ସେଇ ଗୌଣତ୍ୱ ମନୋବୃତ୍ତିର ଉତ୍ତରୋତ୍ତର ପରିଣାମ ପ୍ରାୟ ଚାରିଶହ ବର୍ଷ ବରାବର ଚାଲି ଆସିଛି । ସେଥିରେ କୂଅବେଙ୍ଗ ଯେ ବାହାର ବେଙ୍ଗକୁ ପଚାରିଥିଲା, 'ତୁମର କ'ଣ ଏହାଠାରୁ ଆଉରି ବଡ଼-ଜାଗା ଅଛି ? କୂଅ ଭିତରେ ଚାହିଁଲେ ଉପରେ ଯେ ଆକାଶ ଦିଶୁଚି, ତା'ଠାରୁ କଣ ବଡ଼ ଆକାଶ ଅଛି ?' ଆମର ମନୋବୃତ୍ତି ସେଇଆ ହେବାର କଥା, ସେଇଆ ହେଇ ଆସିଚି । ... ... ... । ସ୍ପର୍ଦ୍ଧା କଥାଟି ଏଠାରେ ଭଲ କରି ବୁଝି ରଖିବାର ଅଛି । ସମସ୍ତେ ଜାଣନ୍ତି, ବଡ଼ ଘର ଭାଙ୍ଗିଗଲେ ସେ ଘରର ଦାୟାଦମାନେ ସବୁବେଳେ ମନେ କରନ୍ତି, ଲୋକେ ଆମକୁ ଗୌରବ



Digitized by PPRACHIN, SOA

ଦେଉନାହାନ୍ତି କି ? ଏହା ବିଗ୍ଭରି ନିଜ ଗୌରବ ଥିଲା ପରି ଦେଖାଇ ହୁଅନ୍ତି । ଆଉ କେହି ଭେଜିଟାଏ ଜାକଜମକରେ କଲେ ନିଜ ଘର ଦ୍ୱାର, ଅଳଙ୍କାର ବିକି କରି ମଧ୍ୟ ସେହିଭଳି ଭେଜିଟାଏ କରି ମହତ୍ୱର ସ୍ପର୍ଦ୍ଧା କରନ୍ତି । ଓଡ଼ିଆଙ୍କ ନିଜ ଧର୍ମ, ସାହିତ୍ୟ ଓ ସଂସ୍କୃତି ଆଲୋଚନାରେ ଏହାଇ ହୋଇ ଆସିଚି ।" (୧୬୬) ଓଡ଼ିଆଙ୍କ ଦୁର୍ବଳତାକୁ ଏଇଭଳି ପଦାରେ ପକାଇ ଦେବା ନିଶ୍ଚିତରୂପେ ତାଙ୍କର ଜାତିପ୍ରୀତି । କାରଣ ଆତ୍ମସମୀକ୍ଷା ନ ଥିଲେ ଜାତିର ଉନ୍ନତି ଅସମ୍ଭବ । ଏଇ ନୀଳକଂଠ ପୁଣି ଓଡ଼ିଆ ଲିପି ପ୍ରସଙ୍ଗରେ କହନ୍ତି, "ଓଡ଼ିଆ ଭଷା ବାହାରିଲାବେଳକୁ ବହୁକାଳ ଆଗରୁ ଲିପିର ବ୍ୟବହାର ହୋଇ ସାରିଥିଲା । କିନ୍ତୁ ସେ ଲିପି ଅବଶ୍ୟ ଏବର ଓଡ଼ିଆ ଲିପି ନୁହେଁ— ମୂଳତଃ ବଙ୍ଗଳା, ଓଡ଼ିଆ, ନାଗେରୀ ଲିପି ଏକ ଥିଲା । ପଣ୍ଡିତମାନେ ତାକୁ କୁଟିଳ ଲିପି ବୋଲି କହନ୍ତି । ଓଡ଼ିଶାରେ ଗଙ୍ଗକାଳ ସୁଦ୍ଧା ବଙ୍ଗଳା ଓ ଓଡ଼ିଶାର ଲିପି ପ୍ରାୟ ଏକାପରି ଥିଲି । ଏହି ଲିପି ବରଂ ବଙ୍ଗଳା ଲିପି ପରି ଥିଲା, ଓଡ଼ିଆ ବା ହିନ୍ଦି ପରି ସେତେନୁହେଁ ।" (୧୬୭) କେଉଁ ବଙ୍ଗବିଦ୍ୱେଷୀ ଓଡ଼ିଆ ତୁଣ୍ଡରୁ ଏପରି ସ୍ୱଷ୍ଟୋକ୍ତି ବାହାରି ପାରିବ ? ଏଇ ଗୋଟିଏ ସ୍ୱୀକାରୋକ୍ତିରୁ ସେ ଯେ ବଙ୍ଗବିଦ୍ୱେଷୀ ନ ଥିଲେ—ଏହା ସ୍ପଷ୍ଟ । କେବଳ କଲମ ମୂନରେ ନୁହେଁ, ବାସ୍ତବ ଜୀବନରେ ମଧ୍ୟ ପଣ୍ଡିତଜୀ ଏହି ପନ୍ଥାର ପଥିକ ଥିବା ପ୍ରମାଣିତ ହୋଇଛି ।

ପଣ୍ଡିତ ନୀଳକଂଠ ରେଭେନ୍ସା କଲେଜର ଛାତ୍ର ଥିବା ବେଳର ଘଟଣା । ଗୋଟିଏ ଦିନରେ ଛାତ୍ରାବାସର ବଙ୍ଗୀୟ ଛାତ୍ରମାନେ ବଙ୍ଗ-ଭଙ୍ଗର ପ୍ରତିବାଦ ସ୍ୱରୂପ ଶୋକ ପାଳନ କରିଥିଲେ ଓ ସମ୍ବଲପୁରୀ ଓଡ଼ିଆ ଛାତ୍ର-ମାନେ ଓଡ଼ିଶାରେ ସମ୍ବଲପୁରର ମିଶ୍ରଣ ଯୋଗୁଁ ଆନନ୍ଦ ଉତ୍ସବ ପାଳନ କରିଥିଲେ । (୧୬୮) ସେଦିନ ସକାଳୁ ଦଳେ ବଙ୍ଗାଳୀ ଯୁବକ ଆସି ହଷ୍ଟେଲରେ ସବୁ ଛାତ୍ରମାନଙ୍କ ହାତରେ ରକ୍ଷୀ ପିନ୍ଧାଇ ଦେଇ କହିଲେ, "ଆଜି ନଗ୍ନ ପଦରେ ନଦୀରୁ ଗାଧୋଇ ଆସି, ସାରଦିନ ଉପବାସ ରହିବାକୁ ହେବ ।" ଏହି ବଙ୍ଗାଳୀ ଯୁବକମାନଙ୍କର ନେତୃତ୍ୱ ନେଇଥିଲେ ନୀଳକଂଠ । (୧୬୯) ତାଙ୍କର କଲେଜ ସହପାଠୀ ସମ୍ବଲପୁରର ସ୍ୱର୍ଗତ ଭରତଚନ୍ଦ୍ର ନାୟକ ଲେଖିଛନ୍ତି, "ନୀଳକଂଠ ଦାସ ଆମ୍ଭମାନଙ୍କ ପ୍ରତି ବିରକ୍ତି ପ୍ରକାଶ କଲେ ଓ କଟୂକ୍ତି ପ୍ରୟୋଗ କରି ଆମ୍ଭମାନଙ୍କ ଉତ୍ସବରେ ଯୋଗଦେଲେ ନାହିଁ ।" (୧୭୦)



Digitized by PPRACHIN, SOA

"ଓଡ଼ିଶା ସାହିତ୍ୟ ଏକାଡ଼େମୀ"ରେ ପଣ୍ଡିତଜୀଙ୍କ ସହିତ ଏକତ୍ର କାର୍ଯ୍ୟ କରିଥିବା ଶ୍ରୀ ଗୌରୀକୁମାର ବ୍ରହ୍ମା କହନ୍ତି, "ମନେ-ଅଛି, ୧୯୫୭ ଖ୍ରୀଷ୍ଟାବ୍ଦ ଡିସେମ୍ବର ୨୩ ତାରିଖରେ କଲିକତାରେ ନିଖିଳ ଭାରତ ଲେଖକ ସମ୍ମେଳନ ଅନୁଷ୍ଠିତ ହୋଇଥିଲା । ସେତେବେଳକୁ ପଣ୍ଡିତଜୀ ଥିଲେ ସଦ୍ୟ ପ୍ରତିଷ୍ଠିତ 'ଓଡ଼ିଶା ସାହିତ୍ୟ ଏକାଡ଼େମୀ'ର ସଭାପତି । ପ୍ରଥମ ଦିନର ସମ୍ମେଳନରେ ଓଡ଼ିଶାରୁ ଯାଇଥିବା ପ୍ରାୟ ୨୫ ଜଣ ବିଶିଷ୍ଟ କବି ଲେଖକ ଓ ଅଧ୍ୟାପକଙ୍କ ଭିତରୁ କେହି ଜଣେ ହେଲେ ବକ୍ତା ଭାବରେ କହିବାର ସୁଯୋଗ ପାଇଲେ ନାହିଁ । ଦ୍ୱିତୀୟଦିନ ଗୋଟାକ ବେଳେ ଏହି ଲେଖକଙ୍କ ସହିତ ୫।୭ ଜଣ ଆସି ପଣ୍ଡିତଜୀ ସେଠି (କଲିକତାରେ) ରହୁଥିବା ଘରେ ପହଞ୍ଚିଲେ ଓ ଓଡ଼ିଆଙ୍କୁ ସମ୍ମିଳନୀରେ କହିବା ପାଇଁ ସୁବିଧା ମିଳି ନ ଥିବାରୁ ଅଭିମାନଭରା ଆପତ୍ତି ଜଣାଇଲେ ।... ... ... । ଓଡ଼ିଆଙ୍କ ଆପତ୍ତି ଶୁଣିବା ସଙ୍ଗେ ସଙ୍ଗେ ସେ କ୍ରୋଧରେ ଥରହର ହୋଇ, ଆପତ୍ତି କରୁଥିବା ସାହିତ୍ୟି-କଙ୍କୁ ସେମାନଙ୍କର ଜ୍ଞାନର ଅଗଭୀରତା ଦେଖାଇ କଡ଼ା କଡ଼ା ଭାଷାରେ ଯେପରି ଉତ୍ତର ଦେଲେ, ସମସ୍ତଙ୍କର ପାଟି ଖନି ମାରିଗଲା । ... ... ... । ପରେ, ସେହି ସମ୍ମେଳନରେ ତାଙ୍କରି ଆଶୀର୍ବାଦରେ ଏହି ଲେଖକ ମାତ୍ର ୪ ମିନିଟ କହିବା ପାଇଁ ସୁବିଧା ପାଇଥିଲା । ... ... ... ।

ଆଉ ଦିନକର କଥା ମନେ ପଡୁଛି । ଓଡିଶା ବାହାରୁ ଜଣେ ଉଦ୍ରଲୋକ ଓଡ଼ିଶାକୁ ଆସି ଏଠାରେ ବସବାସ କଲେ । ବହୁ ପରିଶ୍ରମ କରି ସେ ଗୋଟିଏ ମୁଦ୍ରା ଯନ୍ତ୍ର ସ୍ଥାପନ କଲେ । ନିଜର ନିରଳସ ସ୍ୱଭାବ ଏବଂ ନେତୃସ୍ଥାନୀୟ ଲୋକମାନଙ୍କର ଶୁଭ ଦୃଷ୍ଟି ଆକର୍ଷଣ କରିବା ଶକ୍ତିବଳରେ ସେ କ୍ରମେ ଜନପ୍ରିୟ ହୋଇ ଉଠିଲେ । ଏ ଘଟଣାଟି ସେଦିନ କେତେକ ବ୍ୟକ୍ତି ଥରେ କଥା ପ୍ରସଙ୍ଗରେ ପଣ୍ଡିତଜୀଙ୍କୁ ଜଣାଇବା ସଙ୍ଗେ ସେ ସରକାରୀ ବେସରକାରୀ ସହଯୋଗ ପାଉଥିବାରୁ ଆପତ୍ତି କଲେ । ସେମାନେ ଭାବିଥିଲେ ଯେ, ସଙ୍କୀର୍ଣ୍ଣ ଓଡ଼ିଆ ଭାବରେ ଉଦ୍‌ବୁଦ୍ଧ ହୋଇ ପଣ୍ଡିତଜୀ ସେମାନଙ୍କର ଆପତ୍ତି ଗ୍ରହଣ କରିବେ । କିନ୍ତୁ ପଣ୍ଡିତଜୀ ଆପତ୍ତି ଶୁଣିବା ମାତ୍ରେ ଉଗ୍ରଶର୍ମା ହୋଇ ଉଠିଲେ । ତାଙ୍କର ଯୁକ୍ତି ହେଲା, 'ତୁମେ ମୁଦ୍ରାଯନ୍ତ୍ର ବସାଇଲ ନାହିଁ କାହିଁ କି ? ତୁମେ ବଡ଼ଲୋକଙ୍କ ଶୁଭ ଦୃଷ୍ଟି ଆକର୍ଷଣ କରିପାରି ନାହଁ କାହିଁକି ? ତୁମର ତ ୨୪ ଘଣ୍ଟା ଆଳସ୍ୟ, ପରନିନ୍ଦା ଓ



Digitized by PPRACHIN, SOA

ଚୁଗୁଲିରେ କଟିଯାଉଛି, ସଙ୍ଗଠନ କରିବା ପାଇଁ ତୁମର ଆଉ ସମୟ କାହିଁ ? ଇତ୍ୟାଦି ।” (୧୭୧) ଜାତି ପ୍ରୀତି କ୍ଷେତ୍ରରେ ମଣିଷ ଆଉ କେତେଦୂର, କେତେ ପରିମାଣରେ ସଙ୍କୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଉଠିପାରେ ?

ଅବଶ୍ୟ, ଏ ନେଇ ନୀଳକଂଠଙ୍କ ସମ୍ପର୍କରେ ବିଶେଷ ବାଦାନୁବାଦ ନାହିଁ । କେବଳ, ପ୍ରସଙ୍ଗ କ୍ରମେ ଯାହା କିଛି କୁହାଗଲା । ଏହି ଜାତିପ୍ରୀତି ହିଁ ତାଙ୍କୁ କୁସଂସ୍କାର ବିରୋଧୀ ଓ ପ୍ରଗତିଶୀଳ ଚିନ୍ତାଧାରା ବିଶିଷ୍ଟ ଜନନାୟକ-ରୂପେ ଗଢ଼ିତୋଳିଥିଲା ।

## ପ୍ରଗତିଶୀଳ ଚିନ୍ତାଧାରା :

ପ୍ରଗତିଶୀଳ ଚିନ୍ତାଧାରା ବିନା ଦେଶପ୍ରୀତି ଫଳପ୍ରସୂ ହୋଇ-ପାରେନାହିଁ । ଏହାବିନା ଜାତୀୟ ଜୀବନରେ ପଙ୍ଗୁତ୍ୱ ଆସେ । ଜାତି ଆଦୌ ଅଗ୍ରଗତି କରିପାରେ ନାହିଁ, ବଦ୍ଧ ପଲ୍ଲଳବତ୍ ପଚିଯିବାକୁ ଆରମ୍ଭ କରେ । ଆଦର୍ଶ ଶିକ୍ଷକ ଓ ଚିନ୍ତାନାୟକମାନେ ହିଁ ଏ ଦୁର୍ଗତିରୁ ଜାତିକୁ ରକ୍ଷାକରି ପାରନ୍ତି ।

ପଣ୍ଡିତ ନୀଳକଂଠଙ୍କଠାରେ ଏହି ମହାନ୍ ଗୁଣର ସମାବେଶ ସ୍ପଷ୍ଟ ଲକ୍ଷ୍ୟ କରଯାଇପାରେ । କୁସଂସ୍କାର ବିରୋଧୀ ଆନ୍ଦୋଳନ ତାଙ୍କର ପ୍ରଗତିଶୀଳ ଚିନ୍ତାଧାରର ପରିଚାୟକ । ଅସ୍ପୃଶ୍ୟତା ନିବାରଣ, ସତ୍ୟବାଦୀ ଛାତ୍ରାବାସରେ ଜାତିନିର୍ବିଶେଷରେ ପଙ୍କ୍ତି ଭୋଜନ ବ୍ୟବସ୍ଥାର ପ୍ରଚଳନ ଓ ବୈଜ୍ଞାନିକ ପଦ୍ଧତିରେ ଶିକ୍ଷାଦାନ ଏ ପ୍ରକାର ଚିନ୍ତାଧାରା ବିନା ସମ୍ଭବ ନୁହେଁ । ବୀରପେଶା ଓ କାଳେସୀ ଛଡ଼ା ଘଟଣାମାନଙ୍କରୁ କୁସଂସ୍କାର ବିରୁଦ୍ଧରେ ଲଢ଼େଇ କରିବା ପାଇଁ ତାଙ୍କ ମନର ଅଭୂତପୂର୍ବ ସାହସର ପରିଚୟ ମିଳେ । (୧୭୨) ଖୁବ୍ କମ୍ ବୟସରୁ ନୀଳକଂଠଙ୍କଠାରେ ଏହି ସାହସ ଦେଖାଦେଇଥିଲା ।

ତାଙ୍କର ବିବାହକାଳୀନ ଏକଘଟଣାରୁ ଏହା ପ୍ରମାଣିତ ହୁଏ । ନୀଳକଂଠଙ୍କ ଭବୀପତ୍ନୀ ରାଧାମଣି ଦେବୀଙ୍କ ଜାତକରେ "ଶୀଘ୍ର ବୈଧବ୍ୟ ଦୋଷ” ଥାଇ ଏକ ଯୋଗଥିଲା । ସହଜେ ନୀଳକଂଠ ଦର୍ଶନୀ । (୧୭୩) ପୁଣି ଜ୍ୟୋତିଷର ଫଳିତ ଅଂଶରେ ତାଙ୍କର ବିଶ୍ୱାସ ନ ଥିଲା । (୧୭୪)



Digitized by PPRACHIN, SOA

ତେଣୁ ସେ ରାଧାମଣିଙ୍କ ଜାତକଟିକୁ ନଷ୍ଟ କରିଦେଇ ଅନ୍ୟ ଗୋଟିଏ ଜାତକ ତିଆରି କରାଇ ଦେଲେ । ପିତା ଆନନ୍ଦ ଦାସ ଅବଶ୍ୟ ଏହା ଜାଣିବାକୁ ପାଇ ପରେ ଦୁଃଖିତ ହେଲେ । କିନ୍ତୁ ତାଙ୍କୁ ବୁଝାଇପାରିବାର କ୍ଷମତା ନୀଳକଂଠଙ୍କର ଥିଲା । ଏଇ ରାଧାମଣି ଦେବୀ ପଣ୍ଡିତଜୀଙ୍କ ସହିତ ୬୨ ବର୍ଷର ସୌଭାଗ୍ୟପ୍ରଦ ସୁଖମୟ ଦାମ୍ପତ୍ୟଜୀବନ ଅତିବାହିତ କରିଥିଲେ । (୧୭୫) ମନେରଖିବାକୁ ହେବ, ଏତିକିବେଳକୁ ନୀଳକଂଠଙ୍କ ବୟସ ମାତ୍ର କୋଡ଼ିଏ ବର୍ଷ ଓ ସେ ଥାନ୍ତି ପୁରୀ ଜିଲ୍ଲାସ୍କୁଲରେ ଏଣ୍ଟ୍ରାନ୍ସ୍ ଶ୍ରେଣୀର ଜଣେ ଛାତ୍ର । (୧୭୬)

ଏହି ସଂସ୍କାର ପ୍ରବଣ ମନୋବୃତ୍ତି ସେ କଲେଜଛାତ୍ର ଥିବାବେଳେ ଉତ୍ତରୋତ୍ତର ବିକାଶ ଲାଭ କରିଥିଲା । ତାଙ୍କ 'ନିଶ' ଆନ୍ଦୋଳନର ଆରମ୍ଭ ଏଇ ସମୟରେ । ସେ କଲିକତାରେ ପାଠ ପଢ଼ୁଥିବାବେଳେ ନଅ ନମ୍ବର ପଞ୍ଚାନନ ଘୋଷ ଲେନ୍ ମେସ୍‌ରେ ରହୁଥିଲେ । ଏଠାରେ ସମାଜ ସଂସ୍କାର ପାଇଁ ଗୋଟିଏ ସଂଘ ଗଢ଼ା ହୋଇଥିଲା । ଏଥିରେ ନୀଳକଂଠ ବିଶେଷ ନେତୃତ୍ୱ ନେଇଥିଲେ । ପଣ୍ଡିତ ଗୋଦାବରୀଶ ଏ ସମ୍ପର୍କରେ କରିଥିବା ସ୍ମୃତିଚାରଣ ଅବଶ୍ୟ ସ୍ମର୍ତ୍ତବ୍ୟ–"ଆମେମାନେ ଜାତିଭେଦ ଉଠାଇ ଦେବାକୁ ଦିନେ ସ୍ଥିରକଲୁ । ବିଭିନ୍ନ ଜାତି ମଧ୍ୟରେ କେବଳ ଖିଆପିଆ ନୁହେଁ, ବିବାହ ସମ୍ପର୍କ ସୁଦ୍ଧା ଚଳାଇବା ଲାଗି ପ୍ରସ୍ତାବ ଗୃହୀତ ହେଲା । ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ଲାଗି 'ହିନ୍ଦୁ ସମାଜ' ନାମରେ ଏକ ସଂଘ ଗଠିତ ହେଲା । ସବୁ ଛାତ୍ର ଅବଶ୍ୟ ସେଥିରେ ଯୋଗଦେବାକୁ ରାଜି ହେଲେନାହିଁ, କିନ୍ତୁ ଯେଉଁମାନେ ହେଲେ, ଖୁବ୍ ଉତ୍ସାହର ସହିତ ଡେଇଁ ପଡ଼ିଲେ । ମୁଁ ସେ ପର୍ଯ୍ୟନ୍ତ ଦାଢ଼ିନିଶ କେବେ ଖିଅର ହୋଇନଥିଲି । ନୀଳକଂଠ ବାବୁ ମଧ୍ୟ ଦାଢ଼ି ରଖିଥିଲେ । ଓଡ଼ିଶାର ବ୍ରାହ୍ମଣ ସମାଜରେ ଦାଢ଼ିକାଟି ନିଶ ରଖିବା ମନା ଥିଲା । ଆମେ ଦୁହେଁ ତାର ପ୍ରତିବାଦରେ ନିଶ ରଖି ଦାଢ଼ି କାଟି ପକାଇଲୁ । ସେଥିପାଇଁ ପରେ ନୀଳକଂଠଙ୍କୁ କେତେ ସାମାଜିକ ନିର୍ଯ୍ୟାତନା ଭୋଗିବାକୁ ପଡ଼ିଲା ।" (୧୭୭)

ପରବର୍ତ୍ତୀ ଜୀବନରେ ମଧ୍ୟ ସେ ଥିଲେ ଏହିଭଳି । ତାଙ୍କର ପ୍ରଗତିଶୀଳ ଚିନ୍ତାଧାରା ସମ୍ପର୍କରେ ହଜାରିବାଗ୍ ଜେଲର୍ ସହବନ୍ଦୀ ଶ୍ରୀଯୁକ୍ତ ରାମପ୍ରସାଦ ସିଂହ କହନ୍ତି, "ଜେଲରେ ପହଞ୍ଚିବା ପରେ ପଣ୍ଡିତଜୀଙ୍କୁ



Digitized by PPRACHIN, SOA

ଖାଇବା ବିଷୟରେ ଟିକିଏ ଚିନ୍ତିତ ହେବାକୁ ପଡିଥିଲା । ସେ କହିଲେ, ହଇରେ ୧୪ବର୍ଷ କାଳ ଜେଲରେ ରହିବି, ଆଳୁ କୋବି ସିଝା ଖାଇ ବଞ୍ଚ୍-ହେବତ ? ଗୋଟିଏ ପୁଝାରୀ ଦେଖ' । ମେଜର ଅଞ୍ଜରି ବୋଲି ଜଣେ ଇଂରେଜ ସେତେବେଳେ ହଜାରିବାଗ କେନ୍ଦ୍ର ଜେଲରେ ସୁପରିଣ୍ଟେଣ୍ଡେଣ୍ଟ ଥିଲେ । ସେ ପଣ୍ଡିତଜୀଙ୍କୁ ଅତ୍ୟନ୍ତ ସମ୍ମାନ କରୁଥିଲେ । ତାଙ୍କୁ ଏକଥା କହିବାରୁ ସେ ଦରଭଙ୍ଗାର ଧରଣୀଧର ମିଶ୍ର ନାମକ ଜଣେ ନୈଷ୍ଠିକ ମୈଥିଳୀ ବ୍ରାହ୍ମଣଙ୍କୁ ପଠାଇଲେ । ... ... ... । ମୋ ସାଙ୍ଗରେ ଧରଣୀଧର ମିଶ୍ରଙ୍କୁ ଦେଖି ପଣ୍ଡିତଜୀ କହିଲେ, 'ଆରେ, ଏ କିଏ ? ଏତ ବ୍ରାହ୍ମଣଟାଏ । ... ... ...ଏମାନଙ୍କ ପୂର୍ବପୁରୁଷ ତ ତଣ୍ଡୁଳ ଓ କଦଳୀ ସିଝା ଖାଉଥିଲେ । ଏମାନେ ଖାଇଜାଣନ୍ତି ଯେ ମୋତେ ଖୁଆଇବେ ? ତୁ ଗୋଟାଏ କାମକର । ଯେଉଁମାନେ ଖାଇ ଖାଇ ଭରତର ସିଂହାସନଟାକୁ ଖାଇଦେଇଥିଲେ, ସେହିପରି ଗୋଟାଏ ଲୋକ ଦେଖ' । କି ଉଦାରତା ! ସେ ଶାସନୀବ୍ରାହ୍ମଣ, କିନ୍ତୁ ସଂକୀର୍ଣ୍ଣ ସାମ୍ପ୍ରଦାୟିକ ଭାବ ତାଙ୍କୁ ସ୍ପର୍ଶ କରି ନ ଥିଲା ।" (୧୭୮) ଶାସନୀ ବ୍ରାହ୍ମଣ ହୋଇ ମୁସଲମାନ ବିଧର୍ମୀ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଖାଇବାରେ କୁଣ୍ଠା ତ ନ ଥିଲା, ବରଂ ଆଗ୍ରହ ଥିଲା, ବୁଝିବାକୁ ହେବ ।

ଏହିପରି କଥା ଓ କାର୍ଯ୍ୟରେ ନୀଳକଂଠଙ୍କର ସାମଞ୍ଜସ୍ୟ ରହିଥିଲା । କେବଳ ସେ ଯେ କୁସଂସ୍କାର ବିରୋଧୀ ଥିଲେ ତାହା ନୁହେଁ, ଅନ୍ୟମାନଙ୍କୁ ମଧ୍ୟ ଏ ମନ୍ତ୍ରରେ ସଫଳଭାବେ ଦୀକ୍ଷିତ କରାଇବାକୁ ସମର୍ଥ ହୋଇଥିଲେ । ତାଙ୍କର ଦ୍ୱିତୀୟ ପୁତ୍ରଙ୍କ ବ୍ରତୋପନୟନ କର୍ମରୁ ଏହା ଜଣାଯିବ । ନୀଳକଂଠ ଥିଲେ ବ୍ୟୟବହୁଳ ସାମାଜିକ ଚଳଣିର ତୀବ୍ର ବିରୋଧୀ । ସେ, ତେଣୁ ଅତି କମ୍ ଖର୍ଚ୍ଚରେ ତାଙ୍କ ପୁଅଙ୍କ ବ୍ରତୋପନୟନ କର୍ମ ସମାପନ କଲେ । ଜଣେ ବନ୍ଧୁ ଯେତେବେଳେ ପରିହାସରେ ପୁଅଙ୍କୁ କହିଲେ, "ତୁମ ବାପା ତୁମକୁ ଠକି ଦେଲେ (ଅର୍ଥାତ୍ ତୁମ ବ୍ରତୋପନୟନ କର୍ମ ଜାକ ଜମକରେ ପାଳିତ ହୋଇ ନାହିଁ । ) ସେତେବେଳେ ପଣ୍ଡିତଜୀଙ୍କ ପୁଅ ପିତୃପକ୍ଷ ସମର୍ଥନ କରି କହିଲେ, "ପ୍ରାଚୀନ ଭାରତରେ ଯେତେବେଳେ ଗୁରୁକୁଳ ପ୍ରଥାର ପ୍ରଚଳନ ଥିଲା, ସେହି ସମୟରେ ଏ ଉତ୍ସବର ଗୁରୁତ୍ୱ ରହିଥିଲା । ବର୍ତ୍ତମାନ ବ୍ରାହ୍ମଣ ପିଲାମାନେ ସ୍କୁଲ କଲେଜରେ ଅନ୍ୟମାନଙ୍କ ସହିତ ଏପରିକି ହରିଜନ ଓ ମୁସଲମାନ ଛାତ୍ରଙ୍କ ସହିତ ଏକାଠି ଅଧ୍ୟୟନ କରୁଛନ୍ତି । ଏଣୁ



Digitized by PPRACHIN, SOA

ମୋର ସମାଜ ସଂସ୍କାରକ ପିତା ଏହା ଆଡ଼ମ୍ବର ସହକାରେ ସମ୍ପନ୍ନ ହେବା ଉଚିତ ମନେ କରି ନାହାନ୍ତି । ଏହାଛଡ଼ା ବ୍ରାହ୍ମଣମାନେ କ୍ୱଚିତ ସ୍ୱଜାତି ନିମିତ୍ତ ଉଦ୍ଦିଷ୍ଟ କର୍ମ କରୁଛନ୍ତି ।" (୧୭୯) ଯେମିତି ବାପର ସେମିତି ପୁଅ ! ଯାହା କହନ୍ତି "ଯା ବାପ ଚଢ଼େ ଘୋଡ଼ା, ତା ପୁଅ ଚଢ଼େ ଥୋଡ଼ା ଥୋଡ଼ା ।" (୧୮୦) ଏମିତି ନ ହେଲେ ସଂସ୍କାରର ସଫଳତା କାହିଁ ! ଯେଉଁମାନେ ଏବେ ସମାଜ ସଂସ୍କାରର ବାନା ତଳେ ଆତ୍ମଘୋଷିତ ସିଦ୍ଧି ବଳରେ ବହୁତ ମୁନାଫା ମାରି ପାରୁଛନ୍ତି, ଏଣେ ଯୌତୁକ ପ୍ରଥାର ତୀବ୍ର ବିରୋଧୀ ବୋଲି ଦୁନ୍ଦୁଭି ପିଟି, ତେଣେ ଲକ୍ଷ ଲକ୍ଷ ଟଙ୍କା ଆପଣାର ପୁଅ ବା ଝିଅର ବିବାହରେ ଉପହାର ନାମରେ ଚଳାଇ ପାରୁଛନ୍ତି, ସେମାନଙ୍କର ଏହି ଘଟଣାରୁ କ'ଣ କିଛି ଶିଖିବାର ନାହିଁ ?

କେବଳ ସାମାଜିକ କ୍ଷେତ୍ରରେ ନୁହେଁ, ବିଧାୟକ ଜୀବନରେ ରାଜନୀତିକ ଚିନ୍ତାଧାରାରେ ମଧ୍ୟ ନୀଳକଂଠ ଥିଲେ ପ୍ରଗତିଶୀଳ । ସେ ସମାଜବାଦର ପରିପୋଷକ ନ ଥିଲେ । କିନ୍ତୁ କମ୍ୟୁନିଜିମ୍‌କୁ ଭୟ କରୁ ନ ଥିଲେ । ଏହି ଭାରତୀୟ ମାଟିକୁ କମ୍ୟୁନିଜିମ୍‌ର ଆଗମନକୁ ସେ ଆବାହନ କରିଛନ୍ତି, ସ୍ୱାଗତ କରିଛନ୍ତି, ଅବିଚଳିତ ଓ ନିର୍ଭୀକ ଭାବରେ । ସବୁ ପ୍ରକାର ପ୍ରଗତିବାଦୀ ଚିନ୍ତା ସେ ସମ୍ପର୍କୀୟ ସାମ୍ୟବାଦୀ ଓ ଶ୍ରମିକ ଆନ୍ଦୋଳନର କଣ୍ଠରୋଧ କରିବା ପାଇଁ ଖ୍ରୀ ୧୯୨୯ରେ ସରକାର Public Safety Bill ଆଗତ କରିଥିଲେ ଓ ଏଇ ବିଧେୟକର ବିରୋଧ କରିବାରେ ନୀଳକଂଠ ଥିଲେ ଅଗ୍ରଣୀ । ଏ ସମ୍ବନ୍ଧରେ ଖ୍ରୀ ୧୯୨୯, ଫେବୃୟାରୀ ୪ ତାରିଖ ଦିନ କେନ୍ଦ୍ର ବିଧାନ ସଭାରେ ନୀଳକଂଠଙ୍କ ପ୍ରଦତ୍ତ ଦୂର ଦୃଷ୍ଟି ସମ୍ପନ୍ନ ବକ୍ତୃତାଟିର କିୟଦଂଶ ଏଠାରେ ଅବଶ୍ୟ ସ୍ମରଣ ଯୋଗ୍ୟ—

"କମ୍ୟୁନିଜିମ୍ ଏଠାକୁ ଆସି ଯାଇଛି । ମୁଁ ଜାଣେ, ପୃଥିବୀର ସାମ୍ରାଜ୍ୟବାଦ ଓ ପୁଞ୍ଜିବାଦ ଶିବିରରେ ଏ ଶବ୍ଦଟି ଭୟ ଓ ସନ୍ତ୍ରାସ ସୃଷ୍ଟି କରିଥାଏ । ଏକ ନୂତନ ଆଦର୍ଶ, ବିଶ୍ୱ ସଭ୍ୟତାର ବାହକ ଏହି କମ୍ୟୁନିଜମ୍, ଦିଗ୍‌ବଳୟରେ ତା'ର ଉଦୟର ସଙ୍କେତ ଏବଂ ଏବେ ଆସି ଉପସ୍ଥିତ । ସମୟକ୍ରମେ ଏହା ପରିବ୍ୟାପ୍ତ ହେବ । ଅତୀତରେ ପୃଥିବୀକୁ ଯେତେ ଆଦର୍ଶ ଆସିଛି, ସେଥିରେ ଏହା କିଛି ପରିବର୍ତ୍ତନ ଘଟାଇବ; ଏଥିରେ ସନ୍ଦେହର ଅବକାଶ କେଉଁଠି ?



Digitized by PPRACHIN, SOA

ପୁରୁଣା ଇତିହାସକୁ ଫେରି ଚାହିଁଲେ ଦେଖାଯିବ, ଯେତେବେଳେ କୌଣସି ନୂତନ ଆଦର୍ଶର ଅଭ୍ୟୁଦୟ ଘଟେ, ସେତେବେଳେ ପୁରାତନ ପାଇଁ କିଛି ବିପଦ ସୃଷ୍ଟି ହୁଏ । ପୁରାତନ ବ୍ୟବସ୍ଥାରୁ ଯେଉଁମାନେ ଲାଭ ଉଠାଉ-ଥାନ୍ତି, ସେମାନେ ନୂତନର ପ୍ରବଳ ବିରୋଧ କରନ୍ତି । ... ... ... ।

କମ୍ୟୁନିଜମ୍‌ର ଅଭ୍ୟୁଦୟ କାଳ ଉପସ୍ଥିତ, ଏକଥା କେହି ଅସ୍ୱୀକାର କରି ପାରିବେ ନାହିଁ । ଏହା କିପରି ଆସିଲା ? ଋଷ୍‌ରେ କିଏ ଏହା ପ୍ରଚାର କଲା ? ସାଇବେରିଆର ବରଫ ଭିତରେ କମ୍ୟୁନିଜମ୍‌କୁ ବନ୍ଦୀ କରି ରଖି-ଦିଆଯାଇ ପାରିଲା କି ? ଚିରଦିନ ଅନ୍ଧକାରରେ ରଖି, ବ୍ରିଟିଶ୍ ସାମ୍ରାଜ୍ୟ-ବାଦୀଙ୍କ ଶୋଷଣ ପାଇଁ ଭାରତକୁ ଆପଣମାନେ ଏକ "ହାରେମ୍" କରି ପାରିବେ ନାହିଁ । ମୁଁ କହେ କମ୍ୟୁନିଜମ୍ ଆସିଛି, ଆସୁ । ଆମେ ଏଠି ତାର ସମ୍ମୁଖୀନ ହେବୁ । ( I say communism has come in. Let it come, and we are here to face it.) ... ... ... ... । ବମ୍ବେ ଉପକୂଳରୁ କମ୍ୟୁନିଜମ୍ ଓ ସମଧର୍ମୀ ଆଦର୍ଶ ସବୁକୁ ତୁମେମାନେ କ'ଣ ତଡ଼ିଦେଇ ପାରିବ ? ତୁମେମାନେ ଏ ଦେଶରୁ କେତେଜଣ ଇଂରେଜ ବା ୟୁରୋପୀୟଙ୍କୁ ତୁମ ଯୁକ୍ତି ଅନୁସାରେ ତଡ଼ିଦେଇପାର, ତୁମେ ଅତି ଉତ୍ସାହରେ ଗର୍ଜି ଉଠୁଥିବା ଯୁବ ଆନ୍ଦୋଳନକୁ କ୍ଷମତା ବଳରେ ଚପାଇ ଦେଇପାର, କିନ୍ତୁ ଏହା ଫଳରେ କ'ଣ କମ୍ୟୁନିଜମ୍ ଦୂର କରି ଦିଆଯାଇ ପାରିବ ? ଏହା ଏକ ନୂତନ ଆଦର୍ଶ, ଏହା ଯେତେବେଳେ ସାରା ପୃଥିବୀ ବାୟୁମଣ୍ଡଳରେ ପ୍ରସାରିତ ହୋଇ ପଡ଼ିବ, ସେତେବେଳେ ଭାରତକୁ ଆସିବ, ଯେପରି ଆସିଛି ବିଲାତକୁ ବା ଅନ୍ୟ ଯେ କୌଣସି ଦେଶକୁ ।

... ... ...କିଏ ଜାଣେ, ହୁଏତ ଏଇ ଯେଉଁ ନବୀନ ଆଦର୍ଶ ଆସୁଛି, ତାହା ମାନବ ସଂସ୍କୃତିର ବିବର୍ତ୍ତନ ଧାରାରେ ଶ୍ରେଷ୍ଠ ଅବସ୍ଥା ଆଣିଦେଇପାରେ, ଏତେଦିନ ମାନବ ଜାତି ତିଷ୍ଠି ରହିବାର ସାର୍ଥକତା ଆଣିଦେଇପାରେ ? ସାରା ପୃଥିବୀରେ ଏହାକୁ ଥରେ ପରୀକ୍ଷା କରି ଦେଖାଯାଉ । ଭାରତରେ ମଧ୍ୟ ଏହାର ପରୀକ୍ଷା ଥରେ ହେଉ । ଆମେ ତାର ସମ୍ମୁଖୀନ ହେବା, ଏହାହିଁ ମୁଁ ତୁମକୁ କହିବାକୁ ଚାହୁଁଛି ।" (୧୮୧)

ଓଡ଼ିଶାରେ କମ୍ୟୁନିଷ୍ଟ ଦଳର ତରୁଣ ସାହିତ୍ୟିକମାନଙ୍କ ଦ୍ୱାରା ଗଠିତ "ନବଯୁଗ ସାହିତ୍ୟ ସଂସଦ"ର ସାଂସ୍କୃତିକ ଆନ୍ଦୋଳନକୁ ଆଶୀର୍ବାଦ



Digitized by PPRACHIN, SOA

ଜଣାଇ ନୀଳକଂଠ ସ୍ୱ-ସମ୍ପାଦିତ "ନବଭାରତ"ର ଏକ ସ୍ୱତନ୍ତ୍ର ସଂଖ୍ୟାରେ ଲେଖିଥିଲେ, "ଆମେ କେବଳ ଆମର ଅତୀତ ପ୍ରୀତି ଘେନି ମାନବ-ସଭ୍ୟତାର ଗତିଶୀଳତା ପ୍ରତି ଲକ୍ଷ୍ୟ ନରଖି ନିଜକୁ କ୍ଷୁଦ୍ର ପରିସର ମଧ୍ୟରେ ଆବଦ୍ଧ କରି ରଖିଛୁ । ସ୍ୱାଧୀନ-ଚିନ୍ତା ଓ ଉଦାର ମନୋଭାବ ହେଉଚି ଆମର ପ୍ରଧାନ ଅଭାବ । ତେଣୁ ଦେଶରେ ନବସଂସ୍କୃତି ଓ ନବସଭ୍ୟତାର ସ୍ରୋତ ଖେଳାଇ ଦେବାହିଁ ହେଉଚି ସଂସଦର ଉଦ୍ଦେଶ୍ୟ ।" (୧୮୨)

ସର୍ବହରା ପ୍ରତି ସହାନୁଭୂତି କମ୍ୟୁନିଷ୍ଟ ଚିନ୍ତାଧାରାର ଏକ ବିଶିଷ୍ଟ ଉପାଦାନ । ଭୂରାଜସ୍ୱ ନୀତିରେ ପରିବର୍ତ୍ତନ କରିବାକୁ ଦାବୀକରି କେନ୍ଦ୍ରୀୟ ବିଧାନସଭାରେ ପଣ୍ଡିତଜୀ ଦୃଢ଼ ସ୍ୱରରେ କହିଥିଲେ ଯେ ଗରିବ ଲୋକଙ୍କୁ ଭୂରାଜସ୍ୱରୁ ଅବ୍ୟାହତି ଦେଇ ସେଇ ବୋଝ ଧନୀକ ଶ୍ରେଣୀ ଉପରେ ଲଦା-ଯାଇପାରେ । ଗାଁ ଗହଳରେ ଗରିବ ତନ୍ତୀମାନେ ବ୍ୟବସାୟ କରୁଥିବା ସୂତା ଉପରେ ଟିକସ ଉଠାଇ ଦେବା ଲାଗି ମଧ୍ୟ ସେ ଏକଦା ବହୁ ଯୁକ୍ତି ଉପ-ସ୍ଥାପନ କରିଥିଲେ । ଗରିବ ଲୋକଙ୍କ ସ୍ୱାର୍ଥରକ୍ଷାରେ ବିଶେଷ ଆଗ୍ରହୀ ହୋଇ ପଣ୍ଡିତ ନୀଳକଂଠ ୧୯୩୫ ମସିହାରେ ଲୁଣ, କିରେସିନି ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଉପରୁ ପରୋକ୍ଷ ଟିକସ କମାଇ ଦେବାକୁ ବହୁଯୁକ୍ତି ବାଢ଼ି-ଥିଲେ । (୧୮୩) ଖ୍ରୀ ୧୯୨୯ ରେ ସେ ଅର୍ଥବିଲ୍ ଉପରେ ଆଲୋଚନା କାଳରେ ଲବଣ କରକୁ ଏକ ଜିଜିୟା କର ରୂପେ ଅଭିହିତ କରିଥିଲେ । କାରଣ ଏହା ଫଳରେ ଖାଦ୍ୟ ଉପରେ ହିଁ ଟିକସର ବୋଝ ପଡ଼ୁଥିଲା ଏବଂ ଦରିଦ୍ରତମ ବ୍ୟକ୍ତି ହିଁ ବିଶେଷ କଷ୍ଟର ଶିକାର ହେଉଥିଲା । (୧୮୪) ଆଉଥରେ ପଣ୍ଡିତ ନୀଳକଂଠ ଆସାମ ଚା ବଗିଚାରେ କାମ କରୁଥିବା ଗରିବ ଶ୍ରମିକମାନଙ୍କର ଦୁର୍ଦ୍ଦଶା ବର୍ଣ୍ଣନା କରି କେନ୍ଦ୍ରବ୍ୟବସ୍ଥା ସଭା ସଭ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । (୧୮୫)

ସାମ୍ୟବାଦର ଚରମ ସୋପାନ "ରାଷ୍ଟ୍ରହୀନ ସମାଜ" (Stateless Society) ବା "ମୁକ୍ତ ମାନବ" । ପଣ୍ଡିତଜୀ ବ୍ୟକ୍ତିଗତ ସ୍ୱାଧୀନତା ଖର୍ବକୁ ଘୋର ଘୃଣା କରୁଥିଲେ । (୧୮୬) ସେ ଥିଲେ ଅତି ସାହସୀ ଓ ସ୍ୱାଧୀନଚେତା । ଅନେକ ସମୟରେ ସେ ଦଳୀୟ ଶୃଙ୍ଖଳା ଭିତରେ ମଧ୍ୟ ଅସ୍ୱସ୍ତି ଅନୁଭବ କରୁଥିଲେ । ଏପରି ବ୍ୟକ୍ତି ଅଟକ ଆଇନକୁ ବା ସମର୍ଥନ



Digitized by PPRACHIN, SOA

କରନ୍ତେ କିପରି ? ଦୂରଦୃଷ୍ଟି ସମ୍ପନ୍ନ ନୀଳକଂଠ ସରକାରଙ୍କୁ ସତର୍କ କରି କହିଥିଲେ, "ଏ ଆଇନକୁ କେବଳ ଅପବ୍ୟବହାର କରାଯିବ । କଳାବଜାରୀ, ଘୁସଖୋର, ଏହାର ଶିକାର ହେବେ ନାହିଁ, ରାଜନୈତିକ ଲୋକମାନେ ବେଶି ପରିମାଣରେ ହେବେ । ଏପରି ଏକ ନୃଶଂସ ଅସ୍ତ୍ର ସରକାର ନ ନିଅନ୍ତୁ । (୧୮୭) ତାଙ୍କ ଭାଷାରେ, "ଏଇ ଜଗତର ମାନବର ନୀତି ମାନବ ପାଇଁ କଳ୍ପିତ ହେବ । ମାନବ ଉପରେ ମାନବର ଅତ୍ୟାଚାର ସେ ନୀତିର ଘୋର ପ୍ରତ୍ୟବାୟ । (୧୮୮) ଏହା ତ ସାମ୍ୟବାଦର ଆଦର୍ଶ । ଏ ଦୃଷ୍ଟିରୁ ତାଙ୍କୁ କେହି ସାମ୍ୟବାଦୀ ରୂପେ ଅଭିହିତ କରିପାରନ୍ତି ।

ପଣ୍ଡିତ ନୀଳକଂଠ ପୁଅ ଓ ଝିଅମାନଙ୍କୁ କୌଣସି ଭିନ୍ନ ଦୃଷ୍ଟିରେ ଦେଖିବାର ପକ୍ଷପାତୀ ନ ଥିଲେ । ଏପରିକି ନିଜ ଅର୍ଜିତ ଭୂସମ୍ପତ୍ତିର ଯଥାର୍ଥ ଭାଗ କନ୍ୟାମାନଙ୍କୁ ଦେବାକୁ ଯାଇ ତାଙ୍କ ପୁଅଙ୍କ ସହିତ ତାଙ୍କୁ ବିରୋଧରେ ଲିପ୍ତ ହେବାକୁ ପଡ଼ିଥିଲା । (୧୮୯) ଏହା ତାଙ୍କର ମହତ୍ୱ ଓ ଉଦାରତାର ଗୋଟିଏ ଦିଗ ମାତ୍ର ନୁହେଁ, ସାମ୍ୟବାଦୀ ଚିନ୍ତାଧାରା ଏବଂ ଚିନ୍ତାରେ ଗତିଶୀଳତାର ଦ୍ୟୋତକ । ଯେଉଁ ସମୟରେ ସେ ଏକ ଭାଷଣ କ୍ରମେ ବିଧାନସଭାରେ କହିଥିଲେ ଜମି ଉପରୁ ଖଜଣା ଉଠିଯିବା ଉଚିତ, ସେତେବେଳକୁ କୌଣସି ଭାରତୀୟ ପ୍ରଗତିଶୀଳ ଦଳ ମଧ୍ୟ ଏତେବାଟ ଯିବାକୁ ପ୍ରସ୍ତୁତ ନ ଥିଲେ । ତାଙ୍କର ଯୁକ୍ତିଥିଲା, ପାଣି ଉପରେ ଟିକସ ନାହିଁ, କିନ୍ତୁ ପାଣିରୁ ବରଫ ହେଲେ ତା' ଉପରେ ନାନା ଟିକସ ଅଛି । ସେହିପରି ଜମି ଆମର ତିଆରି ନୁହେଁ, ତାହା ଉପରେ ଟିକସ ବସାଇବା ଘୋର ଅନ୍ୟାୟ । ଜମିରୁ ଉତ୍ପାଦିତ ଜିନିଷ ଉପରେ କର ବସାଅ, ଜମି ଉପରେ ନୁହେଁ । ବହୁ ବର୍ଷ ପରେ ଅଧିକାଂଶ ରାଜ୍ୟରେ ଭୂ-ରାଜସ୍ୱ ଉଠିଗଲା । (୧୯୦) ମନେ ରଖିବାକୁ ହେବ, ସୋଭିଏତ୍ ରୁଷ ଭଳି କମ୍ୟୁନିଷ୍ଟ ଦେଶମାନଙ୍କରେ ଭୂ-ରାଜସ୍ୱ ନଥିଲେ ହେଁ, (୧୯୧) ପଣ୍ଡିତଜୀଙ୍କ ଯୁକ୍ତି କିନ୍ତୁ ଭାରତୀୟ ଐତିହ୍ୟକୁ ଭିତ୍ତିକରି ଗଢ଼ି ଉଠିଥିଲା । ତାଙ୍କ ମତରେ ଭୂ-ରାଜସ୍ୱ ଭାରତୀୟ ଐତିହ୍ୟର ପରିପନ୍ଥୀ । (୧୯୨)

ଭାରତୀୟ ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟ ଉପରେ ତାଙ୍କର କୌଣସି ବିଷୟବସ୍ତୁ ପ୍ରତି ସମର୍ଥନ ବା ସମାଲୋଚନା ଏହି ମାପକାଠିରେ ତଉଲା ଯାଇ ପାରିବ । ଜମି ଜମା ଉପରେ କୁହନ୍ତୁ, ମଠ, ମନ୍ଦିର ସମ୍ପର୍କରେ



Digitized by PPRACHIN, SOA

କୁହନ୍ତୁ ବା ଅଟକ ଆଇନ ଉପରେ ତାଙ୍କର କଟୁ ସମାଲୋଚନା କହନ୍ତୁ, ସେ ସବୁର ମୂଳରେ ଉପରୋକ୍ତ ଦୃଷ୍ଟିଭଙ୍ଗୀ ସୁସ୍ପଷ୍ଟ । (୧୯୩) ତେଣୁ "ଇଂରେଜୀ ଶିକ୍ଷାର ମୋହ" ପ୍ରବନ୍ଧରେ ନୀଳକଂଠ ଲେଖିଥିଲେ, "ସ୍କୁଲ, କଚେରୀ, କାଉନ୍ସିଲ ଏହି ତିନୋଟି ଇଂରେଜ ଶାସନର ମାୟା ବୋଲି କୁହାଯାଇ ଅଛି । କାଉନ୍ସିଲ ସମ୍ବନ୍ଧରେ ବିଶେଷ କହିବା ନିଷ୍ପ୍ରୟୋଜନ । ଭିକ ମାଗି ଏ ଜଗତରେ କେହି ସମ୍ପତ୍ତିର ଭାଗ ପାଇ ନାହିଁ । କାଉନ୍ସିଲ୍ ଗୋଟିଏ ଦାନ । ସେଥିରେ ଇଂରେଜ ସରକାର ଭାରତବାସୀଙ୍କ ପାଇଁ ସ୍ୱାଧୀନ କର୍ମକ୍ଷେତ୍ର ଓ ସ୍ୱାୟତ୍ତଶାସନ ଫିଟାଇ ଦେବେ, ଏ କଥା ଆଶା କରିବା ବିଡ଼ମ୍ବନା । ପୁଣି କାଉନ୍ସିଲର କାର୍ଯ୍ୟ ଦେଖିଲେ, ତାହା ପ୍ରକୃତି ବିଗ୍ରହ କଲେ କେହି କହିବେ ନାହିଁ ଯେ ଏହି ସୂତ୍ରରେ ଭାରତବାସୀ ସ୍ୱାଧୀନତା ପାଇବେ ଏବଂ ଭାରତରେ ଚିରଶାନ୍ତି ବିରାଜିତ ହେବ । ପୁଣି କାଉନ୍ସିଲ ଗୋଟିଏ ୟୁରୋପୀୟ ଅନୁଷ୍ଠାନ, ଭାରତୀୟ ଭାବର ଭିତ୍ତିରେ ତାହାର ପ୍ରତିଷ୍ଠା ନୁହେଁ ।"

ଏହି ଭାରତୀୟ ଭାବକୁ ଭିତ୍ତିକରି ନୀଳକଂଠଙ୍କ ସାମ୍ୟବାଦ ବୈଦିକ ସାମ୍ୟ ଧର୍ମରେ ପର୍ଯ୍ୟବସିତ ହୋଇଥିଲା । ତେଣୁ ସେ କହୁଥିଲେ, "ସମୟ ଆସିଛି, ଭାରତରେ ଏ ସାମ୍ୟବାଦ ନିଶ୍ଚୟ ଦିନେ ଜଳି ଉଠିବ । ଆପଣାକୁ ସନାତନୀ ବୋଲି ଛାପମାରି ଧର୍ମ ଧ୍ୱଜୀ ସ୍ୱଳ୍ପ ଦୃଷ୍ଟି ଗତାନୁଗତିକମାନେ ଯାହା କହନ୍ତୁ ନା କାହିଁକି, ଆତ୍ମ ସଙ୍କୋଚରେ ସର୍ବ ସାମ୍ୟ ଧର୍ମରେ ଯେତେ ବାଧା ଦିଅନ୍ତୁ ନା କାହିଁକି, ଏହି ସ୍ଥିର ବୈଦିକ ସାମ୍ୟ ଧର୍ମ ଭାରତରେ ତଥା ପୃଥିବୀରେ ସ୍ଥାୟୀ ହେବ ।" (୧୯୪) କେତେକାଂଶରେ ଏହା ପୁନରୁତ୍ଥାନବାଦୀ ବା ପ୍ରତିକ୍ରିୟାଶୀଳ ଚିନ୍ତାଧାରା ବୋଲି ମନେ ହୋଇ ପାରେ ।

"ମାତ୍ର ଏହା ବୋଲି, ସେ କେବେହେଲେ ରକ୍ଷଣଶୀଳ ନ ଥିଲେ । ବରଂ ସମାଜରୁ କୁସଂସ୍କାର ଓ ଅନ୍ଧ ବିଶ୍ୱାସ ଦୂର କରିବା ନିମନ୍ତେ ସେ ଯେପରି ସାହସ ଓ ଦାର୍ଢ୍ୟକତା ଦେଖାଇଥିଲେ ତାର ତୁଳନା ନାହିଁ । ବ୍ରାହ୍ମଣ "ମୋ ନିଶ"ର ଗରିମା ଗାଇବା କିମ୍ବା ପଇତା ତ୍ୟାଗ କରିବା କିମ୍ବା ଅଣ୍ଡା, ମାଂସ ଖାଇବାରେ କୁଣ୍ଠା ବା ଲଜ୍ଜାବୋଧ ନ କରିବା ଭଳି କାର୍ଯ୍ୟକୁ କେବଳ ବିରୋଧ ନୁହେଁ, ବିଦ୍ରୋହର ଆଖ୍ୟା ଦିଆଯାଇ ପାରେ ।



Digitized by PPRACHIN, SOA

ଏକ ଅବରୁଦ୍ଧ ସମାଜ ଓ ମନ ଉପରେ ଏହା ଏକ ପ୍ରଚଣ୍ଡ ଆଘାତ । ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ହେଉଛି, ଏ ସବୁ ପରିବର୍ତ୍ତନ ବା ସଂସ୍କାର ପ୍ରବର୍ତ୍ତନ କରିବା । ସେ ସମାଜର ପୁରୋଭାଗରେ ରହିଥିଲେ—ଗର୍ବ ଓ ଗୌରବ ବୋଲି ଲୋକେ ତାଙ୍କୁ ଗଣ୍ୟ କରୁଥିଲେ । (୧୯୬) "ଏତଦ୍ ବ୍ୟତୀତ ତାହାଙ୍କ ପ୍ରବନ୍ଧ ଓ ଗଦ୍ୟ ରଚନାରେ ଯେଉଁ ନିର୍ଭୀକ, ଯୁକ୍ତିନିଷ୍ଠ ବିଚାର ଧାରା ପ୍ରକାଶ ପାଇଛି ତାହା ଯେପରି ବୈପ୍ଳବିକ, ସେହିପରି ଆଧୁନିକ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏହାର ଅଭିନବତ୍ୱ ସ୍ୱୀକାର୍ଯ୍ୟ । ସମାଜର ପ୍ରଚଳିତ ଧାରଣା, ବିଶ୍ୱାସ ଓ ବିଚାର ଧାରା ବିରୁଦ୍ଧରେ ଏହା ଯେପରି ଏକ ଚ୍ୟାଲେଞ୍ଜ ବା 'ଯୁଦ୍ଧଂ ଦେହି' ଆହ୍ୱାନ । ବୟୋବୃଦ୍ଧ ହେଲେ ହେଁ ଦୃଷ୍ଟି ଭଙ୍ଗୀରେ ନୀଳକଂଠ ଯେ ଥିଲେ ଖୁବ୍ ପ୍ରଗତିଶୀଳ, ଏହା ତାହାଙ୍କ ପ୍ରବନ୍ଧାବଳୀରୁ ପ୍ରତିପନ୍ନ ହୋଇଥାଏ । ଯୌବନର ସ୍ୱାଭବିକ ଧର୍ମ, ପ୍ରାଣର ଆବେଗକୁ ସେ ହାର୍ଦ୍ଦିକ ସମର୍ଥନ ଜଣାଇଛନ୍ତି, ତାହାଙ୍କ 'ଯୌବନର ପ୍ରଭବ ଓ ପ୍ରତିଷ୍ଠା' ପ୍ରବନ୍ଧରେ । ଆମର ସବୁ ଥିଲା, ଆମେ ସବୁଠୁ ବଡ଼, ଏଭଳି ରକ୍ଷଣଶୀଳ ମନୋଭାବ ବିରୁଦ୍ଧରେ ସେ ଲେଖିଥିଲେ 'ଅଛୁ ଓ ହେବୁ' । ସେହିପରି ତାଙ୍କର ଚାଞ୍ଚଲ୍ୟ-କାରୀ ପ୍ରବନ୍ଧ 'ମୋ ନିଶ'—ରକ୍ଷଣଶୀଳତା ବିରୁଦ୍ଧରେ ଏକ ପ୍ରଚଣ୍ଡ ବିକ୍ଷୋଦ୍‌ଗାର । ତାଙ୍କର ମାନବବାଦୀ ଶୋଷଣ ବିରୋଧୀ ଦୃଷ୍ଟିକୋଣ ମଧ୍ୟ ବହୁ ପ୍ରବନ୍ଧରେ ଉଦ୍ଗୀର୍ଣ୍ଣ ।" (୧୯୭)

କିନ୍ତୁ ଆଧୁନିକତାର ଆବରଣ ତଳେ ସବୁକଥା ପ୍ରଗତିଶୀଳ—ଏପରି ଚିନ୍ତାଧାରା ପ୍ରତି ତାଙ୍କର ସମର୍ଥନ ନ ଥିଲା । ଏଇଥିଯୋଗୁଁ ନୀଳକଂଠ କମ୍ୟୁନିଷ୍ଟ ଦର୍ଶନର ଅନ୍ଧସ୍ତାବକ ସାଜି ପାରିନଥିଲେ । ତାଙ୍କ ଉକ୍ତିରେ, "ମାନବ ଚିନ୍ତାରେ ପ୍ରତିପତ୍ତି ହିଁ ସବୁ ପ୍ରତିପତ୍ତିର ମୂଳ । ଧର୍ମବାଦ, ମତବିରୋଧ ଓ ମତାନ୍ଧତା ସମସ୍ତ ମୂଳରେ ସବୁ ସ୍ୱାର୍ଥର ଏଇ ପରମ-ସାଧନ ଚିନ୍ତାର ପ୍ରତିପତ୍ତି । ଏଥିରେ ହିଁ ରକ୍ଷିତ ସ୍ୱାର୍ଥ ତିଆରି ହୁଏ । ବହୁଙ୍କୁ ବଞ୍ଚିତ କରି ନିଜର ଚିର ସଞ୍ଚିତ ଲୋଡ଼ିବା ହିଁ ଏଇ ରକ୍ଷିତ ସ୍ୱାର୍ଥର ଭିତ୍ତି । ଏହାର ପ୍ରତିକ୍ରିୟା ଜନସାଧାରଣ ନାମରେ ସାମ୍ୟବାଦରେ ପ୍ରକାଶ ପାଏ ।" (୧୯୮) ଆଧୁନିକ ପ୍ରଗତିପନ୍ଥୀମାନଙ୍କୁ ଲକ୍ଷ୍ୟ କରି ସେ କହିଛନ୍ତି, "ମାନବର ଆତ୍ମାବୋଲି ବସ୍ତୁ ରହୁନାହିଁ । ଆହାର ନିଦ୍ରାଦି ବୃତ୍ତିର ଚରିତାର୍ଥ ମାପକାଠିରେ ପୃଥିବୀର ପ୍ରଗତି ମପାହେବା ଆରମ୍ଭ ହୋଇଅଛି । ଦାବୀ ଓ ଜୁଲୁମ ଏହି ପ୍ରଗତିର ଶସ୍ତ୍ର । କର୍ତ୍ତବ୍ୟ ଓ ଆତ୍ମବିକାଶର ଏଥିରେ ସ୍ଥାନ



Digitized by PPRACHIN, SOA

ନାହିଁ ।” (୧୯୯) ଦଳରକ୍ଷଣ ନାମରେ ଆଜି ଜନଶୋଷଣ ଚାଲିଛି । ସ୍ୱମତବାଦକୁ ଢାହିର କରି ଦାବୀ ଉପସ୍ଥାପନ କରିବାକୁ ଯାଇ ବିଭିନ୍ନ ରାଜନୀତିକ ଦଳ ଦେଶରେ ଯୁବକ ଗୋଷ୍ଠୀକୁ ଯେପରି ପ୍ରଗତି ନାମରେ ସ୍ୱେଚ୍ଛାଚାରୀ କରି ଦେଉଛନ୍ତି, ତାହା ଦେଶ ପକ୍ଷରେ ଆଦୌ ଶୁଭଙ୍କର ନୁହେଁ । ଏଣୁ ପଣ୍ଡିତଜୀ ଲେଖିଛନ୍ତି, "ଆଜି ଚାଷୀ ମୂଲିଆଙ୍କୁ କଥା କଥାକେ ରାଜ୍ୟ ଦିଆଯାଉଛି । ଯୁବକ ଯୁବତୀଙ୍କୁ ସ୍ୱେଚ୍ଛାଚାରରେ ସ୍ୱାଧୀନତା ଶିଖାଯାଉଛି । ସ୍କୁଲ କଲେଜରେ ଛାତ୍ରଙ୍କୁ ଧର୍ମଘଟ ମାତ୍ରରେ ମନୁଷ୍ୟ କରିବାର ପ୍ରଚେଷ୍ଟା ହେଉଛି । ପୃଥିବୀରେ ଖାଦ୍ୟ ଓ ବ୍ୟବହାର୍ଯ୍ୟବସ୍ତୁର ଏକାନ୍ତ ଅଭାବବେଳେ ମୂଲିଆଙ୍କୁ ଧରି କାମବନ୍ଦ କରାଯାଉଛି । କୌଣସିଠାରେ ମଧ୍ୟ ଦର୍ଶନର ଭିତ୍ତି ନାହିଁ, କି ଉପେୟର କଳନା ନାହିଁ ।” (୨୦୦) କେଉଁ ଧ୍ୱଜାଧାରୀ-ମାନଙ୍କ ପ୍ରତି ପଣ୍ଡିତଜୀଙ୍କର ଏହି ଶାଣିତ ଉକ୍ତି ଉଦ୍ଦିଷ୍ଟ ତାହା ଉଲ୍ଲେଖ କରିବା ନିଷ୍ପ୍ରୟୋଜନ । ଏଥିନେଇ ସେ ପୁଣି ଲେଖିଛନ୍ତି, "ଶାସକମାନେ ଏହା ଦେଖି ଜନସେବାରେ ଲାଗିବା ଉଚିତ । ଯଥାର୍ଥ ଜନସେବା ଓ ଦେଶଗଠନଇ କମ୍ୟୁନିଷ୍ଟ ଭବ ପ୍ରଚାରର ପ୍ରତିକାର । ଭୟରେ ଦମନ କଲେ ନିଜର ଦୁର୍ବଳତା ମାତ୍ର ପ୍ରକାଶ ପାଏ ଓ ସେଇ ଦୁର୍ବଳତା ବଢ଼ି ବଢ଼ି ପିଶାଚ ପରି ସେଇ ଦୁର୍ବଳ ଲୋକକୁ ଗ୍ରାସ୍ କରେ ।” (୨୦୧)

ଏଥିରୁ ନୀଳକଂଠଙ୍କ ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀ ବିଚାର୍ଯ୍ୟ । ତେଣୁ ପ୍ରାଚୀନ ପରମ୍ପରା ଓ ଚଳଣିକୁ ପରୀକ୍ଷା କରି ଏହାକୁ ଗ୍ରହଣ ବା ତ୍ୟାଗ କରିବାକୁ ତାଙ୍କର ଆହ୍ୱାନ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ସେ ଲେଖିଛନ୍ତି—"ଘରଟି ଗଢ଼ିବାଠାରୁ ଭାଙ୍ଗିବା ସହଜ; ତେଣୁ ଯଦି ନୂଆଘର ତୋଳିବା ଉଦ୍ଦେଶ୍ୟ ହୁଏ, ତେବେ ସମସ୍ତ ଉପକରଣ ଠିକ୍ କରି ପୁରୁଣା ଘର ଭାଙ୍ଗିବାକୁ ହେବ ଓ ପୁରୁଣା ଘରୁ ଉପଯୁକ୍ତ ଉପକରଣ ଯେତେ ଆୟୋଜନ କରାଯିବ, ସେତେ ଅଳ୍ପବ୍ୟୟ ଓ ପରିଶ୍ରମରେ କାର୍ଯ୍ୟଟି ସମ୍ପନ୍ନ ହେବ । ... ... ... । ଖାଲି ଘରଟି ଭାଙ୍ଗି ପକାଇ ଦେଲେ ପଡ଼ିଆ ଡ଼ିହରେ ବିଛୁଆତି ଦୁଦୁରା ଉଠିବା ସ୍ୱାଭାବିକ । ସେଥିରେ କାହାରି ହାତ ନାହିଁ । ସମାଜ ମଧ୍ୟ ସେହିପରି ଗୋଟିଏ ଗୃହ । ତେଣୁ ତାକୁ ଭାଙ୍ଗିବା ପୂର୍ବରୁ ଗଢ଼ିବାର ସରଞ୍ଜାମ ବ୍ୟବସ୍ଥା କରି ରଖିବା ଉଚିତ ।” (୨୦୨)

ନୀଳକଂଠ ଯେ ନିଜ ପୁରୋଦୃଷ୍ଟିରେ ପରମ୍ପରାକୁ ପରୀକ୍ଷା କରି ଯୁଗୋପଯୋଗୀ ଉପାଦାନ ସକଳ ଆହରଣରେ ବିଶ୍ୱାସୀ ଥିଲେ, ଏହାହିଁ



Digitized by PPRACHIN, SOA

ଉପରୋକ୍ତ ଉଦ୍ଧୃତିରୁ ପ୍ରମାଣିତ ହୁଏ । କେବଳ ନୂଆ ଗଢ଼ିବା ପାଇଁ ପୁରୁଣାକୁ ଭାଙ୍ଗିବାରେ ସେ ଆଦୌ ଆସ୍ଥାଶୀଳ ନ ଥିଲେ । "ନୀଳକଂଠ ଯଥାର୍ଥରେ ଥିଲେ ଜଣେ ଅକୁତୋଽଭୟ ବୁଦ୍ଧିଜୀବୀ । ସ୍ୱକାଳର ସମସ୍ତ କର୍ମଦକ୍ଷତା, ଅତୀତର ପ୍ରଜ୍ଞା ଓ ଭବିଷ୍ୟତର ପୁରୋଦୃଷ୍ଟି ତାଙ୍କ ବ୍ୟକ୍ତିତ୍ୱରେ ଏକୀଭୂତ ହୋଇଥିଲା । ସମସ୍ତ ଜ୍ଞାନ ବିଜ୍ଞାନର ସାରମର୍ମ ସେ ଗ୍ରହଣ କରିବାକୁ ସଦା ଉନ୍ମୁଖ ଥିଲେ । ତାଙ୍କର ମସ୍ତିଷ୍କ ଥିଲା ଏକ ବିଶ୍ୱକୋଷ । କିନ୍ତୁ, ଜ୍ଞାନକୁ କର୍ମରୁ ଭିନ୍ନକରି ସେ କେବେ ଦେଖୁ ନ ଥିଲେ । ... ... ... । ପ୍ରବୀଣ ବୟସରେ ବି ସେ ଥିଲେ ଚିର ତରୁଣ । ନୂତନର ଆବାହନରେ ତାଙ୍କର କୌଣସି ଶଙ୍କା ନ ଥିଲା, ସେଥିପାଇଁ ସେ ତାଙ୍କର ଗୁରୁ, ବନ୍ଧୁ, ସଖା ଓ ପଥପ୍ରଦର୍ଶକଙ୍କ ଉଦ୍ଦେଶ୍ୟରେ ଯାହା ଲେଖିଥିଲେ–

"ଯୁବଭାବେ ଧରା ହସୁ, ସ୍ମୃତିରେ ପ୍ରତୀତି ମିଶୁ"

ତାହାହିଁ ଥିଲା ନୀଳକଂଠଙ୍କ ମହାନ୍ ଜୀବନର ଶ୍ରେଷ୍ଠ ଆଦର୍ଶ । ଏଇ ଆଦର୍ଶର ଉପଲବ୍ଧିରେ ହିଁ ନୀଳକଂଠ ଏବେ ବି ଆମ ସ୍ମୃତିରେ ଅମର । କାଳର ପ୍ରବାହରେ ଏହି ସ୍ମୃତି ଯେତେ ଅନୁକଣା ଭଳି କ୍ରିୟା ପ୍ରତିକ୍ରିୟା ମଧ୍ୟରେ ସଞ୍ଚାଳିତ ହେଉଥିବ, ତାହା ସେତେ ଉଜ୍ଜ୍ୱଳ ହୋଇ ଉଠୁଥିବ, ତେଜୋଦୀପ୍ତ ଏକକ ସୂର୍ଯ୍ୟ ଦୀପ୍ତି ବିକିରଣ ମଧ୍ୟରେ ନବ ସୃଜନର ଅଙ୍କୁର ଫୁଟାଇ ଗ୍ଲଳିଥିବା ଜୀବନର ଉସମୁଖରେ ମହାନ୍ ସବିତାର ଯେଉଁ ସ୍ଥାନ, ଏଇ ଅଙ୍କୁରର ମଧ୍ୟ ସେଇ ସ୍ଥାନ । ବ୍ୟକ୍ତି ନୀଳକଂଠ ସେଇ ଅଙ୍କୁରର ପ୍ରାଣଶକ୍ତି ଘେନି ଏବେ ବି ନିତ୍ୟ ନୂତନ ପ୍ରକାଶର ପ୍ରାଣର-ବନ୍ୟାରେ ଉଛଳ ହୋଇ ରହିଛନ୍ତି, ଏହା କିଅତ ବୁଝିଲେ ନୀଳକଂଠଙ୍କ ମାନସର ଦୀପ୍ତି ଓ ଉତ୍ତାପ ନବ ନବ ସୃଷ୍ଟିର ସନ୍ଧାନ ଦେବ ।" (୨୦୩)

ଏଇପରି ବ୍ୟକ୍ତିମାନେ ହିଁ ତ ଚିରକାଳ ଲାଗି ଜାତିର ଆଦର୍ଶ ଶିକ୍ଷକ । ପ୍ରକୃତରେ, ଚିନ୍ତାଧାରାରେ ଗତିଶୀଳତା ସାଙ୍ଗକୁ ତା'ର କାର୍ଯ୍ୟକାରୀତାରେ ଧ୍ୱଂସାତ୍ମକ କ୍ରିୟାକଳାପକୁ ପ୍ରଶ୍ରୟ ନ ଦେବା, ଆତ୍ମ ସମୀକ୍ଷା ଓ ପୁରୋ-ଦୃଷ୍ଟିର ସମନ୍ୱୟ ହିଁ ପଣ୍ଡିତ ନୀଳକଂଠଙ୍କ ବୈଶିଷ୍ଟ୍ୟ ଓ ବୈଚିତ୍ର୍ୟ । ପରିସ୍ଥିତିର ବିଗ୍ଭରରେ ପରମ୍ପରା ସହ ପୁରୋଦୃଷ୍ଟିର ମିଳନ ଘଟାଇ ଏ ପ୍ରକାର ସୂକ୍ଷ୍ମାତି ସୂକ୍ଷ୍ମ ବିଶ୍ଳେଷଣ ନିମିତ୍ତ କିନ୍ତୁ ଯାହା ଦାୟୀ, ତାହା ହେଉଛି ପଣ୍ଡିତଜୀଙ୍କ ଜିଜ୍ଞାସା ଓ ଜ୍ଞାନ ପିପାସା ।



Digitized by PPRACHIN, SOA

## ଜ୍ଞାନ ପିପାସା ଓ ଜିଜ୍ଞାସା-

ଯେଉଁ ଜାତିର ଜ୍ଞାନ ପିପାସା ଓ ଜିଜ୍ଞାସା ପ୍ରବୃତ୍ତି ଯେତେ ତୀବ୍ର, ସେହି ଜାତି ସେତେ ଉନ୍ନତ । ଏହାମଧ୍ୟ ଦେଖାଯାଏ ଯେ, ଗୋଟିଏ ଜାତିର ଜିଜ୍ଞାସା ଓ ଜ୍ଞାନପିପାସା ଯେତେବେଳେ ଜୁଆରରୁ ଭଟ୍ଟାରେ ପରିଣତ ହୋଇଛି, ସେ ଜାତି ସେତେବେଳେ ପଛେଇ ଯାଇଛି । ଜାତିକୁ ଏଇ ଦୃଷ୍ଟିରୁ ଅଗ୍ରଗାମୀ କରଇ ପାରନ୍ତି କେବଳ ଏକ ଆଦର୍ଶ ଶିକ୍ଷକ ସମାଜ । ଏଥିପାଇଁ ସେମାନେ ଚିରକାଳ ଜାତିର ନମସ୍ୟ ।

କିନ୍ତୁ ଜ୍ଞାନ ଲଭ କରିବା ଏକ ସୌଭଗ୍ୟର କଥା ହେଲେ ହେଁ ସହଜ ସାଧ୍ୟ ନୁହେଁ । ସେଥିପାଇଁ ଲୋଡ଼ା ଏକ ପ୍ରକାର ତପସ୍ୟା । ଶ୍ରୀଯୁକ୍ତ ବିଶ୍ୱନାଥ ଦାସ କହିଛନ୍ତି—"ପଣ୍ଡିତ ନୀଳକଂଠ ଜଣେ ମହାନ ପଣ୍ଡିତ ଓ ଜିଜ୍ଞାସୁ ବ୍ୟକ୍ତି ଥିଲେ ।" (୨୦୪) ଆଉ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଦୃଷ୍ଟିରୁ ସକଳ ପ୍ରକାର ବିଳାସ ବ୍ୟସନ ପ୍ରତି ବୀତଶ୍ରଦ୍ଧ ହୋଇ କେବଳ ଜ୍ଞାନାର୍ଜନ ପାଇଁ ରଙ୍କପରି ହେଉଥିଲେ ପଣ୍ଡିତ ପ୍ରବର ନୀଳକଂଠ ଦାସ । (୨୦୫) "ଅଜରାମର ବତ୍ପ୍ରାଜ୍ଞ" ବୋଲି ଯେଉଁ କଥା ଅଛି, ସେ ତାହାକୁ ଅନୁସରଣ କରି ଶେଷ ପର୍ଯ୍ୟନ୍ତ ଜ୍ଞାନ ଲଭରେ ବ୍ରତୀଥିଲେ । ଜ୍ଞାନାର୍ଜନ ନିମିତ୍ତ ତାଙ୍କର ବ୍ୟାକୁଳତା, ଜିଜ୍ଞାସା ପ୍ରବୃତ୍ତି ଛାତ୍ରାବସ୍ଥାରୁ ହିଁ ଲକ୍ଷ କରଯାଇ ପାରେ ।

ନୀଳକଂଠ ପୁରୀ ଜିଲ୍ଲା ସ୍କୁଲର ଛାତ୍ର ଥିବା ବେଳର ଘଟଣା । ପାଠ୍ୟ ଭିତରେ ଥାଏ "Village black Smith" କବିତା । ସେଥିରୁ ଧାଡ଼ିଟିଏ— "Here's the parson pray and preach." । ଏହି ଧାଡ଼ିକର ମର୍ମ୍ମ ବୁଝିବାକୁ ନୀଳକଂଠ ଅନ୍ୟ ସହପାଠୀମାନଙ୍କୁ ସାଙ୍ଗରେ ନେଇ ଗୀର୍ଜାକୁ ଯାଇଥିଲେ । ତାଙ୍କ ନିଜ ଭଷାରେ, "ପାର୍ସନ (parson) ଉପାସନା ବେଳେ ଆଗ ପ୍ରାର୍ଥନା କରନ୍ତି, ତାପରେ ପ୍ରଚ୍ଚର କରନ୍ତି । ଆମ ହିନ୍ଦୁଙ୍କର ତ ସେ ସବୁ କିଛି ହୁଏ ନାଇ । ଟିକିଏ ଦେଖିଲେ ଭଲ ହେବ ବୋଲି ମୁଁ ପିଲଙ୍କୁ ଘେନି ସେଇଆ ଦେଖାଇବାକୁ ଯାଇଥିଲି । ପିଲଙ୍କୁ ମଧ୍ୟ ବାଟରେ ସେଇ କଥାଟା ବୁଝାଇ ବୁଝାଇ ଆସିଥିଲି ।" (୨୦୬) ମନେ-ରଖିବାକୁ ହେବ, ସେତେବେଳର ସମାଜ ଥିଲ ଘୋର ରକ୍ଷଣଶୀଳ । ସେ



Digitized by PPRACHIN, SOA

କ୍ଷେତ୍ରରେ ଏ ପ୍ରକାର ଦୁଃସାହସ ଯେ କି ପରିମାଣରେ ଜ୍ଞାନପିପାସା ଓ ଜିଜ୍ଞାସାର ଦ୍ୟୋତକ, ତାହା ଆଜି ବୁଝିପାରିବା ଅନେକଙ୍କ ପକ୍ଷରେ ଦୁରୁହ ।

ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷକ ଥିବାବେଳେ ବିଦ୍ୟାଳୟର ବିରାଟ ଗ୍ରନ୍ଥାଗାରରେ ଯେତେ ସୁପାଠ୍ୟ ତା ଦୁର୍ଲ୍ଲଭ ଗ୍ରନ୍ଥ ଥିଲା, ସେଥିରୁ ଅଧିକାଂଶ ପଢ଼ିଥିଲେ ପଣ୍ଡିତ ନୀଳକଂଠ । ସହକର୍ମୀ ଅନ୍ୟ କୃତ—ବିଦ୍ୟ ଶିକ୍ଷକମାନଙ୍କର ଜ୍ଞାନପିପାସା ଯେ ନ ଥିଲା, ତାହା ନୁହେଁ, ମାତ୍ର ଏ କ୍ଷେତ୍ରରେ ସେ ଥିଲେ ଅତୁଳନୀୟ । ଦିନେ ଦିନେ ସେ ସବୁ କାମ ସାରି ରାତିରେ ପଢ଼ୁ ପଢ଼ୁ ନିଶାର୍ଦ୍ଧ ହୋଇଯାଏ, କେବେ କେବେ ରାତି ଶେଷ ହୋଇଯାଏ । ଏ ସମ୍ପର୍କରେ ତାଙ୍କର ଜଣେ ଛାତ୍ର କହନ୍ତି, "ପଣ୍ଡିତ ନୀଳକଂଠ ଓଡ଼ିଶାର ବିଦ୍ୟାସାଗର । ବିଦ୍ୟାଧ୍ୟୟନର ଜୀବନ୍ତ ପ୍ରତୀକ । ଶେଷ ନିଶ୍ୱାସ ଯିବା ପର୍ଯ୍ୟନ୍ତ ସେ ବିଦ୍ୟାର ଉପାସକ ଥିଲେ । ତାଙ୍କ ହାତରୁ ବହି... ... କଦାପି ଛାଡ଼ୁ ନ ଥିଲା । ସେ, ମନେହୁଏ, ପ୍ରାଚୀନଯୁଗର ମୁନି ଋଷିମାନଙ୍କର ତପଶ୍ଚର୍ଯ୍ୟା ପରି ବିଦ୍ୟାନୁଶୀଳନକୁ ଆଜୀବନ ତାଙ୍କର ତପୋବ୍ରତ କରିଥିଲେ । ସଂସ୍କୃତ, ପ୍ରାଚୀନ ଓଡ଼ିଆ କାବ୍ୟ ସାହିତ୍ୟ ଓ ବିପୁଳ ଇଂରଜୀ ସାହିତ୍ୟ ସାମ୍ରାଜ୍ୟରେ ତାଙ୍କର ଗଭୀର ପ୍ରବେଶ ଥିଲା । ସେ ସତ୍ୟବାଦୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିବା ସମୟରେ ସ୍ତୁପୀକୃତ ରାଶି ରାଶି ବହି ମଧ୍ୟରେ ରାତ୍ରିଯାପନ କରୁଥିଲେ । ରାତିରେ ମାତ୍ର ପ୍ରାୟ ଗୋଟିଏ ଘଣ୍ଟା ଶୋଉଥିଲେ । ଅନ୍ୟ ସମୟତକ ତାଙ୍କର ଲେଖା ପଢ଼ାରେ କଟିଯାଉଥିଲା ... ... । ସେ ବିଦ୍ୟାକୁ ସକଳ ଆଗରୁ ସମଗ୍ର ଭବରେ ଆୟତ୍ତ କରିବାକୁ ପ୍ରବଳ ପ୍ରୟାସୀ ଥିଲେ ଓ ସକଳ ବିଦ୍ୟାକୁ ସେ କରାୟତ୍ତ କରିବା ନିମନ୍ତେ ବଦ୍ଧ-ପରିକର ଥିଲେ । ଏପରିକି ଛାତ୍ରମାନଙ୍କୁ ନେଇ ଗଭୀର ନିଶୀଥରେ ସେ ଅନନ୍ତ ଆକାଶରେ ଗ୍ରହ, ନକ୍ଷତ୍ର ଇତ୍ୟାଦିର ଗତିବିଧି ପର୍ଯ୍ୟାଲୋଚନା କରି ଛାତ୍ରମାନଙ୍କୁ ଗ୍ରହ, ନକ୍ଷତ୍ର ସମ୍ବନ୍ଧରେ ବହୁକଥା ଶିକ୍ଷା ଦେଉଥିଲେ । ଗଣିତ ଶାସ୍ତ୍ରରେ ମଧ୍ୟ ତାଙ୍କର ଅଗାଧ ବ୍ୟୁତ୍ପତ୍ତି ଥିଲା ... ... ... ... । ଡ୍ରଇଁ ବିଦ୍ୟାରେ ନୀଳକଂଠଙ୍କର ଅପରିସୀମ ଜ୍ଞାନ ଥିଲା । ସେ ନିଜେ ଡ୍ରଇଁ ଅଙ୍କନ କରି ପାରୁଥିଲେ ଏବଂ ଇନିସ୍‌ପେକ୍ଟରଙ୍କ ନିର୍ଦ୍ଦେଶରେ ସେ ଯେଉଁ ଡ୍ରଇଁ ପୁସ୍ତକ ରଚନା କରିଥିଲେ, ତାହା କେତେକାଳ ସକାଶେ ସ୍କୁଲମାନଙ୍କରେ ପାଠ୍ୟ-ପୁସ୍ତକ ରୂପେ ଗୃହୀତ ହୋଇଥିଲା ... ... ... । ଇତିହାସ ଓ ଭୂଗୋଳ



Digitized by PPRACHIN, SOA

ଶିକ୍ଷାଦେବା ନିମନ୍ତେ ସେ ଏ ବିଷୟ ଦ୍ୱୟର ସଂପୃକ୍ତ ପ୍ରକାଣ୍ଡ ପ୍ରକାଣ୍ଡ ଗ୍ରନ୍ଥମାନ ପାଠ କରୁଥିଲେ ଏବଂ ଛାତ୍ରମାନଙ୍କୁ ମଧ୍ୟ ଏହିପରି ପୁସ୍ତକ ସବୁ ଅଧ୍ୟୟନ ଓ ଅନୁଶୀଳନ କରିବା ନିମନ୍ତେ ଅନୁପ୍ରାଣିତ କରୁଥିଲେ ... ... .. । ତାଙ୍କର ଦୃଢ଼ବିଶ୍ୱାସ ଥିଲା ଇତିହାସ, ଭୂଗୋଳ ନ ପଢ଼ିଲେ ପିଲେ ପୃଥିବୀର ସମଗ୍ର ଚିତ୍ର ମାନସ ରାଜ୍ୟରେ ଧାରଣା କରିପାରିବେ ନାହିଁ... ... ... । ସଂସ୍କୃତ ସାହିତ୍ୟରେ ମଧ୍ୟ ତାଙ୍କର ଅପୂର୍ବ ପ୍ରବେଶ ଥିଲା ।" (୨୦୭)

ଏ ପରିପ୍ରେକ୍ଷୀରେ ଶ୍ରୀଯୁକ୍ତ କ୍ଷୀରୋଦ ଚନ୍ଦ୍ର ବର୍ମନ ଲେଖିଛନ୍ତି– "ଅଧରାତିରେ ମୋର ନିଦ ଭାଙ୍ଗିଗଲା... ... ... । ଦେଖିଲି, ପଣ୍ଡିତେ ବହି ମେଲାଇ ପଢ଼ୁଛନ୍ତି... ... ... । ଶୁଣିଲି, ପଣ୍ଡିତେ ଇମିତି ରାତିସାରା ପଢ଼ନ୍ତି । ଖାଲି ପଢ଼ନ୍ତି ନାହିଁ; ଇଂରେଜୀରେ ଯାହା କହନ୍ତି– Study ଅର୍ଥାତ୍ ପଢ଼ାପରେ ତା ଉପରେ ଗଭୀର ମନନ ଜ୍ଞାନର ଅନ୍ତ ନାହିଁ । ପଣ୍ଡିତ ମହାଶୟ ଶେଷ ପର୍ଯ୍ୟନ୍ତ ପଢ଼ୁଥିଲେ । ବିଶେଷରେ ସେ ସାହିତ୍ୟ, ସଂସ୍କୃତିର ଥିଲେ ଗୋଟିଏ ଚଳନ୍ତା ପୁସ୍ତକାଗାର ।" (୨୦୮) ବିଶିଷ୍ଟ ସାହିତ୍ୟିକ ଓ ପଣ୍ଡିତ ନୀଳକଂଠଙ୍କ ଜଣେ କନିଷ୍ଠ ବନ୍ଧୁ ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତିଙ୍କ ବକ୍ତବ୍ୟ ମଧ୍ୟ ଏହାର ସମର୍ଥନ କରେ । (୨୦୯) ବହୁତ ରାତି ପର୍ଯ୍ୟନ୍ତ ପଢ଼ିବା ତାଙ୍କର ଅଭ୍ୟାସ ଥିଲା । ତାଙ୍କର ଦୁଇଟି ମାତ୍ର ବ୍ୟସନ (?) ପାଠ ଓ ମାଛ । (୨୧୦) "ପଣ୍ଡିତ ନୀଳକଂଠ ଦାସ ବହୁତ ବହି ପଢ଼ିଥିଲେ, ବହୁତ ବହି ରଖିଥିଲେ ଓ କେଉଁଠି କଣ ଆଖି ଦୃଶିଆ ହୋଇ ସାହିତ୍ୟ କ୍ଷେତ୍ରରେ ନୂଆ ସୃଷ୍ଟି ହେଲା, ତାକୁ ଜାଣିବାକୁ ତାଙ୍କର ଖୁବ୍ କୌତୁହଳ ଥିଲା । ବହୁତ ବେଳଯାକେ ବହି ପଢ଼ିବା ତାଙ୍କୁ ଆନନ୍ଦ ଦେଉଥିଲା ।" (୨୧୧)

କୁହାଯାଇଛି, ପଢ଼ିବାରେ ସେ ନିଜକୁ ଭୁଲି ଯାଉଥିଲେ । ଏହି ଆତ୍ମବିସ୍ମୃତି ମଧ୍ୟରେ ପ୍ରଚ୍ଛନ୍ନ ଭାବରେ ନିହିତ ଥିଲା ତାଙ୍କ ଜୀବନର ଅନନ୍ତ ସାଧନା । ସେ ସାଧନାର ଶେଷ ନାହିଁ । ପଢ଼ିବା ତାଙ୍କର ଏକ ସାଧାରଣ ନିଶା । ସେଥିରେ ସେ କେବେ ପରିତୃପ୍ତ ହୁଅନ୍ତି ନାହିଁ । ଯେତେବେଳେ ଯେଉଁ କର୍ମକ୍ଷେତ୍ରରେ ଥାଆନ୍ତି, ଜ୍ଞାନାର୍ଜନ ପାଇଁ ସୁବିଧା ଖୋଜୁଥାନ୍ତି । ଏପରିକି ଅସହଯୋଗ ଆନ୍ଦୋଳନ ବେଳେ କାରାଗାର ଭିତରେ ରହି ମଧ୍ୟ ଜ୍ଞାନଚର୍ଚ୍ଚାରୁ ସେ ବିରତ ହୋଇନଥିଲେ । ଏ ପ୍ରସଙ୍ଗରେ ଜାତୀୟ କବି ବୀରକିଶୋରଙ୍କ ସ୍ମୃତିଚାରଣ ଅବଶ୍ୟ ସ୍ମରଣୀୟ–"ପଣ୍ଡିତ ନୀଳକଂଠ



Digitized by PPRACHIN, SOA

ମୋର ଶିକ୍ଷକ । କାରାଗାରଠାରୁ ଦରବାରଯାକେ ମୁଁ ତାଙ୍କ ସମ୍ପର୍କରେ ଆସିଛି...... । ଗୁଡ଼ିଏ ପାନ ଖାଇବା ପଣ୍ଡିତଜୀଙ୍କର ଗୋଟାଏ ନିଶା; ତା'ଠାରୁ ବଳି ଆଉ ଯୋଡ଼ିଏ ବଡ଼ ନିଶା ଥିଲା—ପଢ଼ିବା, ଲେଖିବା । ଏଗୁଡ଼ିକ ମୁଁ ଅଙ୍ଗେ ଲିଭେଇଛି ହଜାରିବାଗ ଜେଲରେ । ରୋଗ ଶଯ୍ୟାରେ ପଡ଼ି ସୁଦ୍ଧା ସେ ରାତି ଦୁଇଟାବେଳ ଯାଏ ବହି ଧରି ବସି ପଢ଼ୁଥାନ୍ତି । ଡାକ୍ତର ଆସି ଯେତେ ବାରଣ କଲେ ମଧ୍ୟ ସେ ସେଥିରୁ କ୍ଷାନ୍ତ ହୁଅନ୍ତି ନାହିଁ । ଡାକ୍ତର ଥରେ ବିରକ୍ତ ହେବାରୁ ସେ ତାଙ୍କୁ କହିଲେ—'ମୋର ଯା' ପଥ୍ୟ ମିଳୁଛି ଆପଣ ତାକୁ କାଟିଦିଅନ୍ତୁ ପଛକେ, ମୁଁ ପଢ଼ାପଢ଼ି ଛାଡ଼ି-ପାରିବି ନାହିଁ । (୨୧୨)

ନୀଳକଂଠଙ୍କ ଜ୍ଞାନତୃଷ୍ଣା ଏପରି ପ୍ରବଳ ଥିଲା ଯେ ସେ ତାଙ୍କର ସକଳ ଦୁଃଖ, ଗ୍ଲାନି, ରୋଗ, କ୍ଲେଶକୁ ହେୟ ମନେକରି ଦିନରାତି ଜ୍ଞାନାର୍ଜନ ପିପାସାକୁ ଜାଗ୍ରତ କରି ରଖିଥିଲେ । ମୃତ୍ୟୁର ଅବ୍ୟବହିତ ପୂର୍ବରୁ ହୁଏତ ସେହି ଅଦ୍ୱିତୀୟ ବ୍ରହ୍ମଙ୍କୁ ସ୍ମରଣ କରି କହୁଥିଲେ—

"ଏହି ସେ ପୀରତି ଭବେ ଏହି ସେ ବିଶ୍ୱାସ
ଏହି ମୃତ୍ୟୁ ବିଶ୍ୱ-ବଇଭବ,
ଏହି ତବ କୃତି ତେବେ ମାନବର ଜ୍ଞାନ
ଏହି ତ ତା ଅଦ୍ଭୁତ-ଗରବ !
କ୍ଷୁଦ୍ର ଇନ୍ଦ୍ରିୟ ଦୁଆରେ ଧରିରଖେ ଜ୍ଞାନତାରେ
ଜ୍ଞାନେ ଜ୍ଞାନେ ବିଶ୍ୱପିତା ତୁମ୍ଭେ ମୂଳାଧାର,
ବନ୍ଧ ତୁମେ ଜ୍ୟୋତିସମ ଲଭେ ତା ପ୍ରସାର ।
ଅହଂକାରେ ଜ୍ଞାନ ତେଜି ବିଶ୍ୱାସେ ଆଚ୍ଛାନଭଜି
ଆତ୍ମାର ସେ ଦେଖନର ମହାବିଶ୍ୱପୁର । ୧୮ ।" (୨୧୩)

ପରବର୍ତ୍ତୀ ଯୁଗର ଲୋକମାନଙ୍କ ନିମନ୍ତେ ସେ ଯେଉଁ ଜ୍ଞାନପିପାସା ଅନିର୍ବାଣ କରି ରଖିଗଲେ, ତାହା ଏବେ ସୁଦ୍ଧା ଜନସମାଜରେ ପ୍ରଜ୍ୱଳିତ ଅଛି । ତାଙ୍କର ଜ୍ଞାନପିପାସା ଓ ଜିଜ୍ଞାସା ଥିଲା ତୈତ୍ତିରୀୟ ଉପନିଷଦର ଭୃଗୁ ଋଷିଙ୍କର ତପସ୍ୟା ଓ ବ୍ରହ୍ମଜ୍ଞାନ ସଦୃଶ । ଶ୍ରଦ୍ଧାବାନ, ଏକନିଷ୍ଠ, ତପସ୍ୱୀ ସାଧକର ସ୍ୱୟଂ ବ୍ରହ୍ମ ହିଁ ଗୁରୁ । ବ୍ରହ୍ମ ତାହା ନିକଟରେ ପ୍ରକାଶ ପାଉଥାନ୍ତି ।



Digitized by PPRACHIN, SOA

ଏହି ବିଦ୍ୟା ଭୃଗୁ ଜାଣିଥିଲେ ଏବଂ ବରୁଣ ଉପଦେଶ ଦେଇ ଏହା କହି-ଥିବାରୁ ଏହାକୁ ଭାର୍ଗବୀ ବାରୁଣୀ ବିଦ୍ୟା କୁହାଯାଏ । ଆନନ୍ଦବ୍ରହ୍ମ ଏବଂ ତପସ୍ୟାବ୍ରହ୍ମ–ଏହା ହିଁ ଏହି ବିଦ୍ୟାର ମର୍ମ । (୨୧୪) ଏହି ଆନନ୍ଦବ୍ରହ୍ମ ଓ କଠୋର ତପସ୍ୟାବ୍ରହ୍ମ ନୀଳକଣ୍ଠ ସତ୍ୟବାଦୀ ବିଦ୍ୟାଳୟରେ ତାଙ୍କ ନିଜ ପ୍ରକୋଷ୍ଠ ମଧ୍ୟରେ ବସି ଲାଭ କରିଥିଲେ । ଏଣୁ ସତ୍ୟବାଦୀର ଏଇ ହେଡ୍‌ମାଷ୍ଟର୍ ଜୀବନର ଶେଷକାଳରେ ମଧ୍ୟ ପ୍ରତି ଦିନ ଗଭୀର ନିଶାର୍ଦ୍ଧ-ଯାଏଁ ପାଠ ପଢ଼ୁଥିବାରେ ଅଭ୍ୟସ୍ତ ଥିଲେ । ବାସ୍ତବିକ୍, ଜଣେ ଆଦର୍ଶ ଶିକ୍ଷକ, ଚିରକାଳ ପାଇଁ ଏକ ଛାତ୍ର । ନୀଳକଣ୍ଠ ଜ୍ଞାନରୂପକ ତପସ୍ୟାରେ ନିମଗ୍ନ ଥିବାବେଳେ ଜଗତର ଅନ୍ୟକୌଣସି କଥା ତାଙ୍କ ହୃଦୟ କିମ୍ବା ମାନସ ପ୍ରବୃତ୍ତିକୁ ସ୍ପର୍ଶ କରି ପାରୁ ନ ଥିଲା । ସେ ସେତେବେଳେ ଯେପରିକି କଠୋର ତପଶ୍ଚର୍ଯ୍ୟାରେ ନିମଗ୍ନ ରହୁଥିଲେ । ବୃଦ୍ଧାବସ୍ଥାରେ ତାଙ୍କ ପାଖେ ରହିଥିବା ଜଣେ ସେବକ ଶ୍ରୀ ଗଣେଶ୍ୱର ମିଶ୍ର ନୀଳକଣ୍ଠଙ୍କର ଏହି ନିବିଡ଼ ଜ୍ଞାନଚର୍ଚ୍ଚା ସମ୍ବନ୍ଧରେ କହନ୍ତି, "ପଢ଼ାପର୍ଢ଼ି ପଣ୍ଡିତଜୀଙ୍କ ଜୀବନରେ ବଡ଼ ସଉକ ଥିଲା । ସଦାବେଳେ ପଢ଼ାରେ ବ୍ୟସ୍ତ । ତାଙ୍କର ଗାଧୋଇବା, ଖାଇବା ଓ ଔଷଧ, ଇଂଜେକ୍‌ସନ୍ ଆଦି ମୁଁ ଠିକ୍ ସମୟରେ କରି ଦେଉ-ଥାଏ । କିନ୍ତୁ ସେ ପଢ଼ାରେ ବ୍ୟସ୍ତଥାଇ ଏସବୁ ଜାଣିପାରନ୍ତି ନାହିଁ । ହଠାତ୍ ନିଦ ଭାଙ୍ଗିଯିବା ପରେ ଗାଧୋଇବା, ଖାଇବା କଥା ମନେ ପଡ଼ିଲେ, ସେ ମୋତେ ଡାକ ଛାଡ଼ନ୍ତି । ଲମ୍ବା ଲହରିଆ ଡାକ । ପୁଣି ପହଞ୍ଚିଲେ ଅତି ଆଗ୍ରହରେ ପଚାରନ୍ତି–"ମୁଁ ଖାଇବିନି ? ଔଷଧ କି ଇଂଜେକ୍‌ସନ୍ ମୋତେ ଦେବୁନି ?" ମୁଁ କହେ, ଆଜ୍ଞା ସବୁପରା ସରିଛି । ସେଠୁ କହନ୍ତି, ମୁଁ ଜାଣିନି, ଏସବୁ କେତେବେଳୁ ତୁ ସାରିଦେଇଛୁ ? ରାତିରେ ସେ ପ୍ରାୟ ୪ଟା ପର୍ଯ୍ୟନ୍ତ ପଢନ୍ତି । ଦେଖିଛି, ଦିନେ ଦିନେ ପୂରା ରାତି ପାହାନ୍ତା । ଡାକ୍ତରମାନେ ବେଶୀ ସମୟ ନଚେଇଁବାକୁ ପଣ୍ଡିତଜୀଙ୍କୁ ପରାମର୍ଶ ଦେଉଥାନ୍ତି । କିନ୍ତୁ ସେ କହନ୍ତି–ମୁଁ ନ ପଢ଼ିଲେ ରହି ପାରିବି ନାହିଁ । ସେ ଯେ ପର୍ଯ୍ୟନ୍ତ ପଢ଼ୁଥାନ୍ତି, ମୁଁ ମଧ୍ୟ ସେ ପର୍ଯ୍ୟନ୍ତ ପ୍ରାୟ ଅନିଦ୍ରା ରହିଥାଏ । ଏ ବହି ଆଣେ, ଯାକୁ ରଖୁ, ସେ ବହି ଦେ', ଏହିପରି ରାତି ପାହିବା ଯାଏ ଚାଲିଥାଏ ।" (୨୧୫)

କିନ୍ତୁ ଏ ଜ୍ଞାନ-ତପସ୍ୟା କେବଳ ତାଙ୍କର ନିଜର ଆନନ୍ଦର ଆସ୍ୱାଦନ ପାଇଁ ନ ଥିଲା । ଏହି ଆନନ୍ଦ ସତ୍ୟବାଦୀରେ ଛାତ୍ରମାନଙ୍କ ମଧ୍ୟରେ ପରିବେଷଣ କରିବା ନିମନ୍ତେ ସେ ଅତ୍ୟନ୍ତ ଉଦ୍‌ଗ୍ରୀବ ଥିଲେ ।



Digitized by PPRACHIN, SOA

ନିଜର ସ୍ୱଚ୍ଛଳତା ଓ ସୁଖବିଳାସ କାମନା ରୂପକ ଗୃହ ସଂସାରରୁ ଦୂରରେ ରହି ସେ ତପସ୍ୱୀ ରୂପେ ଜ୍ଞାନବ୍ରହ୍ମର ଆରାଧନା ନିମନ୍ତେ ଯେଉଁ ଚେଷ୍ଟା କରିଥିଲେ, ଯେଉଁ ସାଧନାରେ ବ୍ରତୀ ହୋଇଥିଲେ, ଯେଉଁ ଅଧ୍ୟବସାୟରେ ଜଗତ ପ୍ରତି ଉଦାସୀନ ହୋଇ ପଡ଼ିଥିଲେ, କେବଳ ସେହି ବିଦ୍ୟା ଓ ଛାତ୍ରମାନଙ୍କ ବ୍ୟତୀତ କେହି ତାଙ୍କ ସମୀପରେ ନ ଥିଲେ । ଆଉ କାହାକୁ ସେ ଦେଖିପାରୁ ନ ଥିଲେ । ଏତିକିବେଳେ ନିଜର ଯୁବତୀ ସ୍ତ୍ରୀ ବିଦ୍ୟାଳୟଠାରୁ ମାତ୍ର ଏକ କିଲୋମିଟର ଦୂରରେ ନିଜ ଗୃହରେ ରହିଥିଲେ ହେଁ, ସେ ଘରକୁ କ୍ୱଚିତ୍ ଯାଉଥିଲେ । (୨୧୬) ଏପରିକି ଘରକୁ ଯିବାଲାଗି ତାଙ୍କ ପିତାଙ୍କୁ ଘରୁଆସି ତାଙ୍କୁ ବିଦ୍ୟାଳୟରେ କହିବାକୁ ହେଉଥିଲା । ସେହି ଅନୁଶୀଳନ, ଅଧ୍ୟୟନ ଓ ଶିକ୍ଷାବିଧାନ ସତ୍ୟବାଦୀ ବିଦ୍ୟାଳୟକୁ ଗୋଟିଏ ମନୋହର କବିତା କୁଞ୍ଜ ଓ ସାଧନାର ପରମପୀଠ ରୂପେ ପରିଣତ କରିଥିଲା ।

ବନବିଦ୍ୟାଳୟର ବକୁଳ, ଛୁରୀଅନା ନିକୁଞ୍ଜ ଭିତରେ ବସି ସରଳ, ସୁକୁମାରମତି ଛାତ୍ରମାନଙ୍କୁ ଜ୍ଞାନଦାନ କରିବାରେ ସେ ନିଶ୍ଚିନ୍ତ ନ ଥିଲେ । ସେ ବୁଝିଥିଲେ ଏ ଜାତିର ଶିକ୍ଷା ଅତି ଅନୁନ୍ନତ ଅବସ୍ଥାରେ ଅଛି । ବିଭିନ୍ନ ଉପାୟରେ ଲୋକଙ୍କ ଭିତରେ ଶିକ୍ଷାର ପ୍ରସାର କରିବା ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତିର ଏବଂ ବିଶେଷତଃ ଜଣେ ଶିକ୍ଷକଙ୍କର ମୁଖ୍ୟ କର୍ତ୍ତବ୍ୟ । ଉପଯୁକ୍ତ ଶିକ୍ଷା ନ ପାଇଲେ ଜାତୀୟ ଜୀବନ ଗଠନ କରିବା ଅସମ୍ଭବ । ସେଥିପାଇଁ ନୀଳକଂଠ ନାନା ଉପାଦେୟ ପୁସ୍ତକ ଲେଖି, ସଭା ସମିତିରେ ସୁବକ୍ତା ରୂପେ ବହୁ ବିଷୟ ଆଲୋଚନା କରି ଜ୍ଞାନ ବିତରଣ କରୁଥିଲେ । ଶିକ୍ଷକ ଅବସ୍ଥାରେ ଛାତ୍ରମାନଙ୍କୁ ଧରି ନାନା ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ଯାଉଥିଲେ । ସେତେବେଳେ ସୁବିଧା ସୁଯୋଗ ଦେଖି ବାଟଘାଟରେ କଥାବାର୍ତ୍ତା ଓ ଗଳ୍ପ ଛଳରେ ଛାତ୍ରମାନଙ୍କୁ ଦେଶର ଐତିହାସିକ ଓ ପୌରାଣିକ କାହାଣୀମାନ ଶୁଣାଉଥିଲେ । ବିଶ୍ରାମ ସମୟରେ ମଧ୍ୟ ସେହି କଥା । ସେ କୌଣସି ମୁହୂର୍ତ୍ତକୁ ମଧ୍ୟ ବୃଥା କଟିବାକୁ ଦେଉନଥିଲେ । ସମୁନ୍ନତ ଜାତୀୟ ଜୀବନ ଗଠନ କରିବା ଦିଗରେ ସେ ଥିଲେ ଜଣେ ସିଦ୍ଧହସ୍ତ ବ୍ୟକ୍ତି । ଏ ସମ୍ବନ୍ଧରେ ତାଙ୍କର ନୀଳମାଧବ ଦର୍ଶନ, (୨୧୭) କୋଣାର୍କ ପର୍ଯ୍ୟଟନ (୨୧୮) ଓ "କୋଣାର୍କେ" କାବ୍ୟ (୨୧୯) ଯଥେଷ୍ଟ ସୂଚନା ଦିଏ ।



Digitized by PPRACHIN, SOA

ପଣ୍ଡିତ ନୀଳକଂଠ ଥିଲେ ଗୋଟିଏ ଜୀବନ୍ତ ପାଠାଗାର । (୨୨୦) ତାଙ୍କର ଜ୍ଞାନପିପାସା ଓ ଜିଜ୍ଞାସାର ପ୍ରମାଣ ସ୍ୱରୂପ ଏବେ ମଧ୍ୟ ରହିଛି ପାଣ୍ଡିତ୍ୟର ବହୁବିଧ ନିଦର୍ଶନ, କ୍ଲାସ ଲାଇବ୍ରେରୀ ପ୍ରଥା ପ୍ରଚଳନ ତଥା ପରକାଳର ଉତ୍କଳ ବିଶ୍ୱବିଦ୍ୟାଳୟର ପରିକଳ୍ପନା ଓ ପ୍ରତିଷ୍ଠାର ଇତିବୃତ୍ତ ।

## ଅସାଧାରଣ ପାଣ୍ଡିତ୍ୟର ଅଧିକାରୀ ପଣ୍ଡିତ ନୀଳକଂଠ :

ନିଜ ଜୀବନ କାଳରେ ପଣ୍ଡିତ ନୀଳକଂଠ ବହୁ ସମ୍ମାନ ଲାଭ କରିଥିଲେ, ପଦ୍ମଭୂଷଣ, ଉତ୍କଳଗୁରୁ, D. Litt ଇତ୍ୟାଦି । କିନ୍ତୁ କାୟା ସହିତ ଛାୟା ଭଳି ନଦୀ ସହିତ ସ୍ରୋତ ଭଳି, ଫଳ ସହିତ ମଞ୍ଜି ଭଳି ଯେଉଁ ଉପାଧିଟି ତାଙ୍କ ଶରୀର ଓ ଆତ୍ମା ସହ ପୂର୍ଣ୍ଣମାତ୍ରାରେ ଜଡ଼ିତ ହୋଇ ପଡ଼ିଥିଲା, ତାହା ହେଉଛି "ପଣ୍ଡିତ" ଉପାଧି । ଓଡ଼ିଶାରେ ଏଭଳି ବହୁ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଏକ ନିର୍ଦ୍ଦିଷ୍ଟ ଜାତିରେ ଜନ୍ମଲାଭ କରିଥିବା ହେତୁ ପାରମ୍ପରିକ ଭାବେ ଉତ୍ତରାଧିକାର ସୂତ୍ରରେ ନିଜ ନାମ ସହିତ ଏହି ଉପାଧିଟି ସଂଯୁକ୍ତ କରିଥାନ୍ତି । ମାତ୍ର ପଣ୍ଡିତ ନୀଳକଂଠ ଥିଲେ ଯଥାର୍ଥରେ ଜଣେ ବିଶିଷ୍ଟ ପଣ୍ଡିତ । ତାଙ୍କପରି ଜ୍ଞାନଗର୍ଭ ବ୍ୟକ୍ତି ଖାଲି ଓଡ଼ିଶାରେ ନୁହେଁ, ସମଗ୍ର ଭାରତ ବର୍ଷରେ ମଧ୍ୟ ବିରଳ । ତତ୍କାଳୀନ ଭାରତ ବର୍ଷରେ ଏପରି କୌଣସି ପଣ୍ଡିତ ନ ଥିଲେ, ଯେ କି ପଣ୍ଡିତ ନୀଳକଂଠଙ୍କ ନାମ ଶୁଣି ନ ଥିଲେ, ତାଙ୍କୁ ଜାଣି ନ ଥିଲେ । (୨୨୧) ନିଜର ଅଦ୍ୟମ ସାହସ, କର୍ମତତ୍ପରତା, କଠୋର ସାଧନା, ତୀକ୍ଷ୍ଣ ସ୍ମୃତି ଶକ୍ତି ବଳରେ ନୀଳକଂଠ ଅସାଧାରଣ ବ୍ୟକ୍ତିତ୍ୱ ଓ ପାଣ୍ଡିତ୍ୟର ଅଧିକାରୀ ହୋଇ ପାରି ଥିଲେ । ଉଦ୍ଭିଦ ବିଜ୍ଞାନ, କୃଷିବିଜ୍ଞାନ, ରସାୟନ ବିଜ୍ଞାନଠାରୁ ଆରମ୍ଭ କରି ଗଣିତ, ଜ୍ୟୋତିଷ, ଇତିହାସ, ଦର୍ଶନ ଓ ସଂସ୍କୃତ ପର୍ଯ୍ୟନ୍ତ ସବୁ ଶାସ୍ତ୍ରର ଆଲୋଚନାରେ ସେ ସକ୍ରିୟ ଭାଗ ନେଇ ଦିଗ୍‌ଦର୍ଶନ ଦେଇ ପାରୁଥିଲେ । ତାଙ୍କର ସେହି ଅଗାଧ ପାଣ୍ଡିତ୍ୟ ପାଇଁ ଓଡ଼ିଆ ଗର୍ବ ଅନୁଭବ କରୁଥିଲା । ଦେଶ ବିଦେଶରେ ସେଥିପାଇଁ ସେ ସମ୍ମାନ ଲାଭ କରିଥିଲେ । ଥରେ ଶ୍ରୀ ମୁରାରୀ ତ୍ରିପାଠୀ, ଜଗନ୍ନାଥ ପାଣ୍ଡେ ପ୍ରଭୃତି କଂଗ୍ରେସ କର୍ମୀମାନେ ଏକ ନିଖିଳ ଭାରତ କଂଗ୍ରେସ ଅଧିବେସନକୁ ଯିବା ପାଇଁ ବାହାରିଥିବା ବେଳେ ନୀଳକଂଠଙ୍କ ଗୁରୁ ପଣ୍ଡିତ ଗୋପବନ୍ଧୁ ସେମାନଙ୍କୁ କହିଲେ, "ତୁମେ କେଉଁଠାରୁ ଆସିଛ ବୋଲି କେହି ପଚାରିଲେ,



Digitized by PPRACHIN, SOA

"ତୁମେ କଣ କହିବ", ସେମାନଙ୍କର 'ଜଗନ୍ନାଥ ଧାମରୁ' ଉତ୍ତରଟି ଗୋପବନ୍ଧୁଙ୍କ ମନକୁ ପାଇଲା ନାହିଁ । ସେ କହିଲେ, ତୁମେ କହିବ, ଯେଉଁ ଠାରେ ନୀଳକଂଠ ଦାସଙ୍କ ପରି ଜଣେ ବିରାଟ ବିଦ୍ୱାନ ଅଛନ୍ତି ଆମେ ସେହି-ଠାରୁ ଆସିଛୁ, ତାହାହେଲେ ତୁମକୁ ସମସ୍ତେ ଚିହ୍ନିବେ ।" (୨୨୨) ଗୋପବନ୍ଧୁ ନୀଳକଂଠଙ୍କ ଛଡ଼ା ଆଉ କାହାକୁ ପଣ୍ଡିତ ବୋଲି ଯେପରିକି ସ୍ୱୀକାର କରି-ବାକୁ ରାଜି ନ ଥିଲେ । ସେ ତାଙ୍କର ଶେଷ ଉଇଲ୍‌ରେ ଏହାକୁ କାର୍ଯ୍ୟକାରୀ କରାଇବାକୁ କେତେକ ନାମ ଉଲ୍ଲେଖ କଲାବେଳେ ମଧ୍ୟ କେବଳ ନୀଳକଂଠଙ୍କ ନାମ ପଛରେ ପଣ୍ଡିତ ଶବ୍ଦ ଲେଖାଇଥିଲେ । (୨୨୩) କାରଣ, ଖୁବ୍ କମ୍ ବୟସରୁ ନୀଳକଂଠଙ୍କ ପାଣ୍ଡିତ୍ୟର ସଂସ୍ପର୍ଶରେ ସେ ଆସିଥିଲେ ।

ବାସ୍ତବିକ, ଯେଉଁ ସମୟରେ "ପଣ୍ଡିତ" ଶବ୍ଦ ଓଡ଼ିଶାରେ ଏକାନ୍ତ ଅବହେଳିତ ସଂସ୍କୃତ ଓ ପ୍ରାଥମିକ ଶିକ୍ଷକମାନଙ୍କୁ ବୁଝାଉଥିଲା, ସେହି ସମୟରେ ନୀଳକଂଠଙ୍କ ନାମ ପୂର୍ବରେ ଏହି ଶବ୍ଦ ସଂଯୁକ୍ତ ରହି, ନିଜର ମୂଲ୍ୟ ଓ ଗୌରବ କୋଟିଏ ଗୁଣରେ ବଢ଼ାଇ ଦେଇ ପାରିଥିଲା । "ପଣ୍ଡିତ ନୀଳକଂଠ" କହିଲେ ଓଡ଼ିଶାର ଉଚ୍ଚଶିକ୍ଷିତ ମହଲରେ ଏକ ପ୍ରକାର ଆତଙ୍କର ଝଡ଼ ବହିଯାଉଥିଲା । ନୀଳକଂଠଙ୍କ ସଙ୍ଗେ କୌଣସି ବିଷୟରେ ଯୁକ୍ତି କରି ନିଜ ମତକୁ ଦୃଢ଼ ଭାବରେ ଜାହିର କରିପାରିବା ଭଳି ବ୍ୟକ୍ତି କେହି ନ ଥିଲେ । ଚିତ୍ତ ଚାଞ୍ଚଲ୍ୟକର ପ୍ରତ୍ୟୁତ୍ପନ୍ନମତିତା, ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ ପାଟବ, ବିଶ୍ୱ ସାହିତ୍ୟରେ ଅସାଧାରଣ ଅବଗାହ, ତତ୍ତ୍ୱ ପରିବେଷଣରେ ଅନନୁକରଣୀୟ ବିଦଗ୍ଧତା, ସ୍ୱଦେଶ ହିତ ସାଧନରେ ବିସ୍ମୟକର ଦୁଃସାହସିକତା, "ଓଡ଼ିଆତ୍ୱ" ପ୍ରତିଷ୍ଠା କରିବାରେ ବିଲକ୍ଷଣ ମୌଳିକତା, ସର୍ବୋପରି ଜଗନ୍ନାଥ ଧର୍ମ ଓ ସଂସ୍କୃତିର ମୂଲ୍ୟାୟନ ମାଧ୍ୟମରେ ଉତ୍କଳର ମହତ୍ତ୍ୱବର୍ଦ୍ଧନ ଐତିହାସିକ ଓ ଦାର୍ଶନିକ ଜ୍ଞାନ ଗରିମା— ଏ ସବୁ ତାଙ୍କର ତିରୋଧାନ ପରେ କୌଣସି ଜଣେ ବ୍ୟକ୍ତିଙ୍କଠାରେ ଏକତ୍ର ପୁଞ୍ଜିଭୂତ ହୋଇଛି ବୋଲି କଳ୍ପନା କରିବାକୁ ମଧ୍ୟ ଆଜିର ସୁଶିକ୍ଷିତ ତରୁଣ ତରୁଣୀ ସମର୍ଥ ହେବେ ନାହିଁ ।

ଏକ ସମୟରେ ଓଡ଼ିଶାରେ ଓକିଲାତି କ୍ଷେତ୍ରରେ ତରୁଣମାନଙ୍କର ଆଦର୍ଶ ଥିଲା "ମଧୁବାବୁ ସଙ୍ଗେ ଲଢ଼ିବି" । ମଧୁବାବୁଙ୍କର ଖ୍ୟାତି ଆଇନଜୀବୀମାନଙ୍କ ମଧ୍ୟରେ ଏଭଳି ବଢ଼ି ଯାଇଥିଲା ଯେ, ଲୋକ ମୁଖରେ



Digitized by PPRACHIN, SOA

ମଧୁବାବୁଙ୍କ ସଙ୍ଗେ ଲଢ଼ି ପାରିବାହିଁ ଆଇନ ବ୍ୟବସାୟୀଙ୍କର ସର୍ବାଧିକ କୃତିତ୍ୱ ବୋଲି ଧରଯାଉଥିଲା । ଠିକ୍ ସେହିପରି, ପ୍ରାୟ ଶତାବ୍ଦୀବ୍ୟାପୀ ଓଡ଼ିଶାର ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜ୍ଞାନ ସାଧନା କ୍ଷେତ୍ରରେ, "ନୀଳକଂଠଙ୍କ ପରି ହୋଇ ପାରିବା"ହିଁ ଜ୍ଞାନ-ସାଧକମାନଙ୍କର ଆଦର୍ଶ ଥିଲା । ତାଙ୍କୁ ଚିହ୍ନିବାକୁ ହେଲେ ଯେଉଁ ଜ୍ଞାନ-ଗାରିମା ଦରକାର, ତାହା ଆଜି ଦୁର୍ଲଭ । ନୀଳକଂଠଙ୍କ ପ୍ରତିଭା ଏକାବେଳକେ ବିସ୍ମୟକର । (୨୨୫) ଯଥାର୍ଥରେ ସେ ଉତ୍କଳ ବୃହସ୍ପତି । "ଦେବଗୁରୁ ବୃହସ୍ପତି ଋଗ୍‌ବେଦଠାରୁ ଆରମ୍ଭ କରି ପୁରାଣ ପର୍ଯ୍ୟନ୍ତ ସର୍ବତ୍ର ପରିକୀର୍ତ୍ତିତ । ଦେବରାଜ ଇନ୍ଦ୍ର ମଧ୍ୟ ବୃହସ୍ପତିଙ୍କ ପ୍ରତି ସର୍ବଦା ଅନୁରକ୍ତ । ତାଙ୍କର ପାଣ୍ଡିତ୍ୟ, ପରାମର୍ଶ ଏବଂ ଦୂରଦୃଷ୍ଟିରେ ଦେବତା-ମାନେ ବିମୁଗ୍ଧ । ... ... ... ... । ପଣ୍ଡିତ ନୀଳକଂଠଙ୍କ କଥା ସେହିପରି ।" (୨୨୬)

ପଣ୍ଡିତ ନୀଳକଂଠ ଓଡ଼ିଆ ସାହିତ୍ୟ ରାଜ୍ୟରେ ତିନୋଟି ନୂତନ ଆଭିମୁଖ୍ୟ ଖୋଲି ଦେଇଅଛନ୍ତି । ଗୋଟିଏ କାବ୍ୟରେ, ଦ୍ୱିତୀୟଟି ଦର୍ଶନ ସାହିତ୍ୟରେ ଓ ତୃତୀୟଟି ସମାଲୋଚନା କ୍ଷେତ୍ରରେ । ଏହି ଆଭିମୁଖ୍ୟ ତ୍ରୟର ଶ୍ରେଷ୍ଠ ଦୃଷ୍ଟାନ୍ତ ହେଉଛି, ଯଥାକ୍ରମେ "କୋଣାର୍କେ" କାବ୍ୟ, "ଗୀତା ପ୍ରବେଶ" ଓ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ।"

"କୋଣାର୍କେ" ଓଡ଼ିଆ ସାହିତ୍ୟ ଭଣ୍ଡାରର ଅନ୍ୟତମ ସମୁଜ୍ଜ୍ୱଳ କାବ୍ୟ ରତ୍ନ । ଏଥିରେ ଶତ ଶତ ବର୍ଷ ବ୍ୟାପୀ ଓଡ଼ିଆର ସାଧନା, ସୂକ୍ଷ୍ମ-ଚିନ୍ତା, ରଣନୈପୁଣ୍ୟ, ଶାସନ ଶୃଙ୍ଖଳା, ବୀରତ୍ୱ ବୈଭବ, କଳା କୌଶଳ ପ୍ରଭୃତି ବିଚିତ୍ର ଭାବରେ ମୂର୍ତ୍ତିମନ୍ତ । ରାଧାନାଥ ଜାତୀୟ-ଯୁଗର ବିଶିଷ୍ଟ ପ୍ରବର୍ତ୍ତକ (ଆଦି ପ୍ରବର୍ତ୍ତକ ନୁହନ୍ତି) । କିନ୍ତୁ ନୀଳକଂଠଙ୍କ ଲେଖନୀରେ ଯେଉଁ ନିଷ୍କଳଙ୍କ ଜାତୀୟ ଚିତ୍ର ଫୁଟି ଉଠିଲା; ତାହା ରାଧାନାଥୀୟ ଗୌରବ ଗଗନର ଧୂମକେତୁ ରୂପେ ପାଠକ ସାଧାରଣରେ ପରିଗୃହୀତ ହେଲା । ରାଧାନାଥ କେବଳ ତାଙ୍କ ସ୍ତାବକ ମଣ୍ଡଳୀର ଉପାସ୍ୟ ନୁହନ୍ତି: ନିନ୍ଦୁକ-ବୃନ୍ଦର ମଧ୍ୟ ସ୍ଥଳ ବିଶେଷରେ ଭୟ, ଭକ୍ତି, ଶ୍ରଦ୍ଧା, ସମ୍ମାନ, ଆଦର ଓ ଅନୁରାଗର ପାତ୍ର । ତଥାପି ତାଙ୍କ ବିରୁଦ୍ଧରେ ନିର୍ଭୀକ ମତ ପ୍ରକାଶ କରିବାରେ ନୀଳକଂଠଙ୍କର ଆସନହିଁ ସର୍ବାଗ୍ରେ ପ୍ରତିଷ୍ଠିତ । ରାଧାନାଥଙ୍କର ବିକୃତ



Digitized by PPRACHIN, SOA

ମୌଳିକତା, ଅନ୍ଧ ଅନୁକରଣ-ପ୍ରିୟତା, ବଙ୍ଗ ସାହିତ୍ୟର ଅନୁବର୍ତ୍ତିତାରେ "ତ୍ରିମାତ୍ରିକ ମେଳ ବିଶିଷ୍ଟ" ଉପଧାର ପ୍ରବର୍ତ୍ତନ, ଉତ୍କଳୀୟ ଜାତୀୟ ଇତିହାସରୁ ସଂଗୃହୀତ କଳଙ୍କ ପଙ୍କ-ଲିପ୍ତ ଉପାଦାନରେ କାବ୍ୟ ପ୍ରଣୟନ ଏ ସମସ୍ତର ମାରାତ୍ମକତା, ଅମୂଳକତା ଓ ଅଯୌକ୍ତିକତା ନୀଳକଂଠ ବଜ୍ର ଗମ୍ଭୀର ସ୍ୱରରେ ପ୍ରତିପାଦନ କରି ଥିଲେ । "କୋଣାର୍କେ" କାବ୍ୟରେ ବାସ୍ତବରେ ଓଡ଼ିଶାର ସାଂସ୍କୃତିକ, ସାହିତ୍ୟକ ଓ ଛନ୍ଦ ବିଷୟକ ଆଲୋଚନାରେ ନୀଳକଂଠଙ୍କର କୃତିତ୍ୱ ଦର୍ଶାଇବାରେ ଏହି କାବ୍ୟ ଖଣ୍ଡିକ ଯେପରି ଅପରିହାର୍ଯ୍ୟ, ସେହିପରି ଅଭିନନ୍ଦନୀୟ । (୨୨୭) ଭଷା, ଭବ, ରସ, ଛନ୍ଦ ଶବ୍ଦଗୁମ୍ଫନ ଓ ରଚନାକାଳ (ମାତ୍ର ଦୁଇସପ୍ତାହରେ ରଚିତ) ଦୃଷ୍ଟିରୁ ଏ କାବ୍ୟ ଅଦ୍ୱିତୀୟ । "ଅତୀତର ଅତ୍ୟଧିକ ଉଦ୍‌ବୋଧନ, ନୈତିକତାର ଅଯଥା ବ୍ୟାଖ୍ୟାନ, ଗଦ୍ୟଧର୍ମୀ ଶବ୍ଦର ପ୍ରୟୋଗ ପ୍ରଭୃତି କେତେକଙ୍କୁ କାବ୍ୟିକ ତ୍ରୁଟି ବୋଲି ମନେ ହୋଇପାରେ । କିନ୍ତୁ ଏକ ଅଧଃପତିତ, ବିପର୍ଯ୍ୟସ୍ତ, ଜୀବନ୍ମୃତ ଜାତିକୁ ନୂତନ ଜୀବନର ଜ୍ୟୋତିରେ ଉଜ୍ଜୀବିତ ଓ ସଂଜୀବିତ କରିବା ପାଇଁ ତାହାହିଁ ଥିଲା ଏକ ଅସ୍ତ୍ର ବା ମନ୍ତ୍ର । ପ୍ରକୃତରେ ତାଙ୍କର କାବ୍ୟ-ସମୂହ ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଉତ୍କଳରେ ଉନ୍ମେଷିତ ଜାତୀୟତାର ଏକ ଏକ ପ୍ରମୂର୍ତ୍ତ ପ୍ରତୀକ । (୨୨୮) ନୀଳକଂଠଙ୍କ ପାଣ୍ଡିତ୍ୟର ବୈଶିଷ୍ଟ୍ୟ ଏଇଠି । "କୋଣାର୍କେ"ରେ ଏଣୁ କରି ତାଙ୍କର କବିତ୍ୱ ଅପେକ୍ଷା ପାଣ୍ଡିତ୍ୟ ହିଁ ବିଲମ୍ବିତ । (୨୨୯) ଯେଉଁ ମାନସିଂହ ଥରେ ନୀଳକଂଠଙ୍କୁ ଲକ୍ଷ୍ୟ କରି ଲେଖିଥିଲେ, "ସେ କେତେଟା ଇଂରେଜୀ ବହି ପଢ଼ିଛନ୍ତି ଯେ, ଏପରି ଲେଖିବାର ଅଧିକାର ସେ କେଉଁଠୁ ପାଇଲେ ? (୨୩୦) ସେହି ମାନସିଂହ ପୁଣି ତାଙ୍କର "କୋଣାର୍କେ" କାବ୍ୟଟି ଆମୂଳଚୂଳ ପଢ଼ି ବିମୁଗ୍‌ଧ ହୋଇ ଲେଖିଛନ୍ତି (୨୩୧) ।

(କ) "କିନ୍ତୁ ସ୍ଥାପତ୍ୟ ଦେଖାଏ ସିନା, କାବ୍ୟ କଥା କହେ । ପ୍ରାଚୀନ ଉତ୍କଳ କେଉଁଠି କଥା କହୁଛି, ତାହାର ବହୁ ଅନୁସନ୍ଧାନ ମୁଁ ନିଜେ କରିଛି । ପଣ୍ଡିତ ନୀଳକଂଠଙ୍କ "କୋଣାର୍କେ" କାବ୍ୟ ଯୁଗ୍ମରେ ପୁରଣ ଉତ୍କଳର ପ୍ରାଣର ବାଣୀ ଯେପରି ସ୍ପଷ୍ଟ ଭବରେ ମୋର ଶ୍ରୁତି ଗୋଚର ହୋଇଛି, ତାହା ଓଡ଼ିଆ, ଇଂରଜୀ ବା ଅନ୍ୟ କୌଣସି ଭଷାର କୌଣସି ଲେଖା ମୁଁ ପାଇପାରିନି ।"



Digitized by PPRACHIN, SOA

(ଖ) "ଓଡ଼ିଆରେ ସାଧାରଣତଃ ଯେପରି କାବ୍ୟ ଆମ୍ଭେମାନେ ପଢ଼ିବାକୁ ପାଉ, ସେ ଗୁଡ଼ିକର ଗତାନୁଗତିକ ସ୍ଥାପତ୍ୟଠାରୁ 'କୋଣାର୍କେ' କାବ୍ୟର ସ୍ଥାପତ୍ୟ ସଂପୂର୍ଣ୍ଣ ଭିନ୍ନ । ଏହାର କାରୁ ଶିଳ୍ପ ଅନେକାଂଶରେ ନିଜର ହୋଇଥିବାରୁ ଏ କାବ୍ୟ ଜନସାଧାରଣଙ୍କର ପ୍ରିୟ ନ ହୋଇପାରେ । କିନ୍ତୁ ଠିକ୍ ସେହି କାରଣରୁ ହିଁ ଚିନ୍ତାଶୀଳ ଗ୍ରାହକମାନଙ୍କ ନିକଟରେ ଏହାର ମୂଲ୍ୟ ବେଶୀ । ଗତାନୁଗତିକତାଠାରୁ ଭିନ୍ନ ହୋଇଥିବାରୁ ହିଁ ଏହି କାବ୍ୟ ପ୍ରତି ମୋର ସ୍ୱତନ୍ତ୍ର ଶ୍ରଦ୍ଧା ।"

(ଗ) "ପଣ୍ଡିତ ନୀଳକଂଠ ପ୍ରକୃତରେ ପଣ୍ଡିତ । ତାଙ୍କ ନିକଟରେ ମୁଁ ଶିଶୁ–ବୟସ ଓ ଜ୍ଞାନରେ... । ତାଙ୍କ ପୁସ୍ତକର ବିଶେଷତଃ 'କୋଣାର୍କେ'ର ଭୂମିକା ଲେଖିବା ମୋ ପକ୍ଷରେ...ଧୃଷ୍ଟତା... । 'କୋଣାର୍କେ'ର ଲେଖକ ନୀଳକଂଠଙ୍କର ମୃତ୍ୟୁ ନାହିଁ ।"

ଏ ସମ୍ପର୍କରେ ଆଉ ଅଧିକ କ'ଣ ବା କୁହାଯିବ ? ପୁଣି, "କୋଣାର୍କେ" ଭଳି ଗୁରୁ ଗମ୍ଭୀର କାବ୍ୟର ରଚୟିତାଙ୍କ ପକ୍ଷେ ନିତାନ୍ତ ଗାଉଁଲି ଭଷାରେ ସରସ ସୁମଧୁର କାବ୍ୟ "ଦାସ ନାଏକ" ବା "ପିଲଙ୍କ ରମାୟଣ", "ପିଲଙ୍କ ମହାଭରତ" "ପିଲଙ୍କ ଭଗବତ" ପରି ଶିଶୁ ସାହିତ୍ୟ ଲେଖିବା କିଛି କମ୍ ପାଣ୍ଡିତ୍ୟର ପରିଚାୟକ ନୁହେଁ । ସେ ଯେଉଁ କ୍ଷେତ୍ରରେ ହାତ ଦେଇଛନ୍ତି, ସେଥିରେ କିଛି ନା କିଛି ନୂତନତ୍ୱ ଦେଖାଇଛନ୍ତି । ପିଲଙ୍କ ପାଇଁ ଯେଉଁ କେତୋଟି "ପିଲଙ୍କ ଗୀତ" ଲେଖିଯାଇଚନ୍ତି ତାହା ପଢ଼ିଲେ ଓ ଗାଇଲେ ପିଲମାନଙ୍କ ମନରେ ଉଲ୍ଲାସ ଖେଳିଯାଏ ।

ମାତ୍ର, ନୀଳକଂଠଙ୍କ କୃତିତ୍ୱ କେବଳ କାବ୍ୟ କବିତାରେ ସୀମାବଦ୍ଧ ନ ଥିଲା । ମାତୃଭୂମିର ମୁକ୍ତି କାମନାରେ ଜାତୀୟ ଆନ୍ଦୋଳନରେ ଯୋଗ ଦେଇ ସେ ଯେତେବେଳେ କାରାବରଣ କରିଥିଲେ, ସେହି ସମୟରେ ତାଙ୍କର ଅନ୍ତର୍ମୁଖୀ ଚିତ୍ତବୃତ୍ତି ମାତୃଭୂମିର ଅତୀତ ସାରସ୍ୱତ ସମ୍ପଦ ପ୍ରତି ସଂପ୍ରସାରିତ ହୋଇଥିଲା । ପ୍ରସ୍ଥାନ ତ୍ରୟୀ'ର ଶେଷ ଓ ଶ୍ରେଷ୍ଠଗ୍ରନ୍ଥ ଭଗବଦ୍ ଗୀତାର ବିଭିନ୍ନ ଭାଷ୍ୟ ଆଲୋଡ଼ନ କରି ଦେଶବାସୀଙ୍କୁ ତାହାର "ମହତ୍ ଅମୃତ" ରସ ଆସ୍ୱାଦନ କରାଇବା ପାଇଁ ସେ ଉଦ୍ୟତ ହୋଇଥିଲେ ।



Digitized by PPRACHIN, SOA

କିନ୍ତୁ କୌଣସି ସାଂପ୍ରଦାୟିକ ପରମ୍ପରାର ଅନୁବର୍ତ୍ତନରେ ସେ ଦିନର ଭାଷ୍ୟର ମୌଳିକତା ନିଷ୍ପ୍ରଭ କରି ଦେଇ ନାହାନ୍ତି । ପ୍ରାୟ ଚାରିଶତ ପୃଷ୍ଠାବ୍ୟାପୀ ସୁଦୀର୍ଘ ଗୀତାଭୂମିକା ଓଡ଼ିଆ । ଗଦ୍ୟ ଓ ଦର୍ଶନ-ସାହିତ୍ୟର ବରେଣ୍ୟ ସମ୍ପଦ । ଲୋକମାନ୍ୟ ତିଳକଙ୍କ ଗୀତା ତତ୍ତ୍ୱ ବିଭିନ୍ନ ଭାରତୀୟ ଭାଷାରେ ଅନୁଦିତ ହୋଇ ଅଶେଷ ଗୌରବର ଅଧିକାରୀ ହେଲା ପରି ପଣ୍ଡିତଜୀଙ୍କ ଗୀତା ଭୂମିକା ଭାଷାନ୍ତରିତ ହେଲେ ଅବଶ୍ୟ ଓଡ଼ିଆ ସାହିତ୍ୟର ଗୌରବ ବର୍ଦ୍ଧିତ ହେବ । (୨୩) ସେହି ଗୀତା ଭୂମିକାର ତଥ୍ୟ ପାଇଁ, "ବିଶ୍ୱ-ଭାରତୀ"ର ବିଶିଷ୍ଟ ପଣ୍ଡିତ ମଣ୍ଡଳୀରେ ପ୍ରକାଶ କରି ଖ୍ରୀ ୧୯୫୪ (୨୩୩) ସେପ୍ଟେମ୍ବର ମାସରେ ପଣ୍ଡିତ ନୀଳକଂଠ ଅଭୂତପୂର୍ବ ସମ୍ବର୍ଦ୍ଧନା ଓ ସମ୍ମାନ ପାଇଥିଲେ । ସେଦିନ "ବିଶ୍ୱଭାରତୀ"ର କୁଳପତି ଆଚାର୍ଯ୍ୟ କ୍ଷିତିମୋହନ ସେନ୍ ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ "ଚୀନା ଭବନ"ରେ ଅନୁଷ୍ଠିତ ସଭାର ସଞ୍ଚାଳକ ଅନ୍ନଦା ଶଙ୍କର ରାୟ ଅତି ଭାବ ପ୍ରବଣ ଭାବରେ କହିଥିଲେ, "ଭାରତର ଭାବ, କଳା ଓ ରସର ଜଗତକୁ ଯେଉଁ ଓଡ଼ିଶା 'କୋଣାର୍କ' ଉପହାର ଦେଇଛି, ସେଇ ଓଡ଼ିଶାର ପ୍ରସ୍ତରୀଭୂତ ଆତ୍ମାର ଯୁଗ ଯୁଗ ସଂଚିତ ବୈଦଗ୍ଧ୍ୟ ଓ ଉଦାରତାର ମୂର୍ତ୍ତ ପ୍ରତୀକ ପଣ୍ଡିତ ନୀଳକଂଠ...... । ଏଇ କବିତୀର୍ଥ ଶାନ୍ତିନିକେତନ ତାଙ୍କ ଚରଣ ରେଣୁ ସ୍ପର୍ଶରେ ଧନ୍ୟ ହୋଇଅଛି ।" ସଭା ଶେଷରେ ମନ୍ତବ୍ୟ ଦେଇ ପୁରାଣବୃଦ୍ଧ କ୍ଷିତିମୋହନ କହିଥିଲେ, "ମୋର ଝୁଲାମୁଣି ଘେନି ମୁଁ ସାରା ଭାରତ ଘୁରୁଛି । ସତ୍ୟବାଦୀ ବନବିହାର ଦିନରୁ ମୋର ଗୋପବନ୍ଧୁ ଓ ନୀଳକଂଠଙ୍କ ସହିତ ସଭା ସମିତିରେ ଏକତ୍ର ହେବାର ସୁଯୋଗ ଘଟିଛି । ସେ ମୋ ଠାରୁ ବୟସରେ ସାନ ହେଲେବି ଜ୍ଞାନ ଗରିମାରେ ଅନେକ ବଡ଼ । ଆଜି ଜଗନ୍ନାଥଙ୍କ ମୈତ୍ରୀ ଧର୍ମର ବ୍ୟାଖ୍ୟା ମଧ୍ୟରେ ସେ ଯେଉଁ ମହାମାନବର ଆଦର୍ଶ ପ୍ରକାଶ କଲେ, ସେଥିରେ ଆମର ସମସ୍ତ ଅପୂର୍ଣ୍ଣତାକୁ ପୂର୍ଣ୍ଣତାର ସୋପାନରେ ପ୍ରତିଷ୍ଠିତ କରିଗଲେ ।" (୨୩୪)

ବହୁ ଅଧ୍ୟୟନ, ଗଭୀର ଚିନ୍ତନ ନୀଳକଂଠଙ୍କୁ ଉଚ୍ଚକୋଟୀର ପ୍ରାବନ୍ଧିକ କରିଥିଲା । ସେ ଗବେଷଣାର ନବ ନବ ଦ୍ୱାର ଉଦ୍‌ଘାଟନ କରି ଥିଲେ, ସାଧାରଣ ରୀତିର ଜଣେ ପ୍ରଣାଳୀବଦ୍ଧ ଗବେଷକ ନୋହିଲେ ବି (୨୩୫) ପ୍ରମାଣ ସ୍ୱରୂପ ଏବେ ମଧ୍ୟ ରହିଛି ତାଙ୍କ ପୁସ୍ତକ ଗୁଡ଼ିକର



Digitized by PPRACHIN, SOA

ବିଶ୍ଳେଷଣ ଏବଂ ପାଦଟୀକା । ତାଙ୍କର ପାଣ୍ଡିତ୍ୟ, ଡ଼ିଜେଲ ପମ୍ପ ନଇରୁ ପାଣି ନେଇ କ୍ଷେତରେ ଢାଳିଲା ପରି ନୁହଁ, (ଯାହା ଅନେକ ପଣ୍ଡିତ କରିଥାନ୍ତି), ଗଛ ପିଢ଼ିଆ ପାଣି ଖାଇ ଫୁଲ ଫଳ ଦାନ କଲାଭଳି । (୨୩୬) "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" ଓଡ଼ିଆ ସାହିତ୍ୟର ଗୋଟିଏ ଅଭିନବ ସମ୍ପଦ । ଏହାର ତଥ୍ୟଗଡ଼ିକୁ ପଣ୍ଡିତ ନୀଳକଂଠଙ୍କ ସହିତ ସମସ୍ତରରେ ହୁଏତ ସମସ୍ତ ପାଠକ ଗ୍ରହଣ କରି ନ ପାରନ୍ତି । କିନ୍ତୁ ଏହି ଗ୍ରନ୍ଥ ପ୍ରଣୟନ କରି ପଣ୍ଡିତଜୀ ଭବି ଆଲୋଚନା ଓ ଗବେଷଣା ପାଇଁ ପ୍ରଶସ୍ତ ପ୍ରାଙ୍ଗଣ ଉନ୍ମୁକ୍ତ କରି ଦେଇଛନ୍ତି । (୨୩୭) ଏହା ତାଙ୍କର ପରିଣତ ବୟସର ପରିମାର୍ଜିତ ଚିନ୍ତାରେ ଦୀପ୍ତିମନ୍ତ । ଓଡ଼ିଆ ସଂସ୍କୃତିକୁ ଚିହ୍ନି ଚିହ୍ନାଇବାର ଏହି ସାଧୁ ଉଦ୍ୟମ କେବଳ ପଣ୍ଡିତ ନୀଳକଂଠଙ୍କ ପକ୍ଷରେ ହିଁ ସମ୍ଭବପର । ଏହି ଗ୍ରନ୍ଥରେ ପଣ୍ଡିତଜୀ ଯେପରି ଭ୍ରିନାଥରୁ ଜଗନ୍ନାଥ, ଅହୁର୍‌ମଜ୍‌ଦା; କୋଇଲିରୁ ମହାକାବ୍ୟ, ଓ ବି, ଲେ, ଲୀ, କଳସା; ସୁଖବୋଧ ବ୍ୟାକରଣରୁ ସିଦ୍ଧାନ୍ତ କୌମୁଦୀ; ରଙ୍ଗୋବତୀର ରତ୍ନପାଳନାରୁ ଭକ୍ତି ଧର୍ମ, କାଂଚି ବିଜୟର ମାଣିକ ଗଉଡ଼ୁଣୀ ପ୍ରସଙ୍ଗରୁ ଓଡ଼ିଶା ଓ ବେବିଲନ୍, ଆସିରିଆ, କାସ୍ପିଆନ୍ ହ୍ରଦ; ଓଁ ରୁ ଓ, ଚୈତନ୍ୟଙ୍କ ଆଗମନରୁ ରମନାମ ସତ୍ୟ ହେ, ଶକୁନ୍ତଳାରୁ ଶାର୍ଗଣ, ଜୈନରୁ ଜଗନ୍ନାଥ, ଥେରପୁତ୍ତରୁ ଭେଷଜ ଶାସ୍ତ୍ର, ଲୌକିକ ଭଷାରୁ ମହାଭଷ୍ୟ, ଋକ୍‌ବେଦରୁ ଜଗନ୍ନାଥ, ଲୋକଦର୍ଶନରୁ ବିଶ୍ୱଦର୍ଶନ ପର୍ଯ୍ୟନ୍ତ ମାଡ଼ି ଯାଇଛନ୍ତି ତାହା ଅତ୍ୟନ୍ତ ବିସ୍ମୟକର । ଏହାଠାରୁ ତାଙ୍କ ପାଣ୍ଡିତ୍ୟର ଆଉ ଅଧିକ କି ପ୍ରମାଣ ଖୋଜା ଯାଇ ପାରେ ? "ଆର୍ଯ୍ୟ ଜୀବନ", "ସଂସ୍କୃତ ଓ ସଂସ୍କୃତି", "ଓଡ଼ିଆ ଭଷା ଓ ସାହିତ୍ୟ" ପ୍ରଭୃତି ଗ୍ରନ୍ଥ ମଧ୍ୟ ତାଙ୍କ ବହୁମୁଖୀ ପାଣ୍ଡିତ୍ୟ ଓ ଯୁକ୍ତି ଯୁକ୍ତ ଆଲୋଚନାର ଅକାଟ୍ୟ ପ୍ରମାଣ ବହନ କରେ ।

ତେବେ, ଜଣେ ଆଦର୍ଶ ଶିକ୍ଷକ କେବଳ ବହୁ ଗ୍ରନ୍ଥପାଠୀ ବା ବହୁ ଗ୍ରନ୍ଥ କର୍ତ୍ତା ହୋଇଯିବା ଯଥେଷ୍ଟ ନୁହେଁ । ଛାତ୍ରମାନଙ୍କୁ ନିଜ ପାଣ୍ଡିତ୍ୟର କଲ୍ୟାଣମୟ ଫଳ ଦେବାକୁ ହେଲେ ତାଙ୍କଠାରେ ଯେ କୌଣସି ମୁହୂର୍ତ୍ତରେ ମଧ୍ୟ ଆପଣା ପାଣ୍ଡିତ୍ୟ ପ୍ରକଟ କରଇ ପାରିବାର ଶକ୍ତି ଥିବା ଆବଶ୍ୟବ । ନଚେତ୍ ସବୁ ଥାଇ ବି ଶିକ୍ଷକ "ନିର୍ଗନ୍ଧାଇବ କିଂଶୁକାଃ"ରେ ପରିଣତ ହେବା ବିଚିତ୍ର ନୁହେଁ । ଏଣୁ ଆଦର୍ଶ ଶିକ୍ଷକଙ୍କ ପାଣ୍ଡିତ୍ୟ ତାଙ୍କର ଲେଖା ଓ ଚିନ୍ତାରେ ମାତ୍ର ନୁହେଁ, ପ୍ରତ୍ୟୁତ୍ପନ୍ନମତିତା, ବାଗ୍ମୀତା ଓ ଆଶୁ ପାଣ୍ଡିତ୍ୟ



Digitized by PPRACHIN, SOA

ମାଧ୍ୟମରେ ପରିସ୍ଫୁଟ ହେବା ଆବଶ୍ୟକ । ବିଭିନ୍ନ ଘଟଣାର ଉଲ୍ଲେଖରୁ ପଣ୍ଡିତ ନୀଳକଂଠଙ୍କ ଠାରେ ଏହି ଗୁଣ ସବୁ ରହିଥିବ । ବିଷୟ ବର୍ତ୍ତମାନ ପ୍ରମାଣ କରିବାର ଉଦ୍ୟମ କରଯାଉଚି ।

ବକ୍ତୃତାରେ ପଣ୍ଡିତଜୀଙ୍କର ପାଣ୍ଡିତ୍ୟ ଜଗନ୍ନାଥରୁ ବାହାରି ଅହୁର୍ ମଜ୍‌ଦାରେ କୁଆଡ଼େ ଲୀନ ହୋଇ ଯାଉଥିଲା । ପ୍ରସ୍ତୁତି ଲୋଡ଼ା ନ ଥିଲା । ସଂସ୍କୃତି ବା ସାହିତ୍ୟ ସଭରେ କିଛି କହିବାକୁ କହିଲେ ସେ ପ୍ରାଚୀରୁ ଅମଡ଼ା ମାଡ଼ିଯାଇ ପହଞ୍ଚୁଥିଲେ ଟାଇଗ୍ରୀସ୍ ବା ନୀଳନଦୀ କୂଳେ । ବକ୍ତୃତାର ଦୋଳିରେ ସମସ୍ତେ ଦୋଳି ଖେଳୁଥିଲେ । ମାତ୍ର ବହୁ ଲୋକ ଅଗମୂଳ ଧରି ପାରୁ ନ ଥିଲେ ।" (୨୩୮) ସେପରି ତଥ୍ୟ-ସମ୍ବଳିତ ଓ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ଖୁବ୍ କମ୍ ଲୋକଙ୍କ ମୁହଁରୁ ଶୁଣିବାକୁ ମିଳେ । (୨୩୯)

ପଣ୍ଡିତ ନୀଳକଂଠ ଯେ ତାଙ୍କ ସମୟର ଶ୍ରେଷ୍ଠ ବାଗ୍ମୀ ଓ ପଣ୍ଡିତ ଥିଲେ, ତାହା ଡଃ. ସତ୍ୟନାରାୟଣ ରାଜଗୁରୁଙ୍କ ଉଲ୍ଲିଖିତ ଏକ ଅନୁଭୂତିରୁ ଜଣାଯାଏ । ସେ ମହାଶୟ କହନ୍ତି, "୧୯୨୭ ମସିହା, ଜୁନ୍ ୧୬ ଓ ୧୭ ତାରିଖ ଦୁଇ ଦିନ ଧରି ମୁଖଲିଙ୍ଗମ୍‌ଠାରେ...... 'ପ୍ରାଚ୍ୟ ଗବେଷଣା ସମିତି' ପକ୍ଷରୁ 'କଳିଙ୍ଗ ଦିବସ' ପାଳିତ ହୋଇଥିଲା । ଐତିହାସିକ ଦୃଷ୍ଟିକୋଣରୁ ପ୍ରାଚୀନ କଳିଙ୍ଗ ସାମ୍ରାଜ୍ୟ ଆନ୍ଧ୍ରର ଅନ୍ତର୍ଭୁକ୍ତ ବୋଲି ସର୍ବ ସମକ୍ଷରେ ପ୍ରମାଣିତ କରିବା ଥିଲା ଆନ୍ଧ୍ର ନେତାମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ । ... ... ... କିନ୍ତୁ ଦୁର୍ଭାଗ୍ୟ ବଶତଃ ଆନ୍ଧ୍ରମାନଙ୍କ ମଧ୍ୟରେ ଯେଉଁପରି ଖ୍ୟାତିସମ୍ପନ୍ନ ଐତିହାସିକ ପଣ୍ଡିତମାନେ ଥିଲେ, ତାଙ୍କର ଯୁକ୍ତିଗୁଡ଼ିକ ଖଣ୍ଡନ କରିବାପାଇଁ ଓଡ଼ିଶାରେ ସେପରି ଗବେଷକ ନଥିଲେ । ... ... ଗଞ୍ଜାମର ପ୍ରସିଦ୍ଧ ନେତା 'ଆଶା' ପତ୍ରିକାର ସମ୍ପାଦକ ଶଶିଭୂଷଣ ରଥଙ୍କ ମନେ ପଡ଼ିଲା, ପଣ୍ଡିତ ନୀଳକଂଠ ଦାସଙ୍କ ନାମ । ଜାଣିଥିଲେ, ସେ ହିଁ ଏକମାତ୍ର ପ୍ରତିଭବାନ୍ ପଣ୍ଡିତ ଯେ କି ଯୁକ୍ତି ବଳରେ ଆନ୍ଧ୍ର ପଣ୍ଡିତମାନଙ୍କୁ ହଟାଇ ପାରନ୍ତି । ଶଶିଭୂଷଣଙ୍କ ଅନୁରୋଧ ରକ୍ଷା କରି ପଣ୍ଡିତ ନୀଳକଂଠ ମୁଖଲିଙ୍ଗମ୍‌ସଭରେ ଭାଷଣ ଦେବାକୁ ପ୍ରସ୍ତୁତ ହୋଇଗଲେ । ଅଳ୍ପ ସମୟ ମଧ୍ୟରେ ସେ ଗୋଟିଏ ସୁନ୍ଦର ପ୍ରବନ୍ଧ ଇଂରଜୀରେ ପ୍ରସ୍ତୁତ କରି ଆଲୋଚନା ସଭରେ ପାଠ କଲେ, ... ... କଳିଙ୍ଗର କେନ୍ଦ୍ର ଦନ୍ତପୁର, ଯେଉଁଠାରେ ଗୌତମ ବୁଦ୍ଧଙ୍କର ପବିତ୍ର ଦନ୍ତ ପୂଜିତ ହେଉଥିଲା, ତାହା ନୀଳାଚଳଧାମ ବ୍ୟତୀତ ଅନ୍ୟ କେଉଁ ସ୍ଥାନ



Digitized by PPRACHIN, SOA

ହୋଇ ନ ପାରେ ବୋଲି ପଣ୍ଡିତ ନୀଳକଂଠ ଯେଉଁ ସବୁ ଯୁକ୍ତି ଓ କାରଣ ଦର୍ଶାଇଥିଲେ, ତାହା ଆନ୍ଧ୍ର ପଣ୍ଡିତମାନଙ୍କୁ ଏକାବେଳକେ ବିସ୍ମିତ ଓ ନିରୁତ୍ତର କରି ଦେଇଥିଲା ।” (୨୪୦) ସେଦିନ ସଭାରେ ଶଶିଭୂଷଣ ରଥଙ୍କ ସମେତ ଜୟପୁର ମହାରଜା, ପାରଳାଖେମୁଣ୍ଡିର ମହାରଜା, ଜଗବନ୍ଧୁ ସିଂହ ... ... ପ୍ରମୁଖ ବୟୋଜ୍ୟେଷ୍ଠମାନେ ନୀଳକଂଠଙ୍କ ପାଣ୍ଡିତ୍ୟ, ପ୍ରଗଲ୍‌ଭତା, ବାଗ୍ମିତା ଓ ଯୁକ୍ତିର ସାରବତ୍ତାରେ ମୁଗ୍‌ଧ ହୋଇ ନୀଳକଂଠଙ୍କୁ ଆଲିଙ୍ଗନ କଲେ । ଆମେ ଯୁବକମାନେ ନୀଳକଂଠଙ୍କ ପାଦତଳେ ପ୍ରଣାମ କରି ତାଙ୍କର ଜୟଗାନ କଲୁ । ପରେ ପଣ୍ଡିତ ଗୋପବନ୍ଧୁ ଗୋଟାଏ ଦୀର୍ଘ ଲେଖାରେ ନୀଳକଂଠଙ୍କ ଏହି କୃତିତ୍ୱର ଭୂୟସୀ ପ୍ରଶଂସା କରିଥିଲେ । (୨୪୧)

“ଅଗାଧ ସଂସ୍କୃତ ଶାସ୍ତ୍ର ସମେତ ଗବେଷଣା ମୂଳକ ଇଂରଜୀ ଗ୍ରନ୍ଥମାନ ପାଠକରି ତାଙ୍କ ଚିନ୍ତା ଓ ଗବେଷଣା ପ୍ରବୃତ୍ତି ଏତେଦୂର ମାର୍ଜିତ ହୋଇଥିଲା ଯେ, ସେ ଯେ କୌଣସି ଜଟିଳ ବିଷୟରେ ଆଲୋଚନା ବେଳେ ଅନର୍ଗଳ ବାଗ୍ମିତା ପ୍ରକାଶ କରି ପାରୁଥିଲେ । ଏପରିକି ଗବେଷଣାମୂଳକ ପ୍ରବନ୍ଧ ପର୍ଯ୍ୟନ୍ତ ମୁହେଁ ମୁହେଁ ଡାକିଦେବା ଶକ୍ତି ତାଙ୍କଠାରେ ଥିଲା । ସେଥିର ନିଦର୍ଶନ ସ୍ୱରୂପ ୧୯୪୮ ମସିହାରେ ବଲାଙ୍ଗିର ଠାରେ ଅନୁଷ୍ଠିତ ଏକ ଆଲୋଚନାମୂଳକ ପଣ୍ଡିତ ସମ୍ମେଳନୀର ଘଟଣା ଏଠାରେ ପ୍ରକାଶ କଲେ ଅସଙ୍ଗତ ହେବନାହିଁ । ... ... । ସେଥିରେ ପୁନା ସେଣ୍ଟ-ଜାଭିୟରସ୍ କଲେଜର ପ୍ରାଚ୍ୟ ବିଦ୍ୟା ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଏବଂ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ରେଭେରେଣ୍ଡ ହରେସ୍‌ଙ୍କୁ ସଭାପତିରୂପେ ବରଣ କରଯାଇଥିଲା । ... ... । ପଣ୍ଡିତ ନୀଳକଂଠଙ୍କୁ ସେହି ସଭାରେ ପ୍ରଧାନ ବକ୍ତାରୂପେ ‘ବୈଦିକ ଆର୍ଯ୍ୟ ସଂସ୍କୃତି’ ଶୀର୍ଷକ ଗୋଟିଏ ଭାଷଣ ଇଂରଜୀରେ ଦେବାକୁ ଅନୁରୋଧ କରାଗଲା । ସେ ମଧ୍ୟ ତାହା ଆନନ୍ଦରେ ଗ୍ରହଣ କଲେ ଓ ସଙ୍ଗେ ସଙ୍ଗେ ପ୍ରବନ୍ଧଟି ଡାକି ଦେଇଥିଲେ । କାରଣ ତାଙ୍କ ଭାଷଣ ପୂର୍ବ ପରିକଳ୍ପିତ ନ ଥିଲା । ସେ ଏପରି ସୁନ୍ଦର ଓ ପ୍ରାଞ୍ଜଳ ଭାବେ ଋଗ୍‌ବେଦ ଓ ଯଜୁର୍ବେଦର କେତେକ ମନ୍ତ୍ର ଉଦ୍ଧାର କରି ପରବର୍ତ୍ତୀ ଯୁଗର ସଂହିତା ଓ ସାଂଖ୍ୟ ଦର୍ଶନାଦିର କ୍ରମ ବିକାଶ ଓ ସେଥିର ଐତିହାସିକ ପରମ୍ପରା ବୁଝାଇଥିଲେ, ଯାହାକି ସଭାପତି ଭାଷଣରେ ହୋରେସ୍‌ଙ୍କୁ ମୁଗ୍‌ଧ କରି ଦେଇଥିଲା ଓ ହାରେସ୍ ସାହେବ ତାଙ୍କ ସଭାପତି ଭାଷଣରେ ପଣ୍ଡିତ ନୀଳକଂଠଙ୍କର ଉଚ୍ଚ ପ୍ରଶଂସା କରିଥିଲେ ।” (୨୪୨)



Digitized by PPRACHIN, SOA

ଏହି ପ୍ରସ୍ତୁତି ନିରପେକ୍ଷ ବାଗ୍ମିତା ଯୋଗୁଁ ପଣ୍ଡିତ ନୀଳକଂଠ ବହୁଥର ଓଡ଼ିଶା ମାଟିର ଇଜ୍ଜତ୍ ବଞ୍ଚାଇବାକୁ ସମର୍ଥ ହୋଇଛନ୍ତି । ଖ୍ରୀ. ୧୯୩୫ରେ "ଉତ୍କଳ ସାହିତ୍ୟ ସମାଜ" ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜିତ ଏକ ସାଧାରଣ ସଭାରେ ବିଶ୍ୱପ୍ରସିଦ୍ଧ "ମଡର୍ଣ୍ଣ ରିଭ୍ୟୁ" ପତ୍ରିକାର ସମ୍ପାଦକ, ଭାରତ ବିଖ୍ୟାତ ବାଗ୍ମୀ, ମହାଦାର୍ଶନିକ ପଣ୍ଡିତ ରାମାନନ୍ଦ ଚାଟର୍ଜୀ ବିଶିଷ୍ଟ ଅତିଥି ଭାବରେ "ପ୍ରଗତି ପଥେ ବିଶ୍ୱ" ବିଷୟବସ୍ତୁ ଉପରେ ଭାଷଣ ଦେବାପାଇଁ ସ୍ୱୀକୃତି ଦେଇଥିଲେ । ଏଭଳି ଏକ ସଭାରେ ସଭାପତି କିଏ ହେବେ ବୋଲି ଉଦ୍ୟୋକ୍ତାମାନଙ୍କ ମଧ୍ୟରେ ଭାଳେଣି ପଡ଼ିଲା । ସଙ୍ଗେ ସଙ୍ଗେ ଟେଲିଗ୍ରାମ କରାଗଲା ପଣ୍ଡିତଜୀଙ୍କ ପାଖକୁ । ସଭା ଆରମ୍ଭ ହେବାର ୫।୭ ମିନିଟ୍ ପୂର୍ବରୁ ତାଙ୍କୁ ସଭାଗୃହରେ ଦେଖି ଲୋକେ ଆଶ୍ୱସ୍ତ ହେଲେ । ମନ୍ତ୍ରମୁଗ୍ଧ ଶ୍ରୋତୃମଣ୍ଡଳୀ ବୁଝିଥିଲେ ଯେ ଚାଟର୍ଜୀଙ୍କ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣରେ କିଛି ହେଲେ ଯୁକ୍ତିଯୁକ୍ତ ତ୍ରୁଟି ନାହିଁ । ମାତ୍ର ସଭାପତି ନୀଳକଂଠଙ୍କ ଗୁରୁଗମ୍ଭୀର ମନ୍ତବ୍ୟ ଓ ଚାଟର୍ଜୀଙ୍କ ଭାଷଣରେ ରହିଥିବା ତ୍ରୁଟି ପ୍ରତି ଯୁକ୍ତିଯୁକ୍ତ ପାଣ୍ଡିତ୍ୟପୂର୍ଣ୍ଣ ସମାଲୋଚନା ଶୁଣି ନିଜେ ଚାଟର୍ଜୀ ଓ ସଭାସ୍ଥ ଲୋକେ ତଟସ୍ଥ ହୋଇଗଲେ । ଗୁଣଗ୍ରାହୀ ଚାଟର୍ଜୀ ମହାଶୟ ପୂର୍ବରୁ ଚିହ୍ନାପରିଚୟ ନ ଥାଇ ମଧ୍ୟ ପଣ୍ଡିତଜୀଙ୍କୁ "ମଡ଼ର୍ଣ୍ଣ ରିଭ୍ୟୁ"ରେ ଗବେଷଣାମୂଳକ ପ୍ରବନ୍ଧ ଲେଖିବାକୁ ସେଇ ସଭାରେ ଅନୁରୋଧ କଲେ । ଓଡ଼ିଶାରୁ ପଣ୍ଡିତ ନୀଳକଂଠ ଓ ପଣ୍ଡିତ ବିନାୟକ ମିଶ୍ରଙ୍କ ଛଡ଼ା ଅନ୍ୟ କେହି ଏଇ ପତ୍ରିକାରେ ଲେଖିଥିବା, ଜଣାନାହିଁ । ଏଇ ପତ୍ରିକାକୁ ଜଣେ ଏମ୍.ଏ. ଉପାଧିଧାରୀ ଯୁବକ ଯେଉଁ ପ୍ରବନ୍ଧ ଲେଖି ପଠାଇଥିଲେ, ସେଥିରୁ କେବଳ ଗୋଟିଏ ଧାଡ଼ି ପ୍ରକାଶ ପାଇଥିଲା । (୨୪୩) ମାତ୍ର, ଯେଉଁ ନୀଳକଂଠ ଛାତ୍ରାବସ୍ଥାରେ ଲିଖିତ ପ୍ରଥମ ପ୍ରବନ୍ଧ ଲାଗି ସମଗ୍ର ଓଡ଼ିଶାରୁ ଅଭିନନ୍ଦନ ପାଇଥିଲେ, (୧୪୪) ଜେଲ୍ ଭିତରେ ପ୍ରବନ୍ଧ ଲେଖି ସମଗ୍ର ଭାରତର ଦୃଷ୍ଟି ଆକର୍ଷଣ କରିଥିଲେ, (୨୪୫) ତାଙ୍କ ପକ୍ଷରେ ଏହା କିଛି ବଡ଼ କଥା ନୁହଁ ।

କେବଳ ସଭା ସମିତିରେ ନୁହେଁ, ଘରୋଇ କଥାବାର୍ତ୍ତା ବେଳେ ମଧ୍ୟ ନୀଳକଂଠଙ୍କର ଏହି ପାଣ୍ଡିତ୍ୟ ଓ ବାଗ୍ମିତା ଫୁଟି ଉଠୁଥିଲା । ଶ୍ରୀଯୁକ୍ତ ରାଜ-କିଶୋର ରାୟଙ୍କ ଭାଷାରେ, "ପଣ୍ଡିତ ନୀଳକଂଠ ଦାସଙ୍କ କ୍ୱାଟର୍ସକୁ ଯାଇ



Digitized by PPRACHIN, SOA

ତାଙ୍କ ପାଖରେ ବସିଗଲା ମାତ୍ରେ ସେ ଘଣ୍ଟା ଘଣ୍ଟା ଧରି ସାହିତ୍ୟ ଓ ସଂସ୍କୃତି ବିଷୟ ଚର୍ଚ୍ଚା କରନ୍ତି । କେତେ ଅଜଣା ଅଶୁଣା କଥା କହନ୍ତି । ପୃଥିବୀର ବର୍ତ୍ତମାନ ନିଷ୍ପିଷ୍ଟ ସଭ୍ୟତା ବିଷୟରେ ସେ ଯେତେବେଳେ ଆଲୋଚନା କରୁଥାନ୍ତି, ତାଙ୍କ ଆଖି ଉଜ୍ଜ୍ୱଳ ହୋଇ ଯାଉଥାଏ ।" (୨୪୬) ଏ ସମ୍ପର୍କରେ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ମିଶ୍ର କହନ୍ତି, "ଡକ୍ଟର ପରିଜା ଯେତେବେଳେ ଓଡ଼ିଶା ବ୍ୟବସ୍ଥା ସଭର ସଭ୍ୟ-ଥିଲେ, ସେତେବେଳେ ଦିନେ ସେ ଡକ୍ଟର ଗୋଲଓ୍ୟଲ କରଙ୍କର ସମ୍ବର୍ଦ୍ଧନା ଲାଗି ଏକ ଗୃହ ପାର୍ଟିର ଆୟୋଜନ କରିଥିଲେ । ଏଥିରେ ବହୁ ଅଧ୍ୟାପକ, ଆଇନଜୀବୀ ଓ ଅନ୍ୟାନ୍ୟ ବିଶିଷ୍ଟ ଲୋକେ ଉପସ୍ଥିତ ଥିଲେ । ପଣ୍ଡିତ ନୀଳକଂଠ କଥା ପ୍ରସଙ୍ଗରେ ସେଠାରେ ବୈୟାକରଣ ବୋପଦେବଙ୍କ କଥା ବର୍ଣ୍ଣନା କଲେ ଏବଂ ହଠାତ୍ ଇତିହାସ ବିଭଗର ଅଧ୍ୟାପକଙ୍କୁ ପଗ୍ଚରି ବସିଲେ, 'ହଇହେ, ବୋପଦେବ କେଉଁ ସମୟର ଲୋକ, ଜାଣିଛ ?' ଇତିହାସ ଅଧ୍ୟାପକ ତ ହତବାକ୍ । ସେହି ସମଗ୍ର ସମାବେଶରେ ଏପରି କେହି ଲୋକ ନ ଥିଲେ ଯେ କି ଏହାର ଉତ୍ତର ଦେବାଲାଗି ସାହସ କରିଥିଲେ । ସେଥିରେ ହିଁ ପ୍ରକାଶ ପାଇଥିଲା ପଣ୍ଡିତ ନୀଳକଂଠଙ୍କ କୃତିତ୍ୱ । ଆଉଥରେ ଓଡ଼ିଶାର ପୂର୍ବତନ ଡ଼ି. ପି. ଆଇ. ସ୍ୱର୍ଗୀୟ ଶ୍ୟାମଚନ୍ଦ୍ର ତ୍ରିପାଠୀଙ୍କ ଘରେ ଲେଖକ ପଣ୍ଡିତ ନୀଳକଂଠଙ୍କ ପାଣ୍ଡିତ୍ୟର ପ୍ରକାଶ ଦେଖିଥିଲା । ... ... ... ...କାଳିନ୍ଦୀ ବାବୁଙ୍କୁ ଦେଖି ପଣ୍ଡିତ ମହାଶୟ ସାହିତ୍ୟ ଚର୍ଚ୍ଚା ଆରମ୍ଭ କରିଦେଲେ ଏବଂ 'ବୈଦେହୀଶ ବିଳାସ'ର କେତେଗୁଡ଼ିଏ ପଙ୍କ୍ତି ଆବୃତ୍ତି କରି ତାହାର ଅର୍ଥ ବୁଝାଇବାକୁ ଲାଗିଲେ । ତାଙ୍କର ସେହି ଅର୍ଥ ବିଶ୍ଳେଷଣରେ ପ୍ରାଚ୍ୟ ଓ ପାଶ୍ଚାତ୍ତ୍ୟ ଶିକ୍ଷାର ଯେଉଁ ଅପୂର୍ବ ସମନ୍ୱୟ ଲେଖକ ଲକ୍ଷ୍ୟକଲା, ତାହା ଓଡ଼ିଶାରେ ବାସ୍ତବିକ ଅସାଧାରଣ ।" (୨୪୭) ଏହାହିଁ ଯଥାର୍ଥରେ ପଣ୍ଡିତ ନୀଳକଂଠଙ୍କ ପାଣ୍ଡିତ୍ୟର ଅସଲ ପରିଚୟ ।

ପୁଣି ବାଗ୍ମିତା ସହ ଆଶୁ ପାଣ୍ଡିତ୍ୟ ଓ ପ୍ରତ୍ୟୁତ୍ପନ୍ନମତିତାର ମହାସମନ୍ୱୟ ଘଟି ଏହା ହୋଇଉଠିଛି ଆହୁରି ବୈଚିତ୍ର୍ୟମୟ । ପଣ୍ଡିତଜୀଙ୍କ ଆଶୁପାଣ୍ଡିତ୍ୟ ସମ୍ବନ୍ଧରେ ବହୁକଥା ଶୁଣାଯାଏ । ଏଠାରେ କେବଳ ଗୋଟିଏ ଦୁଇଟି ଘଟଣାର ଉଲ୍ଲେଖ କରଯାଉଛି । "ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ବେଳେ ସ୍ତମ୍ଭର ସମ୍ମୁଖ ଭଗରେ ଗୋଟିଏ ସଂସ୍କୃତ ଶ୍ଳୋକ ରହିବା ବିଗ୍ଚର କରଗଲା । ସମିତିର ସଭପତି ଥିଲେ ପଣ୍ଡିତ ନୀଳକଂଠ । ପୁରୀ



Digitized by PPRACHIN, SOA

ସଂସ୍କୃତ କଲେଜର କେତେକ ବିଶିଷ୍ଟ ପଣ୍ଡିତଙ୍କ ଲିଖିତ ଚାରିଗୋଟି ଶ୍ଳୋକ ଅଣାଗଲା । ସେ ସମସ୍ତ ପଢ଼ି ସଭାପତି ନାପସନ୍ଦ କଲେ ଏବଂ ସଙ୍ଗେ ସଙ୍ଗେ ଅର୍ଦ୍ଧଶାୟିତ ଅବସ୍ଥାରେ ଡାକିଦେଲେ—

'ବିସ୍ତୀର୍ଣ୍ଣ ଯସ୍ୟ କୀର୍ତ୍ତି ର୍ନବନବ ଘଟନେ 'ସତ୍ୟବାଦୀ-ବିହାରେ'
ସାର୍ଥାଖ୍ୟେ ପତ୍ରିପତ୍ରେ ବିପୁଳ ବହୁମତେ 'ସତ୍ୟବାଦୀ', 'ସମାଜେ'
ଦୁର୍ଭିକ୍ଷେ ରଜନୀତୌ ସହଜ ବିକଶିତୋ ଯସ୍ୟ ଦେଶାତ୍ମବୋଧଃ
ସୋଽୟଂ ଶ୍ରୀ ଗୋପବନ୍ଧୁର୍ଜନ-ହୃଦୟନିଧି ମୂର୍ତ୍ତି ରୂପେ ବିଭତି ।'

'ବିପୁଳ ବହୁମତେ'—ଏହା ଦୋଷଦୁଷ୍ଟ ହେବ ନାହିଁ କି— ସଙ୍କୋଚର ସହିତ ପ୍ରଶ୍ନ ହେବାରୁ ଉତ୍ତର ମିଳିଲା 'କାହିଁକି' ? ମୁହୂର୍ତ୍ତେ ମାତ୍ର ମୌନ ରହି ଅସଂଖ୍ୟ ବହି ରହିଥିବା ର୍ୟାକର ସବା ଉପର ଥାକକୁ ଅଙ୍ଗୁଳି ନିର୍ଦ୍ଦେଶରେ ବରଦ ଦେଲେ, "ସେ ବହି ଖଣ୍ଡକ ଆଣ ।" ବହି ଉପରେ ଯେତେ ଧୂଳି ଓ ଅଳନ୍ଧୁ ଜମା ହୋଇଥିଲା, ସେଥିରୁ ବହିଟି ଯେ ବହୁକାଳ ହେଲା ବ୍ୟବହୃତ ହୋଇନାହିଁ, ତାହା ଜଣା ପଡ଼ୁଥିଲା । ତପରେ ଆଦେଶ ହେଲା, "ଅମୁକ ପୃଷ୍ଠାର ଏତେ ନମ୍ବର ସୂତ୍ରଟି ପଢ଼ ।" କେଉଁ କେଉଁ କ୍ଷେତ୍ରରେ ପୁନରୁକ୍ତି ଦୋଷ ଲଗିବ ନାହିଁ, ସେଇକଥା ସେଥିରେ ପ୍ରାଞ୍ଜଳ ଭାବରେ କୁହାଯାଇଛି ।" (୨୪୮) ଏହିଭଳି ଅସାଧାରଣ ମନୀଷା, ସ୍ମୃତିଶକ୍ତି ଓ ଆଶୁପାଣ୍ଡିତ୍ୟର ଅଧିକାରୀ ନୀଳକଂଠ ଶାସନୀ ପଣ୍ଡିତମାନଙ୍କ ଦ୍ୱାରା ବହୁଳ ଆଦୃତ' ମନୁ ସ୍ମୃତିରୁ ଶ୍ଳୋକ ସବୁକୁ କାଟି ଉଡ଼ାଇଦେବା, "ଉପସ୍ଥ" ଶବ୍ଦକୁ ଯୁକ୍ତିର ଯାଦୁରେ "ଉପରି ସ୍ଥୀୟତେ ଇତି ଉପସ୍ଥ" ରୂପେ ତର୍ଜମା କରି ଏହା ଯେ ନିଶକୁ ବୁଝାଏ ବୋଲି ପ୍ରମାଣ କରିବା, ଆଦୌ ବିଚିତ୍ର ନୁହେ । (୨୪୯)

ପଣ୍ଡିତଜୀଙ୍କ ପ୍ରତ୍ୟୁତ୍ପନ୍ନମତିତା ଜୀବନରେ ବହୁବାର ପ୍ରମାଣିତ ହୋଇଛି । ଏହା ବିନା କେବଳ ପାଣ୍ଡିତ୍ୟ କେବେ ପୂର୍ଣ୍ଣ ସଫଳତା ଲାଭ କରି ନ ପାରେ । ଏଣୁ ଏଭଳି କେତୋଟି ଘଟଣାର ଉଲ୍ଲେଖ ଏଠାରେ ନିତାନ୍ତ ଆବଶ୍ୟକ ।

୧୯୩୭ ମସିହାର କଥା । ଦିନେ ଚନ୍ଦନପୁର ବଜାରକୁ ପଣ୍ଡିତ ନୀଳକଂଠ ନିର୍ବାଚନ ସଭା ଡକାଇଥାନ୍ତି । ସେ ସଭାସ୍ଥଳରେ ପହଞ୍ଚି କଂଗ୍ରେସ ପକ୍ଷରେ ଭୋଟ ଦେବାକୁ ବୁଝାଇ ଦେଲେ । କାହାର କ'ଣ ପଚାରିବାର



Digitized by PPRACHIN, SOA

ଥିଲେ ପସ୍ତରନ୍ତୁ ବୋଲି ଶୁଣାଇ ଦେଲେ । ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ମହାପାତ୍ର ସଭରେ ଛିଡ଼ା ହୋଇ ଦୁଇଟି ପ୍ରଶ୍ନ କଲେ । (କ) "ଯାହାଙ୍କୁ ଭୋଟ ଦେବା ସେ ଯଦି ଆମର ହିତ ନକଲେ, ତେବେ କ'ଣ କରାଯିବ ?" (ଖ) "କଂଗ୍ରେସ ବିରୋଧୀ ଲୋକେ ଭୋଟରମାନଙ୍କୁ ନାନା ପ୍ରଲୋଭନ ଦେଖାଉଛନ୍ତି । ଆମେ ସେମାନଙ୍କଠାରୁ ପଇସାପତ୍ର ନେଇ କଂଗ୍ରେସକୁ ଭୋଟ ଦେଲେ କ୍ଷତି କ'ଣ ?" ପଣ୍ଡିତେ ଉତ୍ତର ଦେଲେ, "ଏ ଭୋଟ ମାତ୍ର ପାଞ୍ଚବର୍ଷ ପାଇଁ ଦିଆଯାଉଚି । ଏବେ ଆମେ ଭଲ ଦେଶପ୍ରାଣ ଲୋକ ଏଥିପାଇଁ ବାଛିଚୁ । ପାଞ୍ଚବର୍ଷ ଶେଷରେ କିଏ ଭଲ କିଏ ଭେଲ, ତା' ବେଶ୍ ବାରି ହୋଇଯିବ । ଆର ଥରକୁ ସେମାନଙ୍କୁ ବା ଅନ୍ୟକାହାକୁ ଭୋଟ ଦେବା ନ ଦେବା କଥା ବିଚାରକୁ ଆସିବ । ନଡ଼ିଆକୁ ନଡ଼ିଆ–ପରୀକ୍ଷାଳୀ ଯେପରି ବଜାଏ, ଭଲକୁ ନଡ଼ିଆ ଗଦାକୁ ପକାଇ, ମାଗକୁ ବାହାରକୁ ଫୋପାଡ଼ି ଦିଏ, ଆମକୁ ଆସନ୍ତା ନିର୍ବାଚନ ବେଳେ ଠିକ୍ ଏହି ପନ୍ଥା ଗ୍ରହଣ କରିବାକୁ ହେବ । ପାଞ୍ଚଟା ବର୍ଷ ଜାତିର ଜୀବନରେ କେତେକାଳ ?" ଦ୍ୱିତୀୟ ପ୍ରଶ୍ନର ଉତ୍ତରରେ କହିଲେ, "ଆମକୁ ଶୋଷ ହେଲେ ଆମକୁ କେହି ନଳାପାଣି ଯାଚିଲେ ଆମେ କ'ଣ ସେ ନଳାପାଣି ପିଉଥାଇଁ ? ଆମର ନିର୍ମଳ ପାଣି ସିନା ଲୋଡ଼ା । ଠିକ୍ ସେହିଭଳି ଆମେ ଅନ୍ୟାୟ ଭାବରେ ଯଚ୍ଚ ହେଉଥିବା ଧନକୁ ନଳାପାଣି ବୋଲି ବିଚାରିବା ଉଚିତ ।" ସଭାଲୋକେ "ଠିକ୍ ଠିକ୍" କହି ତାଳି ମାରିଥିଲେ । (୨୫୦)

ସୁଭାଷଚନ୍ଦ୍ର ଜାତୀୟ କଂଗ୍ରେସ ଛାଡ଼ିବା ବେଳେ ତାଙ୍କୁ ଓଡ଼ିଶାରେ ପୁଣି ଥରେ ପରିଚୟ କରାଇବାର ଦାୟିତ୍ୱ ନେଇଥିଲେ ପଣ୍ଡିତଜୀ । ଲୋକଙ୍କ ପ୍ରଶ୍ନ, "ଆପଣତ ଏଯାଏଁ କଂଗ୍ରେସ ସପକ୍ଷରେ କହୁଥିଲେ, ଏବେ କାହିଁକି ବିରୋଧରେ କହୁଛନ୍ତି ?" ନୀଳକଂଠଙ୍କ ବୟାନ ଅନନ୍ୟ ସାଧାରଣ । କେଉଁଠି ପୁରାଣୋକ୍ତ ବିଷ୍ଣୁମାୟା ଅଭିଭୂତ ନାରଦଙ୍କ ସଙ୍ଗେ କଂଗ୍ରେସକୁ ତୁଳନା କରି ସୁଭାଷଙ୍କୁ କଂଗ୍ରେସର ଚୈତନ୍ୟ ରୂପେ ଅଭିହିତ କଲେ ତ (୨୫୧) ଅନ୍ୟ କେଉଁଠି ଋଷି-ବିଶ୍ୱାମିତ୍ର-ମେନକା-ଅପ୍ସରୀ ଉପାଖ୍ୟାନ ଉପସ୍ଥାପନ କରି କହିଲେ, "ଏହାହିଁ ହେଉଛି ବର୍ତ୍ତମାନ କଂଗ୍ରେସବାଲାଙ୍କ ଅବସ୍ଥା । ପ୍ରାଦେଶିକ ବିଧାନ ସଭାକୁ ଦିଆ ଯାଇଥିବା ସାମାନ୍ୟ କ୍ଷମତାର ମୋହରେ ସେମାନେ ପାଗଳ ହୋଇ ଯାଇଛନ୍ତି, ଭୁଲିଯାଇଛନ୍ତି ଯେ ସ୍ୱାଧୀନତା ଲାଭ ହିଁ ଆମର ଅସଲ ଉଦ୍ଦେଶ୍ୟ ଓ ଏଥିପାଇଁ ଆମକୁ ବହୁପଥ



Digitized by PPRACHIN, SOA

ଅତିକ୍ରମ କରିବାକୁ ହେବ । ସୁଭାଷବାବୁ ସେମାନଙ୍କୁ ଠିକ୍ ବାଟ ବତାଇବା ପାଇଁ, ସେମାନଙ୍କର କର୍ତ୍ତବ୍ୟ ସ୍ମରଣ କରାଇ ଦେବା ପାଇଁ ହିଁ କଂଗ୍ରେସରୁ ବାହାରି ଆସିଛନ୍ତି ।" (୨୫୨) ପଣ୍ଡିତଜୀଙ୍କ ଏହି ଉକ୍ତିର ଗୂଢ଼ାର୍ଥ ଓ ପ୍ରତ୍ୟୁତ୍ପନ୍ନ-ମତିତାରେ ମୁଗ୍ଧ ହୋଇ ସେଦିନ ନେତାଜୀ ତାଙ୍କୁ "ଉତ୍କଳଗୁରୁ" ରୂପେ ସମ୍ବୋଧନ କରିଥିଲେ । ନୀଳକଂଠ ଯୁଦ୍ଧବିରୋଧୀ କଲେଜ ଛାତ୍ରଙ୍କୁ ସାମାନ୍ୟ ମାଛଖିଆ କଥା କହି ଯୁଦ୍ଧ ସପକ୍ଷବାଦୀ କରାଇ ପାରିବା, (୨୫୩) କଂଗ୍ରେସକୁ ବାନର ଦଳ ଏବଂ ନିଜକୁ ମହାବଳ ତୁଲେ ତୁଳନା କରି ଭୋଟରେ ଜିତିଯିବା (୨୫୪) ନିହାତି ସାଧାରଣ ନୁହେଁ କି ? ବିରୋଧୀ ପକ୍ଷର ଯୁକ୍ତି ନିଜ ସପକ୍ଷରେ ଯାଉଛି ବୋଲି ପ୍ରମାଣିତ କରିବା ପାଇଁ ନିହାତି ମାମୁଲି କଥା ଥିଲା । (୨୫୫) ଯୁକ୍ତି ଉପସ୍ଥାପନ କ୍ଷେତ୍ରରେ ସେ ଥିଲେ ଜଣେ ଯାଦୁକର । (୨୫୬)

ନୀଳକଂଠଙ୍କଠାରେ ଥିଲା ପ୍ରଖର ବୌଦ୍ଧିକତା । ସେଇ ବୌଦ୍ଧିକତାର ନିକଷରେ ସେ ଶାଣିତ କରିଥିଲେ ତାଙ୍କର ଶିକ୍ଷା, ଶୃଙ୍ଖଳା, ସାହିତ୍ୟ, ଦର୍ଶନ ଏବଂ ସମାଜ ସଂସ୍କାର । (୨୫୭) ସେ ଥିଲେ ଜଣେ ବିଦ୍ୱାନ୍, ଲୋକଶିକ୍ଷକ, ଯାହାଙ୍କର ଅଧ୍ୟୟନ ଓ ବିଗ୍ରହଧାରର ସ୍ୱାଧୀନତା ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ଅତୁଟ ରହିଥିଲା । (୨୫୮) ତାଙ୍କର "ବିଦ୍ୱତ୍ତା ସମ୍ବନ୍ଧରେ କହିବା ନିଷ୍ପ୍ରୟୋଜନ" । (୨୫୯) ନୀଳକଂଠଙ୍କ ପାଣ୍ଡିତ୍ୟ ଓ ଯୁକ୍ତିରେ ତତ୍କାଳୀନ ଘରୋଇ ବିଭାଗ ମନ୍ତ୍ରୀ ସାର୍ ଆଲେକ୍‌ଜାଣ୍ଡାର ମୁଡିମ୍ୟାନ ଏପରି ମୁଗ୍ଧ ହୋଇଥିଲେ ଯେ ତାଙ୍କର ଓଡ଼ିଆ ଭାଷାଭାଷୀ ଲୋକଙ୍କ ପ୍ରତି ସହାନୁଭୂତି ଆସିଥିଲା । (୨୬୦) ଗୋଟିଏ ବାକ୍ୟରେ କହିଲେ, "ନୀଳକଂଠଙ୍କର କାବ୍ୟ କବିତା କହନ୍ତୁ, ତାଙ୍କର ସମାଲୋଚନା ମୂଳକ ଗ୍ରନ୍ଥ କହନ୍ତୁ, ଏପରିକି ଅଭିଭାଷଣ, ଭାଷଣ, ଯାହା ଯେଉଁଠି ସେ ଲିପିବଦ୍ଧ କରିଯାଇଛନ୍ତି ବା କହିଯାଇଛନ୍ତି, ସର୍ବତ୍ର ତାଙ୍କର ବିଦ୍ୱତ୍ତା ଓ ଜ୍ଞାନର ଗଭୀରତା ପରିସ୍ଫୁଟ ହୋଇ ପଡ଼ିଚି ।" (୨୬୧) "ପ୍ରଜାତନ୍ତ୍ର" ସମ୍ପାଦକଙ୍କ ଭାଷାରେ କହିଲେ, "ପଣ୍ଡିତ ନୀଳକଂଠ ହେଉଛନ୍ତି ସେଇ ଯାହାଙ୍କ ପାଣ୍ଡିତ୍ୟର ପଟାନ୍ତର ନାହିଁ ।" (୨୬୨), "ସେ ଯେ କେଡ଼େ ବିଜ୍ଞ ପଣ୍ଡିତ ଥିଲେ, ତାହା ଭାବି ବିସ୍ମିତ ହେବାକୁ ପଡ଼େ ।" (୨୬୩) ତାଙ୍କର ତୁଳନା ଓଡ଼ିଶାରେ କାହିଁ ? ତାଙ୍କର ଦେହାବସାନ ସହିତ "ଓଡ଼ିଆ ଭୂମିରୁ ପାଣ୍ଡିତ୍ୟ ମଧ୍ୟ ଚାଲିଗଲା ।" (୨୬୪) "ନିଜର ଅହଂଭାବ ଓ ଈର୍ଷା ତ୍ୟାଗକରି ଶାନ୍ତ ଚିତ୍ତରେ ତାଙ୍କ



Digitized by PPRACHIN, SOA

ଗ୍ରନ୍ଥଗୁଡ଼ିକ ପାଠକଲେ ନିଜକୁ ବଡ଼ବୋଲି ମନେ କରୁଥିବା ବିଜ୍ଞମାନେ କେତେ ଛୋଟ ତା ନିଜେ ନିଜେ ଜାଣି ପାରିବେ ।" (୨୬୫)

ପଣ୍ଡିତ ଗୋଦାବରୀଶ କହନ୍ତି, "ନୀଳକଂଠ ବାବୁ ଅନେକ ବର୍ଷ ପରେ ସମାଜରେ 'ପଣ୍ଡିତ' ଆଖ୍ୟା ପାଇଲେ । କିନ୍ତୁ ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କ ପାଣ୍ଡିତ୍ୟ ପିଲାଦିନୁ ବିକାଶ ଲାଭ କରିଥିଲା । ... ... ... ମୁଁ କାଳକ୍ରମେ 'ପଣ୍ଡିତ ଗୋଦାବରୀଶ' ନାମରେ ପରିଚିତ ହେଲି । ... ... ମୋର ବହୁକାଳର ସଙ୍ଗୀ ପଣ୍ଡିତ ନୀଳକଂଠଙ୍କ ପାଣ୍ଡିତ୍ୟ ଦେଖି ମୁଁ ଯେ କେତେଥର ମୁହଁ-ଫିକା ପକାଇଛି, ତାର କଳନା ନାହିଁ ।" (୨୬୬) ପୁଣି ତାଙ୍କ ମତରେ, ସମଗ୍ର ଓଡ଼ିଶାରେ ପଣ୍ଡିତ ନୀଳକଂଠ ହିଁ ଏକମାତ୍ର ପଣ୍ଡିତ । (୨୬୭) ଭୂଦାନ ନେତା ଆଗ୍ରର୍ଯ୍ୟ ବିନୋବା ଭାବେ ପଣ୍ଡିତଜୀଙ୍କ ସହିତ ଦୀର୍ଘ ଏକଘଣ୍ଟା କାଳ ଆଲୋଚନା ପରେ ତାଙ୍କୁ ବିଦାୟ ଦେବା ଅବସରରେ ପୁରୀ ଜିଲ୍ଲାର ପିପିଲି ନିକଟସ୍ଥ ସନ୍ତଲେଇ ଗ୍ରାମଠାରେ ଆଶ୍ରମବାସୀଙ୍କୁ କହି ପକାଇଥିଲେ, "Oh, what a great Pandit ! I have toured the whole of India, but have not yet come across a Pandit like Pandit Nilakantha Das." (୨୬୮)

ଏହାହିଁ ନୀଳକଂଠଙ୍କ ପାଣ୍ଡିତ୍ୟ ଓ ବ୍ୟକ୍ତିତ୍ୱର ଯଥାର୍ଥ ମୂଲ୍ୟାୟନ । କେବଳ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିବିଶେଷ ଯେ ଏପରି କହନ୍ତି, ତାହାନୁହେଁ । ଅତ୍ୟାଧୁନିକ ଲେଖକ ଶ୍ରୀଯୁକ୍ତ ମନୋରଞ୍ଜନ ଦାସଙ୍କ ମତରେ "ସତ୍ୟବାଦୀ ବିଦ୍ୟାଳୟର ପଣ୍ଡିତ ନୀଳକଂଠ ଦାସ ଜଣେ ବିଖ୍ୟାତ ପଣ୍ଡିତ, ବିରାଟ ସାହିତ୍ୟିକ, ପ୍ରସିଦ୍ଧ କବି ଏବଂ ପ୍ରାବନ୍ଧିକ ଅଟନ୍ତି ।" ଏଭଳି ଶ୍ଳାଘନୀୟ ମନ୍ତବ୍ୟ ଦେବା ପଣ୍ଡିତଜୀଙ୍କ ପ୍ରତିଭା, ପାଣ୍ଡିତ୍ୟ ଓ ସାଧନା ଉପରେ ଯଥେଷ୍ଟ ଆଲୋକପାତ କରେ । (୨୬୯)

ନୀଳକଂଠଙ୍କ ବ୍ୟକ୍ତିଗତ ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା "ପ୍ରାଣ ପଣକରି ଜ୍ଞାନ ପ୍ରତିଷ୍ଠା ।" (୨୭୦) ବୃହଦାରଣ୍ୟକ ଉପନିଷଦର ମୈତ୍ରେୟୀ (୨୭୧) ସ୍ୱାମୀ ଯାଜ୍ଞବଲ୍‌କ୍ୟଙ୍କୁ "ଯେ ନାହଂ ନାମୃତ ସ୍ୟାଂ କି ମହଂ ତେନଂ କୁର୍ଯ୍ୟାଂ" (୨୭୨) କହିବା ଭଳି ବିଦ୍ୟାର ବିରାଟ ବିସ୍ତୃତ କ୍ଷେତ୍ରରେ ବିଚରଣ



Digitized by PPRACHIN, SOA

କରୁଥିବା ନୀଳକଂଠ କହୁଥିଲେ, "ଆରେ ଏ ଆଲୁଅ କାହିଁକି ଲିଭାଇ ଦେଲୁ, ମୋତେ କ'ଣ ମୂର୍ଖ କରିଦବୁ ?" (୨୭୩)

ମାତ୍ର, ମାନବବାଦୀ (୨୭୪) ନୀଳକଂଠଙ୍କ ଦୃଷ୍ଟିଭଙ୍ଗୀ, କେବଳ ବ୍ୟକ୍ତିଗତ ଆଶା, ଆକାଙ୍କ୍ଷା ମଧ୍ୟରେ ସୀମାବଦ୍ଧ ନ ଥିଲା । ସେ ଚାହୁଁଥିଲେ ସମାଜର, ଦେଶର, ପ୍ରତିଟି ମାନବର ମଙ୍ଗଳ । ଏଣୁ ବ୍ୟଷ୍ଟି ଜୀବନ ମଧ୍ୟ ଶିକ୍ଷିତ, ମାର୍ଜିତ ହେଉ—ଏହା ମଧ୍ୟ ଥିଲା ତାଙ୍କର ଆନ୍ତରିକ ଅଭିଳାଷ । ଫଳରେ, ସେ ସମସ୍ତଙ୍କଠାରେ ଜ୍ଞାନର ପ୍ରତିଷ୍ଠା ଦେଖିବାକୁ ପଦକ୍ଷେପ ନେଇଥିଲେ । କ୍ଲାସ ଲାଇବ୍ରେରୀ ପ୍ରଥା ପ୍ରଚଳନ ଏହାର ନିଦର୍ଶନ ।

## କ୍ଲାସ ଲାଇବ୍ରେରୀ ପ୍ରଥା ପ୍ରଚଳନ :

ନୀଳକଂଠ ସର୍ବ ପ୍ରଥମେ ଓଡ଼ିଶାରେ କ୍ଲାସ ଲାଇବ୍ରେରୀ ପ୍ରଥା ପ୍ରଚଳନ କରିଥିଲେ । ପ୍ରତ୍ୟେକ ଶ୍ରେଣୀର ଛାତ୍ରମାନଙ୍କର ଉପଯୋଗୀ କେତେକ ବହି ଆଣି ପ୍ରତ୍ୟେକ ଶ୍ରେଣୀରେ ଗୋଟିଏ ଗୋଟିଏ ଛୋଟ ଆଲମାରୀରେ ରଖିଥିଲେ । ସ୍କୁଲ ଛୁଟି ପରେ ବହି ଆଦାନ ପ୍ରଦାନର ସମୟ ନିର୍ଦ୍ଦିଷ୍ଟ ହୋଇଥିଲା । ପ୍ରତି କ୍ଲାସ ପାଇଁ ଅଣାଯାଇଥିବା ପ୍ରାୟ ପ୍ରତ୍ୟେକ ବହି ନୀଳକଂଠ ନିଜେ ପାଠ କରିଥିଲେ । ଅନ୍ୟାନ୍ୟ ସ୍କୁଲ ପରି ବହି ଦେବା ନେବାରେ ଶିକ୍ଷକ ମାନଙ୍କର କର୍ତ୍ତବ୍ୟ ଶେଷ ହୋଇ ଯାଉ ନ ଥିଲା । ବହିର ଆକାର ପ୍ରକାର ଦେଖି ଛାତ୍ରକୁ ନିର୍ଦ୍ଦିଷ୍ଟ ସମୟରେ ବହି ଫେରାଇବାକୁ କଠୋର ନିର୍ଦ୍ଦେଶ ଥିଲା । ଯେ ଯେଉଁଦିନ ବହିଆଣି ଫେରାଇବ ତାକୁ ଶିକ୍ଷକ ସେ ବହିରୁ ଖୁଡ଼େଇ ଖୁଡ଼େଇ ପ୍ରଶ୍ନମାନ ପଚାରିବେ । ଯଦି କେହି ଉତ୍ତର ଦେଇ ନ ପାରିଲା, ବା କାହାର ଉତ୍ତର ସନ୍ତୋଷ ଜନକ ନ ହେଲା, ତାହାହେଲେ ବହିଟି ତାକୁ ଆହୁରି ଦଶଦିନ ନିମନ୍ତେ ପଢ଼ିବା ପାଇଁ ଫେରସ୍ତ ଦିଆଯାଉ ଥିଲା । ପ୍ରତ୍ୟେକ ଶ୍ରେଣୀ ପାଇଁ ଜଣେ ଜଣେ ଶିକ୍ଷକ ତତ୍ତ୍ୱାବଧାରକ ଥିଲେ । ସେଇ ତତ୍ତ୍ୱାବଧାରକ ମାନଙ୍କର ପ୍ରଧାନ ତତ୍ତ୍ୱାବଧାରକ ଥିଲେ ହେଡ଼ମାଷ୍ଟର ନୀଳକଂଠ । ରାତ୍ରି ଅନିଦ୍ରା ରହି ବହି ସବୁ ପଢ଼ି ଛାତ୍ର-ମାନଙ୍କର ଜ୍ଞାନର ଉନ୍ନତି ଓ ବିକାଶ ନିମିତ୍ତ ନୀଳକଂଠ କି କଠୋର, ଅକ୍ଲାନ୍ତ ଓ ଅକାଟ୍ୟ ସାଧନା କରୁଥିଲେ, ତାହା ପୃଥିବୀର ଶିକ୍ଷା ଇତିହାସରେ ଏକାନ୍ତ ବିରଳ । ଏହି କ୍ଲାସ ଲାଇବ୍ରେରୀ ପ୍ରଥା ପ୍ରଚଳନ ଓ ସଞ୍ଚାଳନରେ



Digitized by PPRACHIN, SOA

ନୀଳକଂଠଙ୍କର ବୈଜ୍ଞାନିକ ଦୃଷ୍ଟି ଭଙ୍ଗୀ କିପରି ପ୍ରତିଫଳିତ ହୋଇଥିଲା, ତାହା ତୃତୀୟ ପରିଚ୍ଛେଦରେ ଆଲୋଚନା କରାଯିବ । ଏଠାରେ ଏତିକି କହି ରଖିବା ଯଥେଷ୍ଟ ହେବ ଯେ ପଣ୍ଡିତ ନୀଳକଂଠଙ୍କ ଜୀବନର ଆଦର୍ଶ ଥିଲା "ବିଦ୍ୟାମୃତ ମଶ୍ନୁତେ" । ସେ ନିଜେ ଏଥିରେ ଦୀକ୍ଷିତ ହେବା ସଙ୍ଗେ ଅନ୍ୟମାନଙ୍କୁ ସେହିପରି ଭାବେ ଗଢ଼ି ତୋଳିବା ନିମିତ୍ତ କାର୍ଯ୍ୟକ୍ରମ-ମାନ ଗ୍ରହଣ କରିଥିବା ଏହି ଆଲୋଚନାରୁ ସ୍ପଷ୍ଟ । ସୁଖର କଥା ନୀଳକଂଠଙ୍କର ଏଇ କୃତିର ସ୍ମାରକୀ ସଦୃଶ ରାଜଧାନୀରେ "ପଣ୍ଡିତ ନୀଳକଂଠ ଗ୍ରନ୍ଥାଗାର" ପ୍ରତିଷ୍ଠିତ ହୋଇଛି ।

କ୍ଷୁଦ୍ର ପରିସରରେ ଯେଉଁ ଲକ୍ଷ୍ୟ ନେଇ ନୀଳକଂଠ କ୍ଲାସ ଲାଇବ୍ରେରୀ ପ୍ରଥା ପ୍ରଚଳନ କରିଥିଲେ, ବୃହତ କ୍ଷେତ୍ରରେ ସେହି ଉଦ୍ୟମ ଉତ୍କଳ ବିଶ୍ୱବିଦ୍ୟାଳୟର ପରିକଳ୍ପନା ଓ ପ୍ରତିଷ୍ଠା ନିମିତ୍ତ ତାଙ୍କର ଅଦମ୍ୟ ଉଦ୍ୟମରେ ପର୍ଯ୍ୟବସିତ ହୋଇଥିଲା ।

## ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ପ୍ରଥମ ଓ ପ୍ରଧାନ କୃତିତ୍ୱ ନୀଳକଂଠଙ୍କର- (୨୭୭)

ଓଡ଼ିଶାରେ ଏକ ବିଶ୍ୱବିଦ୍ୟାଳୟର ଅଭାବ ଅନେକ ଦିନରୁ ଅନୁଭୂତ ହେଉଥିଲା । ଖ୍ରୀ ୧୯୧୪ରେ ପାରଳାଖେମୁଣ୍ଡିରେ ଉତ୍କଳ ସମ୍ମିଳନୀର ଯେଉଁ ଜାତୀୟ ଅଧିବେଶନ ରାଜା ବିକ୍ରମ ଦେବ ବର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା, ସେଥିରେ ଓଡ଼ିଶାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବୀ ଉପସ୍ଥାପନ କରା ଯାଇଥିଲା । କ୍ରମେ ମହାଯୁଦ୍ଧ ସମୟରୁ ଏହି ଜାତୀୟ ଅନୁଷ୍ଠାନ ସ୍ଥାପନ ସପକ୍ଷରେ ବହୁ ମାନ୍ୟଗଣ୍ୟ ଲୋକେ, ଏପରିକି ଲର୍ଡ଼ ହାର୍ଡ଼ିଞ୍ଜ ଓ ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ଚାର୍ଲସ ବେଲିଙ୍କ ଭଳି ବିଦେଶୀ ମାନେ ମଧ୍ୟ ମତପ୍ରକାଶ କରିଥିଲେ । ମାତ୍ର ଏ ପରିକଳ୍ପନା ବହୁ ବର୍ଷ ଯାଏ ରୂପ ପରି ଗ୍ରହ କରି ପାରି ନ ଥିଲା ।

ଏହି ଶତାବ୍ଦୀର ଚତୁର୍ଥ ଦଶକର ଆଦ୍ୟପାଦରେ ଲକ୍ଷ୍ନୌ ବିଶ୍ୱ-ବିଦ୍ୟାଳୟର କୁଳପତି ଡଃ ଆର୍. ପି. ପାରଞ୍ଜପେ ପାଟଣା ବିଶ୍ୱବିଦ୍ୟାଳୟର ଉପାଧି ବିତରଣ ସଭାରେ କହିଥିଲେ, "ନିକଟ ଭବିଷ୍ୟତରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ପରିଣତ ହେଉଥିବାରୁ ସେ କଟକରେ ତାହାର ବିଶ୍ୱବିଦ୍ୟାଳୟ ସ୍ଥାପନ କରିବ ।" ତେବେ, ଓଡ଼ିଶାର ସୀମା ନିର୍ଦ୍ଦିଷ୍ଟ କରିବା



Digitized by PPRACHIN, SOA

ପାଇଁ ସେତେବେଳେ ସରକାରଙ୍କ ଦ୍ୱାରା ଯେଉଁ କମିଶନ ଗଠନ କରା-ଯାଇଥିଲା, ସେମାନେ ଓଡ଼ିଶାର ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସମ୍ବନ୍ଧରେ ସ୍ଥାନୀୟ ଲୋକଙ୍କଠାରୁ ସାକ୍ଷ୍ୟ ନେବା ଛଡ଼ା ଏ ସମ୍ବନ୍ଧରେ ସେମାନଙ୍କର ସୁସ୍ପଷ୍ଟ ମତ ବ୍ୟକ୍ତ କରି ନ ଥିଲେ । ସେତେବେଳେ ଏ ଦେଶରେ ପ୍ରାଦେଶିକତା ପୂର୍ଣ୍ଣମାତ୍ରାରେ ରାଜତ୍ୱ କରୁଥାଏ । ତଥାପି ଓଡ଼ନେଲ କମିଟି ଓଡ଼ିଆଙ୍କ ଇଚ୍ଛା ବିରୁଦ୍ଧରେ ଓଡ଼ିଶା ପାଟଣା ବିଶ୍ୱବିଦ୍ୟାଳୟ ସହିତ ପୂର୍ବପରି ରହିବା ପାଇଁ ମତ ଦେଇଥିଲେ ।

ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପଣ୍ଡିତ ନୀଳକଂଠଙ୍କ "ଉତ୍କଳରେ ବିଶ୍ୱବିଦ୍ୟାଳୟ" ଶୀର୍ଷକ ଦୀର୍ଘ ଆଲୋଚନା ପ୍ରକାଶ ପାଇଲା । (୨୭୭) ସେ ଲେଖିଲେ ଯେ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ, ସ୍ୱତନ୍ତ୍ର ହାଇକୋର୍ଟ ପ୍ରଭୃତିର ଆବଶ୍ୟକତା ବିଷୟରେ ବହୁରକମର ଆଲୋଚନା ପ୍ରକାଶ ପାଉଛି । ହବାକ୍ କମିଟି ଅନୁଧ୍ୟାନ କରି ଓଡ଼ିଶା ବାସୀଙ୍କର ବିଶ୍ୱବିଦ୍ୟାଳୟ ପାଇଁ ଏକାନ୍ତ ଇଚ୍ଛା ବୋଲି ମତ ଦେଇଥିଲେହେଁ, ଅର୍ଥାଭାବ କାରଣ ଦେଖାଇ ଏହା ଅନୁମୋଦନ କରି ନାହାନ୍ତି । ଏହାକୁ ଲକ୍ଷ୍ୟ କରି ପଣ୍ଡିତଜୀ ଲେଖିଥିଲେ, "ଓଡ଼ିଆଙ୍କ ବିଶେଷତ୍ୱ ରକ୍ଷା କରିବା ପାଇଁ ବିଶ୍ୱବିଦ୍ୟାଳୟଟିଏ ଏକାନ୍ତ ଲୋଡ଼ା । କାରଣ, ନିଜର ବିଶ୍ୱବିଦ୍ୟାଳୟ ନ ହେଲେ ଜାତି ମନରେ ଦମ୍ଭ ଆସିବ କାହୁଁ ? ପୁଣି ବିଶ୍ୱବିଦ୍ୟାଳୟ ନ ହେଲେ ଜାତିର ଆବଶ୍ୟକତା ଅନୁସାରେ ଶିକ୍ଷକ ଗଢ଼ିବ ବା କାହୁଁ ? ବିଶ୍ୱବିଦ୍ୟାଳୟ ସିନା ଜାତିର ସମସ୍ତ ଶିକ୍ଷକ ଗଢ଼େ । ଆମେ ଯଦି ବାର ଦ୍ୱାର ତେର ପିଣ୍ଡା ହେଉଥିବା, ତାହାହେଲେ କେବେହେଲେ ନିଜର ବିଶେଷତ୍ୱ ଫୁଟିବ କି ?" ସେ ଫକୀରମୋହନଙ୍କ ଉକ୍ତି ଉଦ୍ଧାର କରି କହିଥିଲେ—

"କୁକୁର ଗୋଟେ କିମ୍ପାଇ ବନାଇବ ଘର,
ବୁଲୁଟିବୁଲେ ବାର ଘର ଅଇଁଠା ପତର ।"

ଏଥିରୁ, ଜଣେ ଆଦର୍ଶ ଶିକ୍ଷକ ହିସାବରେ ପଣ୍ଡିତ ନୀଳକଂଠ ନିଜଭଳି ଆଦର୍ଶ ଶିକ୍ଷକମାନେ ବଳିଷ୍ଠ ଜାତି ଗଠନ କରିବା ଉପରେ କି ଗୁରୁତ୍ୱ ଦେଉଥିଲେ, ସହଜରେ ଅନୁମେୟ । ଏହାପରେ "ନବଭାରତ" ରେ ପ୍ରାୟ ଧାରାବାହିକ ରୂପେ ଉତ୍କଳରେ ଏକ ବିଶ୍ୱବିଦ୍ୟାଳୟ ପାଇଁ ବହୁ ଆଲୋଚନା ଓ



Digitized by PPRACHIN, SOA

ଲେଖା ପ୍ରକାଶ ପାଇଥିଲା । ପଣ୍ଡିତଜୀ ପାଟଣାର ଶ୍ରୀଯୁକ୍ତ ଜଗନ୍ନାଥ ମିଶ୍ରଙ୍କର "ଉତ୍କଳ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ" (୨୭୮) ନାମକ ଏକ ଦୀର୍ଘ ପ୍ରବନ୍ଧ ପ୍ରକାଶ କରି ଓଡ଼ିଶାରେ ଶୀଘ୍ର ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମିତ୍ତ ଦୃଢ଼ମତ ଦେଇଥିଲେ । "ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଅର୍ଥ କାହିଁ ?" (୨୭୯) ପ୍ରସଙ୍ଗରେ ସେ ଲେଖିଛନ୍ତି, "ଆମେମାନେ ମନେକରୁ କଲେଜରେ ବର୍ତ୍ତମାନ ଯେତେ ଖର୍ଚ୍ଚ ହେଉଛି ତାହା ଉପରେ ବାର୍ଷିକ ଟ୩୦,୦୦୦ଙ୍କା ଅଧିକ ଖର୍ଚ୍ଚ ଲଗିବ । ଓଡ଼ିଆ ଜାତିର ଯଦି ଆତ୍ମ ସମ୍ମାନ ଜ୍ଞାନ ଥାଏ, ତେବେ ଆମେମାନେ ମନେ କରୁ, ଏ ଅର୍ଥର ଅଭାବ ରହିବ ନାହିଁ । ଏତେ ବଡ଼ କାର୍ଯ୍ୟରେ ଯଦି ଏତିକି ଅର୍ଥ ନ ମିଳେ, ତେବେ ଏ ଜାତିର ଉତ୍‌ଥାନ କାହିଁ ? ଫଳରେ ପ୍ରଦେଶ ଗଢ଼ ବା କାଉନ୍‌ସିଲ କର, ଜାତିର ହୃତ୍‌ପିଣ୍ଡରେ ରକ୍ତ ନାହିଁ ବୋଲି ଜାଣିବାକୁ ହେବ ।" ପଣ୍ଡିତଜୀ ମତ ଦେଇଥିଲେ ଯେ, ଓଡ଼ିଶାରେ ଯେଉଁ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବ, ତାହା ନାଳନ୍ଦାର ଆଦର୍ଶରେ ଗଢ଼ି ଉଠିବା ଉଚିତ । ତାଙ୍କର ଏହି ମତ ଭିତରେ ସତ୍ୟବାଦୀ ବନବିଦ୍ୟାଳୟର ଆଦର୍ଶ ଯେ ପ୍ରତିଫଳିତ ହୋଇଛି, ଏହା କହିବା ବାହୁଲ୍ୟ ମାତ୍ର । ଏଥିପାଇଁ କେନ୍ଦ୍ର ବ୍ୟବସ୍ଥା ସଭରେ ମଧ୍ୟ ସେ ବହୁତ ଲଢ଼ିଥିଲେ । ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ଚତୁର ନୀଳକଂଠଙ୍କ ବ୍ରହ୍ମପୁରଠାରେ ୨ ଦିନିଆ ଅଧିବେଶନ ଦ୍ୱାରା ପ୍ରଭାବିତ କରନ୍ତେ ସରକାର ତାଙ୍କ ଅଧ୍ୟକ୍ଷତାରେ ବିଶ୍ୱବିଦ୍ୟାଳୟର ରୂପରେଖ କ'ଣ ହେବ, ତାର ରିପୋର୍ଟ ଦେବା ଲାଗି, ଗୋଟିଏ କମିଟି ବସାଇଲେ । ମାତ୍ର ଏ କମିଟି ରିପୋର୍ଟ ପାଇ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ନିଷ୍ପତ୍ତି ଗ୍ରହଣ କରିବା ପୂର୍ବରୁ ଉକ୍ତ ମନ୍ତ୍ରୀମଣ୍ଡଳ ବିଶ୍ୱଯୁଦ୍ଧବେଳେ ଇଂରେଜଙ୍କୁ ସାହାଯ୍ୟ ନ କରିବା ନୀତିରେ ଇସ୍ତଫା ଦେଇଦେଲେ । ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଏତିକିରେ ଅଟକି ଗଲା । ଯୁଦ୍ଧକାଳୀନ ସରକାରରେ ନୀଳକଂଠ ପ୍ରତ୍ୟକ୍ଷ ଭବରେ ଯୋଗ ଦେଇ ମନ୍ତ୍ରୀ ପଦର ଅଧିକାରୀ ହୋଇ ନ ଥିଲେ ସୁଦ୍ଧା, ସେ ଥିଲେ ଏହାର ନୀତି ନିର୍ଦ୍ଦେଶକ । ପାରଳା ସରକାରଙ୍କ ଅର୍ଥାଭବର ଦ୍ୱାହିକୁ ମଧ୍ୟ ଦୃଢ଼ ମୁକାବିଲା କରି ନାନା ବଳିଷ୍ଠ ଯୁକ୍ତି ସାହାଯ୍ୟରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଅବଶ୍ୟ କରଣୀୟ ବୋଲି ସେ ପ୍ରତିପାଦନ କଲେ । ସେଥିପାଇଁ ସେ ତଥ୍ୟ ସବୁ ସଂଗ୍ରହ କରି ଯେଉଁ ରିପୋର୍ଟ ଦେଇଥିଲେ, ତାରି ଭିତ୍ତିରେ ପରିଶେଷରେ ଖ୍ରୀ ୧୯୪୩ରେ ଓଡ଼ିଆ ଜାତିର ସ୍ୱପ୍ନ ରୂପ ଧାରଣ କଲା ଓ ସେହି ବର୍ଷ



Digitized by PPRACHIN, SOA

ଜୁନ୍ ମାସ ୩୦ ତାରିଖରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ, ଓଡ଼ିଶା ବିଧାନ ସଭରେ ଗୃହୀତ ହୋଇଥିଲା ।

ଏଥିପାଇଁ ପଣ୍ଡିତ ନୀଳକଂଠ ଯେ ଉତ୍କଳ ବିଶ୍ୱବିଦ୍ୟାଳୟ ତଥା ଏ ଜାତିର ଇତିହାସରେ ଚିରସ୍ମରଣୀୟ ହୋଇ ରହିବେ, ଏଥିରେ ସନ୍ଦେହ ନାହିଁ ।

ଏହି ପରିଚ୍ଛେଦର ଆଲୋଚନାରୁ ନୀଳକଂଠଙ୍କ ବ୍ୟକ୍ତିତ୍ୱର ସମ୍ୟକ୍ ଅବଧାରଣା କରି ହୁଏ । ମାତ୍ର ବଳିଷ୍ଠ ବ୍ୟକ୍ତିତ୍ୱ, ମହନୀୟ ଗୁଣାବଳୀ ଏବଂ ପ୍ରଚଣ୍ଡ ପାଣ୍ଡିତ୍ୟ ସତ୍ତ୍ୱେ ଯାହାର ଅଭାବରେ ଶିକ୍ଷକ ଛାତ୍ରମାନଙ୍କ ମଙ୍ଗଳ ସାଧନାରେ ଅଗ୍ରସର ହୋଇ ନ ପାରନ୍ତି, ତାହା ହେଉଛି ଶିକ୍ଷକ ଓ ଛାତ୍ରଙ୍କ ମଧ୍ୟରେ ମଧୁର ସମ୍ପର୍କ ଏବଂ ଏ ସମ୍ପର୍କରେ ଉଚିତ୍ ବ୍ୟବଧାନ ।

## ୨– ଆଦର୍ଶ ଛାତ୍ର-ଶିକ୍ଷକ ସମ୍ବନ୍ଧର ସ୍ୱରୂପ :

ବିଦ୍ୟାଳୟର ପରିବେଶ ହସିଉଠେ, ସଜୀବ ହୁଏ, ଉଭୟ ଶିକ୍ଷକ ଓ ଛାତ୍ରମାନଙ୍କର ମଧୁର ସମ୍ପର୍କକୁ ନେଇ । ଏଠି କେହି ମୋଟା ବେତନଭୋଗୀ କର୍ମଚାରୀ ନୁହେଁ କି କେହି ଅଧସ୍ତନଟିଏ ମାତ୍ର ନୁହେଁ । ତଥାପି, ବିଦ୍ୟାଳୟରେ ଶିକ୍ଷକ ଛାତ୍ରଙ୍କୁ ସ୍ନେହ, ପ୍ରେମ, ମମତା ଓ ବାତ୍ସଲ୍ୟ ଅଜାଡ଼ି ଦିଅନ୍ତି, ଆଉ ଛାତ୍ର ଶିକ୍ଷକଙ୍କୁ ଦିଅନ୍ତି ଅନ୍ତରର ଅଶେଷ ଭକ୍ତି ଓ ସମ୍ମାନ । ଏ ସମ୍ପର୍କର ଅସଦ୍‌ବ୍ୟବହାର ସର୍ବଥା ବିପଦଜନକ । ଏଣୁ ଅନ୍ତରରେ ଛାତ୍ର ପ୍ରତି ଅମାପ ସ୍ନେହ, ମମତା ଓ ବାତ୍ସଲ୍ୟ ସତ୍ତ୍ୱେ ଶିକ୍ଷକ ବାହାରେ ରୁକ୍ଷ ଓ କଠିନ ହେବାକୁ ବାଧ୍ୟ । ଏହାହିଁ ଯୁଗେ ଯୁଗେ ଶିକ୍ଷକ ଜାତିର ବୈଶିଷ୍ଟ୍ୟ । ଚିରକାଳ ଜଣେ ଆଦର୍ଶ ଶିକ୍ଷକ

"ଏକ ମହାସାଗର–
ସୁବିସ୍ତୀର୍ଣ୍ଣ ସୁଗଭୀର !
ତାର ଦୈର୍ଘ୍ୟ, ପ୍ରସ୍ଥ ଅବା ଗଭୀରତା,
ତା'ର ପରିମିତି ଅବା ବିଭଟତା–
କଳନା କରିବା ନିତାନ୍ତ ଧୃଷ୍ଟତା,

× × × × ×

ସେ ବିରାଟ ଅର୍ଣ୍ଣବର ସ୍ଥିତି, ପରିବ୍ୟାପ୍ତ
ପ୍ରଶାନ୍ତ ଗାମ୍ଭୀର୍ଯ୍ୟ ତୁଲେ ବର୍ଣ୍ଣୋଜ୍ଜ୍ୱଳ ଦୀପ୍ତ ।

× × × × ×



Digitized by PPRACHIN, SOA

ସେ ଏକ ମହା ସମୁଦ୍ର,
ବାହ୍ୟ ରୂପ କ୍ଷଣେ ଶାନ୍ତ, କ୍ଷଣେ ଅବା ରୁଦ୍ର
ସୁଗଭୀର ଅନ୍ତଃସ୍ଥଳ–ରତ୍ନ–ଗନ୍ତାଘର,
ପୂର୍ଣ୍ଣ ଯହିଁ ମଣି ମୁକ୍ତା–ଅମୂଲ୍ୟ ଅପାର ।
ସେ ଅନନ୍ୟ, ଅତୁଳନୀୟ,
ସେ ମହାନ, ଅକଳନୀୟ
ସେ ଚିର ଦୀପ୍ତିମାନ, ଚିର ଆୟୁଷ୍ମାନ,
ଆପଣା ଗୌରବେ ଚିର ଗରୀୟାନ ।” ୨୮୦

ଧୌମ୍ୟ ଓ ଉପମନ୍ୟୁ ଉପାଖ୍ୟାନ (୨୮୧) ଆଜି ବି ଚାଲିଛି । ଅନ୍ତହୀନ ଏହାର ଆବର୍ତ୍ତନ । ଏ ଚାଲିଛି, ଚାଲିଥିବ ମଧ୍ୟ ଯାବତ୍ ଚନ୍ଦ୍ରାର୍କେ । ଛାତ୍ର ପ୍ରତି ଶିକ୍ଷକଙ୍କ କଠୋରତା ବା ନିଷ୍ଠୁର ଆଦେଶ ତା'ର ଚରିତ୍ରରେ ସଂଯମ ଆନୟନ ଲାଗି, ତାକୁ ସୁମାର୍ଗରେ ପରିଚାଳିତ କରିବା ପାଇଁ ଅଭିପ୍ରେତ ଏବଂ ତାହା ଛାତ୍ର ପ୍ରତି ଶିକ୍ଷକଙ୍କ ଶୁଭକାଙ୍କ୍ଷାର ଅଭିବ୍ୟକ୍ତି ମାତ୍ର । ପରିଣାମରେ, ଏଥିରେ କୃତକାର୍ଯ୍ୟ ହେଲେ, ଛାତ୍ର ଲାଭକରେ ଗୁରୁଙ୍କ ଆଶୀର୍ବାଦ ।

## କଠୋର ଓ କୋମଳତାର ଅପୂର୍ବ ସମନ୍ୱୟ :
## –ଶିକ୍ଷକ ନୀଳକଂଠ

ପଣ୍ଡିତ ନୀଳକଂଠ ଥିଲେ ଏହିପରି ଜଣେ ଶିକ୍ଷକ । ସତ୍ୟବାଦୀ ବନବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଭାବରେ ଦେଶପାଇଁ, ଜାତି ପାଇଁ ଉପଯୁକ୍ତ ମଣିଷ ଗଢ଼ିବା ଥିଲା (ଗୋପବନ୍ଧୁଙ୍କ ପ୍ରେରଣାରେ) ନୀଳକଂଠଙ୍କର ଉଦ୍ଦେଶ୍ୟ ଓ ଦାୟିତ୍ୱ । ତେଣୁ ତାଙ୍କର କଠୋରତା ଥିଲା ଛାତ୍ରଙ୍କ କଲ୍ୟାଣ ପାଇଁ ଏବଂ ନୀଳକଂଠଙ୍କର ସେଇ କଠୋରତା ମଧ୍ୟରେ ଥିଲା ନାରିକେଳ ପରି ରସାଳ ସ୍ନେହ ପ୍ରବଣ ହୃଦୟଟିଏ । ସେ ନିଜର 'ଆତ୍ମଜୀବନୀ'ରେ ଛାତ୍ରମାନଙ୍କ ସହିତ ତାଙ୍କର ସମ୍ପର୍କର ଉଲ୍ଲେଖ କରିଛନ୍ତି– "ମୋର କ୍ଷଣ କୋପ ଓ ଦଂଡ ଦେବା କାଳର ନିଷ୍ଠୁରତା ଦେଖି କେତେକ ନବାଗତ ଛାତ୍ର ମତେ ଅତ୍ୟନ୍ତ ଭୟ କରୁଥିଲେ; କିନ୍ତୁ ମୋର ନିବିଡ଼ ପରିଚୟରେ



Digitized by PPRACHIN, SOA

ଆସିଥିବା ଛାତ୍ରମାନେ ମୋର ପରିଶ୍ରମ ଓ ଅଧ୍ୟୟନ ଅଭ୍ୟାସ ଦେଖି ମତେ ଅସାଧାରଣ ମଣିଷ ବୋଲି ଭାବୁଥିଲେ । ମୋ ସମ୍ମୁଖ ରାସ୍ତାରେ ଛାତ୍ରମାନେ ଅତି ବିନୀତ ଧୀରସ୍ଥିର ଭାବରେ ଅଳ୍ପ ଆନତ ହୋଇ ଚାଲିଯାଉଥିବାର ଦେଖିଲେ ମୁଁ ମନେ ମନେ ବହୁତ ହସେ । ଅନୁଭବ କରେ ସାଧାରଣ ଛାତ୍ରଙ୍କ ପାଖରୁ ମୁଁ ହୁଏତ ବହୁତ ଦୂରେଇ ଯାଇଛି । ସେଥିପାଇଁ ତାଙ୍କ ସହିତ ମିଶିବାକୁ ଚେଷ୍ଟାକରେ । ଦୋଷତ୍ରୁଟିକୁ କ୍ଷମା ଦେଲେ ଏବଂ ଭୁଲ୍‌କୁ ଭଲ ବୋଲି ଗ୍ରହଣ କରିନେଲେ ସିନା ପିଲାଏ ପାଖକୁ ଲାଗି ଆସନ୍ତି । ମୁଁ ତ ସବୁଦିନେ ଦୋଷ ପାଇଁ ନିଷ୍ଠୁର ହୁଏ; ତେଣୁ ପିଲାଏ ଭୟରେ ମୋ ଆଗରେ ସିଧା ହୋଇ ଚାଲିପାରନ୍ତି ନାହିଁ । ... ... ... ... ମୁଁ ଅତି ଗମ୍ଭୀର ଥିଲି ଓ ପିଲାମାନେ କିପରି ଭଲ ପାଠ ପଢ଼ିବେ, ଶୁଣିବା ମାତ୍ରେ ଗିଳି ପକାଇ ମନେ ରଖି ପାରିବେ ଓ ପ୍ରାଞ୍ଜଳ ଭାବରେ ଭାବ ବ୍ୟକ୍ତ କରି ପାରିବେ, ସେଥିପାଇଁ ମୁଁ ଅତି ତତ୍ପର ଥିଲି । ଏଥିପାଇଁ ମତେ ଅନେକ ସମୟରେ ବଡ଼ ଅସହିଷ୍ଣୁ ହେବାକୁ ପଡ଼ୁଥିଲା । × × × × । କେବଳ ଏତିକି ନୁହେଁ, କୌଣସି ଛାତ୍ରର ଔଦ୍ଧତ୍ୟ କିମ୍ବା କ୍ଷୀଣ ଅହମିକା ଦେଖିଲେ ମୁଁ ସହି ପାରୁ ନ ଥିଲି । ସେଥିଯୋଗୁଁ ପିଲାମାନେ ମତେ ଅତ୍ୟନ୍ତ ଭୟ କରୁଥିଲେ; କିନ୍ତୁ କର୍ତ୍ତବ୍ୟ ପାଖରେ ମୁଁ ଯେତିକି ନିଷ୍ଠୁର ହେଉଥିଲି, କୃତିତ୍ୱ ପାଖରେ ସେତିକି ନିଷ୍କପଟ ଭାବରେ ନିଜକୁ ଅଜାଡ଼ି ଦେଇ ପିଲାମାନଙ୍କ ସହିତ ମିଶି ଯାଉଥିଲି । ଆଜି ବି ଏ ବୃଦ୍ଧ ବୟସରେ ମୋ ସହିତ ମିଶିଥିବା ଲୋକେ ଏଇ କଥା ଅନୁଭବ କରୁଥିବେ । (୨୮୨) ସେ ଆହୁରି ଲେଖିଚନ୍ତି, "ଭଲ ଛାତ୍ରମାନେ ମୋ ପାଖରେ ଆଗ୍ରହରେ ବିହ୍ୱଳ ହୋଇ ପଡ଼ୁଥିଲେ । ମନ୍ଦ ଛାତ୍ରମାନେ ମତେ ଅତିମାତ୍ରାରେ ଭୟ କରୁଥିଲେ ।" (୨୮୩) ଚିରକାଳ ଏଇଆହିଁ ଆଦର୍ଶ ଶିକ୍ଷକଙ୍କ ଲକ୍ଷଣ ।

ଶୃଙ୍ଖଳା ରକ୍ଷା ନିମିତ୍ତ ଏ ନିଷ୍ଠୁରତା ସତ୍ତ୍ୱେ, ଛାତ୍ରମାନଙ୍କ ପାଇଁ ନୀଳକଂଠଙ୍କ ହୃଦୟରେ ଯେଉଁ ବାତ୍ସଲ୍ୟ ମମତା ପୂରି ରହିଥିଲା, ତାହା ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ସେ ଛାତ୍ରମାନଙ୍କୁ ନେଇ ଶରତ୍ କାଳରେ କୋଣାର୍କ ଦେଖାଇବାକୁ ଯାଇଥିଲେ । ସେଦିନ ଥାଏ କୁମାର ପୂର୍ଣ୍ଣିମା । ଦୁର୍ଭାଗ୍ୟକୁ ଘୋର ତୋଫାନ ଓ ଝଡ଼ବର୍ଷା ହେତୁ ତାଙ୍କର ଉଦ୍ଦେଶ୍ୟ ବିଫଳ ହେଲା ଏବଂ ସେମାନେ ଆଶ୍ରୟ ନେଲେ ରାମଚଣ୍ଡୀ ମନ୍ଦିରରେ । ପିଲାମାନଙ୍କ ଏ ଦୁଃଖ ଓ ନୈରାଶ୍ୟକୁ ଅନୁଭବରେ ଆଣି ନୀଳକଂଠ ଲେଖିଛନ୍ତି—



Digitized by PPRACHIN, SOA

"ପିଲମାନଙ୍କ ସଙ୍ଗେ ଡାକବଙ୍ଗଳାରେ ବସିଚି । କୋଣାର୍କର ଅପାସୋର ଛିନ୍ନ ସ୍ମୃତି ମତେ ଦୋହଲଉ ଥାଏ । ପିଲମାନେ ମା' ଭଉଣୀଙ୍କୁ ଛାଡ଼ି ଆଜି ଦୂରରେ । ଗ୍ରାମରେ ଥିଲେ ଡେଉଁଥାନ୍ତେ, ଖେଳୁଥାନ୍ତେ, କେତେ ମଉଜ କରୁଥାନ୍ତେ ।" (୨୮୪) ପିତୃତୁଲ୍ୟ ସ୍ନେହ ପ୍ରବଣ ନୀଳକଂଠ ପିଲଙ୍କୁ ଜଗିରହି ଗର୍ଜିସାର ଉଜାଗରରେ ବର୍ଷାର ତାଣ୍ଡବଲୀଳା ଦେଖୁଥାନ୍ତି । ନିଦ୍ରାମଗ୍ନ ଛାତ୍ରମାନଙ୍କ ନିଃସଙ୍ଗ ନିଷ୍କଳତା ହେତୁ କାରୁଣ୍ୟର ଛାୟା ତାଙ୍କ ହୃଦୟକୁ ଆଚ୍ଛନ୍ନ କରିଦେଲ । ଶରବିଦ୍ଧ କ୍ରୌଞ୍ଚର ଦୁଃଖ ଦର୍ଶନର ଅବଦାନ ବିଶ୍ୱ ସାହିତ୍ୟର ପ୍ରଥମ ଶ୍ଳୋକ । ନୀଳକଂଠଙ୍କ ସ୍ନେହ ପ୍ରବଣ ହୃଦୟର ଭବ ରୂପ 'ରମଚଣ୍ଡୀଠାରେ ରତି' । ଏହାର ପ୍ରଥମ କେତୋଟି ଧାଡ଼ିରେ ହିଁ ଶିକ୍ଷକ ନୀଳକଂଠଙ୍କର କେବଳ ମାତ୍ର ଛାତ୍ରମାନଙ୍କ ପ୍ରତି ଗଭୀର ମମତା ଯେ ସ୍ପଷ୍ଟ, ତାହା ନୁହେଁ, ତତ୍ ସଙ୍ଗେ ସଙ୍ଗେ ସେମାନଙ୍କ ମା' ଭଉଣୀଙ୍କ ପ୍ରାଣର ବେଦନା ସହ ସେ ଏକାତ୍ମ ହୋଇ ପଡ଼ିଥିବା ଜଣାଯାଏ–

"ମୃକ୍ଷଳ ଧାରରେ ଝିଟିକା ଦିଏ କରଡ଼ି କେବେ,
ଶୋଇ ପଡ଼ିଚ ତ ବାପାହେ ଜାଣୁ ନ ଥିବ ଲବେ ।
ଆଜି ଯେ କୁଆଁର ପୁନିଅଁ କେତେ ସୁଖ-ସରଧା,
ମାଆ ଭଉଣୀଙ୍କ ଆଦର ନବ-ବସନ-ପିନ୍ଧା ।
ମନେ ପଡ଼ୁନାହିଁ ବାବୁହେ ଲଗି ଯାଇଛି ନିଦ,
ମାଆ ଭଉଣୀଏ ଭବନେ ଭଜିଥିବେ ବିଷାଦ ।
ଲୁଗାରେ ହଳଦୀ ଲଗାଇ ରୁହିଁଥିବେ ଜନନୀ,
ପିଠା ପଣା ଖାଉ ନ ଥିବ ସୁଖେ ଆଜି ଭଗିନୀ ।
ପବନ–ଝଙ୍କାରେ ଶୁଣୁ ସେ ଥିବେ ଡାକ ତୁମ୍ଭର,
ପଲକେ ପଲକେ ଚମକି ହେଉଥିବେ କାତର ।
ଫାଟି ଯାଉଥିବ ଜାହାଜ ତାଙ୍କ ହୃଦ ସାଗରେ,
ନିରଶାରେ ଆଶା-ଚମକେ ଥିବେ ସେହୁ ଜାଗରେ ।
ଜନନୀର ଗୁରୁ ବେଦନା, ଭଗିନୀର ବିଷାଦ,
ସୁମରି ସପନେ ଚମକି ଭର୍ଙ୍ଗିଯିବଟି ନିଦ ।
ଶୁଅ ଶୁଅ ଧନ, ଆରମେ ଶୋଇ ଥାଅରେ ଶିଶୁ;
ପ୍ରଥଶ୍ରମ କରି ଆସିଛ, ଶ୍ରମେ ବିରମ ମିଶୁ ।" (୨୮୫)



Digitized by PPRACHIN, SOA

ଛାତ୍ରଙ୍କ ଉଦ୍ଦେଶ୍ୟରେ ଲିଖିତ ନୀଳକଂଠଙ୍କର ଏହି କେତୋଟି ପଙ୍କ୍ତିର ସ୍ନେହ ପ୍ରବଣ ଭାଷା ଓ ଭାବର ତୁଳନା ଅଛିକି ?

ନୀଳକଂଠଙ୍କର କର୍ତ୍ତବ୍ୟର କଠୋରତା ସାଙ୍ଗକୁ ଛାତ୍ରବତ୍ସଳତାର ସୁନ୍ଦର ନିଦର୍ଶନ ମିଳେ ସତ୍ୟବାଦୀର ପୁରାତନ ଛାତ୍ର 'ଚନ୍ଦ୍ରଶେଖର ମିଶ୍ର'ଙ୍କ 'ସତ୍ୟବାଦୀରେ ସାତବର୍ଷ' ପୁସ୍ତକରେ । ଯେତେବେଳେ ଏଇ ତରୁଣ ଛାତ୍ର ଚନ୍ଦ୍ରଶେଖରଙ୍କର ପରିବାରର ଏକମାତ୍ର ଭରସା ତାଙ୍କ ପିତୃବ୍ୟ ପରଲୋକ ଗମନ କଲେ, ସେତେବେଳେ ନୀଳକଂଠ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତାଙ୍କୁ ଏହା ଜଣାଇନଥିଲେ । କିନ୍ତୁ ଯେତେବେଳେ ନ ଜଣାଇବାର ଆଉ ଉପାୟ ନଥିଲା, ସେତେବେଳେ ସେ ତାଙ୍କୁ ପ୍ରବୋଧନା ଦେଇ ବୁଝାଇଥିଲେ, "ଚନ୍ଦ୍ର, ତୁ ଭାଗ୍ୟବାନ, ଭଗବାନଙ୍କର ତୋ ପ୍ରତି ଏହା ଏକ ବଡ଼ ଦାନ । କାନ୍ଦନା, ଦୁଃଖ କରନା, ସିଂହବଳ ଘେନି ସଂସାରରେ ଅବତୀର୍ଣ୍ଣ ହେବାର ସୁଯୋଗ ତୋତେ ଭଗବାନ ଏବେ ଦେଇ ଅଛନ୍ତି । ମନୁଷ୍ୟ ଅନ୍ୟର ମରଣରେ ବିବ୍ରତ ହୁଏ, କାରଣ ମୃତ ବ୍ୟକ୍ତିଠାରୁ ସେ ଆଉ ସାହାଯ୍ୟ ପାଇବ ନାହିଁ । ସ୍ତ୍ରୀ ପୁରୁଷ ପାଇଁ, ପୁତ୍ର କନ୍ୟା ପିତାଙ୍କ ପାଇଁ ଏବଂ ବନ୍ଧୁ, ବନ୍ଧୁ ପାଇଁ ରୋଦନ କରେ, କେବଳ ସ୍ୱାର୍ଥ ଯୋଗୁଁ । କିନ୍ତୁ ସର୍ବହରା ବଜ୍ର-ହୃଦୟ ଯେଉଁ ବ୍ୟକ୍ତି ନିଜ ପରିଶ୍ରମ ଓ ନିଜ ସମ୍ବଳ ଘେନି ନିଜ ପରିବାରର ବନ୍ଧୁବାନ୍ଧବମାନଙ୍କର ଓ ଆଶ୍ରିତ ଲୋକମାନଙ୍କର ପୋଷକ ହୋଇପାରେ, ସେହି ଏକା ବଡ଼ । ଦେଖ, ଆମ୍ଭେମାନେ କି ଦୁଃଖ, ଅଭାବ, ଅନାଟନ ଭିତରେ ଚାଲି, ଘରପୋଡ଼ି, ଘରଭଙ୍ଗା, ଅର୍ଥାଭାବ ଇତ୍ୟାଦି ସମସ୍ତ ବିପଦକୁ ଭ୍ରୂକ୍ଷେପ ନକରି ଆମର ଗନ୍ତବ୍ୟ ପଥରେ ଚାଲିଛୁ । ପିଲା ହୋଇ ସୁଦ୍ଧା ତୋ' ଶୂନ୍ୟ ସଂସାରର ତୁ ପୋଷକ ଓ ପାଳକ । ଚନ୍ଦ୍ର, ତୋର ଆଉ କାନ୍ଦିବାର ବେଳ ନାହିଁ । ଚାହିଁ ଦେଖ ଚାରିଆଡ଼େ, ତୋ କାମ କରିବାକୁ ଆଉ କେହି ନାହିଁ ।" (୨୮୬) ନୀଳକଂଠଙ୍କର ଏ ସାନ୍ତ୍ୱନା ବାଣୀ ଶୁଣି ସେ ସଙ୍ଗେ ସଙ୍ଗେ ଆଖିରୁ ଲୁହ ପୋଛିଦେଇ ଶବ ସତ୍କାର ନିମନ୍ତେ ଗ୍ରାମକୁ ଚାଲିଗଲେ । ସତ୍ୟବାଦୀରେ ଏହାହିଁ ଥିଲା ଛାତ୍ରମାନଙ୍କ ସହିତ ନୀଳକଂଠଙ୍କ ସମ୍ପର୍କ ଓ ସେମାନଙ୍କ ଉପରେ ତାଙ୍କର ପ୍ରଭାବ, ଉଭୟ ହୃଦୟର ଓ ନୈତିକ ଶିକ୍ଷାର ।



Digitized by PPRACHIN, SOA

ନୀଳକଂଠଙ୍କ ନିଷ୍ଠା ଓ ଛାତ୍ରମାନଙ୍କ ସହିତ ହାର୍ଦ୍ଦିକ ସମ୍ବନ୍ଧ ସ୍ଥାପନ ପାଇଁ ତାଙ୍କ ଅନ୍ତରର ଭାବନା ସତ୍ୟବାଦୀର ଅନ୍ୟ ଜଣେ ଛାତ୍ରଙ୍କ ବର୍ଣ୍ଣନାରୁ ସ୍ପଷ୍ଟ ହେବ । "ମୋର ଛାତ୍ର ଅବସ୍ଥାର ଗୋଟିଏ ଘଟଣା, ଏଠାରେ ପ୍ରକାଶ କରିବା ଅବାନ୍ତର ହେବ ନାହିଁ । ମାଟ୍ରିକ ପରୀକ୍ଷା ଦେଇ ଘରକୁ ଆସିଲା ବେଳେ ମୋର ଜଣେ ସହପାଠୀ ମତେ କହିଲେ, 'ହେଡ଼ମାଷ୍ଟରଙ୍କଠାକୁ ଆମର ପରୀକ୍ଷା କାଗଜ ଆସିଛି । ତୁମର ତାଙ୍କ ସହିତ ଭଲ ଜଣା । ତୁମେ ନମ୍ବର ଜାଣିବା ପାଇଁ ଚେଷ୍ଟା କର ।' ମୁଁ ତାଙ୍କ କଥାରେ ପଡ଼ି ସିଧା ନୀଳକଂଠ ବାବୁ ହେଡ୍‌ମାଷ୍ଟରଙ୍କୁ ଏ ବିଷୟରେ କାର୍ଡ ଖଣ୍ଡେ ଲେଖି ଦେଲି । ତାର ଯେଉଁ ଉତ୍ତର ପାଇଲି, ସେଥିରେ ମୋର 'ଗୀତା'ର ନିମ୍ନ ପଂକ୍ତି ଗୁଡ଼ିକ ମନେ ପଡ଼ିଗଲା ।

'ସଖେତି ମତ୍ୱା ପ୍ରସଭଂ ଯଦୁକ୍ତଂ ହେ କୃଷ୍ଣ ହେ ଯାଦବ ହେ ସଖେତି ।
ଅଜାନତା ମହିମାନଂ ତବେଦଂ ମୟା ପ୍ରମାଦାତ୍ ପ୍ରଣୟେନ ବାପି ।

× × ×

ଏକୋଽଥବାପ୍ୟଚ୍ୟୁତ ତତ୍ ସମକ୍ଷଂ ତତ୍ କ୍ଷାମୟେ ତ୍ୱାମହମପ୍ରମେୟମ୍ ।'

[ ଅର୍ଥ– ସଖାମଣି, ଏ ମହିମା ନ ଜାଣି ହେ ତବ, ପ୍ରଣୟେ ବା ଭ୍ରମେ ପଡ଼ି, ସଖ୍ୟ ଅବହେଳେ, ହେ କୃଷ୍ଣ, ହେ ଯାଦବ, ହେ ସଖା ବୋଲି ଯାହା ଡାକିଚି, କରିଚି ପୁଣି ଅବଜ୍ଞା ହେ ଯେତେ । ହେ ଅଚ୍ୟୁତ, ନାହିଁ ତବ କଳନା ଏ ବିଶ୍ୱେ ( କି ଆଉ କହିବି ? ) କ୍ଷମା ମାଗୁଚି ସେ ଦୋଷ । ]

ତାଙ୍କର କି ନିଷ୍ଠା ଏବଂ ଛାତ୍ରଙ୍କ ପ୍ରତି କି ଉପଦେଶ ! ନୀଳକଂଠବାବୁ ନିଜେ ମୋତେ ପଠାଇଥିବା ଚିଠିରୁ ତାହା ସ୍ପଷ୍ଟ ହେବ । ... ... ... ... ।

My dear Digambar,

Recd, your P. C. today. I am glad you think of coming here on the day of his Honour's visit to our school. His honour visits the school on the 16th this month, i. e. 2 days after tomorrow at 8 O' clock in the morning.



Digitized by PPRACHIN, SOA

Appointment of examiners is a confidential matter and I am not expected to know the names of examiners on various subjects, nor it is good to have a desire to know things which are a secret to any body.

Hope you are all right.

Yours affly.
Nilakantha Das

Babu Digambar Rath
C/o Babu Madan Mohan Rath, B.A.L.T.
Headmaster, High School
Chatrapur, (Ganjam)."

ନମ୍ବର ଜଣାଇବା ତ ଛାର କଥା, ଆଜିକାଲି ନମ୍ବର ବଢ଼ାଇବା ପାଇଁ ମଧ୍ୟ କେହି କେହି ଛାତ୍ର କେତେକ ପରୀକ୍ଷକଙ୍କୁ ନାନା ଭବରେ ପ୍ରବର୍ତ୍ତାଇ ପାରୁଥିବା କଥା କିଏ ନ ଜାଣେ ? ସେ ଦୃଷ୍ଟିରୁ ଏ ଚିଠିଟିର ଉପଯୋଗିତା ଏବେ ମଧ୍ୟ ଉପଲବ୍ଧ ନୁହେଁ କି ? କର୍ତ୍ତବ୍ୟରେ ନିଷ୍ଠା ରହିବ ଏଣେ ପ୍ରିୟ ଛାତ୍ରର ମନଟି ମଉଳି ନ ଯିବ, ତା ସହିତ ସତ୍ ଶିକ୍ଷା ଓ ନୀତି ଶିକ୍ଷା ଏହା ହିଁ ଏ ଚିଠିଟିରୁ ସୂଚିତ ହୁଏ । ଏଥିରେ ହିଁ ଛାତ୍ରମାନଙ୍କ ପ୍ରତି ପଣ୍ଡିତଜୀଙ୍କ ହାର୍ଦ୍ଦିକତା ସ୍ପଷ୍ଟ ।

ନୀଳକଂଠଙ୍କ ଛାତ୍ରବତ୍ସଳତା ପରବର୍ତ୍ତୀ ଜୀବନରେ ମଧ୍ୟ ଅତୁଟ ରହିଥିବା ଜଣାଯାଏ । ପଣ୍ଡିତଜୀ ତା ୬ । ୪ । ୪୯ରେ ସେତେବେଳର ପୁରୀ ଜିଲ୍ଲା ଟାଙ୍ଗୀ ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ଶ୍ରୀଯୁକ୍ତ ଗଙ୍ଗାଧର



Digitized by PPRACHIN, SOA

ମହାପାତ୍ର ତାଙ୍କ ପରମର୍ଶ ଲୋଡି ଲେଖିଥିବା ପତ୍ରର ଦେଇଥିବା ଉତ୍ତରରୁ ଏହା ସ୍ପଷ୍ଟ ହେବ–

ଜଗନ୍ନାଥେ ଭଲ କରନ୍ତୁ




ମନେ ରଖିବାର କଥା, ଏତିକି ବେଳକୁ ଓଡ଼ିଶା ତଥା ଭାରତରେ ନୀଳକଂଠଙ୍କ ସମ୍ମାନ କାହିଁ କେତେ ଊର୍ଦ୍ଧ୍ୱରେ । ଆଜିକାଲିର ଖ୍ୟାତନାମା କେତେଜଣଙ୍କ ଠାରୁ ଏ ଉଦାରତା, ଏପରି ଛାତ୍ର ବତ୍ସଳତା, ସତ୍ୟନିଷ୍ଠା



Digitized by PPRACHIN, SOA

ଆଶା କରାଯାଏ ? (୨୮୯) ଯୁଗେ ଯୁଗେ ଏହାହିଁ ଆଦର୍ଶ ଶିକ୍ଷକଙ୍କ ଲକ୍ଷଣ । ଯେ କୌଣସି ମୁହୂର୍ତ୍ତରେ ଛାତ୍ର ସ୍ୱାର୍ଥ ପ୍ରତି ଜାଗ୍ରତି, ଛାତ୍ର ପ୍ରତି ଉଷ୍ମ ହାର୍ଦ୍ଦିକତା ହିଁ ସେମାନଙ୍କଠାରୁ ଆଶା କରାଯାଏ ।

ବାସ୍ତବରେ, ଛାତ୍ରମାନଙ୍କ ପାଇଁ ପଣ୍ଡିତଜୀଙ୍କଠାରେ ଥିଲା ଏକ ମମତାସିକ୍ତ ପିତୃ ହୃଦୟ । ଅସଂଯମ, ବିଶୃଙ୍ଖଳା ଦେଖିଲେ ଏହାର ଊର୍ଦ୍ଧ୍ୱ ଦେଶରେ ବିକ୍ଷୁବ୍ଧ ତରଙ୍ଗ ସୃଷ୍ଟି ହେଉଥିଲା । ମାତ୍ର ଅନ୍ତଃସ୍ଥଳ ଥିଲା ଶାନ୍ତ, କୋମଳ । ଉତ୍ତର ବୟସରେ ଛାତ୍ରମାନଙ୍କର ଏକ ସଭାରେ ସେ ଦେଇଥିବା ଭାଷଣରୁ, ସେ ଯେ ଶିକ୍ଷକ ଓ ଛାତ୍ରମାନଙ୍କ ମଧ୍ୟରେ ପିତାପୁତ୍ରର ସମ୍ବନ୍ଧରେ ବିଶ୍ୱାସ କରୁଥିଲେ, ଏହା ସ୍ପଷ୍ଟ ହେବ– "ତୁମେମାନେ ଛାତ୍ର ! ତୁମ ବାପ ମା'ମାନେ କେତେ କଷ୍ଟ ସହି ନାନା ଭାବରେ ପଇସା ଯୋଗାଡ଼ କରି ଶିକ୍ଷାଲାଭ କରିବା ନିମନ୍ତେ ତୁମମାନଙ୍କୁ ଏ ବିଦ୍ୟା ମନ୍ଦିରକୁ ପଠାଇଚନ୍ତି । ... ... ... । ମନ୍ଦିର ମାନଙ୍କରେ ଯେପରି ଶୁଦ୍ଧପୂତ ଭାବରେ ଓ ଶୃଙ୍ଖଳିତ ଭାବରେ ମନକୁ ସ୍ଥିର ରଖି ଦେବତାଙ୍କୁ ଉପାସନା କରାଯାଏ, ଏଠାରେ ସେହିପ୍ରରି ନିୟମ ଶୃଙ୍ଖଳା ମାନି ଏକାଗ୍ରଚିତ୍ତ ହୋଇ ଅଧ୍ୟୟନରେ ମନୋନିବେଶ କରିବା ପ୍ରତ୍ୟେକ ଛାତ୍ରର କର୍ତ୍ତବ୍ୟ । ... ... ... । ଶିକ୍ଷକମାନେ ଗୁରୁ ଓ ଅଭିଭାବକ ସ୍ଥାନୀୟ– ସେମାନେ ଛାତ୍ର ବତ୍ସଳ ହେବା ସ୍ୱାଭାବିକ । ... ... । ପ୍ରାଚୀନ ଭାରତର ଗୁରୁଶିଷ୍ୟଙ୍କ ସମ୍ପର୍କ ତୁମେମାନେ ସ୍ମରଣରେ ଆଣ ।...... । ଏଇଭାବରେ ପ୍ରଣୋଦିତ ହେଲେ ତୁମେମାନେ ଆପେ ଆପେ ସଂଯତ ଓ ଶୃଙ୍ଖଳିତ ହୋଇ ପାରିବ । ... ... ... ... । ମୁଁ ମଧ୍ୟ ଦିନେ ଛାତ୍ର ଥିଲି ଓ ପର ଜୀବନରେ କେତେ କାଳ ଧରି ଶିକ୍ଷକତା କରିଥିଲି । ଜଣେ କଡ଼ା ହେଡ୍‌ମାଷ୍ଟର ବୋଲି ଛାତ୍ରମାନଙ୍କ ଭିତରେ ଓ ଲୋକରେ ପରିଚିତ ଥିଲି । ଅନେକ ପିଲା ମୋ ସମ୍ମୁଖ ରାସ୍ତାରେ ଯିବାକୁ ଭୟ କରୁଥିଲେ । କିନ୍ତୁ ଯେଉଁମାନେ ମୋର ନିକଟ ସମ୍ପର୍କରେ ଆସୁଥିଲେ ଓ ଯେତିକି ଶୃଙ୍ଖଳିତ ଓ କୃତୀ ଛାତ୍ର ଥିଲେ, ସେମାନଙ୍କ ପାଖେ ମୁଁ ମୋ ସ୍ନେହ ସେତିକି ଅଜାଡ଼ି ଦେଇ ପିଲମାନଙ୍କ ସହିତ ମିଶି ଯାଉଥିଲି । ଭଲ ପିଲାମାନେ ମୋ ପାଖକୁ ଲାଗି ଆସୁଥିଲେ । ... ... ଶିକ୍ଷକମାନେ ତୁମର ପିତୃ ସ୍ଥାନୀୟ । ତୁମେମାନେ ନିଜ ନିଜ ଆଚରଣରେ ଉତ୍ତମ ରହିଲେ, ସେମାନେ ନିଶ୍ଚୟ ତୁମର ଅଭାବ ଅସୁବିଧା ପ୍ରତି ନଜର ଦେବେ । ... ... ।" (୨୯୦)



Digitized by PPRACHIN, SOA

## ଶିକ୍ଷକ ନୀଳକଂଠଙ୍କ ଗଣ ତାନ୍ତ୍ରିକ ମନୋଭାବ—

ଶିକ୍ଷକ ନୀଳକଂଠ କୋମଳ ପିତୃ ହୃଦୟର ଅଧିକାରୀଟିଏ କେବଳ ନ ଥିଲେ । ଛାତ୍ରମାନଙ୍କ ସଂଯମ, ଶୃଙ୍ଖଳା ଉପରେ ଗଭୀର ଦୃଷ୍ଟି ସହ ସେ ସେମାନଙ୍କୁ ସ୍ୱାଧୀନ ମାନବ ରୂପେ ଚଳିବାର ଗଣତାନ୍ତ୍ରିକ ବ୍ୟବସ୍ଥାଟିଏ ମଧ୍ୟ ଦେଇଥିଲେ । ଏହା ତତ୍କାଳୀନ ଶାନ୍ତି ନିକେତନର ବ୍ୟବସ୍ଥାଠାରୁ ଯଥେଷ୍ଟ ବାସ୍ତବଧର୍ମୀ । ସ୍କୁଲ ବେଳେ ସତ୍ୟବାଦୀର ଛାତ୍ର ଓ ଶିକ୍ଷକମାନେ ନିଜ ନିଜ ଭୂମିକାରେ ଭିନ୍ନ ସ୍ଥାନରେ ବସୁଥିଲେ । କିନ୍ତୁ ବଗିଚ୍ଚରେ କୋଡ଼ି ହାଣିବା ବା ପାଣି ମଡ଼ାଇବା ବେଳେ ଶିକ୍ଷକ ଓ ଛାତ୍ର କାନ୍ଧକୁ କାନ୍ଧ ମିଶାଇ ସହକର୍ମୀ ଭାବରେ କାମ କରୁଥିଲେ । ମଫସଲର ଗାଁ ମାନଙ୍କରୁ ନଡ଼ା, କାଠ, ବାଉଁଶ କୁଲିଙ୍କ ଭଳି ସାଙ୍ଗ ହୋଇ ବୋହୁଥିଲେ । ଶିକ୍ଷକ ଛାତ୍ର ଏକାଠି ମୋଟା ବଗଡ଼ା ଖାଉଥିଲେ । ପ୍ରାଣପାତ କରି କାମରେ ଲାଗିଥିଲେ ଶିକ୍ଷକମାନେ । ଅନ୍ତେବାସୀ ଛାତ୍ରମାନେ ଏକା ପରିବାରର ପିଲା ଭଳି ଚଳୁଥିଲେ । ଶିକ୍ଷକମାନେ ସର୍ବସାଧାରଣ ଛାତ୍ରଙ୍କ ପରି ଜୀବନ ଯାପନ କରୁଥିଲେ । କ୍ଷମତାର ଅପବ୍ୟବହାର ନହେବା ପାଇଁ ସେମାନଙ୍କ ଉପରେ ମଧ୍ୟ ଅଙ୍କୁଶ ରହିଥିଲା । ଛାତ୍ରାବାସର ଯାବତୀୟ କାର୍ଯ୍ୟ ଅନ୍ତେବାସୀମାନେ ଆପଣା ହାତରେ କରୁଥିଲେ । ସେମାନଙ୍କ ଶକ୍ତି ବହିର୍ଭୂତ କାର୍ଯ୍ୟରେ ଶିକ୍ଷକମାନେ ସହାୟକ ହେଉଥିଲେ । ଏହାଦ୍ୱାରା କେବଳ ଯେ ଏକ ଗଣତାନ୍ତ୍ରିକ ବ୍ୟବସ୍ଥା କ୍ରିୟାଶୀଳ ହୋଇ ପାରିଥିଲା, ତାହା ନୁହେଁ, ପିଲାମାନେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରାପ୍ତି ଯୋଗୁଁ ଜୀବନର ସବୁକ୍ଷେତ୍ର ଲାଗି ଓ ସକଳ ଅବସ୍ଥାଲାଗି ପ୍ରସ୍ତୁତ ହୋଇ ପାରୁଥିଲେ । ଆଜିକାଲି ପାଠ-ପଢ଼ି ଡ଼ିଗ୍ରୀପାଇ ଫେରି ଆସୁଥିବା ଅଧିକାଂଶ ଯୁବକ କେବଳ ଚାକିରୀ ଛଡ଼ା କୌଣସି କାର୍ଯ୍ୟ କରିପାରୁ ନାହାନ୍ତି । ଏ ପରିପ୍ରେକ୍ଷୀରେ ସତ୍ୟବାଦୀ ବ୍ୟବସ୍ଥାର ଆବଶ୍ୟକତା ପୂର୍ଣ୍ଣମାତ୍ରାରେ ଉପଲବ୍ଧି କରିହୁଏ । ବିଧାୟକ ଓ ବାଚସ୍ପତି ଜୀବନରେ ମଧ୍ୟ ପଣ୍ଡିତଜୀଙ୍କ ଗଣତାନ୍ତ୍ରିକ ଚିନ୍ତାଧାର ଅତୁଟ ରହିଥିଲା । (୨୯୨)

## ଛାତ୍ରମାନଙ୍କ ପ୍ରେରଣାର ଉତ୍ସ : ନୀଳକଂଠ

କେବଳ ଶାରୀରିକ ଶ୍ରମ ବା ମେସ୍ ପରିଚାଳନା ନୁହେଁ, ଛାତ୍ରମାନଙ୍କର ଅନ୍ୟାନ୍ୟ ବହୁବିଧ କ୍ରିୟାକଳାପର ପ୍ରେରଣାର ଉତ୍ସ ଥିଲେ ପଣ୍ଡିତ



Digitized by PPRACHIN, SOA

ନୀଳକଂଠ । ସେମାନଙ୍କ ସୃଜନଶୀଳତା ଓ ମାନସିକ ବିକାଶ ପ୍ରତି ମଧ୍ୟ ସେ ଦୃଷ୍ଟି ଦେଉଥିଲେ । ଏହାହିଁ ତ ଶିକ୍ଷକମାନଙ୍କର ଆଦର୍ଶ ହେବା ଉଚିତ ।

'ସତ୍ୟବାଦୀ' ମାସିକ ପତ୍ରିକାରେ 'ଛାତ୍ରବିଭାଗ' ବୋଲି ଗୋଟିଏ ସ୍ୱତନ୍ତ୍ର ବିଭାଗ ଖୋଲା ଯାଇଥିଲା । କେବଳ ସତ୍ୟବାଦୀ ସ୍କୁଲର ଛାତ୍ରମାନେ ନୁହନ୍ତି, ଓଡ଼ିଶାର ସବୁ ସ୍କୁଲରର ଛାତ୍ରମାନଙ୍କୁ ଏହି ବିଭାଗ ନିମନ୍ତେ ପ୍ରବନ୍ଧ ଦେବାକୁ ନିବେଦନ କରାଯାଇଥିଲା । ଏହି ନିବେଦନ ଫଳରେ 'ବନବିଦ୍ୟା-ଳୟ', 'ଉତ୍ସବ', 'ଅଶୋକ', 'ଜାତି ବିଭାଗ', 'ସତ୍ୟବାଦୀ ବନବିଦ୍ୟାଳୟରେ ଶୋକର ଛାୟା', 'ଭାରତର ଗ୍ରୀଷ୍ମଋତୁ' ପ୍ରଭୃତି ପ୍ରବନ୍ଧମାନ ସତ୍ୟବାଦୀ ସ୍କୁଲର ଛାତ୍ରମାନେ ଲେଖି ପ୍ରକାଶ କରିଥିବା ସାଙ୍ଗକୁ ଅନ୍ୟ ବିଦ୍ୟାଳୟର ଛାତ୍ରମାନଙ୍କ କେତେକ ପ୍ରବନ୍ଧ ମଧ୍ୟ ଏଥିରେ ପ୍ରକାଶ ପାଇଥିଲା ।

ସତ୍ୟବାଦୀ ବନବିଦ୍ୟାଳୟର ଅନ୍ୟତମ ବୈଶିଷ୍ଟ୍ୟ ଥିଲା ଏହାର ବକ୍ତୃତାମାଳା । ପ୍ରତି ଶନିବାର ସନ୍ଧ୍ୟାରେ ଭୋଜନାଗାରରେ ଯେଉଁ ବିରାଟ ଛାତ୍ର ସମାବେଶ ହୁଏ, ସେଥିରେ କେବଳ ଗୋପବନ୍ଧୁ, ନୀଳକଂଠ, ଗୋଦାବରୀଶ, କୃପାସିନ୍ଧୁ ଅତି ଉଚ୍ଚଦରର ଶିକ୍ଷଣୀୟ ବକ୍ତୃତା ମୁହେଁ ମୁହେଁ କହି ଯାଆନ୍ତି ନାହିଁ, ଛାତ୍ରମାନଙ୍କୁ କର୍ମ ତତ୍ପର କରିବା ନିମନ୍ତେ କଟକ, ଗଞ୍ଜାମ, ପୁରୀ, ଓ ବାଲେଶ୍ୱର ପ୍ରଭୃତି ଅଞ୍ଚଳର ବହୁ ଖ୍ୟାତି ସମ୍ପନ୍ନ ବକ୍ତା ନିମନ୍ତ୍ରିତ ହୋଇ ଆସି ବକ୍ତୃତା ଦିଅନ୍ତି । ନୀଳକଂଠ ଶନିବାର ରାତିର କ୍ଳାସ ମିଟିଙ୍ଗ୍‌ରେ ବହୁବାର ବହୁ ଶିକ୍ଷଣୀୟ ବିଷୟରେ ଛାତ୍ରମାନଙ୍କର ଘୋର ନିସ୍ତବ୍ଧତା ମଧ୍ୟରେ ଘଣ୍ଟା ଘଣ୍ଟା ଧରି 'ଗୁରୁ ଶିଷ୍ୟ ସମ୍ବାଦ', 'ଶିକ୍ଷକତା' 'ଚରିତ୍ର ହିଁ ପରମ୍ ବଳଂ' ସମ୍ବନ୍ଧରେ କହିଯାଉ ଥିଲେ । ତାଙ୍କର ସେ ସବୁ ବକ୍ତୃତାକୁ ଆଗ୍ରହୀ ଛାତ୍ରମାନେ ଟିପିରଖି ପରେ ତାଙ୍କୁ ପଚାରି, ଏହା ଠିକ୍ ଅଛି କି ନାହିଁ ବୁଝି, ସତ୍ୟବାଦୀ ପତ୍ରିକାରେ ପ୍ରକାଶ କରିବା ପାଇଁ ଦେଉଥିଲେ ଓ ସେ ସବୁ 'ସତ୍ୟବାଦୀ' ପତ୍ରିକାରେ ପ୍ରକାଶିତ ହେଉଥିଲା । ଏସବୁ ସଂଗ୍ରହ କରି ଏକତ୍ର ପ୍ରକାଶ କରିବା ଏକ ଜାତୀୟ କର୍ତ୍ତବ୍ୟ ।

ଏ ସମ୍ପର୍କରେ ନୀଳକଂଠ ଲେଖିଛନ୍ତି—"ପ୍ରତି ଶନିବାର ଦିନ ଛାତ୍ର-ମାନଙ୍କର ଆଲୋଚନା ସଭା ହେଉଥିଲା । ସେଥିରେ ବେଳେ ବେଳେ ସଭାରେ



Digitized by PPRACHIN, SOA

ଦ୍ୱଂଦ୍ୱାତ୍ମକ ବିଷୟ ଘେନି ପ୍ରବଳ ଯୁକ୍ତି ତର୍କ ମଧ୍ୟ ହୁଏ । କ୍ରମେ ଏଥିରେ ଛାତ୍ରମାନଙ୍କର ଲେଖନ ପରିପାଟୀ ଓ ବକ୍ତୃତାରେ ରୁଚି ଓ ଦକ୍ଷତା ମଧ୍ୟ ପ୍ରକାଶ ପାଉଥିଲା × × । କିନ୍ତୁ କ୍ରମେ ଦେଖାଗଲା–ସଭରେ ଛାତ୍ରଙ୍କ ଉପସ୍ଥିତି କମି ଯାଉଚି । ସେଠୁ ଦିନେ ମୁଁ ସଭର କର୍ମକର୍ତ୍ତା ଓ ଛାତ୍ରମାନଙ୍କୁ ଡାକି କହିଲି, 'ଗୋଟିଏ କଥା କର । ବିନା ପଇସାରେ ଶିଖିବା ବଡ଼ ସହଜ ନୁହେଁ । ଏଣିକି ପ୍ରତ୍ୟେକ ଛାତ୍ର ଚାରିଅଣା ପ୍ରବେଶିକା ଫି ଦେବେ ଓ ପ୍ରତି ସଭ ଦିନ ପ୍ରତି ଛାତ୍ର ଗୋଟିଏ ଗୋଟିଏ ପଇସା ଦେଇ ଉପସ୍ଥାନ ପକାଇବେ ଏବଂ ଗୋଟିଏ ଟଙ୍କା ଏକା ସାଙ୍ଗରେ ଦେଲେ ବରାବର ମେମ୍ବର ରହିବେ, ଆଉ ଉପସ୍ଥାନ ପକାଇବେ ନାଇ ଓ ସେମାନଙ୍କ ପ୍ରତି ଧରାବନ୍ଧା ନିୟମ କିଛି ରହିବ ନାଇ; ମାତ୍ର ତିନିଥର ପଇସା ନ ଦେଇ ଅନୁପସ୍ଥିତ ରହିଲେ ନାମ କଟିଯିବ ଓ ପ୍ରବେଶିକା ଫି ଚାରିଅଣା ପୁଣି ନୂଆ କରି ଦେବାକୁ ହେବ । ଆଉ ମଧ୍ୟ ଚିତ୍ତାକର୍ଷକ କରିବା ପାଇଁ ଗୋଟିଏ ଯୋଜନା ମଧ୍ୟ ଯୋଡ଼ି ଦେଲି । ଥରେ ପ୍ରବନ୍ଧ ପାଠ, ଥରେ ବକ୍ତୃତା ଓ ତା' ପରେ ଲଗି ଲଗି ଦୁଇ ଶନିବାରରେ ଦୁଇଥର ବକ୍ତୃତା ପ୍ରତିଯୋଗିତା ହେବାର ସ୍ଥିର ହେଲା । ମାସର ଶେଷ ଶନିବାର ଦିନ କ୍ଳବର ଗୋଟିଏ ବୈଠକ ହେବ । ସେଥିରେ ଯେ ଯା ଇଚ୍ଛା କରିବ, ଅର୍ଥାତ୍ ପ୍ରବନ୍ଧ ପାଠ, କବିତା ଆବୃତ୍ତି, ଗଳ୍ପପାଠ, ବକ୍ତୃତା ଆଲୋଚନା ଇତ୍ୟାଦି କରି ପାରିବେ । ଭଷା ଉପରେ ଗୁରୁତ୍ୱ ନ ଦେଇ ଏ ସବୁ ହୋଇ ପାରିବ ବୋଲି ଠିକ୍ କଲି; ଯେ ଯାହା ପଢ଼ିବେ, ସେ ପାଞ୍ଚଦିନ ଆଗରୁ ସମ୍ପାଦକଙ୍କୁ ତାହା ଜଣାଇବେ ଓ ବିଷୟ ବଛା ହେବ ।

ଇତିହାସ ଆଲୋଚନା ପାଇଁ ରବିବାର ସକାଳୁ ସଭ ବସିବାର ଓ ଓ ସେଥିପାଇଁ ସ୍ୱତନ୍ତ୍ର କର୍ମୀ ନିଯୁକ୍ତ ହେବାର ସ୍ଥିର ହେଲା ।

ଏ ବିଚାର ରାତି ବାରଟାରେ ସ୍ଥିର ହେଲା । ତା' ପରେ ଉତ୍ସୁକ ପିଲାମାନେ ରାତିରେ ଫେରିଗଲେ । ତହିଁ ଆରଦିନ ସକାଳୁ ଏକଥା ବୋଡ଼ିଂ ଓ ସ୍କୁଲରେ ପ୍ରଚାରିତ ହୋଇଗଲା । ସମସ୍ତଙ୍କର ଭରି ଉତ୍ସାହ ଦେଖା ଗଲା । ଶହ ଶହ ଛାତ୍ର ଆସି ନାମ ଲେଖାଇଲେ । ତାହା ପରଠାରୁ ଛାତ୍ରଙ୍କର ଆଲୋଚନା ସଭ ଖୁବ୍ ଜାଗି ଉଠିଲା ।" (୨୪୩) ଏ ସମସ୍ତ ବ୍ୟବସ୍ଥା



Digitized by PPRACHIN, SOA

ଛାତ୍ରମାନଙ୍କର ସୃଜନଶୀଳତା ଓ ମାନସିକ ବିକାଶ ନିମିତ୍ତ, ଯେ କି ବିପୁଳ ମାତ୍ରାରେ ସହାୟକ ଏବଂ କେତେ ଅପରିହାର୍ଯ୍ୟ, ତାହା ଭଷାରେ ପ୍ରକାଶ କରିବାର ନୁହେଁ । ଏବେ ଏହାସ ଅନୁବର୍ତ୍ତନ ଶିକ୍ଷାନୁଷ୍ଠାନମାନଙ୍କରେ କରଯିବ କି ? ସେ ସମୟରେ ବି ନୀଳକଂଠଙ୍କର କି ବିଚକ୍ଷଣତା ! କି ପୂରେଦୃଷ୍ଟି ଥିଲ ।

## ଶିକ୍ଷକ ନୀଳକଂଠଙ୍କ ସାମ୍ୟଭାବ !

ସମଦୃଷ୍ଟି ଭରତୀୟ ଗୁରୁ ପରମ୍ପରର ଚିର ଆଦର୍ଶ । ଏଠି ରାଜପୁତ୍ର ଓ ଭିକାରୀ ସନ୍ତାନ ଗୋଟିଏ ଗୁରୁକୁଳରେ ଏକାଠି ଏକା ପ୍ରକାର ଜୀବନଯାପନ କରୁଥିବାର ନଜିର ପୁରଣ ଓ ଇତିହାସରେ ବିରଳ ନୁହେଁ । ବରଂ ଅଧିକତର ଯୋଗ୍ୟ ଶିଷ୍ୟ ଫାଲ୍‌ଗୁନି ଏହି ପରମ୍ପରରେ ଆତ୍ମଜ ଅଶ୍ୱତ୍‌ଥାମାଠାରୁ ଅଧିକ ପ୍ରିୟ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କର ଖାସ୍‌ ନିଜ ଯୋଗ୍ୟତା ଲଗି । ନଚେତ୍‌, ଏଠି ସମସ୍ତେ ସମାନ, ଆପଣାର ପୁତ୍ର । ଶୃଙ୍ଖଳିତ ଓ କୃତି ଛାତ୍ରମାନେ ନୀଳକଂଠଙ୍କର ଅତି ପ୍ରିୟ । ତଥାପି ତାଙ୍କ ଦୃଷ୍ଟିରେ କେହି ବଡ଼ କି ସାନ ନୁହେଁ । ସତ୍ୟବାଦୀ ବନ ବିଦ୍ୟାଳୟରେ ଧନୀ, ଦରିଦ୍ର, ବ୍ରାହ୍ମଣ, ଅବ୍ରାହ୍ମଣ ପିଲଙ୍କ ଭିତରେ ଭେଦାଭେଦ ନ ଥିଲ । ସମସ୍ତେ ଏକାଠି ଖାଆନ୍ତି, ଏକାପରି ରହନ୍ତି । ଯାହାର ବାପ ମା' ପଇସା ଦେଇ ନ ପାରନ୍ତି, ସେମାନେ ନିଜ ବାହୁ ବଳରେ ପଇସା ଅର୍ଜି ନିଜ ଖର୍ଚ୍ଚ ଦେଇ ପାଠ ପଢ଼ନ୍ତି । ଦିନରେ କାମ କରନ୍ତି । ବଗିଚ୍ଚ କାମ ହେଉ, କୁଲି କାମ ହେଉ, ବଢ଼େଇ ବା ସିଲଇ–ଯେଉଁଥିରୁ ହେଲେ ଗୋଟିଏ କାମ କରିବାକୁ ତାଙ୍କୁ ସୁବିଧା ଦିଆଯାଉ ଥିଲ । ଜାତି ଭେଦର ବିଚାର ନ କରି ବ୍ରାହ୍ମଣ ପିଲ ବି ବାରିକ କାମ କରୁଥିଲ, କୁଲିକାମ କରି ଶୁଖୁଆ ବୋଝ ବୋହୁଥିଲ । ପିଲଙ୍କ ଭିତରେ ମନୁଷ୍ୟତା ଓ ଆତ୍ମବିଶ୍ୱାସ ଜାଗ୍ରତ ହେବାପାଇଁ ତୀକ୍ଷ୍‌ଣ ଦୃଷ୍ଟି ଦିଆଯାଉଥିଲ । ଦିନରେ କାମ କରିବା ପିଲଙ୍କ ପାଇଁ ରାତ୍ରିରେ ସ୍ୱତନ୍ତ୍ର କ୍ଲାସ୍‌ ନିଆଯାଉଥିଲ । ଏ ସବୁଥିରେ ଥିଲ ନୀଳକଂଠଙ୍କ ହାତର କାଉଁରୀ ସ୍ପର୍ଶ । ସତ୍ୟବାଦୀ ବିଦ୍ୟାଳୟର ବିକାଶ କାଳରେ ପ୍ରାୟ ତିରିଶଟି ପ୍ରକୋଷ୍ଠରେ ସାନବଡ଼, ଧନୀ, ଦରିଦ୍ର, ଛୁଆଁ, ଅଛୁଆଁ ଭେଦରେ ସବୁ ଶ୍ରେଣୀର ଛାତ୍ର ରହୁଥିଲେ । ପ୍ରତି ଶ୍ରେଣୀର ଦାୟିତ୍ୱ ଜଣେ ମେଧାବୀ ସତ୍‌ ଚରିତ୍ର ମନିଟର୍‌ଙ୍କୁ



Digitized by PPRACHIN, SOA

ଦିଆ ଯାଉଥିଲା । ସେ ଯୁଗରେ ସମାଜ ଥିଲା ଅତ୍ୟନ୍ତ ରକ୍ଷଣଶୀଳ । ବ୍ରାହ୍ମଣମାନେ ଜାତିଭେଦ ନିର୍ବିଗ୍ରର କାର୍ଯ୍ୟ ସହି ପାରିଲେ ନାହିଁ । ନୀଳକଂଠଙ୍କୁ ଏକଘରିକିଆ କରିବାକୁ ଚେଷ୍ଟା କଲେ । ଏଇ ପ୍ରସଙ୍ଗରେ ବ୍ରାହ୍ମଣ ଓ ଅବ୍ରାହ୍ମଣ ଛାତ୍ରମାନଙ୍କ ପାଇଁ ରନ୍ଧନଶାଳାର ଭିନ୍ନ ବ୍ୟବସ୍ଥା ନିମିତ୍ତ ରକ୍ଷଣଶୀଳମାନଙ୍କ ଅନୁରୋଧରେ ନୀଳକଂଠଙ୍କ ଦୃଢ଼ୋକ୍ତିଟି ସ୍ମରଣଯୋଗ୍ୟ:– "କୁଳ ଗୃହର ସମସ୍ତ ଅନ୍ତେବାସୀଙ୍କର ମୁଁ କୁଳପତି; ସୁବିଧା ଥିଲେ ମୋର ପତ୍ନୀ ନିଜ ପୁତ୍ର ରୂପେ ସେମାନଙ୍କୁ ରାନ୍ଧି ଖାଇବାକୁ ଦିଅନ୍ତା । ମୁଁ ଏଇ ପୁତ୍ରମାନଙ୍କ ମଧ୍ୟରେ ବର୍ଣ୍ଣ, ଧର୍ମ, ଭେଦ କରି ପାରିବି ନାଇଁ, କ୍ଷମା କରନ୍ତୁ ।" (୨୯୪) ବାସ୍ତବରେ, ଏଇ ପିତୃ ହୃଦୟ ହିଁ ପଣ୍ଡିତଜୀଙ୍କ ଯଥାର୍ଥ ପରିଚୟ । ଏହାହିଁ ଛାତ୍ରମାନଙ୍କ ସହିତ ତାଙ୍କ ସମ୍ବନ୍ଧରେ ଅସଲ ସ୍ୱରୂପ ଓ ଏହା ଫଳରେ ହୁଏତ ନୀଳକଂଠ ଅସ୍ପୃଶ୍ୟତା ନିବାରଣ ଆନ୍ଦୋଳନର ଜନକ ହୋଇଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ନିଜେ ଯେ ନୀଳକଂଠ ଛାତ୍ରମାନଙ୍କ ପ୍ରତି ସମଦର୍ଶୀ ଥିଲେ ତାହା ନୁହେଁ । ଆପେ ଆଦର୍ଶ ସ୍ଥାନୀୟ ହେଲେ କ'ଣ ଦୁନିଆଟା ସେପରି ହୋଇଯିବ ? ଅନ୍ୟମାନଙ୍କୁ ନିଜ ପଥର ପଥିକ କରାଇବାର ଉଦ୍ୟମଟି ଏତିକିବେଳେ ଅପରିହାର୍ଯ୍ୟ । ପଣ୍ଡିତ ନୀଳକଂଠ ଏହି ମତର ବିଶ୍ୱାସୀ ଥିଲେ । ଛାତ୍ରାବସ୍ଥାରେ ଚପଳମତି ବାଳକମାନଙ୍କୁ ମନରେ ସେ କିପରି ସାମ୍ୟଭାବର ଉଦ୍ରେକ କରାଇବା ନିମିତ୍ତ ଚେଷ୍ଟା କରୁଥିଲେ, ତାହା ତାଙ୍କ 'ଶ୍ମଶାନ' କବିତାରୁ ସ୍ପଷ୍ଟ ପରିସ୍ଫୁଟ ହେବ–

" ନଦୀ ତୀରେ ଗ୍ରାମ୍ୟ ଶ୍ମଶାନ ରାଜେ ରଜନୀ ମୁଖେ,
ଦେଖି ଚିନ୍ତାକୁଳ ଭାବୁକ ଭାବେ ଆପଣା ସୁଖେ ।
ଭବ ଧାମେ ବହି କରାଳ କାଳ ପବନ ଖରେ,
ଲିଭଏ ସହସ୍ର ଜୀବନ ଦୀପ ପ୍ରତି କ୍ଷଣରେ ।
କାହିଁ ସେ ଅଯୋଧ୍ୟା କାହାନ୍ତି ରାମ ରାବଣ-ଅରି,
ମିଶିଛନ୍ତି କାଳ ସାଗରେ କ୍ଷୁଦ୍ର ବୁଦ୍ ବୁଦ୍ ପରି ।
କାହିଁ ଗଲେ ଯଦୁ ନନ୍ଦନ କାହିଁ ମଥୁରା ପୁରୀ,
ନିନ୍ଦୁଥିଲେ ଯେଉଁ ଗରବେ ସୁନା ସ୍ୱର୍ଗ ମାଧୁରୀ ।



Digitized by PPRACHIN, SOA

କେହି ରହିନାହିଁ ରହିବେ ନାହିଁ ଏ ଧରା ଧାମେ;
ଅଭିନୟ ସାରି ଶେଷରେ ମିଶି ଯିବେ ଶ୍ମଶାନେ ।
ମୋ ଘର ଭଉଣୀ ଆତ୍ମୀୟ ଭ୍ରାତା ଭଗିନୀ ମାନେ,
ଭବଲୀଳା ସାରି ଅକାଳେ ମିଶିଛନ୍ତି ଏ ସ୍ଥାନେ ।
କେତେ ପୁଣ୍ୟ ସ୍ମୃତି ତାଙ୍କର ଆଜି ନାଚେ ଆଖିରେ,
ବୁହାଇ ବିଭ୍ରାନ୍ତ ମାନସ ମନ ପ୍ରତି କ୍ଷଣରେ ।
ଏହି ଯେ ସମ୍ମୁଖେ ଜଳୁଛି ଚିତାନଳ ପ୍ରବଳ,
ଅନଳ ନୁହେଁ ସେ ପ୍ରତ୍ୟକ୍ଷେ କ୍ରୂର କାଳ କବଳ ।
ଶତ ନର ଶିର କଙ୍କାଳେ ଧବଳିତ ଶ୍ମଶାନ,
ଶ୍ୱାନ, ଶିବା, ଗୃଧ୍ର ଚିତ୍କାରେ ନିତ୍ୟ ଶବ୍ଦାୟମାନ ।
ଭେଦ ଜ୍ଞାନଶୂନ୍ୟ ପବିତ୍ର ପୀଠ ତୁହି ଶ୍ମଶାନ,
ଶିଖାଅ ମୋତେ ଏ ଜୀବନେ ଭବେ ସର୍ବେ ସମାନ ।
ତୋର ଆଶୀର୍ବାଦେ ସାଧିବି ସାମ୍ୟ ନୀତି ଜୀବନେ,
ଅନ୍ତେ ତୋର ଅଙ୍କେ ଆଶ୍ରିବି ଶାନ୍ତିମୟ କାନନେ ।"(୨୯୫)

## ୪, ନୀଳକଂଠଙ୍କ ଶିକ୍ଷାଦାନ ପ୍ରଣାଳୀର ବୈଶିଷ୍ଟ୍ୟ :

ଶିକ୍ଷକ ମାନଙ୍କ ସହିତ ଛାତ୍ରମାନଙ୍କ ପ୍ରଥମ ସଂସ୍ପର୍ଶ ଶ୍ରେଣୀ ଗୃହରେ । ପରସ୍ପର ମଧ୍ୟରେ ସମ୍ପର୍କ ସ୍ଥାପନର ପ୍ରଥମ ସୋପାନ ଶିକ୍ଷାଦାନ ପ୍ରଣାଳୀ । କେହି କେହି ଶିକ୍ଷକ ଅତ୍ୟନ୍ତ ଜ୍ଞାନୀ । ଅଥଚ ସେଇ ଜ୍ଞାନ ପ୍ରକାଶ କରିବାର ବିଶେଷ କ୍ଷମତା ତାଙ୍କର ନାହିଁ । କେହି କେହି ଅଳ୍ପଜ୍ଞ, କିନ୍ତୁ ତାହା ମନୋରଞ୍ଜକ ଭାବରେ ପ୍ରକାଶ କରିବାର ବିଶେଷ କ୍ଷମତା ତାଙ୍କର ଥାଏ । ଯେ ଉଭୟତଃ ସମର୍ଥ, ଅର୍ଥାତ୍ ସୁଜ୍ଞାନୀ ଏବଂ ମନୋରଞ୍ଜକ ରୂପେ ପ୍ରକାଶକ୍ଷମ ବକ୍ତା, ସେ ହିଁ ଶ୍ରେଷ୍ଠ ଶିକ୍ଷକ । କାଳିଦାସଙ୍କର ଏ ଶିକ୍ଷକ ପରିଭାଷା ନୀଳକଂଠଙ୍କ ଠାରେ ସାର୍ଥକ ।

ଶିକ୍ଷକ ଭାବରେ ପଣ୍ଡିତଜୀଙ୍କର ଦୂରଦୃଷ୍ଟି ଥିଲା ବିଲକ୍ଷଣ । ସତ୍ୟବାଦୀରେ ଶିକ୍ଷକ ଥିଲାବେଳେ 'ମା' ଶୀର୍ଷକ କବିତା ସେ ପଢ଼ାଉ-ଥିଲେ । କବିତାର ପ୍ରଥମ ପଦ ପଢ଼ାଇବାରେ ତାଙ୍କର ଗୋଟିଏ



Digitized by PPRACHIN, SOA

ଦୁଇଟି ଘଣ୍ଟା ଲାଗି ଯାଇଥିଲା । ସେ ଗ୍ରହୁଁ ନ ଥିଲେ 'ମା' କବିତାର ଧାଡ଼ି ଧାଡ଼ି ଆବୃତ୍ତି ଓ ଅର୍ଥ ପ୍ରକାଶ କରିବାକୁ । ଗୋଟିଏ ପଦ ପଢ଼ାଇଲା ବେଳକୁ ସେ ପିଲାଙ୍କ ମୁଣ୍ଡରେ ଏତିକି ଚିନ୍ତା ଓ ଏତକି ଜ୍ଞାନ ଭର୍ତ୍ତି କରି ଦେଉଥିଲେ, ଯାହା ଫଳରେ ସେହି ଜାତୀୟ ଶହ ଶହ କବିତା ପିଲାମାନେ ବଳେ ବଳେ ବୁଝି ପାରିବେ, କେବଳ 'ମା' କବିତାର ପ୍ରଥମ ପଦଟି ପଢ଼ି ସାରିବା ପରେ । (୨୯୬)

## ଶିକ୍ଷାଦାନରେ ବୈଜ୍ଞାନିକ ପଦ୍ଧତି :

ବାସ୍ତବିକ୍, ନୀଳକଂଠଙ୍କ ଶିକ୍ଷାଦାନ ପ୍ରଣାଳୀ ବୈଜ୍ଞାନିକ ପଦ୍ଧତି ଉପରେ ପ୍ରତିଷ୍ଠିତ ଥିଲା । ପିଲାମାନେ କିପରି ସହଜରେ ସବୁକଥା ବୁଝି ପାରିବେ, ମନେ ରଖି ପାରିବେ, ସେଥି ପ୍ରତି ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା । ଇତିହାସ ଶିକ୍ଷାଦାନ ସମ୍ପର୍କରେ ସେ ତାଙ୍କ 'ଆତ୍ମଜୀବନୀ'ରେ ଲେଖିଛନ୍ତି, "ପ୍ରତ୍ୟେକ ଶ୍ରେଣୀରେ ଭୂଗୋଳ ଓ ଇତିହାସ ପଢ଼ାଇବା ପାଇଁ ମୁଁ ଗୋଟିଏ ପଦ୍ଧତି ପ୍ରଚଳନ କରିଥିଲେ । 'Significant No. 6' ବୋଲି ଗୋଟିଏ ନୀତି ବାହାର କରି ପିଲାମାନଙ୍କୁ ବୁଝାଇ ଦେଲି ଯେ, 'ଆଦିମ ଯୁଗ', 'ବୈଦିକ ଯୁଗ', 'ହିନ୍ଦୁ ଯୁଗ','ମୁସଲମାନ ଯୁଗ','ମରହଟ୍ଟା ଯୁଗ' ଓ 'ବ୍ରିଟିଶ ଯୁଗ'—ଏ ଛ'ଯୁଗ; ବେଦ ଚାରି, ବେଦାଙ୍ଗ ଓ ଦର୍ଶନ ଶାସ୍ତ୍ର ଏ ମଧ୍ୟ ଛ' । ଚନ୍ଦ୍ରଗୁପ୍ତ, ଅଶୋକ କନିଷ୍କ, ହର୍ଷବର୍ଦ୍ଧନ, ଯଶୋବର୍ଦ୍ଧନ ଓ ପୃଥ୍ୱୀରାଜ—ଏମାନେ ଛ' ରାଜା ।" (୨୯୭) କେବଳ ଯେ ଏହି ପ୍ରକାର ସୁଗମ ପଦ୍ଧତି ନୀଳକଂଠ ଅବଲମ୍ବନ କରୁଥିଲେ, ତାହା ନୁହେଁ, ପିଲାମାନଙ୍କ ମାନସିକ ବିକାଶ ପ୍ରତି ମଧ୍ୟ ତାଙ୍କର ଗଭୀର ଦୃଷ୍ଟି ରହିଥିଲା । "Passages for Translation ପୁସ୍ତକ ଏହାର ପ୍ରମାଣ ବହନ କରେ ।

ଖ୍ରୀ ୧୯୧୮ରେ ଆଚାର୍ଯ୍ୟ ହରିହରଙ୍କ ଦ୍ୱାରା ଏହି ପୁସ୍ତକ ମୁଦ୍ରିତ ହୋଇଥିଲା । ଏଥିର ଗ୍ରନ୍ଥ କର୍ତ୍ତା କିଏ ତାଙ୍କର ନାମୋଲ୍ଲେଖ ପର୍ଯ୍ୟନ୍ତ ନାହିଁ । ତେବେ ସତ୍ୟବାଦୀ ବିଦ୍ୟାଳୟର କାର୍ଯ୍ୟଧାରାରୁ ଏହା ସ୍ପଷ୍ଟ ଯେ, ଏହାର ମୁଖ୍ୟକର୍ତ୍ତା ଅବଶ୍ୟ ନୀଳକଂଠ । (୨୯୮) ସେ ସମୟରେ ପାଟନା ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ପାଇଁ କୌଣସି ଇଂରେଜୀ ପାଠ୍ୟ ପୁସ୍ତକ ନ ଥିଲା । ପ୍ରଥମ ପତ୍ରରେ କେବଳ ଅନୁବାଦ



Digitized by PPRACHIN, SOA

ଥିଲା ୭୦ ନମ୍ବର । ୨୦୦ରୁ କେବଳ ୭୦ ନମ୍ବର ଅନୁବାଦରେ ତେଣୁ ଛାତ୍ରମାନଙ୍କର ମୁଣ୍ଡବ୍ୟଥା, ପୁଣି, ଶିକ୍ଷକ ମାନଙ୍କର ଗୁରୁଦାୟିତ୍ୱ । ପ୍ରଥମେ ପ୍ରଥମେ ଛାତ୍ରମାନଙ୍କୁ ଶିକ୍ଷକମାନେ ଗୋଟିଏ ଓଡ଼ିଆ ଅନୁଚ୍ଛେଦ ଡାକି ଦିଅନ୍ତି । ଛାତ୍ରମାନେ ଖାତା ଦେଖାଇଲା ବେଳେ ଶିକ୍ଷକମାନେ ଭୁଲ ଶବ୍ଦମାନ କାଟି ଠିକ୍ ଶବ୍ଦମାନ ସେମାନଙ୍କ ଖାତାରେ ଲେଖି ଦିଅନ୍ତି । ଏହା ଦ୍ୱାରା ଛାତ୍ରମାନଙ୍କର ବିଶେଷ କିଛି ଉପକାର ହେଉ ନ ଥିଲା । 'Passages for Traslation' ବହିର ସଙ୍କଳନ ସମ୍ବନ୍ଧରେ ଜୁନ୍ ପହିଲା ୧୯୧୮ ମସିହାରେ ହରିହର ଦାସଙ୍କ ସ୍ୱାକ୍ଷରରେ ଲେଖା ଅଛି, "This is a new book in Orissa, meant for higher class students of High Schools. The general method found in Bengali Translation books has not been followed in this. We suppose, on this account, the book will be more helpful to students. It embodies the class notes of our teachers, who, it must be acknowledged, had taken great pains to make those suitable to them. It was found that our boys profited very much by the adoption of this plan. The boys were given the passages to translate, and after they did so, hints and instructions were given to them. They corrected their work in the light of these hints and then submitted their papers to be looked over. As this plan of translation succeeded so well with our boys, our desire is that students who use the book will follow our plan and resist the temptation of turning to the hints before they have finished a para."

ଏ ପ୍ରଣାଳୀ ପୂର୍ଣ୍ଣମାତ୍ରାରେ ବିଜ୍ଞାନସମ୍ମତ । ଆହୁରି ମଧ୍ୟ ଉକ୍ତ ପୁସ୍ତକରେ ଅନୁଚ୍ଛେଦ ମାନଙ୍କର ଗୋଟିଏ ସ୍ତର ଅଛି ଓ ଶେଷରେ ଅପେକ୍ଷାକୃତ କଷ୍ଟକର ଅନୁଚ୍ଛେଦମାନ ଦିଆ ଯାଇଛି ।



Digitized by PPRACHIN, SOA

ଛାତ୍ରମାନଙ୍କୁ ଶିକ୍ଷାଦାନ ବେଳେ ନୀଳକଂଠ ସର୍ବଦା ସାବଲୀଳ ଭାଷା ଓ ସହଜ ଉପମାର ପକ୍ଷପାତୀ ଥିଲେ । ନୀଳକଂଠଙ୍କ ନାମରେ ଗୋଟିଏ ଜନରବ ସାଧାରଣରେ ପ୍ରଚଳିତ ଅଛି ଯେ, ତାଙ୍କ ଭାଷାରେ ଜନସାଧାରଣଙ୍କ ଦନ୍ତସ୍ଫୁଟ ହୁଏ ନାହିଁ । ଏହା ଯେପରି ଦୁର୍ବୋଧ୍ୟ ସେପରି ଭାବଗମ୍ଭୀର । ମାତ୍ର, 'ଶିକ୍ଷା କଅଣ'– ଏହି ବକ୍ତୃତାରେ ତାଙ୍କର ଶ୍ରୋତା ହେଉଛନ୍ତି ସରଳମତି ଜିଜ୍ଞାସୁ ବାଳକ ବୃନ୍ଦ । ସେ ତାଙ୍କୁଇ ଲକ୍ଷ୍ୟକରି ଅନର୍ଗଳ ଭାଷାରେ କହି ଚାଲିଛନ୍ତି । କେଉଁଠାରେ ଗୋଟିଏ ହେଲେ କ୍ଲିଷ୍ଟ ଶବ୍ଦର ପ୍ରୟୋଗ ନାହିଁ । (୨୯୯) ଉକ୍ତ ବକ୍ତୃତାରେ ଛାତ୍ରମାନଙ୍କୁ ଆତ୍ମବିକାଶର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ନୀଳକଂଠ କହିଛନ୍ତି, ଗଛ ଚେରଦ୍ୱାରା ମାଟି ଭିତରୁ ତାର ଯେଉଁ ରସ ଦରକାର, ତାହା ଟାଣିନିଏ । ଆଲୁଅରୁ, ପବନରୁ ନିଜର ଖାଦ୍ୟ ସଂଗ୍ରହ କରେ, ଯାହା ଯେଉଁଠାରୁ ଆଣେ, ତାହା ନିଜର ଖାଦ୍ୟରେ ପରିଣତ କରେ । ତୁମେ ନିଜେ ଏଠାରେ କେତେ ଗଛ ପୋତୁଅଛ, ବଢ଼ାଉ ଅଛ, ଦେଖୁଥିବ, ଗଛ ମୂଳରେ ତୁମେ ଖତ ଦିଅ, ପିଡ଼ିଆ ଦିଅ । ତାହା ଖାଇ ଗଛ ବଢ଼ିଯାଏ । କିପରି ବଢ଼େ ? ତୁମେ ପାଠ ମୁଖସ୍ଥ କରି ପରୀକ୍ଷାରେ ଅବିକଳ କାଢ଼ି ପକାଇଲା ପରି ନୁହେଁ । ଗଛ ପିଡ଼ିଆ ଖାଇ ପିଡ଼ିଆ କାଢ଼େ ନାହିଁ । ଖାଏ ପିଡ଼ିଆ, କାଢ଼େ ସୁନ୍ଦର ପତ୍ରଟିଏ, ଫଳଟିଏ । ତୁମେ ମଧ୍ୟ ପ୍ରତିଦିନ ଭାତ, ଡାଲି, ପରିବା ଖାଉଅଛ, ତୁମ୍ଭ ଦେହ ବଢୁଅଛି । ଖାଇବାରୁ ଦେହ ଉପରେ ଭାତ, ଡାଲି ଲାଗି କରି ଦେହ ବଢ଼ୁ ନାହିଁ । ଭାତ, ଡାଲି ସବୁ ଶରୀରର ରକ୍ତ, ମାଂସ, ହାଡ଼ରେ ପରିଣତ ହେଉଅଛି ।" ଏହି ଉଦ୍ଭିଦ ଜଗତର ସାମଞ୍ଜସ୍ୟ ଉପମା ଦେବା କି ଚମତ୍କାର ଓ ବାଳକମାନଙ୍କର କେଡ଼େ ପ୍ରାଣସ୍ପର୍ଶୀ ଏବଂ ବିଷୟଟିକୁ ହୃଦୟଙ୍ଗମ କରିବାରେ କେଡ଼େ ସହାୟକ !

ଏଠାରେ ମନେରଖିବା କଥା ଯେ, ଏହି ସମୟରେ ବଡ଼ମ୍ବାର ରାଜାଙ୍କ ଦ୍ୱାରା ବିତାଡ଼ିତ କୃଷି ବିଶାରଦ ସୁମନ୍ତ ପଟ୍ଟନାୟକଙ୍କୁ ଗୋପବନ୍ଧୁ ଆଦରରେ ନିମନ୍ତ୍ରଣ କରି ଆଣି ସତ୍ୟବାଦୀ ବିଦ୍ୟାଳୟରେ କୃଷି କର୍ମର ପ୍ରବୀଣ ଅଧ୍ୟାପକ ରୂପେ ନିଯୁକ୍ତି ଦେଇଥିଲେ । ସେତେବେଳେ ପ୍ରତି କୋଠରୀ ପାଇଁ ଖଣ୍ଡିଏ ଖଣ୍ଡିଏ ଜମି ନିର୍ଦ୍ଦିଷ୍ଟ ଥିଲା । ଛାତ୍ରମାନେ ମିଳିମିଶି ସେଥିରେ ସୁନ୍ଦର ସୁନ୍ଦର ଶାଲଗମ୍, ପିଆଜ, କୋବି, ଧନିଆ ଓ ଶାକ୍



Digitized by PPRACHIN, SOA

ସବଜିମାନ ବଢ଼ାଉଥିଲେ । ଏଠାରେ ନୀଳକଂଠ ସେହି ସାମଞ୍ଜସ୍ୟଟି ଦେବାରେ, ତାଙ୍କର ଲକ୍ଷ୍ୟ ହେଉଛି, ପିଲେ ତାଙ୍କର ଗୂଢ଼ ଉପଦେଶର ଅନ୍ତର୍ନିହିତ ତତ୍ତ୍ୱ ଶୀଘ୍ର ହୃଦୟଙ୍ଗମ କରିବେ । ନୀଳକଂଠଙ୍କ ରଚିତ 'ଉଦ୍ଭିଦ ରହସ୍ୟ'ରେ ପୁସ୍ତକଗତ ପରୋକ୍ଷ ଜ୍ଞାନ ସହ ତାଙ୍କର ପ୍ରତ୍ୟକ୍ଷ ଜ୍ଞାନର ବୈଜ୍ଞାନିକ ସମ୍ମିଶ୍ରଣ ଯେପରି ଘଟିଛି, ତାହା ମଧ୍ୟ ଏ ପ୍ରସଙ୍ଗରେ ସ୍ମରବ୍ୟ । (୩୦୦)

## ଅନ୍ୟତମ ପ୍ରମାଣ : କ୍ଲାସ ଲାଇବ୍ରେରୀର ପରିଚାଳନା :

ଛାତ୍ରମାନଙ୍କ ଜ୍ଞାନବୃଦ୍ଧି ନିମିତ୍ତ ନୀଳକଂଠ ଯେଉଁ ବୈଜ୍ଞାନିକ ପଦ୍ଧତିଟି ଅବଲମ୍ବନ କରିଥିଲେ, ତାହା ହେଉଛି କ୍ଲାସ ଲଇବ୍ରେରୀ ପ୍ରଥା ପ୍ରଚଳନ । ଏ ଦେଶରେ ଖ୍ରୀ: ୧୯୨୪ ପୂର୍ବରୁ ବିଜ୍ଞାନ-ସମ୍ମତ ପନ୍ଥାରେ କୌଣସି ଗ୍ରନ୍ଥାଗାର ପରିଚାଳନା ଆରମ୍ଭ ହୋଇ ନ ଥିଲା । ଡଃ ଏସ୍. ଆର୍. ରଙ୍ଗନାଥନ୍ ନାନା ଅନୁଶୀଳନ ପରେ ଗ୍ରନ୍ଥାଗାରମାନ କିପରି ଭବରେ ଦେଶରେ ଜ୍ଞାନ ପ୍ରସାରର ଉପଯୁକ୍ତ ମାଧ୍ୟମ ହୋଇପାରିବ, ସେ ବିଷୟରେ ପାଞ୍ଚଟି ସୂତ୍ର ବାହାର କଲେ । ତାହାହିଁ ଏବେ ଗ୍ରନ୍ଥାଗାର ପରିଚାଳନାର ସର୍ବଶ୍ରେଷ୍ଠ ଉପାୟ ବୋଲି ବିବେଚିତ ହେଉଛି ।

ତନ୍ମଧ୍ୟରୁ ପ୍ରଥମ ସୂତ୍ରଟି ହେଲା, "Books are for use" । ପଣ୍ଡିତ ନୀଳକଂଠ ଲେଖିଛନ୍ତି, "ପାଠପଢ଼ାରେ ପିଲାମାନଙ୍କର ଅତ୍ୟନ୍ତ ଆଗ୍ରହ ଦେଖି ମୁଁ ପରେ କ୍ଲାସ ଲଇବ୍ରେରୀର ବ୍ୟବସ୍ଥା କରିଦେଲି । ପ୍ରତ୍ୟେକ ଶ୍ରେଣୀର ଉପଯୋଗୀ ପୁସ୍ତକ ଗୁଡ଼ିଏ ଗୋଟିଏ ଗୋଟିଏ ଛୋଟ ଆଲମାରୀରେ ପ୍ରତି ଶ୍ରେଣୀ ଗୃହରେ ରଖାଯାଉଥିଲା ।" (୩୦୧) ଏହାହିଁ ଉପରୋକ୍ତ ସୂତ୍ରର ଉଦ୍ଦେଶ୍ୟ ।

ପୁନଶ୍ଚ, ନୀଳକଂଠ ଲେଖିଛନ୍ତି, "ପ୍ରତି କ୍ଲାସର ଶିକ୍ଷକମାନେ ଛାତ୍ରର ମାନସିକ ବୃଦ୍ଧି ଓ ଗ୍ରହଣ କ୍ଷମତା ଜାଣି ତାକୁ ଉପଯୋଗୀ ପୁସ୍ତକ ଦେବେ ଏବଂ ସେ ବହି ପଢ଼ି ଫେରାଇଲା ବେଳେ ତା'ଠାରୁ ପାଠ ଆଦାୟ କରିବେ ।" (୩୦୨) ଏହାହିଁ ଗ୍ରନ୍ଥାଗାର ପରିଚାଳନାର ୨ୟ ଓ ୩ୟ ସୂତ୍ର–



Digitized by PPRACHIN, SOA

'Every Reader-his or her book' ଓ 'Every book and it's Readers'ର ଉଦ୍ଦେଶ୍ୟ ।

ହେଡ୍‌ମାଷ୍ଟର ନୀଳକଂଠଙ୍କ ଲକ୍ଷ୍ୟ ଥିଲା 'ପିଲାମାନେ କିପରି ଭଲ ପାଠ ପଢ଼ିବେ, ଶୁଣିବା ମାତ୍ରେ ଗିଳି ପକାଇ ମନେରଖି ପାରିବେ ଓ ପ୍ରାଂଜଳ ଭାବରେ ଭାବ ବ୍ୟକ୍ତ କରି ପାରିବେ' । (୩୦୩) ଏହାହିଁ ଗ୍ରନ୍ଥାଗାର ପରିଗ୍ଚଳନାର ୪ର୍ଥ ସୂତ୍ର 'Save the time of Reader' ର ଉଦ୍ଦେଶ୍ୟ ।

ଇନ୍‌ସ୍‌ପେକ୍ଟର ଡ଼ିଉକ୍ ସାହେବ ଖ୍ରୀ ୧୯୧୫ ନଭେମ୍ବର ମାସ ପହିଲା ଓ ଦୁଇତାରିଖ ଦିନ ସତ୍ୟବାଦୀ ବିଦ୍ୟାଳୟ ପରିଦର୍ଶନ କରି ଲେଖିଥିଲେ, "The school Library contains 1425 books, 16 maps and 3 globes. Thus it has increased during the last 7 months at the rate of 40 volumes per month, a satisfactory rate, which I trust wiil be maintained for some time to come.' ଏହା ଯେ କ୍ରମବର୍ଦ୍ଧିଷ୍ଣୁ ସଂସ୍ଥାର ଏକ ଉତ୍ତମ ଦୃଷ୍ଟାନ୍ତ, ଏଥିରେ ସନ୍ଦେହ ନାହିଁ । ଏହାମଧ୍ୟ ରଙ୍ଗନାଥନ୍‌ଙ୍କ ୫ମ ସୂତ୍ର 'Library is a growing organism'ର ଲକ୍ଷ୍ୟ ।

ଏହିପରି ପଣ୍ଡିତ ନୀଳକଂଠ ତାଙ୍କ ଅଲକ୍ଷ୍ୟରେ ଯେ ସେ କାଳରେ ଏବର ବିଜ୍ଞାନ ସମ୍ମତ ପନ୍ଥାର ପାଞ୍ଚଟିଯାକ ସୂତ୍ର ପାଳନ କରି ପାରିଥିଲେ, ଏହା ଆଶ୍ଚର୍ଯ୍ୟର କଥା ଏବଂ ଏଥିରୁ ହିଁ ଶିକ୍ଷାଦାନରେ ତାଙ୍କର ସହଜାତ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ସୁସ୍ପଷ୍ଟ । ଏ ସମ୍ପର୍କରେ ଅଧ୍ୟାପକ ଶକ୍ତିକାନ୍ତ ମିଶ୍ର ବିଶେଷ ଆଲୋଚନା କରିଛନ୍ତି । (୩୦୪)

## ନୈତିକ ଶିକ୍ଷାଦାନ :

ମାତ୍ର ବିଜ୍ଞାନ ସମ୍ମତ ଶିକ୍ଷାପଦ୍ଧତି ଛାତ୍ରର ଆତ୍ମବିକାଶ ନିମିତ୍ତ ସବୁକିଛି ନୁହେଁ । କେବଳ, କେତେକ ପାଠ୍ୟ ମୁଖସ୍ଥ କରି ପରୀକ୍ଷାରେ



Digitized by PPRACHIN, SOA

ଲେଖିଦେଲେ ଶିକ୍ଷା ସମାପ୍ତ ହୋଇଯାଏ ନାହିଁ । ନୀଳକଂଠ ମଧ୍ୟ ଏଥିରେ ବିଶ୍ୱାସୀ ନଥିଲେ । (୩୦୫) ଆତ୍ମବିକାଶ ବିନା ଶିକ୍ଷା ଅସମାପ୍ତ । ଏହି ଆତ୍ମବିକାଶ ପାଇଁ ନୈତିକ ଶିକ୍ଷାର ଆବଶ୍ୟକତା ଅପରିହାର୍ଯ୍ୟ । ନୈତିକ ଚରିତ୍ରର ବିକାଶ ଲାଗି ସତ୍ୟବାଦୀ ବିଦ୍ୟାଳୟର ପରିକଳ୍ପନା ହୋଇଥିଲା । ଶୃଙ୍ଖଳା, ଧୈର୍ଯ୍ୟ ଓ ସଂଯମ ସ୍କୁଲର ମୂଳଭିତ୍ତି । (୩୦୬) ଏଥି ନିମିତ୍ତ ନୀଳକଂଠଙ୍କ ଅଧିନାୟକତ୍ୱରେ ପ୍ରତି ଶନିବାର ଦିନ ବ୍ଲକ୍‌ମିଟିଂମାନ ଅନୁଷ୍ଠିତ ହେଉଥିଲା । ଏଥିରେ ସ୍କୁଲର ଶିକ୍ଷକମାନେ ଓ ବହୁ ପ୍ରସିଦ୍ଧ ବ୍ୟକ୍ତି ନୈତିକ ଚରିତ୍ରର ବିକାଶଲାଗି ଛାତ୍ରମାନଙ୍କୁ ଉପଦେଶ ପ୍ରଦାନ କରି ବକ୍ତୃତାମାନ ଦେଉଥିଲେ । ନୀଳକଂଠ ଅନ୍ୟାନ୍ୟ ଶିକ୍ଷକମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବକ୍ତା ରୂପେ ପରିଚିତ ଥିଲେ । ସେ ଶନିବାର ରାତିର ବ୍ଲକ୍ ମିଟିଙ୍ଗରେ ବହୁ ଶିକ୍ଷଣୀୟ ବିଷୟରେ ଛାତ୍ରମାନଙ୍କର ଘୋର ନିସ୍ତବ୍ଧତା ମଧ୍ୟରେ ଘଣ୍ଟା ଘଣ୍ଟା ଧରି 'ଗୁରୁଶିଷ୍ୟ ସମ୍ବାଦ', 'ଶିକ୍ଷକତା', 'ଚରିତ୍ର ହିଁ ପରମ୍ ବଳଂ' ସମ୍ବନ୍ଧରେ ଅନର୍ଗଳ କହି ଯାଉଥିବା କଥା ପୂର୍ବରୁ କୁହାଯାଇଛି । (୩୦୭)

ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ବନ୍ଧରେ ନୀଳକଂଠ ଛାତ୍ରମାନଙ୍କୁ "ଶିକ୍ଷା କଅଣ" ପ୍ରସଙ୍ଗରେ ଉଦ୍‌ବୋଧନ ଦେଇ କହିଛନ୍ତି, "କେବଳ ଛାତ୍ର ଜୀବନରେ ନୁହେଁ, ବଡ଼ ହେଲେ ଜାଣିବ, ଆଜିକାଲି ଯୁଗଟା ମନୁଷ୍ୟ ବୋଲି ଦେଖାଇ ହେବାର ଯୁଗ, ମନୁଷ୍ୟ ହେବାର ଯୁଗ ନୁହେଁ । × × × × ଯାହା ନୁହେଁ, ତାହା ଦେଖାଇ ହେବା ବର୍ତ୍ତମାନ ଶିକ୍ଷାପ୍ରାପ୍ତ ବ୍ୟକ୍ତିମାନଙ୍କର ଲକ୍ଷଣ ହୋଇଅଛି, ଯେପରିକି ଆମ୍ଭମାନଙ୍କର ଆଜି ବିଭଘର । × × × × ତୁମର ନୀତିହୀନ ଶିକ୍ଷା ବିଭଘର ଦିନପରି । ଆମ୍ଭମାନଙ୍କର ପୂର୍ବପୁରୁଷମାନେ ଏପରି କଥାକୁ ବଡ଼ ଘୃଣା କରୁଥିଲେ । ଏ ଶିକ୍ଷା ଛାଡ଼ି ପ୍ରକୃତ ଶିକ୍ଷା ନ ପାଇଲେ ଆମର ଗତି ନାହିଁ । ତେବେ ପ୍ରକୃତ ଶିକ୍ଷା କଅଣ, ତାହାର ଉଦ୍ଦେଶ୍ୟ ତୁମର ଜାଣିବା ଦରକାର । × × × ଯେଉଁ ପିଲାକୁ ଇଂରାଜୀ ମୋଟେ ଜଣାନାହିଁ ସେ ଦଶଟା ବାଛି ବାଛି ଇଂରାଜୀ ପ୍ରବନ୍ଧ ମୁଖସ୍ଥ କରିଦେଲେ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଯିବ । ଏହାର ନାମ କଅଣ ଶିକ୍ଷା ? ଏହି ଶିକ୍ଷା ପାଇବା ସକାଶେ ତୁମ୍ଭର ପିତା, ମାତା, ତୁମ୍ଭମାନଙ୍କୁ କ'ଣ ଆମ୍ଭରି-ଠାରେ ସମର୍ପଣ କରି ଯାଇଛନ୍ତି ? × × × ପ୍ରକୃତ ଶିକ୍ଷାରେ ଆମ୍ଭେ ଠିକ୍ ଯାହା, ତାହା ଜାଣିପାରୁ ଏବଂ ଦରକାର ହେଲେ ଲୋକଙ୍କୁ ସେଇଯା



Digitized by PPRACHIN, SOA

ବୋଲି ଜଣାଉ । ଆମର ଅଭାବ ବା ଦୋଷ ଥିଲେ ତାହା ପୂର୍ଣ୍ଣ କରିବାକୁ ଚେଷ୍ଟା କରୁ । ଲୋକେ ଜାଣିଲେ କି ଜାଣିଲେ ନାହିଁ, ସେଥିପାଇଁ ଅପେକ୍ଷା ରଖୁନାହିଁ । କ୍ରମେ କ୍ରମେ ନିଜେ ଭଲ ହେବାକୁ ଚେଷ୍ଟା କରୁ । ଜ୍ଞାନରେ, ନୀତିରେ, ସ୍ୱାସ୍ଥ୍ୟରେ ବଡ଼ ଓ ଭଲ ହେବା ଶିକ୍ଷାର ଉଦ୍ଦେଶ୍ୟ ଓ ଫଳ । ଏହାକୁ ହିଁ କହନ୍ତି ଆତ୍ମ ବିକାଶ । ଏହି ଆତ୍ମବିକାଶ ନ ହେଲେ ଶିକ୍ଷା ହେଲା ନାହିଁ ।"

ଏହିପରି ନୀତିଗର୍ଭମୂଳକ ଓ ଉପଦେଶାତ୍ମକ ବକ୍ତୃତା ଶିକ୍ଷାବିତ୍‌ମାନେ ଅନେକ ସ୍ଥାନରେ ଦେଇ ଥାଆନ୍ତି । ମାତ୍ର, ସଭା ଶେଷ ହେଉ ହେଉ ସମସ୍ତେ ତାଙ୍କ କଥାର ଗୁରୁତ୍ୱ ପାଶୋରି ଯାଆନ୍ତି । କିନ୍ତୁ ନୀଳକଂଠ, ଗୋପବନ୍ଧୁ ଆଦି ଛାତ୍ରମାନଙ୍କ ମଧ୍ୟରେ ନୈତିକ ଶୃଙ୍ଖଳା ବିଧାନ କରିବା ନିମନ୍ତେ ଯେଉଁ ସରଳ, ସୁନ୍ଦର ଓ ସାବଲୀଳ ଏବଂ ଜ୍ଞାନଗର୍ଭକ ବକ୍ତୃତାମାନ ଦେଉଥିଲେ, ତାହା କିପରି ଭାବରେ ଛାତ୍ରମାନଙ୍କୁ ପ୍ରଭାବିତ କରିଥିଲା, ତାହାର ଜ୍ୱଳନ୍ତ ନିଦର୍ଶନ ସେମାନଙ୍କର କର୍ମମୟ ଜୀବନ ଭିତରେ ପ୍ରାଞ୍ଜଳ ଭାବରେ ଦେଖା ଯାଉଥିଲା । ରକ୍ଷଣଶୀଳମାନେ ବନବିଦ୍ୟାଳୟର ଘର ପୋଡ଼ିଦେବାର ପରଦିନ ପରୀକ୍ଷା ହେବାର ଥିଲା । ପିଲାମାନେ ପ୍ରଶ୍ନ କାଗଜ ନେଇ ନିଜ ଇଚ୍ଛାନୁସାରେ ସ୍ଥାନ ବାଛି ନେଲେ । କୌଣସି ଶିକ୍ଷକ ବୁଲି ମଧ୍ୟ ଦେଖିଲେ ନାହିଁ । ଯଥା ସମୟରେ ଛାତ୍ରମାନେ ଖାତା ଦେଇଦେଲେ । ଦେଖାଗଲା, ସେ ପଦ୍ଧତିରେ ଯେ ଯେପରି କରନ୍ତି ଠିକ୍ ସେହିପରି କରିଥିଲେ । (୩୦୮)

ଆଉ ଥରକର କଥା । ମଧୁବାବୁଙ୍କ ଅନୁରୋଧରେ ସତ୍ୟବାଦୀର ଛାତ୍ରମାନେ ଉତ୍କଳ ସମ୍ମିଳନୀରେ ସ୍ୱେଚ୍ଛା ସେବକ ଭାବେ ଯୋଗ ଦେଇ-ଥାନ୍ତି । ମିଃ ଦାସଙ୍କ ଆଦେଶ ଥିଲା ଯେ, ଯେ କୌଣସି ବ୍ୟକ୍ତି ହେଉ ପଛକେ, ଟିକେଟ ନ ଦେଖାଇଲେ କାହାରିକି ପ୍ରବେଶ କରିବାକୁ ସ୍ୱେଚ୍ଛାସେବକ ମାନେ ଦେବେ ନାହିଁ । ଚାରିଜଣ ସ୍ୱେଚ୍ଛାସେବକ ଦୁଇଟି ସ୍ଥଳରେ ଟିକେଟ ଦେଉଥାନ୍ତି । ଆଉ ଆଠଜଣ ପ୍ରଧାନ ଦ୍ୱାର ଦେଶରେ ଜଗି ରହିଥାନ୍ତି । ଅନ୍ୟ ତିନି ଫାଟକରେ ଦୁଇ ଜଣ



Digitized by PPRACHIN, SOA

ନିଯୁକ୍ତଥାନ୍ତି । ସେ ବାଟରେ ପ୍ରବେଶ କରିବାକୁ ମନା । ମାତ୍ର, ଭିନ୍ନ ଭିନ୍ନ ବାଟରେ ବାହାରକୁ ଯିବାର ବନ୍ଦୋବସ୍ତ ଥାଏ । ଜଣେ ଭଦ୍ରବ୍ୟକ୍ତିଙ୍କୁ ସ୍ୱେଚ୍ଛାସେବକମାନେ ବିନା ଟିକେଟ୍‌ରେ ଯିବାକୁ ଅନୁମତି ଦେଲେ ନାହିଁ । ଗୋଦାବରୀଶ ତାଙ୍କର ପରିଚୟ ଦେବାରୁ ସେ ପ୍ରବେଶ କରିଥିଲେ । କିନ୍ତୁ ବାଟରେ ଆଉ କେତେକ ସ୍ୱେଚ୍ଛାସେବକ ତାଙ୍କୁ ଅଟକାଇ ଦେଲେ । ମିଃ ଦାସ ଘଟଣା ସ୍ଥଳରେ ପହଂଚି ଉକ୍ତ ଭଦ୍ରବ୍ୟକ୍ତିଙ୍କୁ ଛାଡ଼ିଦେବାକୁ ସ୍ୱେଚ୍ଛାସେବକ ମାନଙ୍କୁ ଗମ୍ଭୀର କଣ୍ଠରେ କହିଲେ । ତଥାପି ସତ୍ୟବାଦୀର ଛାତ୍ରମାନେ ନିର୍ଦ୍ଧାରିତ ଶୃଙ୍ଖଳାକୁ ବ୍ୟତିକ୍ରମ କରିବାକୁ କୁଣ୍ଠା ପ୍ରକାଶ କଲେ । ଗୋପବନ୍ଧୁ ପହଂଚି କହିଲେ– 'ସେ ପର କବିବର ଗଙ୍ଗାଧର ମେହେର, ତାଙ୍କୁ ଛାଡ଼ି ଦିଅ ।' ଚିହ୍ନିବା ପରେ ପିଲମାନେ କବିବରଙ୍କୁ ଅଭିବାଦନ କଲେ । ଜଣେ ଛାତ୍ର ସଭାମଣ୍ଡପକୁ ଯାଇ ଗୋଟିଏ ବିଶିଷ୍ଟ ଅତିଥି ଟିକେଟ ଆଣିଲେ । ମିଃ ଦାସ ଏପରି ଶୃଙ୍ଖଳାଜ୍ଞାନ ଦେଖି ଅବାକ୍ । ସେ କହିଲେ, "ଆଉ ଏ ବାଟରେ ଏ ଟୋକାଏ ଛାଡ଼ିବେ ନାଇରେ ବାପା ।" ତା'ପରେ ନୀଳକଂଠଙ୍କୁ କହିଲେ–"Nilakantha, your boys are fine" । ସେହିଠାରେ ଠିଆ ହୋଇ ସେ ଗୋଟିଏ କ୍ଷୁଦ୍ର ବକ୍ତୃତା ଦେଲେ । "ନେପୋଲିଅନ୍ ବୋନାପାର୍ଟଙ୍କ ଜୀବନରେ ଏହିପରି ଏକ ଅନୁଭୂତି ଜଣେ ବିଶ୍ୱସ୍ତ ପ୍ରହରୀଠାରୁ ହୋଇଥିଲା । ନେପୋଲିଅନ୍ ସମ୍ରାଟ ଥିବାରୁ ପ୍ରହରୀକୁ ଯଥେଷ୍ଟ ପୁରସ୍କାର ଦେଇଥିଲେ । ଆମେ ସବୁ କାଙ୍ଗାଳ, କି ପୁରସ୍କାର ଦେବି ?" ଏତିକିବେଳେ ଜନତା ମଧ୍ୟରୁ ଆନନ୍ଦ ଧ୍ୱନି ଉଠିଲା ଏବଂ ମିଃ ଦାସଙ୍କୁ "Uncrowned king of Orissa" ଧ୍ୱନିରେ ଜନତା ଅଭିବାଦନ ଜଣାଇଲା । ମିଃ ଦାସ କବିବରଙ୍କୁ ମାଲ୍ୟ ଦେଇ ପୂଜିତ କଲେ ଏବଂ ସେଥିରୁ ଖଣ୍ଡିଏ ସତ୍ୟବାଦୀର ସ୍ୱେଚ୍ଛାସେବକ ଚନ୍ଦ୍ରଶେଖରଙ୍କ ଉପରେ ପକାଇ ଦେଲେ । ସେହି ସମୟଠାରୁ ସମ୍ମିଳନୀ ଶେଷ ପର୍ଯ୍ୟନ୍ତ ସଭାକୁ ପ୍ରବେଶ ଓ ବହିର୍ଗମନରେ ନିୟମ ସମସ୍ତେ ପାଳନ କରିଥିଲେ । (୩୦୯) ଏ ହେଉଛି ସତ୍ୟବାଦୀ ଛାତ୍ରମାନଙ୍କର ଶୃଙ୍ଖଳାଜ୍ଞାନ । ସତ୍ୟବାଦୀର ଶିକ୍ଷକମାନଙ୍କର ନୈତିକ ଶିକ୍ଷାଦାନର ଫଳ ଇଏ, ଯାର ମୁଖ୍ୟକର୍ତ୍ତା ନୀଳକଂଠ ।

ଏବେ ବି, କେଉଁଠି ବାରି ହୋଇ ପଡ଼ୁଥିବା କୌଣସି ଆତ୍ମନିର୍ଭର-ଶୀଳ, ନିଷ୍ଠାପର ବ୍ୟକ୍ତିଟିଏ ଦେଖିଲେ ପ୍ରଥମେ ତର୍କଣା ହୁଏ, ସେ



Digitized by PPRACHIN, SOA

ସତ୍ୟବାଦୀର ଛାତ୍ର କି ! ଏ ସ୍ୱତଃ ସନ୍ଦେହ ପ୍ରାୟ ସତହୁଏ । ଏହାହିଁ ନୀଳକଂଠଙ୍କ ପରି ଶିକ୍ଷକ ବୃନ୍ଦଙ୍କର ବିଜ୍ଞାନ ସମ୍ମତ ଓ ନୈତିକ ଶିକ୍ଷାର ପ୍ରଭବ, ପରିଣାମ ।

## ୫. ନୀଳକଂଠଙ୍କ ଦୃଷ୍ଟିରେ ଶିକ୍ଷା, ସାହିତ୍ୟ ଓ ସମାଜ :

ନୀଳକଂଠଙ୍କ ଦୃଷ୍ଟିରେ ଶିକ୍ଷା ଓ ସାହିତ୍ୟ ମଧ୍ୟରେ ବିଶେଷ କିଛି ପ୍ରଭେଦ ନ ଥିଲା । ସାହିତ୍ୟ ମାଧ୍ୟମରେ ଶିକ୍ଷାର ପ୍ରସାର ଓ ପ୍ରଚାର କରିବାକୁ ସେ ବ୍ୟାକୁଳ ଥିଲେ । ତାଙ୍କର ଇଚ୍ଛା ଥିଲା, "ଏହି ସତ୍ୟବାଦୀ ବିଦ୍ୟାଳୟରୁ ଯେପରି ଆଦର୍ଶ ଶିକ୍ଷକ, ବିପ୍ଳବୀ, ଦେଶ ସେବକ ଓ ସୁସଂସ୍କୃତ କର୍ମବୀର ବାହାରିବେ, ସେହିପରି ଆଦର୍ଶ ସାହିତ୍ୟିକ ମଧ୍ୟ ବାହାରିବେ ।" ଗୋପବନ୍ଧୁ ସେଥିପାଇଁ ଥରେ 'ସତ୍ୟବାଦୀ' ମାସିକ ପତ୍ରିକାରେ ଲେଖିଥିଲେ, "ଜାତୀୟ ଉନ୍ନତି ପକ୍ଷେ ସାହିତ୍ୟ ଏକ ପ୍ରଧାନ ଉପାଦାନ, ଏହା ଆମ୍ଭମାନଙ୍କର ବିଶ୍ୱାସ । ପ୍ରଥମେ ଲୋକ ସାଧାରଣଙ୍କ ଭାବନାରେ ପରିବର୍ତ୍ତନ ଘଟାଇବା ଆବଶ୍ୟକ । ଶାରୀରିକ ଶକ୍ତି ସଞ୍ଚୟ ନିମନ୍ତେ ମନୁଷ୍ୟ ଯେପରି ଆହାର ଲୋଡ଼େ, ମାନସିକ ଭାବର ବିକାଶ ନିମନ୍ତେ ସେଇପରି ନୂତନ ଚିନ୍ତା ଓ ଜ୍ଞାନର ପ୍ରୟୋଜନ ।" ତା ୨୯ । ୧୨ । ୧୯୩୦ ରିଖରେ ବନାରସରେ ହେଉଥିବା All Asia Educational Conferenceରେ ନୀଳକଂଠ ଦେଇଥିବା ବକ୍ତୃତା 'The Ideal and outlook in Education'ରେ ଶିକ୍ଷା ଓ ସାହିତ୍ୟ କିପରି ଅବିଚ୍ଛେଦ୍ୟ ଭାବେ ସଂପୃକ୍ତ ତାହା ସପ୍ରମାଣ ଉପସ୍ଥାପନ କରିଥିଲେ । ସେ ମଧ୍ୟ ଲେଖିଛନ୍ତି, "ସତ୍ୟବାଦୀରେ ସେତେବେଳେ ଗୋଟିଏ ସ୍ୱତନ୍ତ୍ର ସାହିତ୍ୟ-ଶୈଳୀ ବାହାର କରିବା ଆମ କଳ୍ପନାରେ ଖୁବ୍ ଥିଲା ।" (୩୧୦) ତାଙ୍କ ଦୃଷ୍ଟିରେ ଶିକ୍ଷାର ଅଭିବ୍ୟକ୍ତି ସାହିତ୍ୟରେ ଓ ସାହିତ୍ୟ ଶିକ୍ଷାର ମାଧ୍ୟମ ଏଥିପାଇଁ ଛାତ୍ରଙ୍କ ନିମିତ୍ତ ରଚିତ Passages for Translationରେ ସୁଦ୍ଧା ନୈତିକ ଶିକ୍ଷାଦାନର ଲକ୍ଷ୍ୟ ନିହିତ । ତେଣୁ ଏହି ପୁସ୍ତକରେ ନୈତିକ ଶିକ୍ଷା ସମ୍ବଳିତ କେତୋଟି ଅନୁଛେଦ ଅଛି, ଯଥା– XXIIIରେ ଦିଆ ଯାଇଥିବା 'ଗୁରୁଭକ୍ତି' ବିଷୟକ ଅନୁଛେଦ, 'ଆଦର୍ଶ ସାହିତ୍ୟ' ସମ୍ବନ୍ଧରେ IV ଅନୁଛେଦ ଆଦି ।

ପୁନଶ୍ଚ, ନୀଳକଂଠଙ୍କ ଦୃଷ୍ଟିରେ ସଂସ୍କୃତି ଓ ଦେଶ ପ୍ରେମ ଅବିଭାଜ୍ୟ ଏବଂ ଶିକ୍ଷା ଓ ସାହିତ୍ୟ ସହିତ ଏ ସମସ୍ତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ।



Digitized by PPRACHIN, SOA

ସେବା ଓ ସଂସ୍କାର ଶିକ୍ଷାର ଦୀକ୍ଷାଧାମ । ଏହି ଆଦର୍ଶରୁହିଁ ସାହିତ୍ୟିକ ନୀଳକଂଠଙ୍କ ଅଭ୍ୟୁଦୟ । 'ମୁକୁର' ଓ 'ଉତ୍କଳ ସାହିତ୍ୟ' ମାଧ୍ୟମରେ ପ୍ରଥମେ ସେ ଜଣେ ଘୋର ସମାଜ ବିପ୍ଳବୀ ଓ ସକ୍ରିୟ ସମାଜ ସଂସ୍କାରକ ରୂପେ ଆତ୍ମପ୍ରକାଶ କରିଥିଲେ । ତାଙ୍କ ଅଧିନାୟକତ୍ୱରେ ସତ୍ୟବାଦୀ ଥିଲା ଏକ ସବଳ ଜୀବନ୍ତ ଅନୁଷ୍ଠାନ । ଏହାର କାର୍ଯ୍ୟ ଗୋଟିଏ ସ୍ଥାନରେ ସୀମାବଦ୍ଧ ନ ଥିଲା । ଏ ସ୍କୁଲର ଛାତ୍ର ସଂଖ୍ୟା ଥିଲା ସହସ୍ରାଧିକ । ଏମାନଙ୍କ ଭିତରୁ ସ୍ୱେଚ୍ଛାସେବକମାନେ ପୁରୀର ରଥଯାତ୍ରାରେ ସେବାକାର୍ଯ୍ୟ କରୁଥିଲେ । କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ ଶାନ୍ତିଶୃଙ୍ଖଳା ରକ୍ଷାର ଭାର ବହନ କରିଥିଲେ । ହଇଜା, ବସନ୍ତ ରୋଗୀଙ୍କ ସେବାରେ ହେଡ୍‌ମାଷ୍ଟର ନୀଳକଂଠ ଓ ସତ୍ୟବାଦୀର ଛାତ୍ରଗଣ ବହୁ ବିନିଦ୍ର ରଜନୀ ଯାପନ କରିଛନ୍ତି । (୩୧୧) ପରବର୍ତ୍ତୀ ସମୟରେ ସମ୍ବଲପୁର ଜାତୀୟ ବିଦ୍ୟାଳୟ ସ୍ଥାପନ କାଳରେ ମଧ୍ୟ ନୀଳକଂଠଙ୍କର ଏହି ଆଦର୍ଶ ଅକ୍ଷୁର୍ଣ୍ଣ ରହିଥିଲା । (୩୧୨)

ସତ୍ୟବାଦୀ ବନବିଦ୍ୟାଳୟର ଇତିହାସ ସେ ଯୁଗର ସାଂସ୍କୃତିକ ଇତିହାସର ଏକ ଅଙ୍ଗ । ଏହାର ଶିକ୍ଷକମାନେ ଶିକ୍ଷାଦାନ ସଙ୍ଗେ ସଙ୍ଗେ ଉଚ୍ଚ ସାହିତ୍ୟ ସାଧନାରେ ବ୍ରତୀ ହୋଇଥିଲେ । ଏହାକୁ କେନ୍ଦ୍ର କରି ସେ ସମୟରେ 'ସତ୍ୟବାଦୀ' ସାହିତ୍ୟ ପତ୍ର ଓ 'ସମାଜ' ସମ୍ବାଦ ପତ୍ର ପ୍ରକାଶ ପାଇଥିଲା । 'ସତ୍ୟବାଦୀ' ଥିଲା ସାହିତ୍ୟ ସଂସ୍କୃତି ଓ ରାଜନୀତି ଘେନି ଉଚ୍ଚକୋଟୀର ସମୀକ୍ଷା ସମ୍ବଳିତ ଏକ ସାମୟିକ ପତ୍ର । ଏଥିରେ କବିତା ଗଳ୍ପ ଆଦି କୌଣସି ଲଘୁ ସାହିତ୍ୟ ପ୍ରକାଶିତ ହେଉ ନ ଥିଲା । ଏହାର ସମ୍ପାଦନା ଦାୟିତ୍ୱ ଗୁରୁକୁଳର ଅନ୍ୟାନ୍ୟ କାର୍ଯ୍ୟ ଭଳି ନୀଳକଂଠଙ୍କ ଉପରେ ହିଁ ନ୍ୟସ୍ତ ଥିଲା । ସେ ନିଜେ ଥିଲେ ଏହି ପତ୍ରିକାର ବହୁ ପ୍ରବନ୍ଧର ରଚୟିତା । ସାହିତ୍ୟ ସେବା ମଧ୍ୟରେ ଦେଶ ସେବା ଥିଲା ତାଙ୍କର ଲକ୍ଷ୍ୟ । ନିଜର ବିଶ୍ୱତୋମୁଖୀ ମାନବିକତା ଆଦର୍ଶକୁ କାର୍ଯ୍ୟରେ ରୂପାୟିତ କରିବା ପାଇଁ ସେ ଉତ୍କଳ ଭୂମି ଓ ଓଡ଼ିଆ ଭାଷାକୁ ହିଁ ବାଛି ନେଇଥିଲେ । ଏହି ଭାବ ସମସ୍ତଙ୍କ ମନରେ ଜାଗ୍ରତ କରିବା ଲାଗି ସେ ଥିଲେ ଚେଷ୍ଟିତ । ଏଥି ନିମିତ୍ତ 'ସତ୍ୟବାଦୀ'ରେ ଛାତ୍ରବିଭାଗ ମଧ୍ୟ ଖୋଲିଥିଲା । ମାନବ ପ୍ରଜ୍ଞା ଯେଉଁ ସକଳ ସର୍ବତୋମୁଖୀ ସତ୍ୟ ଆବିଷ୍କାର କରିଅଛି, ଯେ ସକଳ ସୌନ୍ଦର୍ଯ୍ୟ ସୃଷ୍ଟି କରିଅଛି, ଯେ ସକଳ ମହତ୍ ଭାବର ଉନ୍ମେଷ ଘଟାଇ ଅଛି,



Digitized by PPRACHIN, SOA

ସେ ସକଳକୁ ଓଡ଼ିଆ ସାହିତ୍ୟର ସମ୍ପଦୀଭୂତ କରିବାରେ 'ସତ୍ୟବାଦୀ'ର ସମ୍ପାଦକ ଓ ଲେଖକ ବୃନ୍ଦ ଥିଲେ ଅତନ୍ଦ୍ର ଉଦ୍ୟମଶୀଳ । 'ସତ୍ୟବାଦୀ' ଯେପରିକି ବନବିଦ୍ୟାଳୟର ଆଦର୍ଶ ଓ ଆକାଙ୍କ୍ଷାର ନିବିଡ଼ତମ ବାଣୀ ବହନ କରୁଥିଲା ।, ଏହା ଥିଲା ବୁଦ୍ଧିଜୀବିଙ୍କ ପ୍ରତି ଅଭିପ୍ରେତ । ବୃହତ୍ତର ଜନତା ପାଇଁ ସେମାନଙ୍କ ଉପରେ ସ୍ୱମତ ଓ ଆଦର୍ଶର ପ୍ରତିଫଳନ ନିମିତ୍ତ 'ସମାଜ' ସମ୍ବାଦ ପତ୍ରର ଭୂମିକା ଥିଲା ସ୍ୱତନ୍ତ୍ର । ଏ ପ୍ରସଙ୍ଗରେ ଗୋଦାବରୀଶଙ୍କ ସ୍ମୃତି ମନେ ପଡ଼େ—"ସେ ସମୟରେ ଓଡ଼ିଆ ସାହିତ୍ୟର ଉନ୍ନତି ଓ ଲୋକଶିକ୍ଷାର ବିଧାନ ଲାଗି ଚିନ୍ତା ମଧ୍ୟ ହେଲା । ପୂର୍ବରୁ ସାପ୍ତାହିକ ସମ୍ବାଦପତ୍ର 'ଆଶା' ସହିତ ଆମ ମାନଙ୍କର ଘନିଷ୍ଠ ସମ୍ପର୍କ ଥାଏ । ଗୋପବନ୍ଧୁ ବାବୁ ପ୍ରତି ସପ୍ତାହରେ ଅଗ୍ରଲେଖା ଓ ସମ୍ପାଦକୀୟ ଆଲୋଚନା ସବୁ ଲେଖନ୍ତି । ନୀଳକଂଠ ବାବୁ ଓ ମୁଁ ଆଉ କିଛି କିଛି ଲେଖୁ । × × × ସାକ୍ଷୀଗୋପାଳରୁ ସାପ୍ତାହିତ ସମ୍ବାଦ ପତ୍ର 'ସମାଜ' ଓ ସାହିତ୍ୟ ପତ୍ର 'ସତ୍ୟବାଦୀ'ର ପ୍ରତ୍ୟକ୍ଷ ଭାର ନେଲେ ନୀଳକଂଠ ବାବୁ । (୩୧୩) ପରବର୍ତ୍ତୀ ଜୀବନରେ ନୀଳକଂଠଙ୍କ ଏହି ଆଦର୍ଶ ଓ ଆଭିମୁଖ୍ୟର ଧାରା ଅବ୍ୟାହତ ରହିଥିଲା । ତାଙ୍କର ସମ୍ବଲପୁର ଅବସ୍ଥିତି କାଳରେ 'ସେବା' ନାମକ ଏକ ସାପ୍ତାହିକ ପତ୍ରିକା ଜାତୀୟ ଆନ୍ଦୋଳନର ମୁଖପତ୍ର ରୂପେ ଭଗୀରଥ ମିଶ୍ରଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଥିଲା । 'ନବଭାରତ' ବିଷୟ କେଉଁ ବୁଦ୍ଧିଜୀବୀଙ୍କୁ ବା ଅଜଣା ?

ସତ୍ୟବାଦୀ ବିଦ୍ୟାଳୟର ଜାତୀୟ ଜୀବନରେ ଆଉ ଏକ ଭୂମିକା ସ୍ମରଣୀୟ । ତାହା ହେଉଛି ଜାତୀୟ ପର୍ବପର୍ବାଣୀ, ଆଚାର, ଅନୁଷ୍ଠାନ ଆଦି ପାରମ୍ପରିକ ଅନୁଷ୍ଠାନ ସହିତ ଆଧୁନିକ ଅନୁଷ୍ଠାନ ଗୁଡ଼ିକର ସମନ୍ୱୟ ସାଧନା । ସତ୍ୟବାଦୀର ସାଧକମାନେ କୁସଂସ୍କାରଗ୍ରସ୍ତ ସମାଜର ତୀବ୍ର ବିରୋଧୀ । ମାତ୍ର ସମାଜ ଚଳଣିରେ ଯାହା ନିତ୍ୟ ଓ ସତ୍ୟ, ବୃହତ୍ତର ସମାଜ ଜୀବନକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ ସବୁ ସାମାଜିକ ଆଚାର ଓ ଧର୍ମୀୟ ନିଷ୍ଠା ପ୍ରୟୋଜନ, ତାହାର ସେମାନେ ପୃଷ୍ଠପୋଷକତା କରୁଥିଲେ । ଏହି ଆଦର୍ଶ ଉଦ୍‌ବୋଧରେ ଗୋପବନ୍ଧୁ ଲେଖିଥିଲେ— "ଜୀର୍ଣ୍ଣ ବା କ୍ଷୟର ଉଦ୍ଧାର ପାଇଁ ପ୍ରାଣପାତ ପର୍ଯ୍ୟନ୍ତ କଲେ ହିଁ ମନୁଷ୍ୟ ଜୀବନର ସାର୍ଥକତା ମିଳେ ।" ମନେ ରଖିବାକୁ ହେବ, ଏ ସବୁର



Digitized by PPRACHIN, SOA

କାର୍ଯ୍ୟକାରିତା ପାଇଁ ନୀଳକଂଠ ହିଁ ଥିଲେ ଗୋପବନ୍ଧୁଙ୍କ ନିର୍ବାଚିତ ସେନାପତି । ସାର୍ବଜନୀନ ଭାବେ ବନ ବିଦ୍ୟାଳୟ ପକ୍ଷରୁ ଗଣେଶ ପୂଜା ଓ ସରସ୍ୱତୀ ପୂଜା ପାଳିତ ହେଉଥିଲା । ନୀଳକଂଠ ଏଥିପାଇଁ ସ୍ତୋତ୍ରମାନ ରଚନା କରୁଥିଲେ, ଛାତ୍ରଙ୍କ ସହ ମିଳି କାର୍ଯ୍ୟ କରୁଥିଲେ ।

ଶିକ୍ଷାକୁ ସମାଜ ସହିତ ସମ୍ପୃକ୍ତ କରଯିବା ଲକ୍ଷ୍ୟ ନେଇ ହିଁ ସତ୍ୟବାଦୀ ସ୍କୁଲର ପ୍ରତିଷ୍ଠା, ଗ୍ରାମରେ କରଯାଇଥିଲା । ଏ ସମ୍ପର୍କରେ ଗୋପବନ୍ଧୁ ଲେଖିଛନ୍ତି' "ପ୍ରଥମରୁ କେତେ ବର୍ଷ ଗ୍ରାମ ସଂଗଠନ ଉଦ୍ଦେଶ୍ୟରେ କାର୍ଯ୍ୟ ମଧ୍ୟ କରଯାଇଥିଲା । ସ୍କୁଲରେ ଛାତ୍ରମାନଙ୍କ ପଢ଼ା ସଙ୍ଗେ ସଙ୍ଗେ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ଶ୍ରମଜୀବି ଯୁବକମାନଙ୍କ ନିମନ୍ତେ ନୈଶ ବିଦ୍ୟାଳୟ ବସିଥିଲା । ଅଚ୍ଛୁଆଁ ଜାତିର ପିଲାମାନଙ୍କ ପାଇଁ ପାବନ ବିଦ୍ୟାଳୟ ଖୋଲିଥିଲା । ଜ୍ୱର ଆଦି ସାଧାରଣ ରୋଗରେ, ବିଶେଷତଃ କଲେରା ପ୍ରଭୃତି ସଂକ୍ରାମକ ରୋଗ ସମୟରେ ନିକଟବର୍ତ୍ତୀ ପଲ୍ଲୀବାସୀମାନଙ୍କ ମଧ୍ୟରେ ଔଷଧ ବିତରଣର ବ୍ୟବସ୍ଥା ହୋଇଥିଲା । ଗ୍ରାମମାନଙ୍କରେ ସଭା ଗଠନ ଏବଂ ଗ୍ରାମୀୟ କଳହ ବିବାଦ ନିଷ୍ପତ୍ତିର ଉଦ୍ୟମ କରା ଯାଉଥିଲା; କୃଷି, ବଗିଚା କାମ, ବଢ଼େଇ କାମ ଓ ଅନ୍ୟାନ୍ୟ କ୍ଷୁଦ୍ର ଶିଳ୍ପରେ ଛାତ୍ରମାନଙ୍କୁ ଲଗାଇ ସେମାନଙ୍କ ଜୀବିକା ଉପାର୍ଜନର ଚେଷ୍ଟା ହେଉଥିଲା । ପଲ୍ଲୀର ମୁଷ୍ଟି ସଂଗ୍ରହ କରଯାଉଥିଲା । ଶିକ୍ଷା ପ୍ରଣାଳୀକୁ ଜାତୀୟତା ଓ ପଲ୍ଲୀ ଉପଯୋଗୀ କରିବା ଲାଗି ବେଞ୍ଚ ଚୌକି ଛଡ଼ା ଯାଇଥିଲା, ଗଛ ମୂଳେ ପଢ଼ା ହେଉଥିଲା । ପ୍ରାଚୀନ ଜାଗାଘର ଓ ପୁରଣ ମଣ୍ଡପ ଆଦିର ପୁନରୁଦ୍ଧାର ଲାଗି ଯତ୍ନ ଚାଲିଥିଲା । ଗ୍ରାମର ଯୁବକମାନଙ୍କୁ ବ୍ୟାୟାମ, କୁସ୍ତି, କସରତ; ପ୍ରବର୍ତ୍ତନ କରିବାରେ ପରାମର୍ଶ ଦିଆ ଯାଇଥିଲା । ଏ ସବୁ କାର୍ଯ୍ୟରେ ସ୍କୁଲର ଛାତ୍ର-ମାନଙ୍କ ଅଭ୍ୟାସ ଗଢ଼ା ଯାଉଥିଲା ।" (୩୧୪) ପରବର୍ତ୍ତୀ ଜୀବନରେ ସାହିତ୍ୟ ରଚନା କାଳରେ ମଧ୍ୟ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ'ରେ ନୀଳକଂଠଙ୍କଠାରେ ସମାଜ ଓ ସାହିତ୍ୟର ସମ୍ପର୍କ ନେଇ ଏଇ ଦୃଷ୍ଟି ଭଙ୍ଗୀ ଫୁଟିଛି । ଉଭୟ ଆଚରଣ ଓ ଚିନ୍ତନରେ ସ୍ୱ-ଦର୍ଶନର ପରିସ୍ଫୁଟନ ପ୍ରତ୍ୟେକ ଆଦର୍ଶ ଶିକ୍ଷକଠାରୁ ଜାତିର କାମ୍ୟ । ନୀଳକଂଠଙ୍କଠାରେ ଏହାହିଁ ଘଟିଥିଲା । ସେ କହୁଥିଲେ, ଓଡ଼ିଶାର ବହୁ ଦୁଃଖ ଦାରିଦ୍ର୍ୟର ହେତୁ ହେଉଚି, ସାହିତ୍ୟର ଦାରିଦ୍ର୍ୟ । (୩୧୫) ।



Digitized by PPRACHIN, SOA

## ୬. ଶେଷକଥା–ଓଡ଼ିଆ ଜାତର ହେଡ୍‌ମାଷ୍ଟର :
## ପଣ୍ଡିତ ନୀଳକଂଠ ଦାସ–

ପଣ୍ଡିତଜୀ କର୍ମଜୀବନ ଆରମ୍ଭ କରିଥିଲେ ସତ୍ୟବାଦୀ ବନ-ବିଦ୍ୟାଳୟର ହେଡ଼ମାଷ୍ଟର ଭାବରେ । ତିରୋଧାନ ପର୍ଯ୍ୟନ୍ତ ସେ ସେଇ ହେଡ୍‌ମାଷ୍ଟର ହିଁ ରହିଥିଲେ । ଓଡ଼ିଶାର ସବୁ କ୍ଷେତ୍ରରେ–ଶିକ୍ଷା, ସଂସ୍କୃତି ସଂସ୍କାର, ସେବା, ରାଜନୀତି, ସାହିତ୍ୟ, ଗବେଷଣା, ସବୁରେ ତାଙ୍କର ହେଡ୍‌ମାଷ୍ଟର ପଣିଆର ଗଭୀର ପଦଚିହ୍ନ ସୁସ୍ପଷ୍ଟ । ଜୀବନର ସବୁ କ୍ଷେତ୍ରରେ ଶୃଙ୍ଖଳା ରକ୍ଷାରେ ସେ ଯେପରି କଠୋର ଥିଲେ, ସେହିପରି ଜ୍ଞାନୀ ଲୋକଙ୍କର ଶ୍ରଦ୍ଧା ଓ ଭକ୍ତିର ପାତ୍ର ଥିଲେ । କୁଳବୃଦ୍ଧ ମଧୁସୂଦନ ସର୍ବଦା ନୀଳକଂଠଙ୍କୁ 'ନାଳନ୍ଦାର ଗୁରୁ' ରୂପେ ଅଭିହିତ କରୁଥିଲେ, ସେହିପରି ମଧ୍ୟ ସମ୍ବୋଧନ କରୁଥିଲେ । ପ୍ରାଚୀନ ଯୁଗର ନାଳନ୍ଦା ବିଶ୍ୱବିଦ୍ୟାଳୟ ପରି ନୀଳକଂଠ ସତ୍ୟବାଦୀରେ କେବଳ ଏକ ଶିକ୍ଷା ପଦ୍ଧତି ପ୍ରଚଳନ କରି ନ ଥିଲେ, ସେଠାରେ ଯେପରି ବ୍ରହ୍ମଚର୍ଯ୍ୟ ଶିକ୍ଷା ଦିଆ ଯାଉଥିଲା, ସତ୍ୟ, ଶିବ, ସୁନ୍ଦରର ଆଦର୍ଶ ଉପସ୍ଥାପନ କରଯାଇଥିଲା, ଯେପରି ଜ୍ଞାନାନୁଶୀଳନର ପରକାଷ୍ଠା ସେଠାରେ ଦେଖା ଯାଇଥିଲା, ଏଠାରେ ମଧ୍ୟ ସେ ସେହିପରି ଆଦର୍ଶ ପ୍ରତିଷ୍ଠା କରିଥିଲେ । ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ପ୍ରତିଷ୍ଠିତ 'ଗୁରୁକୁଳ' ପରି ଗୁରୁ ଛାତ୍ରଙ୍କ ମଧ୍ୟରେ ଭକ୍ତି, ସ୍ନେହ-ସୌହାର୍ଦ୍ଦର ପ୍ରତିଷ୍ଠା ହେତୁ ଶିକ୍ଷା ପଦ୍ଧତିର କଠୋର ନିୟମରେ କୌଣସି ବ୍ୟତିକ୍ରମ ଦେଖା ଯାଉ ନ ଥିଲା । ଏ ସମସ୍ତ କୃତି ପଣ୍ଡିତ ନୀଳକଂଠଙ୍କ ବ୍ୟକ୍ତିତ୍ୱ, ଆଗ୍ରହ ଓ କର୍ତ୍ତବ୍ୟ ନିଷ୍ଠାର ପରିଣାମ । ସେ ଥିଲେ ଭୀଷ୍ମଙ୍କ ପରି ଦୃଢ଼ ପ୍ରତିଜ୍ଞ ଓ ବିଶ୍ୱାମିତ୍ରଙ୍କ ପରି ସଂଯତ ଓ କର୍ମନିଷ୍ଠ । (୩୧୬) ଶିକ୍ଷାର ପ୍ରଣାଳୀରେ, ପଦ୍ଧତିରେ, ପ୍ରକରଣରେ ସେ ଯେଉଁ ଅଭିଷ୍ଟ ପ୍ରତିପାଦନ କରିଛନ୍ତି, ଗୋଷ୍ଠୀର, ଜାତିର ପ୍ରଗତି ପାଇଁ ଗତାନୁଗତିକତାର ଶୃଙ୍ଖଳ ପରିହାର କରି ପରିବର୍ତ୍ତନ ଆହରଣ କରିବା ପାଇଁ ଉନ୍ମୁଖ ହେବା ଲାଗି ଯେଉଁ ଅଭିଯାନ କରି ଯାଇଛନ୍ତି, ସେ ସମସ୍ତ ଏକ ମହନୀୟ ଦିଗ୍‌ଦର୍ଶନ । ଏ ଯେଉଁ ବିରାଟ ଦିଗ୍‌ଦର୍ଶନ ସେ ତାଙ୍କର ଦାୟାଦ ମାନଙ୍କୁ ଦେଇ ଯାଇଛନ୍ତି, ସେଥିରେ ତାଙ୍କର ଆତ୍ମା ଅମର ହୋଇଛି ।" (୩୧୭)



Digitized by PPRACHIN, SOA

ଆମ ସମାଜରେ ପୁରା କାଳରୁ ଯେଉଁ ସବୁ କୁସଂସ୍କାର ରହି ଆସିଥିଲା, କାଳକ୍ରମେ ପଲ୍ଲବିତ ହୋଇ ବୃଦ୍ଧି ପାଇଥିଲା, ତାକୁ ଭାଙ୍ଗି ଚୂନା କରିଦେବା ଥିଲା ଏଇ ନୈତିକ ଶିକ୍ଷକ ନୀଳକଂଠଙ୍କ ପ୍ରଥମ କାମ।

ତପରେ ଓଡ଼ିଆ ଲିପି ତାଙ୍କର ଦୃଷ୍ଟି ଆକର୍ଷଣ କଲା । ଓଡ଼ିଆ ଅକ୍ଷରକୁ ସରଳ, ସହଜ, ସୁନ୍ଦର ଏବଂ ବିଜ୍ଞାନ ସମ୍ମତ ଯୁଗୋପଯୋଗୀ ରୂପ ଦେବାରେ ସେ ନିଜର ହେଡ୍‌ମାଷ୍ଟର ଗିରି ପୂରାପୂରି ଜାହିର କରି ଯାଇଛନ୍ତି । ଅନୁକରଣ ବା ଅନୁସରଣ ତାଙ୍କ ପକ୍ଷରେ ଅସହ୍ୟ ଥିଲା ପୂର୍ଣ୍ଣମାତ୍ରାରେ । ସେଇଥିପାଇଁ ରାଧାନାଥ, ମଧୁସୂଦନଙ୍କର ସେ ହୋଇଥିଲେ ନିର୍ଦ୍ଦୟ ସମାଲୋଚକ । ଓଡ଼ିଆ ଜାତୀୟତାର ସେ ଥିଲେ ଏକନିଷ୍ଠ ପୂଜକ । ଖାଣ୍ଟି ଓଡ଼ିଆ ଭାଷାରେ ମୌଳିକ ଓଡ଼ିଆ ଚିନ୍ତାଧାରାର ପରିପ୍ରକାଶରେ ଓଡ଼ିଆ ସାହିତ୍ୟର ପ୍ରକୃତ ସମୃଦ୍ଧି ଆସିବ, ଏହା ଥିଲା ତାଙ୍କ ଅନ୍ତରର ବିଶ୍ୱାସ । "ପ୍ରଣୟିନୀ","ଦାସ ନାଏକ" ଇଂରାଜୀ ସାହିତ୍ୟ ମଧ୍ୟରୁ ଆସିଛି, ମାତ୍ର ନୀଳକଂଠଙ୍କ ଲେଖନୀରେ ସେ ସବୁ ଓଡ଼ିଆତ୍ୱର ପୂର୍ଣ୍ଣ ଦୀପ୍ତିରେ ଝଟକୁଛନ୍ତି ।

କେବଳ କାବ୍ୟ କବିତା ନୁହେଁ, ଓଡ଼ିଆ ଗଦ୍ୟ ସାହିତ୍ୟକୁ ମଧ୍ୟ ନୀଳକଂଠ ନବରୂପ ଦେଇ ଯାଇଛନ୍ତି । ବର୍ତ୍ତମାନର ଓଡ଼ିଆ ଗଦ୍ୟ ସାହିତ୍ୟ ଯେଉଁଳି ସର୍ବବୋଧ୍ୟ ହୋଇ ପାରିଅଛି, କଥିତ ଓ ଲିଖିତ ଭାଷା ଗୋଟିଏ ରୂପ ଧାରଣ କରିଛି, ଏହା ସମ୍ଭବ ହୋଇ ପାରିଛି, କେବଳ ସତ୍ୟବାଦୀ ଯୁଗର ସଂସ୍କାର ଫଳରେ । ଏଥିରେ ପଣ୍ଡିତ ନୀଳକଂଠ ଦାସଙ୍କ ପ୍ରତିଭା କିଛି କମ୍ ସାହାଯ୍ୟ କରିନାହିଁ । ଗୁରୁଗମ୍ଭୀର ଦର୍ଶନ ତତ୍ତ୍ୱ କିପରି ସର୍ବବୋଧ୍ୟ, ସରଳ ଭାଷାରେ ପ୍ରକାଶ କରାଯିବା ସମ୍ଭବ, ତାହାର ପରିଚୟ ଦିଏ "ଆର୍ଯ୍ୟ ଜୀବନ" ।

"ନୀଳକଂଠ ହେଉଛନ୍ତି ପ୍ରଥମ ଲେଖକ ଓ କବି, ଯେ କି ଶିଶୁମାନଙ୍କ ଭାଷାରେ ସେମାନଙ୍କର ସ୍ୱପ୍ନ ଓ ସତ୍ତାକୁ ଲିପିବଦ୍ଧ କରିଛନ୍ତି । ସେ ଭାଷାର ଇନ୍ଦ୍ରଜାଲ ଦ୍ୱାରା ଶିଶୁ ମନରେ ଆନନ୍ଦ ସୃଷ୍ଟି କରିଥିଲେ । ... ... ଏତକ ସେ କରି ପାରିଥିଲେ, ଜଣେ ଉତ୍ସର୍ଗୀକୃତ ଶିକ୍ଷକ ହୋଇଥିବାରୁ । (୩୧୮)
"ଏହା ତାଙ୍କ ଜୀବନର ପେଶା ନ ଥିଲା। ତାହା ଥିଲା ତାଙ୍କର ଜୀବନର ଧର୍ମ, ପ୍ରାଣର ଆକୁଳତା । କବି ନୀଳକଂଠଙ୍କ ଶିଶୁ ଉପଯୋଗୀ ସାହିତ୍ୟ ସମ୍ଭାର



Digitized by PPRACHIN, SOA

ମଧ୍ୟରେ ସେହି ପ୍ରାଣପ୍ରସ୍ରେଦନ ଛତ୍ରେ ଛତ୍ରେ ପ୍ରତିଫଳିତ ହୋଇଥିବା ଜଣାଯାଏ ।” (୩୧୯)

ଓଡ଼ିଆ ସାହିତ୍ୟରେ ବୋଧହୁଏ ସର୍ବ ପ୍ରଥମ ଶିଶୁ ପାଠୋପଯୋଗୀ ସାହିତ୍ୟ “ପିଲଙ୍କ ରାମାୟଣ” । ଆଗରୁ ଶିଶୁ ସାହିତ୍ୟର ପରିସର ସୀମାବଦ୍ଧ ଥିଲା କେବଳ ପାଠ୍ୟ ପୁସ୍ତକରେ । ଅବଶ୍ୟ ଲୋକ ସାହିତ୍ୟରୁ ନୂତନ ଢଙ୍ଗରେ ଶିଶୁ ସାହିତ୍ୟ ସୃଷ୍ଟିର ପ୍ରୟାସ ନନ୍ଦ କିଶୋର ଓଡ଼ିଶାରେ ପ୍ରବର୍ତ୍ତନ କରିଥିଲେ । ମାତ୍ର ତା’ର ଭିତ୍ତି ଏତେ ବ୍ୟାପକ ନ ଥିଲା । ପ୍ରାକୃତିକ ପରିବେଷ୍ଟନୀ ଭିତରେ ଶିକ୍ଷା ମାଧ୍ୟମରେ ଶିଶୁ ମନକୁ ସୃଷ୍ଟିଶୀଳ କରିବା ପାଇଁ ନୀଳକଣ୍ଠ ଲୌକିକ ଓ ପାରମ୍ପରିକ-ପୌରାଣିକ ସାହିତ୍ୟ ଉଭୟର ଯଥାର୍ଥ ବିନିଯୋଗ କରିଥିଲେ । ସେ ଜାଣିଥିଲେ, “ଜାତୀୟ ସାହିତ୍ୟ ଖାଲି ଆଲୋଚନା ପାଇଁ ନୁହେଁ, ତା’ର ବ୍ୟବହାର ଅଛି । ଜାତୀୟ ଶିକ୍ଷା, ପରମ୍ପରାରେ ପ୍ରତିଷ୍ଠିତ ଥିବା ପ୍ରତିଭା ବିକାଶର ଭିତ୍ତି ଉପରେ ହେବା ଦରକାର । ବିଶେଷରେ ଶିଶୁ ଶିକ୍ଷା ସେହି ପୀଠରେ ଠିଆ ନ ହେଲେ ଭ୍ରଷ୍ଟ ହୁଏ ।” (—୨୦) ଏହି ଧାରାଧରି ଶିଶୁ ମନକୁ ଏକ ଦିଗରେ ସୃଷ୍ଟିଶୀଳ କରିବା ଓ ଅନ୍ୟ ଦିଗରେ ତା’ମନରେ କୌତୂହଳ ଜାତ କରି ତାକୁ ସତ୍ୟର ସନ୍ଧାନରେ ବ୍ରତୀ କରାଇବା ତାଙ୍କ ଶିଶୁ ସାହିତ୍ୟ ସୃଷ୍ଟିର ଥିଲା ମୂଳ ଲକ୍ଷ୍ୟ । (୩୨୧)

ଅଳ୍ପ ବୟସରୁ ପିଲାମାନଙ୍କୁ ଭାରତୀୟ ସଂସ୍କୃତି ଓ ପୁରାଣମାନଙ୍କର ଆଖ୍ୟାୟିକା ଦ୍ୱାରା ଉଦ୍‌ବୁଦ୍ଧ କରାଇବା ପାଇଁ ନୀଳକଣ୍ଠ ପରିବେଷଣ କଲେ ତିନୋଟି ଐତିହ୍ୟ-ମଣ୍ଡିତ ମହାଗ୍ରନ୍ଥ, “ପିଲାଙ୍କ ରାମାୟଣ”, “ପିଲାଙ୍କ ମହାଭାରତ” ଓ “ପିଲାଙ୍କ ଭାଗବତ” । ଏକାନ୍ତ ଶିଶୁ ଉପଭୋଗ୍ୟ ଭାଷାରେ ସେ ଏହି ପୁରାଣର ବୀର ନାୟକମାନଙ୍କୁ ଆମର ଏକାନ୍ତ ନିକଟରେ ଧୂଳିମାଟିର ମଣିଷ କରି ଛାଡ଼ି ଦେଇଛନ୍ତି । ସେମାନଙ୍କ ବୀରତ୍ୱ, ମାନ, ଅଭିମାନ ସବୁକିଛିକୁ ଜୀବନ୍ତ କରିଛନ୍ତି । “ନିଜ ଦେଶର ସାଂସ୍କୃତିକ ଐତିହ୍ୟର ମହା ପ୍ରବାହରେ ଶିଶୁ ମନକୁ ନିମଜ୍ଜିତ କରିବା ପାଇଁ ନୀଳକଣ୍ଠଙ୍କର ଏ ପ୍ରୟାସ ଅନନ୍ୟ ସାଧାରଣ ।” (୩୨୨) କେବଳ ସରଳ ଗାଉଁଲି ଭାଷାରେ କଥା ପ୍ରକାଶ କରିଦେଲେ ଯେ ଶିଶୁ ସାହିତ୍ୟ ହେବ, ତାହା ନୁହେଁ; ପିଲା ମନକୁ ଘେନିଲା ଭଳି ଭାବିଚିନ୍ତି ଯେ ଶବ୍ଦ ପ୍ରୟୋଗ କରିବାକୁ ହେବ, ତା’ର ସୂଚନା ଏ ଗୁଡ଼ିକରୁ ମିଳିଥାଏ । (୩୨୩)



Digitized by PPRACHIN, SOA

ମାତ୍ର କବିତାହିଁ ଶିଶୁମାନଙ୍କ ମନରେ ଅଧିକ ରେଖାପାତ କରିପାରେ । ତେଣୁ, ସେ କ୍ଷୁଦ୍ର କବିତା ମାଧ୍ୟମରେ ତାଙ୍କର ଶିକ୍ଷା ପ୍ରଦାନ କରିବା ପାଇଁ ଉଦ୍ୟମ କରିଛନ୍ତି । ଏଥି ମଧ୍ୟରୁ ଅନେକ ଦୈନନ୍ଦିନ ଜୀବନର ବିଷୟବସ୍ତୁ ଏବଂ ଐତିହାସିକ, ପୌରାଣିକ ତଥା ଲୋକକଥା ଗୁଡ଼ିକର କବିତା ରୂପ । "ସେଗୁଡ଼ିକ ମଧ୍ୟ ଅତ୍ୟନ୍ତ ଉପାଦେୟ ଓ ଉତ୍କୃଷ୍ଟ ହୋଇ ପାରିଛି ବୋଲି କହିବାରେ କାହାରି ସଂଶୟ ନାହିଁ ।" (୩୨୪) ପାଣ୍ଡିତ୍ୟର ଶୀର୍ଷସ୍ଥାନରେ ରହି ଜଣେ ବ୍ୟକ୍ତି ପିଲାଙ୍କ ପାଇଁ ଏପରି ଭାବପୂର୍ଣ୍ଣ କଥା ଯେ ସରଳ ଓ ସୁନ୍ଦର ଭାଷାରେ (୩୨୫) ବ୍ୟକ୍ତ କରି ପାରନ୍ତି, ବିଚାରିଲେ ବିସ୍ମିତ ହେବାକୁ ପଡ଼େ । ଏହି କବିତା ସମୂହର ଭାଷା ଓ ଭାବରେ ସଂଘର୍ଷଣର ସୂଚନା ନାହିଁ ଏବଂ "ତାହା ସରଳ ଭାବରେ ପ୍ରକାଶ ପାଇ ଶିଶୁମାନଙ୍କୁ ଆକୃଷ୍ଟ କରିଥାଏ । କେତେକ କ୍ଷେତ୍ରରେ ତାହାର ଭାବ ପିଲାଙ୍କ ପାଇଁ କ୍ଲିଷ୍ଟ ହୋଇଥିଲେ ବି ନିତାନ୍ତ ଅବୋଧ୍ୟ ନୁହେଁ । ଏହା ସେମାନଙ୍କ ନିମନ୍ତେ ସୁପାଠ୍ୟ ଅଟେ ।" (୩୨୬) "ପ୍ରଣୟିନୀ" ଭଳି ତତ୍ସମ ଶବ୍ଦ ବହୁତ ଏବଂ "କୋଣାର୍କେ", "ଗୀତାଭାଷ୍ୟ" ବା "ଓଡ଼ିଆ ସାହିତ୍ୟର କ୍ରମପରିଣାମ ଭଳି ଗମ୍ଭୀର ଭାବାପନ୍ନ କୃତିର ଲେଖକ ନୀଳକଂଠଙ୍କ ପ୍ରାଣରେ ପଲ୍ଲୀର ଶିଶୁଙ୍କ ପ୍ରତି ଏତେ ମମତା ଓ ତଦାତ୍ମ୍ୟ ଯେ ରହିଥିଲା, ଭାବିଲେ ଅବାକ୍ ଲାଗେ । (୩୨୭)

ଶିଶୁ କବିତାର ଆଉ ଗୋଟିଏ ସ୍ତର କବିଙ୍କ ରଚିତ ପ୍ରାର୍ଥନା, ସଙ୍ଗୀତ ସବୁ । ଏ ସବୁ ସତ୍ୟବାଦୀରେ ଶିକ୍ଷକତା କାଳରେ ସେ ରଚନା କରିଥିଲେ । (୩୨୮) ତାଙ୍କ ଆତ୍ମଜୀବନୀରେ ମଧ୍ୟ ଶିଶୁ ସାହିତ୍ୟର ଅସ୍ତିତ୍ୱ ପରିଲକ୍ଷିତ ହୁଏ । ଏଥିରେ "ତାଙ୍କ ଜୀବନର ଅନେକ ଘଟଣା ଏତେ ସରସ, ସରଳ ଓ ସାବଲୀଳ ଭାବରେ ବର୍ଣ୍ଣିତ ହୋଇଛି ଯେ କିଶୋର ଓ ତରୁଣମାନେ ଗଳ୍ପପରି ସେଗୁଡ଼ିକୁ ପାଠକରି ପାରିବେ ।(୩୨୯) ଏଭଳି ଏକ ବର୍ଣ୍ଣନା ହେଉଛି, "ପଣ୍ଡିତଙ୍କ ନାସଦାନି" ଶୀର୍ଷକ ଘଟଣା । (୩୩୦)

ଏଣୁ, "ନିଃସନ୍ଦେହରେ କୁହାଯାଇ ପାରିବ ଯେ, ପଣ୍ଡିତ ନୀଳକଂଠଙ୍କ ରଚିତ ଶିଶୁ-ସାହିତ୍ୟ ଶିଶୁ ମନସ୍ତତ୍ତ୍ୱର ଧାରା ଓ ଭିତ୍ତିଭୂମି ଉପରେ ପର୍ଯ୍ୟବସିତ । ତେଣୁ ତାଙ୍କ ରଚିତ 'ପିଲାଙ୍କ ଗୀତ' ଓ ଅନ୍ୟାନ୍ୟ ଶିଶୁ ସାହିତ୍ୟର କୃତି ଶିଶୁଙ୍କ ପାଇଁ ଅତ୍ୟନ୍ତ ଶିକ୍ଷଣୀୟ, ଉପଯୋଗୀ ଓ



Digitized by PPRACHIN, SOA

ଚିତ୍ତାକର୍ଷକ ହୋଇ ପାରିଛି ।" (୩୩୧) ଓଡ଼ିଆ ଶିଶୁ ସାହିତ୍ୟରେ ନୀଳକଂଠଙ୍କର ଦାନ ଯେ ସ୍ୱତନ୍ତ୍ର ଓ ସ୍ମରଣୀୟ ଏଥିରେ ସନ୍ଦେହ ନାହିଁ । (୩୩୨) ଏବେ ଶିଶୁ ସାହିତ୍ୟର ବହୁଳ ପ୍ରଚାର ହୋଇଥିଲେ ମଧ୍ୟ, ଭାଷା ଓ ଶୈଳୀରେ ତାଙ୍କୁ କେହି ଅତିକ୍ରମ କରି ପାରି ନାହାନ୍ତି । ସେ ସରଳ ଓ ଶିଶୁ ହୃଦୟ ଗ୍ରାହୀ ଭାଷା ଓ ଶୈଳୀରେ ଶିଶୁ ସାହିତ୍ୟରେ ଯେଉଁ ଅଭିନବ ପନ୍ଥା ଫିଟାଇଲେ, ସେଥିପାଇଁ ଆମେ ସମସ୍ତେ ତାଙ୍କ ନିକଟରେ କୃତଜ୍ଞ ।

ସେ ଯେପରି ନିର୍ଭୀକ ସମାଲୋଚକ, ସେପରି ଗବେଷଣା କ୍ଷେତ୍ରରେ ମୌଳିକ ଚିନ୍ତାଧାରର ଅଧିକାରୀ । "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" ଏହାର ଦୃଷ୍ଟାନ୍ତ । ଆବେଗଭରା କାବ୍ୟ କବିତାଠାରୁ ଆରମ୍ଭ କରି ତଳ-ଶ୍ରେଣୀର ପାଠ୍ୟ ପୁସ୍ତକ ପର୍ଯ୍ୟନ୍ତ ସାହିତ୍ୟର ପ୍ରତିଟି ବିଭାଗ ତାଙ୍କ ହାତରେ ସଂସ୍କୃତ ଓ ମାର୍ଜିତ ହୋଇଛି । (୩୩୪) ସବୁଥିରେ ସେ ଯଶସ୍ୱୀ ହେଡ୍‌ମାଷ୍ଟର ଭଳି କାର୍ଯ୍ୟ କରିଛନ୍ତି । ଓଡ଼ିଶା ରାଜନୀତିରେ ମଧ୍ୟ ତାଙ୍କର ହେଡ୍‌ମାଷ୍ଟର ପଣିଆ ସୁବିଦିତ ।

ଏଇ ହେଉଛନ୍ତି, ଆମ ଜାତିର ହେଡ୍‌ମାଷ୍ଟର ପଣ୍ଡିତ ନୀଳକଂଠ ଦାସ । ଓଡ଼ିଶାର ଶିକ୍ଷା, ସଂସ୍କୃତି, ସାହିତ୍ୟ, ରାଜନୀତି, ସବୁ କ୍ଷେତ୍ରରେ ତାଙ୍କ ହେଡ୍‌ମାଷ୍ଟର ଗିରି ସେ ଜାହିର କରି ଯାଇଛନ୍ତି, ସଫଳତାର ସହିତ । ଇତିହାସ ବକ୍ଷରୁ ତାଙ୍କର ପଦଚିହ୍ନ କଦାପି ଲିଭିବାର ନୁହେଁ । "କାଉଁରିଆ କାଠି ଭାଙ୍ଗିବ ପଛେ ନଇଁବ ନାହିଁ ।" ମାତ୍ର, ନୀଳକଂଠ ଭାଙ୍ଗି ନାହାନ୍ତି, ନଇଁ ନାହାନ୍ତି କି । କାରଣ, ଗଡ଼୍‌ଡ଼ାଳିକା ପ୍ରବାହରେ ଆଖି ବୁଜି ଭାସି-ଯିବାର ଲୋକ ସେ ନ ଥିଲେ । ସେଥିପାଇଁ ହ୍ୟାରୋ, ଇଟନ୍, ରୁଗ୍‌ବୀ ତାଙ୍କ ପ୍ରେରଣାର ଉତ୍ସ ଥିଲେ ମଧ୍ୟ ସତ୍ୟବାଦୀ ବନ ବିଦ୍ୟାଳୟ ହ୍ୟାରୋ, ଇଟନ୍ କି ରୁଗ୍‌ବୀ ହୋଇ ଯାଇ ନାହିଁ, ସତ୍ୟବାଦୀ ହିଁ ସତ୍ୟବାଦୀ ହୋଇ ରହିଛି । "ପ୍ରଣୟିନୀ" କି "ଦାସ ନାଏକ" "Princess କି Enoch Ardon" ନ ହୋଇ ନିଜର ପରିଚୟ ବହନ କରିଛି । ଓଡ଼ିଆ ଜାତିର ଏହି ଆଦର୍ଶ ଶିକ୍ଷକ ନୀଳକଂଠ ଆଧୁନିକ ନାଳନ୍ଦାର ଗୁରୁ, ସତ୍ୟବାଦୀ ବକୁଳ ବନ ବିହାରର ହେଡ୍‌ମାଷ୍ଟର ଆମର ନମସ୍ୟ— ଏ ଜାତିର ନମସ୍ୟ । "ପଣ୍ଡିତ ନୀଳକଂଠ ବୋଇଲେ ଯାହା ବୁଝାଏ, ତାହା ତାଙ୍କର ସଂପୂର୍ଣ୍ଣ



Digitized by PPRACHIN, SOA

ନିଜସ୍ୱ । ଅନ୍ୟ କାହାରି ଉପଲକ୍ଷରେ ବା କାହାରି ସହ ତାଙ୍କର ତୁଳନା କରଯାଇ ପାରେନା ।" (୩୩୫) ଏଇ ମହାନ୍ ଶିକ୍ଷକ ଜଣଙ୍କ ପଦ ତଳେ ଏ ଜାତିର ପ୍ରତ୍ୟେକ ସଦସ୍ୟର ମଥା ଆପେ ଆପେ ନତ ହୋଇଯାଏ–

"ମନୀଷୀ ମହାନ୍...... କି ବିରାଟ ଦୀପ୍ତ ଜ୍ୟୋତିଷ୍ମାନ୍

ତୁମେ କି ତୁମରି ତୁଳନା । ପ୍ରଦୀପ କି କରିପାରେ ସୂର୍ଯ୍ୟର କଳନା । (୩୩୬)

ତୁମ୍ଭ ମୁଖ୍ୟ କର୍ମ ତପ ଆଚରିବ । ଦୁନିଆର ଯଶେ ଯାଏ ଆସେ କିବା ।
(୩୩୭)

ଧନ୍ୟ ଧନ୍ୟ ଆହେ ତପସ୍ୱୀ-ସତ୍ତମ । ମର୍ତ୍ତ୍ୟ ଦେହେ ତୁମେ ଅରଜିଲ ନାମ ।

ବସନ୍ତ ଯାଇଛି ହଜି ସୌରଭର ସରିତ ଛୁଟାଇ
ପ୍ରଦୀପ ଯାଇଛି ଲିଭି ଜ୍ୱଳନର ସ୍ମୃତି ଯେ ରଖାଇ......
ମୂରଲୀ ଯାଇଛି ଭଜି ମୂର୍ଚ୍ଛନା ଶୁଭେ ବି ଶୟନେ
ଦଧୀଚି ଯାଇଚି ମରି ସାଧନା ଓ ସେବାର ଅୟନେ... (୩୩୮)
କାହୁଁ ଆସିଥିଲ କାହିଁ ଗ୍ଲିଗଲ କେଉଁ ଦେଶେ ଅବା ରହିଲ କାହିଁ ।
କହନ୍ତି ପର ସେ ସରଗ ଭୁବନ ମରତ କି ମନେ ପଡ଼ିଲ ନାହିଁ ?(୩୩୯)
ହେ ମହାମାନବ ମହା ଗଉରବ ମହା-ଜାତି ମେରୁପ୍ରାଣ । (୩୪୦)
ଝୁରଇ ବିପିନ ତରୁ ତପୋବନ ସବୁଜ ଗହନ ବନ ।
ଯାଅ ନାହିଁ ଗୁରୁ ଥାଅ ଚିରଦିନ ଆମରି ହୃଦୟ ତୀରେ,
ଆଲୋକର ସ୍ତମ୍ଭ ପରଏ ରଟାଅ ଏ ଜାତି-ମୋହ ତିମିରେ । (୩୪୧)
ତୁମ୍ଭରି ଉତ୍କଳ ତାଳେ ଅଶ୍ରୁ ଅର୍ଘ୍ୟ ଫେରି ଆସ ବାରେ ତାହାରି କୋଳେ ।
ହେ କବି,ହେ ଋଷି, ପରମ ସାଧକ, କରୁଅଛୁ ପ୍ରଣିପାତ
ଦିଅ ଶୁଭଶିଷ ଓଡ଼ିଆ ଜାତିରେ ସରଗୁଁ ବଢ଼ାଇ ହାତ,

ସତ୍ୟବାଦୀର ସନ୍ଥ ହେ,

ଫେରିଆସ ଭଲ ଏକାଳେ ଆମକୁ ଦେଖାଇବା ଲାଗି ପନ୍ଥ ହେ । (୩୪୩)

ଅମର ସରଣୀର ହେ ଶ୍ରେଷ୍ଠ ଯାତ୍ରୀ,
ଘେନ ଏ ହୀନବଳ ଜାତି ପ୍ରଣତି । (୩୪୪)"

★



Digitized by PPRACHIN, SOA

# ପାଦଟୀକା

୧) ଦାସ ପଣ୍ଡିତ ନୀଳକଂଠ—ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ ୧୯୮୬, ପୃ ୨୪ ।

୨) Prof. J. K. Samal ଏ ସମ୍ବନ୍ଧୀୟ ସେ କାଳର କାଗଜପତ୍ର ତାଙ୍କର "Orissa under the British crown" ପୁସ୍ତକରେ ପ୍ରକାଶ କରିଛନ୍ତି । ଏ ଦୁର୍ଭିକ୍ଷ ସମ୍ବନ୍ଧୀୟ ବିଭିନ୍ନ କାଗଜ ପତ୍ର ସମ୍ପର୍କରେ ପଣ୍ଡିତ ଗୋଦାବରୀଶଙ୍କ "କଙ୍କାଳର ଆର୍ତ୍ତନାଦ" ୧ମ ଓ ୨ୟ ଭାଗରୁ ମଧ୍ୟ ବହୁ କଥା ଜଣାଯାଏ ।

୩) ପଣ୍ଡିତ ଗୋପବନ୍ଧୁଙ୍କ ଭାଷାରେ ସତ୍ୟବାଦୀ ବନ ବିଦ୍ୟାଳୟ ଥିଲା, ଏକ "ମଣିଷ ଗଢ଼ା କାରଖାନା" । ପୁରୀରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ କୁଳ ବୃଦ୍ଧ ମଧୁସୂଦନ ବକ୍ତୃତା ପ୍ରସଙ୍ଗରେ କହିଥିଲେ— "ସତ୍ୟବାଦୀରେ ଗୋପବନ୍ଧୁ, ନୀଳକଂଠ ଡ଼ିପୋଟି ଗଢ଼ୁ ନାହାନ୍ତି, ଗଢ଼ୁଛନ୍ତି ପ୍ରକୃତ ମନୁଷ୍ୟ ।" ସେମାନେ ମନୁଷ୍ୟ ଗଢ଼ିବା ପାଇଁ କୃତ-ସଂକଳ୍ପ । ଜଗନ୍ନାଥ ମୂର୍ତ୍ତି ସମସ୍ତେ ଗଢ଼ି ପାରିବେ, କିନ୍ତୁ ତା ଭିତରେ ଯେଉଁ ବ୍ରହ୍ମ ଅଛି, ତାକୁ କେହି ଗଢ଼ି ପାରନ୍ତି ନାହିଁ ।" ଦ୍ରଷ୍ଟବ୍ୟ— (କ) ମହାପାତ୍ର, ପଣ୍ଡିତ ନରସିଂହ 'ମନୀଷୀ ନୀଳକଂଠ' ୨ୟ ସଂସ୍କରଣ, ୧୯୮୭ ଭୁବନେଶ୍ୱର, ପୃ. ୧୮-୨୬; (ଖ) ଦାଶ, ଅଧ୍ୟାପକ ଚିନ୍ତାମଣି— 'ମନୀଷୀ ନୀଳକଂଠ' ୧ମ ସଂସ୍କରଣ, ୧୯୮୨ ଭୁବନେଶ୍ୱର, ପୃ - ୮୨; (ଗ) ଗଜଗୁରୁ, ଡଃ ସତ୍ୟନାରାୟଣ— 'ପଣ୍ଡିତ ନୀଳକଂଠ ଓ ତାଙ୍କ ପ୍ରତିଭା', ଭୁବନେଶ୍ୱର, ୧୯୮୩, ପୃ-୯ ।

୪) (କ) ମିଶ୍ର, ଗୋଦାବରୀଶ— 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ', କଟକ, ୧୯୫୮, ପୃ-୧୫୪— "ସତ୍ୟବାଦୀ ସ୍କୁଲ ପାଇଁ



Digitized by PPRACHIN, SOA

ପ୍ରଥମ ତ୍ୟାଗ ନୀଳକଂଠ ବାବୁଙ୍କର ।" (ଖ) ମିଶ୍ର, ଡଃ ନରେନ୍ଦ୍ର ନାଥ– 'ପଣ୍ଡିତ ନୀଳକଂଠ; ଜୀବନୀ ଓ କୃତି', ପ୍ରଥମ ସଂସ୍କରଣ, ୧୯୮୩, ଭୁବନେଶ୍ୱର, ପୃ - ୬୯ । (ଗ) ନୀଳକଂଠ ସ୍ମାରକୀ (୧ମ)–ପୃ·୧୫ ।

୫) ଦାସ, ପଣ୍ଡିତ ନୀଳକଂଠ ଆତ୍ମଜୀବନୀ– ନୂତନ ସଂସ୍କରଣ, ୧୯୮୬, କଟକ, ପୃ- ୧୦୦ । ଉତ୍କଳ ସମ୍ମିଳନୀରେ ଛାତ୍ରଙ୍କୁ ଧରି ନୀଳକଂଠ ଯୋଗଦେବା ବେଳେ ମଧୁବାବୁ ତାଙ୍କୁ 'ନାଳନ୍ଦାର ଗୁରୁ' କହି ସ୍ୱାଗତ କରିଥିଲେ । ତତ୍ରୈବ, ପୃ-୧୦୩ ।

୬) "ସାହିତ୍ୟ ପରିକ୍ରମା"ରେ ଏହା "ଆଗବୋଲୁ" କହିଛନ୍ତି । ଉଦ୍ଧୃତିଟି ପଣ୍ଡିତ ନରସିଂହ ମହାପାତ୍ରଙ୍କ ପୁସ୍ତକର ପୃ-୫୪ରୁ ଗୃହୀତ ।

୭) ଏହି ଉଦ୍ଧୃତିଟି "ନିଆଖୁଣ୍ଟା"ରେ ପ୍ରକାଶ ପାଇଥିଲା । ତେବେ ସୁବିଧା ଦୃଷ୍ଟିରୁ ପାଠକେ ପୂର୍ବୋଲ୍ଲିଖିତ ପୁସ୍ତକର ପୃ-୫୫ ଦେଖି ପାରନ୍ତି ।

୮) ଗଉରକେଲାର ଉତ୍କଳ ପ୍ରଗତି ସଂଘ ଦ୍ୱାରା ତାଙ୍କର ସମସ୍ତ ଭାଷଣ ପ୍ରକାଶିତ ହୋଇଛି ।

୯) ଛାତ୍ର ଜୀବନରୁ ନୀଳକଂଠ ଏପରି ଥିବାର ପ୍ରମାଣ ମିଳେ । ଏ ସମ୍ବନ୍ଧରେ ଗୋଦାବରୀଶ ଲେଖିଛନ୍ତି, "ବଡ଼ ଗୁଟ ହେବା ଗୁଣ ତାଙ୍କର ଥିଲା । ...ସେ କ୍ଷମତା ଯେପରି ଜାହିର କରୁଥିଲେ, ଦାୟିତ୍ୱ ମଧ୍ୟ ସେହିପରି ମୁଣ୍ଡାଉଥିଲେ । ରାତିରେ ସମୁଦ୍ର ପବନରେ ଝାଉଁବଣରୁ ସନ୍ ସନ୍ ଶବ୍ଦ ଆସେ । ସେଥିରେ ମୋତେ ଡରମାଡ଼େ ଓ ନିଦ ଥରେ ଭାଙ୍ଗିଗଲେ ଆଉ ଲାଗେ ନାହିଁ । ସେପରି ସମୟରେ ସେ ମୋତେ କହନ୍ତି, 'ମୁଁ ରହିଛି, ତୁମେ ଡର ନାହିଁ, ଶୋଇପଡ଼' ।"–ମିଶ୍ର, ଗୋଦାବରୀଶ - 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ', କଟକ, ପୃ-୫୧–୨ ।



Digitized by PPRACHIN, SOA

୧୦) ମିଶ୍ର, ଶ୍ୟାମ ସୁନ୍ଦର– 'ମନୀଷୀ ନୀଳକଂଠ', ପ୍ରଜାତନ୍ତ୍ର, ତା ୧୫ । ୧୧ । ୧୯୬୭ ।

୧୧) ମିଶ୍ର ଲକ୍ଷ୍ମଣ,–'ଶ୍ରୀ ଗୁରୁଦେବ ସ୍ମରଣେ', ନୀଳକଂଠ ସ୍ମାରକୀ (୧ମ), ୨ୟ ସଂସ୍କରଣ, ଭୁବନେଶ୍ୱର, ୧୯୮୨, ପୃ-୫୩– "୧୯୩୩ ମସିହା । ପୁରୀ ଟାଉନ୍ ଥାନା ପାଖ ପଡ଼ିଆରେ ବିହାର ଓଡ଼ିଶା ପଣ୍ଡିତ ସମ୍ମିଳନୀ ହୋଇଥିଲା । ... ... ... ... କିଏ ଓଡ଼ିଆରେ, କିଏ ହିନ୍ଦିରେ ଏବଂ କିଏ ସଂସ୍କୃତରେ ଭାଷଣ ଦେଲେ । ସର୍ବ ଶେଷରେ ପଣ୍ଡିତ ନୀଳକଂଠ ଦାସ ଠିଆ ହୋଇ ପଚାରିଲେ, 'ମୁଁ ଓଡ଼ିଆରେ କହିବି, କି, ହିନ୍ଦୀରେ କହିବି, କି, ସଂସ୍କୃତରେ କହିବି ବା ଇଂରାଜୀରେ କହିବି ?' ମହାମହୋପାଧ୍ୟାୟ ସଦାଶିବ ମିଶ୍ରେ (ନୀଳକଂଠ ଦାସଙ୍କୁ ନ ଶୁଭିବା ପରି) କହିଲେ, 'ଦାସେ ତ ସଂସ୍କୃତ ଟୋଲ ମାଡ଼ି ନାହାନ୍ତି, ସଂସ୍କୃତରେ ଭାଷଣ ଦେବାକୁ କିପରି ସାହସ କରୁଛନ୍ତି ।' ଏହା କହି ତାଙ୍କ ପାଖରେ ବସିଥିବା ଜଣେ ପଣ୍ଡିତଙ୍କୁ କହିଲେ, 'ତାଙ୍କୁ (ନୀଳକଂଠ ଦାସଙ୍କୁ) ସଂସ୍କୃତରେ ଭାଷଣ ଦେବାକୁ କହ' । ସଂସ୍କୃତରେ ଭାଷଣ ଆରମ୍ଭ ହେଲା । ସଭାସ୍ଥ ସମସ୍ତେ ମନ୍ତ୍ରମୁଗ୍ଧ ହେଲାପରି ତାଙ୍କ ଭାଷଣ ଶୁଣୁଥାନ୍ତି । ଏତେ କରତାଳି ହେଉଥାଏ ଯେ, ପଣ୍ଡିତ ନୀଳକଂଠଙ୍କର ସ୍ୱଭାବତଃ ବଜ୍ରଗମ୍ଭୀର ସ୍ୱରର ଭାଷଣର କେତେକ ଅଂଶ ଶୁଣା ଯାଉ ନ ଥାଏ । ଭାଷଣ ପରେ ମହାମହୋପାଧ୍ୟାୟ ସଦାଶିବ ମିଶ୍ର ମହାମହୋପାଧ୍ୟାୟ ଜଗନ୍ନାଥ ମିଶ୍ରଙ୍କୁ କହିଲେ, "ମୁଁ ଏପରି ଭାଷଣ କେବେ ଶୁଣି ନାହିଁ କି ପଢ଼ିନାହିଁ ।' ଶ୍ରୀ ଜଗନ୍ନାଥ ମିଶ୍ରେ କହିଲେ, 'ଭାଷଣ ତ ଉଚ୍ଚକୋଟୀର, ମୁଁ କିନ୍ତୁ ଲକ୍ଷ୍ୟ ରଖିଥାଏ ପ୍ରାୟ ୪୫ ମିନିଟ୍ ଭାଷଣ ମଧ୍ୟରେ କେଉଁଠାରେ ବ୍ୟାକରଣ ଅଶୁଦ୍ଧି ରହୁଛି କି ନାହିଁ । ଅଶୁଦ୍ଧି ତ ନ ଥିଲା, ଅଧିକନ୍ତୁ ଯେଉଁ ଶବ୍ଦଟି ଯେଉଁଠାରେ ରହିବାର କଥା, ତା ସେ କହିଥିଲେ । ଏହା ପୂର୍ବଜନ୍ମ ତପସ୍ୟାର ଫଳ । ନୀଳକଂଠଙ୍କ ପାଖକୁ ଯାଇ କହିଲେ, "ନୀଳ, ମୁଁ ଆଶୀର୍ବାଦ କରୁଛି, ତୁ ଦୀର୍ଘାୟୁ ହୁଅ । ତୁ ବିହାର ଓଡ଼ିଶାର କେବଳ ନୁହଁ, ସାରା ଭାରତର ଗୌରବ' ।"



Digitized by PPRACHIN, SOA

୧୨) ଦାସ, ଡଃ ବିକ୍ରମ– ମୋ ନନାଙ୍କ ଦେଶ, କଟକ, ପୃ-୩୯ ।

୧୩) ମିଶ୍ର, ଶ୍ୟାମ ସୁନ୍ଦର– ମନୀଷୀ ନୀଳକଂଠ, ପ୍ରଜାତନ୍ତ୍ର, ତା ୧୫ । ୧୧ । ୧୯୬୭ ।

୧୪) ଦାସ, ପଣ୍ଡିତ ନୀଳକଂଠ– ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬, ପୃ-୧୦୯ ।

୧୫) ଏଜନ– ତତ୍ରୈବ, ପୃ-୧୦୯ ।

୧୬) ଏଜନ– ତତ୍ରୈବ, ପୃ-୯୬ ।

୧୭) ଦାଶ, ଅଧ୍ୟାପକ ଚିନ୍ତାମଣି– ମନୀଷୀ ନୀଳକଂଠ, ପ୍ରଥମ ସଂସ୍କରଣ, ଭୁବନେଶ୍ୱର ୧୯୮୭, ପୃ- ୧୬୦–୧ ।

୧୮) ଏଥିପାଇଁ ନୀଳକଂଠ ନିଜ ବାଲ୍ୟଗୁରୁଙ୍କ ପ୍ରତି କଠୋର ହୋଇଥିବା ଏବଂ କ୍ଲାସରେ ବସି ପଢ଼ାଇବା ଲାଗି ଥିବା ଚୌକିଟିକୁ କଢ଼େଇ ଦେଇ ଟୁଲ୍‌ଟିଏ ପକାଇବା ଏବଂ ଅନଧ୍ୟବସାୟୀ ଯୁବ ଶିକ୍ଷକଙ୍କୁ ସତ୍ୟବାଦୀ ବିଦ୍ୟାଳୟରୁ ଅନ୍ୟତ୍ର ଚାଲିଯିବାକୁ ପରାମର୍ଶ ଦେଇଥିବାର ବର୍ଣ୍ଣନା ତାଙ୍କ ଆତ୍ମଜୀବନୀରେ ରହିଛି । ଦ୍ରଷ୍ଟବ୍ୟ– ଦାସ, ପଣ୍ଡିତ ନୀଳକଂଠ– ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬, ପୃ-୮୦, ୯୬–୭ ।

୧୯) ଦାଶ, ଡଃ ଶ୍ରୀରାମଚନ୍ଦ୍ର– ପଣ୍ଡିତ ନୀଳକଂଠଙ୍କ ସାମ୍ବାଦିକତା, ନୀଳକଂଠ ସ୍ମାରକୀ ୧ମ, ୨ୟ ସଂସ୍କରଣ, ଭୁବନେଶ୍ୱର, ୧୯୮୨, ପୃ-୧୯୨ ।

୨୦) ସେନାପତି, ଫକୀରମୋହନ–ଉତ୍କଳ ଭ୍ରମଣଂ, ଗ୍ରନ୍ଥାବଳୀ, କଟକ ।

୨୧) ଦାସ, ପଣ୍ଡିତ ନୀଳକଂଠ– ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬, ପୃ-୬୨–୫ ।

୨୨) ଏଜନ– ତତ୍ରୈବ, ପୃ-(ଗ), 'ନୂତନ ସଂସ୍କରଣ ପାଇଁ ପଦେ'ରେ ବିକ୍ରମ ଦାସଙ୍କ ମତ ।

୨୩) ଏଜନ– ତତ୍ରୈବ, ପୃ-(ଗ), ପୃ- ୧୩୭ ।

୨୪) ଏଜନ– ତତ୍ରୈବ, ପୃ-(ଗ), ପୃ- ୧୩୭ ।

୨୫) ଏଜନ– ତତ୍ରୈବ, ପୃ-ଘ–ଙ ।



Digitized by PPRACHIN, SOA

୨୬) ଏଜନ– ତତ୍ରୈବ, ପୃ ୫ ।

୨୭) ଏଜନ– ତତ୍ରୈବ, ପୃ-୮ ।

୨୮) ମିଶ୍ର, ଡଃ ସଦାଶିବ– ଦିଗ୍ ଦର୍ଶନ, ପ୍ରଜାତନ୍ତ୍ର, ତା ୧୫-୧୧-୧୯୬୭ ।

୨୯) Padhy, Dr. K. C.— Utkala Guru Pandit Nilakantha, 1st Edition, Bhubaneswar, 1989. P-10—1.

୩୦) ମହାପାତ୍ର, ଚିନ୍ତାମଣି– ପଣ୍ଡିତ ନୀଳକଂଠଙ୍କୁ ମୁଁ ଯାହା ଜାଣିଛି, ନୀଳକଂଠ ସ୍ମାରକୀ ୧ମ, ୨ୟ ସଂସ୍କରଣ, ଭୁବନେଶ୍ୱର, ୧୯୮୪, ପୃ-୧୫୬–୭ ।

୩୧) ଦାସ, ପଣ୍ଡିତ ନୀଳକଂଠ· ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬, ପୃ ୮୯ ।

୩୨) ମହାପାତ୍ର, ଶ୍ରୀ ଜଗନ୍ନାଥ– ଯଶୋବନ୍ତ ପୁରୁଷ, ସମାଜ ତା ୫ । ୧୧ । ୬୮ ।

୩୩) ମିଶ୍ର, ଗୋଦାବରୀଶ– ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ, କଟକ, ୧୯୫୮ ।

୩୪) ଦାସ, ପଣ୍ଡିତ ନୀଳକଂଠ– ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬, ପୃ-୨୭–୯, ୨୩ ।

୩୫) ଏଜନ– ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ୩ୟ ସଂସ୍କରଣ, କଟକ, ୧୯୭୭ ।

୩୬) ଏଜନ– ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬, ପୃ-୪୯–୫୦ ।

୩୭) ମିଶ୍ର, ଗୋଦାବରୀଶ– ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ, କଟକ, ୧୯୫୮, ପୃ - ୧୪୭– "ତରୁଣ ଉତ୍କଳ ସଂଘ ଛଡ଼ା କଟକରେ ଆଉ ଗୋଟିଏ ସଂଘ ଥିଲା । ... ... ... ... ତାର ବୈଠକ ଦିନରେ ବସେ ନାହିଁ, ବସେ ରାତିରେ, ଛାତ୍ରାବାସର ଛାତ୍ରମାନେ ଖାଇସାରି ଶୋଇ ଘୁଙ୍ଗୁଡ଼ି ମାରିବା ପରେ; କେବେ ନିର୍ଜନ କିଲ୍ଲା ପଡ଼ିଆରେ, କେବେ ମହାନଦୀ କୂଳେ, କେବେ ବା କାଠଯୋଡ଼ି



Digitized by PPRACHIN, SOA

ବାଲି ଉପରେ । ସେ ସବୁ ନୈଶ ବୈଠକର ଅଗ୍ରଣୀ ନୀଳକଂଠ ବାବୁ । ... ... ... ...ଗତିରେ ଛାତ୍ରାବାସ ଛାଡ଼ି ବାହାରକୁ ଯିବା ମନା । କୈଫିୟତ୍ ଦେବା ବେଳକୁ ଅଗ୍ରଣୀ ହୁଅନ୍ତି ନୀଳକଂଠ ବାବୁ । ତାଙ୍କର ଗତିରେ ବାହାରକୁ ଯିବାଟା କର୍ତ୍ତୃପକ୍ଷ ସେତେ ଧରନ୍ତି ନାହିଁ । ସଚ୍ଚରିତ୍ର ଯୁବକ ବୋଲି ତାଙ୍କର ସୁନାମ ଥାଏ ।”

୩୮) ମହାପାତ୍ର, ଚିନ୍ତାମଣି– ପଣ୍ଡିତ ନୀଳକଂଠଙ୍କୁ ମୁଁ ଯାହା ଜାଣିଛି, ନୀଳକଂଠ ସ୍ମାରକୀ, [୨ୟ], ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୪, ପୃ-୧୫୫–୬ ।

୩୯) ଦାସ, ପଣ୍ଡିତ ନୀଳକଂଠ– ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬, ପୃ-୮୭ ।

୪୦) ଦାଶ, ଅଧ୍ୟାପକ ଚିନ୍ତାମଣି– ମନୀଷୀ ନୀଳକଂଠ, ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୨, ପୃ-୧୯–୨୦ ।

୪୧) ବିଭିନ୍ନ ଘଟଣାର ଉଲ୍ଲେଖରୁ ଏହା ପ୍ରମାଣିତ ହେବ । ତେବେ, ଏଠାରେ କେବଳ ଗୋଟିଏ କଥା ଲେଖାଯାଉଚି– [କ] “ନୀଳକଂଠ ସାରା ଜୀବନ ସଂଗ୍ରାମ କରିଛନ୍ତି । କାହାରି ପାଖରେ ମୁଣ୍ଡ ନୁଆଇଁ ନାହାନ୍ତି । କାହାରି ଆନୁଗତ୍ୟ ସ୍ୱୀକାର କରିନାହାନ୍ତି । ତାଙ୍କର ପ୍ରଚଣ୍ଡ ପ୍ରତିଭା, ପ୍ରଖର ବୌଦ୍ଧିକତା ତାଙ୍କୁ ମହନୀୟ ସ୍ଥାନରେ ଅଧ୍ୟୁଷିତ କରିଛି । ସମସ୍ତ ଈର୍ଷା, ଅପବାଦ, ଚକ୍ରାନ୍ତକୁ ପରାହତ କରି ସେ ପ୍ରତିଭା ଅପରାଜେୟ ହୋଇ ରହିଛି ।” –ମିଶ୍ର, ଡଃ ସଦାଶିବ– ପ୍ରଖର ପ୍ରତିଭା, “କୋଣାର୍କ”, ନୀଳକଂଠ ବିଶେଷାଙ୍କ, ୫୩ଶ ସଂଖ୍ୟା, ଭୁବନେଶ୍ୱର, ୧୯୮୪ । [ଖ] ମହାପାତ୍ର, ପଣ୍ଡିତ ନରସିଂହ– ମନୀଷୀ ନୀଳକଂଠ, ୨ୟ ସଂସ୍କରଣ, ଭୁବନେଶ୍ୱର, ୧୯୮୪, ପୃ-୧୩୬, –“ପଣ୍ଡିତ ନୀଳକଂଠଙ୍କର ବ୍ୟକ୍ତିତ୍ୱ ତାଙ୍କର ସମସ୍ତ କ୍ରିୟାକଳାପରେ ପ୍ରତିଭାତ ହୋଇଥିଲା । ସେ ସମସ୍ତ ବର୍ଣ୍ଣନାର ଅତୀତ ।... ... ସେ ଯେ ଜଣେ ବ୍ୟକ୍ତିତ୍ୱବାନ୍ ସୁପୁରୁଷ ଥିଲେ, ଏହା ସର୍ବବାଦୀ ସମ୍ମତ ।”

୪୨) ଦାସ, ପଣ୍ଡିତ ନୀଳକଂଠ–ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬, ପୃ-୯୧–୨ ।



Digitized by PPRACHIN, SOA

୪୩) ମିଶ୍ର, ଚନ୍ଦ୍ରଶେଖର– ସତ୍ୟବାଦୀରେ ସାତବର୍ଷ, ୧ମ ସଂସ୍କରଣ, କଟକ, ୧୯୫୩, ପୃ·୩୭-୮ । ନୀଳକଂଠଙ୍କ ଛାତ୍ର ବତ୍ସଳତା ପ୍ରସଙ୍ଗରେ ଏହି ପୃଷ୍ଠାମାନଙ୍କରେ ପ୍ରଦତ୍ତ ଘଟଣାଟି ଉଦ୍ଧୃତ ହୋଇଛି ।

୪୪) କଲିକତାଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ପଣ୍ଡିତଜୀଙ୍କ ମାଛଖିଆ ସମ୍ବନ୍ଧରେ ନାନା କଥା ଶୁଣାଯାଏ । ଡଃ କୁଞ୍ଜବିହାରୀ ଦାସଙ୍କ ମୋ କାହାଣୀ, ଡ଼ଃ ନରେନ୍ଦ୍ର ନାଥ ମିଶ୍ରଙ୍କ ପଣ୍ଡିତ ନୀଳକଂଠ : ଜୀବନୀ ଓ କୃତି ଏବଂ ନୀଳକଂଠ ସ୍ମାରକୀ, ୨ୟ ଖଣ୍ଡରେ ଶ୍ରୀ ଗିରିଜାଭୂଷଣ ପଟ୍ଟନାୟକ ଓ ଗଣେଶ୍ୱର ମିଶ୍ରଙ୍କ ସ୍ମୃତିଚାରଣରୁ ଏ ସମ୍ବନ୍ଧରେ ଧାରଣା କରିହେବ । ଏଠାରେ ଏତିକି ମାତ୍ର ଉଲ୍ଲେଖ କଲେ ଯଥେଷ୍ଟ ହେବ ଯେ, ଓଡ଼ିଶାର ହାସ୍ୟ-ବ୍ୟଙ୍ଗ ପତ୍ରିକା "ନିଆଁଖୁଣ୍ଟା" ଥରେ ମଲାଟ ପୃଷ୍ଠାରେ ପଣ୍ଡିତ ନୀଳକଂଠଙ୍କ ମୁଣ୍ଡଟି ଆଙ୍କି ଗଣ୍ଡିଟିକୁ ଗୋଟିଏ ଭକୁଡ଼ ମାଛ ଆକାରରେ ବ୍ୟଙ୍ଗ ଚିତ୍ର କରି ଲେଖିଥିଲେ, "କେଶବ ଧୃତ ମୀନ ଶରୀର ଜୟ ଜଗଦୀଶ ହରେ" ।

୪୫) Padhy, Dr. K. C.— Utkala Guru Pandit Nilakantha, 1st Edition, Bhubaneswar, 1989, P. 90-1.

୪୬) ମିଶ୍ର, ଡଃ ନରେନ୍ଦ୍ରନାଥ–ପଣ୍ଡିତ ନୀଳକଂଠ, ଜୀବନୀ ଓ କୃତି ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୩, ପୃ. ୨୨୯– "ସେ କହୁଥିଲେ, 'ମୁ ନେତା–ନୀତ ହେବି ନାଇଁ' ।"

୪୭) i) Padhy, Dr. K.C.—Utkala Guru Pandit Nilakantha, 1st Edition, Bhubaneswar, 1989, P. 61.

ii) ଦାସ, ପଣ୍ଡିତ ନୀଳକଂଠ– ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬, ପୃ–୬୧ ।

୪୮) ମିଶ୍ର, ଡଃ. ନରେନ୍ଦ୍ର ନାଥ– ପଣ୍ଡିତ ନୀଳକଂଠ, ଜୀବନୀ ଓ କୃତି, ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୩, ପୃ. ୩୧

୪୯) ମହାପାତ୍ର, ଜଷ୍ଟିସ୍ ହରିହର– ସଫଳ ଜୀବନର ବିଫଳ ସ୍ୱପ୍ନ, ନୀଳକଂଠ ସ୍ମାରକୀ, (୧ମ) ୨ୟ ସଂସ୍କରଣ, ଭୁବନେଶ୍ୱର, ୧୯୮୨, ପୃ. ୧୫୭ ।



Digitized by PPRACHIN, SOA

୫୦) ପଣ୍ଡିତ ନୀଳକଂଠ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି ( ପୃ. ୮୩– ୧୦୫ ), "୧୯୧୧ ଅକ୍ଟୋବରରେ ( ସତ୍ୟବାଦୀ ବିଦ୍ୟାଳୟରେ ) ଯୋଗଦେଲି... ... ... । ୧୭ । ୯ । ୧୯୧୮ ତାରିଖରେ ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର କାର୍ଯ୍ୟଭର ନେଲେ ।"

୫୧) ପଣ୍ଡିତଜୀଙ୍କ ଆତ୍ମଜୀବନୀ (ପୃ ୧୧୬–୭)ରୁ ଜଣାଯାଏ ଯେ ସେ ଖ୍ରୀ ୧୯୨୦ ସେପ୍‌ଟେମ୍ବର ୨୦ ତାରିଖରେ ସତ୍ୟବାଦୀ ଛାଡ଼ି କଲିକତା ଗଲେ । ଖ୍ରୀ ୧୯୨୧ ଜାନୁଆରୀ ୬ ତାରିଖରେ ଅସହଯୋଗ ଆନ୍ଦୋଳନର ନେତୃତ୍ୱ ନେବାପାଇଁ ଚାକିରୀ ଛାଡ଼ି ରେଳରେ ସମ୍ବଲପୁର ଚାଲିଲେ ।

୫୨) ଖ୍ରୀ ୧୯୫୯ ରେ ପଣ୍ଡିତ ନୀଳକଂଠଙ୍କ ପ୍ରବନ୍ଧ "୧୯୨୧ ରେ ସମ୍ବଲପୁରରେ ନଅମାସ" "କିଶଳୟ"ରେ ପ୍ରକାଶ ପାଇଥିଲା । ତହିଁରୁ ମଧ୍ୟ ଉପର ସୂଚିତ ( ପାଦଟୀକା-୫୧୨ ର ) ତଥ୍ୟ ପ୍ରତି ସମର୍ଥନ ମିଳେ । ସେଥିରେ ଦୁଇବର୍ଷ ପାଇଁ ରଜିନାମା ବିଷୟ ସ୍ପଷ୍ଟ ଲେଖାଯାଇଛି । ଉକ୍ତ ବର୍ଷ ସେପ୍‌ଟେମ୍ବର କିମ୍ବା ଅକ୍ଟୋବରରେ ସମ୍ବଲପୁର ଛାଡ଼ିଥିବା କଥା ମଧ୍ୟ ଏଥିରୁ ଜଣାଯାଏ ।

୫୩) ପଣ୍ଡିତଜୀ ରାଜନୀତିକ ଜୀବନରେ ଯେ କି ଚକ୍ରାନ୍ତର ଶିକାର ହୋଇଥିଲେ, ତାହା ତାଙ୍କର ଜୀବନୀ ପୁସ୍ତକମାନ ଓ ଆତ୍ମଜୀବନୀରୁ ଜଣାଯାଏ ।

୫୪) ମହାପାତ୍ର, ଜଷ୍ଟିସ ହରିହର– ସଫଳ ଜୀବନର ବିଫଳ ସ୍ୱପ୍ନ, ନୀଳକଂଠ ସ୍ମାରକୀ (୧ମ), ୨ୟ ସଂସ୍କରଣ, ଭୁବନେଶ୍ୱର, ୧୯୮୨, ପୃ. ୧୫୯ ।

୫୫) ପାଦଟୀକା–୫୦ ଦ୍ରଷ୍ଟବ୍ୟ ।

୫୬) ସତ୍ୟବାଦୀରେ କିପରି ବୈଷୟିକ ଓ ଶରୀର-ଶ୍ରମ ମୂଳକ ଶିକ୍ଷା ଦିଆଯାଉ ଥିଲା, ତାହା ପରବର୍ତ୍ତୀ ପରିଚ୍ଛେଦ ୪ ରେ ଉଲ୍ଲେଖ କରଯାଉଛି ।

୫୭) ଖ୍ରୀ ୧୯୧୭ ଜୁନ୍ ୨ ତାରିଖରେ ସତ୍ୟବାଦୀ ବିଦ୍ୟାଳୟ ପରିଦର୍ଶନ କରିବାକୁ ଆସି କଲିକତା ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ସାର୍ ଆଶୁତୋଷ ମୁଖାର୍ଜୀ ଲେଖିଥିଲେ–



Digitized by PPRACHIN, SOA

"I have visited the Satyavadi School with great interest. The School possesses many remarkable features. It is managed by well educated Oriyas who have realised the great truth that spread of education amongst their people can be effected on the surest and soundest lines by persons, who are prepared to make great sacrifice. If is obvious to me that the school is backed by more than one such devoted and enthusiastic youngman. They have further realised that true education is possible without expensive and luxurious equipments, indeed such equipments are rather a hindrance than an assistance to the cause of the spread of education among an essentially poor people. Indians in the old days were accustomed to receive sound education and culture without appreciable expenditure of money. Under altered conditions, that may no longer be possible, but it can not be denied that many well meaning people labour under uder the delusion that expensive buildings and other like agencies are essential for the spread of education. The promoters of this school have set a laudable example to the contrary. Their ideals are high, they understand the value of discipline and culture— mental, moral and physical. The result of their labour is likely to be great for the very reason, that the beginnings are so humble, I can not but wish that every village in Bengal should posssess a genuine place of instruction like Satyabadi School."



Digitized by PPRACHIN, SOA

୫୮) ଏମାନଙ୍କ ମନ୍ତବ୍ୟ ସବୁ ଅଧ୍ୟାପକ ଚିନ୍ତାମଣି ଦାଶଙ୍କ ଲିଖିତ "ମନୀଷୀ ନୀଳକଂଠ" ପୁସ୍ତକରେ ଦ୍ରଷ୍ଟବ୍ୟ ।

୫୯) (କ) ରଥ, ଗଧାନାଥ– ମନୀଷୀ ନୀଳକଂଠଙ୍କ ସ୍ମୃତିପୂଜା, ନୀଳକଂଠ ସ୍ମାରକୀ, (୧ମ), ୨ୟ ସଂସ୍କରଣ, ଭୁବନେଶ୍ୱର, ୧୯୮୨, ପୃ. ୧୩–୧୫– "ସତ୍ୟବାଦୀ ବନବିଦ୍ୟାଳୟ ଗୁରୁକୁଳ ଆଶ୍ରମପରି ଗୋପବନ୍ଧୁଙ୍କ ପରିକଳ୍ପନା; କିନ୍ତୁ ତାକୁ ରୂପରେଖ ଦେଇଥିଲେ ପଣ୍ଡିତ ନୀଳକଂଠ । .............ନୀଳକଂଠ ଏପରି ବ୍ରତୀ ଥିଲେ ଯେ ଗୋପବନ୍ଧୁ ଯାହା ପରିକଳ୍ପନା କରୁଥିଲେ, ତାକୁ ସେ କାର୍ଯ୍ୟରେ ପରିଣତ କରି ଦେଉଥିଲେ ।

(ଖ) ମିଶ୍ର, ଡଃ ନରେନ୍ଦ୍ରନାଥ–ପଣ୍ଡିତ ନୀଳକଂଠ : ଜୀବନୀ ଓ କୃତି, ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୩, ପୃ. ୩୯–"ସତ୍ୟବାଦୀର ବନବିହାର ଥିଲା ଗୋପବନ୍ଧୁଙ୍କ ମାନସ ସନ୍ତାନ । କିନ୍ତୁ ନୀଳକଂଠଙ୍କର ସ୍ୱହସ୍ତ ପାଳିତ ଏକ ଜୀବନ୍ତ ଅନୁଷ୍ଠାନ ।"

୬୦) ମିଶ୍ର, ଗୋଦାବରୀଶ–ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ, କଟକ, ୧୯୫୮ ।

୬୧) ପାଦଟୀକା ୧୦୩ ଦ୍ରଷ୍ଟବ୍ୟ ।

୬୨) ଦାସ, ପଣ୍ଡିତ ନୀଳକଂଠ– ନବଭରତ, କୁମାର ପୂର୍ଣ୍ଣିମା ସଂଖ୍ୟା, ୨୪ । ୧୦ । ୧୯୪୨ ।

୬୩) ଯୁଦ୍ଧ ସାମୁଖ୍ୟର ସଭପତିପଦ ମଣ୍ଡନ କରିବା, ମିଳିତ ମନ୍ତ୍ରୀମଣ୍ଡଳର ପୁରୋଧା ସାଜିବା ଆଦି ଏହାର ଉଦାହରଣ । ମିଳିତ ମନ୍ତ୍ରୀମଣ୍ଡଳ ଗଠନ ବେଳେ ତାଙ୍କର ଦୁର୍ନାମ ରଟନା ସମ୍ପର୍କରେ ନୀଳକଂଠ ଲେଖିଥିଲେ– "ସେ ସବୁକୁ ମୋର ଖାତିର ନ ଥିଲା । ମୁଁ ଜାଣି-ଥିଲି, ମୁଁ କୌଣସି ସ୍ୱାର୍ଥପାଇଁ କିଛି କରୁଛି କି ନା, ଦିନେ ଲୋକଙ୍କୁ ବୁଝାଇ ପାରିବି ।"–ନବଭରତ, ତା ୧୪ । ୧୦ । ୪୫ ଅଗ୍ରଲେଖା ।

୬୪) ନୀଳକଂଠଙ୍କ ଚିନ୍ତା ଓ ଚେତନାରେ ସର୍ବଦା ମୌଳିକତା ଲକ୍ଷ୍ୟ କରଯାଇ ପାରେ । ଏହା ଏ ପୁସ୍ତକରେ ବିବିଧ ସ୍ଥଳରେ ଦର୍ଶା-ଯାଇଛି । ତାଙ୍କର "ଗୀତାଭଷ୍ୟ" ତିଳକଙ୍କ ଗୀତାର ଅନୁବାଦ ବୋଲି କେହି କେହି ପରଶ୍ରୀକାତର ବ୍ୟକ୍ତି ଗୁଜବ ପ୍ରଘ୍ୱର କରିଥିଲେ ।



Digitized by PPRACHIN, SOA

କିନ୍ତୁ ଭଷାର ମୌଳିକତା ଯୋଗୁଁ ଅଦାଲତରେ ପଣ୍ଡିତଜୀଙ୍କର ଜିତାପଟ ହୋଇଥିଲ । ରାଜନୀତିକ ଯେତ୍ରରେ ମଧ୍ୟ ସେହିପରି । ଭଷାଭିତ୍ତିକ ପ୍ରଦେଶ ଗଠନ ବିଶୟରେ ଓଡ଼ିଆମାନଙ୍କର ( ପଣ୍ଡିତ ନୀଳକଂଠଙ୍କର ) ଅତୁଳନୀୟ ଅବଦାନ । ଦିଲ୍ଲୀର "ହିନ୍ଦୁସ୍ଥାନ ଟାଇମସ୍" ପତ୍ରିକାରେ ତା ୨୮ । ୩ । ୧୯୨୮ ରିଖରେ ପଣ୍ଡିତ ନୀଳକଂଠଙ୍କର "ଯୁଦ୍ଧ ଡାକରା" ଶିରୋନାମାରେ ଏକ ସୁଦୀର୍ଘ ବିବୃତି ପ୍ରକାଶ ପାଇଥିଲ । ସେହି ବିବୃତିରେ ସମଗ୍ର ଭରତରେ ବୋଧହୁଏ ପ୍ରଥମଥର ପାଇଁ ସେ ହିଁ ସମସ୍ତ ଜାତୀୟବାଦୀ ନେତାଙ୍କୁ ସୌଖୀନ ରାଜନୀତି ଓ ପାଣ୍ଡିତ୍ୟ ପୂର୍ଣ୍ଣ ବିବାଦ ସମ୍ବରଣ କରି ଶୀଘ୍ର ଏକତ୍ର ବସି ଭଷା ଓ ସାଂସ୍କୃତିକ ଭିତ୍ତିରେ ଦେଶର ରାଜ୍ୟମାନଙ୍କର ପୁନର୍ଗଠନ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।

୬୫) ପଣ୍ଡିତଜୀଙ୍କ ଦେହାବସାନ ଅବସରରେ ତା ୮ । ୧୧ । ୧୯୬୭ ରିଖର "କଳିଙ୍ଗ"ରେ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣରୁ ଉଦ୍ଧୃତ ।

୬୬) Satyabadi Report P. 66-8

୬୭) ଦାସ, ପଣ୍ଡିତ ନୀଳକଂଠ– ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬, ପୃ. ୮-୭ ।

୬୮) Gandhi, M. K. (ed)—Young India, 13-4-1921

୬୯) ମିଶ୍ର, ଗୋଦାବରୀଶ–ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ, କଟକ, ୧୯୫୮ ।

୭୦) ଦାସ, ପଣ୍ଡିତ ନୀଳକଂଠ–ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬ ପୃ. ୬୪ ।

୭୧) ଏକନ୍–ତତ୍ରୈବ, ପୃ. ୧୩୧ ।

୭୨) Padhy, Dr. K. C.— Utkala Guru Pandit Nilakantha, 1st Edition, Bhubaneswar, 1989, P. 56-7— "In 1958, the Orissa Sahitya Akademy was newly formed and Pandit Nilakantha became the First President. It is said that Dr. Mahtab, the then Chief Minister



Digitized by PPRACHIN, SOA

Orissa, approached him and discussed about the formation such an organisation. He also asked him as to what would be the pay and other emoluments for the President. Pandit Nilakantha immediately retorted, 'Do you want me to take up a Govt. service, which I have never done in my life ? You may have to provide adequate number of staff for the organisation. As per myself, I would only require the departmental vehicle to attend the meetings, etc.''

୭୩) Ibid, P 56--''In fact, when one of his sons-in-law Eng. M. S. Das sent letters from England to Panditji's daughter addressed as C/o Padma Bhusan Dr. Pandit Nilakantha Das, he advised him through his daughter not to do so and wrote that he was better known as Pandit Nilakantha Das.''

୭୪) ମିଶ୍ର, ଗଣେଶ୍ୱର–କେତୋଟି ସ୍ମରଣୀୟ ଘଟଣା, ନୀଳକଂଠ ସ୍ମାରକୀ [୨ୟ], ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୪, ପୃ-୧୬୪–୭ । ଶ୍ରୀ ଗଣେଶ୍ୱର ମିଶ୍ର ଥିଲେ ବହୁଦିନ ଧରି ପଣ୍ଡିତଜୀଙ୍କ ବିଶ୍ୱସ୍ତ ସେବକ । ଉପରୋକ୍ତ ସ୍ମୃତିଚାରଣରେ ବାଚସ୍ପତି ନୀଳକଂଠଙ୍କ ଜୀବନର ଦୁଇଟି ଘଟଣାର ଉଲ୍ଲେଖ ସେ କରିଛନ୍ତି । ବିଧାନସଭାର ସ୍ୱାତନ୍ତ୍ର୍ୟ ପାଇଁ ଲଢ଼ୁଥିବା ପଣ୍ଡିତଜୀଙ୍କୁ ତତ୍କାଳୀନ ଶାସକ ଦଳ ବହୁ ପ୍ରଲୋଭନ ଦେଖାଇ ସେ ପଥରୁ ନିବର୍ତ୍ତାଇବାର ଚେଷ୍ଟା କରିଥିଲେ । ଏହା ବ୍ୟତୀତ ପରବର୍ତ୍ତୀ ଐତିହାସିକ ଘଟଣା ପ୍ରବାହ ପଣ୍ଡିତଜୀଙ୍କ ପାଦ ଖସି ନ ଥିବାର ପ୍ରମାଣ ଦିଏ । ପୁନଶ୍ଚ, ବିଧାନସଭା ଭଙ୍ଗିଗଲେ ମଧ୍ୟ ବାଚସ୍ପତିଙ୍କ ପଦଶୂନ୍ୟ ହେବ ନାହିଁ ବୋଲି ପଣ୍ଡିତ ନୀଳକଂଠ ଲଢ଼େଇ କରୁଥିବା ବେଳେ ମହତାବ ମନ୍ତ୍ରୀ ମଣ୍ଡଳ ଭଙ୍ଗିଯିବାରୁ ସେ ତତ୍କ୍ଷଣାତ୍ ସରକାରୀ ବଙ୍ଗଳା ଛାଡ଼ି ଦେଇଥିଲେ, ଯଦିଓ ତତ୍କାଳୀନ ରାଜ୍ୟପାଳ ଓ ଚିଫ୍



Digitized by PPRACHIN, SOA

ସେକ୍ରେଟାରୀ ଆଦି କର୍ମଚାରୀ ଗଣ ସେପରି ନ କରିବାକୁ ତାଙ୍କୁ ଅନୁରୋଧ କରିଥିଲେ ।

୭୫) ଦାଶ, ଯଦୁମଣି– "ପରିପ୍ରଶ୍ନରର ଅନ୍ତରାଳରେ ନୀଳକଂଠ", ସ୍ମାରକୀ, (୧୨), ଦ୍ୱିତୀୟ ସଂସ୍କରଣ, ଭୁବନେଶ୍ୱର, ୧୯୮୨, ପୃ-୭୧ । ଏ ଘଟଣା ଅଙ୍ଗେ ଲିଖଇବା ବେଳେ ସେ ପଣ୍ଡିତ ନୀଳକଂଠଙ୍କ "ନବଭାରତ"ର ସହ-ସମ୍ପାଦକ ଥିଲେ । ସେ ଲେଖିଛନ୍ତି:– "ସେ ଦିନ ନୀଳକଂଠ ବାବୁଙ୍କ ଗାଧୋଇବା ଆଗରୁ କେହି ଜଣେ ପ୍ରେସ୍ କର୍ମଚାରୀ ବାରଣ୍ଡାରେ ପାଣି ଥୋଇ ଦେଇ ମତେ ଆସି "କିଏ ତଳେ ଡାକୁଛନ୍ତି" ବୋଲି ଖବର ଦେଲା । ତଳକୁ ଯାଇ ଦେଖିଲି, ସେ କାଳର ଜଣେ ରାଜନୈତିକ ନେତା ଘୋଡ଼ା ଗାଡି ପାଖେ ଠିଆ ହୋଇଛନ୍ତି । ... ... । ନୀଳକଂଠବାବୁଙ୍କ ସହିତ ତାଙ୍କର ସେତେବେଳେ ରାଜନୀତି କ୍ଷେତ୍ରରେ ଖୁବ୍ ବିରୋଧ ଥିବା ମୁଁ ଜାଣିଥିଲି ଓ ଅଳ୍ପଦିନ ଆଗରୁ ସେ ତାଙ୍କୁ ରାଜନୀତିକ ସ୍ତରରେ ଖୁବ୍ ଅପମାନ ଓ ଅପଦସ୍ତ କରିଥିଲେ ଏବଂ ତାଙ୍କର ପ୍ରଭୂତ କ୍ଷତି କରିଥିଲେ ବୋଲି ମଧ୍ୟ ଶୁଣିଥିଲି । ମୁଁ ଭାବିଲି ନୀଳକଂଠବାବୁ ଏ ମହାଶୟ ଆସିଥିବା ଶୁଣି ସମ୍ଭବତଃ ରାଗିବେ । କିନ୍ତୁ ସେ ଧୀର ସ୍ଥିର ଭାବରେ କହିଲେ, 'ତାଙ୍କୁ ଡାକିଦିଅ' । ମୁଁ ଯାଇ ଡାକିଦେଲି । ... ... ... ... ... ୨।୩ ମିନିଟ୍ ପରେ ମତେ ଡାକି ବ୍ୟାଙ୍କରେ କେତେ ଟଙ୍କା ଅଛି ବୋଲି ନୀଳକଂଠ ବାବୁ ପଚାରିଲେ । ତାଙ୍କର ସେ ସମୟରେ ତିନିଶହ ଦଶ କି ପନ୍ଦର ଟଙ୍କା ମାତ୍ର ଥିଲା । ମୋଠାରୁ ଏହା ଶୁଣିଲା ପରେ ସେ କିଛି ନ ଭାବି ତିନିଶହ ଟଙ୍କାର ଖଣ୍ଡିଏ ଚେକ୍ ଲେଖି ସେହି ଭଦ୍ରଲୋକଙ୍କ ହାତକୁ ବଢ଼ାଇ ଦେଲେ । ସେ ଯିବା ପରେ, ସେ ସମୟର ଜଣେ ପ୍ରେସ୍ କର୍ମଚାରୀ ଓ ମୁଁ ବିରକ୍ତ ହୋଇ, କର୍ମଚାରୀ ମାନଙ୍କୁ କିପରି ଦରମା ଦିଆଯିବ ବୋଲି କହିଲୁ । ବଜାର ସଉଦା ପାଇଁ ମଧ୍ୟ ପଇସା ନ ଥିବାର ଜଣାଇଲୁ । ନୀଳକଂଠ ବାବୁ ତାଙ୍କର ବ୍ୟାଗ କାଢ଼ିଲେ । ସେଥିରେ ଦଶ ଟଙ୍କିଆ ନୋଟ୍‌ଟିଏ ଥିଲା । ସେଇଟି ଦେଇ କହିଲେ, 'ଏଥିରେ କାମ ଚଳାଅ, ପରେ ଦେଖିବା' । ମୁଁ କିନ୍ତୁ ସନ୍ତୁଷ୍ଟହୋଇ ପାରିଲି ନାହିଁ । ପ୍ରତିବାଦ କରି କହିଲି, 'ନିର୍ବିଗ୍ରର ଦାନ ଭଲ ନୁହେଁ' ।



Digitized by PPRACHIN, SOA

ଆଗନ୍ତୁକଙ୍କର ପୂର୍ବ କାର୍ଯ୍ୟକଳାପ ମଧ୍ୟ ସ୍ମରଣ କରାଇ ଦେଲି । ନୀଳକଂଠବାବୁ ସାମାନ୍ୟ ହସି କହିଲେ, "ତାର ସେପରି ଅସୁବିଧା ପଡ଼ି ନ ଥିଲେ, ସେ ଏଇ ମୁଣ୍ଡଫଟା ଖରାରେ ମୋ ପାଖକୁ ଆସି ନ ଥାନ୍ତା । ମୋ ବିରୁଦ୍ଧରେ ତାର କାର୍ଯ୍ୟକଳାପ ଓ ପ୍ରଗ୍ଭର କଥା ଯାହା ତୁମେ କହୁଚ, ସେ ସବୁ କରି ଓ ମୁଁ ସେସବୁ ଜାଣେ ବୋଲି ଜାଣି ମଧ୍ୟ ମୁଁ ଯେ ତାକୁ ନିଶ୍ଚୟ ସାହାଯ୍ୟ କରିବି, ଏହା ଭାବି ସେ ଆସିଚି । ସେ ମୋ ଉଦାରତା ଉପରେ ଆସ୍ଥା ରଖିଥିବା ବେଳେ, ତୁମେ ମତେ କହୁଚ, ମୁଁ ତାକୁ ଜଣାନ୍ତି ଯେ ସାଧାରଣ ନୀଚତା ମୋ ଠାରେ ଅଛି । ଇଏତ ଭଲ ପରାମର୍ଶ ନୁହେଁ । ଏହା ବାଇବେଲ୍‌ର ସଏତାନ ପରାମର୍ଶ ।" ଏଥକୁ ମୋର କୌଣସି ଉତ୍ତର ନ ଥିଲା । ତଥାପି ମୁଁ ସନ୍ତୁଷ୍ଟ ହୋଇ ନ ପାରି ଏତିକି କହିଲି, "ଶୁଝିବାର ଉଦାରତା ଥିଲେ ହେଲା" । ସେ ସାଙ୍ଗେ ସାଙ୍ଗେ କହିଲେ, "ମୁଁ ଜାଣେ, ସେ ମୋ ଠାରୁ ଧାର ନେଇଥିବା ବିଷୟ ଯଥାଶୀଘ୍ର ପାଶୋରି ଦେବାକୁ ଚେଷ୍ଟା କରିବ । ଶୁଝିବାତ ଦୂରର କଥା ।"

ମହାନ, ଉଦାର, ନିର୍ଲୋଭ ଓ ଅକ୍ରୋଧ–ପରାୟଣ ନ ହେଲେ କି ଏହା ସମ୍ଭବ ? ସେତେବେଳର ତିନି ଶହ ଏବେ ତିରିଶ ହଜାର ଟଙ୍କା !

୭୬) ଦାଶ ଡଃ ଶ୍ରୀରାମଚନ୍ଦ୍ର– ପଣ୍ଡିତ ନୀଳକଂଠଙ୍କ ସାମ୍ବାଦିକତା, ନୀଳକଂଠ ସ୍ମାରକୀ (୧ମ), ଦ୍ୱିତୀୟ ସଂସ୍କରଣ, ଭୁବନେଶ୍ୱର, ୧୯୮୨, ପୃ-୧୯୩–"ଯେ କୌଣସି ଦୈନିକ ସମ୍ବାଦପତ୍ରର ସମ୍ପାଦକ ଜାଣନ୍ତି, ବିଜ୍ଞାପନ ହିଁ ଦୈନିକ ପତ୍ରିକାର ମୁଖ୍ୟ ଆଶ୍ରୟ । କେବଳ ଗ୍ରାହକମାନଙ୍କଠାରୁ ଆୟ କରି କୌଣସି ଦୈନିକ ପତ୍ରିକା ଆତ୍ମନିର୍ଭରଶୀଳ ହୋଇପାରିବ ନାହିଁ । ୧୯୪୨ରେ 'ନବଭାରତ' ପ୍ରକାଶିତ ହେଉଥିବା ବେଳେ ଲକ୍ଷ୍ୟ ଥିଲା, ସମ୍ବାଦ ପରିବେଷଣ ଓ ଲୋକମତ ଗଠନ । 'ସମାଜ' ବନ୍ଦ ହୋଇଯିବାରୁ ଅନ୍ୟ କୌଣସି ପ୍ରତିଦ୍ୱନ୍ଦୀ ସମ୍ବାଦପତ୍ର ମଧ୍ୟ ନ ଥିଲା । 'ନବଭାରତ' ଥିଲା ସରକାରୀ ଦଳର ମୁଖପତ୍ର ଓ ଅପ୍ରତିଦ୍ୱନ୍ଦୀ ସମ୍ବାଦପତ୍ର । ଆମେ ଚେଷ୍ଟା



Digitized by PPRACHIN, SOA

କରିଥିଲେ ବିଜ୍ଞାପନରୁ ଯଥେଷ୍ଟ ଆୟ କରିପାରିଥାନ୍ତେ, କିନ୍ତୁ ପାଠକବର୍ଗଙ୍କ ସମ୍ବାଦ ଜିଜ୍ଞାସା ପୂର୍ଣ୍ଣମାତ୍ରାରେ ପୂରଣ କରିବା ଉଦ୍ଦେଶ୍ୟରେ ନୀଳକଂଠ ବିଜ୍ଞାପନ ଲାଗି ବେଶୀ ସ୍ଥାନ ଦେବାକୁ ବାରଣ କରିଥିଲେ । ସରକାରୀ କର୍ମଚାରୀ ଓ ମନ୍ତ୍ରୀମାନଙ୍କୁ ପ୍ରତ୍ୟେକ ଦୈନିକ କାଗଜ ବିନାମୂଲ୍ୟରେ ଦିଆଯାଏ । ସେଥିପାଇଁ ସମ୍ବାଦପତ୍ରକୁ ସରକାରୀ ଦାନ ମିଳେ । ନୀଳକଂଠଙ୍କର ଅଭିପ୍ରାୟ ଥିଲା ଯେ, ଆମେ ବିଜ୍ଞାପନରୁ ଯେଉଁ ଆୟ କରିଥାଉ, ତାହା ସରକାରଙ୍କଠାରୁ ଅନ୍ୟଥା ଦାନ ସୂତ୍ରରେ ମିଳୁଥିବାରୁ ପୁନର୍ବାର ବିଜ୍ଞାପନରୁ ଆୟକରିବା ଅନୈତିକତା ହେବ । ଫଳରେ ମିଳୁଥିବା ବିଜ୍ଞାପନକୁ ତ୍ୟାଗ କରିବାକୁ ପଡ଼ୁଥିଲା । ଆଦର୍ଶବାଦୀ ଭାବରେ କୌଣସି ବ୍ୟବସାୟୀ ଅନୁଷ୍ଠାନ ଚଳେ ନାହିଁ । ତେଣୁ କ୍ରମାନ୍ୱୟ କ୍ଷତିଗ୍ରସ୍ତ ହେବା ଫଳରେ ଦୈନିକ 'ନବଭାରତ' ବନ୍ଦ ହୋଇଗଲା ।"

ଏ ଘଟଣା ଏଠାରେ ଉଲ୍ଲେଖ କରିବାର ବିଶେଷ ତାତ୍ପର୍ଯ୍ୟ ରହିଛି । ଯେଉଁ ଆଦର୍ଶ, ନୈତିକତା ପାଇଁ 'ନବଭାରତ' ବନ୍ଦ ହୋଇଗଲା, ତାର ମୂଳରେ ଅଛି କ'ଣ ? ତ୍ୟାଗ ମନୋବୃତ୍ତି ନ ଥିଲେ ଏ କ୍ଷେତ୍ରରେ ଆଦର୍ଶକୁ ନିଶ୍ଚିତ ରୂପେ ବଳି ଦେବାକୁ ପଡ଼ିଥାନ୍ତା । ଏଭଳି ଘଟଣା ମଧ୍ୟ ବିରଳ ନୁହେଁ । କିନ୍ତୁ ଚିରତ୍ୟାଗୀ ନୀଳକଂଠ ପତ୍ରିକା ବନ୍ଦ କରିଦେଲେ ସିନା, ଆଦର୍ଶରୁ ଟଳିଲେ ନାହିଁ ।

୭୭) ସୂପକାର, ଡଃ ଶ୍ରଦ୍ଧାକର– ସ୍ମୃତି ତର୍ପଣ, ନୀଳକଂଠ ସ୍ମାରକୀ [୧ମ], ୨ୟ ସଂସ୍କରଣ, ଭୁବନେଶ୍ୱର, ୧୯୮୨, ପୃ-୭୩ ।

୭୮) ଦାସ, ଡଃ କୁଞ୍ଜବିହାରୀ– ଯେତେ ନିକଟରେ ସେତେ ଦୂରରେ ନୀଳକଂଠ ସ୍ମାରକୀ [୧ୟ], ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ୧୯୮୪, ପୃ-୧୨୮ ।

୭୯) ଦାସ, ବିକ୍ରମ– ପିତୃସ୍ମୃତି, ନୀଳକଂଠ ପରିକ୍ରମା, ପ୍ରଥମ ସଂସ୍କରଣ, କଟକ, ୧୯୬୯, ପୃ-୧୧୩– "ସେ ସବୁବେଳେ ନିଜକୁ ଜଣେ ଗ୍ରାମ୍ୟ ଓ ଗାଉଁଲୀ ଲୋକ ବୋଲି ମନେ କରୁଥିଲେ । ଗତି ଅଧରେ ଆସି ଗାଁରେ ପହଞ୍ଚିଲେ ମଧ୍ୟ ଲଣ୍ଠନଟିଏ ଧରି କାନ୍ଧରେ ଗାମୁଛାଟିଏ



Digitized by PPRACHIN, SOA

ପକାଇ ଗାଁର ଏମୁଣ୍ଡ ସେମୁଣ୍ଡ ଥରେ ବୁଲି ଆସନ୍ତି । ତାଙ୍କ ପାଟି ଶୁଣିଲେ ନିଦରୁ ଉଠି ଲୋକମାନେ ଆସି ଜୁଟି ଯାଆନ୍ତି । ସେ ମଣ୍ଡପ ଓ ଚଉତା ଉପରେ ବସି ଗାଁ ଲୋକଙ୍କର ଦୁଃଖ ସୁଖ ସବୁ ତନ୍ନ ତନ୍ନ କରି ବୁଝନ୍ତି । ଗାଁର ଥଟ୍ଟା ଥଟ୍ଟାଲିକୁ ଖୁବ୍ ଭଲ ପାଆନ୍ତି । ଗାଁରେ ପହଞ୍ଚିଲେ ତାଙ୍କ ଚିନ୍ତା ଓ ଭାବନା-ବହୁଳ ମସ୍ତିଷ୍କର ଭାର ଲଘୁ ହୋଇଯାଏ ।"

୮୦) ଦାସ, ବାଙ୍କବିହାରୀ– ସଂସଦୀୟ ଇତିହାସରେ ପଣ୍ଡିତ ନୀଳକଂଠଙ୍କ ବୈଶିଷ୍ଟ୍ୟ, ନୀଳକଂଠ ସ୍ମାରକୀ [୨ୟ], ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ୧୯୮୪, ପୃ-୧୬୬–୭; ଏ ସମ୍ପର୍କରେ ଶ୍ରୀ ଜ୍ଞାନୀନ୍ଦ୍ର ବର୍ମା ଉଲ୍ଲେଖ କରିଛନ୍ତି– "ତାଙ୍କ ସହ କୌଣସି ପ୍ରକାର ଆଲୋଚନା କରିବା ବେଳେ ସେ ଯେଉଁ ପାଣ୍ଡିତ୍ୟ, ଭାବ ଗାମ୍ଭୀରତା ଏବଂ ସାରଲ୍ୟ ତଥା ହାସ୍ୟରସର ପରିବେଶ ସୃଷ୍ଟି କରି ଦିଅନ୍ତି, ତାହା ଅନ୍ୟତ୍ର ଏକାନ୍ତ ବିରଳ । ଅତି ଅଳ୍ପ ବୟସରେ ତାଙ୍କ ଠାରୁ ମୁଁ ଯେଉଁ ସ୍ନେହ ଶ୍ରଦ୍ଧା ଓ ଗୁଣ ଗ୍ରାହକତା ଲାଭ କରିଥିଲି, ତାହା ମୋ ପକ୍ଷରେ ଉଜ୍ଜ୍ୱଳ ସ୍ମରଣୀକା ହୋଇ ରହିଛି ।"– କଳିଙ୍ଗ, ତା ୧୨ । ୧୧ । ୬୭ ରିଖ ।

୮୧) ଦେବୀ, ଶ୍ରୀମତୀ ସରଳା– ପଣ୍ଡିତ ନୀଳକଂଠ ସ୍ମରଣେ, ପ୍ରଜାତନ୍ତ୍ର, ତା ୧୫ । ୧୧ । ୬୭ ରିଖ ।

୮୨) ଦାଶ, ଡଃ କୁଞ୍ଜବିହାରୀ– ଯେତେ ନିକଟରେ ସେତେ ଦୂରରେ, ନୀଳକଂଠ ସ୍ମାରକୀ, (୨ୟ), ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ୧୯୮୪, ପୃ. ୧୨୬ ।

୮୩) ମିଶ୍ର, ଡଃ ନରେନ୍ଦ୍ର ନାଥ– ପଣ୍ଡିତ ନୀଳକଂଠ : ଜୀବନୀ ଓ କୃତି, ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୩, ପୃ. ୧୬୨-୩ରୁ ଉଦ୍ଧୃତ ।

୮୪) ବର୍ମନ, ଶ୍ରୀ କ୍ଷୀରୋଦଚନ୍ଦ୍ର– ଗୋଟିଏ ରାତିର ସାଥି, ସମାଜ, ତା ୧୨ । ୧୧ । ୬୭ ରିଖ ।

୮୫) ମିଶ୍ର, ଶ୍ରୀ ଗଣେଶ୍ୱର– କେତୋଟି ସ୍ମରଣୀୟ ଘଟଣା, ନୀଳକଂଠ ସ୍ମାରକୀ, (୨ୟ), ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ୧୯୮୪,ପୃ ୧୬୩ "............ଆମେ ଓ ବେଳେ ବେଳେ ଅନ୍ୟ ଷ୍ଟାଫ୍‌ମାନେ ମଧ୍ୟ



Digitized by PPRACHIN, SOA

ଥରକୁ ଥର ସମସ୍ତେ ତାଙ୍କ ସଙ୍ଗେ ଗାଁକୁ ଯାଉ । ତାଙ୍କ ପାଖେ ଯେ ରହେ, ସେ ସେ ପରିବାରର ଜଣେ ହୋଇଯାଏ । ପଣ୍ଡିତଜୀ ଓ ମା' ଯେମାନଙ୍କୁ ଭଳି ଆଦର କରନ୍ତି । ଏଇଟା ଏବେ ବି ଲୋକେ ଭୁଲିପାରି ନାହାନ୍ତି ।"

୮୬) (କ) ଏଜନ୍ ତତ୍ରୈବ, ପୃ. ୧୬୦-୧– "ତାଙ୍କର ଖାଇବା ଓ ଖୁଆଇବା ଦେଖିବା କଥା । ଖାଇବା ବେଳକୁ କିଏ ଆସିଗଲେ ତାକୁ ଖାଇବାକୁ ଦେବା ତାଙ୍କ ଇଛା,..........ତଳେ ଆସନ ପକାଇ ସମସ୍ତେ ଏକା ସାଙ୍ଗେ ଖାଇବା ପଣ୍ଡିତଜୀଙ୍କର ଭଳି ସଉକ ।"

(ଖ) ଦାଶ, ଯଦୁମଣି– ପରିପ୍ରଶ୍ନରର ଅନ୍ତରାଳରେ ନୀଳକଂଠ, ନୀଳକଂଠ ସ୍ମାରକୀ (୧ମ), ୨ୟ ସଂସ୍କରଣ, ଭୁବନେଶ୍ୱର, ୧୯୮୨, ପୃ. ୭୦–"........ବ୍ୟକ୍ତିଗତ ଭାବେ ଖୁବ୍ ନିକଟରୁ ତାଙ୍କୁ ଦେଖି-ପାରିବାର ସୁଯୋଗ ମୁଁ ପାଇଚି । ତାଙ୍କପରି ହାସ୍ୟରସିକ ମୋ ଜୀବନରେ ମୁଁ ଖୁବ୍ କମ ଦେଖିଚି । ଏତେ ମନଖୋଲି ସେ କଥା-ବାର୍ତ୍ତା କରନ୍ତି ଯେ, ଆମେ ଶୁଣୁଥିବା ଲୋକେ ଅବାକ୍ ହୋଇଯାଉ । ଖାଇବା ସମୟରେ ନାନା ପ୍ରକାର କୌତୁହଳ ପୂର୍ଣ୍ଣ କଥା କହି ଖୁବ୍ ହସାନ୍ତି । ସେ କେବେ ଏକା ଖାଇବାର ମୁଁ ଦେଖିନାଇ ବା ଶୁଣିନାହିଁ, ଅନ୍ତତଃ ପକ୍ଷେ ତିନି ଚାରିଜଣ ତାଙ୍କ ସହିତ ଖାଇବେ । ସେଥିରେ ତାଙ୍କର ଆନନ୍ଦ.......... ।"

୮୭) ବ୍ରହ୍ମା, ଅଧ୍ୟାପକ ଗୌରୀକୁମାର–ଉତ୍କଳ ବୃହସ୍ପତି ପଣ୍ଡିତ ନୀଳକଂଠ, ନୀଳକଂଠ ସ୍ମାରକୀ (୨ୟ), ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୪, ପୃ. ୬୬–୭ ।

୮୮) ଶତପଥୀ, ନିତ୍ୟାନନ୍ଦ (ସଂ.)– ନୀଳକଂଠ ପରିକ୍ରମା, ପ୍ରଥମ ସଂସ୍କରଣ, କଟକ, ୧୯୭୯ ।

୮୯) "ଓଁ ବ୍ରହ୍ମତ୍ୱ ବୁଡ଼ିଗଲା ମନୁଷ୍ୟ......" ଆଦି ପଙ୍କ୍ତି ଏହାର ଉଦାହରଣ ।

୯୦) ଦାସ, ପଣ୍ଡିତ ନୀଳକଂଠ– ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬, ପୃ. ୧୮୨–୩ ।

୯୧) ନନ୍ଦଶର୍ମା, ପଣ୍ଡିତ ଗୋପୀନାଥ– ଶ୍ରୀ ଭରତ ଦର୍ପଣ, ପୁନର୍ମୁଦ୍ରଣ, ଭୁବନେଶ୍ୱର, ୧୯୬୪ ।



Digitized by PPRACHIN, SOA

୯୨) ଦାସ, ପଣ୍ଡିତ ନୀଳକଂଠ– ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬, ପୃ-୧୮୩ ।

୯୩) ଷଡ଼ଙ୍ଗୀ, ଶ୍ରୀ ଉଦୟ ନାଥ– 'ଆମ ହେଡ୍‌ମାଷ୍ଟର', ନୀଳକଂଠ ସ୍ମାରକୀ (୨ୟ), ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୪, ପୃ-୮୧ ।

୯୪) ମହାପାତ୍ର, ଶ୍ରୀ ଚିନ୍ତାମଣି– ପଣ୍ଡିତ ନୀଳକଂଠଙ୍କୁ ମୁଁ ଯାହା ଜାଣିଚି, ନୀଳକଂଠ ସ୍ମାରକୀ [୨ୟ], ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ୧୯୮୪, ପୃ-୧୫୭–୮ ।

୯୫) ପଟ୍ଟନାୟକ, ଶ୍ରୀ ଗିରିଜାଭୂଷଣ– ପରମ୍ପରା, ପରିସ୍ଥିତି ଓ ପୂର୍ବେଦୃଷ୍ଟି, ତତ୍ରୈବ, ପୃ-୧୩୩ ।

୯୬) ଦାସ, ନୀଳକଂଠ– ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬, ପୃ-୫୫ ।

୯୭) ଏଜନ– ତତ୍ରୈବ, ପୃ-୪୯ ।

୯୮) ଏଜନ– ତତ୍ରୈବ, ପୃ-୧୨୫ ।

୯୯) ଏଜନ– ତତ୍ରୈବ, ପୃ-୫୬ । ପଣ୍ଡିତେ ଯେତେବେଳେ କହିଲେ ଯେ ରଏଟର୍ ସାହେବଙ୍କ ସହ କରମର୍ଦ୍ଦନ କଲା ପରେ ସେ ଅଣ୍ଡାପାଣି କରିଥିଲେ, ନୀଳକଂଠ ଜବାବ ଦେଲେ, ତାଙ୍କୁ କହିଥିଲେ ସେ ଖାଲି ଅଣ୍ଡା ପାଣି କାହିଁକି, ବେକପାଣି ମଧ୍ୟ କରିଥାନ୍ତେ ।

୧୦୦) ଶ୍ରୀ ୧୯୩୭ର ନିର୍ବାଚନ କାଳରେ ଜବାହରଲାଲ ପ୍ରଚାର ପାଇଁ ଓଡ଼ିଶା ଆସିଥାନ୍ତି । ସେତେବେଳେ ନୀଳକଂଠ ଥାଆନ୍ତି ରାଜ୍ୟ କଂଗ୍ରେସର ସଭାପତି । ଚଞ୍ଚଳ ଖିଆ ସାରି କାମରେ ବାହାରିବା ପାଇଁ ଜବାହରଲାଲ ଖବର ପଠାଇବାରୁ ପଣ୍ଡିତଜୀ ଉତ୍ତର ଦେଲେ, "Tell Jawaharlal, Panditji is eating fish, fish has thorns" । ଏଥିରେ ରହସ୍ୟପ୍ରିୟତା ଯେତିକି, ନିର୍ଭୀକତା ତତୋଧିକ । ତେବେ ନୀଳକଂଠ Programme ଅନୁସାରେ ପ୍ରସ୍ତୁତ ହୋଇଗଲେ ।

୧୦୧) ଗାନ୍ଧିଜୀଙ୍କ ଅହିଂସାରେ ତାଙ୍କର ଆସ୍ଥା ରହୁ ନ ଥିବା ବିଷୟରେ ପ୍ରଥମ ଦେଖାରେ ହିଁ ନୀଳକଂଠ ସ୍ପଷ୍ଟକରି ଦେଇଥିଲେ ।(ଆତ୍ମଜୀବନୀ, ପୃ-୧୨୬) ମହାତ୍ମାଙ୍କ ପଦଯାତ୍ରା ଢ଼ଙ୍ଗକୁ ସମାଲୋଚନା କରି ପଣ୍ଡିତଜୀ ତାଙ୍କୁ କହିଥିଲେ, "ଆପଣ ଯିବେ ତ ଗାଡ଼ିକରି ଯାଆନ୍ତୁ ।



Digitized by PPRACHIN, SOA

ସୁବିଧା ଅନୁସାରେ ଅଧେ ଚାଲି, ଅଧେ ରେଳରେ ଯିବା ପରାମର୍ଶ ଯେଉଁ ବନ୍ଧୁମାନେ ଦେଉଛନ୍ତି, ସେମାନେ ଠିକ୍ ଦେଉ ନାହାନ୍ତି । ଏ 'ହରିବୁଲ୍' ବ୍ୟବସ୍ଥା ଆପଣ ବନ୍ଦ କରନ୍ତୁ" । (ତତ୍ରୈବ, ପୃ-୧୨୬-୭)। ପରେ ହଜାରୀବାଗ୍ ଜେଲ୍‌ରେ ଗାନ୍ଧିଙ୍କ ଗୀତା ପଢ଼ିସାରି ଗଜେନ୍ଦ୍ର ପ୍ରସାଦଙ୍କୁ ସେ କହିଥିଲେ, "ଏ ଗୀତା ପରେ ଆଉ କଣ 'ବ୍ରହ୍ମସୂତ୍ର' ଓ 'ଉପନିଷଦ୍'ର ଟୀକା କରି ଗାନ୍ଧି 'ପ୍ରସ୍ଥାନତ୍ରୈଃ' ଧରି ନୂଆ ମତ ପ୍ରଚାର କରିବେ କି ? ତାଙ୍କୁ ମନା କର । ସେ ଏପରି ନ କରନ୍ତୁ" । (ତତ୍ରୈବ, ପୃ-୧୩୮) । ବାସ୍ତବରେ ଗାନ୍ଧିଜୀ ଏହା ପରେ ଏ ସବୁର ଟୀକା ମଧ୍ୟ ଲେଖିନାହାନ୍ତି ।

୧୦୨) ଏ ସମ୍ପର୍କରେ ଡଃ ହରେକୃଷ୍ଣ ମହତାବ ଲେଖିଛନ୍ତି, "ସେହିଦିନ ଜେଲରୁ ପଣ୍ଡିତ ନୀଳକଣ୍ଠ ମୁକ୍ତ ହୋଇଥାନ୍ତି । ଆମେ ଦୁହେଁଯାକ ଏକା ସାଙ୍ଗରେ ଆସିଲୁ । ଗାନ୍ଧିଜୀ ଓ ତାଙ୍କ ନୀତି ବିରୁଦ୍ଧରେ ତାଙ୍କର ତୀବ୍ର ସମାଲୋଚନା ମୁଁ ପ୍ରଥମେ ନୀଳକଂଠ ବାବୁଙ୍କଠାରୁ ଶୁଣିଲି ।" (ସାଧନା ପଥେ, ପୃ. ୮୭, ୧୯୭୨ ଦ୍ରଷ୍ଟବ୍ୟ)

୧୦୩) ଏ ସମ୍ବନ୍ଧରେ ରାଉରକେଲାଠାରେ ତା ୧୧ । ୪ । ୮୭ ରିଖରେ ଅନୁଷ୍ଠିତ ନୀଳକଂଠ ସ୍ମାରକୀ ବକ୍ତୃତାମାଳାରେ ପ୍ରଫେସର ଏନ୍. ଜି. ରଙ୍ଗା M. P. ଦେଇଥିବା ବକ୍ତବ୍ୟ ଅବଶ୍ୟ ସ୍ମର୍ତ୍ତବ୍ୟ—"ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଦାବୀ ଘେନି ଯେତେବେଳେ କୌଣସି ଅନ୍ତରାୟ ସୃଷ୍ଟି ହେଉଥିଲା, ସର୍ବଦଳ ସମ୍ମିଳନୀର ଅଧ୍ୟକ୍ଷ ତଥା ଭାରତୀୟ କଂଗ୍ରେସର ସଭାପତି ମୋତିଲାଲଜୀଙ୍କର ବିରୋଧ କରିବାକୁ ମଧ୍ୟ ପଣ୍ଡିତ ନୀଳକଂଠ ଦ୍ୱିଧା କରୁ ନ ଥିଲେ । କଲିକତା କଂଗ୍ରେସ ଅଧିବେଶନରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଲାଗି ତାଙ୍କ ସଂଶୋଧନ ପ୍ରସ୍ତାବ ଗୃହୀତ ନ ହେବାରେ ସେ ପ୍ରତିବାଦରେ ଅଧିବେଶନ ପରିତ୍ୟାଗ କରି ରାଜଦାଣ୍ଡରେ କଂଗ୍ରେସ ନେତୃବର୍ଗଙ୍କର ବିରୁଦ୍ଧରେ ଏକ ଶୋଭାଯାତ୍ରା ବାହାର କରିଥିଲେ । ଗାନ୍ଧିଜୀ ମଧ୍ୟସ୍ଥତା କରି ମୋତିଲାଲ, କଂଗ୍ରେସ ନେତୃବର୍ଗ ଓ ପଣ୍ଡିତ ନୀଳକଂଠଙ୍କ ମଧ୍ୟରେ ଏକ ଆପୋଷ ମିଳାମିଶା କରିଥିଲେ ଏବଂ ଏହି ଦାବୀ ଓଡ଼ନେଲ୍ କମିଟି, ଗୋଲଟେବୁଲ୍ ବୈଠକ ଓ କେନ୍ଦ୍ର ସରକାରରେ କିପରି ଦୃଢ଼ ଓ ସଫଳ ହୋଇପାରିବ,



Digitized by PPRACHIN, SOA

ସେଥିପ୍ରତି ଗାନ୍ଧିଜୀ ନିଜେ ଦୃଷ୍ଟି ଦେବାର ପ୍ରତିଶ୍ରୁତି ତାଙ୍କୁ ଦେଲେ ଓ ଦୃଷ୍ଟି ମଧ୍ୟ ଦେଇଥିଲେ ।" ପ୍ରଫେସର ରଙ୍ଗା ଆହୁରି କହିଛନ୍ତି–

"ଏଠି ଲକ୍ଷ୍ୟ କରିବାର କଥା ଆନ୍ଧ୍ରରେ କଂଗ୍ରେସ ନେତାମାନେ ପଣ୍ଡିତ ନୀଳକଂଠଙ୍କ କୌଶଳ ପ୍ରୟୋଗ କରି ନ ପାରି କେନ୍ଦ୍ର ନେତୃବର୍ଗଙ୍କ ବଶ୍ୟତା ସ୍ୱୀକାର କରିବାରେ ସ୍ୱତନ୍ତ୍ର ଆନ୍ଧ୍ର ପ୍ରଦେଶ ଗଠନରେ ଅକୃତକାର୍ଯ୍ୟ ହୋଇଥିବାବେଳେ, ପଣ୍ଡିତ ନୀଳକଂଠ ଓଡ଼ିଆ ଲୋକଙ୍କ ପାଇଁ ତା'ର ଏକ ଦଶନ୍ଧି ପୂର୍ବରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରାଇ ପାରିଥିଲେ । ଏହିଭଳିରେ ପଣ୍ଡିତ ନୀଳକଂଠହିଁ ଓଡ଼ିଶା ପ୍ରଦେଶର ଯଥାର୍ଥ ଜନକ ହୋଇ ପାରିଛନ୍ତି । (ପୃ. ୪, ୫) ।" ପ୍ରକାଶଥାଉକି କେନ୍ଦ୍ରୀୟ ବିଧାନସଭାରେ ଶ୍ରୀଯୁକ୍ତ ରଙ୍ଗା ବହୁ ବର୍ଷ ପଣ୍ଡିତଜୀଙ୍କ ସହକର୍ମୀ ଥିଲେ । ଡଃ ମହତାବ ମଧ୍ୟ ବକ୍ତୃତାମାଳାରେ ଏହା କହିଛନ୍ତି ।

୧୦୪] ଖ୍ରୀ. ୧୯୫୨ ନିର୍ବାଚନରେ ପଣ୍ଡିତ ନୀଳକଂଠ ଓ ଗୋଦାବରୀଶ 'ସ୍ୱାଧୀନ ଜନସଙ୍ଘ'ରୁ ନିର୍ବାଚିତ ହୋଇଥାନ୍ତି । କଂଗ୍ରେସ ଦଳର ମୁଖ୍ୟ ସଚେତକ ଶ୍ରୀ ଗଦାଧର ଦତ୍ତ ଗୋଦାବରୀଶଙ୍କୁ ପାରଳା ମନ୍ତ୍ରିମଣ୍ଡଳରେ ଯୋଗ ଦେଇଥିବାରୁ 'ବିଶ୍ୱାସଘାତକ' ବୋଲି ଅଭିହିତ କରିଥିଲେ । ଏହାର ଉତ୍ତରରେ ତା ୪ । ୩ । ୫୨ ରେ ଯୁକ୍ତି ଯୁକ୍ତ ବକ୍ତୃତା ମାଧ୍ୟମରେ ନୀଳକଂଠ ପ୍ରମାଣ କରିଦେଲେ ଯେ ସେମାନେ ନୁହନ୍ତି, ବରଂ ଜବାହରଲାଲ ଓ ସର୍ଦ୍ଦାର ପଟେଲହିଁ ବିଶ୍ୱାସଘାତକ–ମିଶ୍ର, ଡଃ ନରେନ୍ଦ୍ରନାଥ–ପଣ୍ଡିତ ନୀଳକଂଠ : ଜୀବନୀ ଓ କୃତୀ, ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୩, ପୃ. ୧୩୨–୧୨ ଏବଂ କହିଥିଲେ "ରାଜନୀତିରେ ବିଶ୍ୱାସଘାତକତା ଯଦି କେହି କରିଥାଏ, ତାହା ଉତ୍ତର ପ୍ରଦେଶରେ ଅସ୍ମାନଙ୍କୁ ପଠାଇ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କରିବାରେହିଁ କରିଥିଲେ ।"

୨୦୫) ତା ୫ । ୮ । ୬୩ ରିଖ 'ସମାଜ'ରେ ପ୍ରକାଶିତ ଏକ ବିବରଣୀରୁ ଜଣାଯାଏ ଯେ ତତ୍କାଳୀନ ସତ୍ୟବାଦୀ ସ୍କୁଲର ହେଡ୍‌ମାଷ୍ଟର ନୀଳକଂଠ ଦାସ ଓଡ଼ିଶା ବିଭାଗର କମିଶନର ଗୁନିଂ ସାହେବଙ୍କ ଦୁର୍ଭିକ୍ଷ ରିପୋର୍ଟ ଉପରେ ନିର୍ଭୀକ ଭାବରେ ଯେଉଁ ନିଷ୍ଠୁର ସମାଲୋଚନା କରିଥିଲେ, ତାହା ବ୍ରିଟିଶ କର୍ମଚାରୀବୃନ୍ଦ ତଥା ଶିକ୍ଷିତ



Digitized by PPRACHIN, SOA

ଯୁବକଙ୍କ ଆଖିରୁ ସରକାରୀ-ଭୀତି-ଅନ୍ଧ-ପୁଟୁଳୀ ଫିଟାଇ ଦେଇଥିଲା । ପଣ୍ଡିତଜୀଙ୍କ ଆତ୍ମଜୀବନୀ (ପୃ.୧୧୪—୫)ରୁ ମଧ୍ୟ ଏହା ଜଣାଯାଏ ।

୧୦୬) ଦାସ, ନୀଳକଣ୍ଠ—ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬, ପୃ.୧୬୨—"...୧୯୪୧ ବେଳକୁ ମାନବେନ୍ଦ୍ର ନାଥ ରାୟ କଟକ ଆସିଥିଲେ । ତାଙ୍କ ଆସିବା ପାଇଁ ଯେଉଁ ସଭା ହୋଇଥିଲା ସେଥିରେ ମୁଁ ସଭାପତି ହୋଇଥିଲି । ଏମ୍. ଏନ୍. ରାୟ ସେତେବେଳକୁ ଗାନ୍ଧୀ ମତର କେତେକ ବିରୋଧ କରୁଥିଲେ ।"

୧୦୭) ତା ୩୦ । ୩ । ୧୯୮୮ ରେ ସତ୍ୟବାଦୀରେ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ତତ୍କାଳୀନ ରାଜ୍ୟପାଳ ଶ୍ରୀ ବି. ଏନ୍. ପାଣ୍ଡେ କହିଥିଲେ—"On one occasion, I was in the visitors' gallery in the Central Assembly, when Panditji was speaking. One of the visitors sitting by my side, asked another near him, "Who is the Speaker speaking so eloquently & emphaticalty ? The other replied, "Well you don't know ? He is Pandit Nilakantha Das, the Orissa Lion. The Lion of Orissa is roaring."—(UTKALA GURU PANDIT NILAKANTHA) by Dr. Kishore Chandra Padhy—First Edition 1989—Page 27 & 28 Published by Pandit Nilakantha Smruti Samiti, Bhubaneswar.

୧୦୮) କେନ୍ଦ୍ରୀୟ ବିଧାନସଭାରେ ଖ୍ରୀ. ୧୯୨୪ ରେ ଇଂରେଜ ସରକାରଙ୍କ ହ୍ୱିପ୍ ଥିବା ସିଭିଲିଆନ୍ ମିଃ ହଡ୍‌ସନ୍ ନୀଳକଣ୍ଠଙ୍କୁ Knighthoodର ପ୍ରଲୋଭନ ଦେଖାଇ ବଶ କରିବାକୁ ଉଦ୍ୟମ କରିବାବେଳେ ସେ ଉତ୍ତର ଦେଇଥିଲେ—"Mr. Hudson, in this respect, I must tell you that you have come to a wrong door, ଅର୍ଥାତ୍ ମୋ କଥା ଶୁଣ, ତମେ ଯେଉଁ ଦୁଆରକୁ ଯେଉଁ ଭିକ ପାଇଁ ଆସିଚ ସେ ଦୁଆରେ ସେ ଭିକ ମିଳିବ ନାହିଁ ।"



Digitized by PPRACHIN, SOA

୧୦୯) ଏଜନ୍–ତତ୍ରୈବ, ପୃ. ୧୪୭–୭ ।

୧୧୦) ମିଶ୍ର, ଡଃ ନରେନ୍ଦ୍ରନାଥ–ପଣ୍ଡିତ ନୀଳକଂଠ : ଜୀବନୀ ଓ କୃତି, ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୩, ପୃ. ୧୩୦ । ଅନ୍ୟ ସୂତ୍ରରୁ ଜଣାଯାଏ ଯେ ବ୍ୟାନର ଉଠାଇ ଦେବାକୁ ମଧ୍ୟ ପଣ୍ଡିତଜୀଙ୍କର ନିର୍ଦ୍ଦେଶ ଥିଲା–ମହାପାତ୍ର, ପଣ୍ଡିତ ନରସିଂହ–ମନୀଷୀ ନୀଳକଂଠ, ୨ୟ ସଂସ୍କରଣ, ଭୁବନେଶ୍ୱର, ୧୯୮୪, ପୃ. ୪୩ ।

୧୧୧) ଗୋଦାବରୀଶ ମିଳିତ ମନ୍ତ୍ରିମଣ୍ଡଳର ସଦସ୍ୟ ଥିବା ବେଳେ ଗୋଟିଏ ଗସ୍ତ କାର୍ଯ୍ୟକ୍ରମ ଲୋକଙ୍କ କଳାପତାକା ପ୍ରଦର୍ଶନ ଡରରେ ବାତିଲ୍ କରି ଦେବାକୁ ସ୍ଥିର କରିଥିଲେ । ଏହା ପଣ୍ଡିତଜୀଙ୍କର ପସନ୍ଦକୁ ଆସି ନଥିଲା । ସେ ଗୋଦାବରୀଶଙ୍କ ସହ ଗସ୍ତ କଲେ । ବିକ୍ଷୁବ୍ଧ ଜନତା 'ଦେଶଦ୍ରୋହୀଏ ଫେରିଯାଅ' ଧ୍ୱନିଦେଲେ । ଏ ପରିସ୍ଥିତିରେ ନୀଳକଂଠ ଯେଉଁ ସାହସର ପରିଚୟ ଦେଇଥିଲେ, ତାହା ଆଜିକାଲିର ତଥାକଥିତ ନେତାମାନଙ୍କଠାରେ ବିନ୍ଦୁଏ ସୁଦ୍ଧା ନାହିଁ । ଏ ବିଷୟ ପଣ୍ଡିତଜୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପ୍ରକାଶିତ ପୁସ୍ତକ "ସେ ପଥେ ପଣ୍ଡିତ ନୀଳକଂଠ" (ରଚୟିତା–ଶ୍ରୀ ମଧୁସୂଦନ ଦାସ )ରୁ ଜଣାଯାଏ । ଏହାର କିୟଦଂଶ ତା ୫ । ୧୦ । ୧୯୬୮ ରିଖ "ସମାଜ"ରେ "ନେତା ନୀଳକଂଠ" ନାମରେ ପ୍ରକାଶ ପାଇଛି ।

୧୧୨) ରକ୍ଷଣଶୀଳ ବ୍ରାହ୍ମଣ ପଣ୍ଡିତ ଲୋକନାଥ ରଥ 'ନିଶକୁ ଏଇ ପୁରୀରେ କାଟି ଆମେ ପୋଡ଼ିଦେବୁ' କହିବାରେ ନୀଳକଂଠଙ୍କ ଉତ୍ତର ଥିଲା, "ମହାଶୟ, ମୁଁ ପିମ୍ପୁଡ଼ି ନୁହେଁ ଯେ ମତେ ମକଚି ଦେବେ, ସାପ ଗାତରେ କିଆଁ ହାତ ପୁରଉଚନ୍ତି ? ବଡ଼ ଭଲ ହେବନାହିଁ ।" ଆତ୍ମଜୀବନୀ, ପୃ. ୧୮୧ ।

୧୧୩) ପରିଚ୍ଛେଦ ୧–୫–୨ ଦ୍ରଷ୍ଟବ୍ୟ ।

୧୧୪) ଦ୍ରଷ୍ଟବ୍ୟ–ପରିଚ୍ଛେଦ ୨.୪ ।

୧୧୫) ପାଦଟୀକା–୪୨ ପ୍ରସଙ୍ଗ ଦ୍ରଷ୍ଟବ୍ୟ ।

୧୧୬) ଦେବୀ, ଶ୍ରୀମତୀ ସରଳା–ପଣ୍ଡିତ ନୀଳକଂଠ ସ୍ମରଣେ 'ପ୍ରଜାତନ୍ତ୍ର' ତା ୧୫ । ୧୧ । ୧୯୬୭ ।



Digitized by PPRACHIN, SOA

୧୧୭) ଏକନ୍–ତତ୍ରୈବ ।

୧୧୮) ମିଶ୍ର, ଡଃ ନରେନ୍ଦ୍ରନାଥ–ପଣ୍ଡିତ ନୀଳକଂଠ : ଜୀବନୀ ଓ କୃତି, ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୩, ପୃ. ୧୩୭–୮ ।

୧୧୯) ତା ୬ । ୮ । ୫୨ ରିଖରେ ପୁତ୍ର ବିକ୍ରମଙ୍କ ନିକଟକୁ ପ୍ରବୀଣ ନୀଳକଂଠ ଏକ ଚିଠିରେ ଲେଖିଥିଲେ, "ନିରଶ ହେବା ଲୋକ ମୁଁ ନୁହେଁ । ଆମ୍ଭକୁ ଯୋଗାଣ୍ଡ କରି ରଖି କୌଣସି ଯୁବକଠାରୁ କମ୍ ଉତ୍ସାହରେ ଲଗିନାହିଁ ।" ଆଉ ଏକ ଚିଠିରେ ଲେଖିଛନ୍ତି, "ମୁଁ ସବୁକାର୍ଯ୍ୟ କରୁଛି । କିନ୍ତୁ ସବୁବେଳେ ମନେ ହେଉଛି ସାଙ୍ଗକୁ କେହି ନାହିଁ । ଆଗପଛକୁ କେହିନାହିଁ । ଏକାରେ ଏତେ ଲୋକ ବିଶ୍ୱାସ ପ୍ରତିଷ୍ଠା ମୋଠି ଥିଲ୍ଲ । ଏହା ଏବେ ବି ମୋତେ ବିସ୍ମିତ କରୁଛି । କିନ୍ତୁ ଏ ସବୁର ବ୍ୟବହାର ପାଇଁ ପ୍ରଶସ୍ତ କ୍ଷେତ୍ର ଓ ପରିସର ଥିଲେ ମଧ୍ୟ ପରିସ୍ଥିତି ନାହିଁ । ଏହାହିଁ ମୋର ଦୁଃଖ ।"– ଦାସ, ବିକ୍ରମ, ପିତୃସ୍ମୃତି, ନୀଳକଂଠ ପରିକ୍ରମା, ପ୍ରଥମ ସଂସ୍କରଣ, କଟକ, ୧୯୬୯, ପୃ. ୧୧୯–୨୦ ।

୧୨୦) The very noot of every independence is self confidence.-- Dictionary of words from greatmen, 1968, P-149.

୧୨୧) ଦ୍ରଷ୍ଟବ୍ୟ–ପରିଛେଦ ୧–୫–୨ ।

୧୨୨) ମିଶ୍ର, ଅଧ୍ୟାପିକା କୁମୁଦିନୀ–"ଭକ୍ତିକ ମିଥ୍ୟା ଓ ପଣ୍ଡିତ ନୀଳକଂଠ", ନୀଳକଂଠ ସ୍ମାରକୀ (୧ମ), ୨ୟ ସଂସ୍କରଣ, ଭୁବନେଶ୍ୱର, ୧୯୮୨, ପୃ. ୨୨୧ ।

୧୨୩) ଥରେ ସତ୍ୟବାଦୀର ସଂସ୍କୃତ ପଣ୍ଡିତ ଶ୍ରୀ ସତ୍ୟବାଦୀ ରଥ ସଂସ୍କୃତ ମହାଭରତ ପଢ଼ି ଗୋପବନ୍ଧୁ ଓ ନୀଳକଂଠଙ୍କୁ ଶୁଣାଇବା ସମୟରେ ଗୋପବନ୍ଧୁ ପଚ୍ଚରିଲେ– "କିଓ ନୀଳକଂଠ, କିପରି ଲଗୁଚି ?" ନୀଳକଂଠ କହିଲେ– "ଏ ମହାଭରତରେ କୃଷ୍ଣଙ୍କ ଚରିତ୍ର ଯେ ଖଞ୍ଜି ଦେଇଚି, ସେ ବଡ଼ ବିଚକ୍ଷଣ ବୈଷ୍ଣବ । ସେଥିପାଇଁ ଲଗୁଚି, କୃଷ୍ଣ ନଥିଲେ ଯେପରି ମହାଭରତ ବି ନ ଥାନ୍ତା; କିନ୍ତୁ ଯଥାର୍ଥରେ ସମସ୍ତ କୃଷ୍ଣ ବିଷୟଟି ମହାଭରତରୁ କାଢ଼ି ଦେଲେ ଯଥାର୍ଥ ମହାଭରତର ଯେ 'ଜୟ' ବୋଲି ନାମଟି ଅଛି ତାହା ଖଣ୍ଡିତ ହେବ ନାଇ ।



Digitized by PPRACHIN, SOA

ମଁତେ ଏଇଆ ଲଗୁଚି ।” ଦାସ, ନୀଳକଂଠ–ଆତ୍ମଜୀବନୀ, ନୂତନ ସଂସ୍କରଣ, ୧୯୮୬, କଟକ, ପୃ. ୧୨୩ ।

୧୨୪) ଏହି ପ୍ରବନ୍ଧରେ ନୀଳକଂଠ ଲେଖିଛନ୍ତି– "ଲୋକେ ସାଧାରଣତଃ କହନ୍ତି, ବିଧାତା ଏ ସୃଷ୍ଟି କରିଛନ୍ତି । କିନ୍ତୁ ବାସ୍ତବିକ ନିଃସଙ୍ଗ ଭାବରେ କଥାଟି ଭାବି ଦେଖିଲେ ସ୍ପଷ୍ଟ ବୁଝାଯାଏ, ମାନବ ନିଜର ସୁବିଧାପାଇଁ ଜଗତରେ ନିଜ ସ୍ଥିତିର ପ୍ରତିଷ୍ଠା ଓ ଦୃଢ଼ତା କଲ୍ପେ ବହୁକାଳରୁ ଗୋଟିଏ ବିଧାତାର ସୃଷ୍ଟିକରି ତା'ରି ଠାରେ ସମସ୍ତ ମାନବୀୟ ଗୁଣର ଆରୋପ କରି ତାକୁ ହିଁ ପୂଜାକରି ଆସୁଅଛି । ........ମାନବ କେବଳ ନିଜକୁ ଗୋଟାଏ ବଡ଼ 'ମୁଁ' କରି ଈଶ୍ୱର କରି ଥୋଇବା ଛଡ଼ା ଏଥିରେ ଆଉ କ'ଣ ଅଛି ? ଏହିଠାରେ ହିଁ ମାନବର ବିଧାତା ସୃଷ୍ଟି ସ୍ପଷ୍ଟ ।"– ନବଭାରତ, ୧ମ ଭାଗ ପ୍ରଥମ ସଂଖ୍ୟା, ମିଥୁନ ୧୩୪୧ ।

୧୨୫) ଆତ୍ମଜୀବନୀରେ ଗୋପବନ୍ଧୁଙ୍କ "ସାକ୍ଷୀଗୋପାଳ ପ୍ରବନ୍ଧ" ଲେଖା, ବେନୁ ଗୋପାଳ ଆଗ୍ରରୀ ଆଦି ପ୍ରସଙ୍ଗରେ ସେ ଭକ୍ତିକ ମିଥ୍ୟାର କଡ଼ା ସମାଲୋଚନା କରିଛନ୍ତି । "ଓଡ଼ିଆ ସାହିତ୍ୟର କ୍ରମପରିଣାମ" ରେ ସେ ଭକ୍ତିକ ମିଥ୍ୟାର ଯେଉଁ କଟୁ ସମାଲୋଚନା କରିଛନ୍ତି ତାହାର କାରଣ ମଧ୍ୟ ଆତ୍ମଜୀବନୀର ପୃ. ୧୨୪ ରେ ଦର୍ଶାଇଛନ୍ତି ।

୧୨୬) ଦ୍ୱିବେଦୀ, ସୁରେନ୍ଦ୍ର ନାଥ– ସ୍ୱାଭିମାନୀ ପଣ୍ଡିତ ନୀଳକଂଠ, ନୀଳକଂଠ ସ୍ମାରକୀ, (୧ମ), ୨ୟ ସଂସ୍କରଣ, ଭୁବନେଶ୍ୱର, ୧୯୮୨, ପୃ. ୨୨ ।

୧୨୭) ଯଥା–ଚୈତନ୍ୟ ଓଡ଼ିଆ ଜାତିଟାକୁ ନଷ୍ଟ କରିଦେଲେ, ତାନ୍ତ୍ରିକ ଓ ବୈଷ୍ଣବ ଧର୍ମନାମରେ ଯୌନ ବ୍ୟଭିଚାର ବଙ୍ଗାଳୀଙ୍କ କୀର୍ତ୍ତି ଇତ୍ୟାଦି ।

୧୨୮) "୧୯୫୦ ସାଲ । ସେତେବେଳେ ମୋ ସାହିତ୍ୟିକ ଜୀବନର ଅୟମାରମ୍ଭ ମାତ୍ର । ୧୯୪୯ ସାଲରେ କବିସୂର୍ଯ୍ୟ ବଳଦେବଙ୍କ ଉପରେ ଗୋଟିଏ ଦୀର୍ଘ ପ୍ରବନ୍ଧ ଲେଖିଥିଲି । 'ଲଳିତା' ଥିଲା ତାର ଗୋଟିଏ ପରିଚ୍ଛେଦ । ସେଇଟିକୁ 'ନବଭାରତ'ରେ ପ୍ରକାଶ ପାଇଁ ପଠାଇଚି । ଗୌଡ଼ୀୟ ବୈଷ୍ଣବ ଧର୍ମର ପରିପନ୍ଥୀ ପଣ୍ଡିତ ନୀଳକଂଠ ଦାସ ମୋ ପ୍ରବନ୍ଧକୁ ତାଙ୍କ ପତ୍ରିକାରେ ସ୍ଥାନ ଦେବେ, ଏ ବିଷୟରେ



Digitized by PPRACHIN, SOA

ମୋର ଘୋର ସନ୍ଦେହ ଥିଲା । ସେ ସମୟରେ ପଣ୍ଡିତଜୀ ମୋ ପାଖକୁ ଯାହା ଲେଖି ପଠାଇଥିଲେ ତାହା ମୁଁ ଜୀବନରେ କେବେ ଭୁଲିପାରିବି ନାହିଁ । ତାଙ୍କ ପତ୍ରର ମର୍ମାର୍ଥ ଥିଲା ଏଇଆ–'ପତ୍ରିକାର ସମ୍ପାଦକ କୌଣସି ନିର୍ଦ୍ଦିଷ୍ଟ ମତବାଦୀ ହେଲେ ହେଁ, ସାହିତ୍ୟ କ୍ଷେତ୍ରରେ ବିପରୀତ ମତବାଦକୁ ପତ୍ରିକାରେ ଆତ୍ମପ୍ରକାଶ ପାଇଁ ସୁଯୋଗ ଦେବା ତାଙ୍କ ପକ୍ଷରେ ସର୍ବାଦୌ ସମୀଚୀନ । କାରଣ ସାହିତ୍ୟ ପତ୍ରିକା ଜାତିପାଇଁ ଉଦ୍ଦିଷ୍ଟ; ଲେଖାରେ କୌଣସି ଉପାଦେୟତା ଥିଲେ ତାହା ଅନ୍ୟମାନଙ୍କର ଉପକାରରେ ଆସିପାରେ । ସମ୍ପାଦକ ନିଜର ବ୍ୟକ୍ତିଗତ ଅଭିରୁଚି ଦ୍ୱାରା ତାହାକୁ ଦବାଇ ଦେବା ଦ୍ୱାରା ପ୍ରକୃତ ସମ୍ପାଦନା କାର୍ଯ୍ୟ କରନ୍ତି ନାହିଁ ।' ଏହି ସମୟରେ 'ଲଳିତା' ପ୍ରବନ୍ଧ 'ନବଭାରତ'ରେ ପ୍ରକାଶ ପାଇଥିଲା ।........'ଚମ୍ପୂ'ର 'ଲଳିତା' ମୋ ସାହିତ୍ୟିକ ଜୀବନର ଯଥାର୍ଥ ପଥ ପ୍ରଦର୍ଶକ; ତାହାରି ମାଧ୍ୟମରେ ମୁଁ ଦେଖି ପାରିଥିଲି ପଣ୍ଡିତଜୀଙ୍କ ହୃଦୟର ଉଦାରତା ଓ ମହାନୁଭବତା । ସେଇଦିନଠୁଁ ଓଡ଼ିଶାର ଶ୍ରେଷ୍ଠ ସାହିତ୍ୟ ସମୀକ୍ଷକ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିଭାକୁ ମୁଁ ସର୍ବାଧିକ ସମ୍ମାନ ଦେଖାଇ ଆସିଛି ।"–ସାମନ୍ତରାୟ, ଡଃ ନଟବର–ନିଜକଥା ପୃ–୭ ଓଡ଼ିଆ ବୈଷ୍ଣବ ସାହିତ୍ୟ, ବ୍ରହ୍ମପୁର, ୧୯୮୧ ।

୧୨୯) "... ... ଗୁଡ଼ିଏ ହିଂସୁକ ଈର୍ଷାପର ଲୋକ ତାଙ୍କୁ ସହି ପାରୁ ନଥିଲେ । ଅର୍ଥାତ୍ ତାଙ୍କର ଟାଣୁଆ ଯୁକ୍ତି ଓ ସିଦ୍ଧାନ୍ତକୁ ଡରୁଥିଲେ ।" –ଦେବୀ, ଶ୍ରୀମତୀ ସରଳା– ପଣ୍ଡିତ ନୀଳକଣ୍ଠ ସ୍ମରଣେ, ପ୍ରଜାତନ୍ତ୍ର, ତା ୧୫ । ୧୧ । ୬୭ ।

୧୩୦) ମହାନ୍ତି, ଶ୍ରୀ ସୁରେନ୍ଦ୍ର– ପଣ୍ଡିତ ନୀଳକଣ୍ଠ – ଏକ ମୂଲ୍ୟାଙ୍କନ, କୋଣାର୍କ, ୫୩ଶ ସଂଖ୍ୟା, ଭୁବନେଶ୍ୱର, ୧୯୮୪, ପୃ-୬–୭ ।

୧୩୧) ଶ୍ରୀ ମଧୁସୂଦନ ମହାନ୍ତି ତତ୍କାଳୀନ ପ୍ରତିଷ୍ଠିତ ପତ୍ରିକା 'The Observer'ର ସମ୍ପାଦକ । ଏହି ପତ୍ରିକାର ମୁଦ୍ରଣାଳୟ ହିଁ ସୁରେନ୍ଦ୍ର ମହାନ୍ତିଙ୍କ ଭଳି ପ୍ରତିଭାର ଅନ୍ତୁଡ଼ିଶାଳା–ମହାନ୍ତି, ଶ୍ରୀ ସୁରେନ୍ଦ୍ର– ପଥ ଓ ପୃଥିବୀ, ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୭ ।

୧୩୨) ମିଶ୍ର, ଶ୍ରୀ ବନମାଳୀ– 'ପଣ୍ଡିତଜୀଙ୍କୁ ମୁଁ ଯେପରି ଜାଣେ', ସମାଜ, ତା ୬ । ୧୧ । ୭୯ ରିଖ । ଆଠ ଦଶ ପୃଷ୍ଠାର ଲେଖାକୁ ସେ



Digitized by PPRACHIN, SOA

ଯେପରି ପରମାନନ୍ଦ ଆଚାର୍ଯ୍ୟଙ୍କ ପରାମର୍ଶରେ ମାତ୍ର ତିନି ଧାଡ଼ିରେ ଲେଖିଲେ ସେଥିରୁ ତାଙ୍କର କଥା ଓ କାର୍ଯ୍ୟର ସାମଞ୍ଜସ୍ୟ ଜଣାପଡ଼େ । ଏ ବିଷୟ ଡଃ ନରେନ୍ଦ୍ରନାଥ ମିଶ୍ର ତାଙ୍କର "ପଣ୍ଡିତ ନୀଳକଣ୍ଠ . ଜୀବନୀ ଓ କୃତି" ପୁସ୍ତକର ୧୬୯ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି ।

୧୩୩) ଦାସ, ପଣ୍ଡିତ ନୀଳକଣ୍ଠ– ଆତ୍ମଜୀବନୀ, ନୂତନ ସଂସ୍କରଣ, ୧୯୮୬, କଟକ, ପୃ-୬୧–୨ ।

୧୩୪) ପାଢ଼ୀ, ଡଃ ବେଣୀମାଧବ– 'ମନୀଷୀ ନୀଳକଣ୍ଠଙ୍କ ଚିନ୍ତା ଓ ଚେତନା', ନୀଳକଣ୍ଠ ସ୍ମାରକୀ ୨ୟ, ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୪, ପୃ-୩୦୪ ।

୧୩୫) ଉତ୍କଳ ସାହିତ୍ୟ, ନୂଆ ପ୍ରସ୍ଥ, ପ୍ରଥମ ଭାଗ, ୪ର୍ଥ ସଂଖ୍ୟା, ପୃ-୧୫୭ ।

୧୩୬) ନବ ଭାରତ, ମୀନ ୧୩୪୫, ପୃ-୭୦୭ ।

୧୩୭) i) "ପଣ୍ଡିତ ନୀଳକଣ୍ଠଙ୍କୁ ସେ କାଳେ କେହି କେହି 'ଦୁର୍ବାସା' କହୁଥିଲେ । କାରଣ ସେ କ୍ଷଣକୋପୀ ବୋଲି ସାଧାରଣରେ ଧାରଣା ହୋଇଥାଏ । କିନ୍ତୁ ଏ ଧାରଣା ଭ୍ରମାତ୍ମକ । ତାଙ୍କର ବାହାର, ଭିତର ମଧ୍ୟରେ ବହୁ ପ୍ରଭେଦ ।"–ମିଶ୍ର, ବନମାଳୀ–'ପଣ୍ଡିତଜୀଙ୍କୁ ମୁଁ ଯେପରି ଜାଣେ', ସମାଜ, ତା ୬ । ୧୧ । ୭୯ ରିଖ ।
ii) ନୀଳକଣ୍ଠଙ୍କ କ୍ରୋଧର ଯଥାର୍ଥ ସ୍ୱରୂପ ଉଦ୍‌ଘାଟନ କରି ଆଡ୍‌ଭୋକେଟ୍ ଯଦୁମଣି ଦାଶ କହନ୍ତି–"... ... ... ... ନୀଳକଣ୍ଠଙ୍କୁ ଉତ୍କଳର ଦୁର୍ବାସା ବୋଲି ମଧ୍ୟ ଅନେକ ଏକ ପ୍ରକାର ଗ୍ରହଣ କରି ନେଇଥିଲେ । ଅବଶ୍ୟ କୌଣସି କୌଣସି ଆଲୋଚନା ବା ଯୁକ୍ତିତର୍କ ବେଳେ ସେ ସମୟେ ସମୟେ ହଠାତ୍ ରାଗି ଉଠନ୍ତି ଓ ତାଙ୍କର ଉଗ୍ର ମୂର୍ତ୍ତି ଦେଖି ଲୋକେ ଡରି ଯାଆନ୍ତି ଏବଂ ତାଙ୍କ ପ୍ରତି ବିମୁଖ ହୋଇ ପଡ଼ନ୍ତି । କିନ୍ତୁ ଯେ ଥରେ ଏଇ ଉଗ୍ରମୂର୍ତ୍ତି ପ୍ରତି ବିମୁଖ ନ ହୋଇ ତାଙ୍କ ପାଣ୍ଡିତ୍ୟର ପାଦ ଦେଶରେ ଗ୍ରହଣ କରିବାକୁ ଚାହିଁଛି, ସେ ତାଙ୍କର ଆନ୍ତରିକ, ମଧୁର ଓ ସରଳ ବ୍ୟବହାର ଏବଂ ଅପରପକ୍ଷ ପ୍ରତି ଆଗ୍ରହ ତଥା ସେ ମତର ଅନ୍ତର୍ନିହିତ ତତ୍ତ୍ୱ ଜାଣିବା ପାଇଁ ତାଙ୍କର ଅନୁସନ୍ଧିତ୍ସା କଥା ଚିନ୍ତା କରି ନୀଳକଣ୍ଠ ଯେ କ୍ରୋଧ, ଅହଙ୍କାର ଓ ଗର୍ବର ବହୁ ଦୂରରେ ଏହା ସ୍ପଷ୍ଟ ଭାବେ ଜାଣି ପାରିଚି ।



Digitized by PPRACHIN, SOA

ନୀଳକଂଠଙ୍କ ସମତୁଲ୍ୟ ପଣ୍ଡିତ ସେ କାଳେ ଓଡ଼ିଶାରେ କ୍ୱଚିତ୍ ଥିଲେ । ତଥାପି ସେ ଯେ ଅପରର ମତକୁ ଯଥେଷ୍ଟ ସମ୍ମାନ ଦେଉଥିଲେ । ଏପରିକି ସେମାନଙ୍କ ମତର ଯୌକ୍ତିକତା ଉପଲବ୍ଧି କରି ତାହା ଗ୍ରହଣ କରି ଯାଉଥିଲେ, ଏହାର ବହୁ ଦୃଷ୍ଟାନ୍ତ ବହୁ ଲୋକ ମୁଖରୁ ମଧ୍ୟ ଶୁଣିବାକୁ ମିଳେ । ତାଙ୍କ ସହିତ ବାସ୍ତବ ଆଲୋଚନା କଲେ ଉପଲବ୍ଧି କରିହୁଏ ଯେ ତାଙ୍କର ଉଗ୍ରମୂର୍ତ୍ତି କେବଳ ବାହାରର ବସ୍ତୁ । ନୀଳକଂଠ ବହୁକାଳ ଶିକ୍ଷକ ଥିଲେ । ସାଧାରଣତଃ ଶିକ୍ଷକ ଅସହିଷ୍ଣୁ ଓ ସେ ଛାତ୍ରର ଭୁଲ ଦେଖିଲେ ରାଗିଯାଇ ତାକୁ ଦଣ୍ଡ ଦିଏ । ମାତ୍ର ସେ କ୍ରୋଧ ଶିକ୍ଷକର ଛାତ୍ର ପ୍ରତି ଅନ୍ତରର କ୍ରୋଧ ନୁହେଁ, ତାହା ଛାତ୍ରର ଭୁଲ ବା ଅନୁଚିତ କାର୍ଯ୍ୟ ପ୍ରତି । ପୁଣି ଶିକ୍ଷକ ମନେ କରନ୍ତି 'ମୋ ଛାତ୍ର ହୋଇ ଏ ପିଲା ଏପରି କାର୍ଯ୍ୟ କରିବ ?' ତେଣୁ ଏ କ୍ରୋଧ ଛାତ୍ର ପ୍ରତି ଶିକ୍ଷକର ସ୍ନେହର ନିଦର୍ଶନ ମାତ୍ର । ପ୍ରତ୍ୟେକ ମନୀଷୀ ଭୁଲ ବା ତ୍ରୁଟି ପ୍ରତି ଅସହିଷ୍ଣୁତା ବା କ୍ରୋଧଭାବ ପ୍ରକାଶ କରି ଥାଆନ୍ତି । ଗାନ୍ଧିଜୀ, ଜବାହରଲାଲ ନେହେରୁ ମଧ୍ୟ ଏଥିର ବ୍ୟତିକ୍ରମ ନୁହନ୍ତି । ତେଣୁ ବାସ୍ତବରେ ବିଚାର କରିବାକୁ ଗଲେ, ନୀଳକଂଠଙ୍କୁ ଏ ଦୋଷରେ ଦୋଷିବା ଏକ ଅକ୍ଷମଣୀୟ ଅପରାଧ ।"–'ପରିପ୍ରଗ୍ରରର ଅନ୍ତରାଳରେ ନୀଳକଂଠ', ନୀଳକଂଠ ସ୍ମାରକୀ [୧ମ], ୨ୟ ସଂସ୍କରଣ, ଭୁବନେଶ୍ୱର, ୧୯୮୨, ପୃ-୬୯–୭୦ ।

୧୩୮) ମିଶ୍ର, ଶ୍ରୀ ବିବୁଧେନ୍ଦ୍ର– 'ନୀଳକଂଠ ସ୍ମରଣେ : ସ୍ମୃତିରୁ ଖିଏ', ମାତୃଭୂମି, ତା ୬ । ୧୧ । ୭୮ ରିଖ ।

୧୩୯) ଆଚାର୍ଯ୍ୟ, ଡଃ ବୃନ୍ଦାବନ ଚନ୍ଦ୍ର–'ପଣ୍ଡିତ ନୀଳକଂଠଙ୍କ ମହାନୁଭବତା', ସମାଜ, ତା ୫ । ୮ ୭୯ ରିଖ ।

୧୪୦) ଦାସ, ଶ୍ରୀ ବାଙ୍କବିହାରୀ– 'ସଂସଦୀୟ ଇତିହାସରେ ପଣ୍ଡିତ ନୀଳକଂଠଙ୍କ ବୈଶିଷ୍ଟ୍ୟ', ନୀଳକଂଠ ସ୍ମାରକୀ ୨ୟ, ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୪, ପୃ-୧୭୭–୮ ।

୧୪୧) "ଅହେତୁକୀ ମମତା ବା ଆତ୍ମଶ୍ରଦ୍ଧା ଆତ୍ମ ପ୍ରବଞ୍ଚନାର ପ୍ରଧାନ ହେତୁ । ସ୍ୱଭାବତଃ ମନୁଷ୍ୟ ଆପଣାକୁ ଏତେ ଶ୍ରଦ୍ଧା କରେ ଯେ ନିତାନ୍ତ



Digitized by PPRACHIN, SOA

ସାହସୀ, ସତ୍ୟ ପିପାସୁ ଓ ସତ୍ୟନିଷ୍ଠ ନହେଲେ, ସେ ସମସ୍ତ ଦୋଷ ସତ୍ତ୍ୱେ ଆପଣାକୁ ଯଥାର୍ଥ ରୂପେ ପ୍ରକାଶ କରିବାକୁ ଅନିଚ୍ଛୁକ । କେତେବେଳେ ବା ନିଜର ଦୋଷ ଦେଖିବାକୁ ଆଦୌ ଚେଷ୍ଟା କରେ ନାହିଁ, ଦେଖିଲେ ମଧ୍ୟ ନ ଦେଖିଲା ପରି ହୁଏ । କାରଣ ଦେଖିଲେ ଓ ସଂଶୋଧନ କଲେ କାଳେ କେହି ଜାଣିବେ । ସେତେବେଳେ ସେ ବୁଝେ ନାହିଁ, ଯେତେବେଳେ ଅନ୍ତର୍ଯ୍ୟାମୀ ଜଗଦୀଶ୍ୱର ଜାଣିଅଛନ୍ତି, ସେତେବେଳେ ସଂସାର ଜାଣିଅଛି ।"– ଏହା ଉଦ୍ଧାର କରି ଏଠି ଉଲ୍ଲେଖ କରିବାର ତାତ୍ପର୍ଯ୍ୟ ହେଉଛି, ନୀଳକଂଠଙ୍କ ସାହିତ୍ୟ କିପରି ତାଙ୍କର ଦର୍ଶନ ଅନୁଭୂତି ଠାରୁ ଭିନ୍ନ ନ ଥିଲା ।

୧୪୨) ରଜଗୁରୁ, ଡଃ ସତ୍ୟନାରାୟଣ–'ପଣ୍ଡିତ ନୀଳକଂଠ ଓ ତାଙ୍କ ପ୍ରତିଭା', ପଣ୍ଡିତ ନୀଳକଂଠ ଦାସ ସ୍ମାରକୀ ବକ୍ତୃତାମାଳା–୩, ଭୁବନେଶ୍ୱର, ପୃ. ୨୬–୭ ।

୧୪୩) ମିଶ୍ର, ଶ୍ରୀ ବନମାଳୀ–'ପଣ୍ଡିତଜୀଙ୍କୁ ମୁଁ ଯେପରି ଜାଣେ', ସମାଜ, ତା ୬ । ୧୧ । ୭୯ ।

୧୪୪) ମହାପାତ୍ର, ପଣ୍ଡିତ ନରସିଂହ–ମନୀଷୀ ନୀଳକଂଠ, ଦ୍ୱିତୀୟ ସଂସ୍କରଣ, ଭୁବନେଶ୍ୱର, ପୃ. ୪୪ ।

୧୪୫) ଦାସ, ପଣ୍ଡିତ ନୀଳକଂଠ–'ଆତ୍ମଜୀବନୀ' ନୂତନ ସଂସ୍କରଣ, କଟକ, ୧୯୮୭, ପୃ. ୯୨୬ ।

୧୪୬) Argument rises from sincerity towards truth and self confidence—Dictionary of words from greatmen, 1968, P. 2296. ଯୁକ୍ତିବାଦ ସମ୍ବନ୍ଧେ ପଣ୍ଡିତଜୀଙ୍କ 'ମୋ ଜୀବନ ଦର୍ଶନ' ଦ୍ରଷ୍ଟବ୍ୟ ।

୧୪୭) ଦାସ, ପଣ୍ଡିତ ନୀଳକଂଠ–'ଆତ୍ମଜୀବନୀ' ନୂତନ ସଂସ୍କରଣ, କଟକ, ୧୯୮୬, ପୃ. ୮୬ ।

୧୪୮) ପରିଚ୍ଛେଦ–୨-୪ ଦ୍ରଷ୍ଟବ୍ୟ ।

୧୪୯) ଦାସ, ପଣ୍ଡିତ ନୀଳକଂଠ–'ଆତ୍ମଜୀବନୀ'. ନୂତନ ସଂସ୍କରଣ, କଟକ, ୧୯୮୬, ପୃ. ୧୦୧-୨ ।



Digitized by PPRACHIN, SOA

୧୫୦) ଏଲ୍ଭନ୍—ତନ୍ତ୍ରେବ, ପୃ. ୧୪୨-୪, ଏତେବେଳକୁ ବର୍ଷାମାଡ଼ରେ କୁଇନାଇନ୍ ପିଇ ସେ ସଭ୍ୟ ସଂଗ୍ରହ କରୁଥିଲେ ।

୧୫୧) i) ଆସେମ୍ବ୍ଲିକୁ ଇଣ୍ଡିପେଣ୍ଡେଣ୍ଟ କରିବା ପାଇଁ ପଣ୍ଡିତଜୀ ଲଢ଼ୁଥିବା ସମୟରେ ଥରେ ବିଜୁବାବୁ ତାଙ୍କ ଘରକୁ ଆସିଥିଲେ । ଲଢ଼େଇ ନ କରିବା ପାଇଁ ସେ ତାଙ୍କୁ ପ୍ରବର୍ତ୍ତାଇଲେ, ପ୍ରଲୋଭିତ କଲେ । ନୀଳକଂଠ କିନ୍ତୁ ଅଟଳ । ବିଜୁବାବୁ ହଠାତ୍ ଉଠିପଡ଼ି କହିଲେ— 'ଆସେମ୍ବ୍ଲି ଇଣ୍ଡିପେଣ୍ଡେଣ୍ଟ ହୋଇପାରିବନି ।' ୩ ଥର କହି, ୩ ଥର ଯାକ ଟେବୁଲ ବାଡ଼େଇ ଦେଲେ । ପଣ୍ଡିତଜୀ ମଧ୍ୟ 'ଆସେମ୍ବ୍ଲି ଇଣ୍ଡିପେଣ୍ଡେଣ୍ଟ ହବ,ହବ' ୩ଥର କହି ଟେବୁଲ ବାଡ଼େଇ କହିଲେ, 'ଦେଖ, ମୋ ନାଁ ନୀଳକଂଠ ଦାସ, ମୁଁ ଯଦି ଏ କାମଟି କରି ନ ପାରିବି, ଓଡ଼ିଶାରେ ଆଉ ପୁଅ ନାହିଁ, ଏ କଥା କରିବା ପାଇଁ ।'—ମିଶ୍ର, ଶ୍ରୀ ଗଣେଶ୍ୱର—କେତୋଟି ସ୍ମରଣୀୟ ଘଟଣା, ନୀଳକଂଠ ସ୍ମାରକୀ (୨ୟ), ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୪, ପୃ. ୧୭୪-୫ ।

ii) ବିଧାନସଭାକୁ ସ୍ୱାତନ୍ତ୍ୟ ନ ଦେଲେ ସେ ଗୃହରେ ତାଲା ପକାଇ ଦେବେ ବୋଲି ପଣ୍ଡିତ ନୀଳକଂଠ ଡଃ ମହତାବଙ୍କୁ ଯେଉଁ ଧମକ ଦେଇଥିଲେ ତାହା ଭଲ କାମ୍ଭ କରିଥିଲା । ପ୍ରଥମ ଦିନହିଁ ମୁଖ୍ୟମନ୍ତ୍ରୀ ମହତାବ ଏହି ସମ୍ବନ୍ଧୀୟ ଆଦେଶନାମା ଆସେମ୍ବ୍ଲିରେ ପାଠ କରିଥିଲେ—Padhy, Dr. K. C.—Utkala Guru Pandit Nilakantha, 1st Edition, Bhubaneswar, 1989, P. 54, ଶ୍ରୀ ହରିହର ବାହିନୀପତି ମଧ୍ୟ ସ୍ମାରକୀ (୨ୟ)ରେ ଏହା ଉଲ୍ଲେଖ କରିଛନ୍ତି ।

୧୫୨) ଦାସ, ପଣ୍ଡିତ ନୀଳକଂଠ—ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬, ପୃ. ୧୨ ।

୧୫୩) ଦାସ, ବିକ୍ରମ—"ପିତୃସ୍ମୃତି, ନୀଳକଂଠ ପରିକ୍ରମା", ପ୍ରଥମ ସଂସ୍କରଣ କଟକ, ୧୯୬୯, ପୃ. ୧୧୯-୨୯ ।



Digitized by PPRACHIN, SOA

୧୫୪) ଏପରି କେତେକ ବ୍ୟକ୍ତିତ୍ୱ ହେଉଛନ୍ତି, ସତ୍ୟବାଦୀର ସଖାମାନଙ୍କ ସମେତ ନୀଳକଂଠଙ୍କ ବାଲ୍ୟଗୁରୁ ଲୋକନାଥ ଦାସ, ମଧୁବାବୁ, ଚନ୍ଦ୍ରମୋହନ ମହାରଣା, ବି. ଭି. ଗୁପ୍ତ, ପଣ୍ଡିତ ହରିହର, ରାମଚନ୍ଦ୍ର ଦାସ, ଯମେଶ୍ୱର ମିଶ୍ର, ରାମଚନ୍ଦ୍ର ରଥ, ବେନୁଗୋପାଳ ଆଗ୍ରରୀ, ସୁଭାଷଚନ୍ଦ୍ର ବୋଷ, ଡଃ ରାଜେନ୍ଦ୍ରପ୍ରସାଦ, ବ୍ରଜସୁନ୍ଦର ଦାସ, ରାଧାମଣି ଦେବୀ, ଅଧରଚନ୍ଦ୍ର ମୁଖର୍ଜୀ, ଅରବିନ୍ଦ ପ୍ରକାଶ ଘୋଷ ପ୍ରଭୃତି ।

୧୫୫) ଗୋଦାବରୀଶଙ୍କୁ 'Perfect gentleman' (ପୃ. ୨୦୪), 'ବଡ଼ ଭଦ୍ରଲୋକ' ବୋଲି ଯେପରି ସେ କହିଛନ୍ତି, ଅର୍ଥ ପ୍ରତି ତାଙ୍କର ଦୁର୍ବଳତା (୨୧୦-୧) କୁ ସେହିପରି ଉଲ୍ଲେଖ କରିବାକୁ ଛାଡ଼ିନାହାନ୍ତି । ଡଃ ରାଜେନ୍ଦ୍ରପ୍ରସାଦଙ୍କର ତାଙ୍କପ୍ରତି ଥିବା ସହାନୁଭୂତିକୁ ଯେପରି ସ୍ମରଣ କରିଛନ୍ତି, ସେହିପରି ରାଜେନ୍ଦ୍ରପ୍ରସାଦଙ୍କ ପ୍ରାଦେଶିକତାକୁ ସମାଲୋଚନା କରିଛନ୍ତି । ଏହିପରି ଅନ୍ୟ ପ୍ରସଙ୍ଗମାନ ବିଗ୍ରଧି ।

୧୫୬) ଉପାଧ୍ୟାୟ, ପଣ୍ଡିତ ବଳଦେବ—'ବୈଦିକ କହାନିୟାଁ'ର 'ଅଧିକାର' ଗଳ୍ପ ଦ୍ରଷ୍ଟବ୍ୟ ।

୧୫୭) ରାୟ, ଶ୍ରୀ ରାଜକିଶୋର—"ସାହିତ୍ୟର ସଭାପତି ଓ ମୁଁ", ପ୍ରଜାତନ୍ତ୍ର ତା ୨୫ । ୧୧ । ୬୭ ରିଖ—"ମୋର ବିଦାୟ ବେଳେ ମୁଁ ପଣ୍ଡିତ ନୀଳକଂଠଙ୍କୁ ମୁଣ୍ଡିଆ ମାରି ଫେରି ପଡ଼ିବା ସମୟରେ ସେ କହିଥିଲେ—"ଦୁଃଖ କର ନାହିଁ । କେବେ ଆତ୍ମବିଶ୍ୱାସ ହରାଇବ ନାହିଁ ।" ଏହି ପଦକ କଥା ଆଜି ମୋର ସ୍ମରଣରେ ଆସୁଛି ।

୧୫୮) ରାଉତ, ଶ୍ରୀ ବେଣୁଧର—"କ୍ୱ ନୀଳକଂଠ ! ବ୍ରଜସି", ସମ୍ପାଦକୀୟ, ଝଙ୍କାର, ଡିସେମ୍ବର, ୧୯୬୭ ।

୧୫୯) ନୀଳକଂଠଙ୍କ ଜାତିପ୍ରେମ କେଡ଼େ ଦୀପ୍ତ, ତାହା ଏ ଘଟଣାରୁ ଜଣାଯିବ । ଏତିକିବେଳକୁ ସେ ସ୍କୁଲ ଛାତ୍ର । ସରକାରୀ କର୍ମଚାରୀ ତ ଦୂରର କଥା, ଓକିଲମାନେ ମଧ୍ୟ ଏହି ପ୍ରତିଜ୍ଞା ପତ୍ରରେ ସ୍ୱାକ୍ଷର କରିବାକୁ ସାହସ କରି ନ ଥିଲେ । —ଦାସ, ପଣ୍ଡିତ ନୀଳକଂଠ—ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬, ପୃ. ୭୮ ।

୧୬୦) ମିଶ୍ର, ଡଃ ନରେନ୍ଦ୍ରନାଥ—ପଣ୍ଡିତ ନୀଳକଂଠ: ଜୀବନୀ ଓ କୃତି, ୧ମ ସଂସ୍କରଣ; ଭୁବନେଶ୍ୱର, ୧୯୮୩, ପୃ. ୨୯ ।



Digitized by PPRACHIN, SOA

୧୬୧) ନୀଳକଂଠଙ୍କ ରୋଗୀ ସେବା ମୂଳରେ ତାଙ୍କ ଦେଶପ୍ରୀତିର କ୍ରିୟାଶୀଳତା 'ଆତ୍ମଜୀବନୀ'ରୁ ସ୍ପଷ୍ଟ ହୁଏ । କଟକରେ ସ୍କୁଲ ଛାତ୍ର ଥିବାବେଳେ ଓଡ଼ିଆ ପୂଝାରୀମାନଙ୍କ ଦୁର୍ଦ୍ଦଶା ଏଥିପାଇଁ ତାଙ୍କୁ ପ୍ରେରଣା ଦେଇଥିଲା । ଆତ୍ମଜୀବନୀ, ପୃ. ୪୩-୪ ।

୧୬୨) ଓଡ଼ିଆ ଭଷାଭଷୀ ଅଞ୍ଚଳର ଏକତ୍ରୀକରଣ ପ୍ରସଙ୍ଗରେ ମଧୁ ବାରିଷ୍ଟର, ପାରଳା ଗଜପତି ଓ ପଣ୍ଡିତ ନୀଳକଂଠଙ୍କ ନାମ ସର୍ବାଗ୍ରେ ସ୍ମରଣୀୟ । ଜାତିପ୍ରୀତି ଦୃଷ୍ଟିରୁ କେହି କାହାକୁ ଊଣା ନୁହନ୍ତି । କିନ୍ତୁ ନୀଳକଂଠଙ୍କ ପ୍ରତିଭ ବହୁମୁଖୀ ହେତୁ, ତାଙ୍କର ଲଢ଼େଇର ପରିସର ମଧ୍ୟ ବିସ୍ତୀର୍ଣ୍ଣ ଥିଲା । କେନ୍ଦ୍ରରେ ବ୍ୟବସ୍ଥା ସଭ, କଂଗ୍ରେସ ସଙ୍ଗଠନ, ବିଭିନ୍ନ ପତ୍ରପତ୍ରିକା, ସଭସମିତି ଇତ୍ୟାଦି ଥିଲା, ଏହି ଲଢ଼େଇର କ୍ଷେତ୍ର । ବକ୍ତୃତାମାଳାରେ ଡଃ ଗଜଗୁରୁ ଏବଂ ପ୍ରଫେସର ରଙ୍ଗାଙ୍କ ବକ୍ତବ୍ୟ ତଥା ଅନ୍ୟମାନଙ୍କ ସ୍ୱୀକାରୋକ୍ତିରୁ ଏହା ଜଣାଯାଏ । ପଣ୍ଡିତଜୀଙ୍କ "ଆତ୍ମଜୀବନୀ"ରେ ମଧ୍ୟ ଏହାର କିଞ୍ଚିତ ସୂଚନା ରହିଛି ।

୧୬୩) ସତ୍ୟବାଦୀ ସାହିତ୍ୟ ରାଧାନାଥ ସାହିତ୍ୟର ଦୃଢ଼ ପ୍ରତିବାଦ ବୋଲି ବହୁ ସମାଲୋଚକ ମତପୋଷଣ କରନ୍ତି ।

(କ) ଆଚାର୍ଯ୍ୟ, ବୃନ୍ଦାବନଚନ୍ଦ୍ର– ସତ୍ୟବାଦୀ ଯୁଗ, ୨ୟ ସଂସ୍କରଣ, ବ୍ରହ୍ମପୁର, ୧୯୭୦ ।

(ଖ) ସାହୁ, ପ୍ରେମାନନ୍ଦ– ସତ୍ୟବାଦୀ ସାହିତ୍ୟ, ୧ମ ସଂସ୍କରଣ, କଟକ, ୧୯୬୨ । ନୀଳକଂଠଙ୍କ ଖାରବେଳ, ଧୂସୀ, ମାୟାଦେବୀ ଆଦି ଚରିତ୍ର ରାଧାନାଥଙ୍କ ଯଯାତି, ବିମଳା, ପାର୍ବତୀ ପ୍ରଭୃତିର ପ୍ରତିବାଦୀ ଚରିତ୍ର । –ପାଢ଼ୀ, କାହ୍ନୁଚରଣ– 'ଭିନ୍ନ ଦୃଷ୍ଟିରେ ନୀଳକଂଠ', ୧ମ ସଂସ୍କରଣ, ଶରଗଡ଼, ୧୯୮୮ । "ଓଡ଼ିଆ ସାହିତ୍ୟର କ୍ରମପରିଣାମ", 'ଓଡ଼ିଆ ଭଷା ଓ ସାହିତ୍ୟ' ପୁସ୍ତକରେ ମଧ୍ୟ ରାଧାନାଥଙ୍କୁ ସେ ସମାଲୋଚନା କରିଛନ୍ତି । "କୋଣାର୍କେ" କାବ୍ୟରେ ଏହି ପ୍ରତିବାଦ ପ୍ରତ୍ୟକ୍ଷ ଓ ପ୍ରଚଣ୍ଡ–

"ଚନ୍ଦ୍ରହାସେ ବାଜା ଆସିବ ଚନ୍ଦ୍ରଭଗା ସୁନ୍ଦରୀ
ଯବନାନୀ କବି ନାୟିକା ନାଟିତକ ଆଚରି ।
... ... ...



Digitized by PPRACHIN, SOA

କବିଙ୍କ କେଦାର ଗଉରୀ ଆସି ଯବନ ଦେଶୁ,
ନାଚିଯିବେ ତିଳେ ସ୍ୱପନେ ତବ ଅଭ୍ୟାସ ବଶୁ ।
... ... ... ...
କବି ରାଧାନାଥ ଆସିବେ କି ସେ ଯଯାତି ପାଶେ ?
ରାଣୀ ସନେ ସେ କି ହସିବେ ବିଦ୍ୟାସୁନ୍ଦର ହାସେ ?
... ... ... ...
ସୁବର୍ଣ୍ଣ–ଦୁହିତା ବରିବେ ଗ୍ରେରଗଙ୍ଗ ରଞ୍ଜନ
କେରଳ–ମହଲେ ଉତ୍କଳ–ଭେରୀ ଶୁଭିବ ପୁଣ ।
... ... ... ..
କଉସୁଲ–ଗଙ୍ଗ ଧଉଳି ଏଇ ନୟନେ ନାଚେ;
କବିଂକି ସୁମରି ବିରଗେ ମୁଖ ଫେରଅ ପଛେ ।
... ... ... ...
ଘର ଛାଡ଼ି କିମ୍ବା ଯିବେ ସେ ବୀରବାଳା ନନ୍ଦିକା
ସହକାର–ଦ୍ରୁମ–ଗହଳେ ଭେଦି କ୍ଷୀଣ ଚନ୍ଦ୍ରିକା ?"

୧୬୪) ସଂଯମ ହିଁ ଯେ ଓଡ଼ିଆ ଜାତିର ପ୍ରାଣ, ଏହା ନୀଳକଂଠ "ଓଡ଼ିଆ ସାହିତ୍ୟର କ୍ରମପରିଣାମ"ରେ ପ୍ରମାଣିତ କରିଛନ୍ତି । କାବ୍ୟମାନଙ୍କରେ ଏହାହିଁ ଦେଖାଇଛନ୍ତି । "ଆର୍ଯ୍ୟଜୀବନ" ପ୍ରଭୃତି ଅନ୍ୟାନ୍ୟ କୃତିରେ ଏହାକୁ ପ୍ରତିଷ୍ଠା ଦେଇଛନ୍ତି ।

୧୬୫) ଦାସ, ପଣ୍ଡିତ ନୀଳକଂଠ– 'ଆତ୍ମଜୀବନୀ', ନୂତନ ସଂସ୍କରଣ, କଟକ, ୧୯୮୬, ପୃ. ୫ ।

୧୬୬) ଦାସ, ପଣ୍ଡିତ ନୀଳକଂଠ– 'ଅପ୍ରକାଶିତ ରଚନାବଳୀ', ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ୧୯୯୦, ପୃ. ୪–୧୨ ।

୧୬୭) ଏଜନ୍–ତତ୍ରୈବ, ପୃ. ୬୨ ।

୧୬୮) ମିଶ୍ର, ଡଃ ନରେନ୍ଦ୍ର ନାଥ–ପଣ୍ଡିତ ନୀଳକଂଠ : ଜୀବନୀ ଓ କୃତି, ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୩, ପୃ–୨୯ ।

୧୬୯) ସୁପକାର, ଡଃ ଶ୍ରଦ୍ଧାକର–ସ୍ମୃତିତର୍ପଣ, ନୀଳକଂଠ ସ୍ମାରକୀ (୧ମ) ୨ୟ ସଂସ୍କରଣ, ଭୁବନେଶ୍ୱର, ୧୯୮୨, ପୃ–୭୭ ।

୧୭୦) ନାୟକ, ଭରତଚନ୍ଦ୍ର– ମୋ ପୂର୍ବ ସ୍ମୃତିକଥା, ୧ମ ସଂସ୍କରଣ, ୧୯୬୬, ପୃ– ୫୬ ।



Digitized by PPRACHIN, SOA

୧୭୧) ବ୍ରହ୍ମା, ଅଧ୍ୟାପକ ଗୌରୀକୁମାର– 'ପ୍ରତିଭା ପୁରୁଷ ନୀଳକଂଠ, ନୀଳକଂଠ ସ୍ମାରକୀ (୧ମ), ୨ୟ ସଂସ୍କରଣ, ଭୁବନେଶ୍ୱର, ୧୯୮୨, ପୃ–୫୧ ।

୧୭୨) କାଳେସୀକୁ ବେତରେ ବାଡ଼େଇ ୨ ନୀଳକଂଠ ସର୍ବସମକ୍ଷରେ ନିଜର ସାହସ ଓ ପ୍ରଗତିଶୀଳ ଚିନ୍ତାଧାରର ପରିଚୟ ଦେଇଥିଲେ । ତାଙ୍କ ନାମ ଶୁଣିଲାମାତ୍ରେ 'କାଳେସୀ' ଛାଡ଼ିଯାଉଥିଲା । 'ବୀରପେଶା' ଘଟଣାରେ ମଧ୍ୟ ତାଙ୍କ ଉପସ୍ଥିତି ଯୋଗୁଁ ଉପଦ୍ରବ କମିଯାଉଥିଲା । ଦେବୀ, ଶ୍ରୀମତୀ ଇନ୍ଦିରା–ପଣ୍ଡିତ ନୀଳକଂଠଙ୍କ 'ବୀରପେଶା' ଓ 'କାଳେସୀ ଛଡ଼ା' ନୀଳକଂଠ ସ୍ମାରକୀ (୧ମ), ୨ୟ ସଂସ୍କରଣ, ଭୁବନେଶ୍ୱର, ୧୯୮୨, ପୃ. ୧୬୮–୭୧ ।

୧୭୩) ଦାସ, ନୀଳକଂଠ–ମୋ ଜୀବନ ଦର୍ଶନ, ନୀଳକଂଠ ସ୍ମାରକୀ(୫ମ) ୧ମ ସଂସ୍କରଣ, ଭୁବନେଶ୍ୱର, ୧୯୮୮ (ii) ଏଜନ୍–ଆତ୍ମଜୀବନୀ, ନୂତନ ସଂସ୍କରଣ, କଟକ, ୧୯୮୬, ପୃ. ୧୭୦–୧ । ପିଲାଦିନରୁ ତାଙ୍କଠାରେ ଏଇଗୁଣ ଲକ୍ଷ୍ୟକରି ମୁକ୍ତିଆର ରାମଚନ୍ଦ୍ର ଦାସ ନୀଳକଂଠଙ୍କୁ ଶ୍ରଦ୍ଧାରେ 'ଦର୍ଶନୀ' ବୋଲି ଡାକୁଥିଲେ ।

